# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଅକ୍ଟୋବର ୮/୨୦୧୮ (୨୦) ପୃଷ୍ଠା) Sambalpur, Monday, October 8/ 2018 ★★

୧୪ଶ ଭାଗ ୨୯୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**'କଳଙ୍କ'ର ଶୁଟିଂ ଆରମ୍ଭ କଲେ ଆଲିଆ**

ଅଭିନେତ୍ରୀ ଆଲିଆ ଭଟ୍ଟ ରବିବାର 'କଳଙ୍କ'ର ଶୁଟିଂ ଆରମ୍ଭ କରିଛନ୍ତି। ସେ ଇନ୍‌ଷ୍ଟାଗ୍ରାମରେ ଏ ସମ୍ପର୍କିତ ଫଟୋଗ୍ରାଫ୍ ଅପଡେଟ୍ କରିଛନ୍ତି।

୦୫

୧୧

**ଶିଳାନନ୍ଦଙ୍କ ଡବଲ ଗୋଲରେ ଭାରତ ବିଜୟୀ**

ଓଡ଼ିଆ ଖେଳାଳି ଶିଳାନନ୍ଦ ଲାକ୍ରାଙ୍କ ଡବଲ ଗୋଲ ବଳରେ ଭାରତ ସୁଲତାନ ଜୋହର କପ୍ ଜୁନିୟର ହକିରେ ନ୍ୟୁଜିଲାଣ୍ଡକୁ ୭-୧ ଗୋଲରେ ପରାସ୍ତ କରିଛି।



# ପାଣିରେ ବୁଡ଼ି ୫ ମୃତ, ୨ ଗୁରୁତର

**ତାଳଚେର/ଛେଣ୍ଡିପଦା/କାମାକ୍ଷାନଗର/ନବରଙ୍ଗପୁର, ୭।୧୦ (ନି.ପ୍ର./ଡି.ଏନ୍.ଏ./ବି.ପ୍ର.)**

ଅନୁଗୋଳ, ଢେଙ୍କାନାଳ ଏବଂ ନବରଙ୍ଗପୁର ଜିଲାରେ ରବିବାର ପାଣିରେ ବୁଡ଼ିଯାଇ ୫ଜଣଙ୍କ ଜୀବନ ଯାଇଛି। ଏଥିରେ ୨ଜଣ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ମୃତକ ହେଲେ ତାଳଚେର ବ୍ଲକ କଣ୍ଡାଳ ଗ୍ରାମର ୫ମ ଶ୍ରେଣୀ ଛାତ୍ରୀ ପାୟଲ ସାହୁ (୧୦), ଛେଣ୍ଡିପଦା ବ୍ଲକ ଜରପଡ଼ା ଥାନା କୁଶକିଳା ମାଟିଗାଡ଼ିଆ ସାହିର ଚାଷୀ ସ୍ୱପ୍ନେଶ୍ୱର ସାହୁ (୫୫), କାମାକ୍ଷାନଗର ଥାନା ମୁକ୍ତାପଶି ଗ୍ରାମର ପୁନିଆ ବେହେରା (୭୮) ଏବଂ ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ଚିର୍ମା ପଞ୍ଚାୟତର ନିଶିକାନ୍ତ ବିଷୋୟୀ (୬), ତୁଷାରକାନ୍ତ ବିଷୋୟୀ (୧୪)।

ଚିନ୍ତାମଣି ସାହୁଙ୍କ କନ୍ୟା ପାୟଲ ଓ ନିର୍ମଳ ସାହୁଙ୍କ ଝିଅ ନନ୍ଦିନୀ ଅନ୍ୟ ଜଣଙ୍କ ସହ ରବିବାର ପୂର୍ବାହ୍ନ ୧୦ଟାରେ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ପାୟଲ ଓ ନନ୍ଦିନୀ ପାଣିରେ ବୁଡ଼ି ଯାଇଥିଲେ। ଗୁରୁତର ଅବସ୍ଥାରେ ସେମାନଙ୍କୁ ଉଦ୍ଧାର ପରେ ତାଳଚେର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଉଭୟଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ପାୟଲଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସଙ୍କଟାପନ୍ନ ଅବସ୍ଥାରେ ନନ୍ଦିନୀଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେହିପରି ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ସ୍ୱପ୍ନେଶ୍ୱର ଏବଂ ପୁନିଆ ବୁଡ଼ିଯାଇଥିଲେ। ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

ଚିର୍ମା ଗାଁର ସନ୍ତୋଷ ବିଷୋୟୀଙ୍କ ପୁଅ ନିଶିକାନ୍ତ, ଲକ୍ଷ୍ମଣ ବିଷୋୟୀଙ୍କ ପୁଅ ତୁଷାରକାନ୍ତ ଏବଂ ରାଜକିଶୋର ବିଷୋୟୀଙ୍କ ପୁଅ ନବକିଶୋର ସାଇକେଲ ଧୋଇବାକୁ ମୋରମ ଖାଦାନକୁ ଯାଇଥିଲେ। ଅସାବଧାନତାରୁ ସାଇକେଲ ଖାଦାନରେ ପଡ଼ିଯାଇଥିଲା। ସାଇକେଲ ବାହାର କରିବାକୁ ୩ଜଣ ପାଣିରେ ପଶିଥିବାବେଳେ ଅଧିକ ଗଭୀର ଥିବାରୁ କେହି ଉପରକୁ ବାହାରି ପାରି ନ ଥିଲେ। ଏ ସମ୍ପର୍କରେ ସୂଚନା ପାଇ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଆସଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ନ ଥିବାରୁ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ କାର ଯୋଗେ ସମସ୍ତଙ୍କୁ ଜିଲା ଚିକିତ୍ସାଳୟକୁ ଅଣାଯାଇଥିବାବେଳେ ଅଧା ବାଟରେ ନିଶିକାନ୍ତ ଓ ତୁଷାରକାନ୍ତଙ୍କ ମୃତ୍ୟୁ ଘଟିଥିଲା। ରାଜକିଶୋର ଚିକିତ୍ସାଧୀନ ଅଛନ୍ତି। ତୁଷାରକାନ୍ତଙ୍କ ଘର ତେନ୍ତୁଳିଖୁଣ୍ଟି ବ୍ଲକ ପାତ୍ରପୁଟ ଗାଁରେ। ସେ ମାମୁ ଘରେ ରହି ୯ମ ଶ୍ରେଣୀରେ ପଢୁଥିଲେ।

# ପୁରୀ ହିଂସା
# ଆଉ ୧୯ ଗିରଫ

**ପୁରୀ ଅଫିସ,୭।୧୦**

ପୁରୀ ହିଂସା ଘଟଣାରେ ଅଭିଯୁକ୍ତଙ୍କ ତାଲିକା ବଢ଼ିବାରେ ଲାଗିଛି। ଏଥିସହ ବଢ଼ିଚାଲିଛି ଗିରଫ ସଂଖ୍ୟା। ପୂର୍ବରୁ ପୋଲିସ ୨୩ ଜଣଙ୍କୁ ଗିରଫ କରିଥିବାବେଳେ ରବିବାର ଆଉ ୧୯ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତେବେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଏମାନଙ୍କ ମଧ୍ୟରେ ସେବାୟତ ପରିବାରର ଦୁଇଜଣ ରହିଛନ୍ତି।

ଧାଡ଼ି ଦର୍ଶନକୁ ବିରୋଧ କରି ଶ୍ରୀଜଗନ୍ନାଥ ସେନା ଗତ ୩ ତାରିଖରେ ପୁରୀ ବନ୍ଦ ଡାକରା ଦେଇଥିଲା। ବନ୍ଦ ବେଳେ ହିଂସାକାଣ୍ଡ ଘଟିଥିଲା। ଶ୍ରୀମନ୍ଦିର ସୂଚନା କେନ୍ଦ୍ର, ସିଂହଦ୍ୱାର ଫାଣ୍ଡି, ଶ୍ରୀମନ୍ଦିର କାର୍ଯ୍ୟାଳୟ ସମେତ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ବାସଭବନ ଭଙ୍ଗାରୁଜା ହୋଇଥିଲା। ଏହି ଘଟଣାକୁ ନେଇ ସିଂହଦ୍ୱାର ଥାନାରେ ୯ଟି ଏବଂ ଟାଉନ ଥାନାରେ ୭ଟି ମାମଲା ରୁଜୁ ହୋଇଥିଲା। ଏଥିରେ ଚୋରି, ଡକାୟତି, ହତ୍ୟା ଉଦ୍ୟମ, ମହିଳାଙ୍କୁ ଦୁର୍ବ୍ୟବହାର, ସରକାରୀ ସମ୍ପତ୍ତି ନଷ୍ଟ ଭଳି ୧୫ରୁ ଊର୍ଦ୍ଧ୍ୱ ସଙ୍ଗିନ ଦଫା ଲାଗିଛି। ତେବେ ଟାଉନ ଥାନାର ଏଏସ୍ଆଇ ଜିତେନ୍ଦ୍ର କୁମାର ଗୁମାନସିଂଙ୍କ ଅଭିଯୋଗକୁ ଭିତ୍ତିକରି ଏକ ମାମଲା (ନଂ.୧୬୭/୧୮) ରୁଜୁ ହୋଇଥିଲା। ଏଥିରେ ଦାମୋଦର ମହାସୁଆର, ବିନାୟକ ଦାସମହାପାତ୍ର, ସୌରଭ ଚାନ୍ଦ, ଗୋପାଳ ପଣ୍ଡା, ପ୍ରସନ୍ନ ଦାଶ, ମଦନ ମହାସୁଆର, ଭବାନୀ ପ୍ରସାଦ ଦାସମହାପାତ୍ର, ଅକ୍ଷୟ କୁମାର ମହାନ୍ତି, ସୋମନାଥ ଖୁଣ୍ଟିଆଙ୍କ ସମେତ ୫୦ ଜଣଙ୍କ ନାମ ରହିଥିବା ବେଳେ ଆହୁରି ଅନେକ ସାମିଲ ଥିବା ଦର୍ଶାଯାଇଛି। ଏହି ମାମଲାରେ ରବିବାର ୧୧ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମାର୍କଣ୍ଡେଶ୍ୱର ସାହିର ସନ୍ଦୀପ ପାଢୀ, ବନମାଳୀପୁରର ସୁକାନ୍ତ ଲାମା, ଚୁଡ଼ଙ୍ଗସାହି ବିଶ୍ୱେଶ୍ୱରୀ ଲେନ୍‌ର ରାଜେନ୍ଦ୍ର ସିଂ, କପିଳେଶ୍ୱରପୁରର ସ୍ମୃତିରଞ୍ଜନ ଦାସ, ପୁରୀ ଖୁଣ୍ଟିଆ ବଗିଚାରେ ରହୁଥିବା ବ୍ରହ୍ମପୁର ବଡ଼ବଜାରର ବିନୋଦ କୁମାର ପଣ୍ଡା, ବନମାଳୀପୁରର ଶଶିକାନ୍ତ ଲାମା, ଚନ୍ଦନପୁର ବାଲିପଡ଼ାର ସତ୍ୟନାରାୟଣ ପାତ୍ର, ଚୁଡ଼ଙ୍ଗସାହିର ଧୀରେନ୍ଦ୍ର ବାରିକ, ଖୁଣ୍ଟିଆ ବଗିଚାରେ ରହୁଥିବା ବ୍ରହ୍ମପୁରର ସନ୍ତୋଷ ବେହେରା, ହାଡ଼ଗୋଡ଼ିଆ ସାହି ରାଧାଗୋବିନ୍ଦ ଲେନ୍‌ରେ ରହୁଥିବା କାହ୍ନା ପାଢୀ ଏବଂ ହାଡ଼ଗୋଡିଆ ଲେନ୍‌ରେ ରହୁଥିବା ସତ୍ୟନାରାୟଣ ନାୟକ।

ସେହିପରି ସିଂହଦ୍ୱାର ଥାନା ପୋଲିସ ୨ଟି କେସ୍‌ରେ ୮ ଜଣଙ୍କୁ ଗିରଫ କରିଛି। ଶ୍ରୀମନ୍ଦିର ସୂଚନା କେନ୍ଦ୍ରର ଉଦ୍‌ଘୋଷକ ମୁକ୍ତିକାନ୍ତ ପ୍ରତିହାରୀଙ୍କ ଅଭିଯୋଗକୁ ଭିତ୍ତିକରି ସିଂହଦ୍ୱାର ଥାନାରେ ୮୫/୧୮ ନଂ. କେସ୍ ରୁଜୁ ହୋଇଛି। ଏହି ମାମଲାରେ ପୋଲିସ ଜଣେ ନାବାଳକଙ୍କୁ ଧରିଛି। ନୀତି ପ୍ରଶାସକଙ୍କ ଅଭିଯୋଗକ୍ରମେ ମାମଲା ନଂ.୮୪/୧୮ରେ ସିଂହଦ୍ୱାର ପୋଲିସ ୭ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମଣିକର୍ଣ୍ଣିକା ସାହିର ଜଗନ୍ନାଥ ପ୍ରତିହାରୀ, ମଙ୍ଗଳା ଘାଟରେ ରହୁଥିବା ଭଦ୍ରକ ଧାମନଗରର ଗଗନ କୁମାର ଘୋଷ, ମାର୍କଣ୍ଡେଶ୍ୱର ସାହିର ରାକେଶ ସାହୁ, ମାଟିମଣ୍ଡପ ସାହିର ରାମକୃଷ୍ଣ ପ୍ରତିହାରୀ, ବାଲିସାହିର କିଷାନ ବେଜ, କାଳିକାଦେବୀ ସାହିର ଗୋପାଳ ଲାଲ ଓ ଚୁଡ଼ଙ୍ଗ ସାହିରେ ରହୁଥିବା ଗଞ୍ଜାମ ଜିଲା ଜାଗିଲପଦର ଗ୍ରାମର ଶଙ୍କର ପଣ୍ଡା।

**■ ମିଳିଲାନି ଜାମିନ, ଜେଲ୍ ଗଲେ**

**■ ଗିରଫ ସଂଖ୍ୟା ୪୨ରେ ପହଞ୍ଚିଲା**

# କାର୍ ଧକ୍କାରେ ୨୦ ମୃତ




**ନ୍ୟୁୟର୍କ,୭।୧୦(ପି.ଟି.)**

ଆମେରିକାର ସ୍କୋହାରି କାଉଣ୍ଟିରେ ଶନିବାର ଦୁଇଟି କାର୍ ଧକ୍କା ହେବା ଯୋଗୁ ୨୦ ଜଣ ପ୍ରାଣ ହରାଇଥିବାବେଳେ ଅନେକ ଆହତ ହୋଇଛନ୍ତି। ରାଜଧାନୀ ଆଲ୍‌ବାନୀ ନିକଟସ୍ଥ ପାହାଡ଼ିଆ ଅଞ୍ଚଳରେ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଗୋଟିଏ ଗାଡ଼ି ପଥଚାରୀଙ୍କ ଉପରକୁ ମାଡ଼ିଯିବା ଯୋଗୁ ଏତେସଂଖ୍ୟାରେ ପ୍ରାଣହାନି ଘଟିଥିବା ପୋଲିସ ସୂଚନା ଦେଇଛି। ସ୍ଥାନୀୟ ଗଣମାଧ୍ୟମରେ ମଧ୍ୟ ଏ ନେଇ ସୂଚନା ମିଳିଛି।

## ଆଜିର ସମ୍ପାଦକୀୟ

**୧୧ ଡିସେମ୍ବର**

## ଆଜିର ମନ୍ତବ୍ୟ

" ଧନୀକଙ୍କ ସଂଖ୍ୟା ବଢ଼ିଲେ ମଧ୍ୟ ସମାଜରେ ଜନମଙ୍ଗଳକାରୀ ମନୋଭାବ ହ୍ରାସ ପାଉଛି।

**–ସି. ବିଦ୍ୟାସାଗର ରାଓ, ରାଜ୍ୟପାଳ, ମହାରାଷ୍ଟ୍ର**

## କିଛି ତଥ୍ୟ

୨୦୧୧-୧୨ ଆର୍ଥିକ ବର୍ଷ ପରଠାରୁ ଦେଶର ରପ୍ତାନୀ ୩୦୦ ବିଲିୟନ ଡଲାର ମଧ୍ୟରେ ରହିଥିଲା। ୨୦୧୭-୧୮ ଆର୍ଥିକ ବର୍ଷରେ ଏଥିରେ ୧୦% ବୃଦ୍ଧି ଘଟି ୩୦୩ ବିଲିୟନ ଡଲାର ଛୁଇଁଛି।

**– ବାଣିଜ୍ୟ ମନ୍ତ୍ରଣାଳୟ**






ପ୍ରତ୍ୟେକ ରାଜ୍ୟର ନିଜସ୍ୱ ରାଜନୈତିକ ଆଭିମୁଖ୍ୟ ଓ ରଣନୀତି ରହିଛି। କେନ୍ଦ୍ରରେ ଭାଜପା ସରକାରକୁ କ୍ଷମତାଚ୍ୟୁତ କରିବା ଲାଗି ସବୁ ସମଭାବାପନ୍ନ ଦଳ ଏକାଠି ହୋଇ କାର୍ଯ୍ୟ କରିବା ଉଚିତ ବୋଲି ଆମେ ବିଶ୍ୱାସ କରୁ।

- ମଲ୍ଲିକାର୍ଜୁନ ଖାର୍ଗେ, ଲୋକ ସଭାରେ କଂଗ୍ରେସ ନେତା

## ସଂକ୍ଷେପରେ

### ପରଲୋକରେ ନାଗାଲାଣ୍ଡ ଗାନ୍ଧୀ



**ଗୁଆହାଟୀ,୭।୧୦(ପି.ଟି.):** ନାଗାଲାଣ୍ଡର ବିଶିଷ୍ଟ ଗାନ୍ଧୀବାଦୀ ନେତା ପଦ୍ମଶ୍ରୀ ନଟ୍ୱର ଠକ୍କର୍ଙ୍କ ରବିବାର ପରଲୋକ ହୋଇଛି। ତାଙ୍କୁ ୮୬ ବର୍ଷ ହୋଇଥିଲା। ଦୀର୍ଘ ଦିନର ଅସୁସ୍ଥତା ପରେ ଏଠାକାର ଏକ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ନଟ୍ୱରଙ୍କ ପରଲୋକ ହୋଇଥିବା ପରିବାର ସୂତ୍ରରୁ ପ୍ରକାଶ। ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଏବଂ ଶାନ୍ତି ବାର୍ତ୍ତା ପ୍ରସାର ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ଠକ୍କରଙ୍କୁ ନାଗାଲାଣ୍ଡର ଗାନ୍ଧୀ ବୋଲି କୁହାଯାଏ। ରବିବାର ସନ୍ଧ୍ୟାରେ ତାଙ୍କ ମୃତଦେହ ନାଗାଲାଣ୍ଡ ନିଆଯାଇଛି। ଅନ୍ତିମ ଦର୍ଶନ ପରେ ଶେଷକୃତ୍ୟ ସମ୍ପନ୍ନ ହେବ। ମହାରାଷ୍ଟ୍ରରେ ଜନ୍ମିତ ନଟ୍ୱର ନାଗାଲାଣ୍ଡକୁ ନିଜର କର୍ମଭୂମି ଭାବେ ବାଛିଥିଲେ। ରାଜ୍ୟର ଚୁଚୁୟିମ୍ଲାଣ୍ଡ ସେ ନାଗାଲାଣ୍ଡ ଗାନ୍ଧୀ ଆଶ୍ରମ ପ୍ରତିଷ୍ଠା କରିଥିଲେ।

### ଆରବ ସାଗରରେ ବାତ୍ୟା

**ନୂଆଦିଲ୍ଲୀ,୭।୧୦(ପି.ଟି.):** ଆରବ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଏବେ ଗଭୀର ଅବପାତରେ ପରିଣତ ହୋଇଛି। ଖୁବ୍‌ଶୀଘ୍ର ଏହା ଭୟଙ୍କର ବାତ୍ୟାର ରୂପ ନେଇପାରେ। ଏହାର ପ୍ରଭାବରେ ତାମିଲନାଡୁ, କେରଳ, ପଣ୍ଡିଚେରୀ ଏବଂ ଲାକ୍ଷାଦ୍ୱୀପରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ ବୋଲି ରବିବାର ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ସୂଚନା ଦିଆଯାଇଛି। ବାତ୍ୟାର ରୂପ ନେବା ପରେ ଏହା ଆରବ ଦେଶ ଓମାନ୍ ଏବଂ ୟେମେନ୍ ଉପକୂଳକୁ ଗତି କରିପାରେ। ଆସନ୍ତା ୧୨ ଘଣ୍ଟା ମଧ୍ୟରେ ସମୁଦ୍ରର ସ୍ଥିତି ଭୟଙ୍କର ରହିବ। ବାତ୍ୟାକୁ ଦୃଷ୍ଟିରେ ରଖି ତଟରକ୍ଷୀ ବାହିନୀ ପକ୍ଷରୁ ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକ ପାଇଁ ହାଇ ଆଲର୍ଟ ଜାରି କରାଯାଇଛି।

### ଇତିହାସର ଆଇନାରେ

### ଅକ୍ଟୋବର ୮ର ପ୍ରମୁଖ ଘଟଣା

୧୯୩୨ ଅକ୍ଟୋବର ୮ରେ ଭାରତୀୟ ବାୟୁସେନା(ଆଇଏଏଫ୍) ପ୍ରତିଷ୍ଠା ହୋଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏହାର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ୧୯୪୭ରେ ଦେଶ ସ୍ୱାଧୀନ ହେବା ପରେ ଏହାର ନାମ ରୟାଲ ଇଣ୍ଡିଆନ୍ ଏୟାରଫୋର୍ସକୁ ପରିବର୍ତ୍ତନ କରାଯାଇ ଇଣ୍ଡିଆନ୍ ଏୟାରଫୋର୍ସ ରଖାଯାଇଥିଲା।

୨୦୦୫ ଅକ୍ଟୋବର ୮ରେ ଭାରତର ଜମ୍ମୁ-କଶ୍ମୀର ଏବଂ ପାକିସ୍ତାନ ଅଧିକୃତ କଶ୍ମୀରରେ ଏକ ଶକ୍ତିଶାଳୀ ଭୂକମ୍ପ ସୃଷ୍ଟି ହୋଇଥିଲା। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୭.୬ ରହିଥିଲା। ଭୂକମ୍ପରେ ୮୬ହଜାରରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ଏହାର ଉପ୍ତିସ୍ଥଳ ପାକିସ୍ତାନର ମୁଜାଫରାବାଦ ଥିଲା।

## ରାଜସ୍ଥାନ,ଏମ୍‌ପି, ଛତିଶଗଡ଼ରେ ଭାଜପା ସ୍ଥିତି ଟଳମଳ

# କଂଗ୍ରେସ ପାଇଁ ସୁଯୋଗ

**ନୂଆଦିଲ୍ଲୀ,୭।୧୦**

କେନ୍ଦ୍ରରେ କ୍ଷମତାସୀନ ଭାଜପାର ବିଜୟରଥ ପ୍ରାୟ ୬ ମାସ ତଳେ ଅଟକିଯାଇଥିଲା କର୍ନାଟକରେ। ଆଗକୁ ୫ ରାଜ୍ୟରେ ବିଧାନସଭା ନିର୍ବାଚନ। ଏଥିପାଇଁ ନିର୍ବାଚନ କମିଶନଙ୍କ ବିଧିବଦ୍ଧ ଘୋଷଣା ସହ ବିଗୁଲ ବାଜି ସାରିଛି। ମିଜୋରାମରେ କଂଗ୍ରେସ କ୍ଷମତାସୀନ ଥିବାବେଳେ ତେଲେଙ୍ଗାନାରେ ଟିଆର୍‌ଏସ୍ ଶାସନ ଚାଲିଛି। ଏହି ଦୁଇରାଜ୍ୟରେ ଶାସକ ଦଳ କ୍ଷମତାକୁ ଫେରିପାରନ୍ତି ବୋଲି ରାଜନୈତିକ ବିଶ୍ଳେଷକମାନେ ଆକଳନ କରୁଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଥିବା ରାଜସ୍ଥାନ, ମଧ୍ୟପ୍ରଦେଶ(ଏମ୍‌ପି) ଓ ଛତିଶଗଡ଼କୁ ନେଇ ଏବେ ଜନମତ ସର୍ବେକ୍ଷଣ ସଂସ୍ଥାଗୁଡ଼ିକ ପୂର୍ବାନୁମାନ ଓ ଅଙ୍କକଷାରେ ବ୍ୟସ୍ତ। ଏହିକ୍ରମରେ ରବିବାର ଏବିପି-ସି ଭୋଟର ପକ୍ଷରୁ ପ୍ରକାଶ ପାଇଛି ଭାଜପା ଶାସିତ ଏହି ୩ ରାଜ୍ୟର ଓପିନିଅନ୍‌ପୋଲ୍। ୩ରାଜ୍ୟର ଭୋଟର ଭାଜପାକୁ ପ୍ରତ୍ୟାଖ୍ୟାନ କରିପାରନ୍ତି ବୋଲି ଏଥିରେ କୁହାଯାଇଛି। ଏହା ସତ ପ୍ରମାଣିତ ହେଲେ ପରବର୍ତ୍ତୀ ୬ ମାସ ମଧ୍ୟରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ଗୈରିକ ଦଳକୁ ଫରକ ପଡ଼ିପାରେ ବୋଲି ଚର୍ଚ୍ଚା ଜୋର୍ ଧରିଲାଣି।

୨୦୦ ଆସନ ବିଶିଷ୍ଟ ରାଜସ୍ଥାନ ବିଧାନସଭା ପାଇଁ ଡିସେମ୍ବର ୭ରେ ଭୋଟଗ୍ରହଣ କରାଯିବ। ଏବିପି-ସି ଭୋଟର ଓପିନିୟନ ପୋଲ୍ ରିପୋର୍ଟ ଅନୁସାରେ, ରାଜସ୍ଥାନର ମତଦାତା ରାଜ୍ୟରେ ୨ ଦଶନ୍ଧି ଧରି ଶାସକ ଦଳକୁ କ୍ଷମତାଚ୍ୟୁତ କରିବା ନେଇ ରହିଥିବା ପରମ୍ପରାକୁ ବଜାୟ ରଖିବେ। ସର୍ଭେ ବେଳେ ପ୍ରାୟ ୫୦% ଭୋଟର କଂଗ୍ରେସ ସପକ୍ଷରେ ମତ ଦେଇଛନ୍ତି। କଂଗ୍ରେସ ୧୪୨ ଆସନ ଦଖଲ କରି ସରକାର ଗଢ଼ିବାରେ ସକ୍ଷମ ହେବ। ଭାଜପାକୁ ୫୬ ଆସନ (୩୪% ଭୋଟ)ରେ ସନ୍ତୁଷ୍ଟ ହେବାକୁ ପଡ଼ିବ। ଅନ୍ୟମାନେ ମାତ୍ର ୨ ଆସନ (୧୬% ଭୋଟ) ପାଇବେ। ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ସିନ୍ଧିଆଙ୍କ ବିପକ୍ଷରେ ସରକାର ବିରୋଧୀ ହାୱା ଏବଂ ପିସିସି ସଭାପତି ସଚିନ ପାଇଲଟଙ୍କ କ୍ରମବର୍ଦ୍ଧିଷ୍ଣୁ ଲୋକପ୍ରିୟତା ଭାଜପା ପାଇଁ ପତନର କାରଣ ହେବ ବୋଲି କୁହାଯାଉଛି।

### କ୍ଷମତାଚ୍ୟୁତ ହୋଇପାରନ୍ତି ୩ ମୁଖ୍ୟମନ୍ତ୍ରୀ



ଶିବରାଜ ସିଂ ଚୌହାନ — ରମଣ ସିଂ — ବସୁନ୍ଧରା ରାଜେ ସିନ୍ଧିଆ

**ଏବିପି-ସି ଭୋଟର ଓପିନିୟନ୍ ପୋଲ୍**

| ରାଜସ୍ଥାନ (୨୦୦) | ୨୦୧୩ | ୨୦୧୮ |
|---|---|---|
| କଂଗ୍ରେସ | ୨୧ | ୧୪୨ |
| ଭାଜପା | ୧୬୩ | ୫୬ |
| ଅନ୍ୟ | ୧୬ | ୨ |
| **ଏମ୍‌ପି (୨୩୦)** | **୨୦୧୩** | **୨୦୧୮** |
| କଂଗ୍ରେସ | ୫୮ | ୧୨୨ |
| ଭାଜପା | ୧୬୫ | ୧୦୮ |
| ଅନ୍ୟ | ୭ | ୦ |
| **ଛତିଶଗଡ଼ (୯୦)** | **୨୦୧୩** | **୨୦୧୮** |
| କଂଗ୍ରେସ | ୩୯ | ୪୭ |
| ଭାଜପା | ୪୯ | ୪୦ |
| ଅନ୍ୟ | ୨ | ୩ |

ସେହିପରି ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ ୧୫ ବର୍ଷ ପରେ କଂଗ୍ରେସ କ୍ଷମତାକୁ ଫେରିବାକୁ ଯାଉଛି। ଏମ୍‌ପି ବିଧାନସଭାର ୨୩୦ ଆସନରେ ନଭେମ୍ବର ୨୮ରେ ଭୋଟ ହେବ। ଏହି ରାଜ୍ୟରେ କଂଗ୍ରେସ ୧୨୨ ଆସନରେ ସଫଳତା ସହ ସଂଖ୍ୟାଗରିଷ୍ଠତା ହାସଲ କରିବ। ଭାଜପା ପ୍ରାର୍ଥୀମାନେ ୧୦୮ ଆସନ ଦଖଲ କରିପାରିବେ। ଉଭୟ ଦଳଙ୍କ ଭୋଟ ହାର ମଧ୍ୟରେ ମାତ୍ର ୦.୭% ବ୍ୟବଧାନ ରହିବ। ଅନ୍ୟମାନେ ୧୬.୩% ଭୋଟ ପାଇବେ, ହେଲେ ଗୋଟିଏ ବି ଆସନ ଦଖଲ କରିପାରିବେ ନାହିଁ। ଏମ୍‌ପିରେ ପିସିସି ସଭାପତି କମଲନାଥଙ୍କ ରଣନୀତି ଓ ଯୁବନେତା ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ଲୋକପ୍ରିୟତା ଶିବରାଜ ସିଂ ଚୌହାନ ସରକାରଙ୍କୁ କ୍ଷମତାଚ୍ୟୁତ କରିପାରେ। ଅନୁରୂପ ଭାବେ ଛତିଶଗଡ଼ର ୯୦ ଆସନ ପାଇଁ ଦୁଇଟି ପର୍ଯ୍ୟାୟ (ନଭେମ୍ବର ୧୨ ଓ ୨୦)ରେ ମତଦାନ ହେବ। ଏଠାରେ କଂଗ୍ରେସ ୩୮.୯% ଭୋଟ ସହ ୪୭ ନିର୍ବାଚନମଣ୍ଡଳୀରେ ସଫଳତା ପାଇବ। ଭାଜପା ୩୮.୬% ଭୋଟ ପାଇ ୪୦ ଆସନ ଦଖଲ କରିବ। ଏଠାରେ ମୁଖ୍ୟମନ୍ତ୍ରୀ ରମଣ ସିଂଙ୍କୁ ଟକ୍କର ଦେବା ଭଳି ନେତା ବିରୋଧୀ କଂଗ୍ରେସରେ ଥିବା ପରି ମନେହେଉ ନ ଥିଲେ ହେଁ ତାଙ୍କର ଲୋକପ୍ରିୟତା ହ୍ରାସ ପାଇବାରେ ଲାଗିଛି। ଛୋଟ ଦଳଗୁଡ଼ିକର ଶକ୍ତି ବଢ଼ିଲେ ରମଣଙ୍କୁ ପରାଜୟର ସ୍ୱାଦ ଚାଖିବାକୁ ପଡ଼ିପାରେ। ତେବେ ନିର୍ବାଚନ ପୂର୍ବରୁ ଆହୁରି ଅନେକ ସର୍ବେକ୍ଷଣ ସଂସ୍ଥା ଭବିଷ୍ୟବାଣୀ କରିବେ। ମତଦାତାଙ୍କ ମନରେ କ'ଣ ଅଛି ତାହା ଡିସେମ୍ବର ୧୧ରେ ଭୋଟଗଣତି ପରେ ହିଁ ସ୍ପଷ୍ଟ ହେବ।

## ଯୌନ ନିର୍ଯାତନା ଅଭିଯୋଗ ପରେ ଚାରିଆଡ଼ୁ ବିରୋଧ

# ଶପଥ ନେଲେ କାଭାନଗ୍

**ୱାଶିଂଟନ୍,୭।୧୦(ପି.ଟି.)**



ପ୍ରବଳ ବିରୋଧ ସତ୍ତ୍ୱେ ଆମେରିକା ସୁପ୍ରିମକୋର୍ଟର ୧୧୪ତମ ବିଚାରପତି ଭାବେ ଶପଥ ନେଲେ ବହୁ ବିବାଦୀୟ ପ୍ରାର୍ଥୀ ବ୍ରିଟ୍ କାଭାନଗ୍। ଶନିବାର ସନ୍ଧ୍ୟାରେ ସୁପ୍ରିମକୋର୍ଟ କନ୍‌ଫରେନ୍ସ ରୁମ୍‌ରେ ପ୍ରଧାନ ବିଚାରପତି ଜନ୍ ରୋବର୍ଟ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ। କାଭାନଗ୍‌ଙ୍କ ସହ ସ୍ତ୍ରୀ ଆଶ୍‌ଲେ କାଭାନଗ୍ ଉପସ୍ଥିତ ରହି ପାରିବାରିକ ଧର୍ମଗ୍ରନ୍ଥ ଧରି ଶପଥ କରାଇଥିଲେ। ଦୁଇ ଝିଅ ଲିଜା ଏବଂ ମାର୍ଗାରେଟ୍ ଓ ମାତାପିତା ମଧ୍ୟ ଉପସ୍ଥିତ ଥିଲେ। ଶନିବାର ଅପରାହ୍ନରେ ସିନେଟ୍‌ରେ ଅନୁଷ୍ଠିତ ଭୋଟ୍ ହେବାରେ ୫୦-୪୮ରେ ସେ ବିଜୟୀ ହୋଇଥିଲେ। ଏହାପରେ ସନ୍ଧ୍ୟାରେ ଶପଥ ସମାରୋହର ଆୟୋଜନ କରାଯାଇଥିଲା। ତେବେ କାଭାନଗ୍‌ଙ୍କ ନିଯୁକ୍ତି ନଭେମ୍ବର ୬ରେ ହେବାକୁ ଥିବା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଟ୍ରମ୍ପଙ୍କୁ ବିଶେଷ ଭାବେ ସହାୟକ ହେବ ବୋଲି କୁହାଯାଉଛି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୁପ୍ରିମକୋର୍ଟ ବିଚାରପତି ଭାବେ କାଭାନଗ୍‌ଙ୍କ ନାମ ମନୋନୀତ କରିବା ପରେ ଚାରିଆଡ଼ୁ ବିରୋଧ ହୋଇଥିଲା। ୪ ଜଣ ମହିଳା କାଭାନଗ୍‌ଙ୍କ ନାମରେ ସିଧାସଳଖ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ। ପରିଣାମ ସ୍ୱରୂପ କେପିଟଲ୍ ହିଲ୍‌ରେ ବିକ୍ଷୋଭ ଶୋଭାଯାତ୍ରା ସାଙ୍ଗକୁ ହାଇ ଭୋଲ୍‌ଟେଜ୍ ଡ୍ରାମା ଦେଖିବାକୁ ମିଳିଥିଲା। କାଭାନଗ୍‌ଙ୍କ ନିଯୁକ୍ତିକୁ ଆମେରିକା ସିନେଟ୍‌ରେ ମଧ୍ୟ ବିରୋଧ କରାଯାଇଥିଲା। କିନ୍ତୁ ସମସ୍ତ ଅଭିଯୋଗକୁ ସେ ଖଣ୍ଡନ କରି ଆସିଛନ୍ତି। ମହିଳାଙ୍କ ଅଭିଯୋଗ ପରେ ତାଙ୍କ ବିରୋଧରେ ତଦନ୍ତ କରିବା ଲାଗି ଟ୍ରମ୍ପଙ୍କ ଉପରେ ବିଭିନ୍ନ ମହଲରେ ଚାପ ପଡ଼ିଥିଲା। ଏହାପରେ ଟ୍ରମ୍ପ ଏଫ୍‌ବିଆଇ ସପ୍ଲିମେଣ୍ଟାରୀ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏଫ୍‌ବିଆଇ ତଦନ୍ତ ରିପୋର୍ଟ ଷ୍ଟେଟ୍ ସିନେଟ୍ କମିଟି ସମ୍ମୁଖରେ ଗୋପନରେ ଦାଖଲ କରିବା ପରେ କାଭାନଗ୍‌ଙ୍କ ନିଯୁକ୍ତି ପାଇଁ ବାଟ ଫିଟିଥିଲା।

# ଦୁଇ ପୋଲିସଙ୍କୁ ଗୁଳିକରି ହତ୍ୟା

**ସିକର,୭।୧୦(ପି.ଟି.)**

ରାଜସ୍ଥାନର ସିକରରେ ଦୁର୍ବୃତ୍ତମାନେ ୨ ପୋଲିସ କର୍ମଚାରୀଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ଫତେପୁର ଥାନା ବେସୱାରେ ଶନିବାର ରାତିରେ ପୋଲିସ ଚେକପୋଷ୍ଟରେ ବ୍ୟାରିକେଡ୍ ବନ୍ଧା ଯାଇଥିବାବେଳେ ଦ୍ରୁତ ଗତିରେ ଯାଉଥିବା ଏକ ଏସ୍‌ୟୁଭି ଏହାକୁ ଭାଙ୍ଗି ଚାଲିଯାଇଥିଲା। ପୋଲିସ ଗାଡିଟିକୁ ରୋକିବାକୁ ସଙ୍କେତ ଦେଇଥିଲା। ତେବେ ଏହା ନ ଅଟକିବାରୁ ପୋଲିସ ଇନଚାର୍ଜ ମୁକେଶ କାନୁନ୍‌ଗୋ ଏବଂ କନଷ୍ଟେବଲ ରାମ ପ୍ରକାଶ ପିଛା କରିଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ପୋଲିସ ଉପରକୁ ଗୁଳି କରିଥିଲେ। ଏସ୍‌ୟୁଭି ଭିତରେ ଅଜୟ ଚୌଧୁରି ଓ ତାଙ୍କ ୪ ସହଯୋଗୀ ଥିଲେ। ଅଜୟଙ୍କ ବିରୋଧରେ ବହୁ ଆପରାଧିକ ମାମଲା ରହିଛି। ସେମାନଙ୍କୁ ଧରିବାକୁ ପାଇଁ ପୋଲିସ ତନାଘନା ଚଳାଇଛି।

## କମେଣ୍ଟ ମରାକୁ ବିରୋଧ ପରେ ଲଙ୍କାକାଣ୍ଡ

# ସ୍କୁଲ୍‌ରେ ଆକ୍ରମଣ: ୩୬ ଛାତ୍ରୀ ଆହତ

**ପାଟନା,୭।୧୦(ପି.ଟି.)**

ବିହାରର ସୁପୌଲ୍ ଜିଲାରେ କମେଣ୍ଟ ମରାକୁ ବିରୋଧ କରି ସ୍ଥାନୀୟ ଲୋକଙ୍କ ଆକ୍ରମଣର ଶିକାର ହୋଇଛନ୍ତି ୩୬ ଛାତ୍ରୀ। ଜିଲାର ତ୍ରିବେଣିଗଞ୍ଜସ୍ଥିତ କସ୍ତୁରବା ଗାନ୍ଧୀ ଆବାସିକ ବାଳିକା ବିଦ୍ୟାଳୟରେ ଶନିବାର କିଛି ଯୁବକ ଛାତ୍ରୀଙ୍କୁ କମେଣ୍ଟ ମାରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ପାଚେରି ଡେଇଁ ସ୍କୁଲ୍ ଭିତରକୁ ପ୍ରବେଶ କରୁଥିବା ଯୁବକଙ୍କୁ ଅଟକାଇବାବେଳେ ଆତ୍ମରକ୍ଷା ପାଇଁ ଛାତ୍ରୀମାନେ ମାଡ଼ ମାରିଥିଲେ। ଏହାପରେ ଯୁବକ ଗୋଷ୍ଠୀ, ତାଙ୍କ ମାତାପିତା ଏବଂ ସ୍ଥାନୀୟ ଅଞ୍ଚଳର କିଛି ଲୋକ ବାଳିକା ବିଦ୍ୟାଳୟକୁ ଧସେଇ ପଶି ଛାତ୍ରୀଙ୍କୁ ଆକ୍ରମଣ କରିଥିଲେ। ଅତି ବର୍ବର ଢଙ୍ଗରେ ମାରପିଟ୍ କରିଥିବା ଅଭିଯୋଗ ହୋଇଛି। ଆହତ ୩୬ ଛାତ୍ରୀଙ୍କୁ ଅଞ୍ଚଳର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ବୟସ ୧୦ରୁ ୧୪ ବର୍ଷ ଏବଂ ସେମାନେ ଷଷ୍ଠରୁ ନବମ ଶ୍ରେଣୀରେ ପଢ଼ୁଛନ୍ତି। ଏହି ଘଟଣାରେ ରବିବାର ପୋଲିସ ୪ ଜଣ ଯୁବକଙ୍କୁ ଗିରଫ କରିଛି। ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସୁପୌଲ୍ ଜିଲାପାଳ ବୈଦ୍ୟନାଥ ଯାଦବ ରବିବାର ସୂଚନା ଦେଇଛନ୍ତି। ଯୁବକଙ୍କ କମେଣ୍ଟ ମରାକୁ ବିରୋଧ କରିବା ପରେ ଛାତ୍ରୀଙ୍କୁ ଏଭଳି ଅବସ୍ଥାର ସମ୍ମୁଖୀନ ହେବାକୁ ପଡ଼ିଛି କି ବୋଲି ପ୍ରଶ୍ନ କରାଯିବା ପରେ ଏହାର ତଦନ୍ତ ଚାଲିଥିବା ଜିଲାପାଳ କହିଛନ୍ତି।

ଆବାସିକ ବିଦ୍ୟାଳୟ ପରିସରରେ ଛାତ୍ରୀଙ୍କ ଉପରକୁ ଏଭଳି ବର୍ବର ଆକ୍ରମଣ ଘଟଣାକୁ ଚାରିଆଡ଼ୁ ବିରୋଧ କରାଯାଇଛି। ସ୍ଥାନୀୟ ଲୋକେ ରାସ୍ତାରୋକୋ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଅନେକ ସାମାଜିକ ସଙ୍ଗଠନ ଏବଂ ରାଜନୈତିକ ଦଳ ବିହାର ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। ରାଜ୍ୟରେ ବଢ଼ିଚାଲିଥିବା ବଳାତ୍କାର, ହତ୍ୟା, କମେଣ୍ଟ ପାସ୍ ଘଟଣାକୁ ନେଇ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କର ନିନ୍ଦା କରିଛନ୍ତି। ନୀତୀଶଙ୍କ ନେତୃତ୍ୱରେ ରାଜ୍ୟରେ ଆତଙ୍କରାଜ ଚାଲିଛି ବୋଲି ତେଜସ୍ୱୀ ଅଭିଯୋଗ ଆଣିଛନ୍ତି।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ମୁଖ୍ୟତଃ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୯ | ୨୩.୮ |
| ଚାନ୍ଦବାଲି | ୩୪.୪ | ୨୫.୬ |
| କଟକ | ୩୪.୨ | ୨୪.୫ |
| ପାରାଦ୍ୱୀପ | ୩୪.୪ | ୨୬.୦ |
| ଭୁବନେଶ୍ୱର | ୩୫.୦ | ୨୪.୦ |
| ଗୋପାଳପୁର | ୩୬.୮ | ୨୪.୫ |
| ପୁରୀ | ୩୪.୬ | ୨୬.୫ |
| ଅନୁଗୋଳ | ୩୫.୧ | ୨୧.୦ |
| ବାରିପଦା | ୩୪.୬ | ୨୩.୦ |
| ଝାରସୁଗୁଡ଼ା | ୩୪.୮ | ୨୩.୨ |
| କେନ୍ଦୁଝର | ୩୨.୫ | ୨୦.୬ |
| ସମ୍ବଲପୁର | ୩୫.୮ | ୨୧.୬ |
| ସୁନ୍ଦରଗଡ଼ | --- | --- |
| ହୀରାକୁଦ | ୩୫.୩ | ୨୨.୩ |
| ତାଳଚେର | --- | ୨୨.୩ |
| ଭବାନୀପାଟଣା | --- | ୨୨.୦ |
| ବଲାଙ୍ଗୀର | ୩୫.୦ | ୨୩.୫ |
| କୋରାପୁଟ | ୩୧.୦ | ୧୭.୪ |
| ଫୁଲବାଣୀ | ୩୨.୫ | ୧୭.୫ |
| ଟିଟିଲାଗଡ଼ | ୩୪.୦ | ୨୨.୦ |
| ମାଲକାନଗିରି | ୩୪.୫ | --- |
| ସୋନପୁର | ୩୫.୨ | ୨୨.୨ |
| ଦାରିଙ୍ଗିବାଡ଼ି | ୨୯.୩ | ୧୮.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍




# ମା'ଙ୍କୁ ହତ୍ୟା: ମଡେଲ ଗିରଫ

**ମୁମ୍ବାଇ,୭।୧୦**

ଫ୍ୟାଶନ୍ ଡିଜାଇନର ସୁନିତା ସିଂହଙ୍କୁ ହତ୍ୟା କରିଥିବା ଅଭିଯୋଗରେ ପୋଲିସ ଶୁକ୍ରବାର ତାଙ୍କ ପୁଅ ଲକ୍ଷ୍ୟ ସିଂଙ୍କୁ ଗିରଫ କରିଛି। ମଡେଲିଂ କରୁଥିବା ଲକ୍ଷ୍ୟ ୩ ଦିନିଆ ପୋଲିସ ରିମାଣ୍ଡରେ ଅଛନ୍ତି। ଏହାକୁ ଦୁର୍ଘଟଣାଜନିତ ମୃତ୍ୟୁ ବୋଲି ପୂର୍ବରୁ ସନ୍ଦେହ କରାଯାଉଥିଲା। ସମ୍ପତ୍ତି ପାଇଁ ଲକ୍ଷ୍ୟ ମା'ଙ୍କୁ ହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

# ତିନି ବର୍ଷରେ ମାଓବାଦର ଅନ୍ତ ହେବ

**ଲକ୍ଷ୍ନୌ,୭।୧୦(ପି.ଟି.)**



ଆଗାମୀ ତିନି ବର୍ଷ ମଧ୍ୟରେ ଦେଶରୁ ମାଓବାଦର ଅନ୍ତ ଘଟିବ ବୋଲି ରବିବାର ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ରାପିଡ୍ ଆକ୍ସନ୍ ଫୋର୍ସ (ଆର୍‌ଏଏଫ୍)ର ୨୬ତମ ପ୍ରତିଷ୍ଠା ଦିବସ ଅବସରରେ ସ୍ଥାନୀୟ ସିଆର୍‌ପିଏଫ୍ କ୍ୟାମ୍ପରେ ଉଦ୍‌ବୋଧନ ଦେଇ ରାଜନାଥ କହିଛନ୍ତି, ଦେଶରେ ମାଓବାଦୀ ହିଂସା କରିବାରେ ଲାଗିଛି। ମାଓବାଦ ହିଂସା ପ୍ରଭାବିତ ଜିଲା ସଂଖ୍ୟା ୧୨୬ରୁ ୧୦-୧୨କୁ ହ୍ରାସ ପାଇଛି। ଚଳିତବର୍ଷ ଦେଶରେ ୧୩୧ ମାଓବାଦୀ ଏବଂ ଆତଙ୍କବାଦୀଙ୍କୁ ହତ୍ୟା କରାଯାଇଛି। ୧୨୭୮ ଜଣଙ୍କୁ ଗିରଫ କରାଯାଇଥିବାବେଳେ ୫୮ ଜଣ ଆତ୍ମସମର୍ପଣ କରିଛନ୍ତି। ଦେଶରୁ ଚରମ ମାଓବାଦ ସମୂଳେ ନାଶ ହୋଇଯାଇଥିବା ଖବର ଖୁବ୍ ଶୀଘ୍ର ଦେଶବାସୀ ପାଇବେ। ଏପରି କି ୨ରୁ ୩ ବର୍ଷ ମଧ୍ୟରେ ଏହି ଖବର ମିଳିପାରେ ବୋଲି ରାଜନାଥ ଆଶାବ୍ୟକ୍ତ କରିଛନ୍ତି। ଏଥିଲାଗି ସିଆର୍‌ପିଏଫ୍‌କୁ ସବୁଠକ ଶ୍ରେୟ ଦେଇଛନ୍ତି ରାଜନାଥ। ଦେଶର ସର୍ବବୃହତ୍ ଅର୍ଦ୍ଧସାମରିକ ବଳର ଅବସାଧନ, ସାହସ ଏବଂ ଅକ୍ଲାନ୍ତ ପରିଶ୍ରମ ଏବଂ ରାଜ୍ୟଗୁଡ଼ିକର ପୋଲିସ ବଳ ଯୋଗୁ ଏହା ସମ୍ଭବ ହେବ ବୋଲି ରାଜନାଥ କହିଛନ୍ତି। ସମସ୍ତ ପୋଲିସ ବଳ ନିଜକୁ ସଭ୍ୟ ବୋଲି ପ୍ରମାଣିତ କରିଛନ୍ତି ଏବଂ ନିଜ ଉପରେ କେବେ ବି ବର୍ବରତାର କଳଙ୍କ ଲାଗିବାକୁ ଦେଇନାହାନ୍ତି। ଆର୍‌ଏଏଫ୍‌ର କାର୍ଯ୍ୟ ତ୍ୱରିତ ଏବଂ ଶୀଘ୍ର ହେବା ଉଚିତ, କିନ୍ତୁ ଅସାବଧାନତାବଶତଃ ହେବା ଉଚିତ ନୁହେଁ ବୋଲି ସେ କହିଛନ୍ତି।

# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଅକ୍ଟୋବର ୮/୨୦୧୮ | Sambalpur, Monday, October 8/ 2018 | ପୃଷ୍ଠା-୧







## ୨୪ ଘଣ୍ଟା ମଧ୍ୟରେ ଗଭୀର ଅବପାତ ରୂପ ନେବ ଲଘୁଚାପ ୧୦ରୁ ୧୩ ବର୍ଷିବ

ଭୁବନେଶ୍ୱର, ୭।୧୦ (ବ୍ୟୁରୋ)

ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଘନୀଭୂତ ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଗଭୀର ଅବପାତ (ଡିପ୍ ଡିପ୍ରେସନ) ହେବା ସମ୍ଭାବନା ରହିଛି। ଏହାର ପ୍ରଭାବରେ ୧୦ରୁ ୧୩ ତାରିଖ ଯାଏ ରାଜ୍ୟର ଦକ୍ଷିଣ ଓଡ଼ିଶା ସମେତ ଉପକୂଳ ଓଡ଼ିଶାର କେତେକ ସ୍ଥାନରେ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

୭୨ ଘଣ୍ଟା ମଧ୍ୟରେ ଏହା ଅଧିକ ଘନୀଭୂତ ହୋଇ ଓଡ଼ିଶା ଏବଂ ଉତ୍ତର ଆନ୍ଧ୍ର ଉପକୂଳ ଦେଇ ସ୍ଥଳଭାଗ ଅତିକ୍ରମ କରିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶା ସହିତ ଉପକୂଳ ଓଡ଼ିଶାର କେତେକ ସ୍ଥାନରେ ବର୍ଷିବ। ତେବେ ବର୍ଷାର ମାତ୍ରା ସ୍ୱଳ୍ପରୁ ମଧ୍ୟମ ଧରଣର ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହି ସମୟରେ ମତ୍ସ୍ୟଜୀବୀମାନେ ସମୁଦ୍ର ଭିତରକୁ ନ ଯିବାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ପରାମର୍ଶ ଦିଆଯାଇଛି। ରବିବାର ଗୋପାଳପୁର ସର୍ବାଧିକ ତାପମାତ୍ରା ୩୬.୮ ଡିଗ୍ରୀ ସେଲସିୟସ୍ ଥିବାବେଳେ କୋରାପୁଟ ସର୍ବନିମ୍ନ ୧୭.୪ ଡିଗ୍ରୀ ସେଲସିୟସ୍ ରହିଛି।

## ଅପମିଶ୍ରିତ ଲୁବ୍ରିକାଣ୍ଟ କାରଖାନା ଠାବ

କଟକ ଅଫିସ,୭।୧୦

କଟକରେ ପୁଣି ଏକ ଅପମିଶ୍ରଣ କାରବାର ପଦାକୁ ଆସିଛି। ପୂର୍ବରୁ ଜଗତପୁର ଅଞ୍ଚଳରୁ ପୂର୍ବରୁ ଖାଇବା ତେଲ, ପୁଚି, ସିମେଣ୍ଟ ଭଳି କେତେକ ସାମଗ୍ରୀର ଅପମିଶ୍ରଣ ୟୁନିଟ୍‌କୁ ଠାବ କରାଯାଇଛି। ରବିବାର ଧରାପଡ଼ିଛି ଅପମିଶ୍ରିତ ଲୁବ୍ରିକାଣ୍ଟ (ମୋବିଲ, ଇଞ୍ଜିନ ଅଏଲ) କାରଖାନା। ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ପୂର୍ବାହ୍ନରେ ଜଗତପୁର ଥାନା ଅନ୍ତର୍ଗତ ଭୈରୀପୁର ଅଞ୍ଚଳର ୩ ସ୍ଥାନରେ ଚଢାଉ କରି ୨୩ ହଜାର ଲିଟର ଅପମିଶ୍ରିତ ଲୁବ୍ରିକାଣ୍ଟ ଜବତ କରିଛି। ଏହାଛଡ଼ା ଖାଲିଥିବା ଲୁବ୍ରିକାଣ୍ଟ ପ୍ଲାଷ୍ଟିକ୍ କେନ୍, ସିଲିଂ କେପ୍, ପେପର ସିଲ୍ସ ସମେତ କାଷ୍ଟ୍ରୋଲ, ଇଏଲ୍‌ଏଫ୍, ଭିଡୋଲ ସେର୍ଭୋ, ହିରୋ କମ୍ପାନୀର ଷ୍ଟିକର, ହଲୋଗ୍ରାମ ଆଦି ଜବତ ହୋଇଛି। ପୋଲିସ ବାବାଜୀ ସାହୁ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ବାବାଜୀ ମୁଖ୍ୟ ଅଭିଯୁକ୍ତ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିବାବେଳେ ତାଙ୍କ ଅନ୍ୟ ସହଯୋଗୀମାନଙ୍କୁ ଧରିବା ପାଇଁ ପ୍ରୟାସ ଜାରି ରହିଥିବା ଥାନାଧିକାରୀ ବିରଞ୍ଚି ନାରାୟଣ ପତି କହିଛନ୍ତି। ଅଭିଯୁକ୍ତମାନେ ବିଭିନ୍ନ ନାମୀ କମ୍ପାନୀର ଷ୍ଟିକର ଓ ପ୍ଲାଷ୍ଟିକ୍ କେନ୍‌କୁ ନକଲ କରି ସେଥିରେ ଅପମିଶ୍ରିତ ଲୁବ୍ରିକାଣ୍ଟ ପୂରାଇ ବଜାରକୁ ବିକ୍ରି ପାଇଁ ଛାଡୁଥିଲେ। ଏହି କାରବାରରେ ବାହାର ରାଜ୍ୟର ଲିଙ୍କ୍ ସମ୍ପର୍କରେ ପୋଲିସ ତଦନ୍ତ କରୁଛି। ପୂର୍ବରୁ ଜଗତପୁରର ବିଭିନ୍ନ ☞ପୃଷ୍ଠା-୨

■ବଲାଙ୍ଗୀର ଜିଲାରେ ଚକଡା ପୋକ ପ୍ରାଦୁର୍ଭାବ

# ସ୍ଥିତି ଅନୁଧ୍ୟାନ କଲେ କେନ୍ଦ୍ରୀୟ ଟିମ୍

ବଲାଙ୍ଗୀର ଅଫିସ, ୭।୧୦

ବଲାଙ୍ଗୀର ଜିଲାରେ ଚକଡା ପୋକ ପ୍ରାଦୁର୍ଭାବ ଯୋଗୁଁ ଶହଶହ ଏକର ଫସଲ ନଷ୍ଟ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ରବିବାର ଏକ ୪ଜଣିଆ କେନ୍ଦ୍ରୀୟ ଟିମ୍ ଜିଲାର ବିଭିନ୍ନ ପଞ୍ଚାୟତ ଅନ୍ତର୍ଗତ ଚକଡା ପୋକ ପ୍ରାଦୁର୍ଭାବ ଧାନଖେତ ପରିଦର୍ଶନ କରିଛନ୍ତି। ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ତଥା ପ୍ଲାଣ୍ଟ ପ୍ରୋଟେକସନ୍ ନିର୍ଦ୍ଦେଶାଳୟ ଅନ୍ତର୍ଗତ ସେଣ୍ଟ୍ରାଲ ଇଣ୍ଟିଗ୍ରେଟେଡ୍ ପେଷ୍ଟ ମ୍ୟାନେଜମେଣ୍ଟ ସେଣ୍ଟରରୁ ଆସିଥିବା ୪ଜଣିଆ କେନ୍ଦ୍ରୀୟ ପ୍ରତିନିଧି ଦଳ ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଚନ୍ଦନଭାଟି, ମାଧିଆପାଲି, କୁଡାସିଂହା, ସାହାଜବାହାଲ ଓ ଭୁତିଆରବାହାଲ ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମର ଚକଡା ପୋକ ପ୍ରାଦୁର୍ଭାବ

■ଠିକଣା ସମୟରେ କୀଟନାଶକ ପ୍ରୟୋଗ ହୋଇନାହିଁ

■ଏବେ ବି ଚକଡାକୁ ନିୟନ୍ତ୍ରଣ କରାଯାଇପାରିବ

ଅଞ୍ଚଳ ପରିଦର୍ଶନ କରିଥିଲେ। ସେଣ୍ଟ୍ରାଲ ଇଣ୍ଟିଗ୍ରେଟେଡ୍ ପେଷ୍ଟ ମ୍ୟାନେଜମେଣ୍ଟ ସେଣ୍ଟରର ପ୍ଲାଣ୍ଟ ପ୍ରୋଟେକ୍ସନ୍ ଅଫିସର ରାହୁଲ ମିଶ୍ର ଓ ଏମ୍ ୱାଇ ପଠାନ୍‌ଙ୍କ ନେତୃତ୍ୱରେ ଆସିଷ୍ଟାଣ୍ଟ ପ୍ଲାଣ୍ଟ ପ୍ରୋଟେକ୍ସନ୍ ଅଫିସର ବି.ମଦାକ୍ ଓ ଆର.ସି. ହାଁସଦା ପ୍ରଥମେ ଜିଲା କୃଷି କାର୍ଯ୍ୟାଳୟରେ କୃଷି ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ସିନ୍ଦୂରବାହାଲ, ରିନ୍‌ବଚନ, କୁଡାସିଂହା, ନୂଆପଡା,



କେନ୍ଦ୍ରୀୟ ଟିମ୍ ଚକଡ଼ା ପୋକ ପ୍ରଭାବିତ ଧାନ ଫସଲ ଅନୁଧ୍ୟାନ କରୁଛନ୍ତି।

ଭୁତିଆରବାହାଲ, ସାହାଜବାହାଲ ଗ୍ରାମ ପରିଦର୍ଶନରେ ଯାଇଥିଲେ। ଚକଡା ପୋକ ଲାଗିଥିବା ଧାନ କିଆରି ବୁଲି ଦେଖିବା ସହ ଏହାର କେତେ ମାତ୍ରାରେ ଚକଡା ପୋକ ଲାଗିଛି ଓ କେତେ ପରିମାଣର ଧାନ ଫସଲ ନଷ୍ଟ ହୋଇଛି ଏହା ଅନୁଧ୍ୟାନ କରିଥିଲେ। ଠିକଣା ସମୟରେ କୀଟନାଶକ ପ୍ରୟୋଗ ନ ହେବା କାରଣରୁ ଏହି ଅଞ୍ଚଳରେ ଚକଡା ପୋକ ପ୍ରାଦୁର୍ଭାବ ଦେଖାଦେଇଥିବା କେନ୍ଦ୍ରୀୟ ଟିମ୍‌ର ସଦସ୍ୟମାନେ ବିଭିନ୍ନ ଗାଁ ଚାଷୀଙ୍କୁ କହିଥିଲେ। ଚାଷୀଙ୍କ ସହ ଆଲୋଚନା ବେଳେ ଅଧିକ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। କୃଷି ଅଧିକାରୀମାନେ ଚାଷୀଙ୍କୁ ଠିକଣା ସମୟରେ କୀଟନାଶକ ଓ ସାର ପ୍ରୟୋଗ ଉପରେ ସଚେତନ କରିବାକୁ ପରାମର୍ଶ ଦେଇଥିଲେ। ତେବେ ଯେତିକି ଚକଡା ଲାଗିଛି ତାହାକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି ଟିମ୍ ସଦସ୍ୟମାନେ କହିଥିଲେ। ଏହି ପରିଦର୍ଶନ ସମୟରେ କେନ୍ଦ୍ରୀୟ ଟିମ୍ ସହ ଜିଲା କୃଷି ବିଭାଗର ସହକାରୀ କୃଷି ଅଧିକାରୀ ସୁଧାକର ନନ୍ଦ, ହରେକୃଷ୍ଣ ପଣ୍ଡା, ସ୍ୱତିକ କୁମାର ପଣ୍ଡା, ସୂର୍ଯ୍ୟ କୁମାର ଦାଶଙ୍କ ସହ ଭିଏଡବ୍ଲ୍ୟୁ ଓ କୃଷି କର୍ମଚାରୀ ଉପସ୍ଥିତ ଥିଲେ। କେନ୍ଦ୍ରୀୟ ଟିମ୍ ପରିଦର୍ଶନ ପରେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି ଜଣାପଡିଛି।

## ଜେଏମ୍‌ଏମ୍‌ରେ ଯୋଗ ଦେଲେ ପୂର୍ବତନ ଏମ୍‌ପି ଲକ୍ଷ୍ମଣ ଟୁଡୁ

ବାରିପଦା ଅଫିସ,୭।୧୦

ପୂର୍ବତନ ମୟୂରଭଞ୍ଜ ଲୋକସଭା ସଦସ୍ୟ ଲକ୍ଷ୍ମଣ ଟୁଡୁ ବିଜେଡି ଛାଡି ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍)ରେ ଯୋଗ ଦେଇଛନ୍ତି। ବିଜେଡିରେ ତାଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ କରି ସେ ଦଳର ପ୍ରାଥମିକ ସଦସ୍ୟ ପଦରୁ ଶନିବାର ଇସ୍ତଫା ଦେଇଥିଲେ। ଦିନକ ପରେ ସେ ଜେଏମ୍‌ଏମ୍‌ରେ ସାମିଲ ହୋଇ ତାଙ୍କ ଆଗାମୀ କାର୍ଯ୍ୟକ୍ରମ ସ୍ପଷ୍ଟ କରିଛନ୍ତି। ରବିବାର ରାଞ୍ଚି ସ୍ଥିତ ବିଧାନସଭା ସମ୍ମିଳନୀ କକ୍ଷରେ ଜେଏମଏମର କେନ୍ଦ୍ରୀୟ ଅଧ୍ୟକ୍ଷ ଶିବୁ ସୋରେନ ଓ କେନ୍ଦ୍ରୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ହେମନ୍ତ ସୋରେନଙ୍କ ଉପସ୍ଥିତିରେ ଜେଏମ୍‌ଏମ୍‌ରେ ଯୋଗ ଦେଇ ଜିଲାରେ ଆଦିବାସୀଙ୍କ ସାମଗ୍ରିକ ବିକାଶ ପାଇଁ କାର୍ଯ୍ୟ କରିବେ ବୋଲି ଟୁଡୁ କହିଛନ୍ତି। ଏହି ମିଳନ କାର୍ଯ୍ୟକ୍ରମରେ କେନ୍ଦ୍ରୀୟ କମିଟି ସଦସ୍ୟ କଳିଙ୍ଗ କେଶରୀ ଜେନା, ମହେଶ ହେମ୍ବ୍ରମ, ମୟୂରଭଞ୍ଜ ଜିଲା ସଭାପତି ଫାଗୁ ହାଁସଦା ଓ ଯୁବ ନେତା ନିମାଇଁ ଚରଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଲକ୍ଷ୍ମଣ ୨୦୦୯ରେ ମୟୂରଭଞ୍ଜ ଲୋକସଭା ଆସନରୁ ବିଜେଡି ଟିକେଟରେ ବିଜୟୀ ହୋଇଥିଲେ। ୨୦୧୪ ନିର୍ବାଚନରେ ଦଳ ତାଙ୍କୁ ଟିକେଟ ଦେଇ ନ ଥିଲା। ସେ ପୂର୍ବରୁ ୧୯୯୪ ରୁ ୧୯୯୭ ପର୍ଯ୍ୟନ୍ତ ରାଜ୍ୟ ଯୁବ ଜନତା ଦଳର ଉପସଭାପତି ଥିଲେ। ୧୯୯୮ରୁ ୨୦୦୬ ପର୍ଯ୍ୟନ୍ତ ରାଜ୍ୟ ବିଜୁ ଯୁବ ଜନତା ଦଳର ଉପସଭାପତି ଏବଂ ୨୦୦୬ରୁ ୨୦୦୯ ପର୍ଯ୍ୟନ୍ତ ରାଜ୍ୟ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ଦାୟିତ୍ୱରେ ରହିଥିଲେ। ଏହା ପରେ ତାଙ୍କୁ ମୟୂରଭଞ୍ଜ ଜିଲା ସଭାପତି ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦଳର ଶୋଚନୀୟ ପରାଜୟ ହେବାରୁ ଦଳ ପକ୍ଷରୁ ତାଙ୍କୁ ହଟାଇ ମୋରଡା ବିଧାୟକ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓଙ୍କୁ ଜିଲା ସଭାପତି ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସେହିଦିନଠାରୁ ଲକ୍ଷ୍ମଣ ଏକପ୍ରକାର କୋଣଠେସା ହୋଇଯାଇଥିଲେ। ଏପରି କି ଦଳର ବିଭିନ୍ନ କାର୍ଯ୍ୟକ୍ରମରେ ତାଙ୍କୁ ଆଉ ଦେଖିବାକୁ ମିଳି ନ ଥିଲା।



ଦଳୀୟ ନେତୃବୃନ୍ଦଙ୍କ ସହିତ ଲକ୍ଷ୍ମଣ।

## ନିର୍ମାଣାଧୀନ କୋଠାରେ ଦୁର୍ଘଟଣା: ୪ ମୃତ

ନୋଏଡା,୭।୧୦(ପି.ଟି.)

ଉତ୍ତରପ୍ରଦେଶର ନୋଏଡାରେ ରବିବାର ନିର୍ମାଣାଧୀନ କୋଠାରେ ଦୁର୍ଘଟଣା ଘଟି ୪ ଶ୍ରମିକ ପ୍ରାଣ ହରାଇଥିବାବେଳେ ଅନ୍ୟ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ୧୮ ମହଲା ବିଶିଷ୍ଟ କୋଠାର ଅସ୍ଥାୟୀ ଲୁହା ଫିକ୍ସଚର୍ ଧସି ପଡ଼ିବା ଯୋଗୁ ସେଠାରେ କାର୍ଯ୍ୟରତ ଶ୍ରମିକମାନେ ଏହା ତଳେ ଚାପି ହୋଇ ଯାଇଥିଲେ। ଏକ ବେସରକାରୀ ରିୟଲ୍ ଇଷ୍ଟେଟ୍ ଫାର୍ମ ଦ୍ୱାରା ସେକ୍ଟର ୯୪ରେ ଏହି କୋଠା ନିର୍ମାଣ ଚାଲିଥିଲା। ଅସ୍ଥାୟୀ ଲୁହା ଫିକ୍ସଚର୍‌ରେ ଏକ ଟ୍ରାକ୍ଟର ବାଡ଼େଇ ହେବା ଯୋଗୁ ତାହା ଧସି ପଡ଼ିଥିବା ପ୍ରାଥମିକ ତଦନ୍ତରୁ ଜଣାପଡୁଛି ବୋଲି ପୋଲିସ କହିଛି। ☞ପୃଷ୍ଠା-୨



ଟ୍ରାକ୍ଟର ଉପରେ ଭୁଶୁଡ଼ି ପଡ଼ିଥିବା ଲୁହା ରଡ଼।

■ ପଚ୍ଚାଙ୍ଗି ସୀମାନ୍ତରେ ଗୁଳି ବିନିମୟ; ମାଓବାଦୀ ଶିବିର ଧ୍ୱଂସ

# ଖସିଗଲେ ଅରୁଣା, ଚଲାପାତି, ରାମକ୍ରିଷ୍ଣା

ପଚ୍ଚାଙ୍ଗି,୭।୧୦(ଡି.ଏନ୍.ଏ.)

କୋରାପୁଟ ଜିଲା ପଚ୍ଚାଙ୍ଗି ଥାନା ଅଧୀନ ତଥା ଆନ୍ଧ୍ର ସୀମାନ୍ତରେ ରବିବାର ନିରାପତ୍ତା ବାହିନୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ଗୁଳି ବିନିମୟ ପରେ ଶିବିର ପକାଇ ରହିଥିବା ୧୦ରୁ ୧୫ ମାଓବାଦୀ ସେଠାରୁ ଛତ୍ରଭଙ୍ଗ ଦେଇଛନ୍ତି। ସେମାନଙ୍କ ମଧ୍ୟରେ କମାଣ୍ଡର ଅରୁଣା, ଚଲାପାତି, ରାମକ୍ରିଷ୍ଣାଙ୍କ ଭଳି ମାଓବାଦୀ ନେତା ରହିଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଏଇ ନିକଟରେ ଆନ୍ଧ୍ରପ୍ରଦେଶର ଆରକୁ ନିର୍ବାଚନମଣ୍ଡଳୀର ଦୁଇ ନେତାଙ୍କୁ ମାଓବାଦୀମାନେ ହତ୍ୟା କରିଥିଲେ। ସେମାନଙ୍କ ମଧ୍ୟରେ ଟିଡିପି ଦଳର ସ୍ଥାନୀୟ ବିଧାୟକ ଓ ଅନ୍ୟ ଜଣେ ପୂର୍ବତନ ବିଧାୟକ ରହିଥିଲେ। ଏହି ଘଟଣା ପରେ ଯେତେବେଳେ ସେଠାରେ କୋମ୍ବିଂ ଜୋରଦାର କରାଗଲା, ମାଓବାଦୀମାନେ ସେଠାରୁ କୋରାପୁଟ ସୀମାନ୍ତକୁ ଅନୁପ୍ରବେଶ କରିବାର ଆଶଙ୍କା ସୃଷ୍ଟି ହୋଇଥିଲା। ତେଣୁ ଏସ୍‌ଓଜି, ଡିଭିଏଫ୍ ଓ ବିଏସ୍‌ଏଫ୍ ପକ୍ଷରୁ କିଛିଦିନ ଧରି ଲଗାତାର କୋମ୍ବିଂ ଜାରି ରହିଥିଲା। ପଚ୍ଚାଙ୍ଗି ଥାନା ଅନ୍ତର୍ଗତ ଗାଙ୍ଗରାଜପୁର ପଞ୍ଚାୟତ ସେଟ୍ରାଇ ଜଙ୍ଗଲରେ ମାଓବାଦୀମାନେ ଶିବିର ପକାଇ ରହିଥିବା ଜଣାପଡ଼ିବା ପରେ ରବିବାର ଏସ୍‌ଓଜିର ୯ଟି ଟିମ୍ ଓ ଡିଭିଏଫ୍‌ର ୫ଟି ଟିମ୍ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଚଳାଇଥିଲେ। ସର୍ଚ୍ଚ ଅପରେଶନ ବେଳେ ଦିନ ଗୋଟାଏ ୪୫ ମିନିଟ୍ ସମୟରେ ନିରାପତ୍ତା ବାହିନୀକୁ ଦେଖି ମାଓବାଦୀମାନେ ସେମାନଙ୍କ ଉପରକୁ ଗୁଳି ଚଳାଇଥିଲେ। ନିରାପତ୍ତା ବାହିନୀ ପାଲଟା ଜବାବ ଦେଇଥିଲା। ପ୍ରାୟ ୧୦ରୁ ୧୫ ମିନିଟ୍ ଧରି ଗୁଳି ବିନିମୟ ହୋଇଥିଲା। ଶିବିରରେ ୧୦ରୁ ୧୫ ଜଣ ମାଓବାଦୀ ଥିବାବେଳେ ସେମାନଙ୍କ ମଧ୍ୟରେ କମାଣ୍ଡର ଅରୁଣା, ତାଙ୍କ ସ୍ୱାମୀ ଚଲାପାତି ଓ ରାମକ୍ରିଷ୍ଣାଙ୍କ ଭଳି ମାଓବାଦୀ ନେତା ମଧ୍ୟ ଉପସ୍ଥିତ ଥିବା ଅନୁମାନ କରାଯାଉଛି। ଚଲାପାତି ଓ ଅରୁଣା ନିକଟରେ ହୋଇଥିବା ୨ ଟିଡିପି ବିଧାୟକଙ୍କ ହତ୍ୟା ଘଟଣାରେ ସମ୍ପୃକ୍ତ ଥିଲେ। ତେବେ ଗୁଳି ବିନିମୟ ବେଳେ ଘଞ୍ଚ ଜଙ୍ଗଲ ଆଢୁଆଳରେ ମାଓବାଦୀମାନେ ସେଠାରୁ ଖସିଯିବାରେ ସଫଳ ହୋଇଥିଲେ। ମାଓବାଦୀ ଶିବିର ଧ୍ୱଂସ କରାଯିବା ସହ ସେଠାରୁ ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି। କୌଣସି ମୃତାହତ ଖବର ନଥିଲେ ମଧ୍ୟ ସେଠାରେ ତଲାସି ଅଭିଯାନ ଜୋରଦାର କରାଯାଇଛି।

ପ୍ରକାଶ ଯେ, ଏକଦା ମାଓବାଦୀଙ୍କ ଗଡ଼ ଥିବା କୋରାପୁଟ ଜିଲାର ନାରାୟଣପାଟଣା, ଲକ୍ଷ୍ମୀପୁର, ବନ୍ଧୁଗାଁରେ ଲାଲବାହିନୀ ସଙ୍ଗଠନ ଦୁର୍ବଳ ହୋଇପଡ଼ିଥିଲା। ବିଭିନ୍ନ ସମୟରେ ନିରାପତ୍ତା ବାହିନୀର ଏନକାଉଣ୍ଟରରେ ମାଓବାଦୀ କମାଣ୍ଡର ପଦ୍ମା ଓରଫ କାନ୍ତମଣି ହାରେକା, କୋରାପୁଟ-ଶ୍ରୀକାକୁଲମ ଡିଭିଜନ କମିଟିର ସମ୍ପାଦକ ଜୟା ନିହତ ହେବା ପରେ ସେଠାରେ ମାଓବାଦୀଙ୍କ ପ୍ରାଦୁର୍ଭାବ କମିଯାଇଥିଲା। ୨୦୧୮ ମାର୍ଚ୍ଚ ୨୫ରେ ଡକରା ଘାଟିରେ ହୋଇଥିବା ଏନକାଉଣ୍ଟରରେ ୪ ଜଣ ମହିଳା ମାଓବାଦୀ ନିହତ ହୋଇଥିଲେ। କିନ୍ତୁ ସେଠାରୁ ଅରୁଣା ଖସିଯାଇଥିଲେ। ମାଓବାଦୀ ନେତ୍ରୀ ଜୟା ନିହତ ହେବା ପରେ ଅରୁଣା ସେଠାରେ ମାଓବାଦୀ ସଙ୍ଗଠନର କମାଣ ସମ୍ଭାଳୁଥିଲେ। ନାରାୟଣପାଟଣା, ଲକ୍ଷ୍ମୀପୁର, ବନ୍ଧୁଗାଁ ମାଓବାଦୀ ପ୍ରାଦୁର୍ଭାବରୁ ଆଶ୍ୱସ୍ତ ହେଲାପରେ ଲାଲବାହିନୀ ସେମିଳିଗୁଡ଼ା, ପଚ୍ଚାଙ୍ଗି, ନନ୍ଦପୁର, ବୈପାରୀଗୁଡ଼ାର ସକ୍ରିୟ ହୋଇଥିଲା। ନନ୍ଦପୁର ଓ ପଚ୍ଚାଙ୍ଗି ଦେଇ ଆନ୍ଧ୍ର ସହ ଯୋଗାଯୋଗ ସହଜ ହେଉଥିବାରୁ ମାଓବାଦୀମାନେ ଏହି ରୁଟ୍‌କୁ ସଙ୍ଗଠନ ସଜାଡ଼ିବା ପାଇଁ ବ୍ୟବହାର କରିଆସୁଛନ୍ତି। ନାରାୟଣପାଟଣାରୁ ନୂଆଗାଁ, ସୁଙ୍କି, ଅମ୍ପାବାଲି, ତଲଗୋଲୁର ଦେଇ ଆନ୍ଧ୍ରର ଆରକୁ ଯାଏଁ ମାଓବାଦୀମାନେ ନିଜ ଚଳପ୍ରଚଳ ପାଇଁ ସୁରକ୍ଷିତ ରୁଟ୍ କରିଛନ୍ତି। ଗତବର୍ଷ ଫେବୃୟାରୀ ୧୭ରେ ମାଓବାଦୀ ପଚ୍ଚାଙ୍ଗୀ ବ୍ଲକ ସୁଙ୍କିର ମୁଙ୍ଗାରଗୁମି ଘାଟିରେ ବଡ଼ଧରଣର ହିଂସା ଘଟାଇଥିଲେ। ପୋଲିସ ବସ୍‌କୁ ବିସ୍ଫୋରଣ କରି ଉଡ଼ାଇଦେବା ସହ ୮ ଜଣ ଯବାନ ଶହୀଦ ହୋଇଥିଲେ। ଆନ୍ଧ୍ରକୁ ଲାଗିଥିବା ପଚ୍ଚାଙ୍ଗି ବ୍ଲକର ତଲଗୋଲୁର, ଅମ୍ପାବାଲି, ସୁଙ୍କି, ପେଟ୍ରୁ, ନୂଆଗାଁ, କୋଟିଆ, ସମ୍ବାଇ ଭଳି ପଞ୍ଚାୟତରେ ମାଓବାଦୀଙ୍କ ପ୍ରଭାବ ରହିଛି।

# ଏପଟେ ଜନଜାଗରଣ ଯାତ୍ରା,ସେପଟେ ଦଳ ଛାଡୁଛନ୍ତି ନେତା

ଭୁବନେଶ୍ୱର, ୭।୧୦(ବ୍ୟୁରୋ)

**କଂଗ୍ରେସ ରାଜନୀତି**

■ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା ନେଇ ମତଭେଦ

ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ଜନଜାଗରଣ ଯାତ୍ରା ଆରମ୍ଭ ହୋଇଛି। ପ୍ରଥମ ଦଫାରେ ବାଲେଶ୍ୱର ଜିଲାରେ ଜାଗରଣ ଯାତ୍ରା ମଧ୍ୟ ଅନୁଷ୍ଠିତ ହୋଇସାରିଛି। ହେଲେ ବହୁ ଆଡ଼ମ୍ବର ଲଘୁକ୍ରିୟା ନୀତିର ବରିଷ୍ଠ ନେତା ପଦ୍ମଲୋଚନ ପଣ୍ଡା ଏବଂ ଶୁଭଙ୍କର ମହାପାତ୍ର ରବିବାର କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। ଦଳ ଉଭୟ କେନ୍ଦ୍ର-ରାଜ୍ୟରେ ଗ୍ରହଣୀୟତା ହରାଇଛି, ଏଥିସହ ରାଜ୍ୟରେ ପ୍ରବଳ ଗୋଷ୍ଠୀ କନ୍ଦଳକୁ ଉଭୟ ନେତା ଦାୟୀ କରିଛନ୍ତି। କଂଗ୍ରେସ ଛାଡ଼ିଥିବା ଉଭୟ ନେତା ଆସନ୍ତା ୧୧ରେ ଭାଜପାରେ ମିଶୁଥିବା ଶୁଣିବାକୁ ମିଳୁଛି। ସେହିପରି ଜନଜାଗରଣ ଯାତ୍ରା ସମୟରେ ବର୍ତ୍ତମାନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ହିଁ ଦଳର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ବୋଲି କେତେକ ନେତା ଘୋଷଣା କରିଛନ୍ତି। ଏହାକୁ ନେଇ ଦଳରେ ବିବାଦ ଦେଖାଯିବ ବୋଲି କେତେକ ଆଶଙ୍କା କଲେଣି। ନିକଟରେ କୋରାପୁଟର ବିଧାୟକ କୃଷ୍ଣଚନ୍ଦ୍ର ଶଗରିଆ ପିସିସି ନେତୃତ୍ୱ ଉପରେ ବର୍ଷିବା ସହ ସାଧାରଣ ସମ୍ପାଦକ ପଦରୁ ଇସ୍ତଫା ଦେଇଛନ୍ତି। ତେଣୁ ପିସିସି ସମନ୍ୱୟ କମିଟି, ନିର୍ବାଚନ କମିଟି, ଇସ୍ତାହାର କମିଟି ସର୍ବୋପରି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଅନୁମୋଦନ ବିନା ନିରଞ୍ଜନଙ୍କ ନାଁ ଘୋଷଣା ନୂଆ ବିବାଦର ସୂତ୍ରପାତ କରିବ। ଏନେଇ ବିଧାୟକ କୃଷ୍ଣ ଶଗରିଆ କହିଛନ୍ତି ଯେ, ମଞ୍ଚ ଉପରେ ଛିଡ଼ାହୋଇ କୌଣସି ନେତା କାହା ନାଁ ଘୋଷଣା କରିଦେଲେ, ସେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହୋଇ ଯାଏନା। ପ୍ରଥମେ ନିର୍ବାଚନ ହେଉ, ବିଧାୟକମାନେ ନିର୍ବାଚିତ ହେବା ପରେ ନିଜ ନେତା ବାଛିବେ। ଯଦି ପୂର୍ବରୁ କାହାକୁ ପ୍ରାର୍ଥୀ ଘୋଷଣା କରାଯାଉଛି, ତେବେ ଦଳର ଉପଯୁକ୍ତ ଫୋରମ୍ ସହ ହାଇକମାଣ୍ଡଙ୍କ ସୁଚିନ୍ତିତ ମତାମତ ନିଆଯିବା ଉଚିତ। ସେହିପରି ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ଼ ଭଳି ରାଜ୍ୟରେ କଂଗ୍ରେସସ୍ଥିତ ବହୁତ ଭଲ ରହିଛି, ସେଠି ସମସ୍ତେ ଏକହୋଇ ନିର୍ବାଚନ ଲଢୁଛନ୍ତି। ସେଠାରେ ଦଳ କ୍ଷମତାକୁ ଆସିବାର ସମ୍ଭାବନା ଥାଇ ସୁଦ୍ଧା କୌଣସି ନିର୍ଦ୍ଦିଷ୍ଟ ନେତା ମୁଖ୍ୟମନ୍ତ୍ରୀ ହେବେ ବୋଲି ଘୋଷଣା କରାଯାଇନାହିଁ। ଏଣୁ ଓଡ଼ିଶାରେ ଏପରି ମନଇଚ୍ଛା ଘୋଷଣା ଦଳକୁ କ୍ଷତିଗ୍ରସ୍ତ କରିପାରେ ବୋଲି କୃଷ୍ଣ କହିଛନ୍ତି।

ବାଲେଶ୍ୱର ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୭ଟି ଯାକ ବିଧାନସଭା ନିର୍ବାଚନମଣ୍ଡଳୀରେ ମଧ୍ୟ ବିଧାନସଭା ପ୍ରାର୍ଥିତ୍ୱ ନେଇ ଛକାପଞ୍ଝା ଲାଗି ରହିଛି। ଯାହାକୁ ନେଇ ପ୍ରତି ନିର୍ବାଚନମଣ୍ଡଳୀରେ କଂଗ୍ରେସ ଭୋଟ ବିଭାଜନ ହୋଇପାରେ ବୋଲି ସମୀକ୍ଷକମାନେ ମତ ଦେଇଛନ୍ତି। ବାଲେଶ୍ୱର ସଦରରେ ଅରୁଣ ଦେଙ୍କ ସହ କିଛି ସମର୍ଥକ ଥିବାବେଳେ ମାନସ ଦାସପଟ୍ଟନାୟକ ନିଜର ନୂଆ ଗୋଷ୍ଠୀ ତିଆରି କରୁଛନ୍ତି। ମାନସ ପୂର୍ବ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ହୋଇ କଂଗ୍ରେସ ଭୋଟ ବିଭାଜନର କାରଣ ହୋଇଥିଲେ। ଭୋଗରାଇ ସତ୍ୟଶିବ ଦାସ ପୂର୍ବରୁ ପ୍ରାର୍ଥୀ ହୋଇଥିଲେ, ହେଲେ ଶରତରାଜ ସେଠାରୁ ଲଢିବା ପାଇଁ ଇଚ୍ଛୁକ ଥିବା ତାଙ୍କ ନିକଟତମ ମହଲରୁ ପ୍ରକାଶ। ସେହିପରି ଜଳେଶ୍ୱରରୁ ଦେବୀ ଚାନ୍ଦ ୨୦୦୯ରେ ବିଧାୟକ ହୋଇଥିବାବେଳେ ୨୦୧୪ରେ ପରାସ୍ତ ହୋଇଥିଲେ। ନିକଟରେ କଂଗ୍ରେସରେ ମିଶିଥିବା ସୁଦର୍ଶନ ଦାସ ସେଠାରୁ ଦଳୀୟ ପ୍ରାର୍ଥୀ ହେବା ପାଇଁ ଅଣ୍ଟା ଭିଡୁଥିବା ଜଣାପଡ଼ିଛି। ନୀଳଗିରି, ରେମୁଣାରେ କଂଗ୍ରେସ ଅପେକ୍ଷା ବିଜେଡି, ଭାଜପା ଅଧିକ ସକ୍ରିୟ ଅଛନ୍ତି। ତେଣୁ ସେଠାରେ ଯଦି ଏପରି ଗୋଷ୍ଠୀ ସୃଷ୍ଟି ହୁଏ, ତେବେ ଦଳ ବାଲେଶ୍ୱର ଲୋକସଭା ଏବଂ ଜିଲାରେ ବହୁଳ ଭାବରେ କ୍ଷତିଗ୍ରସ୍ତ ହେବ ବୋଲି କୁହାଯାଉଛି।

ବାଲେଶ୍ୱର କଂଗ୍ରେସ ରାଜନୀତି ଉପରେ ମତାମତ ଦେଇ ଜିଲା ସଭାପତି ଶରତ ରାଜ କହିଛନ୍ତି ଯେ, ଦଳ ଛାଡ଼ିଥିବା ନେତା ବହୁ ପୂର୍ବରୁ ଭାଜପାକୁ ଯିବା ପାଇଁ ମନସ୍ଥ କରିଥିଲେ। ତେଣୁ ତାଙ୍କର କୌଣସି ପ୍ରଭାବ ପଡ଼ିବ ନାହିଁ। ହେଲେ ବାଲେଶ୍ୱରରୁ ଆରମ୍ଭ ହୋଇଥିବା ଜନଜାଗରଣ ସଭାର ପ୍ରଭାବ ସାରା ଓଡ଼ିଶାରେ ପଡ଼ିବ ବୋଲି ଶରତ ରାଜ କହିଛନ୍ତି।


BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 32,400/- 10gm.
Gold 22 CT - ₹ 31,000/- 10gm.
Silver Rate - ₹ 370/- /10gm.
Making Charge - ₹ 100/- onwards / 1gm.
Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE
07.10.2018
Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 59 | 105 | 115 |
| CTC | 60 | 106 | 116 |
| DKL | 60 | 106 | 116 |
| BDK | 62 | 109 | 119 |
| BLS | 64 | 111 | 121 |
| ANG | 62 | 109 | 119 |

*Conditions Apply
Eggs Retail Price- 47/-Dozen
Issued in the Interest of Consumers



ଉତ୍ତରାଖଣ୍ଡ ଉଦାମସିଂ ନଗରସ୍ଥିତ ରୁଦ୍ରପୁରରେ ଜଣେ ଆଇପିଏସ୍ ଅଫିସରଙ୍କ ସ୍ତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗିତ କରି ଭାଜପା କର୍ମୀ ଚପଲମାଡ଼ ଖାଇଛନ୍ତି। ଏହି ମାମଲାରେ କର୍ମୀଙ୍କୁ ଦଳରୁ ବାହାର କରାଯିବାର ଆଶଙ୍କା ରହିଛି ବୋଲି ଭାଜପା ଜିଲାଧ୍ୟକ୍ଷ ଶିବ ଆରୋରା ସୂଚନା ଦେଇଛନ୍ତି। ଏହି ଘଟଣାର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ ହେବାପରେ ପୋଲିସ ପକ୍ଷରୁ ତଦନ୍ତ କରାଯାଇଥିଲେ ମଧ୍ୟ ଦୁଇପକ୍ଷଙ୍କ ମଧ୍ୟରୁ ମାମଲା ଦାଏର ହୋଇ ନ ଥିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରୁ ନାହିଁ ବୋଲି ପୋଲିସ କହିଛି।


**ଜନ୍ମଦିନର ଶୁଭେଚ୍ଛା**

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..................................



ମୋନା
ପରିବାରବର୍ଗ



ଗୁଡୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଜ୍ଞାନପୀଠ ସିଲେକ୍ସନ ବୋର୍ଡର ଅଧ୍ୟକ୍ଷା ହେଲେ ପ୍ରତିଭା ରାୟ

**ଭୁବନେଶ୍ୱର,୭।୧୦(ବ୍ୟୁରୋ)**

ଓଡ଼ିଆ ସାହିତ୍ୟର ଯୋଗଜନ୍ମା ସାହିତ୍ୟିକା ପଦ୍ମଶ୍ରୀ ଡ. ପ୍ରତିଭା ରାୟ ସମ୍ମାନଜନକ ଜ୍ଞାନପୀଠ ପୁରସ୍କାର ଚୟନ କମିଟିର ନୂତନ ଅଧ୍ୟକ୍ଷା ଭାବେ ମନୋନୀତ ହୋଇଛନ୍ତି। ରବିବାର ଏ ନେଇ ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି। ଭାରତର ପ୍ରମୁଖ ସାହିତ୍ୟ ସଙ୍ଗଠନ 'ଭାରତୀୟ ଜ୍ଞାନପୀଠ' ପକ୍ଷରୁ ପ୍ରତିବର୍ଷ ସାହିତ୍ୟ କ୍ଷେତ୍ରରେ ପ୍ରଦାନ କରାଯାଉଥିବା ଏହି ସର୍ବୋଚ୍ଚ ସମ୍ମାନର ଚୟନ ମଣ୍ଡଳୀରେ ଡ. ରାୟ ପୂର୍ବରୁ ସଦସ୍ୟା ରହିଥିଲେ। ହେଲେ ଏବେ ଜ୍ଞାନପୀଠ ସିଲେକ୍ସନ ବୋର୍ଡର ନୂତନ ଅଧ୍ୟକ୍ଷା ଭାବେ ତାଙ୍କୁ ନିଯୁକ୍ତ କରାଯାଇଛି। ଏ ନେଇ 'ଭାରତୀୟ ଜ୍ଞାନପୀଠ'ର ଅଫିସିଆଲ ୱେବ୍‌ସାଇଟ୍‌ରେ ବିଜ୍ଞପ୍ତି ପ୍ରକାଶ ପାଇଛି।

# ସରକାର ଗଢ଼ିବାର ଦମ୍ଭୋକ୍ତି ଦେଖାଇଲେ ଇରାନୀ

**ଭୁବନେଶ୍ୱର ୭।୧୦(ବ୍ୟୁରୋ):**

ସାଧାରଣ ନିର୍ବାଚନକୁ କମ୍ ସମୟ ରହିଥିବା ବେଳେ ବିଭିନ୍ନ ପର୍ଯ୍ୟାୟରେ କେନ୍ଦ୍ରମନ୍ତ୍ରୀମାନେ ରାଜ୍ୟ ଗସ୍ତରେ ଆସି ଶାସକ ବିଜେଡିକୁ ଟାର୍ଗେଟ କରିବାରେ ଲାଗିଛନ୍ତି। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିନିକିଆ ଓଡିଶା ଗସ୍ତରେ ଆସି ଶାସକ ଦଳ ଉପରେ ଭୀଷଣ ବର୍ଷିଥିଲେ। ଏହାର ଗୋଟିଏ ଦିନ ପରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଓଡିଶା ଆସିଥିଲେ। ସେ ମଧ୍ୟ ରାଜ୍ୟ ସରକାରଙ୍କ ଉପରେ ବର୍ଷିବାକୁ ଲାଗିଲେ। ଏହି କ୍ରମରେ ଭୁବନେଶ୍ୱରଠାରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ଉଦ୍‌ଯାପନୀ ଉତ୍ସବରେ ଯୋଗଦେବାକୁ ଆସିଥିବା କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ମଧ୍ୟ ଓଡିଶା ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗ ଉଠାଇ ସମାଲୋଚନା କରିଛନ୍ତି। ଆଗାମୀ ନିର୍ବାଚନରେ ଦଳ ପକ୍ଷରୁ ରହିଥିବା ୧୨୦ପ୍ଲସ ଲକ୍ଷ୍ୟ ପୂରଣ କରିବାକୁ ଦଳୀୟ କର୍ମୀଙ୍କୁ ଆହ୍ୱାନ କରିଛନ୍ତି।

ରବିବାର ସ୍ଥାନୀୟ ଏକ ହୋଟେଲଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଇରାନୀ କହିଛନ୍ତି ଯେ, ଆସନ୍ତା ନିର୍ବାଚନରେ ଓଡିଶାରେ ଭାଜପା ସରକାର କରିବା ନିଶ୍ଚିତ। ଦଳ ଯେଉଁ ୧୨୦ ଲକ୍ଷ୍ୟ ରଖିଛି ତାହା ହାସଲ କରିବା ସହ ରାଜ୍ୟର ସବୁ ଲୋକ ସଭା ଆସନରେ ମଧ୍ୟ ଭଲ କରିବ ବୋଲି ସେ କହିଛନ୍ତି। ଓଡିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେବଳ ରାଜ୍ୟ ବିକାଶ ନୁହେଁ ବରଂ ମହିଳାମାନଙ୍କୁ ସୁରକ୍ଷା ଦେବାରେ ମଧ୍ୟ ବିଫଳ ହୋଇଛନ୍ତି । ରାଜ୍ୟରେ ୬୦ ପ୍ରତିଶତ ମହିଳା ରକ୍ତହୀନତାର ଶିକାର ହେଉଥିବା ରାଜ୍ୟ ସରକାର ବିଧାନସଭାରେ ସ୍ୱୀକାର କରିଛନ୍ତି । ତେଣୁ ରାଜ୍ୟରେ ମହିଳାଙ୍କ ବିକାଶର ସ୍ଥିତି କିପରି ରହିଛି ଏଥିରୁ ବୁଝାପଡୁଛି। ଦେଶରେ ବୟସ ଅନୁସାରେ ଶାରୀରିକ ଓ ମାନସିକ ବିକାଶ ନ ହେବା କ୍ଷେତ୍ରରେ ଓଡିଶା ଏକ ନମ୍ବର ସ୍ଥାନରେ ଅଧିକାର କରିଛି । ଓଡିଶାରେ ପ୍ରତିଦିନ କେଉଁଠି ନା କେଉଁଠି ଚିକିତ୍ସା ଅଭାବରୁ ମୃତ୍ୟୁ ହେଉଥିବାର ଖବର ମିଳୁଛି। ଏଭଳି ସ୍ଥିତିରେ ଓଡିଶା ମୁଖ୍ୟମନ୍ତ୍ରୀ ଆୟୁଷ୍ମାନ ଭାରତ ଯୋଜନାକୁ ରାଜ୍ୟରେ କାହିଁକି ଲାଗୁ କରୁ ନାହାନ୍ତି ତାହା ଚିନ୍ତାର ବିଷୟ ପାଲଟିଛି। ମୁଖ୍ୟମନ୍ତ୍ରୀ ଜାଣିଶୁଣି ଗରିବ ପରିବାରକୁ ଆୟୁଷ୍ମାନ ଯୋଜନାର ଲାଭରୁ ବଞ୍ଚିତ କରିଛନ୍ତି। କାରଣ ସେ ଏହାକୁ ଏକ ଗରିବ କଲ୍ୟାଣ ଯୋଜନା ଭାବେ ଦେଖିବା ବଦଳରେ ଭୋଟ ହରାଇବାର ନଜରରେ ଦେଖୁଛନ୍ତି ବୋଲି ଇରାନୀ ଅଭିଯୋଗ କରିଛନ୍ତି । ଓଟିଏମ୍ କାରଖାନା ବନ୍ଦ ପଡିଥିବା ପ୍ରସଙ୍ଗରେ ମଧ୍ୟ ସେ ରାଜ୍ୟ ସରକାରଙ୍କୁ କଠୋର ସମାଲୋଚନା କରିଛନ୍ତି। ଏହି କାରଖାନାକୁ ପୁଣିଥରେ ଚଲାଇବାକୁ ରାଜ୍ୟ ସରକାର ଉଦ୍ୟମ କରୁନାହାନ୍ତି । ରାଜ୍ୟ ସରକାର ଉଦ୍ୟମ କଲେ କେନ୍ଦ୍ର ସରକାର ସହଯୋଗର ହାତ ବଢାଇବେ । ମାତ୍ର ମୁଖ୍ୟମନ୍ତ୍ରୀ ଏ ପ୍ରସଙ୍ଗରେ ନୀରବ କାହିଁକି ବୋଲି ଇରାନୀ ପ୍ରଶ୍ନ ଉଠାଇଛନ୍ତି । ପେଟ୍ରୋଲ, ଡିଜେଲ ଉପରେ କେନ୍ଦ୍ର ସରକାର ଲିଟର ପିଛା ଅଢେଇ ଟଙ୍କା କମ୍ କରିଛନ୍ତି । ଭାଜପା ଶାସିତ ରାଜ୍ୟଗୁଡିକ ମଧ୍ୟ ତୈଳ ଦର ଲିଟର ପିଛା ଆଉ ଅଢେଇ ଟଙ୍କା କମ୍ କରି ଲୋକମାନଙ୍କୁ ୫ଟଙ୍କାର ରିହାତି ଦେଉଛନ୍ତି । କିନ୍ତୁ ଓଡିଶା ସରକାର ତେଲ ଦର କମାଇବା ପାଇଁ ରାଜି ହେଉନାହାନ୍ତି । ମୁଖ୍ୟମନ୍ତ୍ରୀ ତୈଳ ଦର ହ୍ରାସ କରିବା ଏବଂ ଆୟୁଷ୍ମାନ ଯୋଜନାରୁ ଲୋକମାନଙ୍କୁ ଲାଭ ଦେବାରେ ବିଫଳ ହୋଇଛନ୍ତି । ଭାଜପା ଓଡିଶାରେ ୧୨୦ରୁ ଅଧିକ ଆସନ ହାସଲ କରିବା ପାଇଁ ଯେଉଁ ଲକ୍ଷ୍ୟ ରଖିଛି ତାକୁ ଦଳୀୟ କାର୍ଯ୍ୟକର୍ତ୍ତାମାନେ ନିଶ୍ଚୟ ପୂରଣ କରିବେ। ଏହାସହ ରାଜ୍ୟର ସବୁ ଲୋକ ସଭା ଆସନରେ ମଧ୍ୟ ଦଳ ପ୍ରଦର୍ଶନ କରିବ ଏବଂ ଅଧିକ ଆସନ ହାତେଇବ ବୋଲି ଇରାନୀ କହିଛନ୍ତି।




ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ (ମଝି) ଓ ଦୁଇ ରାଜ୍ୟ ଭାଜପା ନେତା।

- **ପରାଜୟର ଗନ୍ଧ ବାରିପାରିଛି ଭାଜପା: ବିଜେଡି**
- **ଭାଜପା ଶାସିତ ରାଜ୍ୟ କଥା ବୁଝନ୍ତୁ: ନିରଞ୍ଜନ**

ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି ଯେ, ଭାଜପା ଓଡିଶାରେ ହତାଶ ଓ ନିରାଶ ଅବସ୍ଥାକୁ ଚାଲି ଆସିଛି। ୨୦୧୯ ନିର୍ବାଚନରେ ପରାଜୟର ଗନ୍ଧ ବାରି ପାରିଥିବାରୁ ଦିଲ୍ଲୀରୁ ଆସୁଥିବା କେନ୍ଦ୍ରମନ୍ତ୍ରୀଙ୍କୁ ତଥ୍ୟହୀନ ବକ୍ତବ୍ୟ ଦେବାକୁ ଭାଜପା ରାଜ୍ୟ ନେତୃବୃନ୍ଦ ବାଧ କରୁଛନ୍ତି। ରାଜ୍ୟରେ ମହିଳାମାନେ ନିର୍ଯାତନାର ଶିକାର ହେବା କଥା କେନ୍ଦ୍ରମନ୍ତ୍ରୀ କହିବା ହାସ୍ୟାସ୍ପଦ। ଭାଜପା ଶାସିତ ରାଜ୍ୟ ତଥା ଉତ୍ତରପ୍ରଦେଶ ଓ ହରିୟାଣାରେ ଦୈନିକ ଭାଜପା ନେତାମାନଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆସୁଛି। ଭାଜପା ବିଧାୟକମାନେ ବଳାତ୍କାର ଅଭିଯୋଗରେ ଜେଲ୍ ଯାଇଛନ୍ତି। ବୟନଶିଳ୍ପ ପାଇଁ ରାଜ୍ୟକୁ ୪ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଟଙ୍କାଟିଏ ମଧ୍ୟ ଦେଇ ନାହାନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ରାଜ୍ୟର ନିଜସ୍ୱ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ପ୍ରଶଂସା କରିବା ବଦଳରେ ନିନ୍ଦା କରିବା ଦୁର୍ଭାଗ୍ୟର ବିଷୟ। ୪ବର୍ଷରେ କେନ୍ଦ୍ର ସରକାର ପେଟ୍ରୋଲରେ ୧୧୦ ପ୍ରତିଶତ ଉତ୍ପାଦ ଶୁଳ୍କ ଏବଂ ଡିଜେଲ୍‌ରେ ୩୫୦ପ୍ରତିଶତ ଉତ୍ପାଦ ଶୁଳ୍କ ନେଉଥିବା କେନ୍ଦ୍ରମନ୍ତ୍ରୀ ଇରାନୀ କାହିଁକି କହିଲେ ନାହିଁ ବୋଲି ପାତ୍ର ପ୍ରଶ୍ନ କରିଛନ୍ତି।

ଅନ୍ୟପଟେ ପିସିସି(ପ୍ରଦେଶ କଂଗ୍ରେସ କମିଟି) ସଭାପତି ନିରଞ୍ଜନ ପଟ୍ଟନାୟକ ଭାଜପାକୁ ଟାର୍ଗେଟ କରି କହିଛନ୍ତି ଯେ, କେନ୍ଦ୍ରମନ୍ତ୍ରୀ ପ୍ରଥମେ ଭାଜପା ଶାସିତ ରାଜ୍ୟର ମହିଳା ସୁରକ୍ଷା କଥା ଚିନ୍ତା କରନ୍ତୁ। ତା'ପରେ ଓଡିଶା କଥା କହିଲେ ଭଲ ହେବ। ଭାଜପା ଶାସିତ ରାଜ୍ୟଗୁଡିକରେ ମହିଳାମାନେ ଅସୁରକ୍ଷିତ, ନିର୍ଯାତିତ ଏବଂ ଉପେକ୍ଷିତ ଅବସ୍ଥାରେ ରହିଛନ୍ତି। ସେସବୁ ସ୍ଥାନରେ ମହିଳାଙ୍କୁ ସୁରକ୍ଷା ଦେଇପାରୁ ନାହାନ୍ତି, ଓଡିଶାରେ କାହିଁକି ଆଶା ଦେଖାଉଛନ୍ତି ବୋଲି ନିରଞ୍ଜନ କହିଛନ୍ତି।

### ଶେଷ ହେଲା ଭାଜପାର ଦୁଇଦିନିଆ କାର୍ଯ୍ୟକାରିଣୀ

# ଦୁର୍ନୀତିକୁ ପ୍ରସଙ୍ଗ କରିବ ଭାଜପା

**ଭୁବନେଶ୍ୱର ୭।୧୦(ବ୍ୟୁରୋ):**

ଭାଜପାର ଦୁଇ ଦିନିଆ କାର୍ଯ୍ୟକାରିଣି ବୈଠକ ରବିବାର ଶେଷ ହୋଇଛି। ଭାଜପା ଆସନ୍ତା ନିର୍ବାଚନ କିଭଳି ମିଶନ ୧୨୦କୁ ସଫଳ କରିବ ସେ ନେଇ କାର୍ଯ୍ୟକାରିଣୀରେ ବ୍ୟାପକ ଆଲୋଚନା କରାଯାଇଛି। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଦଳ ପକ୍ଷରୁ ରବିବାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଲୋକମାନଙ୍କ ନିକଟରେ ରାଜ୍ୟ ସରକାରଙ୍କ ବିଭିନ୍ନ ଦୁର୍ନୀତି ପହଞ୍ଚାଇବ ସେ ନେଇ ଦଳ ପକ୍ଷରୁ ରଣନୀତି ପ୍ରସ୍ତୁତ କରାଯାଇଛି। ଶାସକ ବିଜେଡିକୁ ଶାସନ ଗାଦିରୁ ହଟାଇବା ପାଇଁ କାର୍ଯ୍ୟକାରିଣୀ ସଦସ୍ୟମାନେ ସଂକଳ୍ପ ନେଇଥିବା ଜଣାପଡିଛି। ଏହି ଅବସରରେ ଦଳ ପକ୍ଷରୁ ୧୫ଟି ରାଜନୈତିକ ପ୍ରସ୍ତାବ ପାରିତ ହୋଇଥିବା ଜଣାପଡିଛି। ବିଭିନ୍ନ ଦୁର୍ନୀତି ପ୍ରସଙ୍ଗକୁ ନେଇ ଭାଜପା କାର୍ଯ୍ୟକର୍ତ୍ତାମାନେ ଖୁବ୍‌ଶୀଘ୍ର ତୃଣମୂଳସ୍ତରକୁ ଯିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

ଆଗାମୀ ଦିନରେ ଭାଜପା ନେତାମାନେ ଶାସକ ବିଜେଡି ବିରୋଧରେ କେଉଁସବୁ ଦୁର୍ନୀତି ପ୍ରସଙ୍ଗ ଉଠାଇବେ ସେ ନେଇ ଆଲୋଚନା କରିଛନ୍ତି। ସୂଚନା ମୁତାବକ, ଖଣି ଓ ଚିଟଫଣ୍ଡ ଦୁର୍ନୀତିକୁ ପୁଣିଥରେ ଭାଜପା ଜୋର୍‌ଦାର ଭାବେ ଉଠାଇବ। ସାଧାରଣ ଲୋକମାନଙ୍କ ନିକଟତର ହେବା ପାଇଁ ଏହି ପ୍ରସଙ୍ଗକୁ ଗାଁ ଗହଳିରେ ଗୁରୁତ୍ୱ ଦେବ। ଅନ୍ୟପଟେ ନିକଟରେ ବରିଷ୍ଠ ନେତା ଦାମୋଦର ରାଉତ ଉଠାଇଥିବା ସମବାୟ, ଚାରା ଓ ଓମ୍‌ଫେଡ ଦୁର୍ନୀତି ପ୍ରସଙ୍ଗକୁ ମଧ୍ୟ ଦଳ ପକ୍ଷରୁ ଜୋରଦାର କରାଯିବା ପାଇଁ ସ୍ଥିର ହୋଇଛି। କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନାକୁ ନେଇ ମଧ୍ୟ ରାଜ୍ୟ ସରକାରଙ୍କୁ ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ, ସଭା କରି ଦଳୀୟ ନେତା ପ୍ରଶ୍ନ କରିବାର ଯୋଜନା କରିଛନ୍ତି। ଏ ସେହିପରି ବିଜେଡିର ଏସ୍‌ଏସ୍‌ଜି ଗଠନ ଏବଂ ମହିଳାଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାରଙ୍କ ବିଫଳତାକୁ ମୁଖ୍ୟ ପ୍ରସଙ୍ଗ, ପେଟ୍ରୋଲ ଦର କେନ୍ଦ୍ର ସରକାର କମାଇ ସାରିଲା ପରେ ମଧ୍ୟ ରାଜ୍ୟ ସରକାର ନ କମାଇବା ଗରିବ ଲୋକଙ୍କୁ ପ୍ରତାରଣା ସଦୃଶ । ରାଜ୍ୟ କାର୍ଯ୍ୟକାରିଣୀରେ ଦୁଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଜୁଏଲ ଓରାମଙ୍କ ସମେତ, ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂ ଦେଓ ଓ ଅନ୍ୟ ସଦସ୍ୟମାନେ ଯୋଗଦେଇଛନ୍ତି। ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକାରିଣୀ ବୈଠକକୁ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକାରିଣୀ ଶେଷରେ ବରିଷ୍ଠ ନେତା ପ୍ରତାପ ଷଡଙ୍ଗୀ ଏକ ଖବରଦାତା ସମ୍ମିଳନୀରେ, ରାଜ୍ୟ ସରକାରଙ୍କ ବିଭିନ୍ନ ଦୁର୍ନୀତି ପ୍ରସଙ୍ଗରେ ଭାଜପା ନିର୍ବାଚନ ଲଢିବାକୁ ଯୋଜନା କରିଥିବା କହିଛନ୍ତି। ଏହାସହ ଆଗାମୀ ନିର୍ବାଚନ ପୂର୍ବରୁ ଦଳୀୟ ଟିକେଟ ବଣ୍ଟନକୁ ନେଇ ମଧ୍ୟ ଖୁବ୍‌ଶୀଘ୍ର କାର୍ଯ୍ୟକ୍ରମ ଆରମ୍ଭ ହେବା ସମ୍ପର୍କରେ କାର୍ଯ୍ୟକାରିଣୀରେ ଆଲୋଚନା ହୋଇଥିବା ଜଣାପଡିଛି।

## ଅଜଣା ଗାଡ଼ି ଧକ୍କାରେ ମହିଳା ମୃତ

**ରୂପସା, ୭।୧୦(ଡି.ଏନ.ଏ.)**

ବାଲେଶ୍ୱର ୬୦ନଂ. ଜାତୀୟ ରାଜପଥର ସଦର ବ୍ଲକ ହଳଦୀପଦା ବାଇପାସ୍‌ଠାରେ ଶନିବାର ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳାଙ୍କ ପରିଚୟ ଜଣାପଡ଼ିନାହିଁ। ଏ ନେଇ ବସ୍ତା ଥାନାରେ ପୋଲିସ୍ ଏକ ମାମଲା (ନଂ. ୨୬୫/୧୮) ରୁଜୁ କରି ତଦନ୍ତ ଚଳାଇଛି। ମହିଳା ଜଣକ ମାନସିକ ବିକୃତ ବୋଲି ପୋଲିସ ଅନୁମାନ କରୁଛି। ରାଜପଥରେ ମୃତଦେହ ପଡ଼ିଥିବା ଖବରପାଇ ପୋଲିସ ପହଞ୍ଚିଥିଲା।

**ପ୍ରଥମ ପୃଷ୍ଠାରୁ...**

### ନିର୍ମାଣାଧୀନ କୋଠାରେ...

ଟ୍ରାକ୍ଟରରେ ଓଜନିଆ ନିର୍ମାଣ ସାମଗ୍ରୀ ଭର୍ତ୍ତି ହୋଇଥିବା ଯୋଗୁ ଏହାର ମାଡ଼ରେ ଲୁହା ଶଟରିଂ ଧସି ପଡ଼ିଥିଲା। ଫଳରେ ଶଟରିଂ ତଳେ ୯ ଶ୍ରମିକ ଚାପି ହୋଇ ରହି ଯାଇଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୫ଜଣଙ୍କ ଚିକିତ୍ସା ସ୍ଥାନୀୟ ଡାକ୍ତରଖାନାରେ ଚାଲିଛି। ପୋଲିସ ଏକ ମାମଲା ଦାଏର କରି ତଦନ୍ତ ଆରମ୍ଭ କରିଥିବା ଗୌତମବୁଦ୍ଧ ନଗର ଏସ୍‌ଏସ୍‌ପି ଅଜୟ ପାଲ୍ ଶର୍ମା ସୂଚନା ଦେଇଛନ୍ତି। ମୃତକଙ୍କ ପରିବାର ସଦସ୍ୟଙ୍କୁ ଅନୁକମ୍ପା ରାଶି ଯୋଗାଇ ଦେବା ଲାଗି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ସେଠାରେ କାର୍ଯ୍ୟରତ ଶ୍ରମିକମାନେ ଅତ୍ୟନ୍ତ ଅସୁରକ୍ଷିତ ଢଙ୍ଗରେ କାର୍ଯ୍ୟ କରୁଥିବା ଜଣେ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି ଲୁହା ଶଟରିଂରେ ବ୍ୟବହୃତ ପିନ୍‌ଗୁଡ଼ିକ ଠିକ୍ ଭାବେ ଲାଗି ନ ଥିବାରୁ ତାଞ୍ଚା ଦୁର୍ବଳ ଥିଲା। ଫଳରେ ଦୁର୍ଘଟଣା ଘଟିଥିବା ଅଭିଯୋଗ ହେଉଛି ବୋଲି ନୋଏଡା ମାଜିଷ୍ଟ୍ରେଟ୍ ଶାଲେନ୍ଦ୍ର ମିଶ୍ର ପ୍ରକାଶ କରିଛନ୍ତି। କିନ୍ତୁ ତଦନ୍ତ ପରେ ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ ବୋଲି ସେ କହିଛନ୍ତି।

### ଅପମିଶ୍ରିତ ଲୁବ୍ରିକାଣ୍ଟ...

ଅପମିଶ୍ରିତ ସାମଗ୍ରୀ ତିଆରି କାରଖାନାରେ ପୋଲିସ ଚଢାଉ କରି ଏକାଧିକ ବ୍ୟକ୍ତିଙ୍କୁ ଗିରଫ କରିଛି। ତଥାପି ନିୟମିତ ବ୍ୟବଧାନରେ ଧରାପଡୁଛି ଏହି ନକଲି ଓ ଅପମିଶ୍ରଣ କାରବାର। ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ ବୋଲି କଟକ ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି। ସେହିପରି ଅପମିଶ୍ରଣକାରୀଙ୍କଠାରୁ କେଉଁମାନେ ସାମଗ୍ରୀ କ୍ରୟ କରି ସାଧାରଣ ଲୋକଙ୍କୁ ବିକୁଛନ୍ତି, ସେମାନଙ୍କୁ ଠାବ କରାଯିବ ବୋଲି ଡିସିପି କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ରବିଙ୍କ ସହ ଚନ୍ଦ୍ରଙ୍କ ସଂଯୋଗ ଷଷ୍ଠ ଭାବରେ ହେତୁ ଘରୋଇ ଆଲୋଚନା କିମ୍ବା ଜମିଜମା କାରବାରକୁ ନେଇ ମତାନ୍ତର ଉପୁଜିବ। କୃତ୍ତିକା ନକ୍ଷତ୍ର ମନରେ ଅସ୍ଥିରତା ଲାଗି ରହିବା କାରଣରୁ ଅନ୍ୟମାନଙ୍କ କଥାଗୁଡ଼ିକ ଠିକ୍ ଥିଲେ ମଧ୍ୟ ଆପଣଙ୍କୁ ଭଲ ଲାଗିବ ନାହିଁ। ଆନୁଷ୍ଠାନିକ କାମ,ସଭାସମିତି ଓ ସଂଗଠନ କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି।

**ବୃଷ** ସକାଳୁ ସକାଳୁ ପୂର୍ବ ସ୍ଥିରୀକୃତ କାମ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। କୌଣସି ବନ୍ଧୁ କିମ୍ବା ଗୁରୁଜନଙ୍କ ଅନୁପସ୍ଥିତି ମନରେ ଗଭୀର ଆଘାତ ଆଣିଦେଇପାରେ। ଘର ସକାଶେ,ଜମିଜମା କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ କିଛି ଅର୍ଥ ବ୍ୟୟ କରିବାକୁ ବାଧ ହେବେ। ଦ୍ୱିଜା ନକ୍ଷତ୍ର କ୍ରୀଡ଼ା,କଳା, ପ୍ରତିଯୋଗିତା କିମ୍ବା ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା କାରଣରୁ ଖୁସୀ ରହିପାରନ୍ତି।

**ମିଥୁନ** ଚତୁର୍ଥସ୍ଥ ଚନ୍ଦ୍ର ହେତୁ ପରିବାରରେ ବନ୍ଧୁମିଳନ, ଆନୁଷ୍ଠାନିକ କାମରେ ଜନ ସମର୍ଥନ ପାଇବା ସହ ପାରିବାରିକ ଜୀବନ ମଧ୍ୟ ସୁଖପ୍ରଦ ରହିବ। ଅଫିସରେ କିଛି କଡ଼ା ଭାଷା ପ୍ରୟୋଗ କଲେ ବ୍ୟକ୍ତିଗତ ଜୀବନ ପାଇଁ ଶତ୍ରୁତା ଅର୍ଜନ କରିବେ। ପୂର୍ବରୁ ପ୍ରତିଶ୍ରୁତି ଦେଇଥିବା ମିତ୍ରମାନେ ମଧ୍ୟ ନିଜର ମତ ହଠାତ୍ ବଦଳାଇ ଅସହଯୋଗ କରିବାର ସୂଚନା ରହିଛି।

**କର୍କଟ** ଚନ୍ଦ୍ରଙ୍କ ଭାଗ୍ୟସ୍ଥାନକୁ ଦୃଷ୍ଟିଜନିତ ପ୍ରତ୍ୟେକ କ୍ଷେତ୍ରରେ ସଂଘର୍ଷପୂର୍ଣ୍ଣ ସ୍ଥିତି ଲାଗି ରହିଲେ ମଧ୍ୟ ଆପଣ କଦାପି ପଛକୁ ଫେରିବେ ନାହିଁ। ଦୀର୍ଘଦିନରୁ ଅପେକ୍ଷା କରିଥିବା ଖବରଟି ଆଜି ପାଇ ସାମୟିକ ଖୁସୀ ହେବେ। ଶିଳ୍ପ,ସାମ୍ବାଦିକତା, ପରିବହନ, ବାଣିଜ୍ୟ ଓ ବ୍ୟବସାୟରେ ଲାଭ ଆଶାନୁରୂପ ପାଇପାରିବେ।

**ସିଂହ** ରବି ଜନିତ ଶାରୀରିକ ଦୁର୍ବଳତା ଅନୁଭବ କଲେ ମଧ୍ୟ ମଙ୍ଗଳ ପ୍ରଭାବରୁ ଦୃଢ଼ ମନୋବଳ କାର୍ଯ୍ୟହାସଲରେ ସହାୟକ ହେବ। ବନ୍ଧୁଙ୍କ ପରାମର୍ଶରେ ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିବେ। କର୍ମକ୍ଷେତ୍ରରେ ଅପରାହ୍ନ ସମୟରେ କାରଣ ନ ଥାଇ ମଧ୍ୟ ସମାଲୋଚିତ ହୋଇପାରନ୍ତି।

**କନ୍ୟା** ପାରିବାରିକ ଜୀବନରେ ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ ଆଜିର କାମ ସକାଶେ ତାହାର କୌଣସି କୁପ୍ରଭାବ ପଡ଼ିବ ନାହିଁ। ରାହୁଙ୍କ କୁପ୍ରଭାବରୁ ଭ୍ରାତୃବର୍ଗରେ କିମ୍ବା ସହକର୍ମୀଙ୍କ ସହ ଭୁଲ୍ ବୁଝାମଣାଜନିତ ମନାନ୍ତର ଘଟିପାରେ। ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବାରେ ପଡୋଶୀ ମୁଖ୍ୟ ଭୂମିକା ଗ୍ରହଣ କରିପାରନ୍ତି।

**ତୁଳା** ରାଶିରେ ତିନୋଟିଗ୍ରହ ଏବଂ ଦ୍ୱାଦଶ ଚନ୍ଦ୍ର ମନ ରାଜ୍ୟରେ ଗଭୀର ଆଲୋଡ଼ନ ସୃଷ୍ଟି କରିବ। ଭାବପ୍ରବଣତାର ବଶବର୍ତ୍ତୀ ହୋଇ ବିଭିନ୍ନ ଦୁର୍ଭାବନା ମନରେ ବସା ବାନ୍ଧିପାରେ। ଆପଣ କାହାର ମିଠା କଥାରେ ଭାସି ଯାଆନ୍ତୁ ନାହିଁ, ଯାହାକି ସମସ୍ୟାର ହେତୁସ୍ୱରୂପ ହୋଇପାରେ। ପରିବାରରେ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହୋଇପାରନ୍ତି।

**ବିଛା** ଆପଣ ଯେଉଁ କାମରେ ହାତ ଦେଇଛନ୍ତି ସେଥିରେ କୃତକାର୍ଯ୍ୟ ଅବଶ୍ୟ ହେବେ କିନ୍ତୁ ତରବରିଆ ପଦକ୍ଷେପ ନେଲେ ଓଲଟା ହେବ। ଲେଖାପଢ଼ାରୁ, କଳା, ସାହିତ୍ୟ ଓ ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇବେ। କର୍ମକ୍ଷେତ୍ରର ଯେଉଁ ବିବାଦୀୟ ଘଟଣା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବେ।

**ଧନୁ** ପାପଗ୍ରହ ରାଶିରେ ଥିବାରୁ କର୍ମକ୍ଷେତ୍ରରେ ସାଧାରଣ କଥାରେ ଅନ୍ୟମାନଙ୍କ ଉପରେ ଅଯଥା ବିରକ୍ତି ପ୍ରକାଶ କରିବା ଠିକ୍ ହେବନାହିଁ। ପାରିବାରିକ ସମସ୍ୟାକୁ ସୁଧାରି ନେବାରେ ବନ୍ଧୁମାନେ ସାହାଯ୍ୟ କରିବେ। ଶିଳ୍ପ,ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବ। ପରିବାରରେ ଅଯଥା ଅଶାନ୍ତି ବାତାବରଣ ସୃଷ୍ଟି ହେବାର ସମ୍ଭାବନା ରହିଛି ।

**ମକର** ରାଶିରେ କେତୁ ଏବଂ ଚନ୍ଦ୍ର ସହ ରବିଙ୍କ ସ୍ଥିତି କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହେବା ସହ ଟେନ୍‌ସନ ଲାଗି ରହିବ। ସାମାଜିକ ସ୍ତରରେ ଉଚ୍ଚ ବର୍ଗର ବ୍ୟକ୍ତି ବିଶେଷଙ୍କ ଠାରୁ ଗଠନମୂଳକ ପରାମର୍ଶ ପାଇ ଖୁସି ରହିବେ। ଦୀର୍ଘଦିନର ବନ୍ଧୁତାରେ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବାର ସୂଚନା ରହିଛି। ସାଧାରଣକଥାକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ।

**କୁମ୍ଭ** କର୍ମକ୍ଷେତ୍ରରେ ଲାଗି ରହିଥିବା ସମସ୍ୟା ଓ ପରିବାରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ବନ୍ଧୁଙ୍କ ଉପରେ ବୃଥା ସନ୍ଦେହ କରନ୍ତୁ ନାହିଁ, ଯାହାଦ୍ୱାରା ଲାଭ ବଦଳରେ କ୍ଷତି ହିଁ ହେବ। ଜମିଜମା, ପରିବହନରେ ସମସ୍ୟା କ୍ରମଶଃ ଜଟିଳ ହେବ। ଚିନ୍ତା କରିଥିବା ଯୋଜନା ବିଗିଡି ଯିବାରୁ ମନ ଭଲ ରହିବ ନାହିଁ।

**ମୀନ** ଚନ୍ଦ୍ରଙ୍କ ଶୁଭଦୃଷ୍ଟିରୁ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ରହିଲେ ମଧ୍ୟ କୌଣସି ଅସୁବିଧା ହେବନାହିଁ। ଯାହା ଚିନ୍ତା କରୁଛନ୍ତି ସେହି ସମ୍ବନ୍ଧୀୟ ଆଶଙ୍କାରେ ବିବ୍ରତ ହୁଅନ୍ତୁ ନାହିଁ। ତଥାପି ପୂର୍ବଭାଦ୍ରପଦ୍ ନକ୍ଷତ୍ର ବନ୍ଧୁମାନଙ୍କ ଗହଣରେ ସାଧାରଣ କଥାରେ ଆପଣ ଅପ୍ରିୟ ସତ୍ୟ ପ୍ରକାଶ କରି ବିବାଦୀୟ ହୋଇପାରନ୍ତି। ସଭାସମିତିରେ ସମ୍ମାନ ଲାଭ କରିବେ।

ଆଜି ମହାଳୟା ଶ୍ରାଦ୍ଧ, ଦିବା ଘ୧୧।୨୪ମି. ପର୍ଯ୍ୟନ୍ତ ଚତୁର୍ଦ୍ଦଶୀ ତିଥି, ପିତୃପକ୍ଷ ସମାପ୍ତି, ଫୁଲେରୀ ଓଷା, ବଜ୍ରକାଳିକା ପୂଜା, ଅକ୍ଟୋବର ୮ ତାରିଖ, ଭାରତୀୟ ବାୟୁସେନା ଦିବସ, ରାଶି ନକ୍ଷତ୍ର–ଉତ୍ତରାଫାଲଗୁନୀ/କନ୍ୟା, ଦିବା ଘ୨।୦୦ମି. ଗତେ ହସ୍ତାନକ୍ଷତ୍ର, ବୃଷ ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ସକାଳ ଘ୭।୧୧ମି. ମଧ୍ୟେ ଘ୧।୦୦ମି. ଗତେ, ଘ୨।୨୮ମି. ମଧ୍ୟେ ଘ୩।୫୭ମି. ଗତେ, ଘ୫।୨୪ମି. ମଧ୍ୟେ ଅମୃତ ବେଳା। ଦିବା ଘ୮।୩୯ମି. ଗତେ ଘ୧୦।୦୭ମି. ମଧ୍ୟେ ମାହେନ୍ଦ୍ରବେଳା । ସକାଳ ଘ୭।୧୧ମି. ଗତେ ଘ୮।୩୯ମି. ମଧ୍ୟେ ରାହୁକାଳ।


**Classified**

**real estate**

**SALE**

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 7008390130. D-64337

ଭୁବନେଶ୍ୱର ପିତାପଲି NH-5 ଠାରୁ 100' ଦୂରତାରେ BDA yellowzone ପ୍ଲଟ ମିଳୁଅଛି। 8338932027. D-64324

Morningsun Residency simplex near Hanspal- 28,00,000/- (Handover within 1month) 8908015464, 9853347909. D-64331

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617.** D-8797

1800 sqft. gharabari residential yellowzone plot having 30' road near Patia, Big Bazar, Bhubaneswar Rs. 44,00,000/-. Contact: 9078151122. D-65102

Book 3BHK duplex house at Talabania, Pokhariput, Bhubaneswar. Having land area 1260 sqft. and 1900 construction area, price- 77 lakh, Bank finance available. 7504392698. D-65103

2BHK (1458 sqft.) ready to move semi furnished flat for sale near Lingaraj Temple, Electry Office, Old Town. Mob No.: 7008941861, 7894221170. D-62129

ଭୁବନେଶ୍ୱର ରଙ୍ଗବଜାର ପାଖରୁ 4 km. ଦୂରତ୍ୱରେ Gayatri College ନିକଟରେ 30' road ଥାଇ Demarcated gharabari plot ପଟ୍ଟାସହିତ 390/-ରେ ବିକ୍ରି ହେଉଅଛି। 9437114429, 9938214443. D-64342

Premium 3BHK Vaastu based North/ South facing duplex at Benupur, near Hanspal Chhaka, Bhubaneswar. 9040106942, 9777617166. D-8776

Litigation free plots near Xavier University backside BDA Zone, Bhubaneswar. Sqft.- 250/-, 160/-. 9337259012, 9937746907. D-64343

**healthcare**

All type of massage and good therapy full body massage Sai herbal spa. 7609005923. D-64205

Opening newly ayurvedic full body massage ladies, gents. 7438851534, 7609923705. D-38536

**AFFIDAVIT**

By an affidavit before Notary, Balangir I Abhishek Mishra, R/o,P/o,Dist.- Balangir declare that in Aadhar Card bearing No.- 605532776813 my name has been mentioned as Abhishek Mishra but in Provisional Certificate bearing Roll No.- 1500136z141 my name has been mentioned as Abhisekh Mishra. That both names is one and same person. Henceforth I shall be known as Abhishek Mishra for all purposes. D-8812

**ଦଶମତମ ଜନ୍ମଦିନ ଶୁଭେଚ୍ଛା**



(ଗୁଡୁ)
**ପ୍ରିତୀ ପ୍ରିୟଙ୍କା ସାହୁ**
**ଟାଙ୍ଗୀ– କୋଟସାହି, କଟକ**

ଆଜି ତୋର ୧୦ତମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ତୁ ଦୀର୍ଘାୟୁ, ବିଦ୍ୱାନ ଓ ଯଶସ୍ୱୀ ହେବା ସହିତ ତୋର ଚଲାପଥ କୁସୁମିତ ହେଉ। ଆମ୍ଭେ ଏତିକି ପ୍ରାର୍ଥନା କରୁଛୁ। ଶୁଭେଚ୍ଛା ସହ: ଅଜା, ଆଈ, ମାମୁ, ମାଇଁ, ବଡବାପା, ବଡବୋଉ, ମଉସା, ମାଉସୀ, ଭାଇ, ଦିଦି, ଆହିଲ ଓ ବାପା– ଅମୂଲ୍ୟ ଓ ମା– ପଦ୍ମିନୀ। ଧ–୮୮୦୦

**Birthday Wish**



**Madhusmita Sahoo**
W/o- Sachidananda Maikep
Naugan, Jagasinghpur
I wish that for every extra candel on your cake, you receive an exra reason to Smile "Happy Birthday". Best Wishes from: Family & Relatives. D-8811

**Birthday Wish**



**(Mona)**
**Saumyashree Satpathy**
D/o- Rashmita & Sudhansu
Laxmivihar, Sainika School,
Bhubaneswar- 751005
May Lord Jagannath bless you on your 11th "Happy Birthday"
ଶୁଭେଚ୍ଛା ସହ: ଅଜା, ଆଈ, କେକେବାପା, କେକେମା ଓ ପରିବାରବର୍ଗ। ଧ–୬୧୫୦୧

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
**ପଞ୍ଚମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ**



**ସ୍ୱର୍ଗତ ଡା. ରମେଶ ଚନ୍ଦ୍ର ମିଶ୍ର**
(ଅସ୍ଥିଶଲ୍ୟ ବିଭାଗ)
ଆବିର୍ଭାବ: ୦୫।୦୮।୧୯୫୫
ତିରୋଧାନ: ୦୮।୧୦।୨୦୧୩
ଗ୍ରାମ– ଗିରିଆ, ରାଜକନିକା ନିବାସୀ
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ପତ୍ନୀ– ସୁନନ୍ଦା ପଣ୍ଡା, ପୁତ୍ର– ରୁକୁ, ପୁତ୍ରବଧୂ– ଶତରୂପା (ମୁନି), କନ୍ୟା– ରୁଚି। ଧ–୮୮୧୩



"କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।
- ଭଗବାନ ଶ୍ରୀକୃଷ୍ଣ








## ■ ଜୀ ସାର୍ଥକର ନୂଆ ମେଗା ଧାରାବାହିକ

# 'ରହିଛି ରହିବି ତୋ'ରି ପାଇଁ'

**ଭୁବନେଶ୍ୱର, ୭।୧୦(ବ୍ୟୁରୋ)**

**ଆଜିଠୁ ପ୍ରସାରଣ**

ମନୋରଞ୍ଜନର ଜୟଯାତ୍ରାକୁ ଆଗକୁ ବଢ଼ାଇ ଓଡ଼ିଶାର ଅଗ୍ରଣୀ ଟିଭି ଚ୍ୟାନେଲ୍ 'ଜୀ ସାର୍ଥକ' ନେଇ ଆସିଛି ନୂଆ ମେଗା ଧାରାବାହିକ 'ରହିଛି ରହିବି ତୋ'ରି ପାଇଁ'। ଅକ୍ଟୋବର ୮ରୁ ପ୍ରତି ସପ୍ତାହରେ ଏହା ସୋମବାରଠାରୁ ଶନିବାର ରାତି ୮ଟାରେ ପ୍ରସାରିତ ହେବ। ଓଡ଼ିଆ ପରିବାରର ପୂଜ୍ୟ ଆରାଧ୍ୟ ହେଉଛନ୍ତି ଶ୍ରୀଜଗନ୍ନାଥ, ଯାହାଙ୍କ କରୁଣା ଅନନ୍ୟ। 'ରହିଛି ରହିବି ତୋ'ରି ପାଇଁ'ର କାହାଣୀ ହେଉଛି ଜ୍ୟୋତି ନାମ୍ନୀ ଏକ ଚରିତ୍ର ଉପରେ ପର୍ଯ୍ୟବସିତ, ଯିଏକି ପ୍ରଭୁ ଜଗନ୍ନାଥଙ୍କ ଉପରେ ଅସୀମ ଭରସା ରଖିଛନ୍ତି। ସମୟଚକ୍ରରେ ଜ୍ୟୋତିଙ୍କୁ କିପରି ଅଗ୍ନିପରୀକ୍ଷା ଦେବାକୁ ହୁଏ ଏବଂ ପ୍ରଭୁ ଜଗନ୍ନାଥଙ୍କ ପ୍ରତି ଥିବା ତାଙ୍କ ଭକ୍ତି କିପରି ତାଙ୍କୁ ରାସ୍ତା ଦେଖାଏ, ତାହା ହେଉଛି ଧାରାବାହିକର ମୂଳକଥା। ସତ୍ୟ, ଧର୍ମ, ନ୍ୟାୟ, କର୍ତ୍ତବ୍ୟ ଓ ଭକ୍ତିର ଏ ନିଆରା କାହାଣୀରେ ଦର୍ଶକମାନେ ସାଉଁଟିବେ ଓଡ଼ିଆ ମୌଳିକତାର ଛବି। ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି ମନୋଜ ପଣ୍ଡା, ଦେବୁ ପଟ୍ଟନାୟକ, ସୋଫିଆ ଆଲମ୍, ପ୍ରିୟଙ୍କା ମହାପାତ୍ର, ଚନ୍ଦନ ମହାନ୍ତି, ସୁନନ୍ଦା, ସବିତା, ସାପ୍ଲିନ୍, ସନ୍ତୋଷ, ଇତିଶ୍ରୀ ଓ ସାଇରାଜ। ବିଶିଷ୍ଟ ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା ପ୍ରଯୋଜନା ଦାୟିତ୍ୱ ତୁଲାଇଥିବା ବେଳେ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ପ୍ରସିଦ୍ଧ ନିର୍ଦ୍ଦେଶକ ହରିଶ୍ ମହାନ୍ତି।

କାହାଣୀ ଓ ଚିରିତ୍ରସମୂହ ଦର୍ଶକମାନଙ୍କ ଦ୍ୱାରା ଆଦୃତ ହେବ ଏବଂ ଏହା ଜୀ ସାର୍ଥକର ମନୋରଞ୍ଜନର ଧାରାକୁ ତ୍ୱରାନ୍ୱିତ କରିବ ବୋଲି ଚ୍ୟାନେଲ୍ କର୍ତ୍ତୃପକ୍ଷ ଆଶା ପ୍ରକାଶ କରିଛନ୍ତି।

## ■ ମନ୍ତ୍ରୀଙ୍କ ଘରେ ଭଙ୍ଗାରୁଜା ଘଟଣା

# ୫ ପୋଲିସ କର୍ମଚାରୀ ନିଲମ୍ବିତ

**ପୁରୀ ଅଫିସ, ୭।୧୦**

ପୁରୀ ହିଂସାରେ କ୍ଷତାକ୍ତ ହେଲେ ପତିତପାବନ। ସିଂହଦ୍ୱାର ସିଂହର ନାକ ଫାଟିଲା। ଏପରିକି ପୋଲିସ କର୍ମଚାରୀ ଜୋତା ପିନ୍ଧି ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିଥିବା ଅଭିଯୋଗ ଆସିଲା। ଜଗତର ନାଥ କାଳିଆ ଠାକୁରଙ୍କୁ ଅସମ୍ମାନ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଏ ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାବେଳେ ରାଜସ୍ୱ ମନ୍ତ୍ରୀଙ୍କ ଘରେ ଭଙ୍ଗାରୁଜା ଘଟଣାକୁ ଗୁରୁତର ସହ ନେଇଛି ପୋଲିସ। ଘଟଣା ଦିନ ମନ୍ତ୍ରୀଙ୍କ ବାସଭବନରେ ଡ୍ୟୁଟିରେ ଥିବା ହାବିଲଦାର ବିଶ୍ୱନାଥ ମିଶ୍ର, କନ୍‌ଷ୍ଟେବଲ ସତ୍ୟବାନ ସ୍ୱାଇଁ, ନାଗାର୍ଜୁନ ପରିଡ଼ା, ସୁମନ ଗୋଛାୟତ ଓ ପପିନା ବେହେରାଙ୍କୁ ଏସ୍‌ପି କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ସିସିଟିଭି ଫୁଟେଜକୁ ଆଧାର କରି ଏମାନେ କାର୍ଯ୍ୟରେ ଅବହେଳା କରିଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା କୁହାଯାଇଛି। ଘଟଣା ଦିନ ଆନ୍ଦୋଳନକାରୀ ବଡ଼ଦାଣ୍ଡରୁ ଯାଇ ମନ୍ତ୍ରୀଙ୍କ ବାସଭବନ ନିକଟରେ ପହଞ୍ଚି ଭଙ୍ଗାରୁଜା କରିଥିଲେ। ଏହି ଘଟଣାକୁ ନେଇ ବିଜେଡି ଓ ଭାଜପା ମଧ୍ୟରେ ଆରୋପ ପ୍ରତ୍ୟାରୋପ ଚାଲିଛି।


## Declaration

Shri Naresh Singhania aged 70 years S/o Late Shri Birdichand Singhania residing at Geeta Nagar, Raipur (C.G.) and Shri Arun Singhania aged 62 years S/o Late Shri Birdichand Singhania joint owner of Sky Automobiles an authorized Dealership of Maruti Suzuki residing at Geeta Nagar, Raipur, (C.G.) hereby solemnly declare and affirm that :-

1) The families of Mr. Naresh Singhania and Mr. Arun Singhania are totally separate personally and professionally and have independent residences.
2) There is no business relationship of whatsoever nature between Mr. Arun Singhania and Mr. Naresh Singhania.

**Naresh Singhania** **Arun Singhania**





L&K | SAATCHI & SAATCHI





# ୧୧ ଡିସେମ୍ବର

ନିର୍ଦ୍ଧାରିତ ସମୟ ପୂର୍ବରୁ ସାଧାରଣ ନିର୍ବାଚନ ହେବା ନେଇ ଗତ କିଛି ମାସ ଧରି ଆଲୋଚନା ଚାଲିଥିଲା। କୁହାଯାଉଥିଲା ୨୦୧୮ ଶେଷ ଆଡ଼କୁ ୫ ରାଜ୍ୟର ବିଧାନସଭା ନିର୍ବାଚନ ସହ ଲୋକ ସଭା ନିର୍ବାଚନ ହୋଇପାରେ। କିନ୍ତୁ ୨୦୧୮ ଅକ୍ଟୋବର ୬ରେ ନିର୍ବାଚନ କମିଶନ (ଇସି) ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ, ତେଲେଙ୍ଗାନା ଏବଂ ମିଜୋରାମ ବିଧାନସଭା ନିର୍ବାଚନ ସକାଶେ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି। ନଭେମ୍ବର ୧୨ରୁ ଡିସେମ୍ବର ୭ ମଧ୍ୟରେ ଏସବୁ ରାଜ୍ୟରେ ମତଦାନ ପ୍ରକ୍ରିୟା ଶେଷ ହେବ ଏବଂ ଡିସେମ୍ବର ୧୧ରେ ଭୋଟ ଗଣତି କରାଯିବ। ୫ ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳ ୨୦୧୯ ସାଧାରଣ ନିର୍ବାଚନ ପାଇଁ ସେମି ଫାଇନାଲ ସଦୃଶ ହେବ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଲେଣି। ତେବେ ନିର୍ବାଚନ ତାରିଖ ଘୋଷଣା ଲାଗି ଇସିଙ୍କ ଖବରଦାତା ସମ୍ମିଳନୀ ୩ ଘଣ୍ଟା ବିଳମ୍ବରେ ହୋଇଥିବାରୁ ଏହା ପଛରେ ଭାଜପାର ହାତ ରହିଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ଅଜମୈରଠାରେ ଏକ ରାଲିରେ ଯୋଗ ଦେଇ ଭୋଟରଙ୍କୁ ପ୍ରଲୋଭିତ କରିଥିବା ବିରୋଧୀ କହୁଛନ୍ତି। ଉଲ୍ଲେଖଯୋଗ୍ୟ, ସେଠାରେ ରାଜ୍ୟର ୧୨ ଲକ୍ଷ କୃଷକଙ୍କୁ ବିନାମୂଲ୍ୟରେ ବିଦ୍ୟୁତ୍‌ଶକ୍ତି ଯୋଗାଇ ଦିଆଯିବ ବୋଲି ଘୋଷଣା କରାଯାଇଥିଲା।

ଇତିମଧ୍ୟରେ ଏବିପି ସି-ଭୋଟର ପକ୍ଷରୁ କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ ଭାଜପା ଶାସିତ ମଧ୍ୟପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନରେ ସରକାର ବିରୋଧୀ ପବନ ବହିବା ଯୋଗୁ ପରିବର୍ତ୍ତନର ସଙ୍କେତ ମିଳିଲାଣି। ସେହିସବୁ ରାଜ୍ୟରେ କଂଗ୍ରେସ ବାଜିମାରି ନେବ ବୋଲି ଏହି ଓପିନିଅନ୍ ପୋଲ୍‌ରେ କୁହାଯାଇଛି। ଏମିତି ଦେଖିଲେ ମଧ୍ୟପ୍ରଦେଶରେ ଶିବରାଜ ସିଂ ଚୌହାନ ସରକାରଙ୍କ ବିରୋଧରେ ଲୋକେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ବିଶେଷକରି ଚାଷୀମାନେ ଅତିଷ୍ଠ ହୋଇପଡ଼ିଛନ୍ତି। କ୍ରମାଗତ ୩ ଥର ମୁଖ୍ୟମନ୍ତ୍ରୀ ରହିଆସିଥିବା ଶିବରାଜଙ୍କ ପାଇଁ ଦୀର୍ଘ ଶାସନ କାଳ ହେବ ବୋଲି କୁହାଯାଉଛି। ସେଠାରେ କଂଗ୍ରେସର ଚେହେରା ଭାବେ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ଲୋକପ୍ରିୟତା ଥିବା ବେଳେ ପିସିସି ସଭାପତି କମଳନାଥଙ୍କ ଦୀର୍ଘ ବର୍ଷର ରାଜନୈତିକ ଅନୁଭବ ଭାଜପାକୁ ଝଟକା ଦେଇପାରେ। ସେହିପରି ରାଜସ୍ଥାନରେ ଯୁବନେତା ସଚିନ ପାଇଲଟଙ୍କ ନେତୃତ୍ୱ ଏବଂ ପୁରୁଖା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍‌ଙ୍କ ଗୋଟିଚାଳନା କଂଗ୍ରେସକୁ କ୍ଷମତାକୁ ଆଣିପାରେ ବୋଲି କୁହାଯାଉଛି। ଛତିଶଗଡ଼ରେ ରମଣ ସିଂ ୩ ଥର ମୁଖ୍ୟମନ୍ତ୍ରୀ ରହି ସାରିଲେଣି। ଯଦିଓ ତାଙ୍କ ସମକକ୍ଷ ଚେହେରା ବର୍ତ୍ତମାନ ପାଇଁ କେହି ଉଭା ହୋଇଥିବା ଭଳି ଦେଖାଯାଉ ନାହାନ୍ତି, ତଥାପି ସରକାର ବିରୋଧୀ ମତ ଯୋଗୁ ସେ ଗାଦି ହରାଇପାରନ୍ତି ବୋଲି ଆଲୋଚନା ହେଉଛି। ମିଜୋରାମ କଥା ଦେଖିଲେ କଂଗ୍ରେସ ସେଠାରେ ଶାସନ କରୁଛି। ମିଜୋ ନ୍ୟାଶନାଲ ଫ୍ରଣ୍ଟ (ଏମ୍‌ଏନ୍‌ଏଫ୍) ଲାଲଥାନ୍‌ୱାଲାଙ୍କ ସରକାର ପ୍ରତି ବିପଦ ହେବ ବୋଲି କୁହାଯାଉଛି। ଉପରଲିଖିତ ୪ ରାଜ୍ୟର ନିର୍ବାଚନ ନିର୍ଦ୍ଧାରିତ ସମୟରେ ହେବାକୁ ଯାଉଥିବା ବେଳେ ତେଲେଙ୍ଗାନାର କାମଚଳା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ଯଥେଷ୍ଟ ପୂର୍ବରୁ ବିଧାନସଭା ଭଙ୍ଗ କରି ଦେଇଛନ୍ତି। ସାଧାରଣ ନିର୍ବାଚନ ସହ ରାଜ୍ୟର ଏକସଙ୍ଗେ ଭୋଟ ହେଲେ ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ଆସନ ହରାଇପାରେ ବୋଲି ଆଶଙ୍କା କରି ଏଭଳି କରିଥିବା ସେତେବେଳେ ଆଲୋଚନା ହୋଇଥିଲା। ୨୦୧୪ରେ ନୂଆ ରାଜ୍ୟର ମାନ୍ୟତା ପାଇଥିଲା ତେଲେଙ୍ଗାନା। କେସିଆର୍ ମୁଖ୍ୟମନ୍ତ୍ରୀ ହେବା ପରେ ତାଙ୍କ ସମ୍ପର୍କୀୟମାନଙ୍କୁ ମନ୍ତ୍ରୀ, ବିଧାୟକ, ସାଂସଦ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ପଦରେ ବସାଇଥିବାରୁ ତାଙ୍କ ନାମରେ ପ୍ରିୟାପ୍ରୀତି ତୋଷଣ ଅଭିଯୋଗ ରହିଛି। ଏହାସତ୍ତ୍ୱେ ସେଠାରେ ଭାଜପା ଓ କଂଗ୍ରେସର ସ୍ଥିତି ଭଲ ନ ଥିବାରୁ ଏବେଠାରୁ ଆକଳନ କରିବା କଷ୍ଟକର।

ଦେଖିବାକୁ ଗଲେ କର୍ନାଟକ ନିର୍ବାଚନ ସମୟରୁ ଭାଜପାର ବିଜୟରଥ ଉପରେ ରୋକେ ଲାଗିଗଲାଣି। ଏଥିସହିତ ରାଜସ୍ଥାନ ଓ ଉତ୍ତରପ୍ରଦେଶରେ ହୋଇଥିବା ବିଭିନ୍ନ ଉପନିର୍ବାଚନରେ ଭାଜପାର ପରାଜୟ ସ୍ପଷ୍ଟ ସଙ୍କେତ ଦେଇସାରିଛି। ନିର୍ବାଚନ ହେବାକୁ ଥିବା ମିଜୋରାମ ବ୍ୟତୀତ ଅନ୍ୟ ୪ ରାଜ୍ୟ ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ ଓ ତେଲେଙ୍ଗାନା ଭାରତର କେନ୍ଦ୍ରାଞ୍ଚଳରେ ଅବସ୍ଥିତ। ତେଲେଙ୍ଗାନକୁ ଛାଡ଼ିଦେଲେ ବାକି ୩ଟି ହେଉଛି ଗୁରୁତ୍ୱପୂର୍ଣ୍ଣ ହିନ୍ଦୀ ଭାଷାଭାଷୀ ରାଜ୍ୟ। ଏହାବ୍ୟତୀତ ମିଜୋରାମକୁ ଉତ୍ତର ପୂର୍ବାଞ୍ଚଳର ଏକ ଦୃଷ୍ଟାନ୍ତ ଭାବେ ଦେଖାଯାଇପାରେ। ତେଣୁ ଏହିସବୁ ନିର୍ବାଚନର ଫଳାଫଳ ୧୧ ଡିସେମ୍ବର ୨୦୧୮ରେ ପ୍ରକାଶ ପାଇବା ପରେ ତାହାର ପ୍ରଭାବ ୨୦୧୯ ପାର୍ଲାମେଣ୍ଟ ନିର୍ବାଚନ ଉପରେ ପଡ଼ିବାର ଯଥେଷ୍ଟ ସମ୍ଭାବନା ରହିଛି। ଏବେ ନିର୍ବାଚନୀ ଫଳାଫଳକୁ ଅପେକ୍ଷା।

## ଚିରନ୍ତନୀ

ମଣାଣିରୁ ନିଭି ଆସେ ଜୁଇ
ନିଭେ ଯଥା ମନୁଁ ଶୋକଭୟ
ତରଳାଇ ଶୀତର ତୁଷାର
ଆଜି ଏଥି ରଚ ଅଭିସାର
କିଏ ତୁମେ ଚିର ନିର୍ଦ୍ଦୟ
ବୁହାଇଲ ମନ୍ଦ ମଳୟ !
(ପୌଷ-ମଳୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 3 | | 9 | | | | | E | C | 8 | | 6 | | |
| 4 | 6 | B | | | | D | 7 | | | | | | | |
| | 0 | | 3 | | | | 8 | | 6 | | | A | | 9 |
| | 8 | | | 6 | | 3 | | 2 | | | 4 | | | B |
| 2 | | E | | | | | | | 0 | | | | 1 | |
| 8 | 2 | C | | | A | | 0 | | | | | E | | 3 |
| E | | | | | 3 | | 1 | | 2 | 5 | | | 9 | |
| | 7 | | | 8 | 0 | | | | | | | | | 5 |
| | | | 5 | | | | | D | | | | | 7 | C |
| | | 9 | 2 | E | B | A | | 7 | | | C | | 0 | |
| | B | | 8 | | | | 6 | | | | 7 | 0 | | |
| | | 3 | C | | | | | | | | | | | |
| A | | | | | 1 | E | | 0 | | | 3 | | | 4 |
| 1 | | | | 7 | | | | | | D | | | A | |
| 6 | E | | | D | | C | 3 | 9 | 5 | | | | 8 | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | C | 5 | 7 | E | 6 | B | 0 | 4 | 8 | 2 | A | 3 | 1 | D |
| 7 | 1 | E | 5 | B | D | A | C | 6 | 9 | 0 | 3 | 4 | 8 | 2 |
| 2 | D | 4 | 0 | 8 | C | 9 | 3 | 5 | 6 | 7 | 1 | B | E | A |
| A | 6 | B | 3 | 1 | 2 | 8 | 7 | E | D | C | 4 | 5 | 0 | 9 |
| 3 | 0 | 8 | 4 | A | 9 | D | 2 | 1 | B | E | 5 | 7 | 6 | C |
| C | B | 6 | A | D | 5 | 1 | 4 | 9 | E | 8 | 2 | 0 | 7 | 3 |
| 0 | 7 | A | 2 | 3 | 8 | 5 | D | B | 1 | 6 | C | 9 | 4 | E |
| 1 | E | 9 | C | 0 | 4 | 6 | A | 7 | 3 | 5 | D | 2 | B | 8 |
| 4 | 5 | 2 | E | 6 | B | C | 8 | 3 | 7 | 9 | 0 | D | A | 1 |
| 8 | 3 | D | 1 | 9 | 7 | 2 | E | 0 | 4 | A | B | 6 | C | 5 |
| E | 4 | C | D | 5 | 1 | 3 | 6 | 8 | 2 | B | 7 | A | 9 | 0 |
| D | A | 0 | B | 7 | E | 4 | 1 | 2 | C | 3 | 9 | 8 | 5 | 6 |
| 6 | 2 | 7 | 8 | 4 | A | 0 | 9 | D | 5 | 1 | E | C | 3 | B |
| B | 9 | 3 | 6 | 2 | 0 | E | 5 | C | A | 4 | 8 | 1 | D | 7 |
| 5 | 8 | 1 | 9 | C | 3 | 7 | B | A | 0 | D | 6 | E | 2 | 4 |

ଗତକାଲିର ଉତ୍ତର

# ସ୍ୱାସ୍ଥ୍ୟ ବୀମାର ଭିତିରି କଥା



ସବ୍ୟସାଚୀ ଅମିତାଭ

ସରକାରଙ୍କୁ ଘାରିଛି ଗରିବ ଲୋକଙ୍କ ଚିକିତ୍ସା ଚିନ୍ତା। ଟଙ୍କା ପାଇଁ ଯେପରି ଗରିବ ଲୋକଙ୍କ ଚିକିତ୍ସା ନ ଅଟକିଯାଏ, ସେଥିପାଇଁ ଗତ ଅଗଷ୍ଟ ୧୫ ତାରିଖରୁ ସାରା ରାଜ୍ୟରେ ଲାଗୁ ହୋଇଛି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା। ରାଜ୍ୟ ସରକାରଙ୍କ ବହୁଚର୍ଚ୍ଚିତ ଏହି ସ୍କିମ୍‌ରେ ଗୋଟିଏ ପରିବାରକୁ ବାର୍ଷିକ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ଓ ମହିଳାଙ୍କ ପାଇଁ ଅତିରିକ୍ତ ୨ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ମିଳିବ। ମୋଟାମୋଟି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟର ୭୧ ଲକ୍ଷ ପରିବାର ଅର୍ଥାତ୍ ସାଢ଼େ ତିନି କୋଟି ଲୋକଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷା ମିଳିପାରିବ ବୋଲି ସରକାର ଦର୍ଶାଉଛନ୍ତି। ଏହାଛଡ଼ା ଆଉ ଗୋଟିଏ ବଡ଼ ଦିଗ ହେଲା- କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନାକୁ ପ୍ରତ୍ୟାଖ୍ୟାନ କରି ଓଡ଼ିଶା ସରକାର ନିଜସ୍ୱ ପାଣ୍ଠିରେ ଏହି ସ୍କିମ୍ ପ୍ରଚଳନ କରିଛନ୍ତି। ତେବେ ଏହି ସ୍କିମ୍‌ର ତିନୋଟି ଦିଗ ଯାହା ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ, ତା' ଉପରେ ସବିଶେଷ ଆଲୋଚନା ହେବା ଦରକାର। ସେଗୁଡିକ ହେଉଛି- ୧. ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କିପରି ଅନ୍ୟ ସ୍ୱାସ୍ଥ୍ୟ ବୀମାଠାରୁ ଅଲଗା, ୨. ଏହା ସାଧାରଣ ଗରିବ ଲୋକଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷା ଯୋଗାଇଦେବାରେ ସଫଳ ହୋଇପାରିବ କି ନାହିଁ ଓ ୩. ଏହି ସ୍କିମ୍‌ର ସଫଳତା ପାଇଁ ପ୍ରୟୋଗାତ୍ମକ ଦିଗଗୁଡ଼ିକ କିପରି ରହିବା ଦରକାର।

କେନ୍ଦ୍ର ସରକାର ଲାଗୁ କରିବାକୁ ଯାଉଥିବା ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ ହେଉଥିବା ରାଜ୍ୟମାନଙ୍କ ପାଇଁ ତିନୋଟି ସମ୍ଭାବନା ରଖାଯାଇଛି। ସେଗୁଡିକ ହେଲା- ୧. ଥାର୍ଡ ପାର୍ଟି ବା ତୃତୀୟ ପକ୍ଷ ଆଡ୍‌ମିନିଷ୍ଟ୍ରେଶନ୍ (ଟିପିଏ), ୨. ଟ୍ରଷ୍ଟ ମଡେଲ୍ ଓ ୩. ଥାର୍ଡ ପାର୍ଟି-ଟ୍ରଷ୍ଟର ମିଳିତ ମଡେଲ୍। ଏହି ତିନୋଟି ବାଟ ଦେଇ ଆୟୁଷ୍ମାନ ଭାରତ ସ୍କିମ୍ ଚଳାଇବାକୁ ଯୋଜନା ରଖାଯାଇଛି। ତେବେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାଟି ହେଉଛି ଏକ ଟ୍ରଷ୍ଟ, ଯାହା ହିତାଧିକାରୀଙ୍କ ଡାକ୍ତରଖାନାଜନିତ ଖର୍ଚ୍ଚକୁ ଭରଣା କରିବ। ଏଥିରେ ଉପଭୋକ୍ତାମାନେ ଇନ୍‌ସ୍ୟୁରାନ୍ସ କମ୍ପାନୀମାନଙ୍କୁ କୌଣସି ପ୍ରକାର ପ୍ରିମିୟମ୍ ଦେବେ ନାହିଁ। ତେବେ ଏହି ସ୍କିମ୍‌ର ଭଲ ଦିଗଟି ହେଲା, କ୍ଲେମ୍ ସେଟ୍‌ଲମେଣ୍ଟ ଓ ପ୍ରିମିୟମ୍ ପାଉଣାକୁ ଅଲଗା କରାଯାଇଥିବାରୁ ଇନ୍‌ସ୍ୟୁରାନ୍ସ କମ୍ପାନୀମାନେ କୌଣସି ବାଟରେ ଫାଇଦା ନେବାର ସୁଯୋଗ ନାହିଁ। ଏହାଦ୍ୱାରା ଓଡ଼ିଶା ସରକାର ବି ଅତିରିକ୍ତ ବ୍ୟୟରୁ ରକ୍ଷା ପାଇବେ। ଏହାର ଦ୍ୱିତୀୟ ସକାରାତ୍ମକ ଦିଗଟି ହେଲା- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାଟି ଏକ ଟ୍ରଷ୍ଟ ହୋଇଥିବାରୁ ଥାର୍ଡ ପାର୍ଟି ଆଡ୍‌ମିନିଷ୍ଟ୍ରେଶନ (ଟିପିଏ) ତୁଳନାରେ ପ୍ରଶାସନିକ ଖର୍ଚ୍ଚ କମ୍ ହେବ। ପରୋକ୍ଷରେ କହିବାକୁ ଗଲେ, ଏହି ବ୍ୟବସ୍ଥାରେ ସରକାରଙ୍କ ପରୋକ୍ଷ ରାଜସ୍ୱ ହାନିକୁ ରୋକାଯାଇପାରିବ।

ଏହା ସତ ଯେ, ଟ୍ରଷ୍ଟ ମଡେଲରେ ସରକାରଙ୍କ ଅର୍ଥ ସଞ୍ଚିତ ହୋଇପାରିବ। ତେବେ ଏହି ସ୍କିମ୍ ପ୍ରଚଳନ କ୍ଷେତ୍ରରେ ଚିନ୍ତାଜନକ ଦିଗଗୁଡ଼ିକ ହେଲା, ଯୋଜନାର ରୂପାୟନ ପାଇଁ ଲୋକବଳ ଅଭାବ, ପ୍ରଶାସନିକ କ୍ଷେତ୍ରରେ ପାରଦର୍ଶିତାର ଅଭାବ, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଥିବା ଦୁର୍ବଳ ଭିତ୍ତିଭୂମି ତଥା ବାହ୍ୟ ଓ ଅଯଥା ରାଜନୈତିକ ହସ୍ତକ୍ଷେପ। ଏହି ଦିଗଗୁଡ଼ିକ ପ୍ରତି ବର୍ତ୍ତମାନଠାରୁ ସରକାରଙ୍କୁ ଚିନ୍ତା କରିବାକୁ ପଡ଼ିବ। ସେହିପରି ଯୋଜନାଟି କିପରି ଠିକ୍ ଭାବେ କାମ କରିପାରିବ ସେଥିପାଇଁ ସରକାରଙ୍କୁ ଟ୍ରଷ୍ଟର ରୂପରେଖକୁ ଭଲଭାବେ ନିର୍ଦ୍ଧାରଣ କରିବାକୁ ପଡ଼ିବ। ବିଶେଷଜ୍ଞମାନଙ୍କ ପରାମର୍ଶ ଆଧାରରେ ସରକାର ଯୋଜନାର ବିଭିନ୍ନ ପ୍ୟାକେଜ, ଏହାର ଦର ଓ ଘରୋଇ ହସ୍‌ପିଟାଲଗୁଡ଼ିକର ଏମ୍ପ୍ୟାନେଲମେଣ୍ଟ ପାଇଁ ମାନଦଣ୍ଡ ସ୍ଥିର କରିବା ଆବଶ୍ୟକ। ସେହିପରି ଟ୍ରଷ୍ଟ ପାଇଁ ଆଉ ଗୋଟିଏ କଠିନ କାମ ରହିବ, ପ୍ରଶାସନିକ ଢାଞ୍ଚାରେ ପାରଦର୍ଶିତା ଲାଗି ପାଇଁ ପରିବର୍ତ୍ତନ ଓ ସଂସ୍କାର ଆଣିବା। ଆମ ବ୍ୟବସ୍ଥାରେ ଉତ୍ତରଦାୟିତ୍ୱର ଅଭାବଟି ସବୁବେଳେ ପରିଲକ୍ଷିତ ହେଉଥିବା ବେଳେ ବୈଷୟିକ ଦୃଷ୍ଟିକୋଣରୁ ମଧ୍ୟ ଆମେ ପଛୁଆ। ଆମର ସରକାରୀ ଆଇଟି ସିଷ୍ଟମ୍ ଦୁର୍ବଳ। ଏ ସବୁ ଦିଗ ପ୍ରତି ସରକାରଙ୍କୁ ଚିନ୍ତା କରିବାକୁ ପଡ଼ିବ। ନଚେତ୍ ଏହି ବହୁମୁଖୀ ସ୍ୱାସ୍ଥ୍ୟ ବୀମା ଯୋଜନା ବାସ୍ତବ କ୍ଷେତ୍ରରେ ସଫଳତା ପାଇବା କଷ୍ଟକର ହୋଇପଡ଼ିବ।

ପୂର୍ବରୁ ରାଜ୍ୟରେ ସ୍ୱାସ୍ଥ୍ୟ ସହାୟତା କ୍ଷେତ୍ରରେ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା, ବିଜୁ କୃଷକ କଲ୍ୟାଣ ଯୋଜନା, ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠି ତଥା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ମୁଖ୍ୟତଃ ପ୍ରମୁଖ ଭୂମିକା ନେଇଆସୁଛି। ତେବେ ପରିସଂଖ୍ୟାନକୁ ଦେଖିଲେ ଜଣାପଡ଼େ, ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ସେବା ଯୋଜନା ସବୁ ଜିଲାରେ ଠିକ୍ ଭାବେ କାମ କରୁନି। ସମାନ ଅବସ୍ଥା ବିଜୁ କୃଷକ କଲ୍ୟାଣ ଯୋଜନାର। ଏପଟେ ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠିରୁ ସହାୟତା ପାଇବା ପାଇଁ ଥିବା ପ୍ରକ୍ରିୟାର ଜଟିଳତା ତଥା ବିଳମ୍ବ କାରଣରୁ ହିତାଧିକାରୀ ଅନେକ ସମସ୍ୟା ଭୋଗିଥାନ୍ତି। ତେଣୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପ୍ରଚଳନ ବେଳେ ବି ଏସବୁ ପ୍ରକ୍ରିୟାଗତ ଜଟିଳତା ସାମ୍ନାକୁ ଆସିପାରେ। ତେଣୁ ଏସବୁ ସମସ୍ୟାର ସମାଧାନ ପାଇଁ ଟ୍ରଷ୍ଟକୁ ବାଟ ଖୋଜି ବାହାର କରିବାକୁ ପଡ଼ିବ। ଆନ୍ଧ୍ରପ୍ରଦେଶ ଅବା କର୍ନାଟକ ଢାଞ୍ଚାରେ ଅତ୍ୟାଧୁନିକ ଡିଜିଟାଲ ପ୍ଲାଟ୍‌ଫର୍ମ ବିକାଶ କରାଯାଇପାରିଲେ ଟ୍ରଷ୍ଟ ପାଇଁ ପୂରା ପ୍ରକ୍ରିୟାଟି ସୁବିଧାଜନକ ହୋଇପାରନ୍ତା।

ସେହିପରି ଏହି ଯୋଜନା ପ୍ରଣୟନ ବେଳେ ଆର୍ଥିକ ଦିଗଟି ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ସମୟରେ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା, ବିଜୁ କୃଷକ କଲ୍ୟାଣ ଯୋଜନା ଓ ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠି ଜରିଆରେ ହେଉଥିବା ଖର୍ଚ୍ଚ ସେତେ ବିଶାଳ ନୁହେଁ। ସେହିପରି ଯଦି ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନାର କ୍ଲେମ୍ ଅନୁପାତକୁ ବିଚାର କରାଯାଏ, ଏହା ୬୫ରୁ ୬୮ ପ୍ରତିଶତ ଭିତରେ ରହିଛି। ତେଣୁ ଢାଞ୍ଚାଗତ ସୁଧାର ନ ଅଣାଗଲେ ଏହି ଅନୁପାତ ହାର ବି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଦୋହରିପାରେ। ରାଜନୈତିକ ଫାଇଦା ପାଇଁ ନୂଆ ଯୋଜନାଟି ଘୋଷଣା କରିଦେବା ବଡ଼ କଥା ନୁହେଁ, ବଡ଼ କଥା ହେଉଛି ଏହାକୁ କିପରି ଠିକ୍ ଭାବେ ରୂପାୟନ କରାଯିବ। ଆଉ ଗୋଟିଏ ପ୍ରଶ୍ନ ହେଲା- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରାଜ୍ୟର ସ୍ୱାସ୍ଥ୍ୟ ସହାୟତା କ୍ଷେତ୍ରରେ ଦେଖାଯାଉଥିବା ସମସ୍ୟାକୁ ସମାଧାନ କରିବାରେ ସକ୍ଷମ ହୋଇପାରିବ ତ? ବର୍ତ୍ତମାନ ସମୟରେ ଓଡିଶା ଏହାର ମୋଟ ଘରୋଇ ଉତ୍ପାଦ ବା ଜିଡିପିର ୪.୫ ପ୍ରତିଶତ ସ୍ୱାସ୍ଥ୍ୟସେବା ଉପରେ ଖର୍ଚ୍ଚ କରୁଛି, ଯାହା ଭିତରେ ସରକାରୀ ଯୋଗଦାନ ହେଉଛି ମାତ୍ର ୧.୦୫ ପ୍ରତିଶତ। ଏହା ସହ ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମି କ୍ଷେତ୍ରରେ ବିକାଶ ଆଖିଦୃଶିଆ ନୁହେଁ। ରାଜ୍ୟର ଅଧିକାଂଶ ଡାକ୍ତରଖାନାରେ ଚିକିତ୍ସା ଯନ୍ତ୍ରପାତି ନାହିଁ, ଆବଶ୍ୟକ ଡାକ୍ତର ନାହାନ୍ତି, ସ୍ପେଶାଲିଷ୍ଟଙ୍କ ଅଭାବ ରହିଛି। କେବିକେ ଅଞ୍ଚଳରେ ଚାକିରି କରିବା ପାଇଁ ଡାକ୍ତର ମିଳୁନାହାନ୍ତି। ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳର ସ୍ଥିତି ସଙ୍ଗିନ କହିଲେ ଭୁଲ୍ ହେବନି। ଆଉ ଏହି ବୀମା ଯୋଜନାଭୁକ୍ତ ହିତାଧିକାରୀଙ୍କ ଭିତରୁ ଅଧିକାଂଶ ଗ୍ରାମାଞ୍ଚଳ ବାସିନ୍ଦା। ଏପରି ସ୍ଥିତିରେ ସେମାନେ ଚିକିତ୍ସା ସେବାର ସୁବିଧା ଓ ସହାୟତା କିପରି ପାଇବେ ତା' ବି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ପୂର୍ବରୁ ସରକାର ଚିକିତ୍ସା ସେବାରେ ସହାୟତା ପାଇଁ ନିରାମୟ, ନିଦାନ ଓ ସହାୟ ପରି ବ୍ୟବସ୍ଥା ପ୍ରଚଳନ କରିଥିଲେ ବି ଏଥିରେ ଶତ ପ୍ରତିଶତ ସଫଳତା ମିଳିପାରିନି। ତେଣୁ ହିତାଧିକାରୀଙ୍କୁ ଚିକିତ୍ସା ସହାୟତା ଦେବା ସହ ସ୍ୱାସ୍ଥ୍ୟ ଭିତ୍ତିଭୂମି ମଜଭୁତ କରିବା ପାଇଁ ସରକାରଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିବ। ମୋଟାମୋଟି ଭାବେ ହିତାଧିକାରୀ ଚୟନରେ ପାରଦର୍ଶିତା, ବିକଶିତ ଡିଜିଟାଲ ପ୍ଲାଟ୍‌ଫର୍ମ ଓ ଆର୍ଥିକ ଅନଗ୍ରସର ଲୋକଙ୍କୁ ଚିକିତ୍ସା ପରି ମୌଳିକ ସେବା ଶତପ୍ରତିଶତ ଯୋଗାଇଦେବା ମାନସିକତା ସୃଷ୍ଟି ହେଲେ ଯୋଜନାଟି ସଫଳ ହୋଇପାରିବ।

ଗଡ଼ଅଣ୍ଡିଆ, ନିମାପଡ଼ା, ପୁରୀ,
ମୋ- ୯୪୩୮୨୯୬୫୧୯

# ପ୍ୟାରିସ୍ ନୀତି ଓ ମାନବାଧିକାର



ପ୍ରଦୀପ୍ତ ନାୟକ

ଏକବିଂଶ ଶତାବ୍ଦୀରେ ସବୁଠାରୁ ଚର୍ଚ୍ଚିତ ଶବ୍ଦ ହେଉଛି ମାନବାଧିକାର। ୧୯୪୮ ମସିହା ଡିସେମ୍ବର ୧୦ରେ ଜାତିସଂଘର ବିଶ୍ୱ ଘୋଷଣାନାମା ଅନୁସାରେ ମାନବାଧିକାର ସମସ୍ତ ବ୍ୟକ୍ତିଙ୍କର, ସବୁ ସ୍ଥାନରେ, ସବୁ ସମୟରେ, ସମାନ ଭାବରେ ଉପଲବ୍ଧ। ଏହି ଘୋଷଣାନାମାକୁ ଜାତିସଂଘର ସମସ୍ତ ସଦସ୍ୟ ରାଷ୍ଟ୍ର ଗ୍ରହଣ କରିଛନ୍ତି। ମାତ୍ର ଆମ ସମାଜର କିଛି ବ୍ୟକ୍ତି ଏଥିରେ ସହମତ ନୁହନ୍ତି। ସେଥିପାଇଁ ପ୍ରତ୍ୟେକଙ୍କର ମାନବାଧିକାର ସୁରକ୍ଷା ନିମନ୍ତେ କାର୍ଯ୍ୟରତ ଲେଖକ, ସାମ୍ବାଦିକ, ଶିକ୍ଷାବିତ୍, ମାନବାଧିକାର କର୍ମୀ, ରାଜନୈତିକ କର୍ମୀ, ଛାତ୍ରନେତାମାନଙ୍କୁ ଦେଶଦ୍ରୋହୀ, ଆତଙ୍କବାଦୀ, ନକ୍ସଲ ଇତ୍ୟାଦି ଆଖ୍ୟା ଦିଆଯାଉଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଅଧିକାଂଶ ରାଷ୍ଟ୍ରରେ ଗଣତାନ୍ତ୍ରିକ ଶାସନ ପ୍ରତିଷ୍ଠା ହୋଇଛି। ଗଣତନ୍ତ୍ରର ମୂଳମନ୍ତ୍ର ହେଲା ବ୍ୟକ୍ତି ସ୍ୱାଧୀନତା ଏବଂ ସ୍ୱାତନ୍ତ୍ର୍ୟ, ଯାହା ମାନବାଧିକାରର ପରିଭାଷା।

ଆଧୁନିକ ବିଶ୍ୱରେ ଭାରତ ସମେତ ଅନ୍ୟାନ୍ୟ ରାଷ୍ଟ୍ରରେ ଆଇନର ଶାସନ ଚାଲିଛି। ଯେଉଁ ଆଇନ ପ୍ରତ୍ୟେକ ନାଗରିକଙ୍କୁ ଦୃଢ଼ମତ ସାବ୍ୟସ୍ତ କରିବାର ଅଧିକାର ଦେଇଛି। ଏହି ମତ ତା'ର ଅନ୍ତର୍ନିହିତ ଗୁଣାବଳୀର ପରିଚୟ ହୋଇପାରେ ଅଥବା ମର୍ଯ୍ୟାଦାବନ୍ତ ଜୀବନଯାପନ କରିବା ନିମନ୍ତେ ଉଦ୍ଦିଷ୍ଟ ହୋଇପାରେ। ଭାରତ ସମେତ ଅନ୍ୟାନ୍ୟ ଦେଶର ସମ୍ବିଧାନ ଓ ବିଧିବ୍ୟବସ୍ଥାରେ ଏହି ଅଧିକାର ସବୁ ଉଲ୍ଲେଖ ରହିଛି। ମାତ୍ର ଅନେକ ସମୟରେ ଦେଖାଯାଏ, ନାଗରିକର ଏହିସବୁ ଅଧିକାରଗୁଡ଼ିକ ଉଲ୍ଲଂଘନ ହେଉଛି। ଜାତିସଂଘ ସାଧାରଣ ପରିଷଦରେ ରାଷ୍ଟ୍ରନାୟକମାନେ ବାରମ୍ବାର ଚିନ୍ତାପ୍ରକଟ କରିବା ପରେ ଫ୍ରାନ୍ସର ରାଜଧାନୀ ପ୍ୟାରିସ୍ ସହରରେ ୧୯୯୧ ମସିହାରେ ଜାତିସଂଘର ମାନବାଧିକାର ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟ ତରଫରୁ ଏକ ଅନ୍ତର୍ଜାତୀୟ ସମ୍ମିଳନୀ ଆହୂତ ହୋଇଥିଲା। ପ୍ରତ୍ୟେକ ସଦସ୍ୟ ରାଷ୍ଟ୍ର, ଜାତୀୟ ଓ ଆଞ୍ଚଳିକ ସ୍ତରରେ ମାନବାଧିକାର ଉଲ୍ଲଂଘନ ବନ୍ଦ କରିବା ନିମନ୍ତେ ଏବଂ ଏହାର ସୁରକ୍ଷା ଓ ବିକାଶ ନିମନ୍ତେ 'ମାନବାଧିକାର ଅନୁଷ୍ଠାନ' ଗଠନ କରିବାକୁ ଏହି ସମ୍ମିଳନୀରେ ସ୍ଥିର କରାଯାଇଥିଲା।

ସମ୍ମିଳନୀରେ ଏହି ଅନୁଷ୍ଠାନଗୁଡ଼ିକ କିପରି ଗଠିତ ହେବ, ଏହାର କାର୍ଯ୍ୟାବଳୀ କ'ଣ ହେବ, ଅନୁଷ୍ଠାନର ସଦସ୍ୟମାନେ କିପରି ନିଯୁକ୍ତ ହେବେ, ଏହାର ନିରପେକ୍ଷତା କିପରି ବଜାୟ ରହିବ, ସେଥିନିମନ୍ତେ ଏକ ଚିଠା ନିୟମାବଳୀ ପ୍ରସ୍ତୁତ କରାଯାଇଥିଲା। ଏହି ଚିଠା ନିୟମ ୧୯୯୩ ମସିହାରେ ଭିଏନାଠାରେ ଜାତିସଂଘର ସାଧାରଣ ପରିଷଦ ଅଧିବେଶନରେ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଏହି ଚିଠା ନିୟମକୁ ଐତିହାସିକ 'ପ୍ୟାରିସ୍ ପ୍ରିନ୍ସିପୁଲ୍‌ସ' କୁହାଯାଏ। ଭାରତ ଏକ ଅଗ୍ରଗଣ୍ୟ ସମର୍ଥନକାରୀ ରାଷ୍ଟ୍ର ଭାବରେ ସମଗ୍ର ବିଶ୍ୱରେ ପରିଚିତ। ଭାରତର ପ୍ରତିନିଧି ୧୯୯୩ର ମାନବାଧିକାର ବିଶ୍ୱ ସମ୍ମିଳନୀ 'ଭିଏନା କଂଗ୍ରେସ'ରୁ ଫେରିବା ପରେ, ତତ୍‌କ୍ଷଣାତ୍ କେନ୍ଦ୍ର ସରକାର ପାର୍ଲାମେଣ୍ଟରେ 'ପ୍ରୋଟେକ୍ସନ ଅଫ୍ ହ୍ୟୁମ୍ୟାନ୍ ରାଇଟ୍‌ସ ଆକ୍ଟ' ପାସ୍ କରି ୧୯୯୩ରୁ ଦେଶରେ କାର୍ଯ୍ୟକାରୀ କରିଥିଲେ। ଫଳସ୍ୱରୂପ ସେହିବର୍ଷ ଆମ ଦେଶରେ ଜାତୀୟ ମାନବାଧିକାର କମିଶନ ଗଠିତ ହୋଇ କାର୍ଯ୍ୟ ଆରମ୍ଭ କରିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ବିଭିନ୍ନ ରାଜ୍ୟରେ ରାଜ୍ୟ ମାନବାଧିକାର କମିଶନ ଗଠିତ ହୋଇଥିଲା।

୧୯୯୧ର ପ୍ୟାରିସ୍ ନିୟମାବଳୀ ଆଧାରରେ ଗଠିତ ଆମ ମାନବାଧିକାର କମିଶନ ଏକ ନିରପେକ୍ଷ ଅନୁଷ୍ଠାନ। ଆଇନ ଅନୁସାରେ ଏହାର ଦୈନନ୍ଦିନ ଖର୍ଚ୍ଚ ନିମନ୍ତେ ସରକାରଙ୍କଠାରୁ ଅର୍ଥ ଲାଭ କରେ। ଏହା ଦେଶର ନାଗରିକ ଏବଂ ସରକାରଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା କରି ପ୍ରତ୍ୟେକ ମାମଲାର ନ୍ୟାୟ ବିଚାର କରି ନାଗରିକର ଅଧିକାରକୁ ସୁରକ୍ଷିତ ରଖିବା ନିମନ୍ତେ ସରକାରୀ ବିଭାଗଗୁଡ଼ିକୁ ଉପଦେଶ ଦିଏ ଏବଂ ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ମୂଲ୍ୟବୋଧଯୁକ୍ତ ଚାପ ସୃଷ୍ଟି କରେ। କୋର୍ଟ କଚେରିରେ ଲୋକେ ଅତ୍ୟଧିକ ଖର୍ଚ୍ଚାନ୍ତ ହେଉଥିଲା ବେଳେ ଏଠାରେ ବିନା ଖର୍ଚ୍ଚରେ ମାମଲା ବିଚାର ହୁଏ। ଯଥାର୍ଥରେ ଜାତିସଂଘ ମାନବାଧିକାର ଉଚ୍ଚାୟୁକ୍ତଙ୍କ ମୁଖ୍ୟ ନ୍ୟାଭି ପିଲାଇ ଏହାର ବିଂଶତିତମ ଅଧିବେଶନରେ କହିଛନ୍ତି ଯେ, ମାନବାଧିକାର ଅନୁଷ୍ଠାନଗୁଡ଼ିକ ତାହାର ଉପାଦେୟତା, ନିରପେକ୍ଷତା ଓ ଆଇନସିଦ୍ଧ ମର୍ଯ୍ୟାଦା ରକ୍ଷା ନିମନ୍ତେ ପ୍ୟାରିସ୍ ନିୟମାବଳୀ ଯଥେଷ୍ଟ ସୁଯୋଗ ସୃଷ୍ଟି କରିଛି। ଏହି ଅନୁଷ୍ଠାନଗୁଡ଼ିକର କାର୍ଯ୍ୟଦକ୍ଷତା, ସାଧାରଣ ଜନତାଙ୍କ ପ୍ରତି ଉତ୍ତରଦାୟିତ୍ୱ ପାଳନ କରିବାରେ କେତେଦୂର ସକ୍ଷମ ହୋଇଛନ୍ତି ତାହା ଆନ୍ତର୍ଜାତିକ ଯୋଗାଯୋଗ କମିଟି (ଆଇସିସି) ଓ ବିଭିନ୍ନ ସବ୍ କମିଟି ଦ୍ୱାରା ପର୍ଯ୍ୟାଲୋଚନ କରାଯାଏ। ଏଥିରେ ମାନବାଧିକାର ଅନୁଷ୍ଠାନଗୁଡ଼ିକର ପ୍ରତିନିଧି ଯୋଗଦାନ କରନ୍ତି। ଏହି ବୈଠକରେ ସେମାନଙ୍କର ନିରପେକ୍ଷ କାର୍ଯ୍ୟ ଦକ୍ଷତାକୁ ବିଚାର ଆଲୋଚନା କରାଯାଇ ସେମାନଙ୍କୁ ଆକ୍ରିଡ଼ିଏଶନ ସାର୍ଟିଫିକେଟ ପ୍ରଦାନ କରାଯାଏ। ଏହା ସମ୍ପୃକ୍ତ ଦେଶର ଆନ୍ତର୍ଜାତିକ କ୍ଷେତ୍ରରେ ମର୍ଯ୍ୟାଦାର ପ୍ରଶ୍ନ ହୋଇଥିବାରୁ ମାନବାଧିକାର ଅନୁଷ୍ଠାନଗୁଡ଼ିକ ତଦନୁଯାୟୀ ସମ୍ପୂର୍ଣ୍ଣ କ୍ରିୟାଶୀଳ ହୋଇ କାର୍ଯ୍ୟ କରିବା ବିଚାର୍ଯ୍ୟ।

ଆମ ଦେଶରେ ଜାତୀୟ ମାନବାଧିକାର କମିଶନ ହୁଅନ୍ତୁ କିମ୍ବା ରାଜ୍ୟ କମିଶନ ନିରପେକ୍ଷ ଭାବରେ ସାଧାରଣ ଜନତାଙ୍କ ଅଧିକାର ସୁରକ୍ଷା କ୍ଷେତ୍ରରେ ଆଶାନୁରୂପ ପଦକ୍ଷେପ ନେଉନାହାନ୍ତି। ଏହି ଅନୁଷ୍ଠାନଗୁଡ଼ିକୁ ଆମ ସରକାରମାନେ ସଖୀ କଣ୍ଢେଇ ଭାବରେ ପରିଚାଳିତ କରୁଛନ୍ତି। କେବଳ ଅବସରପ୍ରାପ୍ତ ବିଚାରପତି ଓ ବ୍ୟୁରୋକ୍ରାଟ୍‌ମାନଙ୍କୁ ଏଗୁଡ଼ିକର ଅଧ୍ୟକ୍ଷ ଓ ସଭ୍ୟ ଭାବରେ ନିଯୁକ୍ତ କରାଯାଏ। ଆଜି ପର୍ଯ୍ୟନ୍ତ ମାନବାଧିକାର ପ୍ରତି ନିଷ୍ଠା ଓ କାର୍ଯ୍ୟଦକ୍ଷତା ଥିବା ଜଣେ ହେଲେ ମାନବାଧିକାର କର୍ମୀଙ୍କୁ ଏଥିରେ ସରକାର ନିଯୁକ୍ତ କରିନାହାନ୍ତି। ଯେତିକି କର୍ମଚାରୀ ଓ ପାଣ୍ଠି ଆବଶ୍ୟକ, ସରକାର ଦେଉନାହାନ୍ତି। ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର କମିଶନଗୁଡ଼ିକରେ ଦୀର୍ଘଦିନ ହେଲା କୌଣସି ଅଧ୍ୟକ୍ଷ କିମ୍ବା ସଭ୍ୟଙ୍କୁ ନିଯୁକ୍ତି ଦିଆଯାଇ ନ ଥିବାରୁ ଏହି କମିଶନଗୁଡ଼ିକ ମୃତବତ୍ ପଡ଼ିରହିଛି।

ଟିକରପଡ଼ା, କାକଟପୁର, ପୁରୀ,
ମୋ-୯୪୩୭୦୫୩୩୨୯

## ଏଇ ଭାରତରେ

ଜନ୍ମ ହେବା ପୂର୍ବରୁ ଯେଉଁ ଗର୍ଭସ୍ଥ ଭ୍ରୂଣକୁ ନଷ୍ଟ କରିବାକୁ ଉଦ୍ୟମ ହୋଇଥିଲା, ସେ ଆଜି ବାଲ୍ୟ ବିବାହ ବିରୋଧରେ ଜଣେ ସଂଗ୍ରାମୀ ସାଜିଛନ୍ତି। ରାଜସ୍ଥାନର ଏହି ଚର୍ଚ୍ଚିତା ତରୁଣୀ ହେଉଛନ୍ତି କ୍ରିତି ଭାରତୀ। ସେ ମା' ଗର୍ଭରେ ପରିପକ୍ୱ ନ ହେବା ପୂର୍ବରୁ ୭ ମାସରେ ଜନ୍ମ ହୋଇଥିଲେ। ତାଙ୍କ ପିତା କନ୍ୟା ଚାହୁଁ ନ ଥିବାରୁ ଗର୍ଭପାତ କରାଇବାକୁ ଉଦ୍ୟମ କରିଥିଲେ। କିନ୍ତୁ ଗର୍ଭପାତ କରାଇବା ମା' ଜୀବନ ପାଇଁ ବିପଦପୂର୍ଣ୍ଣ ଥିବାରୁ ବାଧ୍ୟବଶତଃ ସେ ଜନ୍ମ ହୋଇଥିଲେ। ତେଣୁ ପରିବାର ଲୋକେ ତାଙ୍କୁ ଏକ ଅଭିଶାପ ବୋଲି ବିବେଚନା କରିଥିଲେ। ଏଥିପାଇଁ ପରିବାର ସଦସ୍ୟଙ୍କ ଦ୍ୱାରା ସେ ମାନସିକ ଯନ୍ତ୍ରଣା ପାଇଆସୁଥିଲେ। ପରିବାର ସଦସ୍ୟଙ୍କ ଇଚ୍ଛା ବିରୋଧରେ ସେ ଜନ୍ମ ହୋଇଥିବାରୁ ଶୈଶବରୁ ନିର୍ଯାତିତ ହୋଇ ଆସୁଥିଲେ। ତାଙ୍କୁ ୧୦ବର୍ଷ ବୟସ ହୋଇଥିବା ବେଳେ ଜଣେ ଆତ୍ମୀୟ ତାଙ୍କୁ ସ୍ଲୋ ପଏଜନ୍ ଦେବାରୁ ସେ ବଞ୍ଚିଯାଇଥିଲେ ସତ, କିନ୍ତୁ ତାଙ୍କର ସର୍ବାଙ୍ଗ ଅଚଳ ହୋଇପଡିଥିଲା। ଏହି ପରିସ୍ଥିତିରେ ତାଙ୍କ ମା' ରେକି ଚିକିତ୍ସା କରାଇବାରୁ ୧୨ବର୍ଷ ବୟସରେ ସେ ଆପେ ଆପେ ଛିଡାହେବା ସହିତ ଚାଲିବା ଆରମ୍ଭ କରିଥିଲେ। ଦୈନିକ ୧୫ରୁ ୧୬ଘଣ୍ଟା ପାଠ ପଢ଼ି ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ। ଏହାପରେ ଦ୍ୱାଦଶ, ଗ୍ରାଜୁଏଟ୍, ପୋଷ୍ଟ ଗ୍ରାଜୁଏଟ୍ ଏବଂ ଜୋଧପୁରସ୍ଥିତ ଜୟ ନାରାୟଣ ବ୍ୟାସ ୟୁନିଭର୍ସିଟିରୁ ସାଇକୋଲୋଜିରେ ଡକ୍ଟରେଟ୍ ହାସଲ କରିଛନ୍ତି। ଡକ୍ଟରେଟ୍ ପାଇବା ପରେ ସେ ଏକ ମିଶନ୍ ଆରମ୍ଭ କରିଛନ୍ତି। ଅପବାଦର ଶିକାର ପିଲା ଏବଂ ମହିଳାଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରିବା ସହିତ ରାଜସ୍ଥାନକୁ ବାଲ୍ୟବିବାହ ମୁକ୍ତ କରିବା ପାଇଁ ସେ ସ୍ୱପ୍ନ ଦେଖିଛନ୍ତି। ବାସ୍ତବରେ କ୍ରିତି ଭାରତୀଙ୍କ ଜୀବନ ସଂଗ୍ରାମର କାହାଣୀ ଆମ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ।

## ୨୫ ବର୍ଷ ତଳର ଧରିତ୍ରୀ

୮ ଅକ୍ଟୋବର ୧୯୯୩

- ଆଫ୍ରିକୀୟ-ଆମେରିକୀୟ ମହିଳା ଲେଖିକା ଟୋନି ମୋରସନଙ୍କୁ ୧୯୯୩ ବର୍ଷ ଲାଗି ସାହିତ୍ୟ ପୁରସ୍କାର ପାଇଁ ନୋବେଲ ପୁରସ୍କାର ପ୍ରଦାନ।
- ଭାରତର ଓପନିଂ ବ୍ୟାଟସମ୍ୟାନ ତଥା ପୂର୍ବତନ ଅଧିନାୟକ କ୍ରିଷ୍ଣମାଚାରୀ ଶ୍ରୀକାନ୍ତଙ୍କ ଟେଷ୍ଟ ଓ ପ୍ରଥମ ଶ୍ରେଣୀ କ୍ରିକେଟରୁ ଅବସର ଘୋଷଣା।

## ସାପ୍ତାହିକ ପଞ୍ଜିକା

ସେପ୍ଟେମ୍ବର ୩୦- ଇଣ୍ଡୋନେସିଆରେ ଭୟଙ୍କର ଭୂମିକମ୍ପ ଯୋଗୁ ମୃତ୍ୟୁସଂଖ୍ୟା ୮୩୨ ଟପିଥିବା ବେଳେ ଆହୁରି ଶତାଧିକ ବ୍ୟକ୍ତି ମାଟିତଳେ ଚାପି ହୋଇ ରହିଛନ୍ତି।
ଅକ୍ଟୋବର ୧- ଭାରତର ୪୫ତମ ପ୍ରଧାନ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ରଙ୍କ ଅବସର ଗ୍ରହଣ।
୨- ଇଣ୍ଡୋନେସିଆରେ ଭୂକମ୍ପ-ସୁନାମିଜନିତ ମୃତ୍ୟୁସଂଖ୍ୟା ୧୨୩୪ ଟପିଲା।
୩- ଆମେରିକୀୟ ବୈଜ୍ଞାନିକ ଫ୍ରାନ୍ସେସ୍ ଏଚ୍. ଆର୍ନୋଲ୍ଡ, ଜର୍ଜ ପି. ସ୍ମିଥ୍ ଏବଂ ବ୍ରିଟିଶ୍ ଗବେଷକ ଗ୍ରେଗୋରୀ ୱିଣ୍ଟରଙ୍କୁ ରସାୟନ ଶାସ୍ତ୍ରରେ ନୋବେଲ ପୁରସ୍କାର ଘୋଷଣା।
* ଭାରତର ୪୬ତମ ପ୍ରଧାନ ବିଚାରପତି ଭାବେ ଶପଥ ଗ୍ରହଣ କଲେ ଜଷ୍ଟିସ୍ ରଞ୍ଜନ ଗୋଗୋଇ।
୪- ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଦୁଇଦିନିଆ ଭାରତ ଗସ୍ତରେ ଆସିଛନ୍ତି। ଏହି ଅବସରରେ ଏସ୍-୪୦୦ କ୍ଷେପଣାସ୍ତ୍ର କ୍ରୟ ନେଇ ରାଜିନାମା ସ୍ୱାକ୍ଷରିତ ହେବ।
୫- ଯୁଦ୍ଧବେଳେ ଯୌନହିଂସା ବିରୋଧରେ ସଫଳ ସଂଗ୍ରାମ ପାଇଁ ଇରାକର ମାନବାଧିକାର କର୍ମୀ ନାଦିଆ ମୁରାଦ ଓ କଙ୍ଗୋର ଡାକ୍ତର ଡେନିସ୍ ମୁକ୍‌ୱେଗେ ନୋବେଲ ଶାନ୍ତି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।

## ଆମ ସମସ୍ୟା

### ଗ୍ୟାସ୍ ଦର କମାନ୍ତୁ

ମହାଶୟ,

ଗାଁଠାରୁ ଆରମ୍ଭ କରି ସହରାଞ୍ଚଳ ଯାଏଁ ଲୋକେ ରୋଷେଇ କରିବା ପାଇଁ କାଠ, ଘଷି, କତା ବା ଷ୍ଟୋଭ ଉପରେ ନିର୍ଭର କରୁଥିଲେ। ବର୍ତ୍ତମାନ ସମସ୍ତେ ଗ୍ୟାସ୍‌ରେ ରୋଷେଇ କରୁଛନ୍ତି। ଖାଲି ଘର ନୁହେଁ ଚା ଦୋକାନ, ହୋଟେଲ, ହଷ୍ଟେଲରେ ମଧ୍ୟ ଗ୍ୟାସ୍ ଚୁଲା ବ୍ୟବହାର ହେଉଛି। ବାହାଘର, ବ୍ରତଘରମାନଙ୍କରେ ମଧ୍ୟ ଗ୍ୟାସ୍ ଚୁଲାର ବ୍ୟବହାର ହେଉଛି। ବର୍ତ୍ତମାନ ଗ୍ୟାସ୍ ସିଲିଣ୍ଡର ଦର ସରକାର ବହୁତ ବଢ଼ାଇ ଦେଇଛନ୍ତି। ଏହାଦ୍ୱାରା ଉପଭୋକ୍ତାମାନେ ଘୋର ଅସନ୍ତୋଷ ପ୍ରକାଶ କରୁଛନ୍ତି। କେନ୍ଦ୍ର ସରକାରଙ୍କୁ ଅନୁରୋଧ ଖାଉଟିମାନଙ୍କ କଲ୍ୟାଣ ଦୃଷ୍ଟିରୁ ଗ୍ୟାସ୍ ଦର ଯଥାସମ୍ଭବ କମାନ୍ତୁ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ଦୁଇଟି ଫାଟକ ହେଉ

ବେତନଟୀ ବଜାର, ଷ୍ଟେଶନ ଓ କଙ୍କାକାଳିଆ ଛକ ମଧ୍ୟରେ ଦୁଇଟି ରେଳ ଫାଟକ ମୟୂରଭଞ୍ଜ ମହାରାଜାଙ୍କ ଅମଳରୁ ଥିଲା। ମାତ୍ର ଷ୍ଟେଶନ ପ୍ଲାଟଫର୍ମ ସମ୍ପ୍ରସାରଣ ଫଳରେ ବସ୍‌ଷ୍ଟାଣ୍ଡ ଓ ଆନନ୍ଦବଜାର ସଂଯୋଗ ରାସ୍ତା ବନ୍ଦ କରିଦେବା ଯୋଗୁ ଚଣ୍ଡୀମନ୍ଦିର ଓ କଙ୍କାକାଳିଆ ଛକ ମଧ୍ୟରେ ଗୋଟିଏ ଫାଟକ ରହିଲା। ଦୈନିକ ଟ୍ରେନ ଯିବାଆସିବା ପୂର୍ବରୁ ୧୫ ମିନିଟ ଏହିପରି ୮/୧୦ ଥର ବନ୍ଦ ହେବା ଦ୍ୱାରା ରାସ୍ତା ଜାମ୍ ହୋଇଯାଉଛି। ସ୍କୁଲ, କଲେଜ ପିଲାମାନେ ଏହି ଭିଡରେ ଫସି ରହୁଛନ୍ତି। ବେଳେ ବେଳେ ଠେଲାପେଲାରେ ଦୁର୍ଘଟଣା ଘଟୁଛି। ବସଷ୍ଟାଣ୍ଡ ଓ ରେଲୱେ ଷ୍ଟେଶନକୁ ଯିବାକୁ ହେଲେ ଦେଢ କିଲୋମିଟର ବୁଲି ଯିବାକୁ ପଡୁଛି। ତେଣୁ ପୂର୍ବ ପରି ଦୁଇଟି ଗେଟ୍ କଲେ ସମସ୍ତେ ଉପକୃତ ହେବେ।

ଡ. ଆଶିଷ ବାନାର୍ଜୀ, ବେତନଟୀ, ମୟୂରଭଞ୍ଜ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଜମ୍ମୁ-କଶ୍ମୀର ନିୟନ୍ତ୍ରଣରେଖାଠାରେ ୨୫୦ ଆତଙ୍କବାଦୀ ଭାରତରେ ଅନୁପ୍ରବେଶ ପାଇଁ ଅପେକ୍ଷା କରି ରହିଛନ୍ତି। ପାକିସ୍ତାନ ସେନା ସେମାନଙ୍କୁ ଭାରତରେ ପ୍ରବେଶ କରାଇବା ଲାଗି ଲଗାତାର ଅସ୍ତ୍ରବିରତି ଉଲ୍ଲଂଘନ କରୁଛି। ୧୫ ବାଟାଲିୟନ୍ କମାଣ୍ଡିଂ ଅଫିସର ଏ.କେ. ଭଟ୍ଟ ଏନେଇ ସୂଚନା ଦେଇଛନ୍ତି। କୁପଓ୍ଵାରା ଅଞ୍ଚଳ ଏବଂ କଶ୍ମୀର ଉପତ୍ୟକାରେ ୩ଶହରୁ ଅଧିକ ଆତଙ୍କବାଦୀ ସକ୍ରିୟ ଥିବା ଭଟ୍ଟ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ୫୩ ଦିନରେ ଶିକ୍ଷକଙ୍କ ଅହୋରାତ୍ର ଧାରଣା

## ୯ରେ ବିଶାଳ ସମାବେଶ

ଭୁବନେଶ୍ୱର, ୭।୧୦(ବ୍ୟୁରୋ): ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଆହ୍ୱାନରେ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ଚାଲିଥିବା ଶିକ୍ଷକଙ୍କ ଅହୋରାତ୍ର ଗଣଧାରଣା ରବିବାର ୫୩ ଦିନରେ ପହଞ୍ଚିଛି। ଓଡ଼ିଶାର ବିଭିନ୍ନ ଜିଲାରୁ ଶତାଧିକ ଶିକ୍ଷକ, ଅଧାପକ ଓ ଶିକ୍ଷା କର୍ମଚାରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଦାବି ପ୍ରତି ସରକାରଙ୍କ ଚରମ ଉଦାସୀନତାକୁ ଲକ୍ଷ୍ୟ କରି କ୍ଷୋଭ ପ୍ରକାଶ କରିବା ସହିତ ବିନା ସତ୍ୟପାଠ ବା ଲିଖିତ ସୂଚନା ପ୍ରଦାନରେ ଶିକ୍ଷକ, ଅଧାପକ ଓ ଶିକ୍ଷା କର୍ମଚାରୀମାନଙ୍କୁ ତୁରନ୍ତ ଅନୁଦାନ ପ୍ରଦାନ ନ କଲେ ଆସନ୍ତା ୯ ତାରିଖରେ ବିଶାଳ ସମାବେଶ ମାଧ୍ୟମରେ ସରକାରଙ୍କୁ ଉପଯୁକ୍ତ ଜବାବ ଦିଆଯିବ। ଏ ନେଇ ମିଳିତ ମଞ୍ଚର ତିନି ଆବାହକ ପ୍ରକାଶ ଚନ୍ଦ୍ର ମହାନ୍ତି, ଗୋଲକ ନାୟକ ଓ ପବିତ୍ର ମହାଲା ସରକାରଙ୍କୁ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ମିଳିତମଞ୍ଚର ଗଣଧାରଣା ୫୩ ଦିନରେ ପହଞ୍ଚିଥିଲେ ସୁଦ୍ଧା ସରକାର ଦାବି ପୂରଣ ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନ କରିବା ଶିକ୍ଷକ, ଅଧାପକ ଓ ଶିକ୍ଷାକର୍ମଚାରୀମାନଙ୍କ ମହଲରେ ଘୋର ନୈରାଶ୍ୟ ସୃଷ୍ଟି କରିଛି। ଗାନ୍ଧୀ ଜୟନ୍ତୀ ଦିନ ସମଗ୍ର ଓଡ଼ିଶାର ସମସ୍ତ ଜିଲାପାଳଙ୍କ ସମ୍ମୁଖରେ ୧୨ଘଣ୍ଟିଆ ଅନଶନ କରାଯାଇଥିଲା। ଏଥିସହିତ ବୁଦ୍ଧିଜୀବୀ, ଅଭିଭାବକ, ଶିକ୍ଷାବିତ୍ ଓ ଜନସାଧାରଣଙ୍କୁ ନେଇ ଓଡ଼ିଶାର ବିଭିନ୍ନ ସ୍ଥାନରେ ଗ୍ରାମ ସ୍ୱରାଜ ଓ ଜନଦରବାର କାର୍ଯ୍ୟକ୍ରମ ଜାରି ରହିଛି। ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନେ ଗାଁକୁ ଗାଁ ବୁଲି ରାଜ୍ୟ ସରକାରଙ୍କ ଶିକ୍ଷା ବ୍ୟବସ୍ଥା ଓ ସ୍କୁଲ କଲେଜର ଅନିଶ୍ଚିତ ଭବିଷ୍ୟତ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଉଛନ୍ତି।

# ୩୦ ଟଙ୍କା ରିହାତିରେ ଡିଜେଲ ଦେବାକୁ ଘରୋଇ ବସ୍ ମାଲିକ ସଂଘର ଦାବି

ଭୁବନେଶ୍ୱର, ୭।୧୦ (ବ୍ୟୁରୋ)




ପେଟ୍ରୋଲ ଏବଂ ଡିଜେଲ ଦର କ୍ରମାନ୍ୱୟରେ ବୃଦ୍ଧି ପାଉଛି। ଏଥିଯୋଗୁ ବସ୍ ମାଲିକମାନେ ଦୈନିକ ୪୦୦୦ ଟଙ୍କା କ୍ଷତି ସହୁଛନ୍ତି। ଯାତ୍ରୀ ପରିବହନ ବ୍ୟବସ୍ଥାକୁ ଅବ୍ୟାହତ ରଖିବା ପାଇଁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ବସ୍ ମାଲିକମାନଙ୍କୁ ଡିଜେଲ ଉପରେ ୩୦ ଟଙ୍କା ରିହାତି ଦିଅନ୍ତୁ। କିମ୍ବା ରାଜ୍ୟ ସରକାର ବସ୍‌ଗୁଡିକର ପରମିଟ୍ ଅନୁସାରେ ଗନ୍ତବ୍ୟସ୍ଥଳରୁ ଫେରିବା ପର୍ଯ୍ୟନ୍ତ ଯେତିକି କି.ମି ହେଉଛି ଆବଶ୍ୟକ ମୁତାବକ ଡିଜେଲ ଉପରେ ରିହାତି ଯୋଗାଇ ଦେବା ବ୍ୟବସ୍ଥା କରନ୍ତୁ ବୋଲି ଅଲ୍ ଓଡ଼ିଶା ବସ୍ ମାଲିକ ସଂଘ ଦାବି କରୁଥିବା ସଂଘର ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ଏହି ରିହାତି ଡିଜେଲର ମୂଲ୍ୟ ଅନୁସାରେ ସରକାର ମଧ୍ୟ ସାନି ବସ୍ ଭଡା ସ୍ଥିର କରନ୍ତୁ। ଫଳରେ ଯାତ୍ରୀମାନଙ୍କ ଉପରେ ବସ୍ ଭଡା ବୋଝ ପଡିବ ନାହିଁ କି ମାଲିକମାନେ କ୍ଷତିରୁ କିଛି ମାତ୍ରାରେ ଆଶ୍ୱସ୍ତି ପାଇବେ ବୋଲି ନାୟକ ରବିବାର ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ କହିଛନ୍ତି।

ନାୟକଙ୍କ କହିବା ହେଲା, ଡିଜେଲ ମୂଲ୍ୟ ବୃଦ୍ଧି ପାଇବା ଯୋଗୁ ନିୟମ ଅନୁଯାୟୀ ଅଟୋମେଟିକ୍ ଯାତ୍ରୀ ଭଡ଼ା ବଢୁଛି। ତୈଳ ଦର ବୃଦ୍ଧି ଦ୍ୱାରା ଏବେ ଟ୍ରେନ୍ ଭଡ଼ାଠାରୁ ବସ୍ ଭଡା ଅଧିକ ହେଲାଣି। ଉଦାହରଣସ୍ୱରୂପ ଜଣେ ଯାତ୍ରୀ ଭୁବନେଶ୍ୱରରୁ ବାଲେଶ୍ୱର ବସ୍‌ରେ ଗଲେ ତାଙ୍କୁ ଯେତିକି ବସ୍ ଭଡା ପଡ଼େ ସେହି ଯାତ୍ରୀ ଟ୍ରେନରେ ଗଲେ ୭୦ ଟଙ୍କା କମ୍ ଭଡା ପଡୁଛି। ଫଳରେ ଯାତ୍ରା ଅଧିକ ବସ୍ ଭଡାକୁ ଲକ୍ଷ୍ୟ କରି ବସ୍‌ରେ ଯିବା ପରିବର୍ତ୍ତେ ଟ୍ରେନରେ ଯିବାକୁ ପସନ୍ଦ କରୁଛନ୍ତି। ବସ୍‌ଗୁଡାକ ଡାଇରେକ୍ଟ ଯାତ୍ରୀ ଆଉ ପାଉନାହାନ୍ତି। ଯାହା କେବଳ ବାଟରୁ ଯାତ୍ରୀ ଉଠାଉଛନ୍ତି। ଏଭଳି ପରିସ୍ଥିତି ଯୋଗୁ ବସ୍ ମାଲିକମାନେ ଦିନକୁ ୪୦୦୦ ଟଙ୍କା କ୍ଷତି ସହୁଛନ୍ତି। ରାଜ୍ୟରେ ମୋଟ ୧୭୦୦୦ ଘରୋଇ ବସ୍ ରହିଛି। ପ୍ରତିଦିନ ବସ୍‌ରେ ଯେତିକି ଯାତ୍ରୀ ଯାତ୍ରା କରନ୍ତି ତା'ର ୮୦% ଯାତ୍ରୀଙ୍କୁ ଘରୋଇ ବସ୍ ସେବା ଯୋଗାଇ ଦେଉଛି। ସରକାରଙ୍କ ପରିବହନ ନିଗମ ପାଖରେ ୫୦୦ ବସ୍ ରହିଛି। ଏଥିରୁ ପାଖାପାଖି ୩୦୦ ବସ୍ ଚଳାଚଳ କରୁଛି। ଅବଶିଷ୍ଟ ଅଚଳ ହୋଇ ପଡିଛି। ଯାତ୍ରୀସେବା କ୍ଷେତ୍ରରେ ଘରୋଇ ବସ୍ ଅବଦାନ ରହିଛି। କିନ୍ତୁ ଘରୋଇ ବସ୍ ମାଲିକମାନେ ବାରମ୍ବାର କ୍ଷତି ସହୁଥିବାରୁ ଆସ୍ତେ ଆସ୍ତେ କିଛି ରୁଟରୁ ବସ୍ ଚଳାଚଳ ବନ୍ଦ କରିବାକୁ ବସିଲେଣି। କହିବାକୁ ଗଲେ ୧୭୦୦୦ ବସ୍ ଭିତରୁ ୨୫% ବସ୍‌କୁ ମାଲିକମାନେ ଘରେ ରଖିବାକୁ ବାଧ ହେଲେଣି। ଏଭଳି ସ୍ଥିତିରେ ଉଭୟ ବସ୍ ମାଲିକ ଓ ଯାତ୍ରୀଙ୍କ ହୀତକୁ ଦୃଷ୍ଟିରେ ରଖି ସରକାର ରିହାତି ଦରରେ ଡିଜେଲ ଯୋଗାଇ ଦେବାକୁ ବ୍ୟବସ୍ଥା କରନ୍ତୁ। ଏହାକୁ ନେଇ ସଂଘ ସରକାରଙ୍କ ସହିତ ଆଲୋଚନା କରିବ ବୋଲି ନାୟକ କହିଛନ୍ତି। ସଂଘର ସଭାପତି ପ୍ରକାଶ ମିଶ୍ର, ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ ଏବଂ କୋଷାଧ୍ୟକ୍ଷ ଲୋକନାଥ ପାଣି ଦାବି ସମ୍ପର୍କରେ ବିଜ୍ଞପ୍ତିରେ ଜଣାଇଛନ୍ତି।

# 'କଳଙ୍କ'ର ଶୁଟିଂ ଆରମ୍ଭ କଲେ ଆଲିଆ



**ମୁମ୍ବାଇ:** ଅଭିନେତ୍ରୀ ଆଲିଆ ଭଟ୍ଟ ରବିବାର 'କଳଙ୍କ' ଇନ୍ କାରଗିଲ୍‌ର ଶୁଟିଂ ଆରମ୍ଭ କରିଛନ୍ତି। ୨୫ ବର୍ଷ ବୟସ୍କା ଆଲିଆ ଇନ୍‌ଷ୍ଟାଗ୍ରାମରେ ନିଜର ଫଟୋଗ୍ରାଫ୍ ଅପଡେଟ୍ କରିଛନ୍ତି। ଏକ ଏୟାରପୋର୍ଟ ଶଟଲ୍ ବସ୍‌ରେ ନିଜ ଟିମ୍ ସହିତ ସେ ପୋଜ୍ ଦେଉଥିବା ଦେଖିବାକୁ ମିଳୁଛି। 'ରାଜି'ରେ ଅଭିନୟ କରିଥିବା ଏହି ଅଭିନେତ୍ରୀ ନିଜର ଫଟୋଗ୍ରାଫ୍ ତଳେ 'କାରଗିଲ୍ କଲିଙ୍ଗ୍' ବୋଲି ଉଲ୍ଲେଖ କରିଛନ୍ତି। ଅଭିଷେକ ବର୍ମନ ଏଥିରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଅଛନ୍ତି ମାଧୁରୀ ଦୀକ୍ଷିତ୍, ସଞ୍ଜୟ ଦତ୍ତ, ବରୁଣ ଧାବନ୍, ଆଦିତ୍ୟ ରଏ କପୁର ଏବଂ ସୋନାକ୍ଷୀ ସିହ୍ନା। ରିପୋର୍ଟ ଅନୁଯାୟୀ, ଆଲିଆ ଏବଂ ବରୁଣଙ୍କୁ ନେଇ କେତେକ ଗୁରୁତ୍ୱପୂର୍ଣ୍ଣ ସିକ୍ୱେନ୍ସର ଶୁଟିଂ ହେବାର ଅଛି। ତେଣୁ ସେମାନେ କାରଗିଲରେ ୭ ଦିନ ରହଣି କରିବେ। ପୂର୍ବରୁ ଆଲିଆ ଏକ ସାକ୍ଷାତ୍‌କାରରେ କହିଥିଲେ, ଉକ୍ତ ଫିଲ୍ମକୁ ନେଇ ସେ ବେଶ୍ ଉତ୍ସାହିତ। ସାମଗ୍ରିକ ଭାବରେ ଦେଖିବାକୁ ଗଲେ ଏହି ଫିଲ୍ମ ବାସ୍ତବରେ ସ୍ୱତନ୍ତ୍ର। ୨୦୧୯ ଏପ୍ରିଲ ୧୯ରେ ଏହା ରିଲିଜ୍ ହେବାର ଅଛି।

# ଏନକାଉଣ୍ଟରରେ ଦୁର୍ଦ୍ଦାନ୍ତ ଅପରାଧୀ ସନ୍ତୋଷ ଆହତ

କେନ୍ଦ୍ରାପଡ଼ା ଅଫିସ୍/ଡେରାବିଶ (ସ୍ୱ.ପ୍ର.) ୭।୧୦

ପଟ୍ଟାମୁଣ୍ଡାଇ ଥାନା ଗୋଗୁଆ ପଞ୍ଚାୟତ ଦୋବନ୍ଧା ଗ୍ରାମର ଦୁର୍ଦ୍ଦାନ୍ତ ଅପରାଧୀ ସନ୍ତୋଷ ମଲ୍ଲିକ ରବିବାର ପୋଲିସ ଏନକାଉଣ୍ଟରର ଶିକାର ହୋଇଛନ୍ତି। ଡେରାବିଶ ପୋଲିସ ଓ ଜିଲା ସ୍ପେଶାଲସ୍କ୍ୱାଡ ପକ୍ଷରୁ ଡେରାବିଶ-ଚାନ୍ଦୋଳ ରାସ୍ତାର ଚଷାଖଣ୍ଡ ପାଣି ଟାଙ୍କି ନିକଟରେ ଭୋର ୪.୨୫ ମିନିଟରେ ଏହି ଏନକାଉଣ୍ଟର କରାଯାଇଥିଲା। ସନ୍ତୋଷଙ୍କ ଡାହାଣ ଗୋଡ଼ ଆଣ୍ଠୁରେ ଗୋଟିଏ ଗୁଳି ବାଜିଛି। ଆହତ ଅବସ୍ଥାରେ ସନ୍ତୋଷଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ଏନକାଉଣ୍ଟର ସମ୍ପର୍କରେ ଏସଡିପିଓ ରାଜୀବଲୋଚନ ପଣ୍ଡାଙ୍କ ସୂଚନା ଅନୁସାରେ ସନ୍ତୋଷ ନିଜ ଗାଁକୁ ଫେରୁଥିବା ନେଇ ପୋଲିସକୁ ଖବର ମିଳିଥିଲା। ତେଣୁ ଡେରାବିଶ ଥାନା ଅଧିକାରୀ ସୁଧୀର କୁମାର ବେହେରା ଓ ସ୍ପେଶାଲସ୍କ୍ୱାଡ ଏସ୍‌ଆଇ ପ୍ରଦୀପ୍ତ କୁମାର କାନୁନ୍‌ଗୋଙ୍କ ନେତୃତ୍ୱରେ ତାଙ୍କୁ ଧରିବା ପାଇଁ ପିଛା କରାଯାଇଥିଲା। ପୋଲିସକୁ ଦେଖି ସନ୍ତୋଷ ପଳାଇ ଯିବାକୁ ଉଦ୍ୟମ କରିବା ସହିତ ପ୍ରଥମେ ଏକ ରାଉଣ୍ଡ ଗୁଳି ଚଳାଇଥିଲେ। ଜବାବରେ ପୋଲିସ ପକ୍ଷରୁ ୨ ରାଉଣ୍ଡ ଗୁଳି ଚାଳନା ହୋଇଥିଲା। ସନ୍ତୋଷଙ୍କ ଡାହାଣ ଗୋଡ଼ରେ ଗୁଳି ବାଜିବାରୁ ସେ ବାଇକରୁ ଗଳିପଡ଼ିଥିଲେ। ପରେ ତାଙ୍କୁ ପୋଲିସ କାବୁ କରିବା ସହ ତାଙ୍କ ନିକଟରୁ ଏକ ୟାମାହା ଏଫଜେଡ ବାଇକ୍ (ନଂ. ଓଡ଼ି-୨୯-ଡି-୫୫୧), ଗୋଟିଏ ମାଉଜର, ଭୁଜାଲି ଓ ଅନ୍ୟାନ୍ୟ ଆପତ୍ତିଜନକ ସାମଗ୍ରୀ ଜବତ କରିଥିଲା। ସନ୍ତୋଷଙ୍କ ନାମରେ ଡେରାବିଶ ଥାନାରେ ୧୩୫/୧୮ ନଂ.ରେ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ସନ୍ତୋଷଙ୍କ ନାମରେ ପୂର୍ବରୁ କେନ୍ଦ୍ରାପଡ଼ା ଜିଲା ସମେତ କଟକ, ଜଗତ୍‌ସିଂହପୁର, ଯାଜପୁର ଓ ରାଉରକେଲାର ବିଭିନ୍ନ ଥାନାରେ ୬୦ରୁ ଉର୍ଦ୍ଧ୍ୱ ମାମଲା ରହିଛି। ଚୋରି, ଡକାୟତି, ରାହାଜାନି, ଟେଣ୍ଡର ଫିକ୍ସିଂ ଓ ହତ୍ୟା ଆଦି ମାମଲାରେ ସନ୍ତୋଷ ମୋଷ୍ଟ ୱାଣ୍ଟେଡ ଥିଲେ।

# ଛାତ୍ରାବାସରେ ପିଲାଙ୍କୁ ଛାଡ଼ି ଚାଲିଗଲେ ଶିକ୍ଷକ

## ରାତିସାରା ଜଗିଲେ ଡବ୍ଲ୍ୟୁଇଓ

ଫୁଲବାଣୀ ଅଫିସ, ୭।୧୦

କନ୍ଧମାଳ ଜିଲା ଫୁଲବାଣୀ ବ୍ଲକ ପାଲଚି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୨୦ ଜଣ ଅନ୍ତେବାସୀଙ୍କୁ ଶିକ୍ଷକମାନେ କୌଣସି ସୂଚନା ନ ଦେଇ ଶନିବାର ରାତିରେ ହଷ୍ଟେଲରେ ଛାଡି ଚାଲିଯାଇଛନ୍ତି। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କୌଣସି ସୂତ୍ରରୁ ଖବର ପାଇ ସେଠାରେ ପହଞ୍ଚିବା ସହ ପିଲାମାନଙ୍କୁ ଅନ୍ୟ ବିଦ୍ୟାଳୟକୁ ସ୍ଥାନାନ୍ତର କରିଛନ୍ତି । ଯେଉଁ ଶିକ୍ଷକମାନେ ଏଭଳି ଅବହେଳା କରିଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି ।

ମିଳିଥିବା ସୂଚନା ଅନୁସାରେ, ପାଲଚି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରାବାସରେ ୪୦ ଜଣ ରହିବା ପାଇଁ ବ୍ୟବସ୍ଥା ଥିବା ବେଳେ ୨୨ଜଣ ଛାତ୍ର ରହୁଥିଲେ । ଶନିବାର ହଷ୍ଟେଲରେ ୨୦ଜଣ ପିଲା ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ଛୁଟିରେ ଥିବା ବେଳେ ୨ ଜଣ ଶିକ୍ଷକ ହଷ୍ଟେଲ ଦାୟିତ୍ୱରେ ଥିଲେ। ଶନିବାର ରାତିରେ ଦୁଇ ଶିକ୍ଷକ ପିଲାମାନଙ୍କୁ କିଛି ନ ଜଣାଇ ସ୍କୁଲ ଛାଡ଼ି ପଳାଇ ଯାଇଥିଲେ । ଏପରିକି ସିସିଏ(କୁକ୍ କମ ଆସିଷ୍ଟାଣ୍ଟ)ଙ୍କୁ ସେମାନେ ଛୁଟିରେ ପଠାଇ ଦେଇଥିବା ଜଣାପଡିଛି । ଖବର ପାଇ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଣବ ପରିଡା ଶନିବାର ଛାତ୍ରାବାସରେ ପହଞ୍ଚିଥିଲେ। ସେଠାରେ ରାତିସାରା ପିଲାମାନଙ୍କୁ ଜଗି ରହିବା ପରେ ସକାଳୁ ୧୭ ଜଣ ପିଲାଙ୍କୁ ନିକଟସ୍ଥ ବେଲପଦର ସେବାଶ୍ରମ ଛାତ୍ରାବାସକୁ ନେଇଥିବା ବେଳେ ୩ ଜଣଙ୍କୁ ଘରେ ଛାଡି ଦିଆଯାଇଥିଲା । ଜିଲା ମଙ୍ଗଳ ଅଧିକାରୀ ଚାରୁଲତା ମଲ୍ଲିକ ବିଦ୍ୟାଳୟକୁ ଯାଇ ଘଟଣାର ତଦନ୍ତ କରିଛନ୍ତି । ଘଟଣା ନେଇ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପରିଡ଼ା ଏକ ରିପୋର୍ଟ ଜିଲା ମଙ୍ଗଳ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ତଦନ୍ତ ପରେ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯିବ। ଯେଉଁମାନେ କାର୍ଯ୍ୟରେ ଅବହେଳା ପଦର୍ଶନ କରିଥିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମଲ୍ଲିକ ସୂଚନା ଦେଇଛନ୍ତି। ଶିକ୍ଷକମାନଙ୍କ କହିବା କଥା ହେଲା ପ୍ରଧାନଶିକ୍ଷକ ଛୁଟିରେ ଯାଇଥିବା ବେଳେ କାହାକୁ ହଷ୍ଟେଲ ସହକାରୀ ଭାବେ ରହିବାକୁ ଦାୟିତ୍ୱ ଦେଇ ନ ଥିଲେ । ଏ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି ।

# ଭଦ୍ରକରେ ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣା: ୨ ମୃତ, ୧୫ ଆହତ

ଭଦ୍ରକ ଅଫିସ, ୭।୧୦

ଉତ୍ତରପ୍ରଦେଶରୁ ୬୦ରୁ ଉର୍ଦ୍ଧ୍ୱ ତୀର୍ଥଯାତ୍ରୀଙ୍କୁ ନେଇ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀକୁ ଆସୁଥିବା ବସ୍ ଭଦ୍ରକ ନିକଟସ୍ଥ ୧୬ ନମ୍ବର ଜାତୀୟ ରାଜପଥର ଏକ ବାଉଁଶ ବୋଝେଇ ଟ୍ରକ ପଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବସ୍‌ର ଡ୍ରାଇଭରଙ୍କ ସମେତ ୨ ଜଣଙ୍କ ମୃତ୍ୟୁ ଘଟିଛି। ୧୫ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ଶନିବାର ବିଳମ୍ବିତ ରାତି ପ୍ରାୟ ୨ଟା ସମୟରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ୧୫ ଆହତଙ୍କୁ ଭଦ୍ରକ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ପରେ ୨ ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଏଠାରେ ଚିକିତ୍ସାଧୀନ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ଜିଲା



ଦୁର୍ଘଟଣାଗ୍ରସ୍ତ ବାଉଁଶ ବୋଝେଇ ଟ୍ରକ୍ ଓ ବସ୍।

- ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ୟୁପିରୁ ଆସୁଥିଲେ
- ବାଉଁଶ ବୋଝେଇ ଟ୍ରକ ପଛରେ ପିଟି ହେଲା ବସ୍
- କଟରରେ କାଟି ଉଦ୍ଧାର କରାଗଲା ୨ ମୃତଦେହ

ପ୍ରଶାସନ ଆହତ ଯାତ୍ରୀଙ୍କ ଚିକିତ୍ସା ଓ ଖାଦ୍ୟପେୟ ବ୍ୟବସ୍ଥା ତଦାରଖ କରି ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଥିବା ୧୦ଜଣଙ୍କୁ ଟ୍ରେନ୍ ଯୋଗେ ପୁରୀ ପଠାଇଛି। ଅନ୍ୟ ୯ ଜଣ ଯାତ୍ରୀ ମଧ୍ୟାହ୍ନରେ ଟ୍ରେନ ଯୋଗେ ଲକ୍ଷ୍ନୌ ଫେରିଛନ୍ତି। ରିପୋର୍ଟ ଲେଖା ହେବା ସୁଦ୍ଧା ୩୫ ତୀର୍ଥଯାତ୍ରୀ ଦୁର୍ଘଟଣା ଘଟିଥିବା ସ୍ଥାନ ନିକଟସ୍ଥ ଏକ ମନ୍ଦିର ପରିସରରେ ଅଟକି ରହିଛନ୍ତି। ୨ ମୃତଦେହକୁ ମଧ୍ୟାହ୍ନରୁ ବ୍ୟବଚ୍ଛେଦ କରାଯାଇ ଡାକ୍ତରଖାନା ଶବାଗାର ପରିସରରେ ରଖାଯାଇଛି। ସେମାନଙ୍କ ପରିବାର ଲୋକେ ପହଞ୍ଚି ନ ଥିବାରୁ ମୃତଦେହ ହସ୍ତାନ୍ତର କରାଯାଇ ନାହିଁ।

ଉତ୍ତରପ୍ରଦେଶ ବାରାବାଙ୍କି ଜିଲାର ଏହି ତୀର୍ଥଯାତ୍ରୀ ଦଳ 'ଅମିତ' ନାମକ ଏକ ତୀର୍ଥଯାତ୍ରୀ ବସ୍(ୟୁପି- ୬୨ ଏଟି ୫୬୮୭)ରେ ଆସି ଗୟା ବୁଲିବା ପରେ ୧୬ ନମ୍ବର ଜାତୀୟ ରାଜପଥ ଦେଇ ପୁରୀ ଆସୁଥିଲେ। ଶନିବାର ବିଳମ୍ବିତ ରାତିରେ ଭଦ୍ରକ ସହର ଉପକଣ୍ଠ ଚରମ୍ପା ନିକଟସ୍ଥ ଲକ୍ଷ୍ମୀନାରାୟଣ ମନ୍ଦିର ସାମ୍ନା ରାସ୍ତାକଡ଼ରେ ପୂର୍ବରୁ ଅଟକିଥିବା ଏକ ବାଉଁଶ ବୋଝେଇ ଟ୍ରକର ପଛ ପଟେ ବସ୍ ପିଟିହୋଇ ଯାଇଥିଲା। ସେତେବେଳେ ଅଧିକାଂଶ ଯାତ୍ରୀ ନିଦରେ ଶୋଇପଡ଼ିଥିଲେ। ଦୁର୍ଘଟଣା ପରେ ଆହତ ଯାତ୍ରୀଙ୍କ ଚିତ୍କାର କରୁଣ ପରିବେଶ ସୃଷ୍ଟି କରିଥିଲା। ବସ୍‌ର ସମ୍ମୁଖ ଭାଗ ଚୂର୍‌ମାର ହୋଇଯାଇଥଲା। ଡ୍ରାଇଭରଙ୍କ ସହ ତାଙ୍କ ପଛରେ ବସିଥିବା ଜଣେ ତୀର୍ଥଯାତ୍ରୀ ଚାପିହୋଇ ମୃତ୍ୟୁବରଣ କରିଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ଆହତଙ୍କୁ ଉଦ୍ଧାର କରିଥିଲେ। ଦମକଳ ବାହିନୀ କଟର ସାହାଯ୍ୟରେ ବସ୍ କ୍ୟାବିନର କିଛି ଅଂଶ କାଟି ୨ ମୃତ ଯାତ୍ରୀଙ୍କୁ ବାହାରକୁ ଆଣିଥିଲେ। ଆହତ ଓ ମୃତକଙ୍କୁ ୧୦୮ ଆମ୍ବୁଲାନ୍ସ ଓ ଦମକଳ ଗାଡ଼ି ଯୋଗେ ଜିଲା ଚିକିତ୍ସାଳୟକୁ ପଠାଯାଇଥିଲା। ଡାକ୍ତର ସେଠାରେ ୨ ଜଣଙ୍କୁ ମୃତ ଘୋଷଣା କରିଥିଲେ। ଏହି ମୃତକଦ୍ୱୟ ହେଲେ ଉତ୍ତରପ୍ରଦେଶର ଡ୍ରାଇଭର ରାମସାଗର ଯାଦବ ଏବଂ ତଣ୍ଡାସୁଫି ଅଞ୍ଚଳର ଶିବନାରାୟଣ। ଅଳ୍ପକେ ରକ୍ଷା ପାଇଥିବା ଅନ୍ୟ ଯାତ୍ରୀ ଲକ୍ଷ୍ମୀନାରାୟଣ ମନ୍ଦିର ପରିସରରେ ଅଟକି ରହିଥିଲେ। ସ୍ଥାନୀୟ ଯୁବକ, ଟ୍ରକ ମାଲିକ ସଂଘ ଓ ପ୍ରଶାସନ ସହାୟତାରେ ସେମାନଙ୍କୁ ଖାଦ୍ୟପେୟ ଯୋଗାଇ ଦିଆଯାଇଥିଲା। ଉପଜିଲାପାଳ ସୁଚାରୁ ବଳ, ଅତିରିକ୍ତ ଏସ୍‌ପି କୈଳାସ ଚନ୍ଦ୍ର ପରିଡ଼ା, ଏସ୍‌ଡିପିଓ ଜଳନ୍ଧର ଜାଲି ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ।

# ସମୁଦ୍ର ଜୁଆରରେ ଭାସିଯାଉଥିବା ପର୍ଯ୍ୟଟକ ଉଦ୍ଧାର

କୋଣାର୍କ, ୭।୧୦(ଡି.ଏନ୍.ଏ.)

ଚନ୍ଦ୍ରଭାଗାଠାରେ ସମୁଦ୍ରରେ ସ୍ନାନ କରୁଥିବା ସମୟରେ ରବିବାର ଅପରାହ୍ନ ୩ଟା ୩୦ରେ ଜଣେ ପର୍ଯ୍ୟଟକ ଜୁଆରରେ ସମୁଦ୍ର ଗର୍ଭକୁ ଭାସିଯାଇଥିଲେ। ସେ ବୁଡିଯାଉଥିବା ଦେଖି ତାଙ୍କର ସହଯାତ୍ରୀ ଯୁବକ ଓ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ପରେ ପର୍ଯ୍ୟଟକଙ୍କ ପେଟଚିପି ଲୁଣିପାଣି ବାହାର କରାଯିବାପରେ ତାଙ୍କର ଚେତା ଫେରିଥିଲା। ଆହତ ପର୍ଯ୍ୟଟକଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ କୋଣାର୍କ ଡାକ୍ତରଖାନା ଓ ପରେ ପୁରୀ ସଦର ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଆହତ ପର୍ଯ୍ୟଟକଙ୍କ ନାମ ଲଳିତ୍ ସିଂ। ସେ ଉତ୍ତରପ୍ରଦେଶର ବାଲିଗାଁଓ ବାସିନ୍ଦା ବୋଲି ଜଣାପଡିଛି। ଚନ୍ଦ୍ରଭାଗା କୂଳରେ ବାରମ୍ବାର ଏପରି ଦୁର୍ଘଟଣା ଘଟୁଥିଲେ ମଧ୍ୟ ଏଠାରେ ପର୍ଯ୍ୟଟକଙ୍କ ସୁରକ୍ଷା ନିମନ୍ତେ ଲାଇଫ ଗାର୍ଡ ନିଯୁକ୍ତ କରାଯାଉନାହିଁ। ଏ ଦିଗରେ ପ୍ରଶାସନର ପ୍ରତିଶ୍ରୁତି ନିଷ୍ଫଳ ହୋଇଛି। ଟୁରିଷ୍ଟ ସିଜିନ ଆରମ୍ଭ ହୋଇଯାଇଥିବାରୁ ସମୁଦ୍ରରେ ସ୍ନାନ ନିମନ୍ତେ ପ୍ରତ୍ୟହ ଗହଳି ଲାଗିରହୁଛି। ପର୍ଯ୍ୟଟକଙ୍କ ସୁରକ୍ଷିତ ସମୁଦ୍ର ସ୍ନାନ ନିମନ୍ତେ ଏଠାରେ ନିୟମିତ ଲାଇଫ ଗାର୍ଡ ମୁତୟନ ନିମନ୍ତେ ଚନ୍ଦ୍ରଭାଗା ବଜାର କମିଟି ସଭାପତି ଭାସ୍କର ବେହେରା ଦାବି କରିଛନ୍ତି।

# 'ପୁରୀରୁ ପ୍ରଧାନମନ୍ତ୍ରୀ ଲଢ଼ିବା ପ୍ରସଙ୍ଗ ଏକ ଚର୍ଚ୍ଚା ମାତ୍ର'

ଭୁବନେଶ୍ୱର, ୭।୧୦(ବ୍ୟୁରୋ)

ଆସନ୍ତା ସାଧାରଣ ନିର୍ବାଚନରେ ପୁରୀ ଲୋକସଭା ନିର୍ବାଚନମଣ୍ଡଳୀରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରାର୍ଥୀ ହେବା ପ୍ରସଙ୍ଗ କିଛିଦିନ ହେବ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ହେଲେ ଭୁବନେଶ୍ୱରଠାରେ ଅନୁଷ୍ଠିତ ଭାଜପାର ଦୁଇଦିନିଆ କାର୍ଯ୍ୟକାରିଣୀରେ ନିର୍ଦ୍ଦିଷ୍ଟ ଭାବେ ସେ ପ୍ରସଙ୍ଗରେ ଆଲୋଚନା ହୋଇ ନ ଥିବା ଜଣାପଡିଛି। ଏଣୁ ମୋଦି ପୁରୀରୁ ପ୍ରାର୍ଥୀ ହେବା ପ୍ରସଙ୍ଗ ଏକ ରାଜନୈତିକ ଚର୍ଚ୍ଚା ବୋଲି ରାଜନୈତିକ ସମୀକ୍ଷକ ମତ ରଖିଛନ୍ତି। ବନାରସ ଭଳି ପୁରୀ ଏକ ଧାର୍ମିକ ପୀଠ ହୋଇଥିବାରୁ ମୋଦି ଏଠାରୁ ପ୍ରାର୍ଥୀହେବା ନେଇ ଚର୍ଚ୍ଚା ଜୋର ଧରିଥିଲା। ଏହି ପ୍ରସଙ୍ଗରେ ସାଧାରଣରେ କିଭଳି ପ୍ରତିକ୍ରିୟା ପ୍ରକାଶ ପାଉଛି, ତାହା ଜାଣିବା ପାଇଁ ଦଳର ଆଇଟି ସେଲରୁ ଏପ୍ରକାର ଗୁଜବ ସୃଷ୍ଟି କରାଯାଇଥିବା ଜନୈକ ନେତା ନିଜ ନାମ ଗୋପନ ରଖି କହିଛନ୍ତି। ହେଲେ ପ୍ରଧାନମନ୍ତ୍ରୀ ମୋଦି ନିଜେ ଏବଂ ସଂସଦୀୟ ଦଳ ଚାହିଁଲେ ପୁରୀରୁ ଛିଡ଼ା ହେବା ପ୍ରସଙ୍ଗ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସେ କହିଛନ୍ତି। ଶନିବାର ରାଜ୍ୟ ପଦାଧିକାରୀମାନଙ୍କ ବୈଠକ ଏବଂ ରବିବାର କାର୍ଯ୍ୟକାରିଣୀରେ କେବଳ ଭବିଷ୍ୟତର ରୋଡ୍ ମ୍ୟାପ ସମ୍ପର୍କରେ ଆଲୋଚନା ହୋଇଥିବା ଜଣାପଡିଛି।

ପ୍ରକାଶ ଯେ, ପୂର୍ବରୁ ଓଡ଼ିଶାର ବ୍ରହ୍ମପୁର ଲୋକସଭା ଆସନରୁ ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି ନରସିଂହ ରାଓ ପ୍ରାର୍ଥୀ ହୋଇ ଭଲ ବ୍ୟବଧାନରେ ବିଜୟ ଲାଭ କରିଥିଲେ। ହେଲେ ପ୍ରଧାନମନ୍ତ୍ରୀ ଭାବେ ପୁନଃ ଅବସ୍ଥାପିତ ହୋଇ ନ ଥିଲେ। ସେହିପରି ୧୯୯୬ ପୂର୍ବରୁ ଉକ୍ତ ଆସନରେ କଂଗ୍ରେସ ଲଗାତର ଜିତି ଆସୁଥିଲା। ମୋଦିଙ୍କ ପ୍ରାର୍ଥିତ୍ୱ ନେଇ ଚର୍ଚ୍ଚାରେ ଥିବା ପୁରୀ ଲୋକ ସଭା ଆସନ ବିଜେଡି ୧୯୯୮ରୁ ଲଗାତର ଭାବେ ଜିତି ଆସୁଛି। ୨୦୦୯ ଏବଂ ୨୦୧୪ରେ ଭାଜପା ଏଠାରେ ଯଥାକ୍ରମେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ ଏବଂ ଅଶୋକ ସାହୁଙ୍କୁ ପ୍ରାର୍ଥୀ କରିଥିଲା। ହେଲେ ଉଭୟ ଥର ଭାଜପା ତୃତୀୟ ସ୍ଥାନରେ ରହିଥିଲା।

## ପାଥୋଲୋଜି ଛାତ୍ରୀଙ୍କୁ ଯୌନ ଶୋଷଣ ମାମଲା

# ଜେଲ ଗଲେ ନର୍ସିଂ କଲେଜ ମାଲିକ

ଭୁବନେଶ୍ୱର, ୭।୧୦(ବ୍ୟୁରୋ)

ପାଥୋଲୋଜି ଛାତ୍ରୀଙ୍କୁ ଯୌନ ଶୋଷଣ କରିବା ଅଭିଯୋଗରେ ଖଣ୍ଡଗିରି ପୋଲିସ ଅଟକ ରଖିଥିବା ନର୍ସିଂ କଲେଜର ମାଲିକ ତଥା ନିର୍ଦ୍ଦେଶକ କୋଦଣ୍ଡଧର ସାହୁଙ୍କୁ ଗିରଫ କରିଛି। ତାଙ୍କ ନାମରେ ପୋଲିସ ଦଫା ୩୪୧, ୩୨୩, ୨୯୪, ୩୫୪, ୫୦୯, ୫୦୬ ଓ ୩୪ ଆଇପିସିରେ ଏକ ମାମଲା(୪୬୨/୧୮) ରୁଜୁ କରି କୋର୍ଟ ଚାଲାଣ କରିଛି। ଏଥିସହ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେବା ଘଟଣାରେ କୋଦଣ୍ଡଧରଙ୍କ ସ୍ତ୍ରୀଙ୍କ ସମ୍ପୃକ୍ତି ଅଛି କି ନାହିଁ ସେ ନେଇ ପୋଲିସ ଖୋଳତାଡ଼ କରୁଛି। ଅନ୍ୟପଟେ ଛାତ୍ରୀମାନେ ସେମାନଙ୍କ ଟଙ୍କା ଫେରସ୍ତ ପାଇଁ ଦାବି କରିଛନ୍ତି। ସୂଚନା ଅନୁଯାୟୀ, ଖଣ୍ଡଗିରି ଥାନା ଭରତପୁର ଓମ୍‌ଫେଡ୍ ଛକ ନିକଟରେ ଥିବା ଉକ୍ତ କଲେଜରେ ସମସ୍ତ ପ୍ରକାର ସୁବିଧା ଥିବା କହି ମାଲିକ ଛାତ୍ରୀମାନଙ୍କୁ ଆଡ୍‌ମିଶନ କରାଇଥିଲେ। କିନ୍ତୁ ଛାତ୍ରୀମାନେ ସେଠାରେ ଆଡମିଶନ ପରେ ଜାଣିବାକୁ ପାଇଲେ ଯାହାସବୁ କୁହାଯାଇଥିଲା ତାହା ମିଛ। ପାଠ ପଢ଼ାଇବା ପାଇଁ ଶିକ୍ଷକ ନ ଥିବାବେଳେ ପିଲାଙ୍କୁ କୌଣସି ପରିଚୟପତ୍ର ଦେଉ ନ ଥିଲେ। ଏପରି କି ପିଲା ପାଠ ପଢ଼ି ସାରିବା ପରେ ମଧ୍ୟ ସେମାନଙ୍କୁ ସାର୍ଟିଫିକେଟ ଦେଉ ନ ଥିଲେ। ଛାତ୍ରୀମାନଙ୍କୁ ମାଲିକ ଗୋଟିଏ ରୁମ୍‌ରେ ୧୫ରୁ ଅଧିକ ଛାତ୍ରୀଙ୍କୁ ରଖିଥିଲେ। ଏପରିକି କେତେଜଣ ଛାତ୍ରୀଙ୍କୁ ରୋଷେଇ ଘରେ ରହିବାକୁ କୁହାଯାଇଥିଲା। ମାଲିକ ପିଲାଙ୍କୁ ପାଠ ପଢାଇବା ନାଁରେ ବିଭିନ୍ନ ପ୍ରକାର ଅସଦାଚରଣ କରୁଥିଲେ। ସେମାନେ ଏହାର ବିରୋଧ କଲେ କଲେଜରୁ ବାହାର କରି ଦେବାକୁ ଧମକ ଦେଉଥିଲେ। ଶେଷରେ ଶନିବାର ଛାତ୍ରୀମାନେ ପ୍ରତିବାଦ କରିବା ସହ ଉକ୍ତ କଲେଜରେ ଭଙ୍ଗାରୁଜା କରିଥିଲେ।

WESCO ୱେସ୍କୋ ୟୁଟିଲିଟି

ଟିଟିଲାଗଡ଼ ବିଦ୍ୟୁତ୍ ଡିଭିଜନ, ଟିଟିଲାଗଡ଼, ଜିଲ୍ଲା- ବଲାଙ୍ଗିର, ପିନ୍ ନଂ: ୭୬୭୦୩୩ (ଓଡ଼ିଶା), ଫୋ. ନଂ: ୦୬୬୫୫-୨୨୨୦୪୪

**ବିଦ୍ୟୁତ୍ ଦେୟ ରସିଦ (Money Receipt) ନାକଚ ସମ୍ପର୍କରେ ଉପଭୋକ୍ତାଙ୍କୁ ଜରୁରୀ ସୂଚନା**

ଏତଦ୍ୱାରା ବିଦ୍ୟୁତ ଗ୍ରାହକମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଟିଟିଲାଗଡ଼ ୱେସ୍କୋ ଡିଭିଜନର ଏକ ବିଦ୍ୟୁତ ଦେୟ ଆଦାୟ ରସିଦ ବହି (Money Receipt Book) ଗତ ୨୯।୦୯।୨୦୧୮ରେ ହଜିଯାଇଛି। ଏହି ରସିଦ ବହିରେ ରସିଦ ନଂ B4-4072001 ରୁ B4-4072194 ମୋଟ 194 ଗୋଟି ବ୍ୟବହୃତ ଓ B4-4072195 ରୁ B4-4072200 ମୋଟ 6 ଗୋଟି ଅବ୍ୟବହୃତ ଅଲେଖା ରସିଦ ରହିଛି। ଉପରୋକ୍ତ ଅବ୍ୟବହୃତ/ଫାଙ୍କା ରସିଦ ନଂ B4-4072195 ରୁ B4-4072200 ଗୁଡ଼ିକୁ ୱେସ୍କୋ ପକ୍ଷରୁ ସମ୍ପୂର୍ଣ୍ଣ ନାକଚ କରି ଦିଆଯାଇଛି। ଏଣୁ ବିଦ୍ୟୁତ ଗ୍ରାହକମାନେ ଏହି ରସିଦ ମାଧ୍ୟମରେ କୌଣସି ଦେୟ ପୈଠ ନ କରିବା ପାଇଁ ସତର୍କ କରି ଦିଆଯାଉଅଛି। ଏହି ନାକଚ ରସିଦ ମାଧ୍ୟମରେ ଯଦି କୌଣସି ଗ୍ରାହକ ବିଦ୍ୟୁତ ଦେୟ ପୈଠ କରନ୍ତି, ସେଥିପାଇଁ ୟୁଟିଲିଟି କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ। ତେବେ ଯଦି କୌଣସି ବ୍ୟକ୍ତି ଏହି ରସିଦ ବହି ପାଇଥାନ୍ତି ଉପରୋକ୍ତ ଠିକଣାରେ ତାହା ଫେରାଇଦେବା ପାଇଁ ଅନୁରୋଧ।

**ସ୍ୱା./- ନିର୍ବାହୀ ଯନ୍ତ୍ରୀ, ୱେସ୍କୋ**
**ଟିଟିଲାଗଡ଼ ବିଦ୍ୟୁତ ଡିଭିଜନ, ଟିଟିଲାଗଡ଼**

**ସଂକ୍ଷେପରେ**

୪ର୍ଥ ଇଣ୍ଟରସିଟି ଗୋଲ୍ଡ କପ୍ ହକି ଟୁର୍ଣ୍ଣାମେଣ୍ଟ

## ଭୁବନେଶ୍ୱର କ୍ରୀଡ଼ା ଛାତ୍ରବାସ ଚାମ୍ପିୟନ

ରାଉରକେଲା ଅଫିସ,୭। ୧୦– ରାଉରକେଲା କ୍ରୀଡା ଛାତ୍ରାବାସ ହକି ଷ୍ଟାଡିୟମଠାରେ ଚାଲିଥିବା ୪ର୍ଥ ଇଣ୍ଟରସିଟି ଗୋଲ୍ଡ କପ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍ଯାପିତ ହୋଇଯାଇଛି। ପ୍ରଫେସନାଲ ବର୍ଗ ଫାଇନାଲ ଖେଳରେ କ୍ରୀଡା ଛାତ୍ରାବାସ ଭୁବନେଶ୍ୱର ଓ କ୍ରୀଡା ଛାତ୍ରାବାସ ସୁନ୍ଦରଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ରୀଡା ଛାତ୍ରାବାସ ଭୁବନେଶ୍ୱର୨–୧ ଗୋଲରେ ବିଜୟ ହୋଇ ଚାମ୍ପିୟନ ହୋଇଛି। ସେହି ଦଳ ୪୫ହଜାର ଟଙ୍କା ପୁରସ୍କାର ରାଶି ପାଇଥିବା ବେଳେ ରନର୍ସ ଅପ୍ ଦଳ ସୁନ୍ଦରଗଡ଼ କ୍ରୀଡା ଛାତ୍ରାବାସକୁ ୩୦ହଜାର ଟଙ୍କା ପୁରସ୍କାର ବାବଦରେ ପ୍ରଦାନ କରାଯାଇଥିଲା। ସେହିପରି ରୁରାଲ ଗ୍ରୁପରେ ମୋଟ ୪୦ଟି ଦଳ ବିଭିନ୍ନ ଜିଲାରୁ ଏଥିରେ ଭାଗ ନେଇଥିଲେ। ଖେଳରେ ଦେବଗଡ଼ ଜିଲାର କରଡାପାଳ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବିଧୋଡିବାହାଲ ୨ୟ, ଜରେଇକେଲା ୩ୟ ଓ ସମଲେଇ ମୁଣ୍ଡା ଦଳ ୪ର୍ଥ ସ୍ଥାନ ଅଧିକାର କରିଥିଲା। ଉପରୋକ୍ତ ଦଳକୁ ଯଥାକ୍ରମେ ୨୫, ୨୦, ୧୫ ଓ ୧୦ ହଜାର ଟଙ୍କା କରି ନଗଦ ଅର୍ଥ ପ୍ରଦାନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ରୂପେ ସ୍ପେଶିଆଲ ଟ୍ରାଇବାଲ ଡେଭଲପମେଣ୍ଟ ଅଥରିଟି ସୁନ୍ଦରଗଡ଼ ଜିଲା ଅଧ୍ୟକ୍ଷ ସନ୍ତୋଷ ଅମାତଙ୍କ ସହ ଆରଡିଏ ଅଧ୍ୟକ୍ଷ ସାରଦା ନାୟକ, ଏନଟିପିସି ଦର୍ଲିପାଲି ଜେନେରାଲ ମ୍ୟାନେଜର କେଦାର ପାଣ୍ଡେ, ଅଭିଷେକ ଅଗ୍ରୱାଲ ବରସୁଆଁ ଉପସ୍ଥିତ ରହି ବିଜେତା ଦଳକୁ ପୁରସ୍କାର ବିତରଣ କରିଥିଲେ। ଖେଳ ପରିଚାଳନାରେ ବିଶ୍ୱଜିତ ଷଡଙ୍ଗୀ, ନିଶାନଜ୍ୟୋତି ମହାନ୍ତି, ରେଶ୍ମା ଲାକ୍ରା, ଜୟନ୍ତ କେରକେଟ୍ଟା ଓ ପରମେଶ୍ୱର ମାରାଣ୍ଡି ସହଯୋଗ କରିଥିଲେ।

# ଓଡ଼ିଶା ରାଇଜ ଛାଡ଼




ଡ. ସୁରେନ୍ଦ୍ର କୁମାର ମିଶ୍ର

ପୂର୍ବ ସଂଖ୍ୟାରେ ବକ୍ସି ଜଗବନ୍ଧୁଙ୍କ ସମ୍ବନ୍ଧରେ ସରକାରୀ ନଥିପତ୍ରରେ ରହିଥିବା କେତେକ ରହସ୍ୟକୁ ଆମେ ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁଙ୍କଦ୍ୱାରା ଲୋକାର୍ପିତ 'ଜୟୀ ରାଜଗୁରୁ ଆଣ୍ଡ ଆଣ୍ଟି କଲୋନିଆଲ ରେଜିଷ୍ଟାନ୍ସ ଇନ୍ ଖୁର୍ଦ୍ଧା' ପୁସ୍ତକ ସହାୟତାରେ ଲେଖିଥିଲୁ। କଥା ସରିନି। ସବୁ ରହସ୍ୟ ଆସିନି। ଆମେ କେବଳ ଉଡ଼ାଣିଆ କଥା କହୁଥିବା ବ୍ୟକ୍ତିବିଶେଷଙ୍କ ଜାଣିବା ପାଇଁ ଦୁଇ/ତିନୋଟି ଉଦାହରଣ ଦେଲୁ। ପୂର୍ବରୁ ସୂଚନା ଦେଇଥିଲୁ ଇଂରେଜ ସରକାରଙ୍କୁ ଗଜପତି ଲେଖିଥିବା ଚିଠିରେ ଦୁଇଟି ପ୍ରସଙ୍ଗ ଲକ୍ଷ୍ୟ କରିବା କଥା। ଗୋଟିଏ କଥା ଆମେ ଜାଣିଲେ ୧୮୦୪ ଯୁଦ୍ଧରେ ବକ୍ସି ଜଗବନ୍ଧୁଙ୍କର ବିଶେଷକ ଭୂମିକା ନଥିଲା। ଏହା ମଧ୍ୟ ମଧୁସୂଦନ ବିପ୍ରଙ୍କ ଲିଖିତ 'ଫିରିଙ୍ଗି କଳି ଭାରତ' ପୁସ୍ତକରୁ ଆମେ ଜାଣିଥିଲେ। କାଳେ ତାଳପତ୍ର ପୋଥିରୁ ଉତାରିବା ବେଳେ ଜଗବନ୍ଧୁଙ୍କ କଥା ଛାଡ଼ି ଯାଇଥିବେ ଭାବି ଫକୀର ହରିଚନ୍ଦନ ଯେଉଁ ଅନୁସନ୍ଧାନ କରିଥିଲେ ତାହା ପୂର୍ବ ଆଲୋଚନାରେ ଆମେ ସୂଚନା ଦେଇଥିଲୁ। ସେଇ ଚିଠିର ଦ୍ୱିତୀୟ ପ୍ରସଙ୍ଗଟି– ଗଜପତିଙ୍କ ଚିଠିର ବିଷୟବସ୍ତୁ ଓ ଗଜପତିଙ୍କ ତତ୍କାଳୀନ ଆଭିମୁଖ୍ୟ।

ଚିଠିରୁ ଜଣାପଡୁଛି ଦୁଇରୁ ତିନି ହଜାର ପାଇକଙ୍କୁ ସାଙ୍ଗରେ ନେଇ ଜଗବନ୍ଧୁ ପୁରୀରେ ଗଜପତିଙ୍କୁ ଭେଟିଥିଲେ। ମହାରାଣୀଙ୍କ ସହିତ ଗଜପତି ନିଜେ ଖୋର୍ଦ୍ଧା ଦୁର୍ଗରେ ପଦାର୍ପଣ କରନ୍ତୁ ବୋଲି ସେ ନିବେଦନ କରିଥିଲେ। ଗଜପତି ରୋକଠୋକ ମନା କରି ଦେଇଥିଲେ, କିନ୍ତୁ ଇଂରେଜ ସରକାରଙ୍କୁ ସୁରକ୍ଷା ଦେବା ପାଇଁ ଚିଠି ଲେଖିବା ପରେ ଗଜପତିଙ୍କୁ ଓଲଟା ଫଳ ମିଳିଲା। ଇଂରେଜ ସରକାର ସୁରକ୍ଷା ଦେବା ଆଳରେ କଟକ ନେଇ ବନ୍ଦୀ କରିଥିଲେ। ବକ୍ସି ଯେଉଁ ପାଇକ ବୀରମାନଙ୍କୁ ସାଙ୍ଗରେ ଧରି ଗଜପତିଙ୍କ ପାଖକୁ ଆସିଥିଲେ ସେମାନେ ସ୍ୱତଃ ବିପ୍ଳବ ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ହୋଇସାରିଥିଲେ। ୧୮୧୭ରେ ରାତାରାତି ତାଙ୍କୁ ପ୍ରସ୍ତୁତ କରାଯାଇ ନଥିଲା। ଏହି ପ୍ରସ୍ତୁତି ବହୁ ପୂର୍ବର, ଅର୍ଥାତ୍ ରାଜଗୁରୁ ୧୮୦୬ ମସିହାରେ ଫାଶୀ ପାଇବା ପରଠାରୁ ଏହି ପ୍ରସ୍ତୁତି ସେମାନେ ଆରମ୍ଭ କରିଥିଲେ। ଏହା ହେଉଛି ପାଇକ ବିଦ୍ରୋହ ଉପରେ ୧୮୦୪ ମସିହା ଯୁଦ୍ଧର ପଞ୍ଚମ ପ୍ରଭାବ।

୧୮୦୪ ମସିହାରେ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ହୋଇଥିବା ଯୁଦ୍ଧବେଳେ ଗଜପତି ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସମ୍ପୃକ୍ତ ଥିଲେ। ଜୟୀ ରାଜଗୁରୁଙ୍କ ବିଚାର ବେଳର ବିଡ଼ମ୍ବନା ବିଷୟରେ ସେ ଅବଗତ ଥିଲେ। ନିର୍ମମ ଭାବରେ ବରଗଛରେ ବୀରପୁରୁଷଙ୍କୁ ବଧ କରିବାର ଘନଘଟାକୁ ସେ ଅନୁଭବ କରିଥିଲେ, ତଥାପି କାହିଁକି ୧୮୧୭ ମସିହା ପାଇକ ବିଦ୍ରୋହରୁ ଦୂରେଇ ରହିଲେ ? ବିଦ୍ରୋହର ଅନ୍ତଃସ୍ୱର ତାଙ୍କୁ ଅଛପା ନଥିଲା। ନିର୍ଣ୍ଣାୟକ ଯୁଦ୍ଧବେଳେ ଉଦାସୀନ ବ୍ୟକ୍ତିତ୍ୱ ଥିଲେ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର। ସେଥିପାଇଁ ଇତିହାସକାର ଧ୍ରୁବଚରଣ ଜୟସିଂହ ପାଇକରାୟ 'ଊନବିଂଶ ଶତାବ୍ଦୀର ବିସ୍ମୃତ ଅମର ଶହୀଦ ଜୟୀ ରାଜଗୁରୁ' ଶୀର୍ଷକ ପ୍ରବନ୍ଧରେ ଏକ ଗୁରୁତ୍ୱପୂର୍ଣ୍ଣ 'ଉପ–ଶୀର୍ଷକ' ରଖିଛନ୍ତି। ତାହା ହେଲା– ଖୋର୍ଦ୍ଧା ପାଇକ ବିଦ୍ରୋହର ପଥପ୍ରଦର୍ଶକ ଓ ଖୋର୍ଦ୍ଧା ରାଜବିଦ୍ରୋହର ସୂତ୍ରଧର ଜୟୀ ରାଜଗୁରୁ। ସେଇ ଉପ–ଶୀର୍ଷକରେ ପ୍ରଥମରୁ ସେ ଜୀ.ଟୟନବୀଙ୍କର 'ଏ.ସ୍କେଚ୍ ଅଫ ଦି ହିଷ୍ଟ୍ରୀ ଅଫ ଓରିସା' (୧୮୦୩–୧୮୨୩) ରେ ଲିଖିତ ମତକୁ ଉଦ୍ଧାର କରିଛନ୍ତି। ସେ ମତଟି ହେଉଛି– ପାଇକ ବିଦ୍ରୋହର ପଥପ୍ରଦର୍ଶକ ଜୟୀ ରାଜଗୁରୁ ବକ୍ସିଙ୍କ ବହୁ ପୂର୍ବରୁ ଓଡ଼ିଶାର ସାମନ୍ତ ରାଜାମାନଙ୍କୁ ଯୁଦ୍ଧ କରିବା ନିମନ୍ତେ ଏବଂ ଇଂରେଜମାନଙ୍କୁ ଓଡ଼ିଶା ରାଇଜରୁ ବିତାଡ଼ିତ କରିବା ପାଇଁ ସଙ୍ଗଠିତ କରି ଖୋର୍ଦ୍ଧା ପାଇକମାନଙ୍କୁ ପ୍ରୋତ୍ସାହିତ କରିଥିଲେ, ତେଣୁ ପାଇକ ବିଦ୍ରୋହ ବାସ୍ତବରେ ୧୮୦୪ ମସିହାରୁ ଆରମ୍ଭ ହୋଇଥିଲା ବୋଲି ଗ୍ରହଣ କରିବାରେ ଐତିହାସିକ ବିଭ୍ରାନ୍ତି ହେବ ନାହିଁ। ଏହା ହେଉଛି ପାଇକ ବିଦ୍ରୋହ ଉପରେ ୧୮୦୪ ମସିହା ଯୁଦ୍ଧର ଷଷ୍ଠ ପ୍ରଭାବ।

ସପ୍ତମ ପ୍ରଭାବ ବିଚାର କରିବା ପୂର୍ବରୁ ଆମକୁ ସଚେତନ ହେବାକୁ ପଡ଼ିବ ଯେ ୧୮୦୪ ମସିହା ଯୁଦ୍ଧ ମୁଦ୍ରାର ଗୋଟିଏ ପାର୍ଶ୍ୱ ହେଲେ ୧୮୧୭ ପରର ସମସ୍ତ ବିଦ୍ରୋହ ଓ ଯୁଦ୍ଧ ମୁଦ୍ରାର ଅନ୍ୟ ପାର୍ଶ୍ୱ। ଓଡ଼ିଶାରେ ନିରବଚ୍ଛିନ୍ନ ଭାବରେ ସଂଗ୍ରାମ ଗତି କରି ଚାଲିଥିଲା। ସେତିକି ନିଷ୍ଠା, ତ୍ୟାଗ ଓ ଦେଶାତ୍ମବୋଧ ନ ଥିଲେ ଯୁଦ୍ଧର ଭିତ୍ତିଭୂମି ସୁଦୃଢ଼ ହୋଇ ନଥାନ୍ତା। ତିଳେମାତ୍ର ସ୍ୱାର୍ଥ ଉଙ୍କି ମାରିଥିଲେ ନିଷ୍ଠା କଳୁଷିତ ହୋଇ ଯାଇଥାନ୍ତା। ଫିରିଙ୍ଗି ସରକାର ରାଜଗୁରୁଙ୍କୁ ଲୋଭ ଦେଖାଇ ନଥିଲେ, ତାହା ନୁହଁ। ରାଜଗୁରୁ ତାର ଦୃଢ଼ ଜବାବ ବି ଦେବାରେ ହେଳା କରି ନଥିଲେ। ବିପ୍ର ମଧୁସୂଦନ ବଡ଼ ସୁନ୍ଦର ଭାବରେ ଏହି ଘଟଣାକୁ ଲେଖିଛନ୍ତି–

ମିଳି ମିଳି କହେ ରାଜଗୁରୁଙ୍କୁ ବୁଝାଇ
କଟକ ଚଉରାସି ଲେଖିଦେବା ପାଇଁ
ଦୁଇଖଣ୍ଡି ପରଗନା ତୁମ୍ଭେ ଯେ ପାଇବ
ସମଗ୍ର ପୃଥିବୀ ଆମ୍ଭଙ୍କୁ ଲେଖିଦେବ ॥

ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ ରାଜଗୁରୁ। ରାଜଗୁରୁଙ୍କ ନିଷ୍ପତ୍ତି କବି ମଧ୍ୟ ଉଲ୍ଲେଖ କରିଛନ୍ତି –

ଶୁଣିଣ ନାସ୍ତିବାକ୍ୟ ଗଲେ ଜୟମୁନି
ଆପଣା ଇଚ୍ଛାରେ ଭୋଗ କର ଯେ ମେଦିନୀ।
ଚାରି ପରଗଣା ଆମ୍ଭେ ଅବଶ୍ୟ ପାଇବୁ
ଭଲେ ନ ଛାଡ଼ିଲେ ନିଶ୍ଚେ ସମରରେ ନେବୁ ॥

କବି 'ସମର' ଶବ୍ଦ ପ୍ରୟୋଗ କରିଛନ୍ତି, ବିଦ୍ରୋହ ଶବ୍ଦ ନୁହେଁ। ତେଣୁ ସମର ପାଇଁ ରାଜଗୁରୁ କେବଳ ସାମନ୍ତ ରାଜାମାନଙ୍କୁ ସଙ୍ଗଠିତ କରିଥିଲେ ତାହା ନୁହେଁ, ସାମନ୍ତ ରାଜାଙ୍କ ଅଧୀନରେ ନଥିବା ଗଡ଼ଗୁଡ଼ିକୁ ନିଜେ ଯାଇ 'ଓଡ଼ିଶା ରାଇଜ ଛାଡ଼' ଡାକରାରେ ସାମିଲ କରାଇଥିଲେ। କୋଣାର୍କ ଅଂଚଳରେ ରହିଥିବା ୧୬ ପ୍ରାଚୀନ ଗଡ଼କୁ ଅନୁସନ୍ଧାନ ପାଇଁ ଆମେ ଏବେ ଯିବା ପରେ ବହୁ ନଥିପତ୍ର ମିଳୁଛି। ପ୍ରତ୍ୟେକ ଗଡ଼ ସହିତ ସିଧାସଳଖ ସମ୍ପର୍କ ରଖିଥିଲେ ରାଜଗୁରୁ। ଗଡ଼ରୂପାସ ଓ କିଲ୍ଲା ବୟାଳିଶିବାଟି ତାର ଗୋଟିଏ ଗୋଟିଏ ଉଦାହରଣ।



କିଲ୍ଲା ବୟାଳିଶିବାଟିରେ ପୋଖରୀର ରୂପ ନେଇଥିବା ପଥରବୁହା ନଦୀ।





ଗଡ଼ରୂପାସର ମା' କନକଦୁର୍ଗା ଓ ତାଙ୍କ ମନ୍ଦିର।

**ଲୋକାଯୁକ୍ତ ନିଯୁକ୍ତି ପ୍ରସଙ୍ଗ**

## ୫ମ ସଦସ୍ୟଙ୍କ ନାମ ସୁପାରିସ କଲା ଚୟନ କମିଟି

ଭୁବନେଶ୍ୱର, ୭।୧୦(ବ୍ୟୁରୋ)

ଲୋକାଯୁକ୍ତ ନିଯୁକ୍ତି ନେ ଇ ଚୟନ କମିଟିର ପ୍ରଥମ ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟି ୫ମ ସଦସ୍ୟଙ୍କୁ ମନୋନୀତ କରିଛି। ଏହା ରାଜ୍ୟପାଳଙ୍କ ଅନୁମୋଦନ ପାଇଁ ପଠାଯିବ। ରାଜ୍ୟପାଳ ଏହାକୁ ଅନୁମୋଦନ କରିବା ପରେ କମିଟିରେ ୫ଜଣ ସଦସ୍ୟ ରହିବେ। ସେହି କମିଟି ଏକ ସର୍ଚ୍ଚ କମିଟି ଗଠନ କରିବାକୁ ସୁପାରିସ କରିବ। ସର୍ଚ୍ଚ କମିଟି ଲୋକାଯୁକ୍ତ ନିଯୁକ୍ତି କରିବାକୁ ସୁପାରିସ କରିବ। ସର୍ଚ୍ଚ କମିଟିର କାର୍ଯ୍ୟକାଳ ୩ ବର୍ଷ ରହିବ। ପରବର୍ତ୍ତୀ ବୈଠକରେ ସର୍ଚ୍ଚ କମିଟି ଗଠନ ନେଇ ଚୂଡାନ୍ତ ନିଷ୍ପତ୍ତି ହେବ। ଚୟନ କମିଟି ପାଇଁ ଜଣେ ଆଇନ ବିଶେଷଜ୍ଞଙ୍କ ନାମ ସୁପାରିସ କରାଯାଇଛି। ରାଜ୍ୟପାଳଙ୍କ ଅନୁମୋଦନ ପରେ ଏ ନେଇ ବିଜ୍ଞପ୍ତି ପ୍ରକାଶ କରାଯିବ ବୋଲି ଚୟନ କମିଟିର ସଦସ୍ୟ ତଥା ବିରୋଧୀ ଦଳ ନେତା ନରସିଂହ ମିଶ୍ର କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ନିଯୁକ୍ତି ପ୍ରକ୍ରିୟା ପୂରଣ ହୋଇ ନ ଥିବାରୁ ରାଜ୍ୟ ସରକାର ଲୋକାଯୁକ୍ତ ନିଯୁକ୍ତି ନେଇ ସୁପ୍ରିମକୋର୍ଟଙ୍କୁ ଅଧିକ ସମୟ ମାଗିବେ। ସର୍ଚ୍ଚ କମିଟି ଲୋକାଯୁକ୍ତ ନିଯୁକ୍ତି ନେଇ ଜୁଲାଇ ୧୦ ତାରିଖରେ ଓଡିଶା ସମେତ ଅନ୍ୟ ରାଜ୍ୟଗୁଡିକର ଆବେଦନ ଉପରେ ଶୁଣାଣି କରି ସୁପ୍ରିମକୋର୍ଟ ୩ ମାସ ମଧ୍ୟରେ ଲୋକାଯୁକ୍ତ ନିଯୁକ୍ତି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ୧୦ ତାରିଖରେ ଏହି ସମୟସୀମା ଶେଷ ହେଉଥିବାରୁ ରାଜ୍ୟ ସରକାର ସମୟ ବଢ଼ାଇବା ପାଇଁ ଆବେଦନ କରିବେ।

ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଧାନସଭା ବାଚସ୍ପତିପ୍ରଦୀପ ଅମାତ, ବିରୋଧୀ ଦଳ ନେତା ନରସିଂହ ମିଶ୍ର, ହାଇକୋର୍ଟ ମୁଖ୍ୟ ବିଚାରପତି କଳ୍ପେଶ ସତ୍ୟେନ୍ଦ୍ର ଝାବେରି ଉପସ୍ଥିତ ଥିଲେ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SPOT ADMISSION
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
CT(D.El.Ed)
Equivalent to Board of Secondary Education Odisha
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Shri Mahavir Finance
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ Reg. No. MHF8555TN ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, କୃଷି, ଗୃହ, ବ୍ୟବସାୟ, ବିଉଟି ପାର୍ଲର ଓ ସମସ୍ତ ଋଣ 3–4 ଦିନରେ ଘରେ ବସି ପାଆନ୍ତୁ। ସୁଧ 2%, ରିହାତି 50%। ଠକମାନଙ୍କ ପ୍ରତି ସାବଧାନ।
Ward No.22, Agol Road, Bilsi, Budaun, UP
7310612967
7310612891

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LIMITED
(Regd. No. - U6519TN1988 LC008555)
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଇଟାଭାଟି, ପଶୁପାଳନ, କୃଷି ଏବଂ ସମସ୍ତ ଋଣ ଘରେ ବସି ପାଆନ୍ତୁ ମାତ୍ର 3ରୁ 4 ଦିନରେ 2% ସୁଧ 40% ରିହାତି।
H-33, ARODA, GREATER NOIDA
CALL NOW
7830746256
8859690149

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

TOWER VISION
(GOVT. APPROVED)
ଭାରତର ନଂ.1 କମ୍ପାନୀ
କମ୍ପାନୀ ଦ୍ୱାରା ସବୁ କମ୍ପାନୀର 3G/4G ଉପକରଣ ଲଗାନ୍ତୁ। ଅଗ୍ରିମ 60 ଲକ୍ଷ, ଭଡ଼ା 40,000/-, ଅନ୍ୟାନ୍ୟ ଲାଭ 20,000/- ପାଆନ୍ତୁ ନିଜ ଜମି, ଛାତ, ପ୍ଲଟ୍‌କୁ ଭଡ଼ାରେ ଦେଇ + ବାଇକ୍ + ବୀମା (ଏଜେଣ୍ଟ ଆମନ୍ତ୍ରିତ)
08818956614
09753490869
ରାମ ନଗର ନାରନୋର, ହରିୟାଣା

ଶୁଭ ଜନଲକ୍ଷ୍ମୀ ଫାଇନାନ୍ସ
ଆବଶ୍ୟକତା ଅଛି ଶୁଭ ଜନଲକ୍ଷ୍ମୀ ଫାଇନାନ୍ସ କମ୍ପାନୀକୁ ଓଡ଼ିଶାରେ ଏଜେଣ୍ଟ, ଡିଲର ପଏଣ୍ଟ, ମାଇକ୍ରୋ ଫାଇନାନ୍ସ, ଫିଲଡ୍ ଅଫିସରମାନଙ୍କର, Fixed Salary– 25,000 to 35,000 + କମିଶନ, ଲୋନ, ପର୍ସନାଲ ଲୋନ, ଲୋନ୍ ଏଗ୍ରେଷ୍ଟ ପ୍ରପର୍ଟି ସଂପର୍କ କରନ୍ତୁ।
D2/A, Ambedkar Bhawan Near Paribartan Square, Lucknow, Delhi
9958114799
9667313428

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

ଆଦର୍ଶ ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ, ପରେ ଦାମ୍
ଦୀପାବଳି ଧମାକା
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ, ଚାଷକାର୍ଯ୍ୟ, ଏଗ୍ରିକଲ୍‌ଚର
ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ
୨% ସୁଧ - ୪୦% ରିହାତି
୮୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
କମ୍ କାଗଜପତ୍ର କାମ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
168, Sector-30, Jagatpura, Jaipur, Rajasthan
8979448754
8979448494

INDIA'S NO.1 Govt. Approved SLT Company
ଦ୍ୱାରା ଖାଲି ଜମି, ଛାତ, ପ୍ଲଟରେ ସବୁ କମ୍ପାନୀର ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ – 55 ଲକ୍ଷ, ଭଡ଼ା – 65000/- + ଅନ୍ୟାନ୍ୟ ସୁବିଧା + 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ + ବୀମା ମାଗଣା।
(ଦ୍ରଷ୍ଟବ୍ୟ– ସରକାରଙ୍କ ଦ୍ୱାରା 780 ଡିଜିଟାଲ ଉପକରଣ ଲଗାଇବାର ଅନୁମତି)
8750226673
9667741675
T-51, Gali No.8, Gautampuri, Delhi-110053

Urbasi
Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ।
Stockist-Odisha Drug Distributor
Cell: 7873239883

FINANCE
P.M.J.S.Y ସମସ୍ତ ଆଧାରକାର୍ଡ ଧାରକମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ ସୁଧରେ ସବୁ ପ୍ରକାର ଋଣ ଯୋଗାଇ ଦେଉଛି। ଋଣ ପଇସା ୪୮ ଘଣ୍ଟା ଭିତରେ ବ୍ୟାଙ୍କ ଆଉଣ୍ଟ ଖାତାରେ ଟ୍ରାନ୍ସଫର ହେବ। 30% ସବସିଡି।
Ameerpt, Hyderabad
Pin- 5000106 (Telengana)
7787922501
7787907927
pmjansamridhi@gmail.com

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

SMS JOB
Send SMS, Earn Money
JEEO GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike + 7500/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠହରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍ମାନ୍
21 ବୈଦିକ ବିଦ୍ୟାରେ ନିପୁଣ
9873361894, 9654673664

SMS JOB
SEND SMS, EARN MONEY
AITEL - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ।
କମ୍ପାନୀ ଦ୍ୱାରା Mobile + Laptop + Bike SIM + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
07367075431
07367075342

ସାକ୍ଷୀ ଫାଇନାନ୍ସ
ଋଣ ଋଣ ଋଣ
ସରକାରୀ ଜନକଲ୍ୟାଣ ଋଣ ମାତ୍ର 24 ଘଣ୍ଟାରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍‌ଚର, ସୁଧ 1% ବାର୍ଷିକ, ରିହାତି 45% (ମହିଳାଙ୍କ ପାଇଁ ବିଶେଷ ରିହାତି)
At: 208, Jiwan Park, Delhi - 110059
Mob: 07310616779

ବ୍ୟବସାୟ
Regd. Company ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ।
ଆଡ୍‌ଭାନ୍ସ 75 ଲକ୍ଷ
ଭଡ଼ା 65,000
ନୋ ଏଗ୍ରିମେଣ୍ଟ ଫିସ୍
7065954352
8802183109
T-51, Gali No.8, Gautampuri, Delhi-110053

Vasundra Financial Services
(Govt. Registered)
(Regd. No.:- odhCPR0533821)
ଆଧାରକାର୍ଡ, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଗ୍ରୁପ୍ ଋଣ, କୃଷି ଏବଂ ସବୁ ପ୍ରକାର ଋଣ ସହଜ କିସ୍ତିରେ ସରକାରୀ ବ୍ୟାଙ୍କ ଦ୍ୱାରା ଘରେ ବସି ପାଆନ୍ତୁ 2% ସୁଧ 50% Govt. Subsidy. ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ।
Mahatab Nagar, Bulandshahr, Sikandrabad, U.P.
8295842976
8295842985

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ–
7991052261
7991052595

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ। (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠ୍‌କରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7750921669
8337956019

**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



ଜଓ୍ବାନ ଓ କିଷାନ୍‌ର ଜୟ୍ ହିଁ ଦେଶ ଏବଂ ଜାତିର ଜୟ୍।

- ଲାଲ୍ ବାହାଦୁର ଶାସ୍ତ୍ରୀ



## ସଂକ୍ଷେପରେ

### କଂଗ୍ରେସ ପକ୍ଷରୁ ପଞ୍ଚାୟତସ୍ତରୀୟ୍ କମିଟି ଗଠିତ

ବୁର୍ଲା,୭।୧୦(ଡି.ଏନ.ଏ.)
୨୦୧୯ ନିର୍ବାଚନକୁ ଦୃଷ୍ଟିରେ ରଖି କଂଗ୍ରେସ ପକ୍ଷରୁ ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ ଜୋନ-୨ ସଭାପତି ଉପେନ୍ଦ୍ର ଦେବତାଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା କଂଗ୍ରେସ କାର୍ଯ୍ୟକାରୀ କମିଟି ସଭାପତି ଦେବେନ୍ଦ୍ର କିଶୋର ପତି, ଧନକଉଡ଼ା ଜୋନ-୨ କାର୍ଯ୍ୟକାରୀ ସଭାପତି ବାଞ୍ଛାନିଧି ମିଶ୍ର, ଯୁବନେତା ତଥା ଜିଲା ହରିଜନ ସେଲ୍ ସଭାପତି ମୋତିଲାଲ ତନ୍ତି, ବରିଷ୍ଠ କର୍ମୀ ଏମ୍‌ଡି ରସ୍ତମ୍ ପ୍ରମୁଖଙ୍କ ସହ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ବୈଠକରେ ସମସ୍ତଙ୍କ ସହମତିରେ ପଞ୍ଚାୟତସ୍ତରୀୟ୍ କମିଟି ଗଠିତ ହୋଇଛି। ବଳରାମ ପ୍ରଧାନ ବସନ୍ତପୁର ପଞ୍ଚାୟତ କମିଟିର ସଭାପତି, ସୁବାସ ଛନ୍ଦ ଉପସଭାପତି, ଲାଲଜୀ ସାହୁ କର୍ଡୋଲା ପଞ୍ଚାୟତର ସଭାପତି, ଧ୍ରୁବଚରଣ ଗର୍ଡିଆ ଉପସଭାପତି ମନୋନୀତ ହୋଇଛନ୍ତି। ସେହିପରି ବସନ୍ତପୁର ଗ୍ରାମପଞ୍ଚାୟତର କହ୍ନେଇ ଜଗଦଲା, ମନରଞ୍ଜନ ପଣ୍ଡା, ରବିନ୍ଦ୍ର ପାଇକ, ଗଜାନନ ପୋଢ଼ ଏବଂ କର୍ଡୋଲା ପଞ୍ଚାୟତର କୃଷ୍ଣ ଚନ୍ଦ୍ର ସେଠ, ପ୍ରଭାକର ମୁନ୍ନା, ବୃନ୍ଦାବତୀ ଭୋଇ, ନାଭ ରାଉତ, ଆନନ୍ଦ ଛୁରିଆ, ମନରଞ୍ଜନ ସେନାପତି, ପୂର୍ଣ୍ଣାନନ୍ଦ ଡନସନା ପ୍ରମୁଖ ସମ୍ପାଦକ ମନୋନୀତ ହୋଇଛନ୍ତି। ଆଗାମୀ ଦିନରେ ଦଳକୁ ମଜଭୁତ କରିବାକୁ ବୈଠକରେ ମତପ୍ରକାଶ ପାଇଛି। ଶେଷରେ ବଳରାମ ସେଠ ଧନ୍ୟବାଦ ଦେଇଥିଲେ।

# ମଦ ବିରୋଧୀ ମହିଳା ସମାବେଶ

## ■ରେଢ଼ାଖୋଲ ଉପଖଣ୍ଡକୁ ସମ୍ପୂର୍ଣ୍ଣ ମଦମୁକ୍ତ ଦାବି

ନାକଟିଦେଉଳ,୭।୧୦(ଡି.ଏନ.ଏ.)
ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ମାଓବାଦୀ ପ୍ରଭାବିତ ଆଦିବାସୀବହୁଳ କିସିଣ୍ଡା ଓ ଗିରିଶ୍ଚନ୍ଦ୍ରପୁର ଗ୍ରାମପଞ୍ଚାୟତରେ ରବିବାର ମଦ ବିରୋଧୀ ମହିଳା ସମାବେଶ ହୋଇଥିଲା। ରେଢ଼ାଖୋଲ ଉପଖଣ୍ଡକୁ ସମ୍ପୂର୍ଣ୍ଣ ମଦମୁକ୍ତ ଦାବିରେ ଉଭୟ ପଞ୍ଚାୟତର ମହିଳାମାନେ ରାସ୍ତାକୁ ଓହ୍ଲାଇଥିଲେ। ରେଢ଼ାଖୋଲ ବିକାଶ ମଞ୍ଚ ପକ୍ଷରୁ ଏ ନେଇ ଏକ ବୈଠକ କରାଯାଇଥିଲା। ବିକାଶ ମଞ୍ଚର ସଭାପତି ଲକ୍ଷ୍ମୀନାରାୟଣ ଖିଲାରୀ ଏଥିରେ ଅଧକ୍ଷତା କରିଥିଲେ। ଏଠାରେ ସୂଚନାଯୋଗ୍ୟ, ଆଜିକୁ ଦୀର୍ଘଦିନ ହେବ ମଞ୍ଚ ପକ୍ଷରୁ ନିଶା ନିବାରଣ ଅଭିଯାନ ଜାରି ରହିଛି। ବ୍ଲକର ବିଭିନ୍ନ ସ୍ଥାନରେ ସଭା କରାଯାଇ ମହିଳାମାନଙ୍କୁ ଏଥିରେ ସାମିଲ୍ କରାଯାଉଛି। ଦେଶୀ ଓ ବିଦେଶୀ ମଦର ବହୁଳ କାରବାର ଅଶାନ୍ତିର ବାତାବରଣ ସୃଷ୍ଟି କରିଚାଲିଥିବାରୁ ମଦ ବନ୍ଦ ହେବା ନିହାତି ଜରୁରୀ ବୋଲି ମଦ ବିରୋଧୀ ସମାବେଶରେ ଉପସ୍ଥିତ ମହିଳାମାନେ କହିଛନ୍ତି। ଆଗାମୀ ନଭେମ୍ବର ୨ ତାରିଖରେ ରେଢ଼ାଖୋଲ ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ମଦ ବିରୋଧୀ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିରେ ଅଧିକରୁ ଅଧିକ ମହିଳା ଯୋଗଦେବାକୁ ବୈଠକରେ ଆହ୍ୱାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସ୍ୱଦେଶ ରଞ୍ଜନ ପ୍ରଧାନ, ରମେଶ ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଗିରିଶ୍ଚନ୍ଦ୍ରପୁର ଗ୍ରାମ ପଞ୍ଚାୟତର ଶାନ୍ତିଲତା ଦେହୁରୀ, ପଦ୍ମାବତୀ ଧଳ, ମିନି କଂସାରିଆ ଏବଂ କିସିଣ୍ଡା ଗ୍ରାମ ପଞ୍ଚାୟତର ବାସନ୍ତି ନାଏକ, ପଦ୍ମିନୀ ବାଘ ଓ ଜାହ୍ନବୀ ପ୍ରଧାନ ପ୍ରମୁଖ ମତାମତ ରଖିଥିଲେ। କିସିଣ୍ଡା ଦୁର୍ଗା ମଣ୍ଡଳ ଏବଂ ଗିରିଶ୍ଚନ୍ଦ୍ରପୁର ହାଟପଦାଠାରେ ଆୟୋଜିତ ବୈଠକରେ ୨ଶହରୁ ଊର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ।



କିସିଣ୍ଡା, ଗିରିଶ୍ଚନ୍ଦ୍ରପୁର ଗ୍ରାମପଞ୍ଚାୟତରେ ମଦ ବିରୋଧୀ ସମାବେଶରେ ଉପସ୍ଥିତ ମହିଳାମାନେ।

### ଇଗ୍‌ନୋ ପକ୍ଷରୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ସମ୍ବଲପୁର,୭।୧୦(ବ୍ୟୁରୋ)
ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍‌ନୋ) ପକ୍ଷରୁ ଶିକ୍ଷାର୍ଥୀଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ଅମୃତ ବିହାରଠାରେ ଏହା ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ ଅଞ୍ଚଳରୁ ୫ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଜିଏମୟୁ କୁଳପତି ପ୍ରଫେସର ଅତନୁ କୁମାର ପତିଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ଡ. ଶ୍ରୀକାନ୍ତ ମହାପାତ୍ର ମୁଖ୍ୟ ଅତିଥି, ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ଡ. ମାନସ ରଞ୍ଜନ ପୂଜାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଇଗ୍‌ନୋ ସଂଯୋଜକ ଡ. ଶ୍ୟାମଚରଣ ଆଚାର୍ଯ୍ୟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଜିଏମୟୁ ଡେପୁଟି ରେଜିଷ୍ଟ୍ରାର ଉମାଚରଣ ପତି ଧନ୍ୟବାଦ ଦେଇଥିଲେ। ଯୁଗ୍ମ ସଂଯୋଜକ ଦୁର୍ଲ୍ଲଭ ସା, ଡ. ମୁରଲୀଧର ମାଝୀ, ଡ. ସତ୍ୟନାରାୟଣ ଚଉଲିଆ ପରିଚାଳନାରେ ସହଯୋଗ କରିଥିଲେ।

## ବାସ୍କେଟ୍‌ବଲ ଟୁର୍ନାମେଣ୍ଟ: ରାଉରକେଲା ଚାମ୍ପିୟନ

ସମ୍ବଲପୁର,୭।୧୦(ବ୍ୟୁରୋ)
୧୨ତମ ଫାଦର୍ ଜନ୍ ୱଇଲିୟମ୍ ମିଞ୍ଜ୍ ବାସ୍କେଟ୍‌ବଲ ଟୁର୍ନାମେଣ୍ଟ ରବିବାର ଜ୍ୟୋତି ଭବନ ଖେଳପଡ଼ିଆରେ ଉଦ୍‌ଯାପିତ ହୋଇଯାଇଛି। ରାଉରକେଲା କ୍ରେଜର୍ ଚାମ୍ପିୟନ ଓ ସମ୍ବଲପୁର ଏଲିଟ୍ ରନର୍ସ ଅପ୍ ଟ୍ରଫି ବିଜେତା ହୋଇଛି। ରାଉରକେଲା ୫୬ ଓ ସମ୍ବଲପୁର ୩୮ ପଏଣ୍ଟ ହାସଲ କରିଥିଲେ। ଫାଦର ଅନିଲ କୁଜୁରଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା। ହୋମଗାର୍ଡ ଡିଏସପି ଶ୍ରୀମନ୍ତ ବାରିକ ମୁଖ୍ୟ ଅତିଥି, ସମ୍ବଲପୁର ଜିଲା କ୍ରୀଡ଼ାଧିକାରୀ ଉପେନ୍ଦ୍ର ଶତପଥି, ଓସିଏସ ଡେପୁଟି ରେଜିଷ୍ଟ୍ରାର ଜୋରେମ୍ କେର୍କେଟା, ଫାଦର ଆଲଫାନ୍ ଟୋପ୍ପୋ ଓ ଉର୍ସେଲା ମିଞ୍ଜ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଅମ୍ପେୟାର ଫିରୋଜ ବାର୍ଲା, ବିକାଶ ବେହେରା ମ୍ୟାଚ ପରିଚାଳନା କରିଥିଲେ। ଟେକ୍‌ନିକାଲ ଟେବୁଲରେ ଫାଦର ଆଲବିନୋସ ମିଞ୍ଜ୍, ଫାଦର ରୋଶନ ଟୋପ୍ପୋ, କୁଳଦୀପ ବାର୍ଲା, ମାରିୟାନୁସ ଡାଙ୍ଗ ନିୟୋଜିତ ରହିଥିଲେ। ଟୁର୍ନାମେଣ୍ଟରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ୧୪ ଦଳ ଭାଗ ନେଇଥିଲେ।

ସୂଚନାଯୋଗ୍ୟ ଯେ, ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚରେ ରାଉରକେଲା କ୍ରେଜର ୮୫-୩୯ ପଏଣ୍ଟରେ ସମ୍ବଲପୁର ଜ୍ୟୋତି ଭବନକୁ, ସମ୍ବଲପୁର ଏଲିଟ୍ କ୍ଲବ ୨୭-୨୪ ପଏଣ୍ଟରେ ପାଓଲିନ୍ କ୍ଲବକୁ, ଗୁଣପୁର ଜିଆଇଇଟି ୫୧-୪୧ ପଏଣ୍ଟରେ ଶାସନ ଦିବ୍ୟଜ୍ୟୋତିକୁ ପରାସ୍ତ କରିଥିଲା। ସେହିପରି ସେମିଫାଇନାଲରେ ୩୭-୩୨ ପଏଣ୍ଟରେ ଗୁଣପୁରକୁ ହରାଇ ପାଇନାଲ୍‌କୁ ପ୍ରବେଶ କରିଥିଲା।



ରବିବାର ୧୨ତମ ଫାଦର୍ ଜନ୍ ୱଇଲିୟମ୍ ମିଞ୍ଜ ବାସ୍କେଟ ବଲ ଟୁର୍ନାମେଣ୍ଟରେ ହୋମଗାର୍ଡ ଡିଏସପି ଶ୍ରୀମନ୍ତ ବାରିକ ଚାମ୍ପିୟନ ରାଉରକେଲା ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି ।

# ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତା

ସମ୍ବଲପୁର,୭।୧୦(ବ୍ୟୁରୋ)
ରାଜ୍ୟ ଶିଶୁ କଲ୍ୟାଣ ପରିଷଦ ପକ୍ଷରୁ ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତା ରବିବାର ବୁଢ଼ାରଜା ନୋଡ଼ାଲ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲା ଶିଶୁ ସୁରକ୍ଷା ବିଭାଗ ପରିଚାଳନାରେ ହୋଇଥିବା ଚିତ୍ରାଙ୍କନରେ ନାଲି, ସବୁଜ, ଧଳା ଓ ହଳଦିଆ ବର୍ଗରେ ପ୍ରତିଯୋଗୀମାନେ ଭାଗ ନେଇଥିଲେ। ଧଳା ବର୍ଗରେ ଜ୍ୟୋତିରାଦିତ୍ୟ ମହାନ୍ତି ପ୍ରଥମ, ସ୍ୱାଗତ ଖାଖା ଦ୍ୱିତୀୟ, ପୂର୍ଣ୍ଣିମା ବାଘ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ସବୁଜ ବର୍ଗରେ ଯଶସ୍ୱୀ ପଧାନ ପ୍ରଥମ, ସୁମେଧା ମହାନ୍ତି ଦ୍ୱିତୀୟ ଓ ଶ୍ରେୟାଂଶ ସାହା ତୃତୀୟ ଓ ନାଲି ବର୍ଗରେ ଲକ୍ଷ୍ମଣ କୁମାର ପ୍ରଥମ ଓ ପୂର୍ଣ୍ଣିମା ଓଝା ଦ୍ୱିତୀୟ ହୋଇଛନ୍ତି। ପ୍ରତିଯୋଗିତାରେ ସହରର ବିଭିନ୍ନ ସ୍କୁଲରୁ ୬୯ ପ୍ରତିଯୋଗୀ ଭାଗ ନେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁଚିସ୍ମିତା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଲିତା ମହାପାତ୍ର, ବବିତା କର, ସ୍ନିଗ୍ଧାରାଣୀ ପାତ୍ର, ବୁଢ଼ାରଜା ସ୍କୁଲର ପ୍ରଦୀପ କୁମାର ସାହୁ, ନେତ୍ରାନନ୍ଦ ଭୋଇ, ବୁଦ୍ଧି ବାହାଦୁର, ଜଟାଭୂଷଣ ସାହୁ, ସତ୍ୟନାରାୟଣ ବାଗ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ଯଶୋବନ୍ତ ସାହୁ, ବରିଷ୍ଠ ଶିକ୍ଷକ ହରିନାରାୟଣ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।



ରବିବାର ବୁଢ଼ାରଜା ନୋଡାଲ ହାଇସ୍କୁଲ ପରିସରରେ ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରତିଯୋଗୀ ଓ ଆୟୋଜକମାନେ ।

## ଭାରତୀୟ କିସାନ ସଂଘର ରାଜ୍ୟ ଅଧିବେଶନ

ରେଢ଼ାଖୋଲ, ୭।୧୦(ଡି.ଏନ.ଏ.)

■ନୂତନ କମିଟି ଗଠନ
■ ଧାନର ସହାୟକ ମୂଲ୍ୟ ୨୯୫୦ ଟଙ୍କାକୁ ବୃଦ୍ଧି
■ ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ନିର୍ମାଣ ଦାବି

ରାଜ୍ୟରେ ଉତ୍ପାଦିତ ଧାନର ସହାୟକ ମୂଲ୍ୟ କ୍ୱିଣ୍ଟାଲ୍ ପିଛା ୨୯୫୦ଟଙ୍କାକୁ ବୃଦ୍ଧି ସହ କପା ଓ ମକାର ସହାୟକ ମୂଲ୍ୟରେ ଅଭିବୃଦ୍ଧି ଏବଂ ମଣ୍ଡି ବ୍ୟବସ୍ଥା କରାଯାଉ। ସେହିପରି ପ୍ରତି ଜିଲାରେ କୃଷକମାନଙ୍କ ଲାଗି କୃଷି ଭବନ ନିର୍ମାଣ ଓ ସ୍ୱତନ୍ତ୍ର ଅଭିଯୋଗ ପ୍ରକୋଷ୍ଠ ଖୋଲାଯାଉ। ଏଥି ସହ ପ୍ରତି ବ୍ଲକ୍‌ରେ ଶୀତଳ ଭଣ୍ଡାର ନିର୍ମାଣ ହେଉ। ଭାରତୀୟ୍ କିସାନ ସଂଘର ରେଢ଼ାଖୋଲଠାରେ ୬ ଓ ୭ ତାରିଖ ଦୁଇଦିନ ଧରି ଏନଏସି କଲ୍ୟାଣ ମଣ୍ଡପଠାରେ ଆୟୋଜିତ ରାଜ୍ୟ ଅଧିବେଶନରେ ଏହି ଦାବି କରାଯାଇଛି। ରାଜ୍ୟ ସଭାପତି ରାଧାକୃଷ୍ଣ ମେହେରଙ୍କ ସଭାପତିତ୍ୱରେ ରାଜ୍ୟର ବିଭିନ୍ନ ଜିଲାରୁ ବହୁସଂଖ୍ୟାରେ କର୍ମକର୍ତ୍ତା ଏଥିରେ ଯୋଗ ଦେଇଥିଲେ। କୃଷି ଓ କୃଷକ ମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ରବିବାର ଦ୍ୱିତୀୟ୍ ଦିବସରେ ରାଜ୍ୟ ସଂଘର ନୂତନ କମିଟି ଗଠନ କରାଯାଇଛି। ରାଧାକୃଷ୍ଣ ମେହେର ପୁନର୍ବାର ସଭାପତି ପଦ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଜ୍ଞାନେନ୍ଦ୍ର କୁମାର ନାଏକ ଉପ-ସଭାପତି, ଜାନକୀବଲ୍ଲଭ ସ୍ୱାଇଁ ସାଧାରଣ ସମ୍ପାଦକ, ବିଶେଶ୍ୱର ଦାସ ଓ ନୃସିଂହ ବେହେରା ସମ୍ପାଦକ, ସତ୍ୟବାନ ଶ୍ରୀଚନ୍ଦନ, ଜୟଶ୍ୱର କର୍ଣ୍ଣ, ନକୁଳ ଚନ୍ଦ୍ର ରାଉତ, କାର୍ତ୍ତିକ ଭାରତୀ, ଅପର୍ନା ବାଘ, ଗୋପାଳ ପୁଜାରୀ, ମାନସ ପ୍ରଧାନ ପ୍ରମୁଖ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ବୈଠକରେ ସମ୍ବଲପୁର ଜିଲା ସଂଯୋଜକ ବିଜୟ୍ କୁମାର ବେହେରା ଧନ୍ୟବାଦ ଦେଇଥିଲେ।



ରେଢ଼ାଖୋଲସ୍ଥିତ ଏନଏସି କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଅଧିବେଶନ।

### ଗୋଆ ଚଳଚ୍ଚିତ୍ର ମହୋତ୍ସବ ଫେଷ୍ଟିଭାଲ

## ସମ୍ବଲପୁରୀ ପ୍ରମାଣିକ ଚଳଚ୍ଚିତ୍ର ମନୋନୀତ

ସମ୍ବଲପୁର, ୭।୧୦(ବ୍ୟୁରୋ)
ଚଳିତ ମାସ ୨୭ ଓ ୨୮ ତାରିଖ ଗୋଆ କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ ଅନୁଷ୍ଠିତ ହେବ। ସମ୍ବଲପୁରୀ ପ୍ରମାଣିକ ଚଳଚ୍ଚିତ୍ର ଖଡ଼ି ଛୁଆଁ ମହୋତ୍ସବରେ ପ୍ରଦର୍ଶନ ହେବାକୁ ମନୋନୀତ ହୋଇଛି। ଦେଶର ବିଭିନ୍ନ ପ୍ରାନ୍ତରୁ କ୍ଷୁଦ୍ର ଚଳଚ୍ଚିତ୍ର ଆବେଦନ ମଧ୍ୟରୁ ଖଡ଼ି ଛୁଆଁ ଯୋଗ୍ୟ ତାଲିକାରେ ସ୍ଥାନ ପାଇଛି। ଗୀତାଞ୍ଜଳି ଫିଲ୍ମ ନିବେଦିତ ଏହି ଚଳଚ୍ଚିତ୍ରକୁ ଗୌତମ ମିଶ୍ର ପ୍ରଯୋଜନା କରିଛନ୍ତି। ଏହାଦ୍ୱାରା ସମ୍ବଲପୁରୀ ଭାଷାର ପ୍ରଚାର ଓ ପ୍ରସାର ହୋଇପାରିବ। ସେହିପରି ପଶ୍ଚିମ ଓଡ଼ିଶାରେ ବାଳିକା ଶିକ୍ଷା ଉପରେ ଜନସାଧାରଣ ସଚେତନ ହୋଇପାରିବେ ବୋଲି ନାଟ୍ୟ ନିର୍ଦ୍ଦେଶକ, ଚଳଚ୍ଚିତ୍ର ଅଭିନେତା ଓ ଲେଖକମାନେ ମତପ୍ରକାଶ କରିଛନ୍ତି।

## ଭ୍ରଷ୍ଟାଚାର ବିରୋଧୀ ନାଟକ ମଞ୍ଚସ୍ଥ




ପୁରୀଠାରେ ମଞ୍ଚସ୍ଥ ନାଟକ ହଲଓ୍ବା କଳାକାର ଓ ନିର୍ଦ୍ଦେଶକ ।

ସମ୍ବଲପୁର,୭।୧୦(ବ୍ୟୁରୋ)
ସମ୍ବଲପୁର ଅଦୃଶ୍ୟ ନାଟ୍ୟ ଆଶ୍ରମ ପକ୍ଷରୁ ପୁରୀଠାରେ ଭ୍ରଷ୍ଟାଚାର ବିରୋଧୀ ସଚେତନଧର୍ମୀ ହଲଓ୍ବା ନାଟକ ମଞ୍ଚସ୍ଥ ହୋଇଛି। ରମାଶୀଷ ତ୍ରିପାଠୀଙ୍କ ରଚନା ଓ ଅସିତ୍ କୁମାର ଶତପଥିଙ୍କ ନିର୍ଦ୍ଦେଶନାରେ ଗିରିଜା ଶଙ୍କର ମିଶ୍ର ସଙ୍ଗୀତ ପରିଚାଳନା ଓ ପ୍ଲାବନ ମିଶ୍ର ଆଲୋକର ଫୋକସ୍ ସମ୍ପାଦନା କରିଥିଲେ। ବିଭିନ୍ନ ଭୂମିକାରେ ଶୁଭମ ମେହେର, ବିଭୁତି ବିଶ୍ୱାଳ, ଅନୀଲ ସଙ୍ଖାରୀ, ଶୁଭଶ୍ରୀଶୁଭସ୍ମିତା ଠାକୁର, ସୁମିତ୍ରା ମହାକୁର, ରାଜଶ୍ରୀ ରାଉଲ, ଅର୍ଜୁନ ମାଝୀ, ବିକାଶ ପ୍ରଧାନ, ବିଦ୍ୟାଧର କଣ୍ଟା, ଆଦିତ୍ୟ ସାହା, ସୁବ୍ରତ ଅମାତ, ରିଙ୍କୁ ଲସକର୍, ଦଶରଥ ମେହେର ନାଟକରେ ଅଭିନୟ କରିଥିଲେ। ସୂଚନାଯୋଗ୍ୟ, ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ଦୁର୍ନୀତି ନିବାରଣ ଶାଖା ଆୟୋଜନରେ ଗତ ୫ ତାରିଖରେ ପୁରୀଠାରେ ଏହି ସଚେତନ ଧର୍ମୀ ନାଟକ ମଞ୍ଚସ୍ଥ ହୋଇଥିଲା।

## ଡିଆଇଇଟିରେ ସମୂହ ସଫେଇ

ସମ୍ବଲପୁର,୭।୧୦(ବ୍ୟୁରୋ)
ସମ୍ବଲପୁର ଅଇଁଠାପାଲିସ୍ଥିତ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ(ଡିଆଇଇଟି)ଠାରେ ରବିବାର ସମୂହ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓପନ୍ ସ୍କୁଲିଂ (ଏଆଇଓଏସ) ଅଧୀନ ଡିପ୍ଲୋମା ଏଲିମେଣ୍ଟାରୀ ଏଜୁକେଶନ ପାଠ୍ୟକ୍ରମଭୁକ୍ତ ପ୍ରାୟ ୨ଶହ ଅଣ ତାଲିମପ୍ରାପ୍ତ ବେସରକାରୀ ଶିକ୍ଷୟତ୍ରୀ, ଶିକ୍ଷକ ଏଥିରେ ସାମିଲ ହୋଇଥିଲେ। ଅଧକ୍ଷା ଡ.ଗୀତାଞ୍ଜଳୀ ଭୋଇଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷକ ପ୍ରଶିକ୍ଷକ ଆଜାଦ ଶେଖର ପ୍ରଧାନ ଏହାକୁ ସଂଯୋଜନା କରିଥିଲେ। ଶେଷରେ ଶିକ୍ଷୟତ୍ରୀ, ଶିକ୍ଷକମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷକ ପ୍ରଶିକ୍ଷିକା ସଂଯୁକ୍ତା ମାଝୀ, ମାଧୁରିମା ଦାଶ ସମୂହ ସଫେଇର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସୂଚାଇଥିଲେ। ବିରେନ୍ଦ୍ର କୁମାର ପାଣିଗ୍ରାହୀ, ଦେବୀପ୍ରସାଦ ଶର୍ମା, ରଞ୍ଜିତା ପଟେଲ, କଳ୍ପଲତା ଦାଶ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୂଚନାଯୋଗ୍ୟ ଯେ, ଏଆଇଓଏସ୍‌ର ୨ ବର୍ଷିୟା ଦୂର ଶିକ୍ଷା ପାଠ୍ୟକ୍ରମରେ ୧୫ ଦିନ ଲେଖାଏଁ ହୋଇଥିବା ପର୍ସନାଲ୍ କଣ୍ଟାକ୍ଟରେ ଶିକ୍ଷୟତ୍ରୀ, ଶିକ୍ଷକମାନେ ଶିକ୍ଷାଦାନରେ ସୀମିତ ନ ରହି ସାମଗ୍ରିକ ବିକାଶ କାର୍ଯ୍ୟ କରିଥାନ୍ତି ।

# ତଲାବିରା ଗ୍ରାମ୍ୟ ଜଙ୍ଗଲରେ ମାଫିଆଙ୍କ ରାଜ୍

ରେଙ୍ଗାଲି,୭।୧୦(ଡି.ଏନ.ଏ)
ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଖିଣ୍ଡା ପଞ୍ଚାୟତସ୍ଥିତ ତଲାବିରା ଗ୍ରାମ୍ୟ ଜଙ୍ଗଲରୁ ବେଆଇନ ଭାବେ ଗଛ କଟା ଯାଇ ବିକ୍ରି କରାଯାଉଛି। ପଥର ମାଫିଆମାନେ ଗଛଗୁଡ଼ିକୁ କାଟିବା ପରେ ସେହି ସ୍ଥାନରୁ ପଥର ଖନନ କରି ଚୋରାରେ ଆଖପାଖ ଜିଲାକୁ ଚାଲାଣ କରୁଛନ୍ତି। ଫଳରେ ଜଙ୍ଗଲ ସଫା ହେବାରେ ଲାଗିଛି। ଏ ସଂକ୍ରାନ୍ତରେ ବନଖଣ୍ଡ ଅଧିକାରୀଙ୍କଠାରେ ଲିଖିତ ଅଭିଯୋଗ ହୋଇଛି। ମାତୃଭୂମି ସ୍ୱେଚ୍ଛାସେବୀ ସଙ୍ଗଠନର ସଭାପତି ହେମନ୍ତ ପାଣ୍ଡେଙ୍କ ପକ୍ଷରୁ ହୋଇଥିବା ଲିଖିତ ଅଭିଯୋଗ ଅନୁସାରେ, ତଲାବିରା ଗ୍ରାମବାସୀ ୯୭୨ ଏକର ପରିମିତ ଗ୍ରାମ୍ୟ ଜଙ୍ଗଲକୁ ସଂରକ୍ଷିତ ରଖି ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଛନ୍ତି। ଅଞ୍ଚଳର କେତେକ ଅସାମାଜିକ ବ୍ୟକ୍ତି ଜଙ୍ଗଲ ଉପରେ ହକ୍ ଜମାଇଛନ୍ତି। ଅବାଧରେ ଗଛକଟା ସହ ପଥର ଖନନ ଚଳାଇଛନ୍ତି। ଖଣି ଉପନିର୍ଦ୍ଦେଶକ ସମ୍ବଲପୁର ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେଇଥିଲେ। ପଥର ମାଫିଆଙ୍କଠାରୁ ରେଙ୍ଗାଲି ତହସିଲଦାର ୧,୩୦,୦୦୦ ଜରିମାନା ଆଦାୟ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଣୁ ବେଶ୍ କିଛିଦିନ ଜଙ୍ଗଲ ସୁରକ୍ଷିତ ରହିଥିଲା। ଏବେ ପୁଣି ପଥର ମାଫିଆମାନେ ଜଙ୍ଗଲମୁହାଁ ହୋଇଛନ୍ତି। ଏଣୁ ଯଥାଶୀଘ୍ର ତଦନ୍ତପୂର୍ବକ କଠୋର ପଦକ୍ଷେପ ନେବାକୁ ପାଣ୍ଡେ ଜଣାଇଛନ୍ତି।

■ବେଆଇନ ଗଛ କଟା ସହ ପଥର ଚୋରା ଚାଲାଣ
■ ବନଖଣ୍ଡ ଅଧିକାରୀଙ୍କ ଦ୍ୱାରସ୍ଥ ମାତୃଭୂମି ସଙ୍ଗଠନର ସଭାପତି



ତଲାବିରା ଗ୍ରାମ୍ୟ ଜଙ୍ଗଲରେ ବେଆଇନ ଭାବେ ଚାଲିଥିବା ପଥର ଖନନ।



“ ଚାଷୀ ମୂଲିଆଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରିବା ଅର୍ଥ ସାମ୍ରାଜ୍ୟବାଦ ବିରୋଧରେ ଲଢ଼େଇ କରିବା ସଙ୍ଗେ ସମାନ।
- ଭଗବତୀ ଚରଣ ପାଣିଗ୍ରାହୀ



# କାଳୀବାଡି ଦୁର୍ଗାପୂଜା ଶତବାର୍ଷିକୀ

■ ରୋଡ ଶୋ’ରେ ବିବିଧ କାର୍ଯ୍ୟକ୍ରମ ■ ନୃତ୍ୟ, ଗୀତରେ କମ୍ପିଲା ଭିଏସ୍ଏସ୍ ମାର୍ଗ





ରବିବାର ସମ୍ବଲପୁର ଶତବାର୍ଷିକୀ କାଳୀବାଡି ଦୁର୍ଗାପୂଜା ରୋଡ ଶୋର ଝଲକ(ବାମ)। ରଙ୍ଗୋଲି ପ୍ରତିଯୋଗିତା



ଚିତ୍ରଶିଳ୍ପୀମାନେ ଦୁର୍ଗାଙ୍କ ପେଣ୍ଟିଂ କରୁଛନ୍ତି ।





ରୋଡ ଶୋରେ ଶୋରେ ଅତିଥିମାନେ ।











ଜୁମ୍ବା ନୃତ୍ୟ (ବାମ) ବିହୁ ନୃତ୍ୟ (ଦ୍ୱିତୀୟ)। ମେହେନ୍ଦି ପ୍ରତିଯୋଗିତା (ତୃତୀୟ) ଡାଣ୍ଡିଆ ନାଚ (ଚତୁର୍ଥ) ଗୁରୁନାନକ ସ୍କୁଲ ଛାତ୍ରଙ୍କ ଭାଙ୍ଗଡା ନୃତ୍ୟ । କଣ୍ଠଶିଳ୍ପୀ ଅନ୍ୱେଶା ଅଦିତି ମହାପାତ୍ର ଗୀତଗାନ କରୁଛନ୍ତି ।

**ସମ୍ବଲପୁର,୭।୧୦(ବ୍ୟୁରୋ)**

କାଳୀବାଡି ଦୁର୍ଗାପୂଜା ଶତବାର୍ଷିକୀ ସାଂସ୍କୃତିକ କାର୍ଯ୍ୟକ୍ରମ ଉତ୍ସବ ରବିବାର ରାତିରେ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟ ଅତିଥି, ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଐତିହାସିକ ସମ୍ବଲପୁର ସହର ଭାଇଚାରାର ପ୍ରତୀକ ଅଟେ। ପୂର୍ବରୁ ମଧ୍ୟ ସମ୍ବଲପୁର ଜିଲା ଅନ୍ୟ ଜିଲାଗୁଡିକୁ ଭାତୃତ୍ୱ ଭାବ ଦେଖାଇ ଶ୍ରେଷ୍ଠ ସ୍ଥାନରେ ରହି ଆସିଛି। ଏହି ଧାରା ବଜାୟ ରଖିବାର ଆବଶ୍ୟକତା ରହିଛି। ଏହି ମାଟିର ସଂସ୍କୃତି ମହାନ ଅଟେ। ସେହିପରି ଲୋକନୃତ୍ୟ ଓ ଲୋକଗୀତର ପଟାନ୍ତର ନାହିଁ । କାଳୀବାଡ଼ି ଦୂର୍ଗାପୂଜାରେ ବିବିଧତାରେ ଏକତା ଦେଖିବାକୁ ମିଳିଛି ବୋଲି ଅତିଥିମାନେ କହିଥିଲେ। ମୁଖ୍ୟ ଆବାହକ ଜୟବ୍ରତ ଦେ ସ୍ୱାଗତ ଭାଷଣ ଦେଇଥିଲେ। କାଳୀବାଡ଼ି ଟ୍ରଷ୍ଟ ସମ୍ପାଦକ ଅରୁଣ କୁମାର ମାଖାର୍ଜୀ ସଭା ପରିଚାଳନା କରିଥିଲେ। ସଭାପତି ସଞ୍ଜୀବ ସୋମ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଉପାଧ୍ୟକ୍ଷ ପ୍ରମୋଦ ରଥ ଧନ୍ୟବାଦ ଦେଇଥିଲେ। ଏହାପରେ ରୋଡ ଶୋ’କୁ ଅତିଥିମାନେ ବୁଲି ଦେଖିଥିଲେ। ଲକ୍ଷ୍ମୀ ଟକିଜ ଛକରୁ ସାକ୍ଷୀପଡ଼ା ଛକ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ରଙ୍ଗୋଲି, ପେଣ୍ଟିଂ, ଜୁମ୍ବା ଯୋଗ, ମାର୍ସଲ ଆର୍ଟ, ମେହେନ୍ଦୀ, କୁଇଜ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ହୋଇଥିଲା। ସୁସ୍ମିତା ପଟ୍ଟନାୟକ, ଆଙ୍କାକ୍ଷିତା ପ୍ରିୟଦର୍ଶନୀ, ରିଦ୍ଧି ରୁଫିଆନା, ତର୍ପଣ ପ୍ରଧାନ, ବିରୁପାକ୍ଷ ପ୍ରଧାନ, ରାମଶୀଷ ତ୍ରିପାଠୀ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦୂର୍ଗାପୂଜା ଉତ୍ସବ କମିଟି ସମ୍ପାଦକ ଅରୁଣ ପଟୱାରୀ, ସିଦ୍ଧାର୍ଥ ସାହା, ଉପାଧ୍ୟକ୍ଷ ଯଶବୀର ସିଂ ହୁରା, ତାପସ ରାୟ ଚୌଧୁରୀ, ଗିରୀଶ ପଟେଲ, ଦୁଲାଲ ଚନ୍ଦ୍ର ପ୍ରଧାନ, ସଦାନନ୍ଦ ପଣ୍ଡା, କେଶବ ଡାଲମିଆଁ, ଦେବାଶୀଷ ପୁରୋହିତ, ଦିଶା ଭୋରୁ, ତ୍ରିଲୋଚନ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ପତଞ୍ଜଳି ଯୋଗ ସମିତିର ଭେଟ୍‌ଘାଟ୍

ସମ୍ବଲପୁର,୭।୧୦(ବ୍ୟୁରୋ)
ପତଞ୍ଜଳି ଯୋଗ ସମିତିର ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ରବିବାର ସମ୍ବଲପୁର ସହଯୋଗ ନଗରଛକସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏସିଆନ ଯୋଗ ଚାମ୍ପିୟନଶିପ୍‌ର ସ୍ୱର୍ଣ୍ଣପଦକ ବିଜେତା ରିତେଶ କୁମାର ସିହ୍ନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭାରତ ସ୍ୱାଭିମାନ ଟ୍ରଷ୍ଟ ଜିଲା ପ୍ରଭାରୀ ଗୋଲକ ବିହାରୀ ମିଶ୍ରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଡ. ରାମପ୍ରସାଦ ନାୟକ, ନୀଳାମ୍ବର ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ଦେବାଶୀଷ, ମିନତୀ, ପ୍ରଣିତ, ରୀତା, ସୁଜାତା, ଅର୍ଚ୍ଚନା, ଦୀପିକା, କମଳିନୀ ଓ ଯୋଶବନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ରବିବାର ସମ୍ବଲପୁର ପତଞ୍ଜଳୀ ଯୋଗ ସମିତି ପକ୍ଷରୁ ରିତେଶ କୁମାର ସିହ୍ନାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

### ବାଇକ ଧକ୍କାରେ ବୃଦ୍ଧ ମୃତ

ସମ୍ବଲପୁର,୭।୧୦(ବ୍ୟୁରୋ)
ସମ୍ବଲପୁର ଜିଲା ଟାଉନଥାନା ବାଲିବନ୍ଧା ନିକଟରେ ରବିବାର ବାଇକ ଧକ୍କାରେ ଜଣେ ବୃଦ୍ଧଙ୍କ ଜୀବନ ଯାଇଛି। ସେ ହେଲେ କୁଞ୍ଜେଲପଡ଼ାର ସାନ୍ତାନୁ ପାଣି ( ୫୬)। ଦୁର୍ଘଟଣାରେ ବାଇକ ଚାଳକ ବୁର୍ଲାର ସୁରଜ ସାହା ମଧ ଆହତ ହୋଇଛନ୍ତି। ବୁର୍ଲା ଡାକ୍ତରଖାନାରେ ସେ ଚିକିତ୍ସିତ ହେଉଛନ୍ତି । ପୋଲିସ ବାଇକ ଜବତ କରିଛି। ଏ ନେଇ ଏକ ଦୁର୍ଘଟଣା ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସାନ୍ତାନୁ ଅପରାହ୍ନରେ ଘରକୁ ଫେରୁଥିବା ବେଳେ ବାଇକ୍ ଧକ୍କା ଦେଇଥିଲା।

ଆଜି କ’ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଚାଷ ଜମିର ପାଣି ପିଇ ମହିଳାଙ୍କ ଜୀବନ କଲା

**ବୁର୍ଲା,୭।୧୦(ଡି.ଏନ.ଏ)**

ଚାଷ ଜମିର ପାଣି ପିଇ ଅସୁସ୍ଥ ହୋଇପଡ଼ିଥିବା ଜଣେ ମହିଳାଙ୍କ ବୁର୍ଲା ଭୀମସାର ମେଡିକାଲରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତ ମହିଳାଜଣକ ହେଲେ ସମ୍ବଲପୁର ବୁର୍ଲା ଥାନାଞ୍ଚଳ ମରାଙ୍ଗୋଲା ଖଡ଼ିଆପଡ଼ାର ନନ୍ଦକିଶୋର ମିର୍ଦ୍ଧାଙ୍କ ସ୍ତ୍ରୀ ଲଳିତା (୪୫)। ଏ ନେଇ ବୁର୍ଲା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୮୪୯/୧୮) ରୁଜୁ ହୋଇଛି। ଚିପିଲିମା ଫାଣ୍ଡି ଅଧିକାରୀ ଗଞ୍ଜୁ ଓରାମ ଘଟଣାର ତଦନ୍ତ କରୁଛନ୍ତି। ପୋଲିସ ତଥ୍ୟ ଅନୁଯାୟୀ, ମହିଳାଜଣକ କୌଣସି କାମରେ ଘରୁ ବାହାରକୁ ଯାଇଥିବା ବେଳେ ମଧ୍ୟାହ୍ନରେ ଏକ ଚାଷୀ ଜମିରୁ ପାଣି ପିଇଥିଲେ। ପରେ ଘରକୁ ଆସି ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ଚିକିତ୍ସା ପାଇଁ ବୁର୍ଲା ଡାକ୍ତରଖାନା ନେଇଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର ହୋଇଛି।

## ୨୩୦ ହିତାଧିକାରୀଙ୍କୁ ରାଶନକାର୍ଡ ବଣ୍ଟନ

**ସମ୍ବଲପୁର,୭।୧୦(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଭୀମଭୋଇ କଲ୍ୟାଣ ମଣ୍ଡପଠାରେ ରବିବାର ରାଶନ କାର୍ଡ ବଣ୍ଟନ କରାଯାଇଛି। ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଞ୍ଚଳର ୨୩୦ ହିତାଧିକାରୀଙ୍କୁ କାର୍ଡ ପ୍ରଦାନ କରିଥିଲେ। ମହାନଗର ନିଗମର ୧୯,୨୧,୨୭ ୱାର୍ଡର ହିତାଧିକାରୀ ଉପସ୍ଥିତ ରହିଥିଲେ। ମହାନଗର ନିଗମ ଅଧିକାରୀ ଅପର୍ଣ୍ଣା ପାଢ଼ୀ, ନିରୂପା ବେହେରା ପରିଚାଳନା କରିଥିଲେ। ଆଗାମୀ ଦିନରେ ରାଶନ୍ କାର୍ଡ ବଣ୍ଟନ ଉତ୍ସବ ଜିଲାର ବିଭିନ୍ନ ସ୍ଥାନରେ ଆୟୋଜିତ ହେବ। ପର୍ଯ୍ୟାୟକ୍ରମେ କାର୍ଯ୍ୟକ୍ରମ କରାଯିବାକୁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଛି।



ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଜଣେ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ କରୁଛନ୍ତି।

## ଘିଚାମୁରାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା



ରେଙ୍ଗାଲି ବ୍ଲକ ଘିଚାମୁରାରେ ଆୟୋଜିତ ପଦଯାତ୍ରା।

**ରେଙ୍ଗାଲି,୭।୧୦(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଘିଚାମୁରାଠାରେ ରବିବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ହୋଇଥିଲା। ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ଲକ୍ଷ୍ୟରେ ରେଙ୍ଗାଲି ବ୍ଲକ ବିଜେଡି ପକ୍ଷରୁ ଏହି ପଦଯାତ୍ରା କରାଯାଇଥିଲା। ବ୍ଲକ ବିଜେଡି ସଭାପତି ଅଶୋକ ଗୁରୁଙ୍କ ସଭାପତିତ୍ୱରେ ଏହି ପରିପ୍ରେକ୍ଷୀରେ ଏକ ସଭା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଜିଲା ବିଜେଡି ସଭାପତି ପ୍ରମୋଦ ରଥ, ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ କୁନାବିହାରୀ ଦାସ, ସମ୍ବଲପୁର ସାଂସଦ ପ୍ରତିନିଧି କିରଣ ବେହେରା, ପ୍ରକାଶ ପୋଦ୍ଦାର, ସରପଞ୍ଚ ଶେଷଦେବ ପଧାନ, ବ୍ଲକ ସଂଯୋଜକ ସ୍ୱାଗତିକା ମହାନ୍ତି, ଜଙ୍ଗଲା ସରପଞ୍ଚ ଇଂ. ଗାନ୍ଧୀ ବେହେରା, ମହିଳା ସଭାପତି ସନ୍ତୋଷିନୀ ନାୟକ, ଆୟୋଜକ ହରିଶଙ୍କର ବେହେରା, ଗୋବର୍ଦ୍ଧନ ସାହୁଙ୍କ ସମତେ ବହୁସଂଖ୍ୟାରେ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ଗଡଲୁଇସିଂ ପଞ୍ଚାୟତରେ ମାଗଣା ସ୍ୱାସ୍ଥ ଶିବିର

**ମାନେଶ୍ୱର,୭।୧୦(ଡି.ଏନ.ଏ.)**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଗଡଲୁଇସିଂ ପଞ୍ଚାୟତ ସରକାରୀ ସ୍କୁଲରେ ରବିବାର ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଅଶ୍ୱିନୀ କୁମାରଙ୍କ ସହଯୋଗରେ ଜିଲା ରେଡକ୍ରସ ପକ୍ଷରୁ ଶିବିର ଆୟୋଜିତ ହୋଇଥିଲା। ଯୁଯୁମୁରା ବିଡିଓ ଆଶୀଷ ପଟେଲ ଏହାକୁ ଉଦ୍‌ଘାଟନ କରିଥିଲେ। ଡାକ୍ତର କିରଣମୟୀ ପଣ୍ଡା, ଡାକ୍ତର ପଞ୍ଚାନନ ନାଏକ ଉପସ୍ଥିତ ରହି ଆଖପାଖ ଗ୍ରାମର ୧୫୦ଜଣଙ୍କ ସ୍ୱାସ୍ଥ ପରୀକ୍ଷା କରିଥିଲେ। ସେହିପରି ଜିଲା ରକ୍ତଦାନ ଶିବିର କରାଯାଇ ୧୫ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ପ୍ରମିଳା ବେହେରା, କ୍ଷୀରୋଦ ଚନ୍ଦ୍ର ଓଝା, ଦେବଝରନ ବିକାଶ ମଞ୍ଚ ଆବାହକ ଅରୁଣ ଦେହୁରୀ, ସବିତା ଭୋଇ ପରିଚାଳନାରେ ସହଯୋଗ କରିଥିଲେ।

## ବିଶ୍ୱ ସେରେବ୍ରାଲ ପାଲସି ସଚେତନତା ଦିବସ

**ସମ୍ବଲପୁର,୭।୧୦(ବ୍ୟୁରୋ)**



ଡାକ୍ତରଖାନା ତାଲିମ କେନ୍ଦ୍ରଠାରେ ବିଶ୍ୱ ସେରେବ୍ରାଲ ପାଲସି ଶିଶୁଙ୍କ ସହ ଅଭିଭାବକମାନେ ।

ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ ମିଶନ ଆୟୋଜିତ ବିଶ୍ୱ ସେରେବ୍ରାଲ ପାଲସି ସଚେତନତା ଦିବସ ଶନିବାର ସଦର ଡାକ୍ତରଖାନା ତାଲିମ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. କଲ୍ୟାଣ କୁମାର ଗୁପ୍ତା ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପଞ୍ଚାନନ ନାୟକ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କୁବେର ଚନ୍ଦ୍ର ମହନ୍ତ, ଶିଶୁ ରୋଗ ବିଶେଷଜ୍ଞ ଡା. ପ୍ରକାଶ ଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୬୫ ସେରେବ୍ରାଲ ପାଲସିରେ ଆକ୍ରାନ୍ତ ଶିଶୁ ଓ ସେମାନଙ୍କ ଅଭିଭାବକ ସାମିଲ ଥିଲେ। ଚିକିତ୍ସା ଅପେକ୍ଷା ଅଧିକ ମାତ୍ରାରେ ଫିଜିଓଥେରାପି, ସାଇକୋଥେରାପି, ସ୍ପିଚ୍ ଥେରାପି, ସ୍ୱତନ୍ତ୍ର ଶିକ୍ଷା ବ୍ୟବହାରିକ ଥେରାପି ଦ୍ୱାରା ସେରେବ୍ରାଲ ପାଲସିରେ ଆକ୍ରାନ୍ତ ଶିଶୁମାନେ ଲାଭବାନ ହୋଇପାରିବେ ବୋଲି ସଭାରେ ମତପ୍ରକାଶ ପାଇଥିଲା। ଫିଜିଓଥେରାପି ଦିପ୍ତିମୟୀ ଦାଶ ପାୱାର ପଏଣ୍ଟ ମାଧ୍ୟମରେ ରୋଗର କାରଣ ସମ୍ପର୍କରେ ବୁଝାଇଥିଲେ। ଶେଷରେ ଦିବ୍ୟାଙ୍ଗ ପ୍ରମାଣ ପତ୍ର ବଣ୍ଟନ କରାଯାଇଥିଲା। ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଦଳ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିପିଏମ, ଡିଏଏମ, ଡିଏମଆରସିଏଚ, ଆଶା, ଏଏନଏମ, ଡାକ୍ତରଖାନା ଅଧିକାରୀ ଓ କର୍ମଚାରୀ ସାମିଲ ଥିଲେ। ଆରବିଏସକେ ମ୍ୟାନେଜର ଗୁରୁ କୁମାର ଭୋଇ ସୂଚନା ପ୍ରଦାନ କରିଥିଲେ। ଡିଇଆଇସି ସାଇକୋଲୋଜିଷ୍ଟ କୃତୀକା ବହିଦାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ରବିବାର ସମ୍ବଲପୁର ସିଟି ସେଣ୍ଟରଠାରେ ଆୟୋଜିତ ଫଟୋ ପ୍ରଦର୍ଶନୀକୁ ଅତିଥିମାନେ ବୁଲି ଦେଖୁଛନ୍ତି ।

## ଭେଟ୍‌ଘାଟ୍ ଶୀର୍ଷକ ବିବିଧ ପ୍ରତିଯୋଗିତା

**ସମ୍ବଲପୁର/ବୁର୍ଲା, ୭।୧୦(ବ୍ୟୁରୋ/ଡି.ଏନ.ଏ.)**

ପଶ୍ଚିମ ଓଡ଼ିଶା କଲ୍ୟାଣ ସମିତି ପକ୍ଷରୁ ରବିବାର ବୁର୍ଲାଠାରେ ନୂଆଁଖାଇ ଭେଟ୍‌ଘାଟ ଶୀର୍ଷକ ଚିତ୍ରାଙ୍କନ, ହସ୍ତାକ୍ଷର, ସାଧାରଣଜ୍ଞାନ ଓ ଦଳଗତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୩୭ ପ୍ରତିଯୋଗୀ ଭାଗ ନେଇଥିଲେ। ସଭାପତି ପ୍ରଶାନ୍ତ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା। ପ୍ରଫେସର ଏକାମ୍ର କରାଲି, ଡା. ସୁନନ୍ଦା ନାୟକ, ଡା. ଅଶୋକ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବାବିନ୍ଦ୍ର ଚନ୍ଦ୍ର ପାଣ୍ଡେ, ଜୟନ୍ତ ମିଶ୍ର, ଜୟନ୍ତ ପାଣିଗ୍ରାହୀ, ବାସନ୍ତୀ ବାରିକ, ସଂଯୁକ୍ତା ଜେନା, ପୂଜା ନନ୍ଦ, ଈଶ୍ୱର ସ୍ୱାଇଁ, ସୀତା ପ୍ରଧାନ, ସ୍ୱୟଂଜିତ ପାଢ଼ୀ, ଅଂଶ ମହାନନ୍ଦ, ଶ୍ରୀମୟୀ ପରିଡ଼ା, ଉଗ୍ରେଶ୍ୱର କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଚଳିତ ମାସ ୨୧ ତାରିଖ ଭାରତୀ କ୍ଲବ ପଡ଼ିଆରେ ଆୟୋଜିତ ନୂଆଁଖାଇ ଭେଟ୍‌ଘାଟରେ କୃତୀମାନଙ୍କୁ ପୁରସ୍କୃତ କରାଯିବ। ସେହି ଦିନରେ ମହିଳାମାନଙ୍କ ମଧ୍ୟରେ ରଙ୍ଗୋଲି, ପିଠାପଣା, ମ୍ୟୁଜିକାଲ୍ ଚେୟାର ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଫ୍ୟାନ୍ସି ଡ୍ରେସ୍ ପ୍ରତିଯୋଗିତା ହେବ ବୋଲି ପଶ୍ଚିମ ଓଡ଼ିଶା କଲ୍ୟାଣ ସମିତି ପକ୍ଷରୁ ସୂଚୀତ କରାଯାଇଛି।

## ଯାତ୍ରା ଅମୃତ ଦିଗନ୍ତ ପୁସ୍ତକ ଲୋକାର୍ପିତ



ରବିବାର ସମ୍ବଲପୁରରେ ଅତିଥିମାନେ ଯାତ୍ରା ଅମୃତ ଦିଗନ୍ତ ପୁସ୍ତକ ଲୋକାର୍ପଣ କରୁଛନ୍ତି ।

**ସମ୍ବଲପୁର,୭।୧୦(ବ୍ୟୁରୋ)**

ଯାତ୍ରା ଅମୃତ ଦିଗନ୍ତ ପୁସ୍ତକ ରବିବାର ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ଲୋକାର୍ପିତ ହୋଇଯାଇଛି। ପ୍ରଫେସର ସୁଦର୍ଶନ ପୂଜାରୀଙ୍କ ଅଧ୍ୟକ୍ଷତା ଓ ଡ. ଗୌରୀଦାସ ପ୍ରଧାନଙ୍କ ସଂଯୋଜନାରେ ଉତ୍ସବ ହୋଇଥିଲା। ସୃହଦ ସଂସଦ ସଭାପତି ଅର୍ଜୁନ ରଞ୍ଜନ ପଣ୍ଡା ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଜ୍ଞାପନ କରିଥିଲେ। ଅଧ୍ୟାପକ ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ପୁସ୍ତକ ଉପରେ ସମୀକ୍ଷା କରିଥିଲେ। ସେହିପରି ପୁସ୍ତକର ରଚୟିତା ଡ. ସୁରୁବାବୁ ମେହେର ସୂଚନା ପ୍ରଦାନ ଓ ପ୍ରକାଶକ ପ୍ରଦୀପ କୁମାର ମେହେର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାବିତ, ଲେଖକ ଓ ପ୍ରାବନ୍ଧିକ ଯୋଗ ଦେଇଥିଲେ।



"ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।
- ବ୍ୟାସଦେବ



**ସଂକ୍ଷେପରେ**

## ରାଜ୍ୟପାଳଙ୍କ ଗସ୍ତକୁ ନେଇ ପ୍ରସ୍ତୁତି ବୈଠକ

**ସୁନ୍ଦରଗଡ, ୭।୧୦ (ଡି.ଏନ୍.ଏ.)-** ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ ମଙ୍ଗଳବାର ସୁନ୍ଦରଗଡ଼ ସରକାରୀ କଲେଜକୁ ଆସୁଛନ୍ତି । ଏ ନେଇ ରବିବାର କଲେଜ ଅଧକ୍ଷ ଡ: କିଶୋର କୁମାର ଦାଶଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥିଲା । ସଦର ବିଧାୟକ ଯୋଗେଶ କୁମାର ସିଂ , ଏସ୍‌ଡିପିଓ ବଳଭଦ୍ର ଦୀପ, ଟାଉନ ଥାନା ଅଧିକାରୀ ଅଶୋକ କୁମାର ଗିରି, ପ୍ରାଧାପକ ଡ: ସରୋଜ କୁମାର ପଟେଲ, ପୁରାତନ ଛାତ୍ର ସଂଘର ବିଶ୍ୱଜିତ ହୋତା, ପ୍ରଫୁଲ୍ଲ ସୁନାନୀ, ଅଜିତ୍ ପ୍ରସାଦ, କାଉନସିଲର ପଞ୍ଚା ବାର୍ଲା ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ।

### ୪ର୍ଥ ଦିନରେ ଦେବଗଡ କଲେଜ ଛାତ୍ରଙ୍କ ଆମରଣ ଅନଶନ

# ଆଉ ଜଣେ ଛାତ୍ର ହସ୍ପିଟାଲରେ ଭର୍ତ୍ତି

**ଦେବଗଡ଼,୭।୧୦(ସ୍ୱ.ପ୍ର.)**

ଦେବଗଡ କଲେଜର ଛାତ୍ର ସଂସଦ ନିର୍ବାଚନ ବାତିଲକୁ ନେଇ କଲେଜ କର୍ତ୍ତୃପକ୍ଷ ବିନା କୌଣସି ଯୁକ୍ତିଯୁକ୍ତ କାରଣ ଦର୍ଶାଇ ସାଇନ-ଏ-ଡାଇ ଘୋଷଣା କରିଥିବାରୁ ଛାତ୍ର ଅଶାନ୍ତି ଥମୁନାହିଁ । ତେବେ ରବିବାର ପୁଣି ଆଉ ଜଣେ ଛାତ୍ର ଗୁରୁତର ଅସୁସ୍ଥ ହୋଇପଡିଥିବା ଜଣାପଡିଛି । ସେ ହେଲେ ଦିପେନ ଗଡତିଆ । ତାଙ୍କୁ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ । କଲେଜ ଅଧକ୍ଷା ସନ୍ତୋଷିନୀ ଶତପଥୀ, କଲେଜ ପରିଚାଳନା ସଭାପତି ସୁଧୀର କପରଦାର ଓ ଉଦ୍ଭିଦ ବିଜ୍ଞାନ ମୁଖ୍ୟ ଅମୂଲ୍ୟ ନାୟକଙ୍କ ବହିଷ୍କାର ଦାବିରେ ଛାତ୍ରମାନେ ଗୁରୁବାରଠାରୁ ଆମରଣ ଅନଶନରେ ବସିଥିବାବେଳେ ଆନ୍ଦୋଳନ ୪ର୍ଥ ଦିନରେ ପହଞ୍ଚିଛି । ଜଣେ ପରେ ଜଣେ ଛାତ୍ରଙ୍କ ଅବସ୍ଥା ସଙ୍କଟାପନ୍ନ ହେଉଥିଲେ ମଧ ତଥାପି ପ୍ରଶାସନର ଚେତା ପଶୁନି । ଆଗାମୀ ଦିନରେ ଛାତ୍ରମାନେ ବିଭିନ୍ନ ରାଜନୈତିକ ନେତୃବୃନ୍ଦ, ବିଭିନ୍ନ ଛାତ୍ର ସଂଗଠନ, ଜନସାଧାରଣଙ୍କୁ ସାମିଲ କରି ଏକ ବଡ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ସୂଚନା ମିଳିଛି । ଏଣୁ ଜିଲା ପ୍ରଶାସନ ତଥା ଉଚ୍ଚତର ବିଭାଗୀୟ କର୍ତ୍ତୃପକ୍ଷ ଏହାର ଶୀଘ୍ର ତଦନ୍ତ କରି ଛାତ୍ରଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ସାଧାରଣରେ



ଅଗ୍ନିଶମ କର୍ମଚାରୀମାନେ ଜଣେ ଛାତ୍ରଙ୍କୁ ଷ୍ଟ୍ରେଚରରେ ନେଉଛନ୍ତି।

ମତ ପ୍ରକାଶ ପାଉଛି । ସୂଚନାଯୋଗ୍ୟ ଯେ, ଦେବଗଡ କଲେଜରେ ସିଲେକ୍ସନ ନ କରି ଇଲେକ୍ସନ ମାଧମରେ ଛାତ୍ର ସଂସଦ ଗଠନ ପାଇଁ ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ ମଧ ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ଛାତ୍ରୀଛାତ୍ରମାନେ କଲେଜ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏପରିକି ନିର୍ବାଚନ ବାତିଲ ହେବାରୁ କଲେଜ ଅଧକ୍ଷା, ପରିଚାଳନା ସଭାପତି, ବୋଟାନୀ ମୁଖ୍ୟଙ୍କ ଇଙ୍ଗୀତରେ ଏ ସବୁ କରାଯାଇଛି ବୋଲି ଅଭିଯୋଗ କରି ଏମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ଏପରିକି ସାଇନ-ଏ-ଡାଇ କରିବା ପରି କୌଣସି ପ୍ରକାରର କାର୍ଯ୍ୟ କରାଯାଇ ନାହିଁ। ଉଦ୍ଭିଦ ବିଜ୍ଞାନ ଉପସ୍ଥାନ ଖାତା ଚୋରି ହୋଇଥିବା କହି କଲେଜର ଛାତ୍ର ସଂସଦ ନିର୍ବାଚନ ବାତିଲ କରି ଦେଇଥିଲେ । ଏଣୁ ବାଧ ହୋଇ ସେମାନଙ୍କ ବହିଷ୍କାର ଦାବିରେ ଛାତ୍ରମାନେ ଆମରଣ ଅନଶନରେ ବସିଛନ୍ତି । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନଶନରେ ବସିବେ ବୋଲି ଛାତ୍ରମାନେ ଚେତାବନୀ ଦେଇଛନ୍ତି ।

## ଟାଙ୍ଗିଆ ଚୋଟରେ ଯୁବକ ଆହତ

**ରିଆମାଳ, ୭।୧୦ (ଡି.ଏନ.ଏ.)**

ରିଆମାଳ ଥାନା ସୁନାରିପଡ଼ା ଗ୍ରାମରେ ଶନିବାର ରାତିରେ ଏକ ଯୁବକ ଟାଙ୍ଗିଆ ଚୋଟରେ ଆହତ ହୋଇ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସୁନାରିପଡ଼ା ଗ୍ରାମର ମାଧବ ଭଇଁସା ପ୍ରାୟ ଦିନ ସେହି ଗ୍ରାମର ବିଜୟ ବେହେରାଙ୍କ ଘର ସମ୍ମୁଖକୁ ଯାଇ ନାନା ପ୍ରକାର ଅଶ୍ଳୀଳ କଥାବାର୍ତ୍ତା କରିବା ସହ ଘରର ମହିଳାମାନଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥାନ୍ତି। ଶନିବାର ରାତିରେ ପୁନର୍ବାର ଖରାପ କଥା କହିବାରୁ ବିଜୟ ମାଧବଙ୍କୁ ଟାଙ୍ଗିଆରେ ଆଘାତ କରିଥିଲେ। ଫଳରେ ମାଧବ ଘଟଣାସ୍ଥଳରେ ପଡ଼ିଯାଇଥିଲେ ବୋଲି ରିଆମାଳ ଥାନାରେ ବିଜୟ ସ୍ୱୀକାର କରିଛନ୍ତି।

# ଓଡ଼ିଆ ଭାଷାକୁ ବଞ୍ଚାଇବାକୁ ଉଦ୍ୟମ ଆବଶ୍ୟକ

**ରାଜଗାଙ୍ଗପୁର, ୭।୧୦ (ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରର ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ରବିବାର ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ କମିଟି ତରଫରୁ ଚତୁର୍ଥ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜଗାଙ୍ଗପୁର ବିଧାୟକ ମଙ୍ଗଳା କିଶାନ ଏହିକାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସେ ନିଜ ମନ୍ତବ୍ୟରେ କହିଥିଲେ ଯେ, ଓଡିଶାର ଉନ୍ନତି ପାଇଁ ରାଜ୍ୟ ସରକାର ଆନ୍ତିରକତାର ସହ ପଦକ୍ଷେପ ନେଉଛନ୍ତି। ଏଣୁ ଓଡିଆ ଭାଷାକୁ ବଞ୍ଚାଇବାକୁ ହେଲେ ସମାଜ ଓ ସରକାରଙ୍କ ମିଳିତ ଉଦ୍ୟମ ଦରକାର। ଏହି ବୈଠକରେ ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ ସଭାପତି ଅଦ୍ୱୈତ୍ୟ କୁମାର ପାତ୍ର, ସାଧାରଣ ସମ୍ପାଦକ ଅନନ୍ତ ପ୍ରସାଦ ଜେନା, କୋଷାଧ୍ୟକ୍ଷ ବିମଳ ଷଡଙ୍ଗୀ, ରାଜଗାଙ୍ଗପୁର ଶାଖା ସଭାପତି ଲବିନ୍ଦ୍ର କୁମାର ବେହେରା, ଉପସଭାପତି ପଦ୍ମନାଭ ସାମଲ, ସମ୍ପାଦକ ନିତ୍ୟାନନ୍ଦ ବେହେରା ଯୋଗ ଦେଇଥିଲେ। ତେବେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ସଭାପତି ଓ ସମ୍ପାଦକମାନେ ନିଜ ନିଜ ମନ୍ତବ୍ୟ ରଖିଥିଲେ । ଏହି ବୈଠକରେ ଓଡିଆ ଭାଷାକୁ ସର୍ବସାଧାରଣରେ ବ୍ୟବହାର କରି ଶାସନରେ ଏହାକୁ ବହୁଳ ଭାବେ ବ୍ୟବହାର କରିବା, ଓଡିଆ ଭାଷାକୁ ବିଚାରାଳୟରେ ପ୍ରଚଳନ କରିବା, ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଗୁଡିକରେ ସରକାରୀ ନାମଫଳକ ଲେଖାଯିବା, ଇଷ୍ଟକୋଷ୍ଟ ରେଳବାଇରେ ଓଡିଆ ପିଲାଙ୍କୁ ପ୍ରାଧାନ୍ୟ ଦେବା, ସୀମାନ୍ତ ଗ୍ରାମ ଗୁଡିକରେ ବିକାଶ ପାଇଁ ସୀମାନ୍ତ ବିକାଶ ପରିଷଦ ଗଠନ କରିବା, ଆଦିବାସୀମାନଙ୍କୁ ଓଡିଆ ଭାଷା ବ୍ୟବହାର କରିବାକୁ ପ୍ରୋତ୍ସାହିତ କରିବା ଆଦି ପ୍ରସ୍ତାବ ଗୃହୀତ ହୋଇଛି।



ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ କମିଟି ବୈଠକରେ ଉପସ୍ଥିତ ଅତିଥିମାନେ।

ଏ ସବୁକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିବେଦନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସଭାରେ ଉତ୍କଳ ସମ୍ମିଳନୀର ସଭ୍ୟ ପ୍ରଫୁଲ୍ଲ କୁମାର ଉପାଧ୍ୟାୟ, ସୁରେଶ ବାରିକ, ରମେଶ ପାତ୍ର, ଅମ୍ବିକା ମହାନ୍ତି ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ । ଅତିଥି ଭାବେ ଅମ୍ରେସ ପଣ୍ଡା, ଜିତ ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଦେବଗଡ,୭।୧୦(ସ୍ୱ.ପ୍ର.)**

ଦେବଗଡ଼ ଜିଲା ରିଆମାଳ ବ୍ଲକ୍ ଅଧୀନ ପଳସମା, ପରା ଓ କୁଶଖୁଲିଆ ଗ୍ରାମରେ ଜିଲା ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମ ରବିବାର ଆୟୋଜିତ ହୋଇଯାଇଛି । ଜିଲା ସଭାପତି ସୁଧୀର କପରଦାରଙ୍କ ନେତୃତ୍ୱରେ ଉକ୍ତ ଗ୍ରାମରେ ପଦଯାତ୍ରା ସହିତ ପଥପାନ୍ତ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ତିଳେଇବଣି ବ୍ଲକ ଉପାଧ୍ୟକ୍ଷ ଭୁପେନ୍ଦ୍ର ପ୍ରସାଦ ନାୟକ, ଇଂ ଚିତରଞ୍ଜନ ପ୍ରଧାନ, ଚନ୍ଦ୍ରଶେଖର ଭୁକ୍ତା, ଲଳିତା ପ୍ରଧାନ, ଲିଙ୍ଗରାଜ ସାହୁ, ଜିଲା ଉପ ସଭାପତି ବିଭୁତି ଗଙ୍ଗଦେବ, ଜ୍ଞାନେନ୍ଦ୍ର ବିଶ୍ୱାଳ, ବୈକୁଣ୍ଠ ପାଇକରାୟ, ଦେବାଶୀଷ କପରଦାର, ଆଲୋକ ଅମାନ୍ତ, ବିଜୁ ଯୁବ ଛାତ୍ର ସଭାପତି ରାକେଶ ପାଣି, ତପନ ସାହୁଙ୍କ ସମେତ ଅନ୍ୟ ପ୍ରମୁଖ ଦଳୀୟ କର୍ମୀ ଉପସ୍ଥିତ ରହି ଓଡିଶା ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନ କରାଇଥିଲେ ।



ବିଜେଡିର ଜନ ସମ୍ପର୍କ ଯାତ୍ରାରେ ଯୋଗଦେଇଥିବା ଦଳୀୟ କର୍ମୀ।

### ରାଜଯୋଗ ଦ୍ୱାରା ନିଶାମୁକ୍ତ କର୍ମଶାଳା

# ଇଣ୍ଟରନେଟ, ମୋବାଇଲ ଏବେ ବଡ଼ ନିଶା

**ବଡଗାଁ,୭।୧୦ (ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ବଡଗାଁସ୍ଥିତ ଶିଳ୍ପ ତାଲିମ କେନ୍ଦ୍ର (ଆଇଟିସି) ସଭାଗୃହରେ ରବିବାର ଚଳନା ମୁଣ୍ଡା ଶାଖା ବ୍ରହ୍ମା କୁମାରୀ ଆଶ୍ରମ ପକ୍ଷରୁ ରାଜଯୋଗ ଦ୍ୱାରା ନିଶାମୁକ୍ତ କର୍ମଶାଳା ଅନୁଷ୍ଠିତ ହୋଇଛି। ଏହି କର୍ମଶାଳାରେ ବଡଗାଁ ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ ମୁଖ୍ୟଅତିଥି ଓ ଆଇଟିସି ପ୍ରତିଷ୍ଠାତା ସମ୍ପାଦକ ରାମଚନ୍ଦ୍ର ନାୟକ, ପୂର୍ବତନ ବିଧାୟକ ରଞ୍ଜିତ ଭିତ୍ରିଆ, ସୁପ୍ରଭା ସେଟ, ଧର୍ମରାଜ, ଜ୍ୟୋତ୍ସ୍ନା, ସୁନ୍ଦରଗଡ ଡାକ୍ତରଖାନାର ଡିଏମ୍‌ଓ ଜଗଦୀଶ ବାରିକ ଯୋଗ ଦେଇଥିଲେ।ମୁଖ୍ୟଅତିଥି ପ୍ରଧାନ କହିଥିଲେ ଯେ, ନିଶା ୨ ପ୍ରକାରର । ସେଥିରୁ ଗୋଟିଏ ହେଉଛି ପଜେଟିଭ ଓ ଅନ୍ୟଟି ନେଗେଟିଭ । ଭଗବାନଙ୍କୁ ପାଇବା ପାଇଁ ମଣିଷ ଯେଉଁ ମାଧମ ବା ରାସ୍ତାରେ ଯାଏ ତାହା ପଜେଟିଭ ନିଶା। ହେଲେ ସମାଜରେ ମଦ, ସିଗାରେଟ, ତମାଖୁ ଆଦି ନିଶାଦ୍ରବ୍ୟ ସେବନ କରି ନିଜର ତଥା ସମାଜର କ୍ଷତି ପହଞ୍ଚାଇବା ନେଗେଟିଭ ନିଶା । ଆଜିର ସମାଜରେ ସବୁଠାରୁ ବଡ ନିଶା ହେଉଛି ଇଣ୍ଟରନେଟ, ମୋବାଇଲ। ଏହା ଦ୍ୱାରା କିପରି କୁପ୍ରଭାବ ପଡୁଛି ତାହା ମଧ ଆଲୋଚନା କରାଯାଇଥିଲା। ଅନ୍ୟପକ୍ଷେ ରାଜଯୋଗ ଦ୍ୱାରା ନିଶା କିପରି ନିଶା ନିବାରଣ କରାଯାଏ ଏବଂ ସମାଜରେ ମାନସିକ ଚାପରୁ ମୁକ୍ତି ଜରୁରୀ ବୋଲି ବ୍ରହ୍ମା କୁମାରୀ ସୁପ୍ରଭା ସେଠ କହିଥିଲେ । ବ୍ରହ୍ମାକୁମାରୀ ଓ ଅତିଥିମାନେ ନିଶାମୁକ୍ତ ହେବା ପାଇଁ ରାଜଯୋଗ କେତେ ଉପଯୋଗୀ ତାହା ବୁଝାଇଥିଲେ । କର୍ମଶାଳା ପରିଚାଳନାରେ ଆଇଟିସି କର୍ମଚାରୀ ପ୍ରଶାନ୍ତ ନାଏକ, ସତ୍ୟେନ୍ଦ୍ର ବେହେରା, ସୌରଭ ପଣ୍ଡା, ଶରତ ଭୋଇ, ଗାନ୍ଧାରୀ ବାର୍ଲା। ପ୍ରମୁଖ ସହଯୋଗ କରିଥିଲେ ।




ରାଜଯୋଗ ଦ୍ୱାରା ନିଶାମୁକ୍ତ କର୍ମଶାଳାରେ ଅତିଥିମାନେ।

## ଦିଲ୍ଲୀ ଜେଏନ୍‌ୟୁରେ ନୂଆଁଖାଇ ଭେଟଘାଟ

**ସୁନ୍ଦରଗଡ,୭।୧୦ (ଡି.ଏନ୍.ଏ.)**

ଦିଲ୍ଲୀ ଜବାହରଲାଲ ନେହେରୁ ବିଶ୍ୱ ବିଦ୍ୟାଳୟ (ଜେଏନୟୁ)ରେ ନୂଆଖାଇ ଭେଟଘାଟ -୨୦୧୮ ଅନୁଷ୍ଠିତ ହୋଇଯାଇଛି । ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମୟୂରୀ ଅନୁଷ୍ଠାନର ପରିଚାଳକ ଉଦ୍ଧବ ଭିତ୍ରିଆଙ୍କୁ ସମ୍ମାନିତ କରାଯାଇଥିଲା । ସଭାରେ ମୁଖ୍ୟବକ୍ତା ଭାବେ ବାମଦେବ ସୁନାନୀ ଯୋଗ ଦେଇଥିଲେ । ଉପଦେଷ୍ଟା ହିମାଦ୍ରୀ ବହିଦାର, ଡିନ୍ ଅଜୟ ପଟ୍ଟନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।




ଦିଲ୍ଲୀ ଜବାହରଲାଲ ନେହେରୁ ବିଶ୍ୱ ବିଦ୍ୟାଳୟ (ଜେଏନୟୁ)ରେ ଅନୁଷ୍ଠିତ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ଆୟୋଜକ, କଳାକାର ଓ ଅନ୍ୟମାନେ।



ବ୍ଲକ୍ ଅଧ୍ୟକ୍ଷା ଶାନ୍ତି ପ୍ରଧାନ ହିତାଧିକାରୀଙ୍କୁ ରାଶନ୍ କାର୍ଡ ବଣ୍ଟନ କରୁଛନ୍ତି ।

## ଲଖନପୁର ବ୍ଲକ୍‌ରେ ରାଶନ କାର୍ଡ ବଣ୍ଟନ

**ଲଖନପୁର,୭।୧୦(ଡି.ଏନ୍.ଏ.)**

ଗତ ୨ତାରିଖ ଗାନ୍ଧୀଜୟନ୍ତୀରୁ ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଶୁଭାରମ୍ଭ ହୋଇଛି । ଏହି ଯୋଜନାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ତରଫରୁ ଲଖନପୁର ବ୍ଲକ୍‌ରେ ରବିବାର ହିତାଧିକାରୀମାନଙ୍କୁ ସମୁଦାୟ ୭୪ରାଶନ କାର୍ଡ ବଣ୍ଟନ କରାଯାଇଛି । ଏଥିମଧ୍ୟରେ ଲଖନପୁର ବ୍ଲକ୍‌ରେ ୬୪ ଓ ବେଲପାହାଡ ପୌରାଞ୍ଚଳର ୧୦ ହିତାଧିକାରୀ ରହିଛନ୍ତି । ଏହି ରାଶନକାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷା ଶାନ୍ତି ପ୍ରଧାନ,ବେଲପାହାଡ ପୌରାଞ୍ଚଳ ଅଧ୍ୟକ୍ଷ ପର୍ଶୁରାମ ସାହୁ,ବିଡିଓ ଗୋବିନ୍ଦ ଦଣ୍ଡସେନା,ସିଏସ୍‌ଓ ଲଳିତ ନାରାୟଣ ପଟ୍ଟନାୟକ,ଯୋଗାଣ ଅଧିକାରୀ ସୁରେନ୍ଦ୍ର କରତି, ମନୋଜ ସା ଓ ଆର୍.କେ. ଜେନା,ଜିଲାପରିଷଦ ଉପାଧ୍ୟକ୍ଷା ପଙ୍କଜିନୀ ପ୍ରଧାନ,ସରପଞ୍ଚ ନିରୁପମା ମାଝି, ସମିତିସଭ୍ୟା ତନୟା ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

### ଓଡ଼ିଶା ଇତିହାସ କଂଗ୍ରେସର ଆଞ୍ଚଳିକ ଅଧିବେଶନ

# ଇତିହାସ ପ୍ରଭାବମୁକ୍ତ, ନିରପେକ୍ଷ ହେବା ଆବଶ୍ୟକ

**ରାଉରକେଲା ଅଫିସ, ୭।୧୦ (ଡି.ଏନ୍.ଏ.)**

ରାଉରକେଲା ସ୍ୱୟଂଶାସିତ ସରକାରୀ ମହାବିଦ୍ୟାଳୟଠାରେ ଓଡିଶା ଇତିହାସ କଂଗ୍ରେସର ତୃତୀୟ ଆଞ୍ଚଳିକ ଅଧିବେଶନ ରବିବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଇତିହାସ ବିଭାଗ ଓ ଓଡିଶା ଇତିହାସ କଂଗ୍ରେସର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଅଧିବେଶନରେ 'ପଶ୍ଚିମ ଓଡିଶାରେ କୃଷକ ଓ ଆଦିବାସୀ ଆନ୍ଦୋଳନ' ଶୀର୍ଷକ ଆଲୋଚନା ଚକ୍ର ଆନୁଷ୍ଠିତ ହୋଇଥିଲା। ଓଡିଶା ଉଚ୍ଚ ଶିକ୍ଷା ବିଭାଗର ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ ଡ: ଅମୀୟ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଇତିହାସ ସାମ୍ପ୍ରଦାୟିକ ସଦଭାବର ବାର୍ତ୍ତା ପ୍ରଚାର କରିବା ସହିତ ପ୍ରଭାବମୁକ୍ତ ଓ ନିରପେକ୍ଷ ହେବା ଉଚିତ।

ମହାବିଦ୍ୟାଳୟର ଅଧକ୍ଷ ଡ: ଦେବେନ୍ଦ୍ରନାଥ ବେହେରା ଏଥିରେ ଅଧକ୍ଷତା କରି କହିଥିଲେ ଯେ, ରାଉରକେଲାରେ ଆର୍ଯ୍ୟ ତଥା ଆଦିବାସୀ ସଂସ୍କୃତିର ସମନ୍ୱୟ ଘଟିଛି। ଓଡିଶାର ଶିଳ୍ପାୟନର ଇତିହାସ ଏଇଠାରୁ ଆରମ୍ଭ ହୋଇଛି । ପ୍ରାଧ୍ୟାପକ ଡଃ ପ୍ରଭାତ କୁମାର ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରି କହିଥିଲେ ଯେ, ୧୮୨୭ରୁ ୧୮୬୨ ମଧ୍ୟରେ ପଶ୍ଚିମ ଓଡିଶାରେ ଆରମ୍ଭ ହୋଇଥିବା ଆଦିବାସୀ ଆନ୍ଦୋଳନରେ ଭୂୟାଁ ଜମିଦାରମାନେ ବଣାଇର କଦମ୍ବ ରାଜବଂଶ ବିରୋଧରେ ବିଦ୍ରୋହ ଆରମ୍ଭ କରିଥିଲେ। ଗାଙ୍ଗପୁର ଆଦିବାସୀ ଆନ୍ଦୋଳନରେ ନିର୍ମଳ ମୁଣ୍ଡା, ନାରୀ ବିପ୍ଳବୀ ମାଦ୍ରି କାଲୋ ଦେବଗଡ, ସୋନପୁର ଆଦି ଗଡଜାତରେ ସଂଘଠିତ କୃଷକ ଆନ୍ଦୋଳନର ନେତୃତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତା ଭାବେ ପ୍ରଫେସର ଡ: ବିଜୟ ବହିଦାର ଯୋଗଦେଇ ଔପନିବେଶ ଶାସନକାଳର କୃଷକ ଓ ଆଦିବାସୀ ବିଦ୍ରୋହର ବାର୍ତ୍ତା ଏବେ ବି ପଥରଗାଡା ଆନ୍ଦୋଳନ ଓ କୃଷକ ଆନ୍ଦୋଳନ ମାଧ୍ୟମରେ ଆତ୍ମପ୍ରକାଶ କରିଛି ବୋଲି ମତବ୍ୟକ୍ତ କରିଥିଲେ। ସ୍ୱାଧୀନତାର ପରବର୍ତ୍ତୀ ସମୟରେ ହୋଇଥିବା ଶିଳ୍ପାୟନର ବିକାଶ ଆଦିବାସୀବହୁଳ ଅଞ୍ଚଳରେ ଗଢି ଉଠିଥିବା ବେଳେ ବିସ୍ଥାପିତ ଆଦିବାସୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ବିଶ୍ୱ ବିଦ୍ୟାଳୟର ଇତିହାସ ବିଭାଗର ପ୍ରଫେସର ବସନ୍ତ କୁମାର ମଲ୍ଲିକ ଯୋଗ ଦେଇ ସାମାଜିକ ପ୍ରତିବାଦ ଆନ୍ଦୋଳନର ସଂଜ୍ଞା ଓ ସ୍ୱରୂପ ସମ୍ପର୍କରେ ଆଲୋକପାତ କରି ଥିଲେ । ଓଡିଶା ଜାତୀୟ କଂଗ୍ରେସର ସାଧାରଣ ସଂପାଦକ ଡ: ସୁବାସ ନାଏକ ଓଡିଶାର ଇତିହାସ ଓ ସଂସ୍କୃତିକୁ ପ୍ରୋତ୍ସାହନ ଓ ପ୍ରଚାରପ୍ରସାର ଓଡିଶା ଇତିହାସ କଂଗ୍ରେସର ଆଭିମୁଖ୍ୟ ବୋଲି ସୂଚନା ଦେଇ ପୁରୀଠାରେ ଏହାର ପ୍ରଥମ ଅଧିବେଶନ ଆରମ୍ଭ ହୋଇ ଆସନ୍ତା ବର୍ଷ ସୁବର୍ଣ୍ଣ ଜୟନ୍ତୀର ପୂର୍ତ୍ତି ପାଳନ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ଡଃ ପ୍ରଭାତ ମଲ୍ଲିକଙ୍କ ଲିଖିତ ଇତିହାସ ପାଠ୍ୟ ପୁସ୍ତକ 'ଇତିହାସ ରଚନା ଓ ଗବେଷଣା ପଦ୍ଧତି' ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଇତିହାସ ବିଭାଗ ସମ୍ମାନ ଶ୍ରେଣୀର ଶେଷବର୍ଷ ଛାତ୍ରୀ ନିଧି ଝା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଡ: ଅଦ୍ୱେତ କୁମାର ସାହୁ ଧନ୍ୟବାଦ ଦେଇଥିଲେ । ବିଭାଗୀୟ ମୁଖ୍ୟ ଅଧ୍ୟାପିକା ବାସନ୍ତୀ କୁଜୁର, ଅଧ୍ୟାପକ ସଞ୍ଜୟ ମହାପାତ୍ର, ଅଧ୍ୟାପିକା ସୁନ୍ଦରୀ ତିର୍କୀ ଓ ବିଭାଗର ସମସ୍ତ ଛାତ୍ରୀଛାତ୍ରଙ୍କ ସହଯୋଗରେ ଆୟୋଜିତ ଗବେଷଣାତ୍ମକ ପ୍ରବନ୍ଧ ଉପସ୍ଥାପନା କାର୍ଯ୍ୟକ୍ରମରେ ପୁରୀ ସାମନ୍ତଚନ୍ଦ୍ର ଶେଖର ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ: ପ୍ରଫୁଲ୍ଲ ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ ଭୁବନେଶ୍ୱର ନହରକଣ୍ଟା ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ: ସନ୍ତୋଷ ସେଠୀ ସମୀକ୍ଷକ କାର୍ଯ୍ୟ ତୁଲାଇଥିଲେ । ଏହି ଅଧିବେଶନରେ ଅଧ୍ୟାପକ ଡ: ସୁବାସ କାରୁଆ, ଅଧ୍ୟାପକ ଡଃ ସୁରେଶ ପାଣ୍ଡେ, ଅଧ୍ୟାପକ ପ୍ରହଲ୍ଲାଦ ପଣ୍ଡା, କେନ୍ଦ୍ରୀୟ ବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ନଗେନ୍ଦ୍ର ମିଶ୍ର, ଅଧ୍ୟାପିକା ସୁସ୍ମିତା ଭୋଇ ପ୍ରମୁଖ ନିବନ୍ଧ ଉପସ୍ଥାପନା କରିଥିଲେ।



ଓଡିଶା ଇତିହାସ କଂଗ୍ରେସର ଆଞ୍ଚଳିକ ଅଧିବେଶନରେ ଉପସ୍ଥିତ ଅତିଥିମାନେ।

> ଦୁଷ୍ଟଙ୍କର ସାରା ଶରୀରରେ ବିଷ ରହିଛି। ଦୁଷ୍ଟ ତଥା କଣ୍ଟାର ଦୁଇପ୍ରକାର ଉପଚାର ରହିଛି ; ଜୋତାରେ ମଳି, ମକଚି ଦିଅ ନତୁବା ତାକୁ ଦୂରରେ ଛାଡି ଦେଇଆସ।
> - ଚାଣକ୍ୟ

## ସଂକ୍ଷେପରେ

### ରକ୍ତଦାନ ଶିବିର: ୪୦ ୟୁନିଟ୍ ସଂଗ୍ରହ

ପଦ୍ମପୁର, ୭।୧୦ (ଡି.ଏନ.ଏ): ପଦ୍ମପୁର ସହର ନିକଟରେ ଥିବା ଚାରପାଲି ଗ୍ରାମରେ ରବିବାର ବାଜିରାଉତ ଯୁବକ ସଂଘ ଦ୍ୱାରା ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଶିବିରକୁ ସାମାଜିକ କର୍ମୀ ନିରୋଜ ଦୋରା ଉଦ୍‌ଘାଟନ କରିଥିଲେ । ଶିବିରରେ ମୋଟ ୪୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ଉପଖଣ୍ଡ ଚିକିତ୍ସାଳୟ ରକ୍ତଭଣ୍ଡାର କର୍ମଚାରୀ ସଂଗ୍ରାମ କେଶରୀ ମାହୁନ୍ତ, ଚିନ୍ତାମଣି ପଣ୍ଡା, ହିତେଶ ସାହୁ, ଜିତେନ୍ଦ୍ରୀୟ ଗୁର୍ଲା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ଡୋଲାମଣି, ତ୍ରିଲୋଚନ, ବିପିନ, ଗୋପାଳ, ମୁକ୍ତେଶ୍ୱର, ଫକୀର ଦୋରା, ରାକେଶ, ହେମନ୍ତ, ରିଙ୍କୁ, ବିକ୍ରମ ପ୍ରମୁଖ ସହଯୋଗ କରିଥିଲେ ।

### ବନ୍ଧପାଲିରେ ଏଲପିଜି ପଞ୍ଚାୟତ

**ବରପାଲି, ୭।୧୦ (ଡି.ଏନ.ଏ):** ବରପାଲି ବ୍ଲକ ବନ୍ଧପାଲି ଗ୍ରାମରେ ଶନିବାର ଏଲପିଜି ପଞ୍ଚାୟତ ସଭା ଅନୁଷ୍ଠିତ ହୋଇଛି । ବନ୍ଧପାଲି ଗ୍ରାମର ରାଜୀବ ଭବନଠାରେ ସୋସିଆଲ ଡେଭଲପମେଣ୍ଟ ପ୍ରଫେସନାଲ (ଏସ୍‌ଡିପି) ମମତାଞ୍ଜଳି ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ସଭାରେ ବରଗଡ ଜିଲା ମ୍ୟାନେଜର ସୁକାନ୍ତ କୁମାର ସାହୁ, ଅଙ୍ଗନୱାଡି କର୍ମୀ କୁମୁଦିନୀ ସାହୁ ପ୍ରମୁଖ ଉପସ୍ଥିତ ରହି ରୋଷେଇ ଗ୍ୟାସ୍‌ର ବ୍ୟବହାର ଏବଂ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ ବରପାଲି ଓ ବିଜେପୁର ଅଞ୍ଚଳର ପ୍ରାୟ ୩୦୦ ଗ୍ୟାସ ଉପଭୋକ୍ତା ଉପସ୍ଥିତ ଥିଲେ। ଉପଭୋକ୍ତାଙ୍କୁ ୧୦ଟି ନୂତନ ଗ୍ୟାସ ସଂଯୋଗ ପ୍ରଦାନ କରାଯାଇଥିଲା। ସଦାନନ୍ଦ ସାହୁ ସହଯୋଗ କରିଥିଲେ ।

### ଫୁଟବଲ: ବହଲପାଲି, କଦଳୀପାଲି ବିଜୟୀ

**ବରଗଡ଼ ଅଫିସ୍,୭।୧୦:** ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଜିଲାସ୍ତରୀୟ ନକ୍ଆଉଟ ଫୁଟବଲ ପ୍ରତିଯୋଗିତାର ରବିବାର ଅନୁଷ୍ଠିତ ମ୍ୟାଚରେ ବହଲପାଲି ଓ କଦଳୀପାଲି ପ୍ରତିପକ୍ଷ ଦଳକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଧାଙ୍ଗେର ଓ ବହଲପାଲି ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା । ଏଥିରେ ବହଲପାଲି ୨-୦ ଗୋଲରେ ବିଜୟୀ ହୋଇଥିଲା । ସେହିପରି କଦଳୀପାଲି ଓ କନ୍ତରକଁଟା ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ହୋଇଥିଲା । ଏଥିରେ କଦଳୀପାଲି ୪-୦ ଗୋଲରେ ବିଜୟୀ ହୋଇଥିଲା । ସନ୍ତୋଷ ପ୍ରଧାନ, ଶୁଭମ ପାତ୍ର, ଉମେଶ ଭୋଇ, ପ୍ରେମନାଥ ଗିରି ଖେଳ ପରିଚାଳନା କରିଥିଲେ ।




ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାର ନିଃଶୁଳ୍କ ରୋଗ ନିରୂପଣ କେନ୍ଦ୍ର ନିଦାନ ।




ରୋଗ ନିରୂପଣ କେନ୍ଦ୍ରରେ ଲୋକେ ଧାଡ଼ି ବାନ୍ଧି ରହିଛନ୍ତି ।

# ନାମଫଳକରେ ସୀମିତ ନିଦାନ ବିଭାଗ

ପ୍ରେମାନନ୍ଦ ଖମାରୀ
ବରଗଡ଼ ଅଫିସ୍,୭।୧୦

**ବରଗଡ଼ ମୁଖ୍ୟ ଡାକ୍ତରଖାନା**
- କେମିକାଲ, ଯନ୍ତ୍ରପାତି ନାହିଁ
- ହୋଇପାରୁନି ରୋଗ ନିରୂପଣ
- ଖର୍ଚ୍ଚାନ୍ତରେ ପଡୁଛନ୍ତି ଗରିବ ରୋଗୀ
- ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ନିର୍ବିକାର

ରୋଗୀଙ୍କୁ ନିଃଶୁଳ୍କ ରୋଗ ନିରୂପଣ ସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ନିଦାନ ଯୋଜନା କରିଛନ୍ତି। ଏହି ଯୋଜନାରେ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ପୂର୍ବରୁ ଥିବା ପରୀକ୍ଷାଗାରକୁ ନିଃଶୁଳ୍କ ସମନ୍ୱିତ ରୋଗ ନିରୂପଣ କେନ୍ଦ୍ର ବୋଲି ନାମିତ କରାଯାଇଛି । ତେବେ ପରୀକ୍ଷାଗାରର କେବଳ ନାମ ବଦଳିଛି, ମାତ୍ର ସେଥିରେ ଆଉ କିଛି ପରିବର୍ତ୍ତନ ହୋଇନାହିଁ । ନିଦାନ ଯୋଜନାରେ ରହିଥିବା ରୋଗ ନିରୂପଣ ସେବା ମିଳିବା ତ ଦୂରର କଥା, ଆବଶ୍ୟକ କେମିକାଲ ତଥା ଯନ୍ତ୍ରପାତି ଅଭାବରୁ ରୋଗୀଙ୍କ ସୋଡ଼ିୟମ, ପଟାସିୟମ, କ୍ୟାଲସିୟମ, ୟୁରିନ, ଏସିଡ୍, ଆଲବୁମିନ, ପ୍ରୋଟିନ ଆଦି ପରୀକ୍ଷା ହୋଇ ପାରୁନାହିଁ । ଫଳରେ ଘରୋଇ ପରୀକ୍ଷାଗାରକୁ ଯାଇ ରୋଗୀ ଖର୍ଚ୍ଚାନ୍ତରେ ପଡୁଛନ୍ତି । ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଏଭଳି ଅଭାବନୀୟ ପରିସ୍ଥିତି ଦୀର୍ଘବର୍ଷ ଧରି ଲାଗି ରହିଛି । ମାତ୍ର ଉଭୟ ରାଜନୈତିକ, ପ୍ରଶାସନିକ ଇଚ୍ଛାଶକ୍ତି ଅଭାବରୁ ଏପର୍ଯ୍ୟନ୍ତ ତାହା ଦୂରୀକରଣ ହୋଇ ପାରିନାହିଁ ଏବଂ ଏଠାରେ ନିଦାନ ଯୋଜନା ନାମଫଳକରେ ସୀମିତ ରହିଯାଇଛି ।

ଚଳିତବର୍ଷ ଜାନୁୟାରୀ ପହିଲାରୁ ରାଜ୍ୟବାସୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇବା ଲକ୍ଷ୍ୟ ନେଇ ସରକାର ନିଦାନ ସମେତ ସହାୟ, ଆମ କ୍ଲିନିକ ଓ ଅନମୋଲ ଭଳି ୪ଟି ଯୋଜନା ହାତକୁ ନେଇଛନ୍ତି । ଏହା ସହିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗ ନିରୂପଣ କେନ୍ଦ୍ର ଖୋଲାଯାଇ ବିଭିନ୍ନ ପ୍ରକାର ପରୀକ୍ଷା ସହିତ ଡିଜିଟାଲ ଏକ୍ସ ରେ, ଡାୟାଲାସିସ୍, ସିଟି ସ୍କାନ, ଏମଆରଆଇ ଆଦି ପରୀକ୍ଷା ଏହି ଯୋଜନାରେ ରହିଛି । ତେବେ ସେଭଳି ସ୍ୱାସ୍ଥ୍ୟସେବା ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କ ପାଇଁ ଦିବାସ୍ୱପ୍ନ ହୋଇପଡିଛି। ଏଠାରେ ରୋଗୀଙ୍କ ପାଇଁ ସାଧାରଣ ପରୀକ୍ଷା ହୋଇ ପାରୁନାହିଁ । ଫଳରେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ରୋଗୀ କିମ୍ବା ସେମାନଙ୍କ ଅଭିଭାବକମାନେ ଘରୋଇ ପାଥୋଲୋଜିକୁ ଯାଇ ଖର୍ଚ୍ଚାନ୍ତରେ ପଡୁଛନ୍ତି । ଅନେକ ସ୍ଥଳେ ଗରିବ ଶ୍ରେଣୀର ରୋଗୀମାନେ ଅର୍ଥାଭାବରୁ ସେଭଳି ସ୍ୱାସ୍ଥ୍ୟ ପରୀକ୍ଷାରୁ ବଞ୍ଚିତ ହେଉଛନ୍ତି।

ଜିଲା ମୁଖ୍ୟ ଡାକ୍ତରଖାନାରେ ଏଭଳି ସର୍ବନିମ୍ନ ସ୍ୱାସ୍ଥ୍ୟସେବା ମିଳିପାରୁ ନ ଥିବା ଯୋଗୁ ଅସନ୍ତୋଷ ପ୍ରକାଶ ପାଇଛି । ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳିବା ଆଶା ନେଇ ଜିଲା ତଥା ଜିଲା ବାହାର ବଲାଙ୍ଗୀର, ସୋନପୁର ଏବଂ ପଡ଼ୋଶୀ ଛତିଶଗଡ଼ର ବିଭିନ୍ନ ଅଞ୍ଚଳରୁ ଏଠାକୁ ଚିକିତ୍ସା ପାଇଁ ରୋଗୀମାନେ ଆସୁଛନ୍ତି । ଦୈନିକ ପ୍ରାୟ ୭୦୦ରୁ ଅଧିକ ରୋଗୀ ଏଠାକୁ ଆସି ଆଉଟଡ଼ୋର (ବହିର୍ବିଭାଗ) ରେ ଚିକିତ୍ସିତ ହେଉଥିବାବେଳେ ଇନଡ଼ୋର(ଅନ୍ତର୍ବିଭାଗ)ରେ ୨୦୦ରୁ ଊର୍ଦ୍ଧ୍ୱ ଭର୍ତ୍ତି ହୋଇଛନ୍ତି। ମାତ୍ର ୯୧ ଶଯ୍ୟାବିଶିଷ୍ଟ ଏହି ଡାକ୍ତରଖାନାରେ ଶଯ୍ୟାଭାବରୁ ଚଟାଣରେ ରୋଗୀଙ୍କ ଚିକିତ୍ସା ଚାଲିଛି । ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ଦୋରାଙ୍କୁ ପଚାରିବାରୁ ଡାୟାଲାସିସି, ସିଟି ସ୍କାନ ପରୀକ୍ଷା ବ୍ୟବସ୍ଥା ନ ଥିବା କଥାକୁ ସ୍ୱୀକାର କରିଥିଲେ । ଡାକ୍ତରଖାନାରେ ବିଭିନ୍ନ ପରୀକ୍ଷା ହେଉ ନ ଥିବା ନେଇ ସେ ବର୍ତ୍ତମାନ ସୁଦ୍ଧା ଅବଗତ ନାହାନ୍ତି । ସେଭଳି ସମସ୍ୟା ରହିଥିଲେ, ତାର ତୁରନ୍ତ ପ୍ରତିକାର ବ୍ୟବସ୍ଥା କରାଯିବ ବୋଲି ଦୋରା କହିଥିଲେ । ସେହିପରି ପୂର୍ବରୁ ଏଠାରେ ଡେଙ୍ଗୁ କିମ୍ବା ହେପାଟାଇଟିସ୍ ପରୀକ୍ଷା ହୋଇ ପାରୁ ନ ଥିଲା ଏବଂ ରକ୍ତ ନମୁନାକୁ ବୁର୍ଲା ପଠାଯାଉଥିଲା । ମାତ୍ର ସେ ଆସିବା ପରେ ଏଠାରେ ଉଭୟ ଡେଙ୍ଗୁ, ହେପାଟାଇଟିସ୍ ପରୀକ୍ଷା ସୁବିଧା କରାଯାଇଥିବା ଡା. ଦୋରା ସୂଚନା ଦେଇଥିଲେ ।

## ଗାନ୍ଧୀ ବିଚାରଧାରା ଆଲୋଚନା ସଭା

ସୋହେଲା,୭।୧୦(ଡି.ଏନ.ଏ)

ସୋହେଲା ସଂସ୍କୃତି ଭବନଠାରେ ଚେତନା ଆନୁକୂଲ୍ୟରେ ଶନିବାର ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମଜୟନ୍ତୀ ପାଳନ ଅବସରରେ ପ୍ରଣାମ ବାପୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟର ଅବସରପ୍ରାପ୍ତ ପ୍ରେସ ସଚିବ ଡକ୍ଟର ସତ୍ୟନାରାୟଣ ସାହୁ ଯୋଗଦେଇ ଏକବିଂଶ ଶତାବ୍ଦୀରେ ମଧ୍ୟ ଗାନ୍ଧୀ ବିଚାରଧାରାର ପ୍ରାସଙ୍ଗିକତା ରହିଥିବା ପ୍ରକାଶ କରିଥିଲେ । ଜଗତୀକରଣ, ବିଶ୍ୱ ତାପମାନ ବୃଦ୍ଧି, ପରିବେଶ, ଜଳ ସଂରକ୍ଷଣ ସହ ବିଶ୍ୱବାସୀ ବର୍ତ୍ତମାନ ଯେଉଁ ଜିନିଷ ଉପରେ ବିଶ୍ୱସ୍ତରୀୟ ଆଲୋଚନା କରୁଛନ୍ତି ତାହା ଗାନ୍ଧୀ ବହୁବର୍ଷ ପୂର୍ବେ ନିଜର ବିଚାରରେ ପ୍ରକଟ କରି ସାରିଥିଲେ । ଅଧ୍ୟାପକ ଟେକଚାନ୍ଦ ଦୁଆନ ଧନ୍ୟବାଦ ଅର୍ପଣ କରିଥିଲେ । ସୋହେଲା ନାଗରିକ କମିଟି ତରଫରୁ ସଭାପତି ପ୍ରମୋଦ ଚନ୍ଦ୍ର ଦେବତା ଓ ବଳବୀର ସିଂ ଡକ୍ଟର ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ସଭାରେ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।

## ମାତୃ କର୍ମଶାଳା
### ଶିଶୁର ଶିକ୍ଷା ପାଇଁ ମା'ର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଅତାବିରା, ୭।୧୦ (ଡି.ଏନ.ଏ)

ମା'ମାନେ ହେଉଛନ୍ତି ଶିଶୁମାନଙ୍କର ମାର୍ଗଦର୍ଶକ । ମା'ମାନେ ପାଠୋଇ ହେଲେ ଶିଶୁମାନଙ୍କ ଶିକ୍ଷା ଅଗ୍ରଗତି ହେବା ସହିତ ଦେଶର ପ୍ରଗତି ହେବ । ନିଜ ଗୃହରେ ଶିଶୁମାନଙ୍କୁ କିପରି ଶିକ୍ଷାଦାନ ଦେବେ ସେହି ବିଷୟରେ ମା'ମାନଙ୍କୁ ବରଗଡ ଜିଲା ଭେଡେନ ବ୍ଲକ ଡାଲବ ପଞ୍ଚାୟତ ଖୁଣ୍ଟୁଲିପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ମାତୃ ସମ୍ମିଳନୀରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶିବାନନ୍ଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମାତୃ କର୍ମଶାଳାରେ ମୁଖ୍ୟଅତିଥି ଭାବେ ଡାଲବ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଦେବଦତ୍ତ ବଡ଼େଇ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଶିବାନନ୍ଦ ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିଶୁ ବାଟିକା ବିଭାଗ ପ୍ରମୁଖ ଆଚାର୍ଯ୍ୟା ପଦ୍ମିନୀ ଭୋଇ, ଜ୍ୟୋତ୍ସ୍ନା ନାୟକ, ସାଗରିକା ମାହାଣା, କ୍ରିଷ୍ଣା ସେଟ, ଆଚାର୍ଯ୍ୟ ମୁନୁ ବଡ଼େଇ, ଯୋଗେଶ ପାଢ଼ୀ ପ୍ରମୁଖ ଯୋଗଦେଇ ମଞ୍ଚାସୀନ ଥିଲେ । ଶେଷରେ ଯୋଗେଶ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅନ୍ତର୍ନିହିତ ପ୍ରତିଭା ବିକାଶର ପ୍ଲାଟଫର୍ମ ସୁରଭି

ବିଜେପୁର, ୭।୧୦ (ଡି.ଏନ.ଏ)

ବିଜେପୁର ବ୍ଲକ ପଡା ହାଇସ୍କୁଲରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଶନିବାର ଅନୁଷ୍ଠିତ ହୋଇଛି । ବିଡିଓ ପଦ୍ମନାଭ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ବିଇଓ ରାଧାକାନ୍ତ ଗଡତିଆଙ୍କ ଅଧ୍ୟକ୍ଷତାରେ ଏବିଇଓ ଚିତ୍ତରଞ୍ଜନ ପଧାନ, ସ୍ଥାନୀୟ ହାଇସ୍କୁଲର ପ୍ରଧାନ ଶିକ୍ଷକ ଡିଲେଶ୍ୱର ସାହୁ, ଏମ୍‌ଇ ସ୍କୁଲର ପ୍ରଧାନଶିକ୍ଷକ ପ୍ରତିମା ଗୁରୁ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଏବିଇଓ ସୁଶାନ୍ତ ପାଣ୍ଡେ ଉଦ୍ଦେଶ୍ୟ ଜ୍ଞାପନ, ସିଆରସିସି ପ୍ରେମରାଜ ପଧାନ ଅତିଥି ପରିଚୟ ଓ ଶଶିଭୂଷଣ ସାହୁ ସଭା ପରିଚାଳନା କରିଥିଲେ । କୁଇଜ, ତର୍କ, ବକ୍ତୃତା, ସୃଜନଶୀଳ ଲିଖନ, ଚିତ୍ରାଙ୍କନ, ବିଦ୍ୟାଳୟ ନିରାପତ୍ତା ଶୀର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ୧୭ଟି ପ୍ରତିଯୋଗିତାରେ ୨୬୪ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ପଞ୍ଚାନନ ମିଶ୍ର, ସରୋଜ କୁମାର ପାଣିଗ୍ରାହୀ, ଚିନ୍ମୟ ସାହୁ, ସନ୍ତୋଷ ଦେହେରୀ, ଦିଲୀପ ଦେବତା, ଜୟସିଂ ମହାନନ୍ଦ, ସନ୍ତୋଷ ପଧାନ, ନବକିଶୋର ସାହୁ, ଅମୂଲ୍ୟ ପଧାନ, କମଳେଶ ସାହୁ ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ । ଉଦ୍‌ଯାପନୀ ଉତ୍ସବରେ ବିଧାୟିକା ରୀତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ବିଇଓ ରାଧାକାନ୍ତ ଗଡତିଆଙ୍କ ଅଧ୍ୟକ୍ଷତାରେ ବ୍ଲକ ଅଧ୍ୟକ୍ଷା ମାନିନୀ ଭୋଇ, ସରପଞ୍ଚ ବିନୋଦ ବିଶ୍ୱାଳ, ଏବିଇଓ ଚିତ୍ତରଞ୍ଜନ ପଧାନ, ଘନଶ୍ୟାମ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ସୁଶାନ୍ତ କୁମାର ଚୌପଦାର ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିବାରେ ଏହା ଏକ ବଡ ପ୍ଲାଟଫର୍ମ । ତେଣୁ ଶିଶୁଙ୍କୁ ମାତାପିତା ଉତ୍ସାହିତ କରିବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ । ବରିଷ୍ଠ ଓ କନିଷ୍ଠ ବିଭାଗରେ ୩୪ଜଣ କୃତି ପ୍ରତିଯୋଗୀ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ ପାଇଁ ଶ୍ରେଷ୍ଠ ବିବେଚିତ ହୋଇଥିବା ସୂଚନା ଦିଆଯାଇଥିଲା । ଶଶୀଭୂଷଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ବ୍ଲକସ୍ତରୀୟ ସୁରଭିର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ।

ଇନଡୋର ଷ୍ଟାଡିୟମରେ ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତା

# ଭାଗ ନେଲେ ୧୮୯ ଛାତ୍ରୀଛାତ୍ର



ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଭାଗନେଇଥିବା ଛାତ୍ରୀଛାତ୍ରମାନେ ।

**ଦେବଗଡ଼,୭।୧୦(ସ୍ୱ.ପ୍ର.)**

ଓଡିଶା ରାଜ୍ୟ ଶିଶୁକଲ୍ୟାଣ ପରିଷଦ ସହାୟତାରେ ଏବଂ ଆୟୋଜକ ଜିଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ସ୍ଥାନୀୟ ଇନଡୋର ଷ୍ଟାଡିୟମଠାରେ ରବିବାର ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ଓ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ମୋଟ ୧୮୯ଜଣ ସାଧାରଣ ଏବଂ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ୫ ରୁ ୯ ବର୍ଷ ବର୍ଗରେ ଡିଭାଇନ ପବ୍ଲିକ ସ୍କୁଲର ଛାତ୍ର ଶରତ ମୁଣ୍ଡା ପ୍ରଥମ ସ୍ଥାନ ପାଇଥିବାବେଳେ ଚିନ୍ମୟ ସ୍କୁଲର ଅଂଶୁମାନ ନାୟକ ୨ୟ, କେନ୍ଦ୍ରୀୟ ବିଦ୍ୟାଳୟର ସ୍ମିତି ପ୍ରଜ୍ଞା ଦାଶ ୩ୟ, ଚିନ୍ମୟ ସ୍କୁଲର ହିତେଶ ପଣ୍ଡା ୪ର୍ଥ ଓ ଡିଭାଇନ ପବ୍ଲିକ ସ୍କୁଲର ଫିରୋଜ ବେହେରା ୫ମ ସ୍ଥାନ ପାଇଥିଲେ । ସେହିପରି ୧୦ରୁ ୧୬ ବର୍ଷ ବର୍ଗରେ ଓଡିଶା ଆଦର୍ଶ ବିଦ୍ୟାଳୟର ମନିଶ ରାଉତ ପ୍ରଥମ, ସେହି ସ୍କୁଲର ସଞ୍ଜୟ ସାହୁ ୨ୟ, ନବୋଦୟ ସ୍କୁଲର ବନ୍ଦିତା କୁଜୁର ୩ୟ, ଓଏଭିର ପ୍ରୀତିଗନ୍ଧା ପଟେଲ ୪ର୍ଥ ଏବଂ ଟାଉନ ହାଇସ୍କୁଲର ପିୟୁଷ ପାତ୍ର ୫ମ ସ୍ଥାନ ପାଇଥିଲେ । ସେହିପରି ଦିବ୍ୟାଙ୍ଗ ବିଭାଗରେ ରେଶ୍ମାରାଣୀ ଚେରୁରା ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ଆବାହକତ୍ୱରେ ବିଚାରକ ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଜୟ ମିଶ୍ର, କଳାଗୁରୁ ପ୍ରଦୀପ ପାତ୍ରମ୍, ଦେବଦତ ତ୍ରିପାଠୀ, ଚିତ୍ରକର ସମୀର ରଞ୍ଜନ ପ୍ରଧାନ ଉପସ୍ଥିତ ରହି ମୂଲ୍ୟାଙ୍କନ କରିଥିଲେ । ସୁରକ୍ଷା ଅଧିକାରୀ ଚିନ୍ମୟ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିଭିନ୍ନ ସ୍କୁଲ ଓ ହାଇସ୍କୁଲର ବିଆରସିସି ଓ ସିଆରସିସି, ସିଏସ୍‌ଡିଆର୍‌ର ନିର୍ଦ୍ଦେଶିକା ରୀତା ରାଉତ, ଚାଇଲ୍ଡ ଲାଇନର ଜିଲା ସଂଯୋଜିକା ସରୋଜିନୀ ମିଶ୍ର, ଚିଲଡ୍ରେନ ଟିମ ସଦସ୍ୟ ଉପେନ୍ଦ୍ର ଭଞ୍ଜ, ଅମ୍ଳାଂଶୁ ପୂଜାରୀ, ସୁନୀତା ପ୍ରଧାନ, ତ୍ରିଲୋଚନ ପ୍ରଧାନ, ଗଙ୍ଗାଧର ଦାଶ, ଦୀପକ ସାହୁ , ସପୋର୍ଟର କର୍ମକର୍ତ୍ତା ପିଙ୍କି, ସ୍ୱାଗତିକା, ମୀନକେତନ, ବିନୋଦ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସହାୟତା କରିଥିଲେ । ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ କୃତୀ ଛାତ୍ରୀଛାତ୍ରଙ୍କୁ ଜିଲାସ୍ତରରେ ପୁରସ୍କୃତ କରାଯିବା ସହ ରାଜ୍ୟ ସ୍ତରକୁ ମନୋନୀତ କରାଯିବ ଏବଂ ରାଜ୍ୟସ୍ତରରୁ ଜାତୀୟ ସ୍ତରରେ ଶ୍ରେଷ୍ଠ ବିବେଚିତ ଚିତ୍ର ଗୁଡିକୁ ପୁରସ୍କୃତ କରାଯାଇ ଛାତ୍ର ବୃତି ମଧ ପ୍ରଦାନ କରାଯିବ ବୋଲି ଆୟୋଜକ ସଂସ୍ଥା ସୂଚନା ଦେଇଛନ୍ତି ।

# ଦେବଗଡ଼ରେ ଏଲପିଜି ପଞ୍ଚାୟତ କାର୍ଯ୍ୟକ୍ରମ

ଦେବଗଡ,୭।୧୦(ସ୍ୱ.ପ୍ର)

ଦେବଗଡ଼ ଜିଲାର ଦୁଧିଆନାଳୀ, ତେନ୍ତୁଲାବାହାଲ ଓ ବସାଲଇ ଗ୍ରାମ ପଞ୍ଚାୟତରେ ଏଲପିଜି ପଞ୍ଚାୟତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉକ୍ତ ପଞ୍ଚାୟତର ୯୦୦ଜଣ ଉଜ୍ଜ୍ୱଳା ଏଲପିଜି ଉପଭୋକ୍ତା ଯୋଗଦେଇଥିଲେ । ଏହି ଅବସରରେ କେନ୍ଦ୍ର ପେଟ୍ରୋଲିୟମ ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିଡିଓ କନଫେରେନ୍ସିଂ ମାଧମରେ ଉପଭୋକ୍ତାଙ୍କ ସହ ସିଧାସଳଖ ବାର୍ତ୍ତାଳାପ କରିଥିଲେ । ନିଜ ବକ୍ତବ୍ୟରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ୩ବର୍ଷରୁ କମ୍ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ୨୦୧୪ର ଶତକଡା ୨୦ ପ୍ରତିଶତ ଗ୍ୟାସରୁ ୨୦୧୮ସେପ୍ଟେମ୍ବର ସୁଦ୍ଧା ୬୮ପ୍ରତିଶତ ଗ୍ୟାସ ସଂଯୋଗ ବୃଦ୍ଧି ଘଟିଛି ବୋଲି କହିଥିଲେ । ଓଏଲ ମାର୍କେଟିଂ କମ୍ପାନୀର ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଗ୍ୟାସକୁ କିପରି ସୁରକ୍ଷିତ ଭାବେ ବ୍ୟବହାର କରାଯିବ ଓ ଏହାର ବ୍ୟବହାର ଦ୍ୱାରା ମହିଳାମାନେ କେମିତି ଉପକୃତ ହେବା ସହ ସ୍ୱଳ୍ପ ସମୟରେ ରୋଷେଇ କରି ସମୟର ବିନିଯୋଗ ଏବଂ ସୁସ୍ଥ ପରିବେଶ ଗଠନ କରିବେ ସେ ଉପରେ ଅବଗତ କରିଥିଲେ । ସେହିପରି ଉପଭୋକ୍ତାମାନେ କାଠ ଓ ଗ୍ୟାସ ରୋଷେଇର ଅନୁଭୂତି ବ୍ୟକ୍ତ କରିଥିଲେ ।



ଏଲପିଜି ପଞ୍ଚାୟତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ମଞ୍ଚାସୀନ ଅତିଥି।

# ଫୁଟବଲ ଟୁର୍ଣ୍ଣାମେଣ୍ଟ: ଚିଚିଣ୍ଡା ଚାମ୍ପିୟନ

ଭେଡ଼େନ,୭।୧୦(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଅନ୍ତର୍ଗତ ଚିଚିଣ୍ଡା ଗ୍ରାମପଞ୍ଚାୟତର ହାଇସ୍କୁଲ ଖେଳ ପଡ଼ିଆରେ ରବିବାର ଅନୁଷ୍ଠିତ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଚିଚିଣ୍ଡା ଦଳ ଚାମ୍ପିୟନ ହୋଇଛି। ଚିଚିଣ୍ଡା ଗ୍ରାମପଞ୍ଚାୟତ ବିଜୁ ଯୁବ ବାହିନୀ ଆନୁକୂଲ୍ୟରେ ହୋଇଥିବା ଫୁଟବଲ ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ଚିଚିଣ୍ଡା ଦଳ କେଶ୍ରିପାଲି ଦଳକୁ ଟାଇବ୍ରେକର ଯୋଗେ ୪-୨ ଗୋଲ ବ୍ୟବଧାନରେ ପରାସ୍ତ କରିଛି। ପୂର୍ବରୁ ସେମିଫାଇନାଲ ଖେଳରେ କେଶ୍ରିପାଲି ଦଳ ପତ୍ରାପାଲିକୁ ୧-୦ ଗୋଲ ଏବଂ ଚିଚିଣ୍ଡା ଦଳ ବୁଗବୁଗାକୁ ୨-୦ ଗୋଲ ବ୍ୟବଧାନରେ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଥିଲେ। ରେଫରୀ ହରେରାମ ପଶାୟତ, ଛାୟାକାନ୍ତ ତରିଆ, ବାବାଜୀ ଝାଙ୍କର ପ୍ରମୁଖ ଖେଳ ପରିଚାଳନା କରିଥିଲେ । ବିକ୍ରମ ଭୋଇ ଧାରା ବିବରଣୀ ପ୍ରଦାନ କରିଥିଲେ। ଉଦଯାପନୀ ଉତ୍ସବରେ ଯୁବବାହିନୀ ଉପଦେଷ୍ଟା ଦୁର୍ଗା ପ୍ରସାଦ ଛୁରିଆ ମୁଖ୍ୟଅତିଥି, ଭେଡ଼େନ ବ୍ଲକ ଅଧ୍ୟକ୍ଷ ଡ଼ୋଲାମଣି କ୍ଷେତି, ଚିଚିଣ୍ଡା ସରପଞ୍ଚ ସୁଶାନ୍ତ ପ୍ରଧାନ, ସମିତିସଭ୍ୟ ମୁକେଶ ସାହୁ, ସୁନ୍ଦରମଣି ମାଝୀ, ମନବୋଧ ମେହେର, ନିମାଇଁ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ପଞ୍ଚାୟତ ବିଜୁ ଯୁବବାହିନୀ ସଭାପତି ଅତୀଶ ସାହୁ, ସମ୍ପାଦକ କରୁଣାକର ଦୀପଙ୍କ ସମେତ ସମସ୍ତସଭ୍ୟ ସହଯୋଗ କରିଥିଲେ।



ଚିଚିଣ୍ଡା ଫୁଟବଲ ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ।

## ସଂକ୍ଷେପରେ

### ଉତ୍ତରାଖଣ୍ଡ, ନାଗାଲାଣ୍ଡ, ଅରୁଣାଚଳ ପ୍ରଦେଶ ବିଜୟୀ

**ଭୁବନେଶ୍ୱର, ୭।୧୦(କ୍ରୀଡ଼ା ପ୍ରତିନିଧି):** ଏଠାରେ ଚାଲିଥିବା ରାଉଣ୍ଡ-୧ ପ୍ଲେଟ ୧୯ ବର୍ଷରୁ କମ୍ ଭିନୁ ମଙ୍କଡ଼ ଟ୍ରଫି କ୍ରିକେଟ ଜୋନାଲ ଲିଗ୍‌ରେ ରବିବାର ୩ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଉତ୍ତରାଖଣ୍ଡ, ନାଗାଲାଣ୍ଡ ଓ ଅରୁଣାଚଳ ପ୍ରଦେଶ ବିଜୟୀ ହୋଇଛି। କିଟ୍ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଉତ୍ତରାଖଣ୍ଡ ୮ ଉଇକେଟରେ ପୁଡୁଚେରୀକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ପୁଡୁଚେରୀ ୩୯ ଓଭରରେ ୯୪ ରନ କରି ଅଲଆଉଟ ହୋଇ ଯାଇଥିଲା। ଜବାବରେ ଉତ୍ତରାଖଣ୍ଡ ୧୯.୧ ଓଭରରେ ୨ ଉଇକେଟ ହରାଇ ୯୭ ରନ ସଂଗ୍ରହ କରି ନେଇଥିଲା। ରେଲୱେ ଷ୍ଟାଡିୟମରେ ନାଗାଲାଣ୍ଡ ୩୦ ରନରେ ମେଘାଳୟକୁ ପରାସ୍ତ କରିଛି। ନାଗାଲାଣ୍ଡ ୪୦ ଓଭରରେ ୧୮୯ ରନ କରି ଅଲଆଉଟ ହୋଇଥିବାବେଳେ ମେଘାଳୟ ଇନିଂସ ୪୭.୧ ଓଭରରେ ୧୫୯ ରନରେ ସୀମିତ ରହିଥିଲା। ବିକାଶ ଗ୍ରାଉଣ୍ଡରେ ଅରୁଣାଚଳ ପ୍ରଦେଶ ୬୮ ରନରେ ସିକିମକୁ ହରାଇ ଦେଇଛି। ଅରୁଣାଚଳ ପ୍ରଦେଶ ୩୮.୪ ଓଭରରେ ୧୩୬ ରନ କରିବାକୁ ସକ୍ଷମ ହୋଇଥିବାବେଳେ ସିକିମ ୩୨.୨ ଓଭରରେ ୬୮ ରନ କରି ଅଲଆଉଟ ହୋଇ ଯାଇଥିଲା।

### ଦକ୍ଷିଣ ଆଫ୍ରିକାର କ୍ଲିନ୍ ସୁଇପ୍

**ପାର୍ଲ, ୭।୧୦(ଏଏଫପି):** ଜିମ୍ବାୱେ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ଦକ୍ଷିଣ ଆଫ୍ରିକା କ୍ଲିନ୍ ସୁଇପ୍ କରିଛି। ଶନିବାର ଏଠାରେ ଖେଳାଯାଇଥିବା ତୃତୀୟ ତଥା ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୨୫ଟି ବଲ ବାକି ଥାଇ ୪ ଉଇକେଟରେ ଜିମ୍ବାୱେକୁ ହରାଇବା ସହ ୩-୦ ରେ ସିରିଜ ପୋଛି ନେଇଛି। ଟସ୍ ଜିତି ଜିମ୍ବାୱେ ପ୍ରଥମେ ବ୍ୟାଟିଂ କରି ୪୯.୩ ଓଭରରେ ୨୨୮ ରନ ସଂଗ୍ରହ କରି ଅଲଆଉଟ ହୋଇଥିଲା। ଦଳ ତରଫରୁ ସିନ ୱିଲିୟମ୍ସ ୬୯, ବ୍ରେଣ୍ଡନ ଟେଲର ୪୦, ଅଧିନାୟକ ହାମିଲଟନ ମାସାକାଜା ୨୮, ଡୋନାଲ୍ଡ ତିରିପାନୋ ୨୯ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ଜବାବରେ ବ୍ୟାଟିଂ ଆରମ୍ଭ କରି ଦକ୍ଷିଣ ଆଫ୍ରିକା ୪୫.୫ ଓଭରରେ ୬ ଉଇକେଟ ହରାଇ ୨୩୧ ରନ କରି ବିଜୟ ହାସଲ କରିଛି। ଦଳ ତରଫରୁ ଏଡେନ ମାରାକ୍ରାମ ୪୨, ରିଜା ହେଣ୍ଡ୍ରିକ୍ସ ୬୬, ହେନରିଚ୍ କ୍ଲାସେନ ୫୯, ଖାୟା ଜୋଣ୍ଡୋ ଅପରାଜିତ ୨୫ ରନ ସଂଗ୍ରହ କରିଥିଲେ। ବୋଲିଂରେ ଜିମ୍ବାୱେ ତରଫରୁ ତିରିପାନୋ ସର୍ବାଧିକ ୨ ଉଇକେଟ ନେଇଥିଲେ। କ୍ଲାସେନ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଓ ତାହିର ପ୍ଲେୟାର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।

ସଂକ୍ଷିପ୍ତ ସ୍କୋର: ଜିମ୍ବାୱେ ୪୯.୩ ଓଭରରେ ୨୨୮ ଅଲଆଉଟ୍ (ଏସ୍ ୱିଲିୟମ୍ସ- ୬୯, ବି. ଟେଲର- ୪୦, ଷ୍ଟେନ- ୩/୨୯, ରବାଡ଼ା- ୩/୩୨)।
ଦକ୍ଷିଣ ଆଫ୍ରିକା ୪୫.୫ ଓଭରରେ ୨୩୧/୬ (ହେଣ୍ଡ୍ରିକ୍ସ- ୬୬, କ୍ଲାସେନ- ୫୯, ମାରକ୍ରାମ- ୪୨, ତିରିପାନୋ- ୨/୩୫)।



“ଗତ କେତୋଟି ମ୍ୟାଚରେ ରିୟଲ ମାଡ୍ରିଡର ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲେ ମଧ୍ୟ ମୋ ସ୍ଥିତି ପ୍ରତି ବିପଦ ରହିଛି ବୋଲି ମୁଁ ମନେ କରୁନି।

**–ଜୁଲେନ ଲୋପେଟ୍‌ଗୁଇ, ରିୟଲ ମାଡ୍ରିଡ ଟିମ୍ ମ୍ୟାନେଜର**



“ସଂଯୁକ୍ତ ଆରବ ଏମିରେଟ୍ସରେ ରବିବାରଠାରୁ ଆରମ୍ଭ ହୋଇଥିବା ପାକିସ୍ତାନ ବିପକ୍ଷ ଟେଷ୍ଟ ସିରିଜରେ ସ୍ପିନରମାନଙ୍କ ବିଶେଷ ଭୂମିକା ରହିବ।

**–ମିଚେଲ ଷ୍ଟାର୍କ, ଅଷ୍ଟ୍ରେଲୀୟ ପେସ୍ ବୋଲର**

# ଭାରତର କ୍ରମାଗତ ଦ୍ୱିତୀୟ ବିଜୟ

## ସୁଲତାନ ଜୋହର କପ୍ ଜୁନିୟର ହକି

ଜୋହର ବାହରୁ(ମାଲେସିଆ), ୭।୧୦

ଓଡ଼ିଆ ଖେଳାଳି ଶିଳାନନ୍ଦ ଲାକ୍ରାଙ୍କ ଡବଲ ଗୋଲ ବଳରେ ଭାରତ ରବିବାର ଅନୁଷ୍ଠିତ ସୁଲତାନ ଜୋହର କପ୍ ଜୁନିୟର ହକି ଟୁର୍ନାମେଣ୍ଟରେ ନ୍ୟୁଜିଲାଣ୍ଡକୁ ୭-୧ ଗୋଲରେ ପରାସ୍ତ କରିଛି। ଟୁର୍ନାମେଣ୍ଟରେ ଏହା ହେଉଛି ଭାରତର କ୍ରମାଗତ ଦ୍ୱିତୀୟ ବିଜୟ। ପ୍ରଥମ ଦିବସରେ ଦଳ ଆୟୋଜକ ମାଲେସିଆକୁ ୨-୧ ଗୋଲରେ ହରାଇ ଦେଇଥିଲା।

ଗତଥର ବ୍ରୋଞ୍ଜ ପଦକ ଜିତିଥିବା ଭାରତ ରବିବାର ଏଠାରେ ପ୍ରଭଜୋତ ସିଂଙ୍କ ୬ଷ୍ଠ ମିନିଟ ଗୋଲ ବଳରେ ଅଗ୍ରଣୀ ହାସଲ କରିଥିଲା। ଶୃଙ୍ଖଳିତ ପ୍ରଦର୍ଶନ କରି ଭାରତୀୟ ଯୁବ ଖେଳାଳିମାନେ ଅଧିକାଂଶ ସମୟ ନ୍ୟୁଜିଲାଣ୍ଡ ସର୍କଲ ଭିତରେ ବଲ୍ ରଖିବାକୁ ସକ୍ଷମ ହୋଇଥିଲେ। ଚଳିତବର୍ଷ ପ୍ରାରମ୍ଭରେ ସୁଲତାନ ଆଜଲାନଶାହ କପ୍ ଖେଳି ସିନିୟର କ୍ୟାରିୟର ଆରମ୍ଭ କରିଥିବା ଓଡ଼ିଶାର ଶିଳାନନ୍ଦ ଏଠାରେ ୧୫ତମ ମିନିଟରେ ଗୋଟିଏ ଗୋଲ ଦେଇ ଭାରତର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ନ୍ୟୁଜିଲାଣ୍ଡ ଗୋଲ ପରିଶୋଧ ପାଇଁ ଉଦ୍ୟମ କରିଥିଲେ ହେଁ ଭାରତୀୟ ଯୁବ ଡିଫେଣ୍ଡରମାନେ ତାହା ହେବାକୁ ଦେଇ ନ ଥିଲେ। ଅନ୍ୟତମ ଓଡ଼ିଶା ଖେଳାଳି ତଥା ଗୋଲକିପର ପଙ୍କଜ ରଜାକ ମଧ୍ୟ ଚମତ୍କାର ସେଭ୍ କରି ନ୍ୟୁଜିଲାଣ୍ଡର ପ୍ରତ୍ୟାବର୍ତ୍ତନ ଆଶାରେ ପାଣି ଭରିଥିଲେ। ୨୧ତମ ମିନିଟରେ ହିମରନଜିତ ସିଂଙ୍କ ଫିଲ୍ଡ ଗୋଲ ଏବଂ ୨୩ତମ ମିନିଟରେ ମହମ୍ମଦ ଫରାଜଙ୍କ ପେନାଲ୍ଟିଗୋଲ ବଳରେ ଭାରତ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ୪-୦ରେ ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟାର୍ଦ୍ଧରେ ନ୍ୟୁଜିଲାଣ୍ଡ ଭିନ୍ନ ରଣନୀତି ସହ ପଡ଼ିଆକୁ ଓହ୍ଲାଇବ ବୋଲି ଆଶା କରାଯାଉଥିଲା। ମାତ୍ର ତୃତୀୟ କ୍ୱାର୍ଟରରେ ଶିଳାନନ୍ଦ ୪୩ତମ ମିନିଟରେ ବ୍ୟକ୍ତିଗତ ଦ୍ୱିତୀୟ ଏବଂ ଦଳ ପକ୍ଷରୁ ୫ମ ଗୋଲ ଦେଇ ନ୍ୟୁଜିଲାଣ୍ଡକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ୫୦ତମ ମିନିଟରେ ଅଭିଷେକ ଆଉ ଏକ ଗୋଲ ଦେଇଥିବାବେଳେ ନ୍ୟୁଜିଲାଣ୍ଡ ପକ୍ଷରୁ ସାମ୍ ହିହା ୫୩ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିବାକୁ ସକ୍ଷମ ହୋଇଥିଲେ। ଭାରତୀୟ ଅଧିନାୟକ ମନଦୀପ ମୋର ୬୦ତମ ମିନିଟରେ ପେନାଲ୍ଟି କର୍ନରରୁ ଗୋଟିଏ ଗୋଲ ଦେଇ ମ୍ୟାଚର ପରିସମାପ୍ତି ଘଟାଇଥିଲେ। ବିଶାଲ ଆଣ୍ଟିଲ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ୯ ତାରିଖରେ ଜାପାନ ସହିତ ଖେଳିବ।



ଗୋଲ ଦେବା ପରେ ଖୁସି ମନାଉଛନ୍ତି ଶିଳାନନ୍ଦ ଲାକ୍ରା।

### ଓଜ୍‌ନିଆକିଙ୍କୁ ୩୦ତମ ଡବ୍ଲ୍ୟୁଟିଏ ଟାଇଟଲ

ବେଜିଂ,୭।୧୦(ଏଏଫପି)

ଅଷ୍ଟ୍ରେଲିଆନ୍ ଓପନ୍ ଚାମ୍ପିୟନ କାରୋଲିନ ଓଜ୍‌ନିଆକି ଏଥର ଚାଇନା ଓପନ୍ ଡବ୍ଲ୍ୟୁଟିଏ ଟାଇଟଲ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ସେ ଲାଟଭିଆର ଆନଷ୍ଟାସିଜା ସେଭାଡସୋଭାଙ୍କୁ ୬-୩, ୬-୩ ସେଟ୍‌ରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ଏଥିସହିତ ଡେନମାର୍କର ଏହି ମହିଳା ତାରକା ଖେଳାଳି କ୍ୟାରିୟରର ୩୦ତମ ଡବ୍ଲ୍ୟୁଟିଏ ଟାଇଟଲ ଜିତିବାକୁ ସକ୍ଷମ ହୋଇଛନ୍ତି। ବିଶ୍ୱର ୨ ନମ୍ବର ଏହି ମହିଳା ଖେଳାଳି ଚଳିତ ସପ୍ତାହରେ ଚମତ୍କାର ପ୍ରଦର୍ଶନ କରିଛନ୍ତି ଓ ସେ ଗୋଟିଏ ହେଲେ ବି ସେଟ୍ ହାତଛଡ଼ା କରିନାହାନ୍ତି। ଏଥି ସହିତ ସେ ସିଙ୍ଗାପୁର ଡବ୍ଲ୍ୟୁଟିଏ ଫାଇନାଲ୍ସରେ ନିଜର ସ୍ଥାନ ପକ୍କା କରିଛନ୍ତି। ୨୮ ବର୍ଷୀୟ ଓଜ୍‌ନିଆକି ୨୦୧୦ରେ ଚାଇନା ଓପନ ଟାଇଟଲ ହାସଲ କରିଥିଲେ। ସେଭାଡସୋଭାଙ୍କୁ ସେ ସହଜରେ ପରାସ୍ତ କରିଥିଲେ। ଇଞ୍ଜୁରି କାରଣରୁ ଓଜନିଆକି ୨୦୧୩ ମେ ମାସରେ କିଛି ଦିନ ପାଇଁ ଟେନିସ୍‌ରୁ ଓହରିଯାଇଥିଲେ।

# ପ୍ରଥମ ଦିବସରେ ଭାରତକୁ ୫ ପଦକ

## ଏସିଆନ ପାରା ଗେମ୍ସ



ବ୍ରୋଞ୍ଜ ବିଜୟୀ ଭାରତୀୟ ପାରା ବ୍ୟାଡ୍‌ମିଣ୍ଟନ ଦଳ।

ଭୁବନେଶ୍ୱର, ୭।୧୦

ଜାକର୍ତ୍ତାରେ ଚାଲିଥିବା ଏସିଆନ ପାରା ଗେମ୍ସର ପ୍ରଥମ ଦିବସରେ ରବିବାର ଭାରତକୁ ୨ଟି ରୌପ୍ୟ, ୩ଟି ବ୍ରୋଞ୍ଜ ସହ ମୋଟ ୫ଟି ପଦକ ମିଳିଛି। ମହିଳା ସନ୍ତରଣ ୧୦୦ ମିଟର ବଟରଫ୍ଲାଏ ଏସ-୧୦ କାଟେଗୋରିରେ ସତୀଜା ଦେବାଂଶି ଦେଶପାଇଁ ପ୍ରଥମ ରୌପ୍ୟ ପଦକ ଅର୍ଜନ କରିଛନ୍ତି। ପୁରୁଷ ୨୦୦ ମିଟର ଇଣ୍ଡିଭିଜୁଆଲ ମିଡ୍‌ଲେ ଏସଏମ-୭ କାଟେଗୋରିରେ ସୁୟାଶ ଯାଦବ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଦ୍ୱିତୀୟ ରୌପ୍ୟ ଜିତିଛନ୍ତି ଫରମାନ ବାସା। ସେ ୪୯ କେଜି ପୁରୁଷ ଶକ୍ତିଉତ୍ତୋଳନ ଇଭେଣ୍ଟରେ ୧୨୮ କେଜି ଉତ୍ତୋଳନ କରି ଏହି ସଫଳତା ପାଇଛନ୍ତି। ଏହି କାଟେଗୋରିରେ ଅନ୍ୟତମ ଭାରତୀୟ ପରମଜିତ କୁମାରଙ୍କୁ ବ୍ରୋଞ୍ଜ (୧୨୭ କେଜି) ପଦକ ମିଳିଛି। ଭାରତୀୟ ପାରା ବ୍ୟାଡ୍‌ମିଣ୍ଟନ ଦଳ ମାଲେସିଆଠାରୁ ୧-୨ରେ ହାରି ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛି। ଅନ୍ୟପକ୍ଷରେ ବ୍ୟାଡ୍‌ମିଣ୍ଟନର ସିଙ୍ଗଲ୍ସ ଇଭେଣ୍ଟରେ ଓଡ଼ିଶାର ପ୍ରମୋଦ ଭଗତ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ସେ ଭିଏତନାମର ଡୁକ୍ ଟ୍ରୁଙ୍ଗ ଫାମ୍‌ଙ୍କୁ ୨୧-୧୧, ୨୧-୭ରେ ହରାଇ ଦେଇଛନ୍ତି। ଓଡ଼ିଶା ସ୍ପ୍ରିଣ୍ଟର ଜୟନ୍ତୀ ବେହେରା ସୋମବାର ୨୦୦ ମିଟର ରେସ୍‌ରେ ଭାଗ୍ୟପରୀକ୍ଷା କରିବେ। ତେବେ ଓଡ଼ିଶାର ଦୁଇ ହୁଇଲ୍ ଚେୟାର ଫେନ୍‌ସିଂ ଖେଳାଳି ଭି.ରମେଶ ରାଓ ଓ ରାଖାଲ କୁମାର ସେଠୀ ଯୋଗ୍ୟତା ପର୍ଯ୍ୟାୟର ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି। ଦୃଷ୍ଟିହୀନ ଚେସ୍‌ରେ ଭାରତର ସମସ୍ତ ପ୍ରତିଯୋଗୀ ବିଜୟୀ ହୋଇଛନ୍ତି। ଓଡ଼ିଶାର ପ୍ରାତ୍ତୁର୍ଯ୍ୟ କୁମାର ପ୍ରଧାନ ଡୋମିନିଗୋର ସାଭିଓ ଫର୍ନାଣ୍ଡିଜ୍‌ଙ୍କୁ ୧୫ ମିନିଟରୁ କମ୍ ସମୟ ମଧ୍ୟରେ ହରାଇ ଦେଇଛନ୍ତି। ଶନିବାର ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ୨୦୧୬ ରିଓ ପାରା ଅଲିମ୍ପିକ୍ସର ହାଇଜମ୍ପ ଏଫ-୪୨ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିବା ଥେଙ୍ଗାଭେଲୁ ମାରିଆରପ୍ପା ଉଦ୍‌ଘାଟନୀ ଉତ୍ସବରେ ଜାତୀୟ ପତାକାଧାରୀ ହୋଇଥିଲେ।



ଫରମାନ ବାସା

### ୧୯ ବର୍ଷରୁ କମ୍ ଏସିଆ କପ୍

# ଭାରତ ଚାମ୍ପିୟନ

ମୀରପୁର, ୭।୧୦ (ପି.ଟି.)

ଭାରତ ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ଦଳ ୧୪୪ ରନରେ ଶ୍ରୀଲଙ୍କାକୁ ହରାଇ ଦେଇଛି। ଦିଲ୍ଲୀ ବାଳକ ଆୟୁଷ ବାଦୋନୀ ଏବଂ ହର୍ଷ ତ୍ୟାଗୀ ଦଳକୁ ବିଜୟୀ କରାଇବାରେ ବିଶେଷ ଭୂମିକା ଗ୍ରହଣ କରିଥିଲେ। ଶେର୍-ଇ-ବାଂଲା ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଭାରତ ଅଧିନାୟକ ପ୍ରଭ ସିମରନ ସିଂ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଦଳି ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ବିନିମୟରେ ୩୦୩ ରନ କରିଥିଲା। ଦଳର ଇନିଂସରେ ସମସ୍ତ ବ୍ୟାଟ୍ସମ୍ୟାନଙ୍କ ଅବଦାନ ଥିଲା। ଓପନର ଯଶସ୍ୱୀ ଜୟସ୍ୱାଲ (୧୧୩ ବଲ୍‌ରୁ ୮୫ରନ) ଓ ଅନୁଜ ରାୱତ (୭୯ ବଲ୍‌ରୁ ୫୭) ପାର୍ଟନରଶିପ୍‌ରେ ୧୨୧ ରନ ଯୋଗ କରି ଦଳର ମୂଳଦୁଆ ସୁଦୃଢ଼ କରିଥିଲେ। ଭାରତୀୟ ଇନିଂସରେ ବାଦୋନୀଙ୍କ ୨୮ ବଲ୍‌ରୁ ଅପରାଜିତ ୫୨ ରନ ଉଲ୍ଲେଖନୀୟ ଥିଲା। ସେ ୫ ଛକା ଓ ୨ ଚୌକା ଲଗାଇଥିଲେ। ଅଧିନାୟକ ପ୍ରଭ ସିମରନ (୩୭ ବଲ୍‌ରୁ ଅପରାଜିତ ୬୫) ଓ ବାଦୋନୀ ୯.୧ ଓଭରରେ ୧୧୦ ରନ ଯୋଗ କରି ଶ୍ରୀଲଙ୍କାଠାରୁ ମ୍ୟାଚ ଛଡ଼ାଇ ନେଇଥିଲେ। ୩୦୪ ରନର କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟକୁ ପିଛା କରିବାକୁ ଯାଇ ଶ୍ରୀଲଙ୍କା ୩୮.୪ ଓଭରରେ ୧୬୦ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ନିୟମିତ ଭାବେ ଉଇକେଟମାନ ହରାଇଥିଲା। ଭାରତୀୟ ବୋଲରମାନଙ୍କ ମଧ୍ୟରେ ସଫଳ ବୋଲର ଭାବେ ହର୍ଷ ତ୍ୟାଗୀ ତାଙ୍କ ୧୦ ଓଭର ବୋଲିଂରେ ୩୮ ରନ ଦେଇ ୬ଟି ଉଇକେଟ ଅକ୍ତିଆର କରିଥିଲେ। ସେ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଟୁର୍ନାମେଣ୍ଟରେ ସ୍ଥିର ପ୍ରଦର୍ଶନ ସହ ୩୧୮ ରନ ସଂଗ୍ରହ କରିଥିବା ଜୟସ୍ୱାଲ ମ୍ୟାନ ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଭାରତୀୟ ୧୯ ବର୍ଷୟରୁ କମ୍ ଦଳ:** ୩୦୩/୬ (ଯଶସ୍ୱୀ ଜୟସ୍ୱାଲ-୧୧୩ ବଲରୁ ୮୫, ଅନୁଜ ରାୱତ ୭୯ ବଲ୍‌ରୁ ୫୭, ପ୍ରଭ ସିମରନ ୩୭ ବଲ୍‌ରୁ ୬୫*, ଆୟୁଷ ବାଦୋନୀ ୨୮ ବଲ୍‌ରୁ ୫୨*)।
**ଶ୍ରୀଲଙ୍କା ୧୯ବର୍ଷରୁ କମ୍ ଦଳ:** ୩୮.୪ ଓଭରରେ ୧୬୦/ଅଲଆଉଟ (ହର୍ଷ ତ୍ୟାଗୀ ୧୦ ଓଭରରେ ୬/୩୮)।

# ୟୁଥ୍ ଅଲିମ୍ପିକ ଗେମ୍ସ ଉଦ୍‌ଘାଟିତ

ବୁଏନ୍ସ ଏରିଜ୍, ୭।୧୦ (ପି.ଟି.)

ୟୁଥ୍ ଅଲିମ୍ପିକ ଗେମ୍ସ ଶନିବାର ଆରମ୍ଭ ହୋଇଛି। ପ୍ରଥମ ଥର ଏହାର ଉଦ୍‌ଘାଟନୀ ଉତ୍ସବ ସହରର ମୁଖ୍ୟ ରାସ୍ତାରେ ଆୟୋଜିତ ହୋଇଥିଲା। ପ୍ରାୟ ୨ ଲକ୍ଷ ଲୋକ ଏହାକୁ ଉପଭୋଗ କରିଥିଲେ। ମାର୍ଚ୍ଚ ପାଷ୍ଟ ବେଳେ ଶୁଟର ଜାତୀୟ ପତାକା ସହ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। ଏହି ଅବସରରେ ଆୟୋଜିତ ଆତସବାଜି କାର୍ଯ୍ୟକ୍ରମ ବେଶ୍ ମନୋମୁଗ୍ଧକର ହୋଇଥିଲା। ଉଦ୍‌ଘାଟନୀ ଉତ୍ସବକୁ ଥାଇଲାଣ୍ଡର ‘ୱାଇଲ୍ଡ ବୋର୍ସ’ ଟିମ୍‌କୁ ଆମନ୍ତ୍ରଣ କରାଯାଇଥିବାରୁ ଅଲିମ୍ପିକ କମିଟି ସଭାପତି ଥୋମାସ ବ୍ୟାକ୍ ତାହାର ଉଚ୍ଚ ପ୍ରଶଂସା କରିଥିଲେ। ସୂଚନାଯୋଗ୍ୟ, ‘ୱାଇଲ୍ଡ ବୋର୍ସ’ ଫୁଟ୍‌ବଲ ଟିମ୍ ଜୁନ୍‌ରେ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲା। ଟିମ୍‌ର ଖେଳାଳିମାନେ ଥାଇଲାଣ୍ଡ ଅନ୍ତର୍ଗତ ଚାଙ୍ଗ୍ ରାଇ ପ୍ରଦେଶର ଏକ ବନ୍ୟ ପ୍ଲାବିତ ଗୁମ୍ଫାରେ ଦୁଇ ସପ୍ତାହ ଧରି ଫସି ରହିଥିଲେ। ଗେମ୍ସରେ ୨୦୬ଟି ଟିମ୍‌ର ୧୫ରୁ ୧୮ ବୟସ ବର୍ଗର ୪,୦୦୦ ଆଥଲେଟ୍ ଅଂଶଗ୍ରହଣ କରିଛନ୍ତି। ଏଥିରେ ଭାଗ ନେବାଲାଗି ଭାରତରୁ ଏକ ୬୮ଜଣିଆ ପ୍ରତିନିଧି ଦଳ ଆର୍ଜେଣ୍ଟିନାରେ ପହଞ୍ଚିଛନ୍ତି। ସେମାନଙ୍କ ମଧ୍ୟରେ ୪୬ଜଣ ଆଥଲେଟ୍ ଅଛନ୍ତି। ସେମାନେ ୧୩ଟି ବିଭିନ୍ନ ଖେଳରେ ଭାଗ ନେବେ। ୟୁଥ୍ ଅଲିମ୍ପିକ୍ସକୁ ଭାରତ ଏଥର ସର୍ବବୃହତ୍ ଦଳ ପଠାଇଛି। ହକି-୫ଏସ୍‌ରେ ସବୁଠାରୁ ଅଧିକ ୧୮ (ମହିଳା ଓ ପୁରୁଷ ବିଭାଗରେ ୯ଜଣ ଲେଖାଏଁ) ଜଣ ଭାଗ ନେଉଥିବା ବେଳେ ଟ୍ରାକ୍ ଆଣ୍ଡ ଫିଲ୍ଡରେ ୭ଜଣ ଆଥଲେଟ ପ୍ରତିନିଧିତ୍ୱ କରିବେ। ଭାରତ ଅନ୍ୟ ଯେଉଁ କେତୋଟି ବିଭାଗରେ ଅଂଶଗ୍ରହଣ କରିବ ସେଗୁଡ଼ିକ ହେଲା ଶୁଟିଂ(୪), ରିକର୍ଭ ଆର୍ଚେରୀ (୨), ବ୍ୟାଡ୍‌ମିଣ୍ଟନ(୨), ସୁଇମିଂ (୨), ଟେବୁଲ ଟେନିସ (୨), ୱେଟ୍‌ଲିଫ୍ଟିଂ(୨), ରେସ୍‌ଲିଂ(୨), ରୋଇଂ(୨), ବକ୍ସିଂ(୧), ଜୁଡୋ(୧) ଏବଂ ସ୍ପୋର୍ଟ କ୍ଲାଇମ୍ବିଂ (୧)। ୧୬ ବର୍ଷୀୟା ଶୁଟର ମନୁ ଭାକର ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଗଡାଲାଜାରା ୱାର୍ଲ୍ଡ କପ୍ ଏବଂ ରାଜ୍ୟ ଗୋଷ୍ଠୀ କ୍ରୀଡ଼ରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ୟୁଥ୍ ଅଲିମ୍ପିକ୍ସ ପଦକ ଆଶାୟୀ ଭାରତୀୟଙ୍କ ମଧ୍ୟରେ ସେ ଅନ୍ୟତମ।

### ଭାରତ ପାଇଁ ପ୍ରଥମ ପଦକ ଜିତିଲେ ତୁଷାର

ବୁଏନସ ଏରିଜ, ୭।୧୦ (ପି.ଟି.)

ୟୁଥ୍ ଅଲିମ୍ପିକ୍ସ ପ୍ରତିଯୋଗିତା ରବିବାରଠାରୁ ଆରମ୍ଭ ହୋଇଛି। ଭାରତର ତୁଷାର ମାନେ ଦେଶ ପାଇଁ ପ୍ରଥମ ପଦକ ଜିତିଛନ୍ତି। ପୁରୁଷ ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ସେ ୨୪୭.୫ ପଏଣ୍ଟ ସହ ରୌପ୍ୟ ପଦକ ଲାଭ କରିଛନ୍ତି। ଗ୍ରିଗୋରି ଶାମକୋଭ (୨୪୯.୨) ସ୍ୱର୍ଣ୍ଣ ପଦକ ଲାଭ କରିଥିବାବେଳେ ସର୍ବିୟାର ଆଲେସ୍କା ମିତ୍ରୋଭିଚ୍ (୨୨୭.୯) ବ୍ରୋଞ୍ଜ ଜିତିଛନ୍ତି। ୨୦୧୪ରେ ଚାଇନାର ନାନ୍‌ଜିଙ୍ଗଠାରେ ଅନୁଷ୍ଠିତ ୟୁଥ୍ ଅଲିମ୍ପିକ୍ସର ଗତ ସଂସ୍କରଣରେ ଭାରତ ଗୋଟିଏ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ସହ ୨ଟି ପଦକ ଜିତିପାରିଥିଲା।







**ବୁଏନ୍ସ ଏରିଜ:** ୟୁଥ୍ ଅଲିମ୍ପିକ୍ସର ଉଦ୍‌ଘାଟନୀ ଉତ୍ସବରେ ଆୟୋଜିତ କାର୍ଯ୍ୟକ୍ରମ।

“ ମହମ୍ମଦ ସାଲାହ ଯଦିଓ ତାଙ୍କ ଗୋଲ୍ ସ୍କୋରିଂ ସାମର୍ଥ୍ୟ ହରାଇ ନାହାନ୍ତି ସିର୍ଗିଓ ଆଗ୍ୟୁରୋଙ୍କ ସହିତ ତାଙ୍କୁ ସମତୁଲ କରାଯାଇ ପାରିବ ନାହିଁ ।

–ପେପ୍ ଗାର୍ଡିଓଲା, ମାଞ୍ଚେଷ୍ଟର ସିଟି କ୍ଲବ ମ୍ୟାନେଜର



“ ଆଗକୁ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ଖେଳିବାକୁ ଅଛି ତେଣୁ ଭାରତର ନୂଆ ପ୍ରତିଭା ପୃଥ୍ୱୀ ଶ’ଙ୍କୁ ତାଙ୍କ ବ୍ୟାଟିଂ ଟେକ୍‌ନିକ୍‌କୁ ବଜାୟ ରଖିବାକୁ ପଡ଼ିବ ।

–କାର୍ଲ ହୁପର, ପୂର୍ବତନ ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର



### ଓସିଏ ସମ୍ବିଧାନ ସଂଶୋଧନ ପ୍ରସଙ୍ଗ

## ସଦସ୍ୟତା ଦାବିରେ ସାମିଲ ହେଲେ ଅନ୍ୟ କ୍ଲବ

**କଟକ ଅଫିସ, ୭।୧୦:** ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସମ୍ବିଧାନ ସଂଶୋଧନରେ କ୍ଲବଗୁଡ଼ିକୁ ପୂର୍ଣ୍ଣ ସଦସ୍ୟତା ପଦରୁ ବାଦ୍ ଦିଆଯିବା ଘଟଣାକୁ ନେଇ ଉଠିଥିବା ପ୍ରତିବାଦରେ ଏବେ ନୂତନ ଫର୍ଦ୍ଦ ଯୋଡ଼ି ହେବାରେ ଲାଗିଛି। ପୂର୍ବରୁ କଟକର କ୍ଲବ ଗୁଡ଼ିକ ସଦସ୍ୟତା କାଟିବା ନେଇ ତୀବ୍ର ପ୍ରତିବାଦ କରିଥିଲେ। ଓସିଏ କାର୍ଯ୍ୟାଳୟରେ ପଶି ଏହାର ଜବାବ ମାଗିବା ସହ ସମ୍ବିଧାନ ସଂଶୋଧନକୁ ବିରୋଧ କରି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ), କମିଟି ଅଫ୍ ଆଡମିନିଷ୍ଟ୍ରେଟର୍ସ(ସିଓଏ), ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏହି ପ୍ରତିବାଦରେ ଏବେ ସାମିଲ ହୋଇଛନ୍ତି ରାଜ୍ୟର ଅନ୍ୟ ଦୁଇଟି କ୍ଲବ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ ଓ ଜଗତ୍‌ସିଂହପୁରର ହିନ୍ଦୁସ୍ତାନ ସ୍ପୋର୍ଟିଂ। ଏହି ଦୁଇଟି କ୍ଲବ ମଧ୍ୟ ସଦସ୍ୟତା ପାଇବାକୁ ଦାବି କରିବା ସହ ବିସିସିଆଇ, ସିଓଏକୁ ଚିଠି ଲେଖିଥିବା ଜଣାପଡ଼ିଛି । ୧୯୮୬ ମସିହାରେ ପ୍ରତିଷ୍ଠା ହୋଇଥିବା ରାମେଶ୍ୱର ସ୍ପୋର୍ଟିଂ ରାଜ୍ୟ କ୍ରିକେଟରେ ଏକ ପ୍ରମୁଖ ଅଂଶୀଦାର ଭାବେ ନିଜକୁ ପ୍ରମାଣିତ କରିଛି। ଏହି କ୍ଲବରେ ଦୀପକ କୁମାର ମଙ୍ଗରାଜ, ପରେଶ ପଟେଲ, ଆଲୋକ ମଙ୍ଗରାଜ, ପ୍ରିୟବ୍ରତ ପ୍ରଧାନଙ୍କ ଭଳି ରଣଜୀ ତାରକା ସୃଷ୍ଟି ହୋଇଛନ୍ତି। ଏହାଛଡ଼ା ୧୯ବର୍ଷରୁ କମ୍ ଏସିଆ କପ୍‌ରେ ଜାତୀୟ ଦଳରୁ ପ୍ରତିନିଧିତ୍ୱ କରୁଥିବା ଏକମାତ୍ର ଓଡ଼ିଆ ଖେଳାଳି ରାଜେଶ ମହାନ୍ତି ମଧ୍ୟ ଏହି କ୍ଲବର ଅଟନ୍ତି । ଏହି କ୍ଲବର ବିଶ୍ୱଜିତ ଭୂୟାଁ, କୁନାଲ ମଲ୍ଲିକ, ବିଶ୍ୱଜିତ ମଲ୍ଲିକ, ପାର୍ଥସାରଥୀ ପଟ୍ଟନାୟକ, ନିହାର ପଟ୍ଟନାୟକଙ୍କ ଭଳି ଜୁନିୟର ବର୍ଗର ଖେଳାଳି ରାଜ୍ୟ ଦଳରେ ସାମିଲ ହୋଇଛନ୍ତି। ଏଣୁ ଓସିଏର ସଦସ୍ୟ ଭାବେ ଗ୍ରହଣ କରିବାକୁ କ୍ଲବ ପକ୍ଷରୁ ଦାବି ହୋଇଛି। ବିସିସିଆଇର ସିଇଓ ରାହୁଲ ଜୋହରି, ସିଓଏର ଅଧ୍ୟକ୍ଷ ବିନୋଦ ରାୟଙ୍କୁ ଏ ସମ୍ପର୍କିତ ଏକ ଚିଠି ମଧ୍ୟ କ୍ଲବ ପକ୍ଷରୁ ଲେଖାଯାଇଛି । ଜଗତସିଂପୁର ଜିଲାରେ ଅଗ୍ରଣୀ କ୍ରିକେଟ କ୍ଲବ ଭାବେ ପରିଚିତ ହିନ୍ଦୁସ୍ତାନ ସ୍ପୋର୍ଟିଂ ମଧ୍ୟ ସଦସ୍ୟତା ଦାବିରେ ନିଜକୁ ସାମିଲ କରିଛି। ଏହି କ୍ଲବ ୨୦୦୩ରେ ପ୍ରତିଷ୍ଠା ହୋଇଥିବା ବେଳେ ୧୬ବର୍ଷ ଧରି ଆନେକ୍ସ କପ୍ ନାମରେ ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରୁଛି । ୨୦୧୧ ମସିହାରୁ ଆନେକ୍ସ କପ୍‌କୁ ଜାତୀୟ ସ୍ତରୀୟ କରାଯାଉଥିବାବଳେ ପ୍ରତିଯୋଗିତାରେ ରାଜ୍ୟ ସମେତ ରାଜ୍ୟ ବାହାରର ଅନେକ କ୍ଲବ ମଧ୍ୟ ସାମିଲ ହୋଇଥିଲେ। ଏହାଛଡ଼ା ଏହି କ୍ଲବରୁ ୪ଜଣ ଜୁନିୟର ବର୍ଗର ଖେଳାଳି ରାଜ୍ୟ ଦଳରୁ ପ୍ରତିନିଧିତ୍ୱ କରିଛନ୍ତି। କ୍ଲବର ସମ୍ପାଦକ ଅମରେନ୍ଦ୍ର ଦାସଙ୍କ କହିବା ଅନୁଯାୟୀ, କ୍ରିକେଟର ବିକାଶ ଦେଖିବାକୁ ହେଲେ କେବଳ କଟକ କ୍ଲବ ନୁହେଁ ରାଜ୍ୟର ଅନ୍ୟ କ୍ଲବଗୁଡ଼ିକ ପ୍ରତି ଦୃଷ୍ଟି ଦେବାକୁ ହେବ। ଅନ୍ୟ ଜିଲାରେ ମଧ୍ୟ କ୍ରିକେଟ ଖେଳାଳି ସୃଷ୍ଟି ହେଉଛନ୍ତି। ଏଣୁ ଏଥିପ୍ରତି ବିସିସିଆଇ ଦୃଷ୍ଟି ଦେବାକୁ ସମ୍ପାଦକ ଦାସ ଦାବି କରିଛନ୍ତି। କ୍ଲବ ପକ୍ଷରୁ ଗତ ୨୪ ତାରିଖରେ ବିସିସିଆଇକୁ ଏ ସମ୍ପର୍କିତ ଚିଠି ଲେଖାଯାଇଛି। ସୂଚନାଥାଉକି, ଓସିଏ ଅନୁବନ୍ଧିତ ୟୁନିଟ ଭାବେ ୨୦ଟି କ୍ଲବ ରହିଥିଲା। ଏଗୁଡ଼ିକ ହେଲା, ଟାଉନ କ୍ଲବ, ରୋଭର୍ସ କ୍ଲବ, ଜୟଦୁର୍ଗା କ୍ଲବ, ସନରାଇଜ କ୍ଲବ, ସନସାଇନ କ୍ଲବ, କିଶୋର କ୍ଲବ, ରୟାଲ କ୍ଲବ, ବିସିୟୁ, ମଙ୍ଗଳା କ୍ଲବ, ସହୀଦ ସ୍ପୋର୍ଟିଂ କ୍ଲବ, ଏଲଆଇସି ସ୍ପୋର୍ଟ୍ସ କ୍ଲବ, ରାଇଜିଂ ଷ୍ଟାର କ୍ଲବ, ଓଜିପି କ୍ଲବ, ଜଗତ୍‌ପୁର ଆଥ୍‌ଲେଟିକ ଆସୋସିଏଶନ, ଏସିସି, ଏସ୍‌ବିଆଇ ସ୍ପୋର୍ଟ୍ସ କ୍ଲବ, ରାଇଜିଂ ଷ୍ଟୁଡେଣ୍ଟ କ୍ଲବ, ୟୁନିୟନ ସ୍ପୋର୍ଟିଂ କ୍ଲବ, ବିଶ୍ୱଭାରତୀ କ୍ଲବ ଓ ଜୁଭେନାଇଲ କ୍ଲବ। ଉପରୋକ୍ତ କ୍ଲବ ଗୁଡ଼ିକ ପୂର୍ଣ୍ଣ ସଦସ୍ୟତା ଭାବେ ରହିଥିଲେ ମଧ୍ୟ ସମ୍ବିଧାନ ସଂଶୋଧନ ରିପୋର୍ଟରେ କ୍ଲବ ଗୁଡ଼ିକୁ ଆସୋସିଏଟ ସଦସ୍ୟ ଭାବେ ଗ୍ରହଣ କରିବାକୁ ଦର୍ଶାଯାଇଛି।

# ହାମିଲଟନ ବିଶ୍ୱ ଟାଇଟଲର ନିକଟତର

ଟୋକିଓ, ୭।୧୦(ଏଏଫପି)

ବ୍ରିଟେନ ଫର୍ମୁଲା-୧ ଡ୍ରାଇଭର ଲୁଇସ୍ ହାମିଲଟନ ଜାପାନିଜ୍ ଗ୍ରାଁପ୍ରି ଟାଇଟଲ ଜିତିଛନ୍ତି। ପୂର୍ବରୁ ୪ଥର ଫର୍ମୁଲା-୧ ବିଶ୍ୱ ଚାମ୍ପିୟନଶିପ ହାସଲ କରିଥିବା ମର୍ସିଡିଜ ଡ୍ରାଇଭର ହାମିଲଟନ ରବିବାର ଜାପାନିଜ ଗ୍ରାଁ ପ୍ରିରେ ପ୍ରଥମସ୍ଥାନ ହାସଲ କରିବା ସହିତ ପଞ୍ଚମ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲର ନିକଟତର ହୋଇଛନ୍ତି। ଅନ୍ୟପଟେ ହାମିଲଟନଙ୍କ ପ୍ରତିଦ୍ୱନ୍ଦ୍ୱୀ ସେବାଷ୍ଟିଆନ ଭେଟେଲ ଷଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ଏହି ବିଜୟ ସହ ହାମିଲଟନ ୬୭ ପଏଣ୍ଟର ଅଗ୍ରଣୀ ହାସଲ କରି ପଞ୍ଚମ ବିଶ୍ୱ ଟାଇଟଲର ନିକଟବର୍ତ୍ତୀ ହୋଇଛନ୍ତି। ଫିନଲାଣ୍ଡର ମର୍ସିଡିଜ୍ ଡ୍ରାଇଭର ଭାଲଟେରୀ ବୋଟାସ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ରେଡ୍ ବୁଲର ମାକ୍ସ ଭର୍ଷ୍ଟାପେନ ତୃତୀୟ ସ୍ଥାନରେ ରହିଥିଲେ। ହାମିଲଟନ ୧: ୨୭: ୧୭.୦୬୨ ସେକେଣ୍ଡ ସମୟ ନେଇ ଶୀର୍ଷ ରହିଥିଲେ। ସେହିପରି ବୋଟାସ ହାମିଲଟନଙ୍କଠାରୁ ୦: ୧୨.୯୧୯ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ଓ ଭର୍ଷ୍ଟାପେନ ୦.୧୪.୨୯୫ ସେକେଣ୍ଡ ସମୟ ଅଧିକ ନେଇ ତୃତୀୟ ସ୍ଥାନରେ ରହିଥିଲେ। ରେସ୍‌ରେ ରେଡ୍ ବୁଲର ଅନ୍ୟତମ ଡ୍ରାଇଭର ଡାନିଏଲ ରିକିଆର୍ଡୋ ଚତୁର୍ଥ, ଫେରାରିର କିମି ରାଇକୋନେନ ପଞ୍ଚମ, ଭେଟେଲ ଷଷ୍ଠ, ଫୋର୍ସ ଇଣ୍ଡିଆର ସର୍ଗିଓ ପେରେଜ ସପ୍ତମ, ହାସର ରୋମେନ ଗ୍ରୋସେଜିନ ଅଷ୍ଟମ, ଫୋର୍ସ ଇଣ୍ଡିଆର ଅନ୍ୟତମ ଡ୍ରାଇଭର ଏଷ୍ଟିବାନ ଓକନ ନବମ ଓ ରିନଲ୍ଟର କାର୍ଲୋସ ସେଞ୍ଜ୍ ଜୁନିୟର ଦଶମସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ଏହି ରେସ୍‌ରେ ଫୋର୍ସ ଇଣ୍ଡିଆ ଡବଲ ପଏଣ୍ଟ ଫିନିଶ୍ କରିଛି। ପେରେଜ ୭ମ ସ୍ଥାନ ହାସଲ କରିଥିବାରୁ ୬ ଏବଂ ୯ମ ସ୍ଥାନ ପାଇଥିବା ଓକନ ୨ ପଏଣ୍ଟ ପାଇଛନ୍ତି। ହାମିଲଟନ ୯ ଗ୍ରାଁ ପ୍ରି ବିଜୟ ସହ ୩୩୧ ପଏଣ୍ଟ ପାଇ ଡ୍ରାଇଭର୍ସ ଷ୍ଟାଣ୍ଡିଂରେ ଶୀର୍ଷସ୍ଥାନ ବଜାୟ ରଖିଛନ୍ତି। ଫେରାରୀ ଡ୍ରାଇଭର ଭେଟେଲ ୫ ବିଜୟ ସହ ୨୬୪ ହାସଲ କରି ଦ୍ୱିତୀୟରେ ରହିଥିବାବେଳେ ମର୍ସିଡିଜ୍‌ର ଅନ୍ୟତମ ଡ୍ରାଇଭର ବୋଟାସ କୌଣସି ଗ୍ରାଁ ପ୍ରି ଜିତି ନ ଥିଲେ ହେଁ ୨୦୭ ପଏଣ୍ଟ ସହିତ ତୃତୀୟ ସ୍ଥାନରେ ରହିଛନ୍ତି। କନ୍‌ଷ୍ଟ୍ରକ୍ଟର ଷ୍ଟାଣ୍ଡିଂରେ ସ୍ୱାଭାବିକଭାବେ ମର୍ସିଡିଜ୍ ୫୩୮ ପଏଣ୍ଟ ସହିତ ଶୀର୍ଷରେ ରହିଛି। ଫେରାରୀ ୪୬୦ ଓ ରେଡ୍‌ବୁଲ୍ ୩୧୯ ପଏଣ୍ଟ ସହିତ ପରବର୍ତ୍ତୀ ୨ ସ୍ଥାନରେ ରହିଛନ୍ତି।



ଟ୍ରଫି ସହ ଲୁଇସ୍ ହାମିଲଟନ।

## ହଂକଂ ଓପନ୍‌ରୁ ଓହରିଲେ ଓସାକା

ହଂକଂ,୭।୧୦(ଏଏଫପି)

ୟୁଏସ୍ ଓପନ୍ ମହିଳା ଚାମ୍ପିୟନ ଜାପାନର ନାଓମି ଓସାକା ସୋମବାରଠାରୁ ଆରମ୍ଭ ହେବାକୁ ଯାଉଥିବା ହଂକଂ ଓପନ୍ ଟେନିସ୍ ଟୁର୍ଣ୍ଣାମେଣ୍ଟରୁ ଓହରିଯାଇଛନ୍ତି। ବ୍ୟାକ୍ ଇଞ୍ଜୁରି ବା ପିଠିରେ ଯନ୍ତ୍ରଣା କାରଣରୁ ସେ ଏହି ଓହରିଯିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି। ଗତ ଶନିବାର ଅନୁଷ୍ଠିତ ଚାଇନା ଓପନ୍ ସେମିଫାଇନାଲ ଖେଳିବା ଅବସରରେ ସେ ଯନ୍ତ୍ରଣା ଅନୁଭବ କରିଥିଲେ। ସେମିଫାଇନାଲରେ ସେ ଅଣସିଡ ଆନାଷ୍ଟାସିଜା ସେଭାଟସୋଭାଙ୍କଠାରୁ ପରାସ୍ତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଥିଲେ। ତେବେ ଯନ୍ତ୍ରଣା ଅପେକ୍ଷା ମୁଁ ଅଧିକ କ୍ଳାନ୍ତ ଅନୁଭବ କରୁଛି ବୋଲି ୨୧ ବର୍ଷୀୟା ଓସାକା କହିଛନ୍ତି। ଇଞ୍ଜୁରିରୁ ମୁକ୍ତ ହେବା ପାଇଁ ଡାକ୍ତର ମୋତେ ବିଶ୍ରାମ କରିବାକୁ ପରାମର୍ଶ ଦେଇଛନ୍ତି। ହଂକଂ ଓପନ୍‌ରେ ଏଥର ଚାଇନାର ୱାଙ୍ଗ୍ କିଆଙ୍ଗ୍ ଖେଳିବେ। ଗତ ଚାଇନା ଓପନ୍ ଟୁର୍ଣ୍ଣାମେଣ୍ଟରେ ୱାଙ୍ଗ୍ ବିଶ୍ୱର ୨ ନମ୍ବର ଖେଳାଳି କାରୋଲିନ ଓଜ୍ନିଆକିଠାରୁ ପରାସ୍ତ ହୋଇଥିଲେ। ତେବେ ହଂକଂରେ ମୁଁ ଭଲ ପ୍ରଦର୍ଶନ କରିବି ବୋଲି ୱାଙ୍ଗ୍ ଆଶା ପ୍ରକାଶ କରିଛନ୍ତି।


ଡେରାଡୁନରେ ଅନୁଷ୍ଠିତ ନାନ୍‌ବୁଡୋ ବିଶ୍ୱ ଚାମ୍ପିୟନଶିପ୍ ସିନିୟର କରାଟେରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ମୁକ୍ତିପଦ ଶତପଥୀ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## ବିଶ୍ୱ କରାଟେରେ ମୁକ୍ତିପଦଙ୍କୁ ସ୍ୱର୍ଣ୍ଣ

ରଣପୁର, ୭।୧୦ (ସ୍ୱ.ପ୍ର.)

ମୁକ୍ତିପଦ ଶତପଥୀ ଷଷ୍ଠ ନାନ୍‌ବୁଡୋ ବିଶ୍ୱ ଚାମ୍ପିୟନଶିପ୍-୨୦୧୮ ସିନିୟର କରାଟେ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରି ଦେଶ ଏବଂ ରାଜ୍ୟ ପାଇଁ ଗୌରବ ଆଣିଦେଇଛନ୍ତି। ଏହି ଚାମ୍ପିୟନଶିପ୍ ଉତ୍ତରାଖଣ୍ଡ ରାଜ୍ୟ ଡେରାଡୁନ ମହାରାଣା ପ୍ରତାପ ଖେଳ ଷ୍ଟାଡିୟମରେ ସେପ୍ଟେମ୍ବର ୨୭ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ୮ଟି ଦେଶ ଭାରତ, ଶ୍ରୀଲଙ୍କା, ନେପାଳ, ଇରାକ, ତୁର୍କୀ, ମରକ୍କୋ,କାମେରୁନ୍, କ୍ରୋଏସିଆ ଆଦି ଦେଶରୁ ୨୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଫାଇନାଲ ରାଉଣ୍ଡରେ କ୍ରୋଏସିଆ ଓ ମରକ୍କୋ ପ୍ରତିଯୋଗୀଙ୍କୁ ହରାଇ ମୁକ୍ତିପଦ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେ ହେଉଛନ୍ତି ନୟାଗଡ ଜିଲା ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଶାମୁକା ସାହିର ପଣ୍ଡିତ ସୁବାସ ଚନ୍ଦ୍ର ଶତପଥୀ ଓ ନିରୁପମା ଶତପଥୀଙ୍କ ଜ୍ୟେଷ୍ଠ ପୁତ୍ର। ନାନବୁଡୋର ବିଶ୍ୱ ସଭାପତି ଡ. ଅର୍ନାଉଡ ଙ୍କା ମହୋଉଆ ଓ ବିଶ୍ୱ ନାନବୁଡୋ ଜେନେରାଲ ସେକ୍ରେଟାରୀ ହଂସୀ ପେଟାର ତୁର୍କୋଭିକ୍ ତାଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରିଥିଲେ। ମୁକ୍ତିପଦ ବିଭିନ୍ନ ବର୍ଗରେ ଏହିଭଳି ୧୦ରୁ ଅଧିକ ସ୍ୱର୍ଣ୍ଣ ପଦକ ଜିତିସାରିଛନ୍ତି।

### ଆଇବିଏସ୍‌ଏଫ୍ ୧୬ ବର୍ଷରୁ କମ୍ ବିଶ୍ୱ ସ୍ନୁକର

## କୀର୍ଥନ ପାଣ୍ଡିଆନ୍‌ଙ୍କୁ ଟାଇଟଲ

ମୁମ୍ବାଇ, ୭।୧୦ (ପି.ଟି.)

ଭାରତର କୀର୍ଥନ ପାଣ୍ଡିଆନ ଆଇବିଏସ୍‌ଏଫ୍ ବିଶ୍ୱ ୧୬ ବର୍ଷରୁ କମ୍ ସ୍ନୁକର ଚାମ୍ପିୟନଶିପ୍ ଟାଇଟଲ ହାସଲ କରିଛନ୍ତି। ଏହା ତାଙ୍କର ପ୍ରଥମ ଆନ୍ତର୍ଜାତିକ ଟାଇଟଲ ସାବ୍ୟସ୍ତ ହୋଇଛି। ଅନ୍ୟପଟେ ବାଳକ ବିଭାଗ ଚାମ୍ପିୟନଶିପ୍‌ରେ ବେଲଜିୟମର ବେନ୍ ମାର୍ଟେନ୍ସ ଟାଇଟଲ ଜିତିଛନ୍ତି। ରୁଷିଆର ସେଣ୍ଟ ପିଟର୍ସବର୍ଗରେ ଅନୁଷ୍ଠିତ ଏହି ସ୍ନୁକର ଚାମ୍ପିୟନଶିପ୍‌ର ବାଳିକା ବିଭାଗ ପ୍ରତିଯୋଗିତାରେ କିର୍ଥନ ଫାଇନାଲ ମୁକାବିଲାରେ ବେଲାରୁଷର ଅଲବିନା ଲେସଚୁକଙ୍କୁ ୩-୧ ହରାଇ ବାଜି ମାରିଥିଲେ। କିର୍ଥନ ପାଣ୍ଡିଆନ ଚତୁର୍ଥ ସିଡ ଖେଳାଳିଭାବେ ନକ୍ ଆଉଟ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲେ। କିର୍ଥନ ଅନ୍ୟତମ ଭାରତୀୟ ଖେଳାଳି ମନସ୍ୱିନୀ ସେଖର ଓ ରୁଷିଆର ଅଲିନା ଖାଇରୁଲିନାଙ୍କୁ ୩-୦ ସିଧାସଳଖ ଫ୍ରେମ୍‌ରେ ହରାଇଥିଲେ। ଏହାପରେ ସେ ଗତଥରର ଚାମ୍ପିୟନ ତଥା ଅନ୍ୟତମ ଭାରତୀୟ ଖେଳାଳି ଅନୁପମା ରାମଚନ୍ଦ୍ରନଙ୍କୁ ସେମିଫାଇନାଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ଅନୁପମାଙ୍କଠାରୁ କିର୍ଥନ ପ୍ରଥମ ଫ୍ରେମ୍‌ରେ ପରାସ୍ତ ହୋଇଥିଲେ ମଧ୍ୟ ପରେ ପ୍ରତ୍ୟାବର୍ତ୍ତନ କରି ୩-୧ରେ ବିଜୟୀ ହୋଇଥିଲେ। ଫାଇନାଲରେ ମଧ୍ୟ ସେ ଅନୁରୂପ ଭାବେ ପ୍ରଦର୍ଶନ କରି ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲେ।

# ଜାତୀୟ ଉଷ୍ଣୁରେ ଭାଗନେବ ଓଡ଼ିଶା


ଜାତୀୟ ଉଷ୍ଣୁରେ ଭାଗନେବା ପାଇଁ ମନୋନୀତ ଓଡ଼ିଶା ଦଳ ।

ଭୁବନେଶ୍ୱର,୭।୧୦

ଏଠାରେ ଚଳିତ ମାସ ୧୦ରୁ ୧୫ ତାରିଖ ପର୍ଯ୍ୟନ୍ତ ୨୭ ତାରିଖରୁ ଜାତୀୟ ଉଷ୍ଣୁ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ସାମରିକ କଳାର ଖେଳର ତୌଲିରୁ (ବେୟାର ହାଣ୍ଡ ଓ ୱିପନ୍‌ସ)ଏବଂ ସାନସୋଉ (ଫାଇଟ୍) ଇଭେଣ୍ଟରେ ୨୯ ଜଣ ଓଡ଼ିଆ ଅଂଶଗ୍ରହଣ କରିବେ। ୨୦ ଜଣ ପୁରୁଷ ଓ ୯ ମହିଳାଙ୍କ ସହ କୋଚ୍ ଭାବେ ଅନୁରାଧା ଦୌରା, ନଟବର ସେଠୀ, ପଥ୍ୱୀରାଜ ହରିଚନ୍ଦନ ଏବଂ ମ୍ୟାନେଜର ଭାବେ ସୁଧାଂଶୁ ପଣ୍ଡା ଓ ପ୍ରଦ୍ୟୁମ୍ନ ବେହେରା ସିଂଲ ଯାତ୍ରା କରିଛନ୍ତି। ସ୍ଥାନୀୟ ୟୁନିଟ୍ ୬ ସ୍ଥିତ ପୁମାସ ସ୍ପୋର୍ଟ୍ସ କମ୍ପ୍ଲେଶଠାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରୁ ଖେଳାଳିଙ୍କୁ ଚୟନ କରାଯାଇଛି। ଏହି ଦଳକୁ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା ଓ ଉଷ୍ଣୁ ଆସୋସିଏଶନ ଅଫ୍ ଓଡ଼ିଶା ଶୁଧାଂଶୁ ଶେଖର ହରିଚନ୍ଦନ ଶୁଭକାମାନା ଜଣାଇଛନ୍ତି। ଗତ ଡିସେମ୍ବରରେ ପୁମାସ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଅନୁଷ୍ଠିତ ରାଜ୍ୟ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିଥିବା ଓଡ଼ିଆ ଖେଳାଳିଙ୍କୁ ଦଳରେ ଚୟନ କରାଯାଇଛି। ପୁରୁଷ ଦଳ: ଲସାନ୍‌ସୋଉ ବର୍ଗରେ ରାଜାପ୍ରଭୁ ପ୍ରଧାନ (୪୮ କିଗ୍ରା), କରୁଣାକର ମଲ୍ଲିକ (୫୨ କିଗ୍ରା), ସୋନୁ ପ୍ରମୋଦ ସୋନାର (୬୦ କିଗ୍ରା), ଦିପ୍ତୀମୟ ମହାପାତ୍ର (୬୦ କିଗ୍ରା), ଆକାଶ ପୁରନ (୬୫ କିଗ୍ରା), ପ୍ରଦୀପ ସାହୁ (୭୦ କିଗ୍ରା), ସୋମନାଥ ଦଳାଇ (୭୫ କିଗ୍ରା), ସନ୍ଦୀପ ମହପାତ୍ର (୮୦ କିଗ୍ରା), ଅଂଶୁମାନ ବେହେରା (୮୫ କିଗ୍ରା), ସଂଗ୍ରାମ ବୋହରା (୯୦ କିଗ୍ରା) ଓ ପ୍ରିୟବ୍ରତ ମିଶ୍ର (୯୦ କିଗ୍ରାରୁ ଉର୍ଦ୍ଧ)।

ସାନ୍‌ସୋଉ ମହିଳା ଦଳ: ତମନ୍ନା ମିଶ୍ର, ପ୍ରିୟଙ୍କା ମିତ୍ତଲ (୪୮ କିଗ୍ରା), ସଙ୍ଗୀତା ପ୍ରଧାନ (୫୨ କିଗ୍ରା), ସୌଭାଗୀନ ପାର୍ଟଶିନୀ (୫୬ କିଗ୍ରା), ଜ୍ୟୋତ୍ସ୍ନା ରୟ (୬୦ କିଗ୍ରା), ଅନୁସୟା ବାରିକ (୬୫ କିଗ୍ରା) ଓ ସ୍ୱର୍ଣ୍ଣସନ୍ଧ୍ୟା ନାୟକ (୭୦ କିଗ୍ରା)।

ତୌଲୁ ବିଭାଗ: ଦିବ୍ୟ ମୋହନ ପ୍ରଧାନ, ସୁମିତ୍ରା ବରାଳ, ଅଙ୍କିତା ପ୍ରୟଦର୍ଶିନୀ, ରତିକାନ୍ତ ମହାପତ୍ର, ଓମ ଶ୍ରୀବାସ୍ତବ ମିଶ୍ର, ଜିତେନ୍ଦ୍ର ଦାସ, ସୁଜନ ରଥ, ବସନ୍ତ ମହାପାତ୍ର, ନିରଞ୍ଜନ ବରାଳ, ସୁନୀଲ ମଲ୍ଲିକ ଓ ଜୟଚନ୍ଦ୍ର ଶତ୍ରୁଶାଳ।



କଟକ: ଫାଓ ସୁପରକପ୍ ଟାଇଟଲ ବିଜୟୀ ସନ୍‌ରାଇଜ୍ କ୍ଲବ ଟ୍ରଫି ସହ ।

# ରାଜ୍ୟସ୍ତରୀୟ ତୀରନ୍ଦାଜୀ ପ୍ରତିଯୋଗିତା ଉଦ୍‌ଘାଟିତ

ଭଦ୍ରକ ଅଫିସ, ୭।୧୦

ଭଦ୍ରକ ଜିଲା ତୀରନ୍ଦାଜ ସଂଘ ପକ୍ଷରୁ ଶନିବାର ଭଦ୍ରକ ବ୍ଲକ ଓଲଙ୍ଗ ବିଦ୍ୟାଳୟ ସମ୍ମୁଖ ଖେଳପଡ଼ିଆରେ ତ୍ରିଦିବସୀୟ ରାଜ୍ୟସ୍ତରୀୟ ତୀରନ୍ଦାଜୀ ପ୍ରତିଯୋଗିତା-୨୦୧୮ ଉଦ୍‌ଘାଟିତ ହୋଇଛି। ଓଲଙ୍ଗ ପଞ୍ଚାୟତ ବିଜୁ ଯୁବବାହିନୀ ଓ ବ୍ରାଇଟଷ୍ଟାର କ୍ଲବ ସହଯୋଗରେ ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ତଥା ତୀରନ୍ଦାଜ ସଂଘର ରାଜ୍ୟ ସଭାପତି ଅଜିତ କୁମାର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ତୀରନ୍ଦାଜ ସଂଘର ରାଜ୍ୟ ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ, ଜିଲା କ୍ରୀଡ଼ା ଅଧିକାରୀ ମନୋଜ ଦାସ, ସରପଞ୍ଚ ଦେବୀଦତ୍ତା ମହାନ୍ତି, ସମିତିସଭ୍ୟ ରାଧାଶ୍ୟାମ ବେହେରା, ଜିଲା ତୀରନ୍ଦାଜ ସଂଘର ସଭାପତି ଅକ୍ଷୟ ପ୍ରସାଦ ମହାନ୍ତି ଓ ସମ୍ପାଦକ ସ୍ୱଦେଶ ରଞ୍ଜନ ରାଉତ, ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ମହାନ୍ତି ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଏହି କ୍ରୀଡ଼ା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ରାଜ୍ୟର ୨୦ଟି ଜିଲାରୁ ୨୭୩ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ପ୍ରାରମ୍ଭରେ ମାର୍ଚ୍ଚପାଷ୍ଟ କାର୍ଯ୍ୟକ୍ରମରେ ସମସ୍ତ ପ୍ରତିଯୋଗୀ ଭାଗ ନେଇଥିଲେ। ପଦ୍ମଲୋଚନ ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ।


ମୁଖ୍ୟଅତିଥି ତୀରନ୍ଦାଜ ସଂଘର ରାଜ୍ୟ ସଭାପତି ଅଜିତ କୁମାର ତ୍ରିପାଠୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

# ନିଖୋଜ ପ୍ରେମୀଯୁଗଳଙ୍କ ମୃତଦେହ ଉଦ୍ଧାର

**ଭଦ୍ରକ ଅଫିସ/ତିହିଡ଼ି,୭।୧୦ (ଡି.ଏନ.ଏ.)**

- ହତ୍ୟା ଅଭିଯୋଗ ଆଣିଲେ ଉଭୟ ପରିବାର
- ଉଚ୍ଚସ୍ତରୀୟ ତଦନ୍ତ ଦାବିରେ ମୃତଦେହକୁ ଅଟକାଇଲେ ଗ୍ରାମବାସୀ
- ଘଟଣାସ୍ଥଳରେ ଉତ୍ତେଜନା
- ସାଇଣ୍ଟିଫିକ୍ ଟିମ୍ ପକ୍ଷରୁ ତଦନ୍ତ ଜାରି

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ଦୋଳସାହି ହାଇସ୍କୁଲ ନିକଟସ୍ଥ ଏକ ଆମ୍ବତୋଟାରୁ ରବିବାର ସକାଳେ ଜଣେ ୧୬ ବର୍ଷର ନାବାଳକ ଓ ୧୪ ବର୍ଷର ନାବାଳିକାଙ୍କ ମୃତଦେହ ପାଖାପାଖି ପଡ଼ିଥିବା ଅବସ୍ଥାରେ ଉଦ୍ଧାର କରାଯାଇଛି। ଏହି ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତ ନାବାଳକ ଗତ ୩ ତାରିଖରୁ ଘର ଛାଡ଼ି କେଉଁଆଡ଼େ ଚାଲିଯାଇଥିବା ଏବଂ ନାବାଳିକାଙ୍କୁ ଗତ ୫ ତାରିଖରେ ଅପହରଣ କରାଯାଇଥିବା ଅଭିଯୋଗ ହୋଇଥିଲା। ଦୋଳସାହି ନିକଟସ୍ଥ ଆମ୍ବତୋଟାରୁ ସେମାନଙ୍କ ଗଳିତ ମୃତଦେହ ଉଦ୍ଧାର ପରେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଉଭୟ ପରିବାର ପରସ୍ପର ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ପ୍ରେମସମ୍ପର୍କକୁ ନେଇ ସେମାନଙ୍କୁ ହତ୍ୟା କରାଯାଇଥିବା ଚର୍ଚ୍ଚା ହେଉଛି। ପୋଲିସ ମୃତଦେହ ଉଦ୍ଧାର କରିବାକୁ ଯାଇଥିବା ବେଳେ ଗ୍ରାମବାସୀ ଏହାର ଉଚ୍ଚସ୍ତରୀୟ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରି ଶବକୁ ଛାଡ଼ି ଦେଇ ନ ଥିଲେ। ଏନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇବାରେ ୩ ଘଣ୍ଟା ବିଳମ୍ବ ହୋଇଥିଲା। ଏହି ନାବାଳିକା ଓ ନାବାଳକଙ୍କୁ ହତ୍ୟା କରାଯାଇଛି କିମ୍ବା ସେମାନେ ଆତ୍ମହତ୍ୟା କରିଛନ୍ତି, ତାହା ସ୍ପଷ୍ଟ ହୋଇ ନ ଥିବାରୁ ଘଟଣା ରହସ୍ୟାଚ୍ଛନ୍ନ ହୋଇ ରହିଛି। ପୋଲିସ ସାଇଣ୍ଟିଫିକ୍ ଟିମ୍ ନେଇ ତଦନ୍ତ ଆରମ୍ଭ କରି ପ୍ରାଥମିକ ଭାବେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଖୁବ୍‌ଶୀଘ୍ର ଘଟଣାର ରହସ୍ୟ ଫିଟିବ ବୋଲି ପୋଲିସ କହିଛି।

ମୃତ ନାବାଳକ ହେଲେ ତିହିଡ଼ି ଥାନା ଦୋଳସାହି ଗ୍ରାମର ସତ୍ୟବାନ ଜେନାଙ୍କ ପୁଅ ଦୀନବନ୍ଧୁ(୧୬)। ମୃତା ନାବାଳିକା ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ କେଦାରପୁର ଜିତାନଗା ଗ୍ରାମର ଦୁଃଖିଶ୍ୟାମ ପ୍ରଧାନଙ୍କ ଝିଅ ସୀତାରାଣୀ(୧୪)। ଦୀନବନ୍ଧୁଙ୍କ ବାପା ସତ୍ୟବାନ ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଙ୍କ ପୁଅ ଦୀନବନ୍ଧୁ ସୀତାରାଣୀଙ୍କୁ ପ୍ରେମ କରୁଥିଲେ। ଏହାକୁ ନେଇ ସୀତାରାଣୀଙ୍କ ପରିବାର ଲୋକେ ବିଭିନ୍ନ ପ୍ରକାର ଧମକ ଚମକ ଦେଉଥିଲେ। ଗତ ୩ ତାରିଖ ରାତିରେ ଦୀନବନ୍ଧୁ କେଉଁଆଡ଼େ ଚାଲିଯାଇଥିଲେ। ଏ ସମ୍ପର୍କରେ ସେ ସାବରଙ୍ଗ ଫାଣ୍ଡିରେ ଅଭିଯୋଗ କରିଥିଲେ। ଶନିବାର ଫାଣ୍ଡି ଅଧିକାରୀ ତାଙ୍କୁ ଡକାଇ ଘଟଣା ସମ୍ପର୍କରେ ପଚରାଉଚରା କରିଥିଲେ। ଏହାପରେ ରବିବାର ସକାଳେ ତାଙ୍କ ପୁଅ ଓ ସୀତାରାଣୀଙ୍କ ମୃତଦେହ ଆମ୍ବତୋଟାରେ ପଡ଼ିଥିବା ଖବର ପାଇ ସେମାନେ ସ୍ତବ୍ଧ ହୋଇଯାଇଛନ୍ତି। ଷଡ଼ଯନ୍ତ୍ର କରାଯାଇ ତାଙ୍କ ପୁଅକୁ ମାରି ଦିଆଯାଇଥିବା ସେ ଦର୍ଶାଇଛନ୍ତି। ଅନ୍ୟପକ୍ଷେ ସୀତାରାଣୀଙ୍କ ବାପା ତିହିଡ଼ି ଥାନାରେ ଏହି ଘଟଣା ନେଇ ପାଲଟା ଅଭିଯୋଗ କରି ତାଙ୍କ ଝିଅକୁ ଅପହରଣ କରି ପରେ ମାରିଦିଆଯାଇଥିବା ଦର୍ଶାଇଛନ୍ତି। ଗତ ୫ ତାରିଖରେ ସୀତାରାଣୀଙ୍କୁ ଅପହରଣ କରି ନିଆଯାଇଥିଲା। ଏ ସମ୍ପର୍କରେ ସେ ଗ୍ରାମାଞ୍ଚଳ ଥାନାକୁ ଯାଇ ଅଭିଯୋଗ କରିଥିଲେ। ତଦନୁଯାୟୀ ପୋଲିସ ଏକ ଅପହରଣ ମାମଲା(ନଂ.୪୮୦/୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ପରିପ୍ରେକ୍ଷୀରେ ମାମଲା ଉଠାଇବା ପାଇଁ ତାଙ୍କୁ ଧମକ ଚମକ ଦିଆଯାଇଥିଲା। ଏ ସମ୍ପର୍କରେ ଗ୍ରାମାଞ୍ଚଳ ଥାନାରେ ସେ ପୁନର୍ବାର ଅଭିଯୋଗ କରିଥିଲେ ମଧ ପୋଲିସ ଏଥିପ୍ରତି ଗୁରୁତ୍ୱ ଦେଇ ନ ଥିଲା। ରବିବାର ସୀତାରାଣୀଙ୍କ ମୃତଦେହ ମିଳିବା ପରେ ଏହା ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଦୁଃଖିଶ୍ୟାମ ତିହିଡ଼ି ଥାନାରେ ଅଭିଯୋଗ କରିଛନ୍ତି। ଉଭୟ ପକ୍ଷଙ୍କ ଅଭିଯୋଗ ଅନୁଯାୟୀ ଘଟଣାଟି ସମ୍ବେଦନଶୀଳ ହୋଇପଡ଼ିଥିବାରୁ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି। ଶବ ଉଦ୍ଧାର ବେଳେ ଏହା ପଚିସଢ଼ି ଯାଇଥିବା ଏବଂ ସେଠାରୁ ଥିମେଟ କୀଟନାଶକ ଗନ୍ଧ ବାହାରୁଥିବାରୁ ପୋଲିସ ଏନେଇ ନାନା ସନ୍ଦେହ ପ୍ରକାଶ କରିଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ସବୁକଥା ସ୍ପଷ୍ଟ ହେବ ଏବଂ ଏ ଦିଗରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତିହିଡ଼ି ଥାନା ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର କହିଛନ୍ତି।

## ସଂକ୍ଷେପରେ

### ୨ ମୋରମ ବୋଝେଇ ଡମ୍ଫର ଜବତ

**ରୂପ୍‌ସା, ୭।୧୦(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ପାଟପୁର ବଜାର ବସ୍‌ଷ୍ଟାଣ୍ଡ ରାସ୍ତାରୁ ଶନିବାର ରାତିରେ ୨ଟି ବେଆଇନ ମୋରମ ବୋଝେଇ ଡମ୍ଫର ଜବତ ହୋଇଛି। ଗଡ଼ପଦା ପଞ୍ଚାୟତ ଲଛମନଖୁଣ୍ଟା ଅଞ୍ଚଳରୁ ମୋରମ ବୋଝେଇ କରି ଡମ୍ଫରଗୁଡ଼ିକ ବାଲେଶ୍ୱର ଅଭିମୁଖେ ଯାଉଥିଲା। ସ୍ଥାନୀୟ ଲୋକଙ୍କଠାରୁ ଅଭିଯୋଗ ପାଇ ଥାନାଧିକାରୀ ସୁଚନ୍ଦ୍ର ମହାଲିକ ସଦଳବଳେ ଚଢ଼ାଉ କରି ୨ଟି ଡମ୍ଫର (ନଂ. ଓଡ଼ି୦୧ଡ଼ି-୮୮୩୦ ଓ ଓଆର୍‌୦୧ଆଇ୧୧୩୪)କୁ ଜବତ କରି ଥାନାକୁ ନେଇଯାଇଥିଲେ। ଜବତ ଡମ୍ଫରକୁ ସୋମବାର ବସ୍ତା ତହସିଲଦାରଙ୍କୁ ଜିମା ଦେବା ପରେ ଜରିମାନା ଆଦାୟ ହେବ ବୋଲି କୁହାଯାଇଛି।

## ■ ଲୁଟେରା ଗ୍ୟାଙ୍ଗ ଠାବ

# ଦୁର୍ଦ୍ଦାନ୍ତ ଅପରାଧୀଙ୍କ ସମେତ ୪ ଗିରଫ

**ବାହାନଗା, ୭।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡା ଥାନା ପୋଲିସ ଓ ଗୋପାଳପୁର ଫାଣ୍ଡି ପୋଲିସ ପକ୍ଷରୁ ଶନିବାର ରାତିରେ ମିଳିତ ଚଢାଉ କରାଯାଇ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ସମେତ ୪ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେମାନଙ୍କଠାରୁ ଚୋରି ସୁନା ଅଳଙ୍କାର, ୩ଟି ମୋବାଇଲ ଫୋନ, ୨ଟି ମୋଟର ସାଇକେଲ, ବ୍ୟାଙ୍କ ପାସ୍‌ବୁକ୍, ଗୋଟିଏ ଭୂଜାଲି, ୧୦ରୁ ଊର୍ଦ୍ଧ୍ୱ କିଶାନ କ୍ରେଡିଟ୍ କାର୍ଡ, ବିଜୁ ସ୍ୱାସ୍ଥ୍ୟବୀମା କାର୍ଡ, ଗୋଟିଏ କ୍ୟାମେରା, ପାଣିବୁହା ମୋଟର ଆଦି ଜବତ କରାଯାଇଛି।

ଗତ ସେପ୍ଟେମ୍ବରରେ ତାଳକୁରୁଣିଆ ପଞ୍ଚାୟତ ରହଣିଆଁଗଞ୍ଜ ଗ୍ରାମ ରାସ୍ତାରେ ଜଣେ ଯୁବତୀ ଓ ଯୁବକଙ୍କୁ ଅଟକାଇ ସେମାନଙ୍କଠାରୁ ୩ଲକ୍ଷ ଟଙ୍କା ଓ ଲାପଟପ ଲୁଟ୍ କରାଯାଇଥିଲା। ଏନେଇ ପୋଲିସ ଏକ ମାମଲା (ନଂ.୩୬୧/୧୮) ରୁଜୁ କରି ବିଭିନ୍ନ ସ୍ଥାନରେ ଚଢାଉ ଜାରି କରିଥିଲା। ଶନିବାର ରାତିରେ ପୋଲିସ ପକ୍ଷରୁ ମିଳିତ ଚଢାଉ କରାଯାଇ ଦୁର୍ଦ୍ଦାନ୍ତ ଅପରାଧୀ ଲକ୍ଷ୍ମୀଧର ମଲ୍ଲିକଙ୍କୁ ବରିପଦା ଗ୍ରାମସ୍ଥିତ କଙ୍କଡା ଛକ ନିକଟରେ ଗିରଫ କରାଯାଇଥିଲା। ଏହାପରେ ତାଙ୍କର ସୂଚନା ଅନୁସାରେ ୩ଜଣ ସହଯୋଗୀ ବରିପଦାର ଶରତ ଦାସ, ଅଟାସପୁର ଗ୍ରାମର ଦିଗାମ୍ବର ମଲ୍ଲିକ ଓ ଅନ୍ୟ ଜଣେ ନାବାଳକଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଲକ୍ଷ୍ମୀଧର ମଲ୍ଲିକ ନାମରେ ୨୭ଟି ମାମଲାରେ ୱାରେଣ୍ଟ ଥିବା ବେଳେ ଗୋଟିଏ ଗଣବଳାତ୍କାର ମାମଲା ରହିଛି। ଏହିଭଳି ଲକ୍ଷ୍ମୀଧରଙ୍କ ନାମରେ ୫୦ରୁ ଊର୍ଦ୍ଧ୍ୱ ମାମଲା ରୁଜୁ ହୋଇଛି। ମାତ୍ର ଅନ୍ୟ ୭ ଜଣ ସହଯୋଗୀ ଫେରାର ହୋଇଯାଇଛନ୍ତି। ସେମାନେ ସୋର, ବାହାନଗା, ଖନ୍ତପଡା, ନୀଳଗିରି ଆଦି ଅଞ୍ଚଳରେ ତାଙ୍କ ନେଟୱର୍କ ବିଛାଇ ଚୋରି ଡକାୟତି ଆଦି ଘଟଣା ଘଟାଉଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି।


### GOVERNMENT OF ODISHA
### OFFICE OF THE SUPERINTENDING ENGINEER, RURAL WORKS CIRCLE, BALASORE

836-O

**e-Procurement Notice**

No:- 2651 Dt:- 03.10.2018

1. Name of the Work :- "Road Works"
2. Estimated Cost :- Mentioned in the Annexure
3. Time for completion :- 9 (Nine) Calendar Months including rainy season.
4. No. of Work :- 1 (One) No.
5. Summary for key dates is provided below:-

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking Tender Clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Balasore | N.C.B. No.- 238 | 10.10.2018 at 11.00AM | 30.10.2018 Upto 3.00PM | 29.10.2018 Upto 3.00PM | 31.10.2018 at 11.00AM | 05.11.2018 at 11.00AM |

Further details can be seen from the website www.tendersorissa.gov.in
Any other changes/Corrigendums may be seen only in website www.tendersorissa.gov.in

25105/11/0022/1819 *Sd./- Superintending Engineer, Rural Works Circle, Balasore*




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପାଇକ ହୋଇ ଚରଣ ଫାଟୁଆ,**
**ବଳଦ ହୋଇ ଚାଲଇ ମଠୁଆ,**
**ଗାୟକ ହୋଇ ଗଳାଟି ମୋଟିଆ,**
**କହେ ଦନାଇ ଏ ଛଟପଟିଆ ।**

ପଦାତିକ ତଥା ପିଆଦା ଶ୍ରେଣୀର ବ୍ୟକ୍ତିଙ୍କ କ୍ଷେତ୍ରରେ ପାଦ ଫାଟିବା ତାଙ୍କ ବୃତ୍ତି ପକ୍ଷେ ପ୍ରତିବନ୍ଧକ ସୃଷ୍ଟି କରିଥାଏ। ବଳଦ ମଠୁଆ ହେଲେ ଚାଷକାମ ଭଲ ବା ଠିକ୍ ସେ ହୋଇପାରି ନ ଥାଏ। ସେହିପରି ଯିଏ ଗୀତ ଗାଏ ତା'ର ଗଳା ବା କଣ୍ଠ ମୋଟା ହୋଇଥିଲେ ତାଙ୍କ ଗୀତ ଶ୍ରୁତିମଧୁର ଲାଗି ନ ଥାଏ। ଏପରି ଅବସ୍ଥା ନିଜ ନିଜର ବୃତ୍ତିକୁ ସଠିକ୍ ଢଙ୍ଗରେ ତୁଲାଇବା ଦିଗରେ ଅନ୍ତରାୟ ସୃଷ୍ଟି କରୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ପଳାଶ ଫୁଲ**
**ଉପରେ ସୁନ୍ଦର ଭିତରେ ପୋଲ।**

ପଳାଶ ଫୁଲ ଦେଖିବାକୁ ଖୁବ୍ ସୁନ୍ଦର । କିନ୍ତୁ ଏହା ବାସହୀନ ହୋଇଥିବା ଦୃଷ୍ଟିରୁ ଏହି ଫୁଲ ପ୍ରତି ମନରେ ସେତେଟା ଆଗ୍ରହଭାବ ସୃଷ୍ଟି ହୋଇପାରି ନ ଥାଏ। ପରୋକ୍ଷରେ ରୂପଠାରୁ ଗୁଣ ଶ୍ରେଷ୍ଠ । ରୂପ ସୁନ୍ଦର ହୋଇଥିଲେ ମଧ ଗୁଣ ଯଦି ସେତେ ଭଲ ବା ଉତ୍କୃଷ୍ଟ ହୋଇ ନ ଥାଏ ତା'ହେଲେ ସେ ବ୍ୟକ୍ତି ସେତେ ଆଦର ସମ୍ମାନ ବା ଖ୍ୟାତି ଲାଭ କରିପାରି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.


### STATE POLLUTION CONTROL BOARD, ODISHA

(DEPARTMENT OF FOREST & ENVIRONMENT, GOVERNMENT OF ODISHA)
Paribesh Bhawan, A/118, Nilakantha Nagar, Unit-VIII, Bhubaneswar-751012, INDIA
FAX: 2564033/2560955, Tel.: 2564033/2563924, EPABX: 2561909/2562847
Email: spcbtraining@gmail.com, Website: www.ospcboard.org

No. 12066/I-Estt. (Misc) 204/2015 Dt. 05.10.2018

**QUOTATION CALL NOTICE**

The State Pollution Control Board, Odisha A/118, Nilakantha Nagar, Unit-8, Bhubaneswar- 751012 invites sealed quotations from the interested reputed Travel Agencies / Tour operators or private individuals for hiring of 06 nos. of Mahindra Bolero / TATA Indigo AC Diesel driven vehicles on monthly basis. The quotation call notice containing General Bid information & terms and conditions for Hiring of Vehicles etc. is available in the Board's website www.ospcboard.org. The quotation completed in all respect should reach the undersigned on or before 26.10.2018 by 3.00PM and shall be opened on the same day at 4.00PM in presence of the bidders or their authorized representatives.

*Sd./- Administrative Officer*



### ତହସିଲ କାର୍ଯ୍ୟାଳୟ, କାକଟପୁର

ବିଜ୍ଞପ୍ତି ସଂଖ୍ୟା- ୪୧୩୦ ତା: ୦୫।୧୦।୧୮

**ଲଘୁ ଖଣିଜ ସମ୍ପଦ ପାଇଁ ଇସ୍ତାହାର**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ କାକଟପୁର ତହସିଲ ଅନ୍ତର୍ଗତ ଏକଗୋଟି ଲଘୁଖଣିଜ ଖାଦାନ ୨୦୧୮-୧୯ ଆର୍ଥିକ ବର୍ଷଠାରୁ ଦୀର୍ଘମିଆଦୀ ଲିଜ୍ ୫ (ପାଞ୍ଚ) ବର୍ଷ ନିମନ୍ତେ ୨୦୧୮-୧୯ଠାରୁ ୨୦୨୨-୨୩ ବର୍ଷ ପାଇଁ ତହସିଲଦାର, କାକଟପୁରଙ୍କ ଦ୍ୱାରା ଦରଖାସ୍ତ ଆହ୍ୱାନ କରାଯାଉଛି। ଇଚ୍ଛୁକ ବ୍ୟକ୍ତିବିଶେଷ OMMC Rule 2016ର Form-M ପୂରଣ କରି ଏହାର ତିନିକପି ସହ ଆଇନାନୁଯାୟୀ ଆବଶ୍ୟକୀୟ କାଗଜାତ Sealed Coverରେ ଆବେଦନ କରିପାରିବେ। ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଆସନ୍ତା ତା୩୦।୧୦।୧୮ରିଖ ଅପରାହ୍ନ ଘ.୪ ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ଥିବା Drop Boxରେ ପକାଯିବ। ଯଦି କୌଣସି ସୈରାତ ଉତ୍ସ ପାଇଁ ଆବେଦନ ପତ୍ର ଆଦୌ ମିଳିନଥିବ, ତେବେ ଉକ୍ତ ଉତ୍ସ ଲିଜ୍ ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ୩୧।୧୦।୨୦୧୮ରିଖ ଅଟେ। ତା୦୧।୧୧।୨୦୧୮ରିଖ ଅପରାହ୍ନ ଘ.୪.୩୦ମି. ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡ଼ିକ ତନଖି କରାଯିବ। ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ। ଅସମ୍ପୂର୍ଣ୍ଣ ଦରଖାସ୍ତଗୁଡ଼ିକ ବାତିଲ କରାଯିବ। କୌଣସି କାରଣ ନ ଦର୍ଶାଇ ଲିଜ୍‌କୁ ସ୍ଥଗିତ ବା ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଅଛି।

ସବିଶେଷ ବିବରଣୀ ଏବଂ ସର୍ତ୍ତାବଳୀ www.puri.nic.inରେ କିମ୍ବା ଉକ୍ତ ତହସିଲ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ।

ସ୍ୱା./- ତହସିଲଦାର, କାକଟପୁର



### GOVERNMENT OF ODISHA
### OFFICE OF THE SUPERINTENDING ENGINEER PHULBANI (R&B) CIRCLE, PHULBANI

Phone : - 06842 254004/ FAX : - 06842 255054
Email: sernbphulbani@gmail.com

No.691-B

**INVITATION FOR BIDS (IFB)**

**Bid Identification No. SE-(R&B)-PLB- 06/2018-19**

No. 1228 Dated. 04.10.2018

| | | | |
|---|---|---|---|
| 1 | The Superintending Engineer, Phulbani (R & B) Circle, Phulbani on behalf of the Governor of Odisha invites percentage rate bid (Composite Tender) in double cover system in ONLINE MODE for construction of building works detailed in the table below from eligible contractors. | | |
| 2 | Nature of work | :- | Building work |
| 3 | No. of tenders | :- | 1 no of Building work |
| 4 | Tender paper cost | :- | Rs. 10,000/- (through online) only |
| 5 | Class of Contractor | :- | "A" Class, and special Class |
| 6 | Date & Time of sale & receipt of bids | :- | 10.00AM to 30.10 .2018 |
| 7 | Date of Opening of bid | :- | 11.00 AM of 31.10.2018 |
| 8 | The Bidders shall have to participate in online bidding only. Further details can be seen from the website **https://tendersodisha.gov.in**. any addendum/Corrigendum / Cancellation of tender can also be seen in the said website. The authority reserves the right to reject any or all bids without assigning any reason. | | |

**Sd./- Er. T.R.Parida**
**Superintending Engineer,**
**Phulbani (R&B) Circle, Phulbani**

34129/11/0009/1819



### ODISHA INDUSTRIAL INFRASTRUCTURE DEVELOPMENT CORPORATION

idco Your power to grow | ODISHA NEW OPPORTUNITIES
(A Government of Odisha Undertaking)
IDCO Towers, Janpath, Bhubaneswar - 751022

OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR.
Tender Call Notice No. BBSR/ELECT/ E-3836/2017-18/P-II/ 4523 DT: 04.10.2018

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work:** Supply, Installation, Testing & Commissioning of **LED FACADE LIGHTING SYSTEM** at Krishi Bhawan, Bhubaneswar.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.), IDCO, IDCO Tower, Janpath, Bhubaneswar | Bid ID. No. BBSR/ ELECT/e-26/18-19 | 11.10.2018 at 12.00 Hrs. | 23.10.2018 at 12.00 Hrs. |

Further details can be seen from the e-procurement portal. **www.tendersorissa.gov.in** . Corrigendum or Addendum, if any will not be published in newspapers and can be seen in **e-procurement portal** as well as in **IDCO website**.

Sd/-
Divisional Head (Elect.)
IDCO, Bhubaneswar



### OFFICE OF THE EXECUTIVE ENGINEER RWS&S DIVISION, PURI – 752002

Phone (06752) 251276 Fax :- (06752) 251276 E-mail:-eerwss_puri@nic.in

**NATIONAL COMPETITIVE BIDDING THROUGH E-PROCUREMENT**

**Bid Identification No. RWSSPURI 50 /2018-19**

No.839-O: The Executive Engineer, RWS&S Division, Puri on behalf of Governor of Odisha invites lump sum price bids through e-procurement in single cover system according to the norms of e-procurement system, in on-line mode from eligible contractors.

| Sl. No. | Nature of work: | PWS scheme |
|---|---|---|
| 1. | No. of works: | 1(one) |
| 2. | Time for completion: | Two months |
| 3. | Cost of bidding document: | Rs.6000/- |
| 4. | Class of Contractors eligible: | D & C |
| 5. | Availability of bids on-line: | From 17 hour of 10 .10.2018 to 17.00 hours of 22.10.2018 |
| 6. | Last date and time for seeking clarification: | 17.00 hours of 09.10.2018 |
| 7. | Date & time of opening of technical bids: | On dt 23.10.2018 at 12.00 Hours in the office of the Executive Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 8. | Date and time of opening of financial bids: | To be decided. |

Further details can be seen from the website **https://www.tendersorissa.gov.in**.

**Sd./ Executive Engineer,**
**RWS&S Division, Puri**

25017/11/0069/1819



### GOVERNMENT OF ODISHA
### RURAL WATER SUPPLY & SANITATION ORGANISATION
### OFFICE OF THE EXECUTIVE ENGINEER RWS&S DIVISION, ANGUL, AT- TALCHER

At- Baghuabole, Po.- Hatatota, Talcher, Dist.- Angul, PIN- 759100
(Ph. No./Fax-06760-240762, E-mail : eerwss_ang@nic.in)

**National Competitive Bidding through e-procurement**

**Bid Identification No. 12/EE/RWSS/ANGUL/2018-19 Dt. 27.09.2018 (DMF)**

No.818-O: The Executive Engineer, RWS&S Division, Angul:at:Talcher on behalf of Governor of Odisha invites Item Rate/Percentage bid through e-procurement in double/single cover system according to norm of e-Procurement system in on-line mode.

Nature of Work : Rural Piped Water Supply Schemes.

1. No. of Tenders : 35 Nos.
2. Tender Paper Cost : Rs. 6,000.00 to Rs. 10,000.00
3. Value of work : Rs. 309.44 Lakhs to Rs. 12.56 Lakhs
4. Class of Contractor : "D", "C", "B", "A" & Spl. Class
5. Date & time of availability of bid document in portal : 10.10.2018 at 11.00 hours to 22.10.2018 upto 17.00 hours
6. Date & time of seeking tender clarification : 15.10.2018 upto 17.00 hours
7. Date & time of opening of tender & verification of original document : 23.10.2018 at 15.00 hours in the office of the Executive Engineer, RWS&S Division, Angul. At:Talcher
8. Time of completion : 4 (Four) to 6 (Six) Calendar Months
9. The bidders have to participate in online biding only. Further details can be seen from the website **https://www.tendersodisha.gov.in**.
10. Corrigendum if any shall be publish in the above website only.

**Executive Engineer,**
**RWS&S Division, Angul at Talcher**

25019/11/0019/1819



### OFFICE OF EXECUTIVE ENGINEER MINOR IRRIGATION DIVISION, MALKANGIRI

**e-Procurement Notice**

**Bid Identification No. on line Mkg- 04/2018-19**

midivmalkangiri@gmail.com, Phone No. 06861-230783

No.577-A: Bid documents consisting of work, estimated cost, cost of tender paper, EMD, time of completion, class of contractor, the set of terms and conditions of contract and necessary documents in Double Cover System can be seen in e-procurement portal **https://tendersodisha.gov.in**.

| | | | |
|---|---|---|---|
| 1 | Name of the work | :- | Construction of balance works in Distribution sytem of Doraguda MIP (PHII) in K.Gumma Block of Malkangiri District for the year 2018-19 |
| 2 | No.of works | :- | 01 No. |
| 3 | Estimated Cost | :- | 86.84 lakh |
| 4 | Period of completion | :- | 11 (Eleven) Calendar Months |
| 5 | Date and time of availability of Bid documents in the portal | :- | 12.10.2018 (10.00 A.M.) to 05.11.2018 upto 5.00 P.M. |
| 6 | Last date /Time for received of bids in the portal | :- | 05.11.2018 upto 5.00 P.M |
| 7 | Mode of Payment of bid cost and bid security | :- | Online |
| 8 | Date of opening of Bids | :- | 06.11.2018 at 11.00 A.M. |
| 9 | Name of the Officer inviting the Bids | :- | Executive Engineer, Minor Irrigation Division, Malkangiri |

Further details can be seen from the e-Procurement portal **https://tendersodisha.gov.in**.

**Executive Engineer,**
**Minor Irrigation Division, Malkangiri**

32364/11/0003/1819



### GOVERNMENT OF ODISHA
### "e"-PROCUREMENT NOTICE
### WORKS DEPARTMENT

E-mail: pwdoff_khd@yahoo.com

No.686-B:- **Tender Call Notice No. 17/2018-19**

1. The Executive Engineer, Khurda (R&B) Division, Khurda on behalf of Governor of Odisha invites percentage rate bid in **Double cover** system in ONLINE MODE from eligible contractors for **ROAD** works **Civil** as detailed below:
2. Nature of Work : Road works
3. No of Work : 01 No.
4. Tender Cost : For Sl. No. 1 Rs.10000.00/- Each (Online)
5. Class of Contractor : Sl. No. 1 "B" & "A" Class Contractor
6. Available of Bid documents in the website : From Dt. 10.10.2018 10.30 AM to Dt 29.10.2018 5.00 PM
7. Date of opening of Bids : Dt 30.10.2018 at 11.30 AM
8. Bidders have to participate in ONLINE bidding only. Further details can be seen from the website: **https://tenderodisha.gov.in**. Any information regarding Addendum / Corrigendum / Cancellation of tender can be available in the said website.

No.686-B

**Sd./- Executive Engineer,**
**Khurda (R&B) Division, Khurda**

34095/11/0011/1819



### BHUBANESWAR MUNICIPAL CORPORATION

**No : 33240** **Dt.06.10.2018**

**NOTICE INVITING TENDER**

Bid documents consisting of works, Cost of Tender Paper, EMD & the set of term & conditions of contract and other necessary documents can be seen in our web site www.bmc.gov.in .

Name of the work : Supply of 10 nos skilled I.T.I (Electrical) personnel for maintenance of street light work of BMC for the Year 2018-19.
Cost of DTCN : Rs.1000/- + 18% GST
E.M.D : 1% of the projected amount per year at the quoted rate.
Last Date of sale of DTCN : **dt.15.10.2018 up to 5 PM**
Last Date of Receipt of Tender : **dt.15.10.2108 upto 5.00 PM**
Last date of Opening Date & time : **dt.20.10.2018 at 11.00 AM.**
Each Tender should be Accompanied with :
(i) Requisite EMD.
(ii) Xerox copy of PAN, TIN, GST
(iii) Xerox copy of appropriate valid Contractor Registration Certificate.
(iv) Xerox copy of valid EPF Registration Certificate.

**Executive Engineer, Division-II,BMC.**

Progress Through Partnership for a Better Bhubaneswar



### GOVERNMENT OF ODISHA
### OFFICE OF THE EXECUTIVE ENGINEER, RURAL WORKS DIVISION, JEYPORE

852-O

No. 3666 Date. 01.10.2018

**NOTICE INVITING TENDER FOR CIVIL WORKS IN ODISHA**

**NATIONAL COMPETITIVE BIDDING THROUGH e-Procurement**

**Bid Identification No: EERWDJYP – Online - 02/2018-19**

1) Type of works : Buildings
2) Class of contractor : "C & B" Class Contractor (of Odisha PWD) or relevant class of other licensing authorities.
3) Mode of submission of tender : Tender should be submitted online only in https://tendersodisha.gov.in
4) Period of completion : 9 months
5) Period of availability of tenders online/Date & time of bidding online / Date of opening of tender papers : The details are as follows:

| Procurement officer | Bid Identification No. | No. of works | Availability of Tender online for bidding | | Date & Time of opening of tender in O/o E.E. R.W. Division, Jeypore |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division, Jeypore | EERWDJYP Online -02 /2018-19 | 3 (Three) Nos. | 10.10.2018 at 11.00AM | 25.10.2018 upto 5.00PM | 26.10.2018 at 11.30AM |

6) Bid documents consisting of qualification information and eligibility criterion of bidders, specifications, the schedule of quantities and the set of terms and conditions of contract and other necessary documents can be seen in the website: www.tendersodisha.gov.in.

25160/11/0002/1819 *Executive Engineer, Rural Works Division, Jeypore*

# ଅବସାଦ ଦୂର କରିବାର ସହଜ ଉପାୟ



ଆଜିକାଲିର ବ୍ୟସ୍ତମୟ ଜୀବନରେ ଜଣେ ଅବସାଦଗ୍ରସ୍ତ ହେବା କିଛି ନୂଆ କଥା ନୁହେଁ। ଯଦି ଆପଣ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ତେବେ ତାହାକୁ ନେଇ ବ୍ୟତିବ୍ୟସ୍ତ ହୁଅନ୍ତୁ ନାହିଁ। କାରଣ ଏହାର ସମାଧାନ ଉପାୟ ଅତି ସହଜ ଆଉ ତାହା ମଧ୍ୟ ଆପଣଙ୍କର ହାତ ପାହାନ୍ତାରେ ଅଛି। ବାସ୍, ନିଜର ଦୈନନ୍ଦିନ ଜୀବନ ତାଲିକାରେ 'ଯୋଗ'କୁ ସାମିଲ କରନ୍ତୁ। ଏହାର ଉପକାରିତା କେତେ ତାହା ତ ଅନେକେ ଜାଣନ୍ତି। ହେଲେ ଜଣେ ଅବସାଦଗ୍ରସ୍ତ ବ୍ୟକ୍ତି ପାଇଁ ଏହା ବେଶ୍ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ ବୋଲି ଏକ ସଦ୍ୟ ଗବେଷଣାରୁ ଜାଣିବାକୁ ମିଳିଛି। କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଉପରୋକ୍ତ ବିଷୟକୁ ନେଇ ଗବେଷଣା କରିବା ସହ ଏଭଳି କଥା ପଛରେ ଯଥେଷ୍ଟ ସତ୍ୟତା ରହିଛି ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରିଛନ୍ତି।



# ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀ ଓ ଶାରୀରିକ ସମସ୍ୟା

ଆମେ ପ୍ରତିଦିନ ସାବୁନ, ଶାମ୍ପୋ, ଟୁଥ୍‌ପେଷ୍ଟ ଆଦି ସାମଗ୍ରୀ ବ୍ୟବହାର କରିଥାଉ। ହେଲେ ଏଭଳି କେତେକ ଦୈନନ୍ଦିନ ସାମଗ୍ରୀର ଆବଶ୍ୟକତାଠାରୁ ଅଧିକ ବ୍ୟବହାର ସ୍ୱାସ୍ଥ୍ୟଜନିତ ସମସ୍ୟାକୁ ଡାକିଆଣି ଥାଏ। ଆମେରିକାସ୍ଥିତ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ପୁଷ୍ଟି ବିଜ୍ଞାନୀ ମାନେ ଏଭଳି ଏକ ରୋଚକ ତଥ୍ୟ ଲୋକଲୋଚନକୁ ଆଣିଛନ୍ତି। 'ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀ ଏବଂ ଶାରୀରିକ ସମସ୍ୟା' ଶୀର୍ଷକ ବିଷୟବସ୍ତୁକୁ ନେଇ ସେମାନେ ଦୀର୍ଘ ୪ବର୍ଷ ପର୍ଯ୍ୟନ୍ତ ଗବେଷଣା କରିଥିଲେ। ପରିଶେଷରେ ସେମାନେ ଜାଣିବାକୁ ପାଇଲେ ଯେ, ଏଗୁଡିକରେ ଏଭଳି କେତେକ ତତ୍ତ୍ୱ ରହିଛି ଯାହାର ଖରାପ ପ୍ରଭାବ ଶରୀର ଉପରେ ପଡିଥାଏ। ତେଣୁ ଆବଶ୍ୟକତା ଅନୁସାରେ ହିଁ ଏଗୁଡିକୁ ବ୍ୟବହାର କରାଯିବା ଉଚିତ ବୋଲି ସେମାନେ ପରାମର୍ଶ ଦେଇଛନ୍ତି।





ଡା. ନିତ୍ୟାନନ୍ଦ ସ୍ୱାଇଁ

# କ୍ୟାନ୍ସର ଚିକିତ୍ସାର ଅଭିନବ ପଦ୍ଧତି

ନୋବେଲ ପୁରସ୍କାର ୨୦୧୮ (ଭେଷଜ ବିଜ୍ଞାନ)



ଜେମ୍ସ ପି. ଆଲ୍ଲିସନ୍



ତାସୁକୁ ହୋଞ୍ଜୋ

### କିଏ ପାଇଲେ

୨୦୧୮ ମସିହାର ଶରୀରତତ୍ତ୍ୱ କିମ୍ବା ଭେଷଜ ବିଜ୍ଞାନ ନୋବେଲ ପୁରସ୍କାର ପାଇବାର ଗୌରବପ୍ରାପ୍ତ ହୋଇଛନ୍ତି ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଫେସର ଜେମ୍ସ ପି. ଆଲ୍ଲିସନ୍ ଏବଂ ଜାପାନର ପ୍ରଫେସର ତାସୁକୁ ହୋଞ୍ଜୋ। ୭୦ବର୍ଷ ବୟସ୍କ ଆଲ୍ଲିସନ୍ ସଂପ୍ରତି ଟେକ୍ସାସ୍ ବିଶ୍ୱବିଦ୍ୟାଳୟର ଏମ୍.ଡି. ଆଣ୍ଡରସନ୍ କ୍ୟାନ୍ସର ସେଣ୍ଟରରେ ଗବେଷଣାରତ। ୭୬ବର୍ଷ ବୟସ୍କ ତାସାକୁ ହୋଞ୍ଜୋ କିଓଟୋ ବିଶ୍ୱବିଦ୍ୟାଳୟରେ ପ୍ରଫେସର ପଦବୀରେ ଅଧିଷ୍ଠିତ। ଏହି ବିଜେତା ଦ୍ୱୟ ପ୍ରତିରକ୍ଷାତନ୍ତ୍ର ବିଜ୍ଞାନୀ ବା ଇମ୍ୟୁନୋଲୋଜିଷ୍ଟ୍।

**କାହିଁକି ପାଇଲେ:** ସେମାନେ ଆବିଷ୍କାର କରିଛନ୍ତି କ୍ୟାନ୍ସର ଚିକିତ୍ସାର ଏକ ଅଭିନବ ପଦ୍ଧତି। ଏହି ପଦ୍ଧତିଟି ଶରୀରର ପ୍ରାକୃତିକ ପ୍ରତିରକ୍ଷାତନ୍ତ୍ର ସହ ଜଡିତ। ଶରୀରର ପ୍ରାକୃତିକ ପ୍ରତିରକ୍ଷା ତନ୍ତ୍ରରେ କ୍ରିୟାଶୀଳ ହୋଇଥାଏ ଏପରି ଏକ ନିରୋଧକ ପ୍ରକ୍ରିୟା ଯାହା କ୍ୟାନ୍ସର କୋଷିକାର ଧ୍ୱଂସ ସାଧନ କରିବା ନିମନ୍ତେ ଅସମର୍ଥ। ସେହି ଅସାମର୍ଥ୍ୟର ଦୂରୀକରଣ କରିବାରେ ଆଲ୍ଲିସନ୍ ଓ ହୋଞ୍ଜୋଙ୍କ ଆବିଷ୍କାର ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇପାରିଛି।

**ପୁରସ୍କାର ବାବଦକୁ କ'ଣ ପାଇବେ:** ପ୍ରତ୍ୟେକ ବିଜେତା ପାଇବେ ଗୋଟିଏ ଲେଖାଏ ସ୍ୱର୍ଣ୍ଣପଦକ, ପୁରସ୍କାର ପ୍ରାପ୍ତି ସମ୍ପର୍କିତ ଗୋଟିଏ ଲେଖାଏ ପ୍ରମାଣପତ୍ର ବା ନୋବେଲ ଡିପ୍ଲୋମା ଏବଂ ଉଭୟଙ୍କୁ ପ୍ରଦତ୍ତ ହେବ ମୋଟ ୧.୧ ନିୟୁତ ଡଲାର ବା ଭାରତୀୟ ମୁଦ୍ରାରେ ପାଖାପାଖି ୮ କୋଟି ଟଙ୍କାର ନଗଦ ଅର୍ଥ। ଏହି ଅର୍ଥକୁ ଉଭୟେ ସମାନ ପରିମାଣରେ ପାଇବେ। ପୁରସ୍କାର ପ୍ରଦତ୍ତ ହେବ ଡିସେମ୍ବର ୧୦ ତାରିଖରେ ତଥା 'ନୋବେଲ ଦିବସ' ଉତ୍ସବରେ। ଡିସେମ୍ବର ୧୦ ହେଉଛି ନୋବେଲ ପୁରସ୍କାରର ପ୍ରତିଷ୍ଠାତା ଆଲ୍‌ଫ୍ରେଡ୍ ନୋବେଲ୍‌ଙ୍କ ମୃତ୍ୟୁ ଦିବସ।

**ପୃଷ୍ଠଭୂମି:** ଊନବିଂଶ ଶତାବ୍ଦୀର ଅନ୍ତିମ ଭାଗ ଓ ବିଂଶ ଶତାବ୍ଦୀର ଆଦ୍ୟ ଭାଗରେ ଚିନ୍ତା କରାଗଲା ଯେ ଶରୀରର ପ୍ରତିରକ୍ଷା ତନ୍ତ୍ରକୁ ଅଧିକ ସକ୍ରିୟ କରିପାରିଲେ ଏହା କ୍ୟାନ୍ସର କୋଷିକା ଗୁଡ଼ିକୁ ଆକ୍ରମଣ କରି ରୋଗ ଉପଶମ କରିଦେଇପାରେ। ମାତ୍ର ଗବେଷଣା କ୍ଷେତ୍ରରେ ବୈଜ୍ଞାନିକ ସାଫଲ୍ୟ ସତ୍ତ୍ୱେ ସ୍ଥାୟୀ ସମାଧାନ ମିଳିବା ସମ୍ଭବପର ହୋଇପାରିଲାନି। ପ୍ରତିରକ୍ଷାତନ୍ତ୍ରର ଅନ୍ତର୍ନିହିତ ସାମର୍ଥ୍ୟକୁ ଉଦ୍ଦୀପିତ କରାଇ କ୍ୟାନ୍ସରକୁ କାବୁ କରିବା ନିମନ୍ତେ ଚଳିତ ବର୍ଷର ନୋବେଲ୍ ବିଜେତା ଦ୍ୱୟ ଏକ ନୂତନ ପଦ୍ଧତି ଆବିଷ୍କାର କରିପାରିଛନ୍ତି।

### ଗବେଷଣାର ରୂପରେଖ

ଜେମ୍ସ ପି. ଆଲ୍ଲିସନ୍ ଏପରି ଏକ ପ୍ରୋଟିନ୍ ଅଣୁର ଅନୁଧ୍ୟାନ କରିଛନ୍ତି ଯିଏ ପ୍ରତିରକ୍ଷାତନ୍ତ୍ର ସହ ସଂପୃକ୍ତ ଟି-କୋଷିକା ଉପରେ ଏକ ବ୍ରେକ୍ ବା ନିରୋଧକ ଭାବେ କ୍ରିୟା କରିଥାଏ। ସେ ଚିନ୍ତାକଲେ ଯେ ଏହି ବ୍ରେକ୍ ବା ନିରୋଧକକୁ ଅପସାରଣ କରିଦେଲେ ପ୍ରତିରକ୍ଷାତନ୍ତ୍ର ସହ ଜଡ଼ିତ ଟି-କୋଷିକା ସକ୍ରିୟ ହୋଇ କ୍ୟାନ୍ସର କୋଷିକାଗୁଡିକୁ ଆକ୍ରମଣ କରି ଧ୍ୱଂସ କରିଦେବା ସୁଗମ ହୋଇଯିବ। ସେ ଏହି ପ୍ରକ୍ରିୟାର ଅଧିକତର ବିକାଶ ସାଧନ କରାଇ କ୍ୟାନ୍ସର ରୋଗୀମାନଙ୍କୁ ଚିକିତ୍ସା କରିବାର ଉପାୟ ବାହାର କରିଛନ୍ତି।

ତାସୁକୁ ହୋଞ୍ଜୋ ମଧ୍ୟ ଟି-କୋଷିକା ଗୁଡ଼ିକରେ ଏକ ପ୍ରୋଟିନ୍ ଅଣୁକୁ ଚିହ୍ନଟ କରିବାରେ ସଫଳ ହୋଇଛନ୍ତି। ସେ ଦର୍ଶାଇଛନ୍ତି ଯେ ଏହି ପ୍ରୋଟିନ୍ ଅଣୁଟି ମଧ୍ୟ ଟି-କୋଷିକା ଉପରେ ଏକ ବ୍ରେକ୍‌ଭଳି କାର୍ଯ୍ୟକରି ଟି-କୋଷିକାକୁ ନିଷ୍କ୍ରିୟ ରଖିଥାଏ। କିନ୍ତୁ ଏହାର କ୍ରିୟାପଦ୍ଧତି ଭିନ୍ନ। ଏହି ଆବିଷ୍କାରକୁ ଭିତ୍ତିକରି ଚିକିତ୍ସା କରିବା ଦ୍ୱାରା ତାହା କ୍ୟାନ୍ସର ରୋଗୀଙ୍କ କ୍ଷେତ୍ରରେ ବେଶ୍ ଫଳପ୍ରଦ ସାବ୍ୟସ୍ତ ହୋଇଛି।

ପ୍ରତିରକ୍ଷାତନ୍ତ୍ର ସହ ସଂପୃକ୍ତ କୋଷଗୁଡ଼ିକର ରହିଛି ଏକ ଅସାଧାରଣ ସାମର୍ଥ୍ୟ। ଏହା 'ନିଜ' (ସେଲ୍ଫ) ଓ 'ପର' (ନନ୍-ସେଲ୍ଫ)ର ପାର୍ଥକ୍ୟ ବାରିପାରେ। ଏହାର ଅର୍ଥ କେଉଁ କୋଷିକା ଶରୀରର ନିଜର ଓ କେଉଁ କୋଷିକା ଶରୀର ପାଇଁ ପର ବା 'ବିଦେଶୀ', ତାହା ଚିହ୍ନଟ କରିବାରେ ପ୍ରତିରକ୍ଷାତନ୍ତ୍ର ମହାଧୂରନ୍ଧର। ଉଦାହରଣ ସ୍ୱରୂପ, ଜୀବାଣୁ, ଭୂତାଣୁ ଇତ୍ୟାଦି ଶରୀର ବାହାରର ଉପାଦାନ ବୋଲି ଚିହ୍ନିନେଇ ପ୍ରତିରକ୍ଷାତନ୍ତ୍ର ଏହା ବିରୋଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପରେ ଏବଂ ସେଗୁଡ଼ିକୁ ଆକ୍ରମଣ କରି ଧ୍ୱଂସ କରିଦିଏ। ଏହି ସଂଗ୍ରାମରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ପ୍ରତିରକ୍ଷାତନ୍ତ୍ରର ଟି-କୋଷିକା। ଟି-କୋଷିକା ହେଉଛି ଏକ ପ୍ରକାରର ଶ୍ୱେତ ରକ୍ତ କୋଷିକା। ଏଥିରେ ରହିଥିବା ରିସିପ୍ଟର ବା ଅଭିଗ୍ରାହକ ବିଦେଶୀ ଉପାଦାନ ସହ ସଂଯୁକ୍ତ ହୋଇଯିବା ଫଳରେ ପ୍ରତିରକ୍ଷାତନ୍ତ୍ର ସକ୍ରିୟ ହୋଇ ବିହିତ ପଦକ୍ଷେପ ନେଇଥାଏ। ମାତ୍ର ପ୍ରତିରକ୍ଷାତନ୍ତ୍ରର କ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ନିମନ୍ତେ ଆବଶ୍ୟକ ପଡ଼େ ଅତିରିକ୍ତ ପ୍ରୋଟିନ୍ ଅଣୁ। ଏହି ପ୍ରୋଟିନ୍ ଅଣୁକୁ କୁହାଯାଏ ଟି-କୋଷିକା ତ୍ୱରକ ବା 'ଆକ୍‌ସିଲରେଟର୍'। ସେହିପରି ଟି-କୋଷିକାରେ ଆବିଷ୍କୃତ ହୋଇଛି ବ୍ରେକ୍ ବା ନିରୋଧକ ଯାହା ପ୍ରତିରକ୍ଷାତନ୍ତ୍ରର କାର୍ଯ୍ୟକୁ ବାଧା ଦେଇଥାଏ। ଏହି ତ୍ୱରକ ଓ ନିରୋଧକ ବା ଆକ୍‌ସିଲରେଟର୍ ଓ ବ୍ରେକ୍ ମଧ୍ୟରେ ସନ୍ତୁଳନ ରକ୍ଷା ପ୍ରକ୍ରିୟା ଅତି ଜଟିଳ ଓ ପ୍ରତିରକ୍ଷାତନ୍ତ୍ରର ଦୃଢ଼ ନିୟନ୍ତ୍ରଣ ପାଇଁ ଏହି ସନ୍ତୁଳନ ଅପରିହାର୍ଯ୍ୟ। କାରଣ ପ୍ରତିରକ୍ଷାତନ୍ତ୍ରର କାର୍ଯ୍ୟ ଅଧିକ ସକ୍ରିୟ ହୋଇପଡିଲେ ତାହା ନିଜେ ସୁସ୍ଥକୋଷ ଓ ତନ୍ତୁକୁ ଧ୍ୱଂସ କରିଦେଇ ଜାତ କରିପକାଏ 'ଅଟୋଇମ୍ୟୁନ୍ ଡିଜିଜ୍' ନାମକ ଜଟିଳ ବ୍ୟାଧି।

> ୨୦୧୮ ମସିହାର ଶରୀରତତ୍ତ୍ୱ କିମ୍ବା ଭେଷଜ ବିଜ୍ଞାନ ନୋବେଲ ପୁରସ୍କାର ପାଇବାର ଗୌରବ ପ୍ରାପ୍ତ ହୋଇଛନ୍ତି ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଫେସର ଜେମ୍ସ ପି. ଆଲ୍ଲିସନ୍ ଏବଂ ଜାପାନର ପ୍ରଫେସର ତାସୁକୁ ହୋଞ୍ଜୋ। ୭୦ବର୍ଷ ବୟସ୍କ ଆଲ୍ଲିସନ୍ ସଂପ୍ରତି ଟେକ୍ସାସ୍ ବିଶ୍ୱବିଦ୍ୟାଳୟର ଏମ୍.ଡି. ଆଣ୍ଡରସନ୍ କ୍ୟାନ୍ସର ସେଣ୍ଟରରେ ଗବେଷଣାରତ। ୭୬ବର୍ଷ ବୟସ୍କ ତାସାକୁ ହୋଞ୍ଜୋ କିଓଟୋ ବିଶ୍ୱବିଦ୍ୟାଳୟରେ ପ୍ରଫେସର ପଦବୀରେ ଅଧିଷ୍ଠିତ। ଏହି ବିଜେତାଦ୍ୱୟ ପ୍ରତିରକ୍ଷାତନ୍ତ୍ର ବିଜ୍ଞାନୀ ବା ଇମ୍ୟୁନୋଲୋଜିଷ୍ଟ୍।

୧୯୯୦ ଦଶକରେ ଜେମ୍ସ ପି. ଆଲିସନ୍ (ସିଟିଏଲ୍ଏ-୪) ନାମକ ଟି-କୋଷିକା-ପ୍ରୋଟିନ୍‌ର ଅନୁଧ୍ୟାନ କରିଥିଲେ। ସିଟିଏଲ୍ଏ-୪ ପ୍ରୋଟିନ୍ ଟି-କୋଷିକା ପୃଷ୍ଠରେ ଅବସ୍ଥାନ କରି ଏକ ବ୍ରେକ୍ ଭଳି କାର୍ଯ୍ୟ କରେ। ପରେ ଆଲ୍ଲିସନ ଏପରି ଏକ ଆଣ୍ଟିବଡିର ବିକାଶ କରାଇଥିଲେ ଯାହା ସିଟିଏଲ୍ଏ-୪ ସହ ସଂଯୁକ୍ତ ହୋଇ ଏହାକୁ ଅକାମୀ କରିଦିଏ। ଟି-କୋଷିକାର ସିଟିଏଲ୍ଏ-୪ ଭଳି ରାସାୟନିକ ବ୍ରେକ୍‌ଟି କାମ ନ କରିପାରିବାରୁ ଟି-କୋଷିକା 'ବ୍ରେକ୍-ମୁକ୍ତ' ହୋଇ ସକ୍ରିୟ ହୋଇପଡ଼େ ଏବଂ କ୍ୟାନ୍ସର କୋଷିକାଗୁଡ଼ିକୁ ଆକ୍ରମଣ କରି ଧ୍ୱଂସ କରିଦିଏ। ଏହି ଚିକିତ୍ସା ପଦ୍ଧତି ଅବଲମ୍ବନ କରି ଆଲ୍ଲିସନ୍ କେତେକ କ୍ୟାନ୍ସର ରୋଗୀଙ୍କୁ ଆରୋଗ୍ୟ କରିପାରିଲେ।

୧୯୯୨ ମସିହାରେ ତାସୁକୁ ହୋଞ୍ଜୋ ଟି-କୋଷିକା ପୃଷ୍ଠରେ ଆବିଷ୍କାର କରିଥିଲେ ପିଡି-୧ ନାମକ ଅନ୍ୟ ଏକ ପ୍ରୋଟିନ୍ ଅଣୁ। ପିଡି-୧ ମଧ୍ୟ ସିଟିଏଲ୍ଏ-୪ ଅଣୁ ଭଳି ଟି- କୋଷିକାର ବ୍ରେକ୍ ସଦୃଶ କାର୍ଯ୍ୟ କରିଥାଏ। ମାତ୍ର ଏହାର କାର୍ଯ୍ୟପ୍ରଣାଳୀ ସିଟିଏଲ୍ଏ-୪ର କାର୍ଯ୍ୟପ୍ରଣାଳୀଠାରୁ ଭିନ୍ନ। ପିଡି-୧ର କାର୍ଯ୍ୟକୁ ଅକାମୀ କରିଦେଲେ ଟି-କୋଷିକା 'ବ୍ରେକ୍‌ମୁକ୍ତ' ତଥା ସକ୍ରିୟ ହୋଇ କ୍ୟାନ୍ସରର ତୀବ୍ରତାକୁ ଉପଶମ କରି ଦେଉଥିବାର ପ୍ରମାଣିତ।

**ଆଲ୍ଲିସନ୍ ଓ ହୋଞ୍ଜୋଙ୍କ ଆବିଷ୍କାରର ଗୁରୁତ୍ୱ:** ଆଲ୍ଲିସନ୍ ଓ ହୋଞ୍ଜୋଙ୍କ ଦ୍ୱାରା ଅନୁସୃତ ଇମ୍ୟୁନୋଥେରାପି ବା ପ୍ରତିରକ୍ଷାତନ୍ତ୍ର ଆଧାରିତ ଚିକିତ୍ସା ପଦ୍ଧତିକୁ 'ଇମ୍ୟୁନ୍ ଚେକ୍ ପଏଣ୍ଟ ଥେରାପି' ବୋଲି କୁହାଯାଉଛି। ଏହି ଚିକିତ୍ସା ପଦ୍ଧତିରେ ଟି-କୋଷିକାର ଉପରି ଭାଗରେ ରହିଥିବା ସିଟିଏଲ୍ଏ-୪ କିମ୍ବା ପିଡି-୧ ନାମକ ପ୍ରୋଟିନ୍- ବ୍ରେକ୍‌କୁ ଅପସାରଣ କରିଦେବା ଫଳରେ ଟି-କୋଷିକା ସକ୍ରିୟ ହୋଇ କ୍ୟାନ୍ସର କୋଷିକାଗୁଡିକୁ ଧ୍ୱଂସ କରିଦେବାରେ ସମର୍ଥ ହୋଇଥାଏ। ଏହାର ପରିମାଣ ସ୍ୱରୂପ ଗୁରୁତର ଅବସ୍ଥା ଧାରଣ କରିଥିବା କ୍ୟାନସର ଉପଶମ ହୋଇଯାଏ। ଅବଶ୍ୟ କ୍ୟାନ୍ସରର ଅନ୍ୟ ଚିକିତ୍ସା ପଦ୍ଧତିରେ ବିଭିନ୍ନ ଜଟିଳତା ପ୍ରକାଶ ପାଉଥିବା ଭଳି ଇମ୍ୟୁନ୍ ଚିକିତ୍ସା ପଦ୍ଧତିରେ ମଧ୍ୟ ପ୍ରକାଶ ପାଇପାରେ ଜଟିଳତା। ଏପରିକି କେତେକ କ୍ଷେତ୍ରରେ ରୋଗୀ ମୃତ୍ୟୁବରଣ କରିବାର ମଧ୍ୟ ଆଶଙ୍କା ରହିଛି।

ତେବେ ସିଟିଏଲ୍ଏ-୪ ଏବଂ ପିଡି-୧ ଚିକିତ୍ସା ପଦ୍ଧତି ଦୁଇଟି ମଧ୍ୟରୁ ପିଡି-୧ ବିରୋଧରେ ଅନୁସୃତ ଚେକ୍ ପଏଣ୍ଟ ଚିକିତ୍ସା ପଦ୍ଧତି ଅଧିକ ଫଳପ୍ରଦ ବୋଲି ପ୍ରମାଣିତ। ଫୁସ୍‌ଫୁସ୍ କ୍ୟାନ୍ସର, ବୃକକ୍ କ୍ୟାନସର, ମୂତ୍ରାଶୟ କ୍ୟାନ୍ସର, ମସ୍ତକ ଓ ଗଳା କ୍ୟାନ୍ସର, ମେଲାନୋମା ନାମକ ଚର୍ମ କ୍ୟାନସର ଓ ଲିମ୍ଫୋମାର ଚିକିତ୍ସାରେ ଏହି ପଦ୍ଧତି ବେଶ୍ ଅନୁକୂଳ ସାବ୍ୟସ୍ତ ହେଉଛି। ବରଂ ସିଡିଏଲ୍ଏ-୪ ଏବଂ ପିଡି ୧- ଏହି ଉଭୟ ବ୍ରେକକୁ କାର୍ଯ୍ୟରହିତ କରିପାରୁଥିବା ମିଶ୍ର ଚିକିତ୍ସା ପଦ୍ଧତି ଅଧିକ ଫଳପ୍ରଦ ହୋଇପାରୁଥିବା ପରିଲକ୍ଷିତ ହେଉଛି। ଆଲ୍ଲିସନ ଓ ହୋଞ୍ଜୋଙ୍କ ଦ୍ୱାରା ଅନୁସୃତ ଚେକ୍‌ପଏଣ୍ଟ ଚିକିତ୍ସା ପଦ୍ଧତି କ୍ୟାନସର ଚିକିତ୍ସା କ୍ଷେତ୍ରରେ ଆଣିପାରିଛି ଏକ ବୈପ୍ଳବିକ ପରିବର୍ତ୍ତନ ଏବଂ କ୍ୟାନସରର ଚିକିତ୍ସା ପ୍ରତି ଆମର ଦୃଷ୍ଟିକୋଣରେ ମଧ୍ୟ ଏକ ମୌଳିକ ପରିବର୍ତ୍ତନ ପରିଲକ୍ଷିତ ହୋଇଛି।

ଏହି ଚେକ୍‌ପଏଣ୍ଟ ପଦ୍ଧତିରେ ସଂପ୍ରତି ବ୍ୟବହୃତ ହେଉଛି 'କିଟ୍ରୁଡା' 'ଓପଡିଭୋ' 'ୟେରଭୟ' ଏବଂ 'ଟେସେଣ୍ଟିକ୍' ଭଳି ଔଷଧ, ଏପରିକି କିଟ୍ରୁଡା ଚିକିତ୍ସାରେ ରହି ଯୁକ୍ତରାଷ୍ଟ୍ର ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜିମି କାର୍ଟର ଭୟାବହ ମେଲାନୋମା କବଳରୁ ଯଥେଷ୍ଟ ଉପଶମ ଯାଇ ପାରିଛନ୍ତି। ଏହି ମେଲାନୋମାର କୋଷିକାଗୁଡିକ ଜିମି କାର୍ଟରଙ୍କ ମସ୍ତିଷ୍କ ଓ ଯକୃତକୁ ମଧ୍ୟ ପ୍ରସରି ଯାଇଥିଲା।



-ଅଭୀପ୍ସା,ସେକ୍ଟର-୬,
ପ୍ଲଟ ନଂ. ୧୧୩୧
ଅଭିନବ ବିଡ଼ାନାସୀ, କଟକ
ମୋ: ୯୪୩୭୭୬୬୧୧୭

# ସ୍ମାର୍ଟ ଘଣ୍ଟା

ସମୟର ସୂଚକ ହେଉଛି ଘଣ୍ଟା। ଏହା ଆମକୁ ସମୟ ସମ୍ପର୍କରେ ଅବଗତ କରାଇଥାଏ। ଆଜିକାଲି ତ ହାଇଟେକ ଯୁଗ। ନିର୍ଦ୍ଦିଷ୍ଟ ସମୟ ବିଷୟରେ ଜଣାଇ ଦେବା ପାଇଁ ଘଣ୍ଟାରେ ଆମେ ଆଲାରାମ ଅନ୍ ରଖିଥାଉ। ସକାଳୁ ଉଠିବା,କୌଣସି କାମ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟରେ ପ୍ରସ୍ତୁତ ହେବାକୁ ଆମେ ସାଧାରଣତଃ ଆଲାରାମ ଉପରେ ନିର୍ଭର କରୁ। କେତେକ ବ୍ୟକ୍ତି ଆଲାରାମ ବାଜିଲେ ମଧ୍ୟ ସେଥିପ୍ରତି ଧ୍ୟାନ ନ ଦେଇ ଶୋଇ ରହନ୍ତି। କାରଣ ଉଭୟ ନିଦ ଏବଂ ଆଳସ୍ୟତା ଭାଙ୍ଗି ନ ଥାଏ। ହେଲେ ଏଭଳି ଏକ ଘଣ୍ଟା ରହିଛି ଯେଉଁଥିରେ ଥରେ ଆଲାରାମ ବାଜିଲେ ତାହା ସହଜରେ ବନ୍ଦ ହୋଇ ନ ଥାଏ। ଏଭଳି ଏକ ହାଇଟେକ ଘଣ୍ଟା ପ୍ରସ୍ତୁତ କରିଛନ୍ତି ଆମେରିକୀୟ ବିଶେଷଜ୍ଞମାନେ। ତାରବିହୀନ ଏହି ଘଣ୍ଟାରେ ନଅ ଭୋଲ୍ଟବିଶିଷ୍ଟ ବ୍ୟାଟେରି ସଂଯୋଗ କରିବାକୁ ପଡେ। ଯେତେବେଳେ ଏଥିରେ ଆଲାରାମ ବାଜେ ତାହାକୁ କାଟିଦେଲେ ମଧ୍ୟ କିଛି ସମୟ ପରେ ତାହା ପୁଣି ଥରେ ବାଜିଥାଏ। ତେବେ ଏହା କିପରି ବନ୍ଦ ହେବ ତାହାର ସହଜ ଉପାୟ ରହିଛି। ସେଥିପାଇଁ ପ୍ରସ୍ତୁତକାରୀ ଘଣ୍ଟା କମ୍ପାନୀ ପକ୍ଷରୁ ଆପଣଙ୍କୁ ଏକ କୋଡ ନମ୍ବର ଦିଆଯାଏ। ତାହାକୁ ଘଣ୍ଟାର ପ୍ୟାଡ୍‌ରେ ଟାଇପ କଲେ ଆଲାରାମ ବନ୍ଦ ହୁଏ। ପୁଣି ଆଲାରାମ ଏପରି ବାଜେ ଯେ ଜଣେ ବ୍ୟକ୍ତି ତାହାକୁ ଧ୍ୟାନ ନ ଦେଇ ଶୋଇବାକୁ ଚେଷ୍ଟା କଲେ ମଧ୍ୟ ଶୋଇପାରି ନ ଥାଏ। ବିଶେଷଭାବରେ ଅଳସୁଆ ବ୍ୟକ୍ତିଙ୍କ ପାଇଁ ଏହି ଘଣ୍ଟା କାମରେ ଆସିଥାଏ।




# ବିଶୁଦ୍ଧ ରକ୍ତ : ଚାରୋଟି କଥା

**କୌଣସି ରକ୍ତଜନିତ ସମସ୍ୟା ଦେଖାଦେଲେ ତାହା ପରବର୍ତ୍ତୀ ସମୟରେ ଗୁରୁତର ପରିସ୍ଥିତି ସୃଷ୍ଟି କରିଥାଏ। ତେଣୁ ରକ୍ତକୁ କିପରି ବିଶୁଦ୍ଧ ରଖିବେ ସେଥିପାଇଁ ନିମ୍ନଲିଖିତ ଚାରୋଟି କଥା ମନେରଖନ୍ତୁ।**

**ପ୍ରଥମ :** ପ୍ରତିଦିନ ସକାଳୁ ଉଷୁମ ପାଣିରେ ଲେମ୍ବୁ ଚିପୁଡି ପିଅନ୍ତୁ। ଏହାଦ୍ୱାରା ରକ୍ତ ବିଶୁଦ୍ଧ ରହିଥାଏ। ଲଗାତର ଗୋଟିଏ ସପ୍ତାହ ଏହାକୁ ପିଇଲେ ତାହାର ପ୍ରଭାବ ଜଣାପଡେ। ତା'ସହ ଏହାଦ୍ୱାରା ଓଜନ ମଧ୍ୟ ସନ୍ତୁଳିତ ରହେ।

**ଦ୍ୱିତୀୟ :** ଦୈନନ୍ଦିନ ଖାଦ୍ୟରେ ଲଙ୍କା ସାମିଲ କରନ୍ତୁ। ଏହା ରକ୍ତକୁ ପରିଷ୍କାର ରଖିବାରେ ସାହାଯ୍ୟ କରିଥାଏ। ଲଙ୍କାରେ ଥିବା ଆଣ୍ଟିଅକ୍ସିଡାଣ୍ଟ ରକ୍ତକୁ ସଫା ରଖେ।

**ତୃତୀୟ :** ସବୁଜ ପନିପରିବାରେ ଭିଟାମିନ୍ ଭରିରହିଛି। ଆମ ଶରୀରକୁ ସୁସ୍ଥ ରଖିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏଥିରେ ଆଉ ଏକ ଉପକାରୀ ଗୁଣ ରହିଛି। ଯଦି ଜଣେ ବ୍ୟକ୍ତି ନିୟମିତ ସବୁଜ ପନିପରିବାରୁ ପ୍ରସ୍ତୁତ ଖାଦ୍ୟ ଖାଆନ୍ତି ତେବେ ସେଥିରୁ ଆଉ ଏକ ଉପକାର ମିଳିଥାଏ। ଏହା ରକ୍ତକୁ ବିଶୁଦ୍ଧ ରଖିଥାଏ।

**ଚତୁର୍ଥ :** ପ୍ରତିଦିନ ଗାଜର ଖାଆନ୍ତୁ। ଏହାଦ୍ୱାରା ରକ୍ତ ଅପରିଷ୍କାର ହୋଇ ନ ଥାଏ। ଗାଜର ବ୍ୟତୀତ ମୂଳା ଖାଇଲେ ମଧ୍ୟ ରକ୍ତ ବିଶୁଦ୍ଧ ରହିଥାଏ।

# ସୁନିଦ୍ରା ପାଇଁ

ଦିନ ତମାମ କିଏ ଶାରୀରିକ ତ କିଏ ମାନସିକ ପରିଶ୍ରମ କରୁଛି। ତେବେ ଶରୀରକୁ ସୁସ୍ଥ ରଖିବା ଲାଗି ଆମକୁ ରାତିରେ ଶୋଇବା ନିହାତି ଦରକାର। ଜଣେ ବ୍ୟକ୍ତି ପ୍ରତିଦିନ ରାତିରେ ଅତିକମ୍‌ରେ ୭-୮ ଘଣ୍ଟା ନିଦ୍ରା ଯିବା ଆବଶ୍ୟକ। ହେଲେ ସମସ୍ତଙ୍କ କ୍ଷେତ୍ରରେ ଏହା ସମ୍ଭବ ହୋଇ ନ ଥାଏ। ତେବେ ସୁନିଦ୍ରା ପାଇଁ କେତୋଟି ବିଷୟ ପ୍ରତି ନଜର ଦେଇପାରନ୍ତି। ଶୋଇବା ସମୟରେ ଆଖି ସାମ୍‌ନାରେ ଘଣ୍ଟା ରଖନ୍ତୁ ନାହିଁ, କିମ୍ବା ଘଣ୍ଟାକୁ ବାରମ୍ବାର ଚାହାନ୍ତୁ ନାହିଁ। ଏହାଦ୍ୱାରା ସ୍ନାୟୁ ପ୍ରଭାବିତ ହୋଇଥାଏ, ଯାହାଫଳରେ ସହଜରେ ନିଦ ଆସି ନ ଥାଏ। ବିଛଣା ଉପରକୁ ଯିବା ପୂର୍ବରୁ ଘରର ପରିବେଶ ଶାନ୍ତ ହେବା ଆବଶ୍ୟକ। କଥାବାର୍ତ୍ତା, ଟିଭି ନିଦ୍ରାରେ ବ୍ୟାଘାତ ସୃଷ୍ଟି କରେ। ତେଣୁ ବେଡ୍ ରୁମ୍‌ରେ ଟିଭି ରଖନ୍ତୁ ନାହିଁ। ସୁନିଦ୍ରା ପାଇଁ ଆଉ ଏକ ଉପାୟ ଆପଣ ଅନୁସରଣ କରିପାରନ୍ତି। ଶୋଇବା ପୂର୍ବରୁ ଉଷୁମ ପାଣିରେ ସ୍ନାନ କଲେ ଭଲ ନିଦ ହୋଇଥାଏ। ନିଦ୍ରା ଯିବା ପୂର୍ବରୁ ମାନସିକ ଅବସ୍ଥାକୁ ଶାନ୍ତ ରଖନ୍ତୁ। ଏଣୁ ତେଣୁ ଚିନ୍ତା କଲେ ତାହାର ଖରାପ ପ୍ରଭାବ ନିଦ ଉପରେ ପଡିଥାଏ।



# ଗ୍ୟାଷ୍ଟ୍ରିକ୍ ସମସ୍ୟାରୁ ଉପଶମ ଦେବ ଖଜୁରି



ଖଜୁରି କୋଳିରେ ଅନେକ ଉପକାରୀ ଗୁଣ ରହିଛି। ବିଶେଷ ଭାବରେ ଗ୍ୟାଷ୍ଟ୍ରିକ୍‌ଜନିତ ସମସ୍ୟା ଦୂର ପାଇଁ ଏହା ଉପକାରୀ ସାବ୍ୟସ୍ତ ହୋଇଥାଏ ବୋଲି ଲଣ୍ଡନ ୟୁନିଭର୍ସିଟି ପକ୍ଷରୁ ହୋଇଥିବା ଏକ ସର୍ଭେରୁ ଜଣାପଡିଛି। କେବଳ ଗ୍ୟାଷ୍ଟ୍ରିକ୍ ନୁହେଁ କୋଷ୍ଠକାଠିନ୍ୟରୁ ଉପଶମ ପାଇବା ପାଇଁ ଏହାକୁ ଖାଇପାରନ୍ତି। ଏଥିପାଇଁ ସକାଳେ ଏବଂ ସନ୍ଧ୍ୟାରେ ତିନୋଟି ଲେଖାଏ ଖଜୁରି କୋଳି ଖାଇ ଉଷୁମ ପାଣି ପିଇଲେ ଏଭଳି ସମସ୍ୟାରୁ ଆରାମ ମିଳିଥାଏ। ହିମୋଗ୍ଲୋବିନ୍ ପରିମାଣକୁ ସନ୍ତୁଳିତ ରଖିବାରେ ଏହା ସାହାଯ୍ୟ କରେ। ନିମ୍ନ ରକ୍ତଚାପ ରୋଗୀଙ୍କ ପାଇଁ ଖଜୁରି ବେଶ୍ ଉପକାରୀ।

## ସଂକ୍ଷେପରେ

### ବ୍ୟାଙ୍କ, ପୋଷ୍ଟ ଅଫିସରେ ଜାରି ରହିବ ଆଧାର ପଞ୍ଜୀକରଣ



**ନୂଆଦିଲ୍ଲୀ,୭-୧୦:** ଆଧାର ବ୍ୟବହାର ଉପରେ ସୁପ୍ରିମକୋର୍ଟ କଟକଣା ଜାରି କରିଛନ୍ତି। କିନ୍ତୁ ବ୍ୟାଙ୍କ, ପୋଷ୍ଟ ଅଫିସ ଏବଂ ସରକାରୀ କାର୍ଯ୍ୟାଳୟ ପରିସରରେ ଆଧାର ପଞ୍ଜୀକରଣ ଓ ସଂଶୋଧନ କାର୍ଯ୍ୟ ଜାରି ରହିବ ବୋଲି ଭାରତୀୟ ଏକକ ପରିଚୟ କର୍ତ୍ତୃପକ୍ଷ(ୟୁଆଇଡିଏଆଇ) ସିଇଓ ଅଜୟ ଭୂଷଣ ପାଣ୍ଡେ ସ୍ପଷ୍ଟ କରିଛନ୍ତି। ବ୍ୟାଙ୍କ ଆକାଉଣ୍ଟ ଖୋଲିବା ଏବଂ ଅନ୍ୟାନ୍ୟ ସେବା ପାଇବା ପାଇଁ ଆଧାରକୁ ଅଫ୍‌ଲାଇନରେ ବ୍ୟବହାର କରାଯାଇପାରିବ। ଏହାଛଡା ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର, ପାନ୍ କାର୍ଡ-ଆଇଟିଆର୍‌ରେ ଆଧାର ସଂଯୋଗକୁ ସୁପ୍ରିମକୋର୍ଟ ବୈଧ ଦର୍ଶାଇଥିବାରୁ ଏ କ୍ଷେତ୍ରରେ ବ୍ୟାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଯାଉଛି। ଏଣୁ ପୂର୍ବ ଭଳି ବ୍ୟାଙ୍କ ଓ ପୋଷ୍ଟ ଅଫିସରେ ଆଧାର ପଞ୍ଜୀକରଣ ଓ ସଂଶୋଧନ ଜାରି ରହିବ ବୋଲି ସେ କହିଛନ୍ତି। ପାଣ୍ଡେ କହିଛନ୍ତି ଯେ, ଆଧାର ପଞ୍ଜୀକରଣ ଓ ସଂଶୋଧନ ସତ୍ୟତା ଯାଞ୍ଚ ଠାରୁ ସମ୍ପୂର୍ଣ୍ଣ ଭିନ୍ନ ହୋଇଥିବାରୁ ୟୁଆଇଡିଏଆଇ ଆଧାର ଉଠାଣ କେନ୍ଦ୍ର ସମ୍ପର୍କରେ ପୁନର୍ବିଚାର କରିବ।

### ଆୟୁଷ୍ମାନ ଭାରତରେ ଦ୍ୱିତୀୟ ଥର ଚିକିତ୍ସା ପାଇଁ ଆଧାର ବାଧ୍ୟତାମୂଳକ

ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଆୟୁଷ୍ମାନ ଭାରତ) କାର୍ଯ୍ୟକ୍ରମରେ ପ୍ରଥମଥର ଚିକିତ୍ସିତ ହେବା ପାଇଁ ଆଧାର ଆବଶ୍ୟକ ନ ଥିବା ବେଳେ ଦ୍ୱିତୀୟଥର ଚିକିତ୍ସା ଲାଗି ଏହା ବାଧ୍ୟତାମୂଳକ ହେବ। ରୋଗୀଙ୍କ ନିକଟରେ ଆଧାର ନମ୍ବର ନ ଥିଲେ, ସେ କ୍ଷେତ୍ରରେ ଆଧାର ପଞ୍ଜୀକରଣ ପାଇଁ ପଦକ୍ଷେପ ନିଆଯାଇଛି, ଏହା ପ୍ରମାଣିତ କରିବାକୁ ହେବ ବୋଲି ଉକ୍ତ ଯୋଜନାକୁ କାର୍ଯ୍ୟକାରୀ କରୁଥିବା ନ୍ୟାଶନାଲ ହେଲ୍‌ଥ ଏଜେନ୍ସି ସିଇଓ ଇନ୍ଦୁ ଭୂଷଣ କହିଛନ୍ତି। ପ୍ରଥମଥର ଚିକିତ୍ସା ପାଇଁ ରୋଗୀ ଆଧାର ଅଥବା ଅନ୍ୟ ଯେକୌଣସି ଦସ୍ତାବେଜ ଦେଖାଇ ପାରିବେ।

### ବୀମା ସେକ୍ଟରରେ ପ୍ରବେଶ କଲା ଫ୍ଲିପକାର୍ଟ

**ନୂଆଦିଲ୍ଲୀ,୭-୧୦:** ଦେଶର ସର୍ବବୃହତ ଇ-କମର୍ସ କମ୍ପାନୀ ଫ୍ଲିପକାର୍ଟ ଖୁବଶୀଘ୍ର ବୀମା କ୍ଷେତ୍ରରେ ପ୍ରବେଶ କରିବାକୁ ଯାଉଛି। ଏହାକୁ କର୍ପୋରେଟ ଏଜେଣ୍ଟ ଲାଇସେନ୍ସ ମିଳିଛି। ଏହି କ୍ରମରେ କମ୍ପାନୀ ନିଜ ୱେବସାଇଟରେ ବିକ୍ରି ହେଉଥିବା ଦାମୀ ମୋବାଇଲ ଫୋନର ବୀମା ସୁରକ୍ଷା ପାଇଁ ବଜାଜ୍ ଆଲିଆଞ୍ଜ ଜେନେରାଲ ଇନ୍ସ୍ୟୁରାନ୍ସ ସହ ଚୁକ୍ତି ସ୍ୱାକ୍ଷର କରିଛି। କମ୍ପାନୀର ବିଗ୍ ବିଲିୟନ ଡେଜ୍ ଅର୍ଥାତ ଆସନ୍ତା ୧୦ରୁ ଫ୍ଲିପକାର୍ଟ ଗ୍ରାହକଙ୍କୁ ବୀମା ସେବା ଯୋଗାଇବ। ଏହାଦ୍ୱାରା କମ୍ପାନୀ ଏହାର ଗ୍ରାହକଙ୍କୁ ବିକ୍ରି ପର ସେବା ଯୋଗାଇ ପାରିବ ବୋଲି ଜାରି ବିବୃତିରେ କୁହାଯାଇଛି।

> ସାଇବର ନିରାପତ୍ତା ବାଣିଜ୍ୟରେ ଆମର ସ୍ଥିତି ଉନ୍ନତ ରହିଛି। ବାର୍ଷିକ ୩୦ରୁ ୪୦% ଅଭିବୃଦ୍ଧି ନେଇ ଆଶା ରଖିଛୁ।
> **– ରାଜୀବ ସିଂ, ସାଇବର ନିରାପତ୍ତା ବରିଷ୍ଠ ଉପସଭାପତି, ଟେକ୍ ମହିନ୍ଦ୍ର**





> ପାର୍ବଣକୁ ଧ୍ୟାନରେ ରଖି ୫୦ ଫୁଲ୍‌ଫିଲ୍ ସେଣ୍ଟର, ୧୫୦ ଡେଲିଭରି ସେଣ୍ଟରରେ ୫୦,୦୦୦ ସାମୟିକ ଆସୋସିଏଟ୍ ନିଯୁକ୍ତ କରାଯିବ।
> **– ଅଖିଲ୍ ସକ୍‌ସେନା, ଉପସଭାପତି, ଆମାଜନ ଇଣ୍ଡିଆ**

# ବରଗଡ଼ରେ ହେବ ବିପିସିଏଲ୍‌ର ବାୟୋଇଥାନଲ୍ ରିଫାଇନେରି

**ଭୁବନେଶ୍ୱର,୭-୧୦**




- ୧୦ରେ ଭିତ୍ତିପ୍ରସ୍ତର ସ୍ଥାପନ
- ରାଜ୍ୟପାଳ ଗଣେଶି ଲାଲ, ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେବେ
- ବାର୍ଷିକ ଉତ୍ପାଦନ କ୍ଷମତା ୩ କୋଟି ଲିଟର
- ପ୍ରକଳ୍ପରେ ବିନିଯୋଗ ହେବ ୧୦୦୦ କୋଟି
- ୧୨୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟ
- ଜୈବିକ ଇନ୍ଧନ ବ୍ୟବହାରକୁ ଗୁରୁତ୍ୱ

ରାଜ୍ୟର ବରଗଡ ଜିଲା ଭଟ୍‌ଲୀ ତହସିଲ୍‌ର ବଉଳସିଂହା ଗ୍ରାମରେ ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍ (ବିପିସିଏଲ୍) ପକ୍ଷରୁ ଦ୍ୱିତୀୟ ପୀଢିର ବାୟୋ ରିଫାଇନେରି ସ୍ଥାପନ ହେବାକୁ ଯାଉଛି। ୧୦ ଅକ୍ଟୋବର ଦିନ ଏହାର ଭିତ୍ତି ପ୍ରସ୍ତର ସ୍ଥାପନ ହେବ। ରାଜ୍ୟପାଳ ଗଣେଶି ଲାଲ, କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପସ୍ଥିତ ରହି ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ସ୍ଥାନୀୟ ଏକ ହୋଟେଲରେ ବିପିସିଏଲ୍ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଏହାର ବାୟୋଫୁଏଲ ସିଜିଏମ୍, ସଞ୍ଜୀବ ପଲ୍ ଏହି ସୂଚନା ଦେଇଛନ୍ତି। ନଡାକୁ ବ୍ୟବହାର କରି ଉକ୍ତ ପ୍ଲାଣ୍ଟରେ ଇଥାନଲ୍ ପ୍ରସ୍ତୁତ କରାଯିବାକୁ ଲକ୍ଷ୍ୟ ରହିଛି। ପ୍ରଥମ ରାଜ୍ୟ ଭାବେ ଓଡିଶାରେ ଏଭଳି ପ୍ଲାଣ୍ଟ ସ୍ଥାପନ ନେଇ କମ୍ପାନୀର ଯୋଜନା ରହିଛି। ଉକ୍ତ ୟୁନିଟରେ ବାର୍ଷିକ ୩ କୋଟି ଲିଟରର ଗ୍ରେଡ୍ ଇଥାନଲ୍ ଉତ୍ପାଦନ ହେବ। ଏହାକୁ ପେଟ୍ରୋଲ ସହ ମିଶ୍ରଣ ନେଇ ମଧ୍ୟ ଯୋଜନା ଧାର୍ଯ୍ୟ ହୋଇଛି।

ରିଫାଇନେରୀ ସ୍ଥାପନ ଲାଗି ୧୦୦୦ କୋଟି ଟଙ୍କାର ନିବେଶ ହେଉଛି। ଏଥିରେ ପ୍ରତ୍ୟକ୍ଷ ତଥା ପରୋକ୍ଷ ଭାବେ ୧୨୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ୧୨ ରାଜ୍ୟରେ ଏଭଳି ୟୁନିଟ୍ ସ୍ଥାପନ କରିବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ୟୁନିଟ୍ ଗୁଡିକ ଦେଶର ପ୍ରମୁଖ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡିକ ସ୍ଥାପନ କରିବେ। ଏହା ମଧ୍ୟରେ ବିପିସିଏଲ୍ ୩ ୟୁନିଟ୍ ସ୍ଥାପନ କରିବ, ଯାହାର ପ୍ରଥମ ୟୁନିଟ ବରଗଡରେ ସ୍ଥାପନ ହେଉଛି। ୟୁନିଟ୍ ଲାଗି କଞ୍ଚାମାଲ ଭାବେ ବ୍ୟବହୃତ ଧାନର ନଡା ବରଗଡ ଜିଲାର ଭଟଲୀ, ସୋହେଲା, ଅତାବିରା, ବୁର୍ଲା, ଅମ୍ବାଭୋନା, ଲକ୍ଷନପୁର ଭଳି ସ୍ଥାନଗୁଡିକରୁ ସଂଗ୍ରହ କରିବାକୁ ଯୋଜନା ରହିଛି।

ପେଟ୍ରୋଲ ଉପରେ ନିର୍ଭରଶୀଳତା କମାଇବା ଲକ୍ଷ୍ୟରେ ସରକାର ଏଭଳି ପଦକ୍ଷେପ ହାତକୁ ନେଉଛନ୍ତି। ଜାତୀୟ ବାୟୋଫୁଏଲ୍ ନୀତି ମୁତାବକ ୨୦୩୦ ସୁଦ୍ଧା ପେଟ୍ରୋଲରେ ଇଥାନଲ୍ ମିଶ୍ରଣ ହାରକୁ ୨୦%କୁ ନେବାକୁ ଲକ୍ଷ୍ୟ ରହିଛି। ବର୍ତ୍ତମାନ ଏହାର ପରିମାଣ ୩ରୁ୪% ରହିଛି। ବରଗଡରେ ହେବାକୁ ଥିବା ୟୁନିଟ ଲାଗି ପ୍ରାଜ୍ ଇଣ୍ଡଷ୍ଟ୍ରିଜ ଟେକ୍ନୋଲୋଜି ଯୋଗାଇବ। ଏଭଳି କ୍ଷେତ୍ରରେ ବିପିସିଏଲ୍ ମୁମ୍ବାଇସ୍ଥିତ ଆଇସିଟି ସହ ମିଳିତ ହୋଇ କାର୍ଯ୍ୟପନ୍ଥା ଗ୍ରହଣ କରୁଥିବା ବିପିସିଏଲ୍‌ର ଓଡିଶା, ଝାଡଖଣ୍ଡ ରିଟେଲ ହେଡ୍ ଦେବାଶିଷ ପାଲିତ ସୂଚନା ଦେଇଛନ୍ତି। କମ୍ପାନୀର ରାଜ୍ୟରେ ବର୍ତ୍ତମାନ ୪୩୨ ପେଟ୍ରୋଲ ପମ୍ପ ରହିଛି। ସିଏନ୍‌ଜିର ଚାହିଦା ବଢୁଥିବାରୁ ରାଜ୍ୟରୁ ଅଧିକ ସିଏନ୍‌ଜି ଷ୍ଟେଶନ ସ୍ଥାପନ ଲାଗି ଲକ୍ଷ୍ୟ ରହିଥିବା ସେ ସୂଚନା ଦେଇଛନ୍ତି। କମ୍ପାନୀ ଭୁବନେଶ୍ୱରରେ ୨ ଏବଂ କଟକ-ଭୁବନେଶ୍ୱର ମଧ୍ୟବର୍ତ୍ତୀ ସ୍ଥାନରେ ଗୋଟିଏ ସିଏନ୍‌ଜି ଷ୍ଟେଶନ ସ୍ଥାପନ କରିଛି। ଆଗାମୀ ଦିନରେ ପ୍ରାୟ ୮ ଷ୍ଟେଶନ ସ୍ଥାପନ ଲାଗି ଗେଲ୍‌କୁ ସର୍ଭେ ଲାଗି କୁହାଯାଇଛି। ରାଜ୍ୟରେ ମାସିକ ପ୍ରାୟ ୪୮ ହଜାର ଲିଟରର ସିଏନ୍‌ଜି ବ୍ୟବହାର ହେଉଥିବା ସେ କହିଛନ୍ତି। କାର୍ଯ୍ୟକ୍ରମ ଅବସରରେ ଡିଜିଏମ୍ ଏସ୍. ଏସ୍. ସୁନ୍ଦରରାଜନ ପ୍ରମୁଖ ଉପସ୍ଥିତ ଥିଲେ।

# ଉତ୍ପାଦନ କ୍ଷମତା ବଢାଇବ ହୋଣ୍ଡା ଟୁହ୍ୱିଲର୍ସ ଇଣ୍ଡିଆ

**ଭୁବନେଶ୍ୱର,୭-୧୦**



ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ (ଏଚ୍‌ଏମ୍‌ଏସ୍‌ଆଇ) ଏହାର ଚତୁର୍ଥ କାରଖାନାର ଉତ୍ପାଦନ କ୍ଷମତା ବୃଦ୍ଧି କରିବା ସମ୍ପର୍କରେ ଘୋଷଣା କରିଛି। ଗୁଜରାଟର ଅହମ୍ମଦାବାଦସ୍ଥିତ ଭିଠଲପୁର ଅଞ୍ଚଳରେ ଥିବା କାରଖାନାକୁ ୨୦୧୬ ଫେବୃୟାରୀରେ ଶୁଭାରମ୍ଭ କରାଯାଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ଉକ୍ତ ପ୍ଲାଣ୍ଟର ଉତ୍ପାଦନ କ୍ଷମତା ୦.୬ ନିୟୁତ ରହିଥିଲା। ୨୦୧୬ ଜୁନରେ ଏହାର କ୍ଷମତାକୁ ବୃଦ୍ଧି କରି ୧.୨ ନିୟୁତ କରାଯାଇଥିଲା। ଏହି ୟୁନିଟରେ କମ୍ପାନୀ ୬୩୦ କୋଟି ଟଙ୍କା ବିନିଯୋଗରେ ଏକ ନୂଆ ଉତ୍ପାଦନ ଲାଇନ ସ୍ଥାପନ କରିଛି। ଉକ୍ତ ପଦକ୍ଷେପ ଦ୍ୱାରା ୟୁନିଟର ଉତ୍ପାଦନ କ୍ଷମତା ୦.୬ ନିୟୁତ ବୃଦ୍ଧି ଘଟିବ। ୨୦୨୦ ସୁଦ୍ଧା ଉକ୍ତ ୟୁନିଟର ମୋଟ ଉତ୍ପାଦନ କ୍ଷମତା ୧.୮ ନିୟୁତରେ ପହଞ୍ଚିବ। ଏହି ସମ୍ପ୍ରସାରଣ ଦ୍ୱାରା ହୋଣ୍ଡା ଟୁହ୍ୱିଲର୍ସ ଇଣ୍ଡିଆର କ୍ଷମତା ୭ ନିୟୁତରେ ପହଞ୍ଚିବ। ବିଗତ ବର୍ଷଗୁଡିକରେ କମ୍ପାନୀ ପକ୍ଷରୁ ନିବେଶ ଏବଂ ସମ୍ପ୍ରସାରଣ ଧାରା ଜାରି ରହିଛି। ନୂଆ ପଦକ୍ଷେପ ଦ୍ୱାରା ସେବା ଯୋଗାଣ ଧାରା ଆହୁରି ତ୍ୱରାନ୍ୱିତ ହେବ ବୋଲି ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ସଭାପତି ଓ ସିଇଓ ମିନୋରା କାଟୋ ସୂଚନା ଦେଇଛନ୍ତି।

# ଆସିଲା ଅଲ୍ ନ୍ୟୁ ରେନୋ ଆପ୍

**ଭୁବନେଶ୍ୱର,୭-୧୦**



ପ୍ରମୁଖ ଅଟୋମୋବାଇଲ ବ୍ରାଣ୍ଡ ରେନୋ ପକ୍ଷରୁ ଅତ୍ୟାଧୁନିକ ରେନୋ ଆପ୍‌ର ଉନ୍ମୋଚନ ହୋଇଛି। ଏହା ଗ୍ରାହକଙ୍କୁ ନୂଆ ପ୍ଲାଟଫର୍ମ ପ୍ରଦାନ କରିବା ସହ ବ୍ରାଣ୍ଡ ସହ ଯୋଡି ରଖିବାକୁ ବିଶେଷ ଭାବେ ସହାୟକ ହେବ ବୋଲି କମ୍ପାନୀ ପ୍ରକାଶ କରିଛି। ଉଭୟ ଆଣ୍ଡ୍ରଏଡ୍ ଏବଂ ଆଇଓଏସ୍ ପ୍ଲାଟଫର୍ମରେ ଏହା ଉପଲବ୍ଧ ହେଉଛି। ଉକ୍ତ ଆପ୍‌ରେ ୯୦ରୁ ଅଧିକ ଆକର୍ଷଣୀୟ ଏବଂ ଅଭିନବ ବୈଶିଷ୍ଟ୍ୟ ଗ୍ରାହକ ଲାଭ କରିପାରିବେ। ଏହା ଦ୍ୱାରା ରେନୋର ଆକର୍ଷଣୀୟ ରେଞ୍ଜର ଡଷ୍ଟର, କ୍ୱିଡ୍, ଲଜି, କ୍ୟାପଚରକୁ ଅନ୍ୱେଷଣ ତଥା ସେଗୁଡିକର କାର୍ଯ୍ୟକାରିତା ସମ୍ପର୍କରେ ଜାଣିବା ଲାଗି ବିଶେଷ ଭାବେ ସହାୟକ ହେବ। ନୂଆ କାର ଅନୁସନ୍ଧାନ ଦାଖଲ ଓ ଅଗ୍ରାଧିକାର ରେନଲ୍ଟ ଡିଲରଙ୍କ ସହ କାର ବୁକିଂ ଭଳି ଅନ୍ୟାନ୍ୟ ପ୍ରମୁଖ ବୈଶିଷ୍ଟ୍ୟ ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ସାମ୍‌ସଙ୍ଗର ଗାଲାକ୍ସି ଏସ୍୯ ପ୍ଲସ୍, ନୋଟ୍ ୯

**ଗୁରୁଗ୍ରାମ,୭-୧୦**




ପ୍ରମୁଖ ସ୍ମାର୍ଟଫୋନ୍ ବ୍ରାଣ୍ଡ ସାମ୍‌ସଙ୍ଗ ବଜାରକୁ ଆଣିଛି ନୂଆ ଗାଲାକ୍ସି ଏସ୍ ୯ ଏବଂ ଗାଲାକ୍ସି ନୋଟ୍ ୯। ପାର୍ବଣକୁ ଧ୍ୟାନରେ ରଖି କମ୍ପାନୀ ଏହି ପଦକ୍ଷେପ ଗ୍ରହଣ କରିଛି। ଗାଲାକ୍ସି ଏ୯ ବରଗଣ୍ଡି ଲୋହିତ ଏବଂ ଗାଲାକ୍ସି ନୋଟ୍ କ୍ଲାସି ଲାଭେଣ୍ଡର ପର୍‌ପଲ ରଙ୍ଗରେ ଉପଲବ୍ଧ। ଏହା ଗ୍ରାହକଙ୍କ ଦ୍ୱାରା ବିଶେଷ ଭାବେ ଆଦୃତ ହେବ ବୋଲି କମ୍ପାନୀ ଆଶାବାଦୀ ରହିଛି। ପାର୍ବଣ ସମୟରେ ଏହା ଗ୍ରାହକଙ୍କ ଚାହିଦା ପୂରଣ ଦିଗରେ ସହାୟକ ହେବ ବୋଲି ସାମ୍‌ସଙ୍ଗ ଇଣ୍ଡିଆ ମୋବାଇଲ ବ୍ୟବସାୟ ଜେନେରାଲ ମ୍ୟାନେଜର ଆଦିତ୍ୟ ବବର କହିଛନ୍ତି। ଗାଲାକ୍ସି ଗ୍ରାହକ ମାନେ ଗାଲାକ୍ସି ଘଡି କ୍ରୟରେ ଅଫର ପ୍ରାଇସ୍ ଦ୍ୱାରା ଏହା ୯୯୯୯ ଟଙ୍କାରେ ଉପଲବ୍ଧ ହେବ। ଯାହାର ପ୍ରକୃତ ମୂଲ୍ୟ ୨୪,୯୯୯ ଟଙ୍କା। ଏହି ପ୍ରଡକ୍ଟଗୁଡିକୁ ଗ୍ରାହକ ଏଚ୍‌ଡିଏଫ୍‌ସି କାର୍ଡ ଓ ପେଟିଏମ୍ ମଲ୍‌ରେ କ୍ରୟ କଲେ ୬,୦୦୦ ଟଙ୍କା ଫେରିପାଇବେ। ଏହା ଅପ୍‌ଗ୍ରେଡେଶନ୍ ଅଫରରେ ମଧ୍ୟ ବଜାରରେ ଉପଲବ୍ଧ।

# ନ୍ୟୁଟ୍ରିଲାଇଟର ପ୍ରୋଟିନ୍ ଫର୍ ଚିଲଡ୍ରେନ ଅଭିଯାନ

**ଭୁବନେଶ୍ୱର,୭-୧୦**




ଆମୱେ ଇଣ୍ଡିଆ ପକ୍ଷରୁ ପ୍ରୋଟିନ୍ ଫର୍ ଚିଲ୍‌ଡ୍ରେନ୍ ଅଭିଯାନ ଆରମ୍ଭ ହୋଇଛି। ଭାରତରେ ଅପପୁଷ୍ଟି ଏକ ବଡ ସମସ୍ୟା ହୋଇଥିବା ବେଳେ ୮୦% ଭାରତୀୟଙ୍କ ଖାଦ୍ୟରେ ପ୍ରୋଟିନ୍ ଅଭାବ ରହୁଥିବା ଭାରତୀୟ ମେଡିକାଲ ଗେଜେଟ୍‌ର ଏକ ସର୍ଭେ ରିପୋର୍ଟରେ ପ୍ରକାଶ ପାଇଛି। ୫୦% ଶିଶୁଙ୍କ ନିକଟରେ ପ୍ରୋଟିନ୍ ଅଭାବ ରହୁଥିବା ଜର୍ନାଲ ଅଫ୍ ଫ୍ୟାମିଲି ମେଡିଶିନ ଆଣ୍ଡ ପ୍ରାଇମେରି କେୟାର ପକ୍ଷରୁ ଏକ ନିବନ୍ଧରେ ପ୍ରକାଶ ପାଇଛି। ଶାରୀରିକ ବିକାଶକୁ ସହାୟତା କରିବା ଲାଗି ୫-୧୨ ବର୍ଷ ବୟସ୍କଙ୍କ ନିକଟରେ ପ୍ରୋଟିନର ଆବଶ୍ୟକତା ପାଖାପାଖି ଦୁଇଗୁଣ ବଢି ଯାଇଥାଏ। ପ୍ରୋଟିନ୍ ଫର୍ ଚିଲଡ୍ରେନ ଅଭିଯାନରେ କମ୍ପାନୀ ଏଭଳି ପ୍ରମୁଖ ପ୍ରସଙ୍ଗ ଉପରେ ଧ୍ୟାନ ଦେବ ବୋଲି ଆମୱେ ଇଣ୍ଡିଆର ମୁଖ୍ୟ ମାର୍କେଟିଂ ଅଧିକାରୀ ସୁଦୀପ ଶାହ ସୂଚନା ଦେଇଛନ୍ତି।




# ବାୟୋଡିଗ୍ରେଡବଲ୍ ପ୍ଲାଷ୍ଟିକ୍‌ର ଦିଗ୍‌ଦର୍ଶକ

ପ୍ରଫେସର ନାୟକ ଦେଶ ବିଦେଶର ବିଭିନ୍ନ ପତ୍ରପତ୍ରିକାରେ ଗବେଷଣାତ୍ମକ ସନ୍ଦର୍ଭ ଲେଖି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। କେବଳ ସେତିକି ନୁହେଁ, ସେ ବହୁ ପୁସ୍ତକ ରଚନା କରିଛନ୍ତି, ଯାହାକୁ ଅନ୍ତର୍ଜାତୀୟ ସ୍ତରରେ ଛପାଯାଇଛି ଏବଂ ତାଙ୍କ ନାମରେ ବହୁ ପେଟେଣ୍ଟ ରହିଛି। ଜଣେ ଗବେଷକ ଭାବେ ପଲିମର ସାଇନ୍ସ ଏବଂ ଇଞ୍ଜିନିୟରିଂରେ ସେ ନିଜର ଦକ୍ଷତା ପ୍ରଦର୍ଶନ କରିଛନ୍ତି। କମ୍ପୋଜିଟ୍ ମାଟେରିଆଲ, ବାୟୋଡିଗ୍ରେଡବଲ୍ ପ୍ଲାଷ୍ଟିକ୍, ସେଲ୍ୟୁଲାର ପ୍ଲାଷ୍ଟିକ୍, ଆଡେସିଭ୍ସ ଆଦି କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଗବେଷଣା ଶିଳ୍ପ ପ୍ରତିଷ୍ଠା ଓ ଏହାର ବ୍ୟବସାୟୀକରଣ ଦିଗରେ ନୂଆ ଦିଗ ଆଣିଛି। ବାୟୋଡିଗ୍ରେଡବଲ୍ ପ୍ଲାଷ୍ଟିକ୍ ଦିଗରେ ତାଙ୍କର ଗଭୀର ଅନୁଧ୍ୟାନ ଶିକ୍ଷା ଓ ଶିଳ୍ପ କ୍ଷେତ୍ରରେ ଏକ ଅଭୂତପୂର୍ବ ସମନ୍ୱୟ ସ୍ଥାପନ କରିପାରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଗବେଷଣାର ଫଳସ୍ୱରୂପ ଏକ୍ଷେତ୍ରରେ ବିଭିନ୍ନ ପ୍ରୋଟୋଟାଇପକୁ ଜନ୍ମ ଦେଇଛି ଓ ସ୍ୱଦେଶୀ ଉଦ୍ଭାବନକୁ ବାଟ କଢ଼ାଇଛି। ବାୟୋଡିଗ୍ରେଡବଲ୍ ପ୍ଲାଷ୍ଟିକ୍ କ୍ଷେତ୍ରରେ ତାଙ୍କର ଗବେଷଣା ବିଶ୍ୱର ବହୁ ବୈଜ୍ଞାନିକଙ୍କୁ ଅଧ୍ୟୟନ ଲାଗି ପଥ ଦେଖାଇଛି। ତାଙ୍କ ଅଧୀନରେ ୫୦ ଜଣ ଗବେଷକ ପିଏଚ.ଡି. ହାସଲ କରିଛନ୍ତି ଓ ୮୦ ଜଣ ଛାତ୍ରୀଛାତ୍ର ଏମ୍.ଟେକ୍/ଏମ୍.ଇ ସନ୍ଦର୍ଭ ସଂପୂର୍ଣ୍ଣ କରିପାରିଛନ୍ତି। ପ୍ରଫେସର ନାୟକ ବିଶ୍ୱର ବହୁ ଖ୍ୟାତିସମ୍ପନ୍ନ ବିଶ୍ୱବିଦ୍ୟାଳୟ ସହିତ ଜଡିତ ରହି ଫାକଲ୍ଟି/ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭାବବିନିମୟ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଆସିଛନ୍ତି।

ପ୍ଲାଷ୍ଟିକ୍ ଇଞ୍ଜିନିୟରିଂ ଏବଂ ଟେକ୍‌ନୋଲୋଜି କ୍ଷେତ୍ରରେ ପାଠ ପଢ଼ାଇବାରେ ପ୍ରଫେସର ନାୟକଙ୍କ ଦୀର୍ଘ ୩୩ ବର୍ଷର ଅଭିଜ୍ଞତା ରହିଛି। ଭାରତ ସରକାରଙ୍କ ଦକ୍ଷତା ବିକାଶ ମନ୍ତ୍ରଣାଳୟ ଅଧୀନରେ ଏନ୍‌ଏସ୍‌ଡିଏ ଢାଞ୍ଚାରେ ସେ ବହୁ ଟେକ୍‌ନିକାଲ, ଭୋକେଶନାଲ ଏବଂ ଦକ୍ଷତା ବିକାଶ ପାଠ୍ୟକ୍ରମ ପ୍ରସ୍ତୁତ କରିଛନ୍ତି। ଏହାକୁ ପଢ଼ି ବହୁ ଛାତ୍ରୀଛାତ୍ର କେମିକାଲ ଏବଂ ପେଟ୍ରୋକେମିକାଲ୍ କ୍ଷେତ୍ରରେ ନିଜର କ୍ୟାରିୟର ଗଢ଼ିଛନ୍ତି। ଜଣେ ଶିକ୍ଷାବିତ୍ ଭାବେ ସିପେଟ୍‌ରେ ପାଠ୍ୟକ୍ରମ ବ୍ୟବସ୍ଥାକୁ ସେ ସୁସଂଗଠିତ କରିପାରିଛନ୍ତି।

ମାଟେରିଆଲ ସାଇନ୍ସ,ସ୍କିଲ୍ ଟ୍ରେନିଂ ଆଣ୍ଡ୍ ପ୍ଲେସମେଣ୍ଟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ତାଙ୍କୁ ବହୁ ପୁରସ୍କାର ଆଣିଦେଇଛି। ଭାରତ ସରକାରଙ୍କ ପକ୍ଷରୁ ସେ ବହୁ ଥର ପୁରସ୍କୃତ ହୋଇଥିବା ବେଳେ ଜିଏନ୍‌ଏମ୍ ଫାଉଣ୍ଡେଶନ ତାଙ୍କୁ 'ଜିଏନ୍‌ଏମ୍ ଓରେଶନ ଆୱାର୍ଡ' ଦେଇଛି। ଉତ୍କଳ ବିଶ୍ୱବିଦ୍ୟାଳୟରୁ ସେ ଦେଶ ଗଠନରେ ଉଲ୍ଲେଖନୀୟ ଅବଦାନ ପାଇଁ ଅନରିସ୍ କଜା ବା ସମ୍ମାନଜନକ ଡକ୍ଟରେଟ ଉପାଧିରେ ବିଭୂଷିତ ହୋଇଛନ୍ତି। ସେହିପରି ପଲିମର ସାଇନ୍ସ ଆଣ୍ଡ ଟେକ୍‌ନୋଲୋଜି କ୍ଷେତ୍ରରେ ଅବଦାନ ପାଇଁ ଏସିଆନ୍ ପଲିମର ଆସୋସିଏଶନ ତାଙ୍କୁ ସାଇନ୍ସ ଆୱାର୍ଡରେ ସମ୍ମାନିତ କରିଛି। ୧୦ମ ବିଶ୍ୱ ଶିକ୍ଷା ସମ୍ମିଳନୀରେ ତାଙ୍କୁ ମଧ୍ୟ ଭାରତର ଶୀର୍ଷ ଉଚ୍ଚଶିକ୍ଷା ନେତୃତ୍ୱ ପୁରସ୍କାର ପ୍ରଦାନ କରାଯାଇଛି।

ପ୍ରଫେସର ନାୟକ ୧୬ଟି ବହି ଓ ୪୦୦ ଗବେଷଣାତ୍ମକ ସନ୍ଦର୍ଭ ଲେଖିଛନ୍ତି। ଏହି ଓଡ଼ିଆ ବୈଜ୍ଞାନିକ ୩୦ ବର୍ଷ ଧରି ସିପେଟ୍‌ରେ ୪୦ ପ୍ରକାର ପାଠ୍ୟକ୍ରମ ପ୍ରଚଳନ କରାଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ସେ ୫୧ଟି ପେଟେଣ୍ଟ ପାଇଁ ଆବେଦନ କରିଛନ୍ତି। ତନ୍ମଧ୍ୟରୁ ୨୨ଟିକୁ ଅନୁମୋଦନ ମିଳିସାରିଛି। ୩୦ ପ୍ରକାର ପଲିମର ସାମଗ୍ରୀ ଡିଜାଇନ ପଞ୍ଜୀକରଣ ପାଇଁ ସାର୍ଟିଫାଏ କରାଯାଇଛି। ଏହାଛଡା ସେ ଇଣ୍ଟରନ୍ୟାଶନାଲ ଷ୍ଟାଣ୍ଡାର୍ଡ ଅର୍ଗାନାଇଜେଶନ(ଆଇଏସ୍‌ଓ)ର ସଦସ୍ୟ ରହିଛନ୍ତି। ପ୍ରଫେସର ନାୟକ ବର୍ତ୍ତମାନ ସିପେଟ୍‌ର ମହାନିର୍ଦ୍ଦେଶକ ତଥା ସିଇଓ ଭାବେ କାର୍ଯ୍ୟରତ।




ଛତିଶଗଡ଼ର ରାୟପୁରଠାରେ ମିନେରାଲ ରିସର୍ଜେନ୍ସ ସମିଟ ଅନୁଷ୍ଠିତ ହୋଇଯାଇଛି। ନାଲକୋ ଅଧ୍ୟକ୍ଷ ତଥା ସିଆଇଆଇ ମାଇନିଂ ଆଣ୍ଡ ମିନେରାଲ୍‌ସ କମିଟି (ପୂର୍ବାଞ୍ଚଳ) ଅଧ୍ୟକ୍ଷ ଡ. ତପନ କୁମାର ଚାନ୍ଦ ଏଠାରେ ଅନୁଗୋଳ ଆଲୁମିନିୟମ୍ ପାର୍କ ଉପରେ ଗୁରୁତ୍ୱାରୋପ କରିଛନ୍ତି।

# ଏସ୍‌ବିଆଇ-ଆପୋଲୋ କାର୍ଡ ଉନ୍ମୋଚିତ

**ଭୁବନେଶ୍ୱର,୭-୧୦**




ଆପୋଲୋ ହସ୍ପିଟାଲ ଗ୍ରୁପ ଏବଂ ଏସ୍‌ବିଆଇ କାର୍ଡ ପକ୍ଷରୁ ଏସ୍‌ବିଆଇ-ଆପୋଲୋ କାର୍ଡ ଉନ୍ମୋଚିତ ହୋଇଛି। ଦୁଇ ସଂସ୍ଥାର ମିଳିତ ପ୍ରୟାସରେ ଏହି କାର୍ଡକୁ ଆରମ୍ଭ କରାଯାଇଛି। ହେଲଥ୍‌କେୟାର ସେଗ୍‌ମେଣ୍ଟରେ ପ୍ରଥମଥର ଲାଗି ଆରମ୍ଭ କରାଯାଇଛି। ପରିବାରର ସ୍ୱାସ୍ଥ୍ୟ ଆବଶ୍ୟକତାକୁ ପୂରଣ କରିବା ଲାଗି ଏଭଳି ଏକ ପ୍ରଡକ୍ଟକୁ ଡିଜାଇନ୍ କରାଯାଇଛି। ଏହି ଚୁକ୍ତି ଦ୍ୱାରା କାର୍ଡଧାରୀମାନେ ଆପୋଲୋ ହେଲ୍‌ଥ କେୟାର ସିଷ୍ଟମରେ ବିଭିନ୍ନ ସେବା ଲାଭ ସମୟରେ ଉକ୍ତ କାର୍ଡର ବ୍ୟବହାର କରିପାରିବେ। ଉକ୍ତ କାର୍ଡ ଦ୍ୱାରା ଗ୍ରାହକଙ୍କୁ ବିଭିନ୍ନ ରିହାତି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ୱେଲ୍‌ନେସ୍ ଏବଂ ହେଲଥକେୟାର ସେଗ୍‌ମେଣ୍ଟରେ ଗ୍ରାହକଙ୍କୁ ମୂଲ୍ୟଯୁକ୍ତ ସେବା ପ୍ରଦାନ ଦିଗରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ଏସ୍‌ବିଆଇ ଅଧ୍ୟକ୍ଷ ରଜନୀଶ କୁମାର କହିଛନ୍ତି। ଏହି ଚୁକ୍ତି ଦ୍ୱାରା ଆମେ ଆନନ୍ଦିତ ବୋଲି ଆପୋଲୋ ହସ୍ପିଟାଲ୍ସ ଏଣ୍ଟରପ୍ରାଇଜେସ ଲିମିଟେଡର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ସୋବାନା କାମିନେନି ସୂଚନା ଦେଇଛନ୍ତି।



ସବୁ ଧର୍ମ ସମାନ। ଯେ ଯାହା ଧର୍ମରେ ଥାଇ ବ୍ୟାକୁଳ ଭାବେ ଈଶ୍ୱରଙ୍କୁ ଡାକିଲେ ସେ ନିଶ୍ଚୟ ମନୋବାଞ୍ଛା ପୂର୍ଣ୍ଣ କରିବେ। ଭଗବାନ ଶିଶୁ ପରି ସରଳ, କୌଣସି କପଟ ମନରେ ଥିଲେ ତାଙ୍କୁ ପାଇବା ଅସମ୍ଭବ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ସ୍ୱାମୀଙ୍କ ଠେଙ୍ଗା ମାଡ଼ରେ ସ୍ତ୍ରୀ ଲହୁଲୁହାଣ

ସଜନାଗଡ଼, ୭।୧୦ (ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ଥାନା ଓଲଡ଼ଙ୍ଗ ଗ୍ରାମର ପ୍ରତିମା ସାହୁଙ୍କୁ ଯୌତୁକ ପାଇଁ ଆକ୍ରମଣ ଅଭିଯୋଗରେ ପୋଲିସ ତାଙ୍କ ସ୍ୱାମୀ ଅଜିତ୍ ସାହୁଙ୍କୁ ଗିରଫ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ୧୦ ବର୍ଷ ପୂର୍ବେ ସେମାନଙ୍କର ବିବାହ ହୋଇଥିଲା। ବିବାହ ସମୟରେ ସୁନା, ରୁପା ଅଳଙ୍କାର ଓ ନଗଦ ୪୦ହଜାର ଟଙ୍କା ଦିଆଯାଇଥିଲା। ବିବାହର ୬ମାସ ପରେ ପ୍ରତିମାଙ୍କ ପ୍ରତି ମାନସିକ ଏବଂ ଶାରୀରିକ ନିର୍ଯାତନା ଆରମ୍ଭ ହୋଇଥିଲା। ପ୍ରତିମା ମୁଣ୍ଡପାତି ସବୁ ସହିଯାଉଥିଲେ। ହେଲେ ଶନିବାର ଏହି ଅତ୍ୟାଚାର ସୀମା ଟପି ଯାଇଥିଲା। କୌଣସି କାରଣ ନ ଥାଇ ଅଜିତ୍ ଏକ ଠେଙ୍ଗାରେ ପ୍ରତିମାଙ୍କୁ ପିଟିଥିଲେ। ଏ ସମ୍ପର୍କରେ ପ୍ରତିମା ଭାଇ ଅଜୟଙ୍କୁ ଜଣାଇବା ପରେ ସେ ରବିବାର ନୀଳଗିରି ଥାନାରେ ଅଭିଯୋଗ କରିଥିଲେ। ନୀଳଗିରି ପୋଲିସ ଅଜୟଙ୍କୁ ନେଇ ପ୍ରତିମା ପାଖରେ ପହଞ୍ଚି ସମସ୍ତ ଖବର ଜାଣିବା ପରେ ଅଜିତ୍‌ଙ୍କୁ ଗିରଫ କରିଥିଲା। ବିବାହ ସମୟରେ ଦିଆଯାଇଥିବା ସମସ୍ତ ଆସବାବପତ୍ର, ଗୋଟିଏ ସୁନା ଚେନ୍ ଏବଂ ଦୁଇଟି ମୁଦିକୁ ପୋଲିସ ପ୍ରତିମା ବାପଘର ଲୋକଙ୍କୁ ଜିମା ଦେଇଥିଲା। ଅବଶିଷ୍ଟ ସୁନା ଅଳଙ୍କାର ଅଜିତ୍ ବିକ୍ରି କରିଦେଇଥିବା ସ୍ତ୍ରୀ ପ୍ରତିମା କହିଛନ୍ତି। ଏ ନେଇ ନୀଳଗିରି ଥାନାରେ ମାମଲା (ନଂ. ୨୩୫/୧୮) ରୁଜୁ କରାଯାଇଛି। ଅଜିତ୍ ଏକ କଲେଜରେ ପିଅନ ଭାବେ କାର୍ଯ୍ୟ କରନ୍ତି।

# ସୁପ୍ରିମକୋର୍ଟରେ ରିଭ୍ୟୁ ପିଟିଶନ କରିବେ ସରକାର

ଭୁବନେଶ୍ୱର,୭।୧୦(ବ୍ୟୁରୋ)

ପୌର ନିର୍ବାଚନକୁ ନେଇ ସରକାର ଅଡୁଆରେ ପଡିଛନ୍ତି। ସୁପ୍ରିମକୋର୍ଟରୁ ପରାଜିତ ହେବା ପରେ ସରକାର ପୁଣି ରିଭ୍ୟୁ ପିଟିଶନ ଦାଖଲ କରିବାକୁ ଯାଉଛନ୍ତି। ଏ ନେଇ ଆଇନ ବିଭାଗ ସହ ବିଚାର ବିମର୍ଶ ଜାରିରହିଛି। ଖୁବ୍‌ଶୀଘ୍ର ସରକାର ସୁପ୍ରିମକୋର୍ଟରେ ରିଭ୍ୟୁ ପିଟିଶନ ଦାଏର କରିବେ ବୋଲି ଜଣାପଡିଛି। ସମ୍ବିଧାନର ଅନୁଚ୍ଛେଦ ୨୪୩(ଟି)ରେ ଉଲ୍ଲେଖ କରାଯାଇଛି ଯେ ଜନସଂଖ୍ୟା ଆଧାରରେ ସ୍ଥାନ ସଂରକ୍ଷଣ କରାଯାଇ ପାରିବ। ଅନୁସୂଚିତ ଅଞ୍ଚଳ ପାଇଁ ଏହା ପ୍ରଯୁଜ୍ୟ। ପଞ୍ଚାୟତ (ଏକ୍ସଟେନ୍‌ଶନ ଟୁ ସିଡ୍ୟୁଲଡ ଏରିଆ) ଆକ୍ଟ ୧୯୯୬ରେ ମଧ୍ୟ ଅନୁସୂଚିତ ଜାତି ଓ ଜନଜାତିଙ୍କ ବିକାଶ ପାଇଁ ଏଭଳି ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ଏହି ଆଇନ ବଳରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ମଧ୍ୟ କରାଯାଇ ପାରିବ। ଏ ସବୁକୁ ଟିକିନିକି କରି ଯାଞ୍ଚ କରାଯାଉଛି। ରାଜ୍ୟ ସରକାର ନିଜର ପକ୍ଷ ରଖିବା ପାଇଁ ଦୃଢ଼ ପ୍ରମାଣ

**ପୌର ନିର୍ବାଚନ ସ୍ଥାନ ସଂରକ୍ଷଣ ପ୍ରସଙ୍ଗ**

ଯୋଗାଡ କରି ରିଭ୍ୟୁ ପିଟିଶନ ଦାଲଖ କରିବେ ବୋଲି ନଗର ଉନ୍ନୟନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ଅନ୍ୟ ପକ୍ଷରେ ସମ୍ବିଧାନ ବିଶେଷଜ୍ଞଙ୍କ କହିବା କଥା ହେଲା ସୁପ୍ରିମକୋର୍ଟଙ୍କ ରାୟ ପରେ ରାଜ୍ୟ ସରକାରଙ୍କ ପାଖରେ ମାତ୍ର ଦୁଇଟି ବିକଳ୍ପ ରହିଛି। ପ୍ରଥମତଃ ରାଜ୍ୟ ସରକାର ରାୟ ବିରୋଧରେ ପୁଣି ଥରେ ସୁପ୍ରିମକୋର୍ଟରେ ରିଭ୍ୟୁ ପିଟିଶନ ଦାଖଲ କରିପାରିବେ। ଅନ୍ୟଟି ହେଲା ସରକାରଙ୍କୁ ଓଡିଶା ପୌର ପରିଷଦ ଆଇନ ଏବଂ ଓଡିଶା ମହାନଗର ନିଗମ ଆଇନକୁ ସଂଶୋଧନ କରିବାକୁ ହେବ। ମିଳିଥିବା ସୂଚନା ଅନୁଯାୟୀ ଆଇନ ସଂଶୋଧନ ପାଇଁ ବିଭାଗ ପ୍ରସ୍ତୁତି ଶେଷ କରିସାରିଲାଣି। କ୍ୟାବିନେଟ ଅନୁମୋଦନ ପରେ ଏହାକୁ ଆସନ୍ତା ବିଧାନସଭା ଅଧିବେଶନରେ ସଂଶୋଧନ ପାଇଁ ଉପସ୍ଥାପନ କରାଯିବ। ଏଥିସହିତ ପୁଣିଥରେ ପୌର ପରିଷଦଗୁଡିକରେ ସୀମା ପୁନଃ ନିର୍ଦ୍ଧାରଣ ଓ ସ୍ଥାନ ସଂରକ୍ଷଣ କରିବାକୁ ପଡିବ। ଏ ସମସ୍ତ ପ୍ରକ୍ରିୟା ଶେଷ କରିବା ପାଇଁ ସରକାରଙ୍କୁ ଅତି କମ୍‌ରେ ଆହୁରି ୬ମାସରୁ ଉର୍ଦ୍ଧ୍ୱ ସମୟ ଲାଗିଯିବା ସମ୍ଭାବନା ରହିଛି।

ପଞ୍ଚାୟତିରାଜ ବିଭାଗ ପାଇଁ ଫସିଗଲା ନଗର ଉନ୍ନୟନ ବିଭାଗ। ପଞ୍ଚାୟତ ନିର୍ବାଚନରେ ସ୍ଥାନ ସଂରକ୍ଷଣକୁ ନେଇ ୨୦୧୩ରେ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ୨୦୧୭ରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଶେଷ ହୋଇଗଲା। ମାତ୍ର ମାମଲାର ଶୁଣାଣି ହୋଇ ପାରିଲା ନାହିଁ। ଇତି ମଧ୍ୟରେ ପୌର ନିର୍ବାଚନରେ ସ୍ଥାନ ସଂରକ୍ଷଣକୁ ନେଇ ୨୦ଟି ମାମଲା ହାଇକୋର୍ଟରେ ଦାଏର କରାଯାଇଥିଲା। ଏହି ମାମଲାର ଶୁଣାଣି ୨୦୧୮ରେ ହୋଇଥିଲା। ହାଇକୋର୍ଟ ସ୍ଥାନ ସଂରକ୍ଷଣ ୫୦ ପ୍ରତିଶତରୁ ଅଧିକ ହୋଇ ପାରିବ ନାହିଁ ରାୟ ଶୁଣାଇଲେ। କୋର୍ଟ ପଞ୍ଚାୟତିରାଜ ବିଭାଗ ସହ ସେହି ଏକା ରାୟରେ ନଗର ଉନ୍ନୟନ ବିଭାଗକୁ ମଧ୍ୟ ନିର୍ଦ୍ଦେଶ ଦେଇଦେଲେ। ୨୦୧୭ରେ ପଞ୍ଚାୟତ ନିର୍ବାଚନ ଶେଷ ହୋଇ ଯାଇଥିବାରୁ ପଞ୍ଚାୟତିରାଜ ବିଭାଗ ନିର୍ଦ୍ୱନ୍ଦ୍ୱରେ ରହିଥିବା ବେଳେ ନଗର ଉନ୍ନୟନ ବିଭାଗ ପୌର ନିର୍ବାଚନକୁ ନେଇ ଅଡୁଆରେ ଫସିଯାଇଛି। ନିର୍ବାଚନ ପାଇଁ ପ୍ରସ୍ତୁତି ଶେଷ କଲାବେଳକୁ କୋର୍ଟ ପ୍ରହାରରେ ଏକ ପ୍ରକାର ଅଚେତ ହୋଇଯାଇଛି। ନିର୍ବାଚନ କରିବାକୁ ହେଲେ ଓଡିଶା ମ୍ୟୁନିସିପାଲିଟି ଆକ୍ଟ ୧୯୫୦ ଏବଂ ଓଡିଶା ମହାନଗର ନିଗମ ଆଇନ ୨୦୦୩କୁ ସଂଶୋଧନ କରିବାକୁ ହେବ। କୌଣସି ପରିସ୍ଥିତିରେ ପୌର ପରିଷଦ ଓ ମହାନଗର ନିଗମଗୁଡିକରେ ଏସ୍‌ସି,ଏସ୍‌ଟି ଏବଂ ଓବିସିଙ୍କ ପାଇଁ ସ୍ଥାନ ସଂରକ୍ଷଣ ୫୦ ପ୍ରତିଶତ ଡେଇଁବ ନାହିଁ ବୋଲି ସେପ୍ଟେମ୍ବର ୨୮ ତାରିଖରେ ସୁପ୍ରିମକୋର୍ଟ ରାୟ ଶୁଣାଇଛନ୍ତି। ଫଳରେ ନିର୍ବାଚନ ନେଇ ରାଜ୍ୟ ସରକାର ଚଳାଇଥିବା ସମସ୍ତ ପ୍ରସ୍ତୁତି ଅକାମୀ ହୋଇଯାଇଛି।

# ଆନ୍ତଃରାଜ୍ୟ ଗାଡି ଚୋରି ର୍‍ୟାକେଟ ଠାବ

ନୂଆପଡା ଅଫିସ/ ଖରିଆରରୋଡ, ୭।୧୦ (ଡି.ଏନ.ଏ.)

ନୂଆପଡା ଜିଲା ଖରିଆରରୋଡ ଜୋଙ୍କ ଥାନା ପୋଲିସ ଏକ ଆନ୍ତଃ ରାଜ୍ୟ ଗାଡି ଚୋରି ର୍‍ୟାକେଟ ଠାବ କରିଛି । ଏମାନଙ୍କଠାରୁ ୬ଟି ଚୋରି ବାଇକ୍ ଜବତ କରାଯାଇଥିବାବେଳେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପଦାକୁ ଆସିଥିବା ଜୋଙ୍କ ଥାନାଧିକାରୀ ଯୁଗଳ କିଶୋର ମଲ୍ଲିକ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏଥିରେ ଦୁଇଜଣ

- ୨ କ୍ରେତାଙ୍କ ସମେତ ୪ ଗିରଫ
- ୬ ଚୋରି ବାଇକ ଉଦ୍ଧାର

ଚୋର ଛତିଶଗଡର ପ୍ରଦୀପ ମାଝି (୩୫), ଖରିଆରରୋଡର ନନ୍ଦ କୁମାର ଯାଦବ ଏବଂ ଅନ୍ୟ ୨ ବାଇକ୍ କ୍ରେତା ନୂଆପଡାର ସରଜୁ ଜଗତ(୩୭) ଓ ବଦ୍ରୁ ରାଉତ(୪୦) ଗିରଫ ହୋଇଛନ୍ତି ।



ଜବତ କରାଯାଇଥିବା ବାଇକ ସହ ଗିରଫ ଅଭିଯୁକ୍ତମାନେ ।

ରବିବାର ମଧ୍ୟାହ୍ନରେ ଥାନା କ୍ୟାମ୍ପସରେ ଆହୂତ ଖବରଦାତା ସମ୍ମିଳନୀରେ ମଲ୍ଲିକ ସୂଚନା ଦେଇ କହିଥିଲେ ଯେ, ଗତ ମାସ ୧୯ ତାରିଖରେ ଖରିଆରରୋଡ ସହରରୁ ଏକ ଜୁପିଟର ସ୍କୁଟିକୁ ଚୋରି କରି ନେଉଥିବା ବେଳେ ପ୍ରଦୀପଙ୍କୁ ପୋଲିସ କାବୁ କରିଥିଲା। ତାଙ୍କ ବିରୋଧରେ ଏକ ମାମଲା (ନଂ.୧୦୨/୧୮) ରୁଜୁ କରି ଜେରା କରିବା ପରେ ସବୁ ତଥ୍ୟ ପଦାକୁ ଆସିଥିଲା। ତାଙ୍କ ସୂଚନାକ୍ରମେ ଅଭିଯୁକ୍ତ ନନ୍ଦ କୁମାରଙ୍କୁ ପୋଲିସ ଗିରଫ କରିଥିଲା । ଅନ୍ୟ ଜଣେ ଅଭିଯୁକ୍ତ ଛତିଶଗଡର ମହାସମୁନ୍ଦ ଜେଲରେ ରହିଥିବା ପ୍ରକାଶ। ଏହି ଗାଡି ସବୁକୁ କିଣିଥିବା ମାମଲାରେ ଭଇଁଷମୁଣ୍ଡିର ସରଜୁ ଏବଂ ସାରାବଙ୍ଗର ବଦ୍ରୁଙ୍କୁ ମଧ୍ୟ ଗିରଫ କରାଯାଇଛି । ଏମାନଙ୍କୁ ରବିବାର ସନ୍ଧ୍ୟାରେ ନୂଆପଡା କୋର୍ଟକୁ ଚାଲାଣ କରାଯାଇଥିବା ଥାନାଧିକାରୀ ମଲ୍ଲିକ ସୂଚନା ଦେଇଛନ୍ତି । ବାଇକଗୁଡିକ ମଧ୍ୟରେ ୨ଟି ପେସନ ପ୍ରୋ, ୨ଟି ସ୍ପ୍ଲେଣ୍ଡର ପ୍ରୋ, ଗୋଟିଏ ଏଚଏଫ ଡିଲକ୍ସ ଏବଂ ଗୋଟିଏ ଜୁପିଟର ସ୍କୁଟି ରହିଛି ।


GOVERNMENT OF ODISHA, "e"- PROCUREMENT NOTICE

**OFFICE OF THE EXECUTIVE ENGINEER**
**KHARIAR (R&B) DIVISION, KHARIAR**
**E-mail: eeroads.khr@rediffmail.com**

**No. 2648** **Date: 06.10.2018**

No.699-B:- **Invitation For Bids**

**Bid Identification No. E.E. (RNB) KHARIAR-03/ 2018-19**

| | | |
|---|---|---|
| 1 | The Executive Engineer, Khariar (R&B) Division, Khariar on behalf of Governor of Odisha, invites percentage rate bids in **double cover system** in **ONLINE MODE** only. | |
| 2 | Nature of work | Building work. |
| 3 | No. of work | 1 Number Building Work |
| 4 | Tender Paper cost | Rs. 10,000/- to be remit online only |
| 5 | Class of Contractor | As specified in the notice for the respective Work. |
| 6 | Availability of Bid Documents in the website | From 10.00 hours of 12.10.2018 to 17.00 hours of 31.10.2018 |
| 7 | Date of opening of Technical Bid | Dt. 01.11.2018 at 11.30 hours |
| 8 | EMD/Bid Security | As specified in the notice to be remitted on line only |
| 9 | The Bidders shall have to participate in ONLINE bidding only. Further details can be seen from the website: https://www.tendersodisha.gov.in. Any addendum/ corrigendum/ cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

**Sd./- KK Panda**
**Executive Engineer,**
**Khariar (R&B) Division**

34062/11/0007/1819


# ଟ୍ରାକ୍ଟର-ଟ୍ରକ୍ ମୁହାଁମୁହିଁ, ଜଣେ ଆହତ

ରେଢ଼ାଖୋଲ,୭।୧୦(ଡି.ଏନ.ଏ.)

୫୫ ନମ୍ବର ଜାତୀୟ ରାଜପଥ ହିନ୍ଦୋଳ ଘାଟି ନିକଟରେ ରବିବାର ଅପରାହ୍ନ ସାଢ଼େ ୨ଟାରେ ଟ୍ରାକ୍ଟର ଓ ଟ୍ରକ୍ ମୁହାଁମୁହିଁ ହୋଇଛି। ଏଥିରେ ଟ୍ରକ୍ ଡ୍ରାଇଭର କଟକ ଅଞ୍ଚଳର ଏସ.କେ ରିଆଲ୍ ଆହତ ହୋଇଥିବା ଥାନାଧିକାରୀ ବସନ୍ତ କୁମାର ଦଳାଇ କହିଛନ୍ତି। ପୋଲିସ ସୂଚନାନୁଯାୟୀ, ଟ୍ରାକ୍ଟର (ନଂ ଓଆର ୦୩ ସି୨୨୨୫) ରେଢ଼ାଖୋଲ ଯାଉଥିବା ବେଳେ ସମ୍ବଲପୁରରୁ ଟ୍ରକ୍ (ନଂ ଅଡି ୦୪ ଏଚ ୫୭୩୭) ଆସୁଥିଲା। ଏହି ଦୁର୍ଘଟଣା ଯୋଗୁ ଜାତୀୟ ରାଜପଥରେ ପ୍ରାୟ ଏକ ଘଣ୍ଟା ଧରି ଗାଡିଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ଚାରମାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଚାରମାଳ ଡାକ୍ତରଖାନାକୁ ନେଇଥିଲା। ଦୁର୍ଘଟଣାଗ୍ରସ୍ତ ଗାଡ଼ିଦ୍ୱୟକୁ ହଟାଯିବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

### ଦୁର୍ଘଟଣାକୁ ନେଇ ରାସ୍ତା ଅବରୋଧ

ବାସୁଦେବପୁର, ୭।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର-ଧାମରା ରାସ୍ତାର ମଖଲପୁରଠାରେ ରବିବାର ଏକ ବାଇକ୍ ଜଣେ ବାଳକଙ୍କୁ ଧକ୍କା ଦେଇଥିଲା। ଏଥିରେ ସ୍ଥାନୀୟ ଲୋକେ ଉତ୍ତେଜିତ ହୋଇ ମଖଲପୁର ଛକଠାରେ ସକାଳ ୯ଟା ବେଳେ କିଛି ସମୟ ପାଇଁ ରାସ୍ତା ଅବରୋଧ କରିଥିଲେ। ଫଳରେ ଯାନ ଚଳାଚଳ ବନ୍ଦ ରହିଥିଲା। ଖବର ପାଇ ସ୍ଥାନୀୟ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ରାସ୍ତା ଅବରୋଧ ହଟାଇଥିଲା।

### ବସ୍ ଧକ୍କା: ଜଣେ ଗୁରୁତର

**କେନ୍ଦୁଝର, ୭।୧୦(ସ୍ୱ.ପ୍ର.):** ସଦର ଥାନା ବାଙ୍କମାରୁଣୀ ନିକଟ ୨୦ ନମ୍ବର ଜାତୀୟ ରାଜପଥରେ ରବିବାର ରାତି ଏକ ଘରୋଇ ଯାତ୍ରୀବାହୀ ବସ୍ ଧକ୍କାରେ ଜଣେ ସାଇକେଲ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ଘସିରାପାଟଣା ଗ୍ରାମର ମାପୁ ମୁଣ୍ଡା। ସେ ଘରକୁ ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିଲା। ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।


**ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ**
**ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ**
**ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା**

**ତା୦୯।୧୦।୨୦୧୮** **ସ୍ଥାନ- ଗୀତଗୋବିନ୍ଦ ସଦନ**

**ପ୍ରବନ୍ଧ ପ୍ରତିଯୋଗିତା ସମୟ - ପୂର୍ବାହ୍ନ ୧୦ ଘଟିକା**
୧- ପ୍ରଥମ ବର୍ଗ (ପଞ୍ଚମ ରୁ ସପ୍ତମ ଶ୍ରେଣୀ)
୨- ଦ୍ୱିତୀୟ ବର୍ଗ (ଅଷ୍ଟମ ରୁ ଦଶମ ଶ୍ରେଣୀ)
୩- ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

**ବକ୍ତୃତା ପ୍ରତିଯୋଗିତା ସମୟ- ପୂର୍ବାହ୍ନ ଘ.୧୧.୩୦ ମିନିଟ**
୧- ପ୍ରଥମ ବର୍ଗ (ପଞ୍ଚମ ରୁ ସପ୍ତମ ଶ୍ରେଣୀ)
୨- ଦ୍ୱିତୀୟ ବର୍ଗ (ଅଷ୍ଟମ ରୁ ଦଶମ ଶ୍ରେଣୀ)
୩- ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

- ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ ସେମାନେ ନିର୍ଦ୍ଧାରିତ ସମୟର ୧ ଘଣ୍ଟା ପୂର୍ବରୁ ଆସି ନାମ ପଞ୍ଜୀକରଣ କରାଇବେ।
- ପ୍ରତିଯୋଗିତା ଆରମ୍ଭର ୧ ଘଣ୍ଟା ପୂର୍ବରୁ ପ୍ରତିଯୋଗିତାର ଶୀର୍ଷକ ପ୍ରଦାନ କରାଯିବ।
- ପ୍ରତିଯୋଗିତା କେବଳ ଓଡ଼ିଆ ଭାଷାରେ ଅନୁଷ୍ଠିତ ହେବ।
- ପ୍ରବନ୍ଧ ପ୍ରତିଯୋଗିତା ପାଇଁ କାଗଜ ଯୋଗାଇ ଦିଆଯିବ। ପ୍ରତିଯୋଗୀମାନେ ସାଙ୍ଗରେ ପରିଚୟପତ୍ର / ପ୍ରଧାନ ଶିକ୍ଷକ / ପ୍ରଧାନ ଶିକ୍ଷୟିତ୍ରୀ / ଅଧକ୍ଷ / ଅଧକ୍ଷାଙ୍କ ଅନୁମତି ପତ୍ର ଆଣିବା ଆବଶ୍ୟକ।
- ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର ପ୍ରତ୍ୟେକ ବର୍ଗରୁ ତିନିଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ତା୦୯।୧୦।୨୦୧୮ରିଖ ସନ୍ଧ୍ୟା ଘ୬.୩୦ ମିନିଟ ସମୟରେ ଜୟଦେବ ଭବନଠାରେ ଅନୁଷ୍ଠିତ ସାଧାରଣସଭାରେ ପ୍ରଦାନ କରାଯିବ।

**ନିର୍ଦ୍ଦେଶକ**
**ସୂଚନା ଲୋକସମ୍ପର୍କ ବିଭାଗ**

DADLS-130
15001/13/0287/1819



**OFFICE OF THE EXECUTIVE ENGINEER**
**DEOGARH (R&B) DIVISION, DEOGARH**
**INVITATIONS FOR BIDS (IFB)**
No.702-B
**E-mail ID : eepwddeogarh@gmail.com**
**Lr. No.- 1736** **Dtd. 01.10.2018**

**Invitation for Bids**
**Bid Identification No. EE PWD DGR No. 09 of 2018-19**

| | | | |
|---|---|---|---|
| 1. | The Executive Engineer, Deogarh (R&B) Division, Deogarh, on behalf of Governor of Odisha, invites percentage rate bids in single/ double cover system in ONLINE MODE only, for Special Repair of Road works as detailed below. | | |
| 2. | Nature of work | : | Road works |
| 3. | No. of work | : | 17 Nos. |
| 4. | Bid Cost. | : | Rs. 6000/- to Rs.10,000/- |
| 5. | Class of Contractor | : | "D", "C", "B", "A" Class |
| 6. | Availability of Bid Documents in the website | : | From dt.09.10.2018 to 17:00 hours of dt.23.10.2018 |
| 7. | Date of Opening of Technical Bid | : | Dt .27.10.2018 at 11:30 AM. |
| 8. | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

**Sd/-Executive Engineer**
**Deogarh (R&B) Division**

34061/11/0007/1819



**Government of Odisha**
**"e"-Procurement Notice**
**OFFICE OF THE CHIEF ENGINEER,**
**MINOR IRRIGATION (ODISHA), BHUBANESWAR**
No.582-A
Phone / Fax : (0674) 2391525, Email : miorissa@yahoo.co.in

**INVITATION FOR BIDS (IFB)**
**Bid Identification No. 01/CEMI/2018-19**

| | | | |
|---|---|---|---|
| 1 | The Chief Engineer, Minor Irrigation (Odisha), Bhubaneswar on behalf of Governor of Odisha, Invites Percentage Rate Bids in Double Cover System in ONLINE MODE only, from the eligible Class of Contractors for Irrigation Work as detailed below. | | |
| 2 | Nature of Work | : | Irrigation Work |
| 3 | No. of Work | : | 1 No. |
| 4 | Tender Paper Cost | : | Rs. 10,000.00 (Payment to be made online only) |
| 5 | Class of Contractor | : | "A" Class & "Special" Class |
| 6 | Availability of Bid Document in the website | : | From 11.00 hours of Dt. 09.10.2018 to 17.00 hours of Dt. 08.11.2018 |
| 7 | Date of opening of Bid | : | Dt. 09.11.2018 at 11.30 hours |
| 8 | EMD / Bid Security | : | One percent of Value of Work put to Bid (Payment to be made online only) |
| 9 | Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website. | | |

**Sd./- Chief Engineer,**
**Minor Irrigation (O) Bhubaneswar**

32032/11/0002/1819



**GOVERNMENT OF ODISHA**
**Department of Higher Education**
No. 43-n

**ONLINE VALIDATION OF APPLICATIONS FOR "E-MEDHABRUTI" FOR THE YEAR 2018-19, (FRESH ) IN RESPECT OF STUDENTS OF SAMS / NON-SAMS INSTITUTIONS AND RENEWAL OF APPLICATIONS FOR THE YEAR 2018-19 FOR ALL CATEGORIES OF MERIT**

All the students studying at SAMS colleges are hereby informed that for awarding Jr. Merit and Sr. Merit for the year 2018-19 (Fresh), eligible student's data (those who have secured 60% or more marks) have been listed in the e-Space of the concerned colleges. Facility will be given at the college e-Space for uploading of relevant documents. The principal of the concern college need to log in the medhabruti portal for validation of the all displayed records as per the timeline. The students of SAMS colleges are hereby instructed to submit the following documents in the respective colleges where they are undergoing study.
1. Copy of Resident Certificate / HSC Certificate.
2. Copy of parental Annual Income Certificate issued by the competent Authority i.e. the Revenue officer not below the rank of Tahasildar or Addl. Tahasildar.
3. Mark sheets of last qualifying examination (HSC mark sheet for Jr. Merit / +2 / XII mark sheet for Sr. Merit).
4. Bank Account details of student concerned (First Page of Bank account containing account number and IFSC).

**Renewal Scholarship**
SAMS portal has been activated for online validation of renewal applications for the year 2018-19 at the level of Principal of both SAMS & Non-SAMS educational institutions in respect of all categories of merit i.e. Jr. Merit / Sr. Merit / P. G. Merit / Tech. & Prof. Merit. The following category of student records will be displayed in the concerned Principals log in for online validation.The students need not apply for renewal scholarship.

| Category | Selection Year | Renewal for 2018-19 |
|---|---|---|
| Jr. Merit | 2017-18 | 2nd yr. |
| Sr. Merit | 2016-17 | 3rd yr. |
| | 2017-18 | 2nd yr. |
| P. G. Merit | 2017-18 | 2nd yr. |
| Tech. & Prof. Merit and Special Girls Merit | 2014-15 | 5th yr. |
| | 2015-16 | 4th yr. |
| | 2016-17 | 3rd yr. |
| | 2017-18 | 2nd yr. |

The detail procedure to be followed by SAMS / Non-SAMS College is available in the website www.medhabruti.org for reference.
The concerned Principals of both SAMS and Non-SAMS educational institutions are requested to validate the student records within the timeline given below.

**SCHEDULED TIMELINE FOR ONLINE VALIDATION OF FRESH & RENEWAL MEDHABRUTI APPLICATIONS**

| | Activities | Scholarship Type | Time line | |
|---|---|---|---|---|
| **FOR FRESH** | | | | |
| SAMS Institutions (+2 and +3 colleges) | Submission of required documents by the students in the concerned colleges for uploading into the medhabruti portal | Jr. Merit / Sr.Merit | 07.10.2018 | 15.11.2018 |
| | Scrutiny and online validation by Principals | | 07.10.2018 | 15.11.2018 |
| Non-SAMS institutions( CBSE / ICSE affiliated schools, KVs /Institutions offering 3 years courses Universities/ PG colleges/ Tech. & Prof. Colleges/Medical Colleges and other such institutions) | Scrutiny and online validation by Principals/ Head of Institutions | Jr. Merit / Sr.Merit / P.G. Merit / Technical & Professional Merit | 07.10.2018 | 15.11.2018 |
| **FOR RENEWAL** | | | | |
| SAMS / Non-SAMS Institutions | Online validation by Principals / Head of Institutions | Jr. Merit / Sr. Merit / P.G. Merit / Technical & Professional Merit / Special Girls Merit | 09.10.2018 | 15.11.2018 |

NB: Online validation by Principal of Concerned Institutions is mandatory for getting scholarship by the eligible students.
***In case of any problem faced by the Institutes at the time of online validation, they may refer to FAQs available at home page of the website or take the help of Sanjog Helpline (Toll Free) No. 155335 / 18003456770 /or e-mail on emedhabruti1819@gmail.com.***

11001/11/0036/1819 **Sd./- Additional Secretary to Government**



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।

- ବ୍ୟାସଦେବ






## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା



ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ smbselfie@gmail.com ରେ ଆମର ସେଲ୍ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

## ସେଲ୍ଫି କର୍ନର



@ ମନୋଜ



@ ସୁରେନ୍ଦ୍ର



@ ଶୁଭାଶିଷ



@ ଯୋଗେଶ

**ସେଲ୍ଫି ଉଠାନ୍ତୁ ଆମକୁ ପଠାନ୍ତୁ**
smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ଶିଁକ୍ଲାରେ ବଁଧା ଜୀବନ୍

**ଜାମଟିକ୍ରା, ୭।୧୦(ଡି.ଏନ.ଏ)**

ବରଗଡ ଜିଲା ଅତାବିରା ବ୍ଲକ୍ ଟାଙ୍ଗରପାଲି ପଁନ୍‌ଚେତ ରେଙ୍ଗାଲପାଲି ଝୁମ୍ପୁଡିପଡାର ଅର୍ଜୁନ ବାଗ(୬୧)। ପରିବାର କହେଲେ ମାଏକିନା ବୃନ୍ଦାବତୀ, ଝି ଚନ୍ଦ୍ରକାନ୍ତୀ। ଅର୍ଜୁନ ତାକର ଗୁଟେ ବଲି ଝି ଚନ୍ଦ୍ରକାନ୍ତୀକେ ବରଗଡ ଜିଲା କମଗାଁ ପଁନ୍‌ଚେତ କରଲାଜୁରି ଗାଁର ବିକ୍ରମ ଭରାସାଗରକଁର ସଂଗେ ବିହା କରେଇଥିଲେ। ସବୁ ଠିକ୍‌ଠାକ୍ ଚାଲିଥିଲା, ବିକ୍ରମ ଆର ଚନ୍ଦ୍ରକାନ୍ତୀକଁର ଦୁଇ ଝି ଲିଲିମା ଆର କମଳିନୀ ଜନମ ହେଲେ। ତାରପରେ ବିକ୍ରମ କେହେନ୍‌ସି କାରନ୍‌ରୁ ମାନ୍‌ସିକ ରୋଗ୍‌ରେ ପଡି ମୁର୍‌ତୁବରନ୍ କଲେ। ଏନ୍‌ତାଥି ଚନ୍ଦ୍ରକାନ୍ତୀ ଶାଶ୍‌ଘର ଛାଡି ଦୁଇ ଝି'କେ ଧରି ବାପ୍ ଘରେ ଆଶ୍‌ରେ ନେଇଛନ୍। ଏହେଦେ ଚନ୍ଦ୍ରକାନ୍ତୀକଁର ବଡଖା ଝି ଲିଲିମା(୧୬) ମାନ୍‌ସିକ ରୋଗ୍‌ରେ ପିଡ଼ିତ୍ ଅଛନ୍। ଯେନ୍‌ଥିରଲାଗି ଲିଲିମାକଁର ଆଚାର ବେଭାରରେ ପରିବର୍‌ତନ୍ ଦେଖା



ହାତ୍‌ଗୋଡ ବଁଧା ହେଇଥିବାର ଅବସ୍‌ତାରେ ଲିଲିମା।

ଦେବାର ସଂଗେ ପରିବାର ଲୋକ୍ ଉପେ ଶୁଇନ୍ ତାକର ହାତ୍‌ଗୋଡ ଶିଁକ୍‌ଲାରେ ବାଁଧିକରି ରଖିଛନ୍। ଗଲା ୬ ବଛର ହେଲା ଲିଲିମା ଶିଁକ୍‌ଲା ବଁଧା ଜୀବନ୍ ବିତଉଛନ୍। ଅଭାବ ଅନାଟନ ସଂଗେ ଟଁକାର ପଏସାର ବଡ଼ଭାରି ଅଭାବ୍ ଲାଗି ପରିବାର ଲୋକ୍ ତାକର ଚିକିସ୍ୱା କରେଇ ନାଇଁ ପାରବାର। ଅର୍ଜୁନ ତାକର ପରିବାରର ଝନେ ବଲି ରୁଜ୍‌ଗାରିଆ ଲୋକ୍, ହେଲେ ଏହେଦେ ସେ ବୁଢ଼ା ହେଲେନ। ଆଘର ଲେଖେନ୍ କାମ୍‌ବୁତା କରି ନାଇଁ ପାରବାର, ଯାହା ବି କମଉଛନ୍ ସେଟା ପରିବାରକେ ନିହଁଟ୍। ଏନ୍‌ତାଥି ଲିଲିମାର ଚିକିସ୍ୱା କରାବାର ପରିବାର ଲାଗି ସାତ୍ ସପନ୍ ହେଇଛେ। ହେଲେ ବି ବାପ୍ ଉପରେ ଆଶ୍‌ରେ କରି ପରିବାର ଚଲବାର ସଂଗେ ଯେତ୍‌କି ହେଉଛେ ଲିଲିମାର ଚିକିସ୍ୱା କରୁଛନ୍। ହେଲେ ମାସିକ୍ ୭ଶହରୁ ଆରମ୍ କରି ଏହେଦେ ଚିକିସ୍ୱା ଖରଚ୍ ୮ରୁ ୧୦ ହଜାର ଟଁକାରେ ପୁହୁଁଚିଲାନ ବଲି ଚନ୍ଦ୍ରକାନ୍ତୀ କହିଛନ୍। ଇଆଡେ ଅର୍ଜୁନକେ ୬୦ ବଛର ଡେଗି ଯାଇଥିଲେ ବି ବୁଢ଼ାବୁଢ଼ୀ ଭତା ପାଏବାରୁ ବଁଚିତ ହେଇଛନ୍। ଚିକିସ୍ୱା ଲାଗି ଜିଲା ପର୍‌ଶାସନ କି କେହେନ୍‌ସି ସହୃଦ୍ ଲୋକ୍ ସାହାଯ୍‌ର ହାତ୍ ଲମାଲେ ମୋର ଝି ଲିଲିମା ଗୁଟେ ନୂଆଁ ଜୀବନ୍ ପାଏତା ବଲି ଚନ୍ଦ୍ରକାନ୍ତୀ କଁଦ୍‌କଁଦ୍‌ନିଆଁ ହେଇ କହିଛନ୍।

## ପୋଲିସ ସ୍କାନରରେ ୪୦ ଉଠା ଦୋକାନୀ

ପୁରୀ ଅଫିସ,୭।୧୦: ପୁରୀ ହିଂସା ଘଟଣାରେ ପୋଲିସ କଠୋର ଆଭିମୁଖ୍ୟ ଜାରି ରଖିଛି। ବିଭିନ୍ନ ସ୍ଥାନରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରୁଛି। ରବିବାର ସିଂହଦ୍ୱାରଠାରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ପର୍ଯ୍ୟନ୍ତ ବସିଥିବା ପ୍ରାୟ ୪୦ ଜଣ ଉଠାଦୋକାନୀଙ୍କୁ ପୋଲିସ ଥାନାକୁ ନେଇଥିଲା। ସେମାନଙ୍କୁ ପଚରା ଉଚରା କରିବା ସହ ସିସିଟିଭି ଫୁଟେଜକୁ ଯାଞ୍ଚ କରିଥିଲା। ପ୍ରାଥମିକ ତଦନ୍ତରେ ଠୋସ୍ ପ୍ରମାଣ ମିଳି ନ ଥିବାରୁ ଅପରାହ୍ନରେ ସେମାନଙ୍କୁ ଛାଡି ଦେଇଥିଲା। କିନ୍ତୁ ପୋଲିସ ସେମାନଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରିଛି। ବର୍ତ୍ତମାନ ସୁଦ୍ଧା ସବୁ ସିସିଟିଭି ଫୁଟେଜ, ଭିଡ଼ିଓ ଫୁଟେଜ ଓ ଫଟୋଗ୍ରାଫି ଯାଞ୍ଚ ସରି ନ ଥିବାରୁ ଏମାନେ ଏବେ ସ୍କାନରରେ ରହିଛନ୍ତି। ଯଦି ସିସିଟିଭି ଫୁଟେଜରେ ଏମାନଙ୍କ ସମ୍ପୃକ୍ତି ମିଳେ ତେବେ ଗିରଫ କରାଯିବ ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି।

■ ଡିସେମ୍ବର ଶେଷ ସୁଦ୍ଧା ଯୁକ୍ତ୨ ପରୀକ୍ଷା କେନ୍ଦ୍ରରେ ଲାଗିବ ସିସିଟିଭି

# ଖିଲାପ କଲେ ମିଳିବନି ଅନୁମତି

**ଭୁବନେଶ୍ୱର, ୭।୧୦(ବ୍ୟୁରୋ)**

ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ଶିକ୍ଷାର ୨୦୧୯ ବାର୍ଷିକ ପରୀକ୍ଷାରେ ସଂସ୍କାର ଆସିବ। ପୂର୍ବ ବର୍ଷଗୁଡିକ ପରି ଆଉ ଛାତ୍ରୀଛାତ୍ର ପରୀକ୍ଷା ହଲ୍‌ରେ କପି କରିପାରିବେ ନାହିଁ। ହଲ୍‌ରେ କପିକୁ କଡ଼ାକଡ଼ି ଭାବେ ରୋକିବା ପାଇଁ ଚଳିତ ବର୍ଷଠାରୁ ସମସ୍ତ ପରୀକ୍ଷା କେନ୍ଦ୍ରଗୁଡିକରେ ସିସିଟିଭି କ୍ୟାମେରା ଲାଗିବ। ସିସିଟିଭିର ହାର୍ଡଡିସ୍କ ସହିତ ରିମୋଟ୍ ସଂଯୋଗ କରାଯାଇ ସିଏଚ୍‌ଏସ୍‌ଇ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କର୍ତ୍ତୃପକ୍ଷ ପରୀକ୍ଷା କେନ୍ଦ୍ରଗୁଡିକୁ ଭୁବନେଶ୍ୱର କାର୍ଯ୍ୟାଳୟରେ ବସି ଅନୁଧ୍ୟାନ କରିପାରିବେ। ଚଳିତ ବର୍ଷ ଡିସେମ୍ବର ଶେଷ ସୁଦ୍ଧା ପରୀକ୍ଷା କେନ୍ଦ୍ର ହେଉଥିବା ଜୁନିୟର କଲେଜ ଏବଂ ଉଚ୍ଚବିଦ୍ୟାଳୟ କର୍ତ୍ତୃପକ୍ଷ ସିସିଟିଭି ଲଗାଇବାକୁ ବାଧ୍ୟତାମୂଳକ ବୋଲି କୁହାଯାଇଛି। ଦୁଇ ମାସ ଭିତରେ ସିସିଟିଭି ଲଗାଇବାକୁ ଶନିବାର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ)ର ପରୀକ୍ଷା ନିୟନ୍ତ୍ରକ ପରୀକ୍ଷା କେନ୍ଦ୍ର ହେଉଥିବା ଜୁନିୟର କଲେଜର ଅଧ୍ୟକ୍ଷ ଏବଂ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଜଣାଇଛନ୍ତି। ଡିସେମ୍ବର ଶେଷ ସୁଦ୍ଧା ଯେଉଁସବୁ ଜୁନିୟର କଲେଜ ଏବଂ ଉଚ୍ଚବିଦ୍ୟାଳୟ କର୍ତ୍ତୃପକ୍ଷ ସିସିଟିଭି ନ ଲଗାନ୍ତି ତେବେ ୨୦୧୯ରେ ସମ୍ପୃକ୍ତ ଜୁନିୟର କଲେଜ ଏବଂ ଉଚ୍ଚବିଦ୍ୟାଳୟକୁ ପରୀକ୍ଷା କେନ୍ଦ୍ରର ଅନୁମତି ଦିଆଯିବ ନାହିଁ ବୋଲି ପରୀକ୍ଷା ନିୟନ୍ତ୍ରକ ଚିଠିରେ ଉଲ୍ଲେଖ କରିଛନ୍ତି।

ଜୁନିୟର କଲେଜ ଏବଂ ଉଚ୍ଚବିଦ୍ୟାଳୟର ସମସ୍ତ ପରୀକ୍ଷା ହଲ, ଅଫିସ୍ ରୁମ୍, ପ୍ରଶ୍ନପତ୍ର ଖୋଲୁଥିବା ରୁମ୍, ପରୀକ୍ଷା ଖାତା ସଂଗ୍ରହ କରିବା ପରେ ଷ୍ଟିଚ୍ କରୁଥିବା ରୁମ୍, ଛାତ୍ରୀଛାତ୍ର କଲେଜକୁ ପ୍ରବେଶ କରିବାର ମୁଖ୍ୟଗେଟ୍ ଏବଂ କ୍ୟାମ୍ପସ୍‌ର ଜନଗହଳିପୂର୍ଣ୍ଣ ସ୍ଥାନ ଆଶଙ୍କା କରୁଥିବା ଜାଗାରେ ସିସିଟିଭି ଲଗାଇବାକୁ କୁହାଯାଇଛି। ଲଗାଇବାକୁ ଥିବା ସିସିଟିଭି କ୍ୟାମେରା ୨ ମେଗା ପିକ୍ସେଲ ହୋଇଥିବ। ଏହାର ହାର୍ଡ ଡିସ୍କ ୧ମାସ ପର୍ଯ୍ୟନ୍ତ ବ୍ୟାକ୍‌ଅପ୍ ରଖିବାର କ୍ଷମତା ଥିବ। ପରୀକ୍ଷା ଆରମ୍ଭ ତାରିଖରୁ ଶେଷ ଦିନ ପର୍ଯ୍ୟନ୍ତ ବ୍ୟାଟେରକୁ ଫୁଲ ଚାର୍ଜ ରଖିବାକୁ କୁହାଯାଇଛି। ହାର୍ଡଡିସ୍କରେ ରିମୋଟ୍ କଣ୍ଟ୍ରୋଲ ସଂଯୋଗ କରିବାର ସୁବିଧା ଥିବ। ସିସିଟିଭି ଲଗାଇବା ପାଇଁ ଜୁନିୟର କଲେଜ ଏବଂ ଉଚ୍ଚବିଦ୍ୟାଳୟଗୁଡିକ ତାଙ୍କ ପାଣ୍ଠିରୁ ଖର୍ଚ୍ଚ କରିବେ। ତେବେ କେଉଁ ପାଣ୍ଠିରୁ ଟଙ୍କା ଖର୍ଚ୍ଚ କରିବେ ତାହା ଖୁବ୍ ଶୀଘ୍ର ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ ଜଣାଇ ଦିଆଯିବ ବୋଲି ଜଣାପଡିଛି।

ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୪ରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ଏହି ବୈଠକରେ ପରୀକ୍ଷା କେନ୍ଦ୍ରଗୁଡିକରେ ସିସିଟିଭି ଲଗାଯିବା ଉପରେ ଆଲୋଚନା ହୋଇଥିଲା। ଏହାକୁତୁରନ୍ତକାର୍ଯ୍ୟକାରୀକରିବାକୁବିଭାଗୀୟସଚିବ ସିଏଚ୍‌ଏସ୍‌ଇ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଫୁଲଚରାନୀ ଫୁଟବଲ ଟୁର୍ନାମେଣ୍ଟ

# ଆଠମଲ୍ଲିକ ଚାମ୍ପିୟନ



ଫାଇନାଲ ମ୍ୟାଚରେ ଉଭୟ ଦଳର ଖେଳାଳିଙ୍କ ସହ ଅତିଥିମାନେ।

**ବୀରମହାରାଜପୁର, ୭।୧୦ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତ ଅନ୍ତର୍ଗତ ଫୁଲଚରାନୀ ଖେଳ ପଡିଆଠାରେ ଚାଲିଥିବା ୭ମ ମା' ଫୁଲଚରାନୀ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଉକ୍ତ ଟୁର୍ନାମେଣ୍ଟରେ ୮ଟି ପ୍ରମୁଖ ଦଳ ଅଂଶଗ୍ରହଣ କରିଥିବା ବେଳେ ଆଠମଲ୍ଲିକ ଓ ହୀରାକୁଦ ଟିମ୍ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲେ। ଅପରାହ୍ନରେ ଅନୁଷ୍ଠିତ ଚୂଡାନ୍ତ ମ୍ୟାଚରେ ହୀରାକୁଦ ଦଳକୁ ୧-୦ ଗୋଲରେ ପରାସ୍ତ କରି ଆଠମଲ୍ଲିକ ବିଜୟୀ ହୋଇଛି। ଖେଳ ଶେଷରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳ ତଥା ଶ୍ରେଷ୍ଠ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଆୟୋଜକ କମିଟି ସଭାପତି ଅଚ୍ୟୁତ ସେଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ସମାରୋହରେ ପୂର୍ବତନ ବ୍ଲକ ଚେୟାରମ୍ୟାନ ରଞ୍ଜିତ କୁମାର ରଥ, ସ୍ଥାନୀୟ ସରପଞ୍ଚ ବ୍ୟୋମକେଶ ପଣ୍ଡା, ବରିଷ୍ଠ ଆଇନଜୀବୀ ଶ୍ରୀନିବାସ ଚାନ୍ଦ, ରାଧାକାନ୍ତ ବାଘ, ବିଧାୟକଙ୍କ ପ୍ରତିନିଧି ନାରାୟଣ ଲୁହା ଓ ସାମାଜିକ କର୍ମୀ ସତ୍ୟଞ୍ଜୀବ ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଶନିବାର ସକାଳେ ଆରମ୍ଭ ହୋଇଥିବା ଉକ୍ତ ଟୁର୍ନାମେଣ୍ଟର ଶୁଭ ଉଦ୍‌ଘାଟନ କରିଥିଲେ ବୀରମହାରାଜପୁର ତହସିଲଦାର ଡ. ଲକ୍ଷ୍ମୀ ପ୍ରସାଦ ସାହୁ। ଘରୋଇ ଫୁଲଚରାନୀ ଦଳ ବ୍ୟତୀତ ବୌଦ୍ଧ, ଫୁଲବାଣୀ, ପଦମପୁର, ଗୁଣ୍ଡେରପୁର (ସମ୍ବଲପୁର), ବଲାଙ୍ଗୀର, ହୀରାକୁଦ ଓ ଆଠମଲ୍ଲିକ ଦଳ ଭାଗ ନେଇଥିଲେ। ଫାଇନାଲ ଖେଳକୁ ପରିଚାଳନା କରିଥିଲେ ସଞ୍ଜିବ ସାହୁ ଓ ସୁଦୀପ ସାହୁ ।

# ଗ୍ୟାସ୍ ଟ୍ୟାଙ୍କର ସହ ଟ୍ରେଲର ଧକ୍କା

**ଲଖନପୁର, ୭।୧୦(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ଥାନା ୪୯ନଂ. ଜାତୀୟ ରାଜପଥ ଭଅଁରଖୋଲ ଛକ ନିକଟରେ ରବିବାର ଭୋର ୪ଟାରେ ଗ୍ୟାସ୍ ଟ୍ୟାଙ୍କର (ନଂ.ସିଜି୦୭ ବିଏମ୍୭୭୦୮)ସହିତ ଏକ କୋଇଲା ବୋଝେଇ ଟ୍ରେଲର(ନଂ. ସିଜି୧୩ଏଲ୍ଏ ୮୦୧୦) ମୁହାଁମୁହିଁ ଧକ୍କା

## ଜଣେ ମୃତ, ୨ ଆହତ

ହୋଇଛି । ଏଥିରେ ଗ୍ୟାସ୍ ଟ୍ୟାଙ୍କର ଚାଳକ କ୍ୟାବିନ୍ ଭିତରେ ଖଣ୍ଡବିଖଣ୍ଡିତହୋଇ ପ୍ରାଣ ହରାଇଛନ୍ତି । ମୃତ ଚାଳକ ହେଲେ ଛତିଶଗଡ଼ ଜାହାଙ୍ଗୀରଚାମ୍ପା କଇଥ ଗ୍ରାମର ଈଶ୍ୱରୀ ପ୍ରସାଦ ତେଲି(୫୩) । କୋଇଲା ବୋଝେଇ ଟ୍ରେଲର ଚାଳକ ପଞ୍ଜାବ ସାହାଜନପୁରର ଚିତଲ ସିଂହ(୫୨) ଓ ହେଲ୍‌ପର୍ ରାକେଶ ସାହୁ(୧୯) ଆହତ ହୋଇଛନ୍ତି । ସେମାନଙ୍କୁ ଝାରସୁଗୁଡା ଜିଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଲଖନପୁର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଦୁର୍ଘଟଣା ଯୋଗୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ରାସ୍ତା ଉପରୁ ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡିକୁ ହଟାଇବାପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା । କେସ ନଂ. ୧୧୨/୧୮। ଗ୍ୟାସ୍ ଟ୍ୟାଙ୍କର ଲଖନପୁର ପଟୁ କନକତୋରା ଅଭିମୁଖେ ଯାଉଥିଲା। ବିପରୀତ ଦିଗରୁ କୋଇଲା ବୋଝେଇ ଟ୍ରେଲର ଆସୁଥିଲା ବେଳେ ମୁହାଁମୁହିଁ ଧକ୍କା ହୋଇଥିଲା ।



ଦୁର୍ଘଟଣାଗସ୍ତ ହୋଇଥିବା ଟ୍ୟାଙ୍କର ଓ ଟ୍ରେଲର ।


FEW SEATS LEFT
Hurry-Up !!
B.Ed, B.P.Ed, B.H.Ed.
10th, +2, +3 (UG, PG, All stream)
PGDCA, BCA, MCA, MSW, B.BA, MBA, BLib,MLib, MEd., MPhil, Ph.D
Regular & Distance at lower rate
Approved by UGC, NCTE & Equivalent to Odisha Board & University
ADHYAN INSTITUTE OF EDUCATION
Jharsuguda, Sundargarh, Sambalpur, Deogarh, Boudh
Mob: 9937693353, 7008624254, 9337325436



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୮ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ଅକ୍ଟୋବର ୮/୨୦୧୮ Sambalpur, Monday, October 8/ 2018

# ଓପିଜିସି ପ୍ରକଳ୍ପରୁ ଚୋରି କେବୁଲ୍ ଜବତ,ଜଣେ ଗିରଫ

**ଲଖନପୁର,୭।୧୦(ଡି.ଏନ୍.ଏ.)**

ଓଡିଶା ବିଦ୍ୟୁତ୍ ଉତ୍ପାଦନ ନିଗମ(ଓପିଜିସି)ର ବନହରପାଲିସ୍ଥିତ ଇବ୍‌ଥର୍ମାଲ ନିର୍ମାଣଧୀନ ପ୍ରକଳ୍ପରୁ ଚୋରି ହୋଇଥିବା କେବୁଲ୍‌କୁ ପୋଲିସ ଜବତ କରିଛି । ଏହି ଘଟଣାରେ ସମ୍ପୃକ୍ତ ଥିବା କେରୁଆଲବାହାଲ ଗ୍ରାମର ଅନିଲ ଓରାମ(୨୮)ଙ୍କୁ ପୋଲିସ ଗିରଫ କରି ରବିବାର ଝାରସୁଗୁଡ଼ା କୋର୍ଟ ଚାଲଣ କରିଛି। ଏହି ଘଟଣାରେ ବ୍ୟବହାର କରାଯାଇଥିବା ୨ ବାଇକ(ନଂ.ଓଡି୨୩ଇ୯୦୫୫ ଓ ନଂ.ଓଡି୨୩୬୫୪୬)କୁ ପୋଲିସ ଜବତ କରିଛି। ଏହି ଘଟଣାରେ ଅନିଲଙ୍କ ସହିତ ଅନ୍ୟମାନେ ସମ୍ପୃକ୍ତ ଥିବା ପୋଲିସ କହିଛି । ଅନ୍ୟମାନେ ଫେରାର ଅଛନ୍ତି । ପୋଲିସ ସେମାନଙ୍କୁ ଗିରଫ ପାଇଁ ତନାଘନା ଚଳାଇଛି । ଗତ ୫ ତାରିଖ ରାତିରେ ନିର୍ମାଧୀନ ୩ ଓ ୪ ୟୁନିଟ୍ ଅଞ୍ଚଳରୁ ୫ଶହ ମିଟର କେବୁଲ ଚୋରି ହୋଇଥିଲା। ଏନେଇ ଓପିଜିସିର ସୁରକ୍ଷା ଅଧିକାରୀ ବନହରପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ପୋଲିସ ତାର ତଦନ୍ତ ଆରମ୍ଭ କରିଥିଲା ।










Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୮ ଅକ୍ଟୋବର, ୨୦୧୮



ଦୁଷ୍ଟଙ୍କର ସାରା ଶରୀରରେ ବିଷ ରହିଛି। ଦୁଷ୍ଟ ତଥା କଣ୍ଟାର ଦୁଇପ୍ରକାର ଉପଚାର ରହିଛି ; ଜୋତାରେ ମଳି, ମକଚି ଦିଅ ନତୁବା ତାକୁ ଦୂରରେ ଛାଡି ଦେଇଆସ ।
- ଚାଣକ୍ୟ



## ସଂକ୍ଷେପରେ

### ରକ୍ତଦାନ ଶିବିର: ୪୦ ୟୁନିଟ୍ ସଂଗ୍ରହ

ପଦ୍ମପୁର, ୭।୧୦ (ଡି.ଏନ.ଏ): ପଦ୍ମପୁର ସହର ନିକଟରେ ଥିବା ଚାରପାଲି ଗ୍ରାମରେ ରବିବାର ବାଜିରାଉତ ଯୁବକ ସଂଘ ଦ୍ୱାରା ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଶିବିରକୁ ସାମାଜିକ କର୍ମୀ ନିରୋଜ ଦୋରା ଉଦ୍‌ଘାଟନ କରିଥିଲେ । ଶିବିରରେ ମୋଟ ୪୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ଉପଖଣ୍ଡ ଚିକିତ୍ସାଳୟ ରକ୍ତଭଣ୍ଡାର କର୍ମଚାରୀ ସଂଗ୍ରାମ କେଶରୀ ମାହୁନ୍ତ, ଚିନ୍ତାମଣି ପଣ୍ଡା, ହିତେଶ ସାହୁ, ଜିତେନ୍ଦ୍ରୀୟ ଗୁର୍ଲା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ଡୋଲାମଣି, ତ୍ରିଲୋଚନ, ବିପିନ, ଗୋପାଳ, ମୁକ୍ତେଶ୍ୱର, ଫକୀର ଦୋରା, ରାକେଶ, ହେମନ୍ତ, ରିଙ୍କୁ, ବିକ୍ରମ ପ୍ରମୁଖ ସହଯୋଗ କରିଥିଲେ ।

### ବନ୍ଧପାଲିରେ ଏଲପିଜି ପଞ୍ଚାୟତ

**ବରପାଲି, ୭।୧୦ (ଡି.ଏନ.ଏ):** ବରପାଲି ବ୍ଲକ ବନ୍ଧପାଲି ଗ୍ରାମରେ ଶନିବାର ଏଲପିଜି ପଞ୍ଚାୟତ ସଭା ଅନୁଷ୍ଠିତ ହୋଇଛି । ବନ୍ଧପାଲି ଗ୍ରାମର ରାଜୀବ ଭବନଠାରେ ସୋସିଆଲ ଡେଭଲପମେଣ୍ଟ ପ୍ରଫେସନାଲ (ଏସ୍‌ଡିପି) ମମତାଞ୍ଜଳି ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ସଭାରେ ବରଗଡ ଜିଲା ମ୍ୟାନେଜର ସୁକାନ୍ତ କୁମାର ସାହୁ, ଅଙ୍ଗନୱାଡି କର୍ମୀ କୁମୁଦିନୀ ସାହୁ ପ୍ରମୁଖ ଉପସ୍ଥିତ ରହି ରୋଷେଇ ଗ୍ୟାସ୍‌ର ବ୍ୟବହାର ଏବଂ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ ବରପାଲି ଓ ବିଜେପୁର ଅଞ୍ଚଳର ପ୍ରାୟ ୩୦୦ ଗ୍ୟାସ ଉପଭୋକ୍ତା ଉପସ୍ଥିତ ଥିଲେ। ଉପଭୋକ୍ତାଙ୍କୁ ୧୦ଟି ନୂତନ ଗ୍ୟାସ ସଂଯୋଗ ପ୍ରଦାନ କରାଯାଇଥିଲା। ସଦାନନ୍ଦ ସାହୁ ସହଯୋଗ କରିଥିଲେ ।

### ଫୁଟବଲ: ବହଲପାଲି, କଦଳୀପାଲି ବିଜୟୀ

**ବରଗଡ଼ ଅଫିସ୍,୭।୧୦:** ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଜିଲାସ୍ତରୀୟ ନକ୍‌ଆଉଟ ଫୁଟବଲ ପ୍ରତିଯୋଗିତାର ରବିବାର ଅନୁଷ୍ଠିତ ମ୍ୟାଚରେ ବହଲପାଲି ଓ କଦଳୀପାଲି ପ୍ରତିପକ୍ଷ ଦଳକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଧାଙ୍ଗେର ଓ ବହଲପାଲି ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା । ଏଥିରେ ବହଲପାଲି ୨-୦ ଗୋଲରେ ବିଜୟୀ ହୋଇଥିଲା । ସେହିପରି କଦଳୀପାଲି ଓ କନ୍ତରକଁଟା ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ହୋଇଥିଲା । ଏଥିରେ କଦଳୀପାଲି ୪-୦ ଗୋଲରେ ବିଜୟୀ ହୋଇଥିଲା । ସନ୍ତୋଷ ପ୍ରଧାନ, ଶୁଭମ ପାତ୍ର, ଉମେଶ ଭୋଇ, ପ୍ରେମନାଥ ଗିରି ଖେଳ ପରିଚାଳନା କରିଥିଲେ ।




ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାର ନିଃଶୁଳ୍କ ରୋଗ ନିରୂପଣ କେନ୍ଦ୍ର ନିଦାନ ।



ରୋଗ ନିରୂପଣ କେନ୍ଦ୍ରରେ ଲୋକେ ଧାଡ଼ି ବାନ୍ଧି ରହିଛନ୍ତି ।

# ନାମଫଳକରେ ସୀମିତ ନିଦାନ ବିଭାଗ

**ପ୍ରେମାନନ୍ଦ ଖମାରୀ**
**ବରଗଡ଼ ଅଫିସ୍,୭।୧୦**

ରୋଗୀଙ୍କୁ ନିଃଶୁଳ୍କ ରୋଗ ନିରୂପଣ ସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ନିଦାନ ଯୋଜନା କରିଛନ୍ତି। ଏହି ଯୋଜନାରେ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ପୂର୍ବରୁ ଥିବା ପରୀକ୍ଷାଗାରକୁ ନିଃଶୁଳ୍କ ସମନ୍ୱିତ ରୋଗ ନିରୂପଣ କେନ୍ଦ୍ର ବୋଲି ନାମିତ କରାଯାଇଛି । ତେବେ ପରୀକ୍ଷାଗାରର କେବଳ ନାମ ବଦଳିଛି, ମାତ୍ର ସେଥିରେ ଆଉ କିଛି ପରିବର୍ତ୍ତନ ହୋଇନାହିଁ । ନିଦାନ ଯୋଜନାରେ ରହିଥିବା ରୋଗ ନିରୂପଣ ସେବା ମିଳିବା ତ ଦୂରର କଥା, ଆବଶ୍ୟକ କେମିକାଲ ତଥା ଯନ୍ତ୍ରପାତି ଅଭାବରୁ ରୋଗୀଙ୍କ ସୋଡ଼ିୟମ, ପଟାସିୟମ, କ୍ୟାଲସିୟମ, ୟୁରିନ, ଏସିଡ୍, ଆଲବୁମିନ, ପ୍ରୋଟିନ ଆଦି ପରୀକ୍ଷା ହୋଇ ପାରୁନାହିଁ । ଫଳରେ ଘରୋଇ ପରୀକ୍ଷାଗାରକୁ ଯାଇ ରୋଗୀ ଖର୍ଚ୍ଚାନ୍ତରେ ପଡୁଛନ୍ତି । ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଏଭଳି ଅଭାବନୀୟ ପରିସ୍ଥିତି ଦୀର୍ଘବର୍ଷ ଧରି ଲାଗି ରହିଛି । ମାତ୍ର ଉଭୟ ରାଜନୈତିକ, ପ୍ରଶାସନିକ ଇଚ୍ଛାଶକ୍ତି ଅଭାବରୁ ଏପର୍ଯ୍ୟନ୍ତ ତାହା ଦୂରୀକରଣ ହୋଇ ପାରିନାହିଁ ଏବଂ ଏଠାରେ ନିଦାନ ଯୋଜନା ନାମଫଳକରେ ସୀମିତ ରହିଯାଇଛି ।

ଚଳିତବର୍ଷ ଜାନୁୟାରୀ ପହିଲାରୁ ରାଜ୍ୟବାସୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇବା ଲକ୍ଷ୍ୟ ନେଇ ସରକାର ନିଦାନ ସମେତ ସହାୟ, ଆମ କ୍ଲିନିକ ଓ ଅନମୋଲ ଭଳି ୪ଟି ଯୋଜନା ହାତକୁ ନେଇଛନ୍ତି । ଏହା ସହିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗ ନିରୂପଣ କେନ୍ଦ୍ର ଖୋଲାଯାଇ ବିଭିନ୍ନ ପ୍ରକାର ପରୀକ୍ଷା ସହିତ ଡିଜିଟାଲ ଏକ୍ସ ରେ, ଡାୟାଲାସିସ୍, ସିଟି ସ୍କାନ, ଏମଆରଆଇ ଆଦି ପରୀକ୍ଷା ଏହି ଯୋଜନାରେ ରହିଛି । ତେବେ ସେଭଳି ସ୍ୱାସ୍ଥ୍ୟସେବା ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କ ପାଇଁ ଦିବାସ୍ୱପ୍ନ ହୋଇପଡିଛି। ଏଠାରେ ରୋଗୀଙ୍କ ପାଇଁ ସାଧାରଣ ପରୀକ୍ଷା ହୋଇ ପାରୁନାହିଁ । ଫଳରେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ରୋଗୀ କିମ୍ବା ସେମାନଙ୍କ ଅଭିଭାବକମାନେ ଘରୋଇ ପାଥୋଲୋଜିକୁ ଯାଇ ଖର୍ଚ୍ଚାନ୍ତରେ ପଡୁଛନ୍ତି । ଅନେକ ସ୍ଥଳେ ଗରିବ ଶ୍ରେଣୀର ରୋଗୀମାନେ ଅର୍ଥାଭାବରୁ ସେଭଳି ସ୍ୱାସ୍ଥ୍ୟ ପରୀକ୍ଷାରୁ ବଞ୍ଚିତ ହେଉଛନ୍ତି।

ଜିଲା ମୁଖ୍ୟ ଡାକ୍ତରଖାନାରେ ଏଭଳି ସର୍ବନିମ୍ନ ସ୍ୱାସ୍ଥ୍ୟସେବା ମିଳିପାରୁ ନ ଥିବା ଯୋଗୁ ଅସନ୍ତୋଷ ପ୍ରକାଶ ପାଇଛି । ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳିବା ଆଶା ନେଇ ଜିଲା ତଥା ଜିଲା ବାହାର ବଲାଙ୍ଗୀର, ସୋନପୁର ଏବଂ ପଡ଼ୋଶୀ ଛତିଶଗଡ଼ର ବିଭିନ୍ନ ଅଞ୍ଚଳରୁ ଏଠାକୁ ଚିକିତ୍ସା ପାଇଁ ରୋଗୀମାନେ ଆସୁଛନ୍ତି । ଦୈନିକ ପ୍ରାୟ ୭୦୦ରୁ ଅଧିକ ରୋଗୀ ଏଠାକୁ ଆସି ଆଉଟଡ଼ୋର (ବହିର୍ବିଭାଗ) ରେ ଚିକିତ୍ସିତ ହେଉଥିବାବେଳେ ଇନଡ଼ୋର(ଅନ୍ତର୍ବିଭାଗ)ରେ ୨୦୦ରୁ ଊର୍ଦ୍ଧ୍ୱ ଭର୍ତ୍ତି ହୋଇଛନ୍ତି। ମାତ୍ର ୯୧ ଶଯ୍ୟାବିଶିଷ୍ଟ ଏହି ଡାକ୍ତରଖାନାରେ ଶଯ୍ୟାଭାବରୁ ଚଟାଣରେ ରୋଗୀଙ୍କ ଚିକିତ୍ସା ଚାଲିଛି । ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ଦୋରାଙ୍କୁ ପଚାରିବାରୁ ଡାୟାଲାସିସି, ସିଟି ସ୍କାନ ପରୀକ୍ଷା ବ୍ୟବସ୍ଥା ନ ଥିବା କଥାକୁ ସ୍ୱୀକାର କରିଥିଲେ । ଡାକ୍ତରଖାନାରେ ବିଭିନ୍ନ ପରୀକ୍ଷା ହେଉ ନ ଥିବା ନେଇ ସେ ବର୍ତ୍ତମାନ ସୁଦ୍ଧା ଅବଗତ ନାହାନ୍ତି । ସେଭଳି ସମସ୍ୟା ରହିଥିଲେ, ତାର ତୁରନ୍ତ ପ୍ରତିକାର ବ୍ୟବସ୍ଥା କରାଯିବ ବୋଲି ଦୋରା କହିଥିଲେ । ସେହିପରି ପୂର୍ବରୁ ଏଠାରେ ଡେଙ୍ଗୁ କିମ୍ବା ହେପାଟାଇଟିସ୍ ପରୀକ୍ଷା ହୋଇ ପାରୁ ନ ଥିଲା ଏବଂ ରକ୍ତ ନମୁନାକୁ ବୁର୍ଲା ପଠାଯାଉଥିଲା । ମାତ୍ର ସେ ଆସିବା ପରେ ଏଠାରେ ଉଭୟ ଡେଙ୍ଗୁ, ହେପାଟାଇଟିସ୍ ପରୀକ୍ଷା ସୁବିଧା କରାଯାଇଥିବା ଡା. ଦୋରା ସୂଚନା ଦେଇଥିଲେ ।

**ବରଗଡ଼ ମୁଖ୍ୟ ଡାକ୍ତରଖାନା**
- କେମିକାଲ, ଯନ୍ତ୍ରପାତି ନାହିଁ
- ହୋଇପାରୁନି ରୋଗ ନିରୂପଣ
- ଖର୍ଚ୍ଚାନ୍ତରେ ପଡୁଛନ୍ତି ଗରିବ ରୋଗୀ
- ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ନିର୍ବିକାର

## ଗାନ୍ଧୀ ବିଚାରଧାରା ଆଲୋଚନା ସଭା

**ସୋହେଲା,୭।୧୦(ଡି.ଏନ.ଏ)**

ସୋହେଲା ସଂସ୍କୃତି ଭବନଠାରେ ଚେତନା ଆନୁକୂଲ୍ୟରେ ଶନିବାର ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମଜୟନ୍ତୀ ପାଳନ ଅବସରରେ ପ୍ରଣାମ ବାପୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟର ଅବସରପ୍ରାପ୍ତ ପ୍ରେସ ସଚିବ ଡକ୍ଟର ସତ୍ୟନାରାୟଣ ସାହୁ ଯୋଗଦେଇ ଏକବିଂଶ ଶତାବ୍ଦୀରେ ମଧ୍ୟ ଗାନ୍ଧୀ ବିଚାରଧାରାର ପ୍ରାସଙ୍ଗିକତା ରହିଥିବା ପ୍ରକାଶ କରିଥିଲେ । ଜଗତୀକରଣ, ବିଶ୍ୱ ତାପମାନ ବୃଦ୍ଧି, ପରିବେଶ, ଜଳ ସଂରକ୍ଷଣ ସହ ବିଶ୍ୱବାସୀ ବର୍ତ୍ତମାନ ଯେଉଁ ଜିନିଷ ଉପରେ ବିଶ୍ୱସ୍ତରୀୟ ଆଲୋଚନା କରୁଛନ୍ତି ତାହା ଗାନ୍ଧୀ ବହୁବର୍ଷ ପୂର୍ବେ ନିଜର ବିଚାରରେ ପ୍ରକଟ କରି ସାରିଥିଲେ । ଅଧ୍ୟାପକ ଟେକଚାନ୍ଦ ଦୁଆନ ଧନ୍ୟବାଦ ଅର୍ପଣ କରିଥିଲେ । ସୋହେଲା ନାଗରିକ କମିଟି ତରଫରୁ ସଭାପତି ପ୍ରମୋଦ ଚନ୍ଦ୍ର ଦେବତା ଓ ବଲବୀର ସିଂ ଡକ୍ଟର ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ସଭାରେ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।

## ମାତୃ କର୍ମଶାଳା
### ଶିଶୁର ଶିକ୍ଷା ପାଇଁ ମା'ର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଅତାବିରା, ୭।୧୦ (ଡି.ଏନ.ଏ)**

ମା'ମାନେ ହେଉଛନ୍ତି ଶିଶୁମାନଙ୍କର ମାର୍ଗଦର୍ଶକ । ମା'ମାନେ ପାଠୋଇ ହେଲେ ଶିଶୁମାନଙ୍କ ଶିକ୍ଷା ଅଗ୍ରଗତି ହେବା ସହିତ ଦେଶର ପ୍ରଗତି ହେବ । ନିଜ ଗୃହରେ ଶିଶୁମାନଙ୍କୁ କିପରି ଶିକ୍ଷାଦାନ ଦେବେ ସେହି ବିଷୟରେ ମା'ମାନଙ୍କୁ ବରଗଡ ଜିଲା ଭେଡେନ ବ୍ଲକ ଡାଲବ ପଞ୍ଚାୟତ ଖୁଣ୍ଟୁଲିପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ମାତୃ ସମ୍ମିଳନୀରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶିବାନନ୍ଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମାତୃ କର୍ମଶାଳାରେ ମୁଖ୍ୟଅତିଥି ଭାବେ ଡାଲବ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଦେବଦତ୍ତ ବଢ଼େଇ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଶିବାନନ୍ଦ ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିଶୁ ବାଟିକା ବିଭାଗ ପ୍ରମୁଖ ଆଚାର୍ଯ୍ୟା ପଦ୍ମିନୀ ଭୋଇ, ଜ୍ୟୋତ୍ସ୍ନା ନାୟକ, ସାଗରିକା ମାହାଣା, କ୍ରିଷ୍ଣା ସେଟ, ଆଚାର୍ଯ୍ୟ ମୁନୁ ବଢ଼େଇ, ଯୋଗେଶ ପାଢ଼ୀ ପ୍ରମୁଖ ଯୋଗଦେଇ ମଞ୍ଚାସୀନ ଥିଲେ । ଶେଷରେ ଯୋଗେଶ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅନ୍ତର୍ନିହିତ ପ୍ରତିଭା ବିକାଶର ପ୍ଲାଟଫର୍ମ ସୁରଭି

**ବିଜେପୁର, ୭।୧୦ (ଡି.ଏନ.ଏ)**

ବିଜେପୁର ବ୍ଲକ ପଡା ହାଇସ୍କୁଲରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଶନିବାର ଅନୁଷ୍ଠିତ ହୋଇଛି । ବିଡିଓ ପଦ୍ମନାଭ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ବିଇଓ ରାଧାକାନ୍ତ ଗଡତିଆଙ୍କ ଅଧ୍ୟକ୍ଷତାରେ ଏବିଇଓ ଚିତ୍ତରଞ୍ଜନ ପଧାନ, ସ୍ଥାନୀୟ ହାଇସ୍କୁଲର ପ୍ରଧାନ ଶିକ୍ଷକ ଡିଲେଶ୍ୱର ସାହୁ, ଏମ୍‌ଇ ସ୍କୁଲର ପ୍ରଧାନଶିକ୍ଷକ ପ୍ରତିମା ଗୁରୁ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଏବିଇଓ ସୁଶାନ୍ତ ପାଣ୍ଡେ ଉଦ୍ଦେଶ୍ୟ ଜ୍ଞାପନ, ସିଆରସିସି ପ୍ରେମରାଜ ପଧାନ ଅତିଥି ପରିଚୟ ଓ ଶଶିଭୂଷଣ ସାହୁ ସଭା ପରିଚାଳନା କରିଥିଲେ । କୁଇଜ, ତର୍କ, ବକ୍ତୃତା, ସୃଜନଶୀଳ ଲିଖନ, ଚିତ୍ରାଙ୍କନ, ବିଦ୍ୟାଳୟ ନିରାପତ୍ତା ଶୀର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ୧୭ଟି ପ୍ରତିଯୋଗିତାରେ ୨୬୪ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ପଞ୍ଚାନନ ମିଶ୍ର, ସରୋଜ କୁମାର ପାଣିଗ୍ରାହୀ, ଚିନ୍ମୟ ସାହୁ, ସନ୍ତୋଷ ଦେହେରୀ, ଦିଲୀପ ଦେବତା, ଜୟସିଂ ମହାନନ୍ଦ, ସନ୍ତୋଷ ପଧାନ, ନବକିଶୋର ସାହୁ, ଅମୂଲ୍ୟ ପଧାନ, କମଳେଶ ସାହୁ ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ । ଉଦ୍‌ଯାପନୀ ଉତ୍ସବରେ ବିଧାୟିକା ରୀତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ବିଇଓ ରାଧାକାନ୍ତ ଗଡତିଆଙ୍କ ଅଧ୍ୟକ୍ଷତାରେ ବ୍ଲକ ଅଧ୍ୟକ୍ଷା ମାନିନୀ ଭୋଇ, ସରପଞ୍ଚ ବିନୋଦ ବିଶ୍ୱାଳ, ଏବିଇଓ ଚିତ୍ତରଞ୍ଜନ ପଧାନ, ଘନଶ୍ୟାମ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ସୁଶାନ୍ତ କୁମାର ଚୌପଦାର ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିବାରେ ଏହା ଏକ ବଡ ପ୍ଲାଟଫର୍ମ । ତେଣୁ ଶିଶୁଙ୍କୁ ମାତାପିତା ଉତ୍ସାହିତ କରିବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ । ବରିଷ୍ଠ ଓ କନିଷ୍ଠ ବିଭାଗରେ ୩୪ଜଣ କୃତି ପ୍ରତିଯୋଗୀ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ ପାଇଁ ଶ୍ରେଷ୍ଠ ବିବେଚିତ ହୋଇଥିବା ସୂଚନା ଦିଆଯାଇଥିଲା । ଶଶୀଭୂଷଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ବ୍ଲକସ୍ତରୀୟ ସୁରଭିର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ।

# ୨୦୨୦ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ

**ପଦ୍ମପୁର, ୭।୧୦ (ଡି.ଏନ.ଏ)**

ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ରାଜବୋଡାସମ୍ବର ବ୍ଲକ ଓ ପଦ୍ମପୁର ଏନଏସିର ୨୦୨୦ ଜଣ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଛି । ଏହି ଉପଲକ୍ଷେ ରାଜବୋଡାସମ୍ବର ହାଇସ୍କୁଲ ଖେଳ ପଡିଆଠାରେ ଅନୁଷ୍ଠିତ ସଭାରେ ପଦ୍ମପୁର ଉପଜିଲାପାଳ ଦୌଲତ ଚନ୍ଦ୍ରାକର ଅଧ୍ୟକ୍ଷତା କରିଥିଲେ । ଏଥିରେ ଶ୍ରମ, ଇଏସଆଇ ଏବଂ ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି ଭାବେ ଯୋଗଦାନ କରି ରାଜବୋଡାସମ୍ବର ବ୍ଲକ ଅନ୍ତର୍ଗତ ୨୨ଟି ଗ୍ରାମପଞ୍ଚାୟତର ୧୮୦୫ ଜଣ ଏବଂ ପଦ୍ମପୁର ଏନଏସି ଅଧୀନ ୧୧ଟି ୱାର୍ଡର ୨୧୫ ଜଣ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରଗଡ ଏମ୍‌ପି ଡ. ପ୍ରଭାସ ସିଂ ଏବଂ ପୂର୍ବତନ ମନ୍ତ୍ରୀ ବିଜୟ ରଞ୍ଜନ ସିଂ ବରିହା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ବିଡିଓ ଏଲିଜା ମିଶ୍ର, ଏନଏସି ନିର୍ବାହୀ ଅଧିକାରୀ ଅଶୋକ କୁମାର ପାତ୍ର, ସହକାରୀ ଯୋଗାଣ ଅଧିକାରୀ ଶମ୍ଭୁପ୍ରସାଦ ହରିପାଲ, ଯୋଗାଣ ନିରୀକ୍ଷକ ଚୈତନ୍ୟ ଆଠବଙ୍ଗ ସହଯୋଗ କରିଥିଲେ । ବିଭିନ୍ନ ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ପଦ୍ମପୁର ଏନଏସି ଅନ୍ତର୍ଗତ ବିଭିନ୍ନ ୱାର୍ଡର କାଉନସିଲର, ଖବରଦାତା, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଯୋଗାଣ ସହାୟକ, ବ୍ଲକ ଏବଂ ଏନଏସିର କର୍ମଚାରୀ ତଥା ହିତାଧିକାରୀ ଯୋଗଦାନ କରିଥିଲେ ।



ମନ୍ତ୍ରୀ ସୁଶାନ୍ତ ସିଂ ଜଣେ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରୁଛନ୍ତି ।

## ଆତ୍ମ ସୁରକ୍ଷା ଶିବିର

**ସୋହେଲା,୭।୧୦(ଡି.ଏନ.ଏ)**

ବରଗଡ଼ ଜିଲା ଚକରକେନ୍ଦସ୍ଥିତ ସନ୍ଥ କବି ଭୀମ ଭୋଇ ମହିମା ଡିଗ୍ରୀ କଲେଜରେ ଚାଲିଥିବା ଆତ୍ମ ସୁରକ୍ଷା ଶିବିର ଶନିବାର ଉଦ୍‌ଯାପିତ ହୋଇଛି । ଏହି ଶିବିରରେ ପ୍ରଶିକ୍ଷିକା ଭାବେ ରିଙ୍କି ବରିହା ଏବଂ ରିଙ୍କି ଭୋଇ ଯୋଗଦେଇ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଅଧ୍ୟାପିକା ପଦ୍ମାଳୟା ପଧାନଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଚାଲିଥିଲା । ଏଥିରେ ୯୦ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ ।

# ପ୍ରାଥମିକ ଶିକ୍ଷକ ସଂଘର ଶୋଭାଯାତ୍ରା

**ଅମ୍ବାଭୋନା, ୭।୧୦ (ଡି.ଏନ.ଏ)**

କୃମିନାଶକ ଔଷଧ ଖାଇ ଛାତ୍ରୀଛାତ୍ର ଅସୁସ୍ଥ ଘଟଣାରେ ଅଭିଭାବକମାନେ ଉତ୍ତ୍ୟକ୍ତ ହୋଇ ଧୁନସର ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅନୁଗ୍ରହ ନନ୍ଦଙ୍କୁ ମରଣାତ୍ମକ ଆକ୍ରମଣ କରିବା ଯୋଗୁ ତାଙ୍କର ମୃତ୍ୟୁ ଘଟିଛି । ଏହାର ପ୍ରତିବାଦରେ ଅମ୍ବାଭୋନା ମିଳିତ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ପ୍ରକାଶପୁର ସ୍ଥିତ ମାଉସୀ ମନ୍ଦିରରୁ ଏକ ଶୋଭାଯାତ୍ରା ବାହାରି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟକୁ ଯାଇଥିଲା । ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ଅଣଶୈକ୍ଷିକ କାର୍ଯ୍ୟକ୍ରମରୁ ଦୂରେଇ ରଖିବା ପାଇଁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅମ୍ବାଭୋନା ବିଇଓ ଟେମଲାଲ ଦୁବେଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହି ଶୋଭାଯାତ୍ରାରେ ସଂଘ ସଭାପତି ରାଜକୁମାର ବଘେଲ, ପୂର୍ବତନ ସଭାପତି ରାଜେନ୍ଦ୍ର ତ୍ରିପାଠୀ, ବୈଷ୍ଣବ ଭୋଇ, ସଚ୍ଚିଦାନନ୍ଦ ମେହେର, ସମ୍ପାଦକ ମିଲନ କୁମାର ପଟେଲ, ଉପସଭାପତି ରୋହିତ କୁମାର ଭୋଏ, ଶିକ୍ଷୟିତ୍ରୀ ସୁଷମା ପଧାନ, ସ୍ୱାଧୀନ ସାହୁ, ସିଦ୍ଧାର୍ଥ ପଧାନ, ବିରେନ୍ଦ୍ର ବେହେରା, ରମେଶ ଚନ୍ଦ୍ର ପଟେଲ ପ୍ରମୁଖ ଶତାଧିକ ଶିକ୍ଷୟିତ୍ରୀ, ଶିକ୍ଷକ ସାମିଲ ହୋଇଥିଲେ ।

# ଫୁଟବଲ ଟୁର୍ନାମେଣ୍ଟ: ଚିଚିଣ୍ଡା ଚାମ୍ପିୟନ

**ଭେଡ଼େନ,୭।୧୦(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଅନ୍ତର୍ଗତ ଚିଚିଣ୍ଡା ଗ୍ରାମପଞ୍ଚାୟତର ହାଇସ୍କୁଲ ଖେଳ ପଡ଼ିଆରେ ରବିବାର ଅନୁଷ୍ଠିତ ଫୁଟବଲ ଟୁର୍ନାମେଣ୍ଟରେ ଚିଚିଣ୍ଡା ଦଳ ଚାମ୍ପିୟନ ହୋଇଛି। ଚିଚିଣ୍ଡା ଗ୍ରାମପଞ୍ଚାୟତ ବିଜୁ ଯୁବ ବାହିନୀ ଆନୁକୂଲ୍ୟରେ ହୋଇଥିବା ଫୁଟବଲ ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ଚିଚିଣ୍ଡା ଦଳ କେଶ୍ରିପାଲି ଦଳକୁ ଟାଇବ୍ରେକର ଯୋଗେ ୪-୨ ଗୋଲ ବ୍ୟବଧାନରେ ପରାସ୍ତ କରିଛି। ପୂର୍ବରୁ ସେମିଫାଇନାଲ ଖେଳରେ କେଶ୍ରିପାଲି ଦଳ ପତ୍ରାପାଲିକୁ ୧-୦ ଗୋଲ ଏବଂ ଚିଚିଣ୍ଡା ଦଳ ବୁଗବୁଗାକୁ ୨-୦ ଗୋଲ ବ୍ୟବଧାନରେ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଥିଲେ। ରେଫରୀ ହରେରାମ ପଶାୟତ, ଛାୟାକାନ୍ତ ତରିଆ, ବାବାଜୀ ଝାଙ୍କର ପ୍ରମୁଖ ଖେଳ ପରିଚାଳନା କରିଥିଲେ । ବିକ୍ରମ ଭୋଇ ଧାରା ବିବରଣୀ ପ୍ରଦାନ କରିଥିଲେ। ଉଦଯାପନୀ ଉତ୍ସବରେ ଯୁବବାହିନୀ ଉପଦେଷ୍ଟା ଦୁର୍ଗା ପ୍ରସାଦ ଛୁରିଆ ମୁଖ୍ୟଅତିଥି, ଭେଡ଼େନ ବ୍ଲକ ଅଧ୍ୟକ୍ଷ ଡ଼ୋଲାମଣି କ୍ଷେତି, ଚିଚିଣ୍ଡା ସରପଞ୍ଚ ସୁଶାନ୍ତ ପ୍ରଧାନ, ସମିତିସଭ୍ୟ ମୁକେଶ ସାହୁ, ସୁନ୍ଦରମଣି ମାଝୀ, ମନବୋଧ ମେହେର, ନିମାଇଁ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ପଞ୍ଚାୟତ ବିଜୁ ଯୁବବାହିନୀ ସଭାପତି ଅତୀଶ ସାହୁ, ସମ୍ପାଦକ କରୁଣାକର ଦୀପଙ୍କ ସମେତ ସମସ୍ତସଭ୍ୟ ସହଯୋଗ କରିଥିଲେ।



ଚିଚିଣ୍ଡା ଫୁଟବଲ ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ।

# ବିଜୁ ଯୁବ ବାହିନୀର ସ୍ୱଚ୍ଛତା ଅଭିଯାନ

**ଜାମଟିକ୍ରା, ୭।୧୦ (ଡି.ଏନ.ଏ)**

ବରଗଡ ସଦର ବ୍ଲକ ଅନ୍ତର୍ଗତ କୁରୁଆଁ ଗ୍ରାମପଞ୍ଚାୟତର ବିଜୁ ଯୁବ ବାହିନୀ ପକ୍ଷରୁ ରବିବାର ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଛି । କୁରୁଆଁ ସରପଞ୍ଚ ପୁଷ୍ପାଞ୍ଜଳି କଲତାଙ୍କ ନେତୃତ୍ୱରେ ଏହି ପଞ୍ଚାୟତ ଅନ୍ତର୍ଗତ ଗଣ୍ଡପାଲିରେ ସ୍ୱଚ୍ଛତା ଅଭିଯାନର ଏକ ରାଲି କରି ମଇଳା ଏବଂ ଆବର୍ଜନା ସଫା କରାଯାଇଥିଲା । ଘର ବାହାରେ ଏବଂ ଘର ଭିତରର ମଇଳାକୁ ଆବଶ୍ୟକ ସ୍ଥାନରେ ପକାଇବା ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ବିଜୁ ଯୁବ ବାହିନୀର ସଦସ୍ୟମାନେ ଗଣ୍ଡପାଲି ଗ୍ରାମରେ ସଫେଇ କରିଥିଲେ । ଏହି ଅଭିଯାନରେ ବିଜୁ ଯୁବ ବାହିନୀ ସଭାପତି ଦୀପକ ଦେହୁରୀ, ସମ୍ପାଦକ ଆଶିଷ ମହାକୁର, ଅଶୋକ ସାହୁ, ସୁବାଷ ଭୋଇ ଯୋଗଦାନ କରିଥିଲେ ।

## ସଂକ୍ଷେପରେ

### ଝରକା ଗ୍ରୀଲ୍ ତାଡି ସୁନା, ଟଙ୍କା ଲୁଟ୍

ଜହ୍ନାପଙ୍କ, ୭।୧୦ (ଡି.ଏନ.ଏ): ବୌଦ୍ଧ ଥାନା ଅନ୍ତର୍ଗତ ଜହ୍ନାପଙ୍କ ଛକ ନିକଟରେ ରହୁଥିବା ସରୋଜ ବେହେରାଙ୍କ ଘରୁ ଶନିବାର ବିଳମ୍ବିତ ରାତ୍ରିରେ ଝରକା ଗ୍ରୀଲ୍ ତାଡି ଲୁଟ୍ ହୋଇଛି । ଦୁର୍ବୃତ୍ତମାନେ ତାଙ୍କ ଘରୁ ସୁନା ୪୦ ଗ୍ରାମ, ନଗଦ ୨୦ ହଜାର ଟଙ୍କା ସହିତ ଦରକାରୀ କାଗଜପତ୍ର ନେଇଥିବା ଜହ୍ନାପଙ୍କ ଫାଣ୍ଡିରେ ଅଭିଯୋଗ ହୋଇଛି । ରବିବାର ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ଧନେଶ୍ୱର ସାହୁ ଓ ବୌଦ୍ଧ ଭାରପ୍ରାପ୍ତ ଥାନା ଅଧିକାରୀ ତପସ୍ୱିନୀ କଅଁର ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ କରିଥିଲେ। ସେହିପରି ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ନାରାୟଣ ନଗରରେ ଜଣଙ୍କ ଘରୁ ଚୋରି ଉଦ୍ୟମ ହୋଇଥିଲା। ତେବେ ଉକ୍ତ ବ୍ୟକ୍ତି ଜଣକ ଉଠି ପଡିବାରୁ ଚୋରମାନେ ଏକ ଗାମୁଛା ଛାଡି ପଳାଇଥିଲେ ।

### ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ

**ଅମ୍ବାଭୋନା, ୭।୧୦ (ଡି.ଏନ.ଏ):** ଅମ୍ବାଭୋନା ମିନି ଷ୍ଟାଡିୟମଠାରେ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଅବସରରେ ବିଡିଓ ଅଲଫ୍ରାନ୍ସ ବିଲଙ୍ଗଙ୍କ ଅଧକ୍ଷତାରେ ଏକ ବୈଠକରେ ବରଗଡ ଜିଲା କ୍ରୀଡା ଅଧିକାରୀ ତୁଷାର କାନ୍ତ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଯୁବଗୋଷ୍ଠୀ ମଧରେ ଶିକ୍ଷା, କ୍ରୀଡା, ଚାଷ, ସେବା ଆଦି କ୍ଷେତ୍ରରେ ପ୍ରତିଭା ବିକଶିତ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଜିଲା ସଂଯୋଜକ ମନୋଜ ସାହୁ, ବିଜୟ ପଧାନ, ପ୍ରତ୍ୟୁଷ ମିଶ୍ର, ପ୍ରଗତି ସହାୟକ ମହିମା ସାହୁ, ବିଜେଡି ସକ୍ରିୟ ସଭ୍ୟ ହିରାଧର ସାହୁ, ସତ୍ୟନାରାୟଣ ଗରିଆ, ମଣ୍ଟୁ ବଢ଼େଇ, ବିଷ୍ଣୁ ପଧାନ, ବ୍ଲକ ଯୁବ ସଂଯୋଜକ ରଞ୍ଜନ କୁମାର ବୈଗା ଯୋଗ ଦେଇଥିଲେ । ଏହି ସଭାରେ ଶତାଧିକ ବିଜୁ ଯୁବ ବାହିନୀ ସଦସ୍ୟ ସାମିଲ ହୋଇଥିଲେ ।



### ଏଲପିଜି ପଞ୍ଚାୟତ ସଚେତନତା ଶିବିର

**ଗାଇସିଲେଟ,୭।୧୦(ଡି.ଏନ.ଏ):** ଗାଇସିଲେଟ ବ୍ଲକ ଅନ୍ତର୍ଗତ ଶରଧାପାଲି ଗ୍ରାମପଞ୍ଚାୟତଠାରେ ଏଲପିଜି ପଞ୍ଚାୟତ ଜନସଚେତନତା ଶିବିର ଅନୁଷ୍ଠିତ ହୋଇଛି । ଏହି ଶିବିରରେ ଜିଲା ପରିଷଦ ସଭ୍ୟ ମଦନ ଦୀପ, ଜିଲା ଭାଜପା ଉପସଭାପତି ପ୍ରବୀଣ ପାଣିଗ୍ରାହୀ, ମଣ୍ଡଳ ସଭାପତି ପ୍ରେମାନନ୍ଦ ଠାକୁର, ଏଏନ୍‌ଏମ୍ ବିଜୟିନୀ ସାହୁ, ଆଶାକର୍ମୀ ସାଧବୀ ଭୋଇ, ବରଗଡ଼ ଜିଲା ଏଡ଼ିଏନଓ ପ୍ରକାଶ କୁମାର ବେହେରା, ମାନସ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରସନ୍ନ କୁମାର ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ୨୮ଜଣଙ୍କୁ ନୂଆ ଉଜ୍ଜ୍ୱଳା ଗ୍ୟାସ୍ ସଂଯୋଗ ଦିଆଯାଇଥିଲା। ସୁଶୀଲ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

■ ମିଳିତ ଆଦିବାସୀ ସମନ୍ୱୟ ସମିତିର ନୂଆଖାଇ ଭେଟଘାଟ୍

# ବାଦ୍ୟ, ନୃତ୍ୟଗୀତରେ ଦୁଲୁକିଲା ମଞ୍ଚ

**ଘଣ୍ଟାପଡା,୭।୧୦(ଡି.ଏନ.ଏ.)**



ଦେଢେଣମାଳ ଆଦିବାସୀ ପଡିଆରେ ଆୟୋଜିତ ନୂଆଖାଇ ଭେଟ୍‌ଘାଟ୍ ରେ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଛି ।

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଆମ୍ବଗାଁ ପଞ୍ଚାୟତର ଦେଢେଣମାଳ ଆଦିବାସୀ ପଡିଆରେ ରବିବାର କଣ୍ଟାମାଳ ଆଦିବାସୀ ସମନ୍ୱୟ ସମିତି ପକ୍ଷରୁ ଆୟୋଜିତ ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ତୁର୍କା, କୁଦୁର୍କା ପ୍ରଗଣା ଆଦିବାସୀ ଗୋଷ୍ଠୀର ଏହି ନୂଆଖାଇ ଭେଟଘାଟ୍ କାର୍ଯ୍ୟକ୍ରମରେ ପଡୋଶୀ ସୋନପୁର, କନ୍ଧମାଳ, ବାଲିଗୁଡା, କଳାହାଣ୍ଡି, ବଲାଙ୍ଗୀର, ବରଗଡ ଆଦି ବିଭିନ୍ନ ଜିଲାରୁ ପ୍ରାୟ ୫ହାଜରରୁ ଊର୍ଦ୍ଧ୍ୱ ଆଦିବାସୀ ଯୋଗ ଦେଇଥିଲେ । ବିଭିନ୍ନ ଅଞ୍ଚଳରୁ ଆଦିବାସୀମାନେ ପଟୁଆରରେ ଆସିଥିଲେ । ସେମାନଙ୍କ ପାରମ୍ପରିକ ବାଦ୍ୟ ଚାଙ୍ଗୁ, ଢୋଲ, ମାଦଳ ଓ ଅସ୍ତ୍ରଶସ୍ତ୍ର ଧରି ନୃତ୍ୟଗୀତର ତାଳରେ ସମଗ୍ର ଦେଢେଣମାଳ ଆଦିବାସୀ ପଡିଆ ଦୁଲୁକି ଉଠିଥିଲା । ଏହି ଅବସରରେ ଆଦିବାସୀ ନେତା ତଥା ପୂର୍ବତନ କଣ୍ଟାମାଳ ବ୍ଲକ ଅଧକ୍ଷ ସାମନ୍ତ ମାଝୀଙ୍କ ନେତୃତ୍ୱରେ ଆୟୋଜିତ ବିରାଟ ଆଦିବାସୀ ସମାବେଶକୁ ଆଦିବାସୀ ସମନ୍ୱୟ ସମିତି ସଭାପତି ଘାସିରାମ ପୁଟା ସଭାପତିତ୍ୱ କରିଥିଲେ । ସଭାରେ ଅନୁସୂଚିତ ଜାତି, ଜନଜାତି ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ ମୁଖ୍ୟଅତିଥି, କଣ୍ଟାମାଳ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧକ୍ଷ ମହୀଧର ରଣା, ବୌଦ୍ଧ ଜିଲା ପରିଷଦ ଅଧକ୍ଷା ଜ୍ୟୋତ୍ସ୍ନା ଭୋଇ, କଣ୍ଟାମାଳ ବ୍ଲକ ଅଧକ୍ଷା ଯାଜ୍ଞେଶ୍ୱରୀ ପ୍ରଧାନ, ଉପାଧକ୍ଷା ମମତା ବେହେରା, ପୂର୍ବତନ ବିଧାୟକ ଭଗବାନ କଅଁର, ବିଡିଓ ରବିନ୍ଦ୍ର ନାଥ କଅଁର, ଆମ୍ବଗାଁ ସରପଞ୍ଚ ପଦ୍ମିନୀ ରଣା, କଣ୍ଟାମାଳ କନ୍ଧ ସମାଜ ସଂଘ ସଭାପତି ଡମ୍ବରୁଧର କଅଁର, ଓଡିଶା ଆଦିବାସୀ କଲ୍ୟାଣ ମହାସଂଘ ତଥା ଆଦିବାସୀ କଲ୍ୟାଣ ସଂଘ କଳାହାଣ୍ଡି ସଭାପତି ପରମାନନ୍ଦ ମାଝୀ, କନ୍ଧ ସମାଜର ଗବେଷକ ତଥା କଳାହାଣ୍ଡି ଜିଲା (ନର୍ଲା) ଭୀମା ପତ୍ରିକାର ମୁଖ୍ୟ ସମ୍ପାଦକ ମେଦିନୀଧର ଜାନୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଆଦିବାସୀ ଅଧ୍ୟୁଷିତ କଣ୍ଟାମାଳ ଅଞ୍ଚଳରେ ଆଦିବାସୀ, କନ୍ଧ ସମାଜର ବିକାଶ, ଆଦିବାସୀମାନଙ୍କ ପାଇଁ ସରକାର ପ୍ରଣୟନ କରିଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ ଗଣପର୍ବ ନୂଆଁଖାଇ ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ । ସଭାରେ ନାରାୟଣପ୍ରସାଦ ଓ ଉମା ଆଦିବାସୀ ଛାତ୍ରୀ ହଷ୍ଟେଲ, ମେଗା ଲିଫ୍ଟ ପଏଣ୍ଟ ଆଦି କାର୍ଯ୍ୟକ୍ଷମ କରିବା ଓ ଦେଢେଣମାଳଠାରେ ଆଦିବାସୀ ଛାତ୍ରୀ ହଷ୍ଟେଲ ଓ ଜିଲାରେ ଆଦିବାସୀ ବିକାଶ ପରିଷଦ ଗଠନ ପାଇଁ ମନ୍ତ୍ରୀଙ୍କ ନିକଟରେ ପ୍ରସ୍ତାବ ଦିଆଯାଇଥିଲା । ସେହିପରି ସମାବେଶର ପ୍ରଥମ ପର୍ଯ୍ୟାୟ ସଭାରେ ଶବର ସଂଘ ସଭାପତି ଘନଶ୍ୟାମ ବୁଡାଏକ, ତପେଶ୍ୱର ନାଏକ, କନ୍ଧ ସମାଜର ସୁଶୀଲ ଝାଙ୍କର, ଆଞ୍ଚଳିକ କନ୍ଧ ସମାଜ ସଭାପତି ଲାଲସା ମଲ୍ଲିକ, ତୁର୍କା ପ୍ରଗଣାର ଧର୍ମୁ କଅଁର, ଗୋଁଡ ସମାଜର ସଭାପତି ମହନ ଭୋଇ, ଚୈତନ୍ୟ ଧରୁଆ, କନ୍ଧ ସମାଜ କୁଦୁର୍କା ଓ ତୁଦୁର୍କାର ଉପଦେଷ୍ଟା ଦେବାଧି ମଲିକ, ରାଜେନ୍ଦ୍ର ଭୋଇ, ଦାମୋଦର ଭୋଇ, ଦୟାନିଧି ଯାନି, ମହାସଂଘ ସଭାପତି ରବି ମାଝି, ଢେକଲମୁଣ୍ଡାର ଡିଙ୍ଗ ମାଝୀ, ଆରିମୁଲ କନ୍ଧ ସମାଜ ସଭାପତି ନରୋତ୍ତମ ମଲ୍ଲିକ, ସଉରୀବେଙ୍ଗେସ ଶବର ସମାଜର ସଭାପତି ନବଘନ ଭୋଇ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । କନ୍ଧ ସମାଜର ନୀଳାଞ୍ଚଳ ଭୋଇ ମଞ୍ଚ ପରିଚାଳନା କରିଥିଲେ। ଆରମ୍ଭରେ ଭୀମଭୋଇ ଅନ୍ଧ ମୂକ ବଧିର ସ୍କୁଲ ଛାତ୍ରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

## ଦୁର୍ଗାପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପିତ

**ମନମୁଣ୍ଡା, ୭।୧୦ (ଡି.ଏନ.ଏ)**

ବୌଦ୍ଧ ଜିଲା ଦହ୍ୟା ବସଷ୍ଟାଣ୍ଡ ୪୯ତମ ଦୁର୍ଗାପୂଜା ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ଏଥିରେ କର୍ତ୍ତା ଭାବେ ଅମୂଲ୍ୟ ସାହୁ ଓ ପୂଜକ ଭାବେ ବ୍ରଜକିଶୋର ପୂଜାହାରୀ ଦାୟିତ୍ୱ ନିର୍ବାହ କରିଥିଲେ । ପାଜା ପାଇଁ ଗଠିତ କମିଟିରେ ସଭାପତି ବସନ୍ତ କୁମାର ସାହୁ, ସମ୍ପାଦକ ଖଗେଶ୍ୱର ସାହୁ, ସଭ୍ୟ ଶିବୁ ସାହୁ, ବିଭୀଷଣ ସେଠୀ, ପ୍ରମୋଦ ସାହୁ, ରଘୁ ସାହୁ, ରାଧାକାନ୍ତ ସାହୁ, ବସନ୍ତ ସାହୁ, ରବି ସାହୁ, ସୁବାଷ ସାହୁ, ନାରାୟଣ ମହାକୁଡଙ୍କୁ ଚୟନ କରାଯାଇଛି ।

## ଅଁଳାପାଲିରେ ବୃକ୍ଷରୋପଣ

**ବାଉଁଶୁଣୀ,୭।୧୦(ଡି.ଏନ.ଏ)**

ବୌଦ୍ଧ ବ୍ଲକ ଅଁଳାପାଲି ଗ୍ରାମପଞ୍ଚାୟତର ବିଜୁ ଯୁବବାହିନୀ ପକ୍ଷରୁ ରବିବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସଭାପତି ପଙ୍କଜ କୁମାର ବାରିକଙ୍କ ତତ୍ତ୍ୱାବଧାନରେ ପ୍ରାଥମିକ ସ୍କୁଲ ପରିସର, ବିଭିନ୍ନ ପୋଖରି ହୁଡା, ରାସ୍ତାର ଉଭୟ ପାର୍ଶ୍ୱରେ ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଥିଲା। ଏହି ଚାରା ରୋପଣ କାର୍ଯ୍ୟକ୍ରମରେ ସାହୁପଡାର ଲୋକମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ବିଜୁ ଯୁବ ବାହିନୀର ସମ୍ପାଦକ ରାକେଶ କୁମାର ବାରିକ, କୋଷାଧକ୍ଷ ତପନ ମଲ୍ଲିକଙ୍କ ସମେତ ସୁରମଣି ବିଶି, ଶେଷବନ୍ଧୁ ପୃଷ୍ଟି, ବିନାୟକ ସାହୁ, ମୁକେଶ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ ।

### ୫ଲକ୍ଷ ଟଙ୍କାର ତମ୍ବା ତାର ଚୋରି ଘଟଣା

## ଟାଟା ସୁମୋ ଜବତ, ୫ ଗିରଫ

**ବରଗଡ଼ ଅଫିସ୍,୭।୧୦**

ବରଗଡ଼ ସହର ଉପକଣ୍ଠ ବରଢ଼ୋଲସ୍ଥିତ ଏସିସି ପରିଚାଳିତ ବରଗଡ଼ ସିମେଣ୍ଟ କାରଖାନା ପରିସରରେ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ତମ୍ବା ତାର ଚୋରି ଘଟଣାର ପର୍ଦ୍ଦାଫାଶ ହୋଇଛି । ବରଗଡ଼ ଟାଉନ ଥାନା ପୋଲିସ ଚୋରି ହୋଇଥିବା ତମ୍ବାତାର ଉଦ୍ଧାର କରିବା ସହିତ ଏଥିରେ ବ୍ୟବହୃତ ଟାଟା ସୁମୋ (ନଂ.ଓଡ଼ି୧୭ଡ଼ି ୮୫୦୦)କୁ ଜବତ କରିଛି । ଏଥିରେ ସମ୍ପୃକ୍ତ କାରଖାନାର ସିକ୍ୟୁରିଟି ଗାର୍ଡଙ୍କ ସମେତ ୫ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି । ସେମାନେ ହେଲେ କାରଖାନାର ସିକ୍ୟୁରିଟି କର୍ମଚାରୀ ତଥା ବରଗଡ଼ ବାସିନ୍ଦା ଭୋଜରାଜ ମହାନନ୍ଦ, ଭୋଜ ଜାଲ, ରିଙ୍କୁ ସାହୁ, ମୁକେଶ ଅଗ୍ରୱାଲ ଏବଂ ସୁରେଶ ଅଗ୍ରୱାଲ । ସେମାନଙ୍କ ବିରୋଧରେ ଟାଉନ ଥାନା ପୋଲିସ ଏକ ମାମଲା(ନଂ.୫୦୨/୧୮) ରୁଜୁ କରିଛି । ପ୍ରକାଶ ଯେ, ଶନିବାର ବିଳମ୍ବିତ ରାତ୍ରିରେ କାରଖାନାରୁ ପ୍ରାୟ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ତମ୍ବା ତାର ଚୋରି ହୋଇଥିଲା । ତେବେ ସେହି ଗାଡ଼ିଟି କାରଖାନାର ସିକ୍ୟୁରିଟି ଏଜେନ୍ସି ହାତରେ ଧରାପଡ଼ିଥିଲା ଏବଂ ଏ ନେଇ ସିକ୍ୟୁରିଟି ଅଫିସର କିଶୋର ଚନ୍ଦ୍ର ପୋଲିସରେ ଏତଲା ଦେଇଥିଲେ । ଏତଲା ପାଇବା ପରେ ପୋଲିସ ସମ୍ପୃକ୍ତ ସିକ୍ୟୁରିଟି ଗାର୍ଡ଼ଙ୍କ ସମେତ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ମୁକେଶ ଓ ସୁରେଶ ସେହି ଚୋରା ତମ୍ବାତାରକୁ ଗ୍ରହଣ କରିଥିଲେ ବୋଲି ତଦନ୍ତରୁ ଜଣାପଡ଼ିଥିଲା ବୋଲି ଟାଉନ ଥାନ ଆଇଆଇସି ବିଭୁତି ଭୂଷଣ ଭୋଇ ସୂଚନା ଦେଇଛନ୍ତି । ଗିରଫ ୫ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି ଏବଂ ଜାମିନ ନାମଞ୍ଜୁର ହେବା ପରେ ସେମାନଙ୍କୁ ସ୍ଥାନୀୟ ସବଜେଲ ହାଜତକୁ ପଠାଇ ଦିଆଯାଇଛି ।



ତମ୍ବା ତାର ଚୋରି ଘଟଣାରେ ଗିରଫ ଅଭିଯୁକ୍ତ ।

## ସୁଇପର ଭରସାରେ ଆୟୁର୍ବେଦିକ ସ୍ୱାସ୍ଥ୍ୟ କେନ୍ଦ୍ର

**ତଳଗାଁ, ୭।୧୦(ଡି.ଏନ.ଏ.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ୍ ରାମଗଡ ଠାନେ ଥିବାର ଆୟୁର୍ବେଦିକ ସ୍ୱାସ୍ଥ୍ୟ କେନ୍ଦ୍ର ୧୯୯୦ ସାଲେ ଥାପିତ ହେଇଥିଲା। ହେଲେ ଦୁଖର କଥା ଆଏଜ୍‌ତକ୍ ଇ ସ୍ୱାସ୍ଥ୍ୟ କେନ୍ଦ୍ରଟା ଝନେ ସୁଇପର ଭରସାରେ ଚାଲୁଛେ। ସରକାର ଇଠାନେ ଲକ୍ଷ ଲକ୍ଷ ଟଁକା ଖରଚ୍‌ରେ ସ୍ୱାସ୍ଥ୍ୟ କେନ୍ଦ୍ରର କରମ୍‌ଚାରୀ ରହେବାର ଲାଗି ଘର ତିଆରିଛନ୍। ହେଲେ ଇ ସ୍ୱାସ୍ଥ୍ୟ କେନ୍ଦ୍ରରେ ନା ଅଛନ୍ ଡାକ୍‌ତର ନା ଫାର୍ମାସିଷ୍ଟ। ପେଟି ପେଟି ମାହାଲିଆ ସରକାରୀ ଉଷୋକସା ଖଡ୍ ଖାଉଛେ। ଫିଦିନ୍ ଅଂଚଲର ଲୋକ୍‌ମାନେ ଡାକ୍‌ତରଖାନା ଆସି ଫିରୁଥିଲା ବେଲେ କ୍ୱାକ୍ ଠାନେ ଚିକିସ୍ସା କରଉଛନ୍। ଇଆଡେ ବ୍ଲକ୍‌ର ତଳଗାଁ ପଁନ୍‌ଚେତର ତଳଗାଁ ସ୍ୱାସ୍ଥ୍ୟ କେନ୍ଦ୍ରର ବି ସମାନ ଅବସ୍‌ତା। ଇଠାନେ ଝନେ ଫାର୍ମାସିଷ୍ଟ ଜୁଗି ରହିଥିଲା ବେଲେ ମନ୍‌ଇଛା ଯିବାର ଆଏବାର କରୁଛନ୍ ବଲି ଅଂଚଲବାସୀ ଅଭିଯୋଗ କରିଛନ୍। ଇଠାନେ ଲୋକ୍ ସୁଆସ୍‌ତିଅ ସେବାର ଲାଗି ଲୋକ୍ ୧୦୦ କି.ମି. ବୌଦ୍ଧ ନାଇଁ ହେଲେ ଫୁଲବାଣୀକେ ଯାଏସନ୍। ଯେତେ ଜଲ୍‌ଦି ହେବା ଦୁଇ ଡାକ୍‌ତରଖାନାକେ ସଚଲ କରବାକେ ଅଂଚଲବାସୀ ଦାବି କରିଛନ୍। ଇ ବାବ୍‌ଦେ ଜିଲା ମୁଖିଆ ଚିକିସ୍ସା ଅଧିକାରୀ ବିଜନ କୁମାର ମହାନ୍ତିଙ୍କୁଁ ପଚରାବାରେ ଘଟନାର ଅନୁଧିଆନ କରି ପଦକ୍ଷେପ ନିଆଯିବା ବଲି କହିଥିଲେ।

# ଭୋଟର ପଞ୍ଜୀକରଣ ସଚେତନତା କାର୍ଯ୍ୟକ୍ରମ



ଭୋଟର ପଞ୍ଜୀକରଣ ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଛାତ୍ରୀଛାତ୍ର ।

**ତଳଗାଁ,୭।୧୦(ଡି.ଏନ.ଏ)**

ବୌଦ୍ଧ ଜିଲା ପୁରୁଣାକଟକ ଭୈରବୀ ଜୁନିୟର ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଭୋଟର ପଞ୍ଜୀକରଣ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାପାଳ ସୀତାଂଶୁ କୁମାର ରାଉତ, ଉପଜିଲାପାଳ ଏନ୍‌ସି ଜ୍ୟୋତି ରଞ୍ଜନ ନାୟକ, ହରଭଙ୍ଗା ବିଡିଓ ରବିନ୍ଦ୍ର କୁମାର ଶତପଥି ଯୋଗ ଦେଇଥିଲେ । ମହାବିଦ୍ୟାଳୟର ଶହେରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ବାହାରି ପୁରୁଣାକଟକ ନିକଟସ୍ଥ ଜିଆଁକଟା ଗ୍ରାମକୁ ଯାଇଥିଲେ । ସେଠାରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଭୋଟର ତାଲିକାରେ ନୂତନ ନାମ ପଞ୍ଜୀକରଣ, ସୁସ୍ଥ ସରକାର ପ୍ରତିଷ୍ଠା, ମୁକ୍ତ ଓ ଅବାଧ ନିର୍ବାଚନ ଉପରେ ଉପସ୍ଥିତ ଜନସାଧାରଣଙ୍କୁ ଅତିଥିମାନେ ବୁଝାଇଥିଲେ। ଏଥିରେ ଅଧ୍ୟାପକ କୈଳାସ ଚନ୍ଦ୍ର ଦାସ, ସଦାଶିବ ଜେନା, ପ୍ରଶାନ୍ତ କୁମାର ସେଠୀ, ରମେଶ ଚନ୍ଦ୍ର ତାରେଣିଆ, ଅଧ୍ୟାପିକା ଧରିତ୍ରୀ କାନୁନଗୋ, ରୁବିନା ଷଡଙ୍ଗୀ, ଆକାଂକ୍ଷା ଷଡଙ୍ଗୀଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ ।

## ବିଜେଡିର ଜନ ସମ୍ପର୍କ ପଦଯାତ୍ରା

**ପାଇକମାଳ,୭।୧୦(ଡି.ଏନ.ଏ)**

ବରଗଡ଼ ଜିଲା ପାଇକମାଳ ବ୍ଲକର ବିଭିନ୍ନ ସ୍ଥାନରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ରବିବାର ସରେଇକେଲା ଠାରୁ ଧୁମାଭଟା ପଦଯାତ୍ରା କରାଯାଇଥିଲା । ଧୁମା ଭଟାରେ ଏକ ବିରାଟ ସମାବେଶ ବ୍ଲକ ଅଧକ୍ଷ ଅଲତାପ ମହମ୍ମଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାବେଶରେ ପୂର୍ବତନ ମନ୍ତ୍ରୀ ତଥା ଜିଲା ସଭାପତି ବିଜୟ ରଞ୍ଜନ ସିଂ ବରିହା ମୁଖ୍ୟଅତିଥି, ପୂର୍ବତନ ତହସିଲଦାର ରାଜେନ୍ଦ୍ର ରାଉତ, ପାଇକମାଳ ସରପଞ୍ଚ ଧବଳେଶ୍ୱର ସାହୁ, ଚର୍ଦାପାଲି ସରପଞ୍ଚ ଗିରିଶ ଚନ୍ଦ୍ର ନାୟକ, ଜିଲା ପରିଷଦ ସଭ୍ୟ ବିଶ୍ୱନାଥ ବାଗ ଓ ବରିଷ୍ଠ ବିଜେଡି ନେତା ହୃଦାନନ୍ଦ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ରାଜ୍ୟ ସରକାରଙ୍କ ଯୋଜନା ଗୁଡିକ ପ୍ରତି ଘରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ ।

### ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତା
## ଭାଗ ନେଲେ ୧୪୦ ପ୍ରତିଯୋଗୀ

**ବୌଦ୍ଧ,୭।୧୦(ସ୍ୱ.ପ୍ର)**

ବୌଦ୍ଧ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତା ୨୦୧୮ ରବିବାର ଅନୁଷ୍ଠିତ ହୋଇଛି । ଓଡିଶା ରାଜ୍ୟ ଶିଶୁ କଲ୍ୟାଣ ପରିଷଦ, ଭୁବନେଶ୍ୱର ଓ ଜିଲା ଶିଶୁ ସୁରକ୍ଷା ୟୁନିଟ ବୌଦ୍ଧ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ଜିଲା ଦୌରାଜଜ ଦୌରାଜଜ୍ ଅରବିନ୍ଦ କୁମାର ଗୁରୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ସିଜେଏମ ପ୍ରଦୀପ୍ତ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ପାଇଁ ଏହା ଭଲ ପ୍ରୟାସ, ଏହା ଦ୍ୱାରା ସେମାନଙ୍କ ମନୋବଳ ଦୃଢ ହୋଇପାରିବ ବୋଲି କହିଥିଲେ । ବୌଦ୍ଧ କେନ୍ଦ୍ରିୟ ବିଦ୍ୟାଳୟର ଅଧକ୍ଷା ସୁଜାତା ରଥ ସ୍ୱାଗତ ଭାଷଣ ଦେଇଥିଲେ । ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ନିୟମାବଳୀ ଓ ଚିତ୍ରାଙ୍କନ ପ୍ରତିଯୋଗିତା ବିଷୟରେ ଆଲୋକପାତ କରିଥିଲେ । ଏହି ପ୍ରତିଯେଗିତାରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ୧୪୦ ଜଣ ଶିଶୁ ଅଂଶଗ୍ରହଣ କରିଥିଲେ । ଆଗାମୀ ଦିନରେ କୃତି ଛାତ୍ରୀଛାତ୍ରମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୂଚନା ଦେଇଥିଲେ । ଶିଶୁ ସୁରକ୍ଷା ୟୁନିଟ୍‌ର ପ୍ରୋବେସନ ଅଫିସର ସମରସେନ ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

# ମଉଲିକ ସୁବିଧାରୁ ବଁଚିତ ତିରଡ ଗାଁବାସୀ

**ବୌଦ୍ଧ,୭।୧୦(ସ୍ୱପ୍ର)**



ଅଭିଯୋଗ ଲାଗି ତିରଡ ଗାଁବାସୀ ବାଚସ୍ପତିକଁର ଘର ଆଘେ ଠୋଲ ହେଇଛନ୍ ।

ରାଏଜ୍ ସରକାର ଗାଁମାନ୍‌କେ ବସବାସ କରୁଥିବାର ଲୋକ୍‌ମାନକର ଲାଗି ଯୋଜ୍‌ନା ଉପରେ ଯୋଜ୍‌ନା କରୁଛନ୍। ସବୁ ଗାଁକେ ପକ୍କା ରାସ୍‌ତା, ନିରମଲ ପିଇଲା ପାଏନ, ବିଜ୍‌ଲି ଯୁଗେଇ ଦେବାର ଡିଁଗ୍‌ରା ପିଟୁଛନ୍। ହେଲେ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ୍ କୁଶଙ୍ଗ ପଁନ୍‌ଚେତର ତିରଡ ଗାଁବାସୀ ଆଏଜ୍ ବି ମଉଲିକ୍ ସୁବିଧା ସୁଯୋଗ୍‌ନୁ ବଁଚିତ୍ ଥିବାର ଦେଖିବାକେ ମିଲିଛେ। ଗାଁର ଲୋକ୍ ସଂଖ୍ୟା ପାଖାପାଖି ୩୫୦ ହେଇଥିଲା ବେଲେ ଇଠାନେ ସରକାରକଁର ତରଫୁ କେହେନ୍‌ସି ପରକାର ଉନ୍‌ନୟନ କାମ୍ ନାଇଁହେଇ। ବଡ଼ ଦୁଖର କଥା ଯେ ଗାଁରୁ ପଁନ୍‌ଚେତ ସଦରକେ ରାସ୍‌ତା ଖଁଡେ ନାଁଇଁ। ଉପେ ଶୂଇନ୍ ହେଇ ଗାଁବାସୀ ୧୦ କି.ମି. ବୁଲି କିଁଦ୍‌ରି ଖେତ୍‌ଆଡି, ଧରସା ହେଇ ପଁନ୍‌ଚେତ ଦପ୍‌ତରକେ ଯାଉଛନ୍। ଗାଁର ଛୁଆମାନେ ଠିକ୍ ହିସାବେ ସ୍କୁଲ ବି ନାଇଁ ଯାଇପାରବାର। ଗାଁରେ କାହାର ଦିହିପା ନସ୍‌ଲେ ଡାକ୍‌ତରଖାନା ନେବାକେ ହେଲେ ଖଟ୍ ଖୁଜ୍‌ବାକେ ପଡ଼ସି। ଗାଁରେ ନିରମଲ ପିଇଲା ପାଏନ୍‌ର ବଡ଼ଭାରି ଅସ୍‌ବିଧା ଅଛେ। ଗାଁବାସୀ ପାସର ମହାନଦୀରୁ ପାଏନ୍ ଆନି ପିଇଲା ପାଏନ୍ ହିସାବେ ବେଭାର କରୁଛନ୍। ଇ ବାବ୍‌ଦେ ଗାଁବାସୀ ଜିଲା ପରଶାସନକେ ବାର ବାର ଗୁହାରି କରିଥିଲେ ବି କେହେନ୍‌ସି ପରକାର ସୁଫଲ ନାଇଁପାଇ। ଯେନ୍‌ଥିରଲାଗି ଗାଁବାସୀ ରଏବାର ଦିନ ବୌଦ୍ଧ ବିଧାୟକ ତଥା ବାଚସ୍ପତି ପ୍ରଦୀପ କୁମାର ଅମାତଙ୍କୁଁ ଭେଟି ଗାଁର ସୁବିଧା ଅସବିଧା କହେବାର ସଂଗେ ହାଲ୍‌ଘଡିକେ ଗୁଟେ ରାସ୍‌ତା ଆର ପିଇଲା ପାଏନର ବେବସ୍‌ତା କରବାକେ ଲେଖିକରି ଦେଇଥିବାର ଜନାଯାଇଛେ। ଇଥିରେ ଗାଁର ଶତାଧିକ୍ ଲୋକ୍ ଆର ମାଏଝିମାନେ ସାମିଲଥିଲେ।

## ଫୁଟବଲ: ପୁଟପୁଟପାଲି ଚାମ୍ପିୟନ

**ବରଗଡ଼ ଅଫିସ୍, ୭।୧୦**

ବରଗଡ଼ ବ୍ଲକ ଅନ୍ତର୍ଗତ ବଗେଇବିରାଠାରେ ରବିବାର ବିଜୁ ବାହିନୀ ଆନୁକୂଲ୍ୟରେ ଏକଦିବସୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଉକ୍ତ ପ୍ରତିଯୋଗିତାରେ ଗୋବିନ୍ଦପାଲି, ସରେଇପାଲି, ଅଏଁଳାପାଲି, କମଗାଁ, କୁଟେଲା, ପୁଟପୁଟପାଲି, ଲୁହୁରାଚଟି ଓ ବରଗଡ଼ ରେଳଷ୍ଟେଶନ ପଡ଼ାର ଫୁଟବଲ ଦଳ ଅଂଶଗ୍ରହଣ କରିଥିଲେ। ଗୋବିନ୍ଦପାଲି ଓ ପୁଟପୁଟପାଲି ଫାଇନାଲକୁ ଉନ୍ନୀତ ହୋଇଥିଲେ। ମ୍ୟାଚ୍ ଅମୀମାଂଶିତ ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା । ଏଥିରେ ପୁଟପୁଟପାଲି ଦଳ ପ୍ରତିପକ୍ଷ ଗୋବିନ୍ଦପାଲିକୁ ୪-୩ ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା। ନାରାୟଣ ପଣ୍ଡା, ସୁରେଶ ବେହେରା, ଅଜିତ ପ୍ରଧାନ, ଶିବୁବାବୁ ଖେଳ ପରିଚାଳନା କରିଥିଲେ । ଉଦଘାଟନୀ ସମାରୋହରେ ବରଗଡ଼ ଲୋକସଭା ଏମପି ଡଃ ପ୍ରଭାସ ସିଂ ଏବଂ ଉଦଯାପନୀ ସମାରୋହରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ରାଜ୍ୟ ସମବାୟ ସଂଘ ନିର୍ଦ୍ଦେଶକ ପ୍ରଫୁଲ୍ଲ ନାଏକ, ଚକରକେନ୍ଦ ସମିତିସଭ୍ୟ ଶ୍ରୀରାମ ପାତ୍ର, ଟାଉନ ବିଜେଡ଼ି ସଭାପତି କିଶୋର ମିଶ୍ର, ବିଶିଷ୍ଟ ଫୁଟବଲ ଖେଳାଳି ଏସ.କେ ଶବଦର, ନାଏବ ସରପଞ୍ଚ ସଞ୍ଜୟ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବଗେଇବିରା ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ସରୋଜ ପ୍ରଧାନ ଅଧ୍ୟକ୍ଷତା କରିଥିବା ବେଳେ ବିଜୁ ଯୁବ ବାହିନୀ ସଭାପତି ଅରୁଣ ବିଶି, ମନୋଜ ପୁରୋହିତ, ଅକ୍ଷୟ ବିଶି, ମଦନ ବିଶି ପ୍ରମୁଖ ସହଯୋଗ କରିଥିଲେ ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୮ ଅକ୍ଟୋବର, ୨୦୧୮



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।
- କାର୍ଲାଇଲ



**ସଂକ୍ଷେପରେ**

## ନିଶା ନିବାରଣ ସଚେତନତା ଅଭିଯାନ

**ଜାମଟିକ୍ରା, ୭।୧୦ (ଡି.ଏନ.ଏ)-** ଅତାବିରା ବ୍ଲକ କୁଲୁଣ୍ଡା ପଞ୍ଚାୟତର ବାବେବିରା ଗ୍ରାମରେ ବ୍ଲକ ଗାୟତ୍ରୀ ପରିବାର ପକ୍ଷରୁ ନିଶା ନିବାରଣ ସଚେତନତା ଅଭିଯାନ ରବିବାର ଅନୁଷ୍ଠିତ ହୋଇଛି । ଏହି ଅଭିଯାନରେ ସ୍ଥାନୀୟ ଆଶା, ଅଙ୍ଗନୱାଡି କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସ୍କୁଲ ଛାତ୍ରୀଛାତ୍ର ଓ ଗାୟତ୍ରୀ ପରିବାରର ସଦସ୍ୟମାନେ ଯୋଗଦେଇ ଏକ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ । ଏହାପରେ ଗାଁ ମଝିରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ କୁଲୁଣ୍ଡା ପଞ୍ଚାୟତ ସରପଞ୍ଚ ସବିତା ଦୀପ, ଗାୟତ୍ରୀ ପରିବାର ସଦସ୍ୟ ବନମାଳୀ କଠାର, ବିଭୂତି ଭୂଷଣ ପଧାନ, ଭବାନୀ ପଟେଲ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଶେଷରେ ମାନଭଞ୍ଜନ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

### ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତା

# ଚିତ୍ରାଙ୍କନ ଶିଶୁର ଅନ୍ତର୍ନିହିତ ଗୁଣର ପରିପ୍ରକାଶ କରେ

**ସୋନପୁର, ୭।୧୦ (ନି.ପ୍ର.)**

ଓଡିଶା ରାଜ୍ୟ ଶିଶୁ କଲ୍ୟାଣ ପରିଷଦ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଆନୁକୁଲ୍ୟରେ ମହାରାଜା ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଜିଲାସ୍ତରୀୟ ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତା ରବିବାର ଆୟୋଜିତ ହୋଇଯାଇଛି। ଉଭୟ ଭିନ୍ନକ୍ଷମ ଓ ସାଧାରଣ ବର୍ଗର ୪ ଗ୍ରୁପ୍‌ର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ବର୍ଗ ପାଇଁ ଭିନ୍ନ ଭିନ୍ନ ବିଷୟକୁ ଆଧାର କରି ଏହି ସ୍ୱତନ୍ତ୍ର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଜିଲାପାଳ ମଧୁସୂଦନ ମିଶ୍ର ନିଜେ ଏକ ଚିତ୍ର ଅଙ୍କନ କରି ଶୁଭାରମ୍ଭ କରିଥିଲେ। ଶିଶୁମାନଙ୍କ ଅନ୍ତର୍ନିହିତ ଗୁଣର ପରିପ୍ରକାଶ କରିବା ପାଇଁ ଏହା ଏକ ଉତ୍ତମ ସୁଯୋଗ ବୋଲି ଜିଲାପାଳ କହିଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଯୋଗଦେଇ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଭା ରହିଛି।




ଜିଲାସ୍ତରୀୟ ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥି ବୃନ୍ଦ ।

ଏହାକୁ ଚିହ୍ନଟ କରାଯାଇ ପାରିଲେ ସୃଜନଶୀଳତାର ପରିପ୍ରକାଶ ଘଟିବ ବୋଲି ପଣ୍ଡା ମତ ପ୍ରକାଶ କରିଥିଲେ। ଅନ୍ୟଅତିଥିମାନଙ୍କ ମଧ୍ୟରେ ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ବେଣୁଧର ବେହେରା, ଜିଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ହିମାଂଶୁ ଭୂଷଣ ନାୟକ ପ୍ରମୁଖ ମଞ୍ଚାସୀନ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ବଡବଜାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଅମ୍ବୁଜ ବିହାରୀ ଶତପଥୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। କଳା ଶିକ୍ଷକ ଶ୍ୟାମ ସୁନ୍ଦର ମେହେର ଓ ଦୁର୍ଯ୍ୟୋଧନ ମେହେର ବିଚାରକଭାବେ ଯୋଗ ଦେଇଥିଲେ। ଜିଲାର ବିଭିନ୍ନ ବିଦ୍ୟାଳୟର ୮୦ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାର ବିଭିନ୍ନ ବର୍ଗରେ ଶ୍ରେଷ୍ଠ ବିବେଚିତ ୩ଟି ଲେଖାଏଁ ଚିତ୍ରକୁ ରାଜ୍ୟସ୍ତରକୁ ଚୟନ କରାଯାଇଥିଲା। ସାଧାରଣ ଜୁନିଅର ବର୍ଗରେ ଅର୍ଣ୍ଣବ ସାହୁ, ଅଭିଷେକ ନାୟକ ଓ ଶ୍ୱାତି ଶର୍ମା, ସିନିୟର ବର୍ଗରେ ଏ ରଚନା, ରଶ୍ମିତା ସାହୁ ଓ ରାକ୍ଷୀ ମହାପାତ୍ରଙ୍କ ଚିତ୍ର ଚୟନ ହୋଇଛି। ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମହେଶ୍ୱର ମେହେର, ହେରୀ ଦେହୁରୀ, ସୁନେଲି କର୍ମୀ, ଲୋକନାଥ ଭୋଇ, ନିରୂପମା ନାୟକ ଓ ସଞ୍ଜୁକ୍ତା ବଗର୍ତ୍ତୀଙ୍କ ଚିତ୍ରକୁ ମନୋନୀତ କରା ଯାଇଛି । ବିଜୟ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର କେଶବ ଚନ୍ଦ୍ର ମେହେର, ପ୍ରଶାନ୍ତ ମହାକୁଡ, ରୁଦ୍ରପ୍ରସନ୍ନ ମିଶ୍ର, ସ୍ୱାଗତ ମିଶ୍ର, ଶୁଭଶ୍ରୀ ପତି ଓ ବିଶେଶ୍ୱର ହୋତା କାଯର୍‌ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଭାରତୀୟ ଅର୍ଥନୀତିରେ ଢାଞ୍ଚାଗତ ପରିବର୍ତ୍ତନ ଶୀର୍ଷକ ଆଲୋଚନାଚକ୍ର

**ବୀରମହାରାଜପୁର, ୭।୧୦ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲେଜ ଅର୍ଥନୀତି ବିଭାଗ ଆନୁକୂଲ୍ୟରେ ଏକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହାର ଶୀର୍ଷକ ଥିଲା ସ୍ୱାଧିନତା ପରବର୍ତ୍ତୀ ଭାରତୀୟ ଅର୍ଥନୀତିରେ ଢ଼ାଞ୍ଚାଗତ ପରିବର୍ତ୍ତନ। ଅର୍ଥନୀତି ବିଭାଗର ମୁଖ୍ୟ ତଥା କଲେଜର କାର୍ଯ୍ୟକାରୀ ଅଧ୍ୟକ୍ଷ ଦୀନବନ୍ଧୁ ମେହେର ଏଥିରେ ପୌରହିତ୍ୟ କରିବା ସହ ବିଭିନ୍ନ ତଥ୍ୟ ଉପରେ ଆଲୋଚନା କରିଥିଲେ। ଅଧ୍ୟାପକ ଯଜ୍ଞେଶ୍ୱର ବିଶିଙ୍କ ପରିଚାଳନାରେ ଆୟୋଜିତ ସଭାରେ ସୁବଳୟା କଲେଜର ଅର୍ଥନୀତି ଅଧ୍ୟାପକ ଦେବାଶିଷ ପଧାନ ମୁଖ୍ୟବକ୍ତାଭାବେ ଯୋଗଦେଇ ପ୍ରସଙ୍ଗଭିତ୍ତିକ ଆଲୋଚନା କରିଥିଲେ। ଆଲୋଚନାଚକ୍ରରେ ଅଧ୍ୟାପକମାନଙ୍କ ମଧ୍ୟରୁ ସତ୍ୟନାରାୟଣ ଦାଶ, ନରେନ୍ଦ୍ର ଝା, ସଞ୍ଜୟ ପଧାନ ପ୍ରମୁଖ ଅଂଶ ଗ୍ରହଣ କରି ଏହାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ମଧୁସ୍ମିତା ପଣ୍ଡା, ପ୍ରଜ୍ଞାପରମିତା ମେହେର, ସ୍ୱସ୍ତିକା ବଘାର, ରୂପମଞ୍ଜରୀ ସାହୁ ଏବଂ ଧନଞ୍ଜୟ ଦାଶ ସନ୍ଦର୍ଭ ଉପସ୍ଥାପନ ସହ ନିଜସ୍ୱ ମତ ରଖିଥିଲେ। ଶେଷରେ ଅଧ୍ୟାପକ ଶିବ କୁମାର ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ବିଦ୍ୟାର୍ଥୀଙ୍କ ସହ ବିଭିନ୍ନ ବିଭାଗର ଅଧ୍ୟାପିକାଅଧ୍ୟାପକ ବୃନ୍ଦ ଉପସ୍ଥିତ ଥିଲେ।




ଆଲୋଚନାଚକ୍ରରେ ଜଣେ ଛାତ୍ରୀ ସୁନ୍ଦର୍ଭ ଉପସ୍ଥାପନ କରି ମତ ରଖୁଛନ୍ତି ।

### କ୍ୟାନ୍‌ସର ହସ୍‌ପିଟାଲ ଦାବି ପ୍ରସଙ୍ଗ

# ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିବେ

**ବରଗଡ଼ ଅଫିସ୍,୭।୧୦**

ବରଗଡ଼ରେ କ୍ୟାନ୍‌ସର ହସ୍‌ପିଟାଲ ଦାବି ପଶ୍ଚିମ ଓଡ଼ିଶାର ସ୍ୱର । ଏହି ସ୍ୱର ପ୍ରତି ସରକାର ଅବହେଳା କଲେ ଆନ୍ଦୋଳନକୁ ତୀବ୍ର କରାଯିବ । ୟୁନାଇଟେଡ୍ ଫୋରମ ଫର୍ କ୍ୟାନସର ହସପିଟାଲ ପକ୍ଷରୁ ରବିବାର ସନ୍ଧ୍ୟାରେ ବରଗଡ଼ ମିଳନ ମଣ୍ଡପରେ ଅନୁଷ୍ଠିତ ସଭାରେ ଏହା ମତପ୍ରକାଶ ପାଇଛି । ଏହି ଦାବି ନେଇ ଫୋରମ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ସେହିପରି ବରଗଡ଼ ଜିଲାରେ କ୍ୟାନସର ରୋଗୀ ବୃଦ୍ଧି ପାଇବା କାରଣ ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ସର୍ଭେକ୍ଷଣ କରିବା ପାଇଁ କେନ୍ଦ୍ରୀୟ ଦଳ ପଠାଇବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯିବ



କ୍ୟାନସର ହସପିଟାଲ ଦାବିରେ ଚାଲିଥିବା ବୈଠକ ।

ବୋଲି ନିଷ୍ପତ୍ତି ହୋଇଥିଲା । ଫୋରମର ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା ସଭାରେ ସଭାପତିତ୍ୱ କରିଥିଲେ । ଦୀପକ ରଥ ଉଦ୍ଦେଶ୍ୟ ଜ୍ଞାପନ ଓ ରାଜଗୋପାଳ ଦାଶ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ପୂର୍ବତନ ବିଧାୟକ ସାଧୁ ନେପାକ, ନିହାର ମହାନନ୍ଦ, ଓକିଲ ସଂଘ ସଭାପତି ଅଶୋକ ଯୋଶୀ, ଭାଜପା ରାଜ୍ୟ ଉପସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ପ୍ରଦୀପ ଦେବତା, ସୌଭାଗ୍ୟ ନାୟକ, ପ୍ରଭାତାଦିତ୍ୟ ମିଶ୍ର, ବିଜନକାନ୍ତୀ ମିଶ୍ର, ଦିପ୍ତୀମୟୀ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ ।

# ନବାହ୍ନ ପାରାୟଣ: ବଢୁଛି ଶ୍ରଦ୍ଧାଳୁଙ୍କ ସମାଗମ

**ବୀରମହାରାଜପୁର, ୭।୧୦(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କର୍ଡାପାଲସ୍ଥିତ ମାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ନବାହ୍ନ ପାରାୟଣ ରବିବାର ୫ମ ଦିବସରେ ପହଞ୍ଚିଛି। ଆସନ୍ତା ୧୧ତାରିଖରେ ଏହି ଧାର୍ମିକ ସମାବେ ଉଦ୍‌ଯାପିତ ହେବ। ପ୍ରତିବର୍ଷ ଶାରଦୀୟ ଷୋହଳ ପୂଜା ଅବସରରେ ଆୟୋଜିତ ହେଉଥିବା ଏହି ଆଞ୍ଚଳିକ ଆଧ୍ୟାତ୍ମିକ ସମାରୋହ ଏଥର ସପ୍ତମ ବର୍ଷରେ ପହଞ୍ଚିଛି। ପ୍ରତିଦିନ ପୂର୍ବାହ୍ନଠାରୁ ଅପରାହ୍ନ ପର୍ଯ୍ୟନ୍ତ ଏଠାରେ ବାଲ୍ମିକ ରାମାୟଣ ପଠନ ଓ ପରାୟଣ କରାଯାଇଛି ଏବଂ ଶେଷରେ ସମବେତ ଶ୍ରଦ୍ଧାଳୁମାନଙ୍କ ସକାଶେ ସନ୍ଧ୍ୟା ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କ ତରଫରୁ ଶିବ ଭୋଇ ଓ ପତ୍ନୀ ବାସନ୍ତୀ ଭୋଇ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଥିବା ବେଳେ ବ୍ୟାସରୂପେ ଯୋଗଦେଇଛନ୍ତି ଚୈତନ୍ୟଚରଣ ଦାଶ। ଦିନକୁ ଦିନ ଉକ୍ତ ସମାରୋହରେ ଶ୍ରଦ୍ଧାଳୁଙ୍କ ସମାଗମ ବଢ଼ି ଚାଲିଥିବା ବେଳେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇ ସ୍ଥାନୀୟ ଅଞ୍ଚଳ ଉତ୍ସବ ମୁଖର ହୋଇ ଉଠିଛି । ସପ୍ତମ ବର୍ଷର ଏହି ନବାହ ପାରାୟଣ ଗ୍ରାମୀଣ ଏକତା ଓ ସଂହତିର ବାର୍ତ୍ତା ଦେଇଆସିଛି।



କର୍ଡାପାଳ ମାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ନବାହ୍ନ ପାରାୟଣରେ ଶ୍ରଦ୍ଧାଳୁମାନେ।

# ନିଶା ବିରୋଧରେ ସଚେତନତା ଶୋଭାଯାତ୍ରା

**ସିଂଘିଯୁବା, ୭।୧୦(ଡି.ଏନ.ଏ.)**

ସୁବର୍ଣପୁର ଜିଲା ବିନିକା ବ୍ଲକ ବାବୁପାଲି ଗ୍ରାମ ପଞ୍ଚାୟତ ଯୁବ ବାହିନୀ ନିଶା ବିରୋଧରେ ସଚେତନତା ବାର୍ତ୍ତା ପ୍ରଦାନ କରିଛି। ଏହି ବାର୍ତ୍ତା ନେଇ ବାହିନୀର କର୍ମକର୍ତ୍ତାମାନେ ବାବୁପାଲି ଗ୍ରାମ ପଞ୍ଚାୟତର ବିଭିନ୍ନ ଗାଁ ପରିକ୍ରମା କରିଥିଲେ । ପରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା ଏକ ସଭା। ବାଙ୍କିଘିର୍ଡି ସର୍କଲ ରାଜସ୍ୱ ନିରୀକ୍ଷକ ଖିରୋଜ ମେହେର ଏବଂ ଅମିନ ବିସ୍ମୟ ବିଶ୍ୱାଳ ସଭାରେ ଉଦ୍‌ବୋଧନ ଦେଇ ନିଶା ସେବନ ଯୋଗୁ ମନବ ସମାଜର କିଭଳି କ୍ଷତି ହେଉଛି ଏବଂ ଏଥିରୁ କିଭଳି ବର୍ତ୍ତି ହେବ ତାହା ଉପରେ କହିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତ ବିଜୁ ଯୁବ ବାହିନୀ ସଭାପତି ରାମ ଭୋଇ, ସମ୍ପାଦକ ବିପ୍ର ପଧାନ, କୋଷାଧ୍ୟକ୍ଷ ମିଦାସ ପଧାନ, ଦୈତ୍ୟ ପଧାନ, ସଚିନ ପଧାନଙ୍କ ସହିତ ବିଜୁ ଯୁବ ବାହିନୀ ସଦସ୍ୟ ଉପସ୍ଥିତ ଥିଲେ।




ନିଶା ବିରୋଧରେ ବିଜୁ ଯୁବ ବାହିନୀର ସଭ୍ୟମାନେ ସଚେତନତା ପ୍ଲାକାର୍ଡ ପ୍ରଦର୍ଶନ କରୁଛନ୍ତି।

# ବନ୍ୟପ୍ରାଣୀ ସପ୍ତାହ ସଚେତନତା ଶୋଭାଯାତ୍ରା

**ସୋନପୁର,୭।୧୦ (ନି.ପ୍ର.)**

ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ବନାଞ୍ଚଳ ସୁବର୍ଣ୍ଣପୁର ବନଖଣ୍ଡ ଆନୁକୂଲ୍ୟରେ ୬୪ତମ ବନ୍ୟପ୍ରାଣୀ ସପ୍ତାହ ସ୍ଥାନୀୟ ସାହାରା ଟ୍ରଷ୍ଟ ହାଇସ୍କୁଲରେ ଶନିବାର ପାଳିତ ହୋଇଯାଇଛି। ସହକାରୀ ଶିକ୍ଷକ ଦିଲ୍ଲୀପ କୁମାର ପଣ୍ଡା, କ୍ରୀଡା ଶିକ୍ଷକ ଶ୍ୟାମସୁନ୍ଦର ନାଏକ ଓ ବନପାଳ ଜୟକୃଷ୍ଣ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ମାନଙ୍କ ପକ୍ଷରୁ ଏକ ସଚେତନତା ରାଲିକୁ ସହକାରୀ ଶିକ୍ଷକ ବିଜୟାନନ୍ଦ ମାଝୀ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରା ପାଣିସିଆଲି ଗ୍ରାମକୁ ଯାଇ ଗ୍ରାମବାସୀମାନଙ୍କ ମଧ୍ୟରେ ବନ୍ୟପ୍ରାଣୀ ଓ ପରିବେଷର ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ଏଥିରେ ବିଦ୍ୟାଳୟର ଶିକ୍ଷକ ଈଶ୍ୱର ଚନ୍ଦ୍ର ପାଣ୍ଡିଆ, ଦୁରେଶନ ସାହୁ, ସିକିପ୍ରକାଶ ବେଜ୍, ଉମାକାନ୍ତ ସିଂହଦେଓ, ବନବିଭାଗର ଡିଇଓ ସମରେନ୍ଦ୍ର ପଧାନ ଓ ଗ୍ରାମବାସୀ ସହଯୋଗ କରିଥିଲେ ।




ସୋନପୁରରେ ଅନୁଷ୍ଠିତ ସଚେତନତା ଶୋଭାଯାତ୍ରା ।

### ମୃତଦେହ ଠେଲାରେ ଶ୍ମଶାନକୁ ବୁହାଯିବା ଘଟଣା

# ମହାପ୍ରୟାଣ ଗାଡ଼ିକୁ ଅପେକ୍ଷା କରି ନ ଥିଲେ ପରିବାରବର୍ଗ

**ସୋନପୁର/ବୀରମହାରାଜପୁର, ୭।୧୦(ନି.ପ୍ର./ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲେଜ ନିକଟସ୍ଥ ବସ୍ତିରେ ରହୁଥିବା ମହିଳା ସୁମିତ୍ରା ମହାପାତ୍ର(୬୨)ଙ୍କ ମୃତଦେହକୁ ଶନିବାର ଠେଲାରେ ବୁହା ହୋଇ ଶ୍ମଶାନକୁ ନିଆ ଯାଇଥିଲା। ଏ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ଜିଲାପାଳ ମଧୁସୂଦନ ମିଶ୍ର ରବିବାର ବୀରମହାରାଜପୁର ଉପଜିଲାପାଳ ସୁବ୍ରତ ବେହେରା ଓ ସିଡିଏମପିଏଚଓ ଡାକ୍ତର ବିଜୟଲକ୍ଷ୍ମୀ ଗୁରୁଙ୍କୁ ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଡିଏମଓ ଏମଏସ ଡାକ୍ତର ପ୍ରଦୀପ କୁମାର ଗୁରୁଙ୍କ ଜିଲାପାଳଙ୍କୁ ପ୍ରଦତ୍ତ ରିପୋର୍ଟ ଅନୁଯାୟୀ ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ସକାଳେ ୩ ଜଣ ରୋଗୀଙ୍କର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରରେ ସରକାରଙ୍କ ପକ୍ଷରୁ ଉପଲବ୍ଧ ଥିବା ମହାପ୍ରୟାଣ ଗାଡି ମୃତଦେହକୁ ରୋଗୀଙ୍କ ବାସଭବନରେ ପହଞ୍ଚାଇବା ପାଇଁ ନମ୍ବର ହୋଇଥିଲା। ଗୋଟିଏ ମୃତଦେହକୁ ଘରେ ଛାଡି ଆସିବା ପରେ ବ୍ୟବଚ୍ଛେଦ ହୋଇଥିବା ଅନ୍ୟ ମୃତଦେହକୁ ଛାଡିବା ପାଇଁ ମହାପ୍ରୟାଣ ଗାଡିଟି ପୂର୍ବାହ୍ନ ୯ଟା୧୫ରେ ବୀରମହାରାଜପୁରର ଅର୍ଚ୍ଚଣ୍ଡା ଗ୍ରାମକୁ ଯାଇଥିଲା। ସୁମିତ୍ରାଙ୍କର ସକାଳ ସାଢେ ୮ଟାରେ ମୃତ୍ୟୁ ହୋଇଥିବାରୁ ଗାଡି ଅର୍ଚ୍ଚଣ୍ଡା ଗ୍ରାମରୁ ଫେରିଲେ ତାଙ୍କ ମୃତଦେହ ନେବ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୁହାଯାଇଥିଲା। ତେବେ ବିଳମ୍ବ ହେବାରୁ ମୃତାଙ୍କ ପରିବାରବର୍ଗ ଅପେକ୍ଷା ନକରି ଏକ ବେସରକାରୀ ଭଡା ଗାଡିରେ ମୃତଦେହ ଘରକୁ ନେଇଥିଲେ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଦର୍ଶାଯାଇଛି। ଅନ୍ୟପକ୍ଷେ ବୀରମହାରାଜପୁର ଉପଜିଲାପାଳ ବେହେରା ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି ଯେ, ମହାପ୍ରୟାଣ ଗାଡି ଉପଲବ୍ଧ ନ ହେବା କିମ୍ବା ଅନ୍ୟଗାଡିର ବ୍ୟବସ୍ଥା କରିବାକୁ ପରିବାରବର୍ଗଙ୍କ ପକ୍ଷରୁ ପ୍ରଶାସନକୁ ଅବଗତ କରାଯାଇ ନ ଥିଲା। ଭଡା ଗାଡିରେ ମୃତଦେହ ବାସଭବନରେ ପହଞ୍ଚିବା ପରେ ସମ୍ପର୍କୀୟମାନେ ଯଥାରୀତି ମୃତଦେହକୁ ଖଟିଆରେ କାନ୍ଧେଇ ପ୍ରାୟ ୧କିଲୋମିଟର ଚାଲି ଚାଲି ଯାଇଥିଲେ। ହରିହରଯୋର ଶ୍ମଶାନ ଘାଟ ଆହୁରି ୪ କିଲୋମିଟର ଦୂର ଥିବାରୁ ତାଙ୍କର ଜଣେ ସମ୍ପର୍କୀୟ ଘରେ ଥିବା ଠେଲାରେ ମୃତଦେହକୁ ଶ୍ମଶାନକୁ ନେଇଥିଲେ ବୋଲି ବେହେରା ଜିଲାପାଳଙ୍କୁ ରିପୋର୍ଟ କରିଛନ୍ତି। ସ୍ଥାନୀୟ କୁମାରକେଲି ଗ୍ରାମର ମୂଳ ବାସିନ୍ଦା ଅଚ୍ୟୁତ ମହାପାତ୍ରଙ୍କର ସ୍ତ୍ରୀ ସୁମିତ୍ରା। ଗତ କିଛି ବର୍ଷ ହେଲା ଅଚ୍ୟୁତଙ୍କ ପରିବାର ଠେଲା ଯୋଗେ ଉଠା ବ୍ୟବସାୟ କରିବା ଲକ୍ଷ୍ୟରେ ବୀରମହାରାଜପୁର କଲେଜ ନିକଟସ୍ଥ ସରକାରୀ ଜମିରେ ଘର କରି ରହୁଥିଲେ। ସୁମିତ୍ରାଙ୍କ କିଡ୍‌ନୀ ସମସ୍ୟା ଥିଲା। ଅସୁସ୍ଥ ଯୋଗୁଁ ସେ ଗୁରୁବାରଠାରୁ ଚିକିତ୍ସିତ ଥିଲେ। ଶ୍ମଶାନ ଘାଟରେ ପରିବାରବର୍ଗ ଓ ସମ୍ପର୍କିୟଙ୍କ ଉପସ୍ଥିତିରେ ଶନିବାର ତାଙ୍କର ଅନ୍ତିମ ସଂସ୍କାର କରା ଯାଇଥିଲା। ପୁଅ ଉକିଲ ମୁଖାଗ୍ନି ଦେଇଥିଲେ। ମୃତା ମହିଳାଙ୍କ ୨ଟି ପୁଅ ଓ ୨ଟି ଝିଅ ଥିବା ବେଳେ ଅନ୍ୟ ୨ ଝିଅ ବିବାହ କରି ସାରିଛନ୍ତି । ଏ ସମ୍ପର୍କରେ ଜିଲାପାଳ ମଧୁସୂଦନ ମିଶ୍ରଙ୍କୁ ପଚାରିବାରୁ ମହାପ୍ରୟାଣ ଗାଡିକୁ ପରିବାର ବର୍ଗ ଅପେକ୍ଷା ନ କରିବାରୁ ଏଭଳି ଘଟଣା ଘଟିଛି। ହରିଶ୍ଚନ୍ଦ୍ର ଯୋଜନାରେ ଅନ୍ତେଷ୍ଟିକ୍ରୀୟା ପାଇଁ ସହାୟତା ପ୍ରଦାନ ସହିତ ପରିବାରର ଆର୍ଥିକ ସ୍ଥିତି ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ସ୍ଥାନୀୟ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ମିଳିଲେ ଆବଶ୍ୟକ ସହାୟତା ପ୍ରଦାନ ଦିଗରେ ବିଚାର କରାଯିବ ବୋଲି ଜିଲାପାଳ ମିଶ୍ର କହିଛନ୍ତି।



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ଫେଲ୍ ମାରିଲା ମେଗା ଜଳ ପ୍ରକଳ୍ପ

ଗୁଡ଼ଭେଲା,୭।୧୦ (ଡ଼ି.ଏନ.ଏ.)- ଗୁଡ଼ଭେଲା ବ୍ଲକରେ ମେଗା ଜଳପ୍ରକଳ୍ପର ପରିଚାଳନାଗତ ଭୁଲ ନିଷ୍ପତ୍ତି ଯୋଗୁ ଏହି ବ୍ଲକର ଆମ୍ବଦହନ ଓ ଶାସନପାଳି ପଏଣ୍ଟରେ ପାଣି ବାହାରୁ ନାହିଁ। ଫଳରେ ପ୍ରାୟ ୨ହଜାର ଏକର ଚାଷ ଜମି ପାଣି ଅଭାବରୁ ଶୁଖିଲା ପଡ଼ିଥିବା ତୁଷୁରା ବୃହତ ଜଳ ପ୍ରକଳ୍ପ ଅଧିକାରୀଙ୍କଠାରେ ଚାଷୀମାନେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଆମ୍ବଦହନ ଓ ଶାସନପାଳି ମେଗାଜଳ ପ୍ରକଳ୍ପ ପଏଣ୍ଟରୁ ଚାଷ କାର୍ଯ୍ୟ ପାଇଁ ପାଣି ଯୋଗାଇବାକୁ ସରକାର ଯୋଜନା କରିଥିବାବେଳେ ପରିଚାଳନାଗତ ଭୁଲ ନିଷ୍ପତ୍ତି ଯୋଗୁ କନ୍ଦେନବାହାଲି, ଚାଣ୍ଟିପଦର, ରୁଷୁଡ଼ା ଓ ଦଶାଇମୁଣ୍ଡା ଗ୍ରାମର ଚାଷୀମାନଙ୍କର ଜମିକୁ ପାଣି ମାଡୁ ନାହିଁ। ଉକ୍ତ ପଏଣ୍ଟରୁ ମାତ୍ର ୧୦ପ୍ରତିଶତ ଚାଷ ଜମିକୁ ପାଣି ଯୋଗାଇ ଦିଆଯାଇ ପାରୁ ଥିବାବେଳେ ଏବେ ପର୍ଯ୍ୟନ୍ତ ଆଉ ୯୦ପ୍ରତିଶତ ଚାଷୀଙ୍କ ଜମିକୁ ପାଣି ଦିଆଯାଇ ପାରୁ ନାହିଁ। ଏବେ ବର୍ଷା ଛାଡ଼ି ଯାଇଥିବାବେଳେ ଧାନ ଚାଷ ପାଇଁ ସପ୍ତାହ ମଧରେ ପାଣି ନିହାତି ଦରକାର। ଆବଶ୍ୟକ ଅନୁଯାୟୀ ପଏଣ୍ଟ ଗୁଡ଼ିକ ଲାଗି ନ ଥିବାରୁ ତଳମୁଣ୍ଡରେ ପାଣି ତକ ରହିଯାଇ ଉପରମୁଣ୍ଡରେ ଥିବା ଚାଷ ଜମିକୁ ପହଞ୍ଚି ପାରୁ ନ ଥିବା ଅଭିଯୋଗ ହୋଇଛି। ଯଦି ପାଣି ନ ମିଳେ ମରୁଡ଼ିର ଶିକାର ହେବାକୁ ପଡ଼ିବ ବୋଲି ରମାକାନ୍ତ ଦାଶ, ହେମସାଗର ସାହୁ, ତୋଫାନ ଷାଣ୍ଢ ଆଦି ଲିଖିତ ଅଭିଯୋଗ କରିଛନ୍ତି।



ଦରଖଁଡିଆ ଅବସ୍ତାରେ ଥିବାର କୁଠିଥି ପାଠ୍‌ପଢ଼ା ଚାଲିଛେ।



ଗୁଟେ କୁଠିଥି ୧ମ ରୁ ୭ମ ଶ୍ରେଣୀର ଛାତ୍ରୀଛାତ୍ର ବସିଛନ୍।

ବିଶାଳପାଲି ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ୍

# ଗୁଟେ କୁଠିରେ ୧ମରୁ ୭ମ ଶ୍ରେଣୀ ଛାତ୍ରୀଛାତ୍ର

ଲୋଇସିଂହା,୭।୧୦ (ଡି.ଏନ.ଏ.)

**ସ୍କୁଲରେ ପଢ଼ାକୁଠି ସମସିଆ**
- ସ୍କୁଲ୍‌ରେ ୬୦ ଝନ୍ ଛାତ୍ରୀଛାତ୍ର ପାଠ୍ ପଢୁଛନ୍
- ବଛ୍‌ରେ ହେଲା ଦରଖଁଡିଆ ହେଇ ପଡିଛେ ଘର
- ଦରଖଁଡିଆ କୁଠିଥି ପଢୁଛନ୍ ୮ ଶ୍ରେଣୀର ଛାତ୍ରୀଛାତ୍ର

ଶିକ୍ଷାର ବିକାଶ ଲାଗି କେନ୍ଦ୍ର ଆର୍ ରାଏଜ୍ ସରକାର ଭିନେ ଭିନେ ଯୋଜ୍‌ନା ହାତ୍‌କେ ନେଉଛନ୍। 'ସଭିଁଏ ପଢ଼ିବେ ସଭିଁଏ ବଢ଼ିବେ' ନାରା ଦେଉଛନ୍‌ସରକାର। ହେଲେ ଏନ୍‌ତା ବି ସ୍କୁଲ ଅଛେ ଯେନ୍‌ଠାନେ ପଢ଼ା କୁଠି ଅଭାବ୍‌ରୁ ପିଲାମାନକର ପାଠ୍‌ପଢ଼ା ଠିକ୍‌ରେ ନାଇଁ ହେଇପାରବାର। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ୍ ବିଶାଳପାଲି ସରକାରୀ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟରେ। ବିଶାଳପାଲି ସରକାରୀ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟରେ ପଢ଼ାକୁଠି ସମସିଆ ରହିଛେ। ବିଦ୍ୟାଳୟରେ ଗୁଟେ କୁଠି ଥିଲାବେଲେ ଆରଗୁଟେ କୁଠି ତିଆରି ଚାଲିଛେ। ଅନୁଦାନ ଅଭାବ୍‌ରୁ ତିଆରି ହେଉଥିବାର ନୂତନ୍ ଘର ଦରଖଁଡିଆ ହେଇ ପଡ଼ିଛେ। ଯେନ୍‌ଥିରଲାଗି ସ୍କୁଲର ୧ମ ରୁ ୭ମ ଶ୍ରେଣୀ ଛାତ୍ରୀଛାତ୍ର ଗୁଟେ କୁଠିଥି ବସି ପାଠ୍ ପଢୁଥିଲା ବେଲେ ଦରଖଁଡିଆ ହେଇଥିବାର କୁଠିଥି ୮ମ ଶ୍ରେଣୀର ଛାତ୍ରୀଛାତ୍ର ବସି ପାଠ୍‌ପଢୁଛନ୍। ସ୍କୁଲ୍‌ରେ ୪ ଝନ୍ ଶିକ୍ଷୟିତ୍ରୀ ଶିକ୍ଷକ ଥିଲାବେଲେ ପଢ଼ା କୁଠି ଅଭାବ୍‌ରୁ ପାଠ୍‌ପଢ଼ାରେ ଖେଲ୍‌ଢ଼େପ ହେଉଛେ। ଯେନ୍‌ଥିରଲାଗି ଗାଁବାସୀ ଆର ଅଭିଭାବକ୍ ମହଲରେ ଗୁଟେ ଅସନ୍‌ତୋଷ ଭାବ୍ ଦେଖିବାକେ ମିଳିଛେ। ସ୍କୁଲରେ ୧ମରୁ ୮ମ ଶ୍ରେଣୀ ତକ୍ ଥିଲାବେଲେ ୬୦ ଝନ୍ ଛାତ୍ରୀଛାତ୍ର ପାଠ୍ ପଢୁଛନ୍। ପାଠ୍‌ପଢ଼ା ଲାଗି ଆଗ୍‌ରୁ ସ୍କୁଲ୍‌ରେ ୨ ଝନ୍ ଶିକ୍ଷକ ଥିଲେ, ହେଲେ ଏଭେ ନୂତନ୍ ହିସାବେ ୨ ଝନ୍ ଶିକ୍ଷୟିତ୍ରୀ ଯୋଗ୍ ଦେଇଛନ୍। ସ୍କୁଲ୍‌ରେ ଦରକାର ହିସାବେ ପଢ଼ାକୁଠି ନାଇଁଥିବାର ଲାଗି ପାଠ୍‌ପଢ଼ା ଠିକ୍‌ରେ ନାଇଁ ହେଇପାରବାର। ସ୍କୁଲରେ ଥିବାର ପୁର୍‌ନା ଡିପିଇପି ଘରେ ଅଫିସ୍ ଆର୍ ୧ମରୁ ୭ମ ଶ୍ରେଣୀ ତକ୍ ପିଲାକର ପାଠ୍‌ପଢ଼ା ଚାଲିଛେ। ୨୦୧୨-୧୩ ସାଲେ ସ୍କୁଲକେ ଯୁଗେଇ ଦିଆଯାଇଥିବାର ଅନୁଦାନରେ ଗୁଟେ ନୂତନ୍ କୁଠି ଛାତ୍ ଲେବୁଲତକ୍ କାମ୍ ହେଇଛେ। ଅନୁଦାନ ଅଭାବ୍‌ରୁ ସେ ଘର୍‌ଟା ଦରଖଁଡିଆ ଅବସ୍ତାରେ ପଡ଼ିରହିଛେ। ପଢ଼ାକୁଠି ଅଭାବ୍ ଲାଗି ୮ ଶ୍ରେଣୀର ଛାତ୍ରୀଛାତ୍ର ସେ ଦରଖଁଡିଆ ଘରେ ବସି ପାଠ୍ ପଢୁଛନ୍। ସ୍କୁଲ୍‌ରେ ପଢ଼ାକୁଠି ସମସିଆ ବାବ୍‌ଦେ ଗାଁବାସୀ ବିଭାଗୀୟ ଅଧିକାରୀଙ୍କୁ ଜନାବାର ସଂଗେ ଜିଲାପାଳଙ୍କୁ ବି ଦୁଇ ଦୁଇଥର ଭେଟି ସାଏଲେନ। ଜିଲାପାଳଙ୍କର ନିର୍‌ଦେଶ ଅନ୍‌ସାରେ ଗାଁବାସୀ ଆର ପରିଚାଳନା କମିଟି ଥାନୀୟ ପଁନ୍‌ଚେତ କତୃପକ୍ଷଙ୍କୁ ସମସିଆ ବାବ୍‌ଦେ ଲେଖିକରି ଦେଇଛନ୍। ଇତାର ଭିତ୍‌ରେ ୩ ମାସ୍ ଗଡିଗଲାନ। ହେଲେ କେହେନ୍‌ସି ପରକାର ପଦକ୍ଷେପ ନାଇଁ ନିଆଯାଇଥିବାର ଲାଗି ଗଁବାସୀକର ଭିତ୍‌ରେ ଗୁଟେ ବଡ଼ଭାରି ଅସନ୍‌ତୋଷ ଭାବ୍ ଦେଖିବାକେ ମିଳିଛେ। ଆଏବାର ଦିନେ ଗାଁବାସୀ ଛାତ୍ରୀଛାତ୍ରଙ୍କୁ ଧରି ଉଲ୍‌ଗୁଲାନ କର୍‌ବେ ବଲି ଗାଁର ମନୋଜ ବିଶ୍ୱାଳ, ସୁଧାଂଶୁ ବିଶ୍ୱାଳଙ୍କର ସମେତ ପରିଚାଳନା ସମିତି ସଭ୍ୟାସଭ୍ୟ ଚେତାବନୀ ଦେଇଛନ୍। ସେନ୍‌ତା ପ୍ରଧାନ ଶିକ୍ଷକ ବଟକୃଷ୍ଣ ତ୍ରିପାଠୀଙ୍କୁ ପଚ୍‌ରାବାରେ ସ୍କୁଲ୍‌ରେ ପଢ଼ାକୁଠି ସମସିଆ ଥିବାର ବାବ୍‌ଦେ ବିଭାଗୀୟ ଅଧିକାରୀଙ୍କୁ ଜନେଇ ଦିଆଯାଇଛେ। ଗାଁବାସୀ ବି ଜିଲାପାଳଙ୍କୁ ଜନେଇଥିବାର ସେ କହିଥିଲେ।

# ଲୋଇସିଂହା ପଞ୍ଚାୟତ ସମିତି ବୈଠକ

ଲୋଇସିଂହା, ୭।୧୦ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଭାଗୃହଠାରେ ପଞ୍ଚାୟତ ସମିତର ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ରାମଚନ୍ଦ୍ର ଖାଡିଆ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ବିଧାୟକ ଯୋଗେନ୍ଦ୍ର ବେହେରା, ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ ଜତିନ୍ଦ୍ର କୁମାର ପଟେଲ, ଜିଲା ପରିଷଦ ସଭ୍ୟ ସାଇଶଙ୍କର ସାହୁ, ବିଧାୟକ ପ୍ରତିନିଧି ପ୍ରଦୀପ କୁମାର ସାହୁ, ସରପଞ୍ଚ, ସମିତିସଭ୍ୟା ଓ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଜିପିଓ ସୁଦେଷ୍ଣା ମେହେର ପୂର୍ବ ବୈଠକ ପ୍ରସ୍ତବ ପାଠ ପରେ ୬ଟି ବିଭାଗ ଉପରେ ଆଲୋଚନା ହୋଇଥିଲା। ପ୍ରଥମେ କୃଷି ଉପରେ ବିଭାଗୀୟ ଅଧିକାରୀ ସୌମିତ୍ରା ମହାନ୍ତି ଓ ସୁଶୀଲ କୁମାର ସେଠୀ ଉପସ୍ଥାପନା କରିଥିଲେ। ବିଧାୟକ ଓ ଜନପ୍ରତିନିଧିଙ୍କ ବିଭିନ୍ନ ଅଭିଯୋଗ ଉପରେ ଉତ୍ତର ରଖିଥିଲେ। ଆରଡବ୍ଲୁଏସଏସ ଯନ୍ତ୍ରୀ ପ୍ରଦାସ ସାମନ୍ତରାୟ, ସିଡିପିଓ ପ୍ରଜ୍ଞା ବାରିକ, ଯୋଗଣ ନିରୀକ୍ଷକ ପ୍ରମୁଖ ନିଜ ବିଭାଗର ଉତ୍ତର ରଖିଥିଲେ। ସ୍ୱାସ୍ଥ୍ୟ ଅଧିକାରୀ ସନ୍ତୋଷ କୁମାର ସେଠୀ ଲୋକଙ୍କୁ ମିଳିଥିବା ବିଜୁ କୃଷକ ସ୍ୱାସ୍ଥ୍ୟ କାର୍ଡର ଯେପରି ରୋଗୀମାନେ ବ୍ୟବହାର କରିବେ ସେ ଦିଗରେ ସଚେତନତା ସୃଷ୍ଟି କରିବାକୁ ଜନପ୍ରତିନିଧିମାନଙ୍କୁ ଅନୁରୋଧ କରିଥିଲେ। ସରକାର କୁଷ୍ଠରୋଗ ମୁକ୍ତପାଇ ଅଭିଯାନ ଚଲାଇଛନ୍ତି। ଏହାକୁ ସଫଳ କରିବା ଉପରେ ଆଲୋଚନା ହୋଇଥିଲା। ବୁଢୀପଦର ପଞ୍ଚାୟତର ନୂଆକଟାଁରେ ଗତବର୍ଷ ମାଟି କାମ କରାଯାଇଥିଲା। ସେଠି ପୁଣି ମାଟିକାମ କରିବା ମସୁଧାକୁ ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀ ପଧାନ ବିରୋଧ କରିଥିଲେ। ବୈଠକରେ ଏବିଡିଓ ବିଜୟ କୁମାର ହୋତା, ସହକାରୀ ଯନ୍ତ୍ରୀ ବିଦ୍ୟାଧର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

ଏକଦିବସୀୟ୍ ଫୁଟବଲ

# ବିଶାଳପାଲି, ବକଟି ଯୁଗ୍ମ ଚାମ୍ପିୟନ

ଲୋଇସିଂହା, ୭।୧୦ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ବିଜୁ ଯୁବବାହିନୀ ପକ୍ଷରୁ କଲେଜ ଖେଳପଡିଆଠାରେ ଏକଦିବସୀୟ ଫୁଟବଲ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଶାଳପାଲି ଏବଂ ବକଟି ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ ଅମୀମାଂସିତଭାବେ ଶେଷ ହୋଇଥିଲା। ଫଳରେ ଉଭୟ ଦଳକୁ ଯୁଗ୍ମ ବିଜୟୀ ଘୋଷଣା କରାଯାଇଥିଲା। ଯୁବ ବାହିନୀ ସମ୍ପାଦକ ଜିତୁ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବିଜେଡି ରାଜ୍ୟ ଯୁବ ସମ୍ପାଦକ ନିହାର ରଞ୍ଜନ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବେ ବିଜେଡି ବ୍ଲକ ସଭାପତି ସୁଶାନ୍ତ ମିଶ୍ର, କ୍ରୀଡା ଶିକ୍ଷକ ଦୁର୍ବାଦଳ ବାଗ, ସମ୍ପତି ପଧାନ, ଜିଲା କ୍ରୀଡା ଓ ସଂସ୍କୃତି ପ୍ରୋଗ୍ରାମ ଅଫିସର ଥବୀର କାଲସାଏ, ବ୍ଲକ ସଂଯୋଜକ ଅକ୍ଷୟ ସୁନା ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଚାମ୍ପିୟନ ଦଳକୁ ପୁରସ୍କୃତ କରିଥିଲେ। ଯୁବବାହିନୀ ସଭାପତି ବୀରେନ ବାରିକ, ମହେଶ ତ୍ରିପାଠୀ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ଆଜିଠୁ ନବରାତ୍ର ପୂଜା, ସହର ଚଳଚଞ୍ଚଳ

ପାଟଣାଗଡ,୭।୧୦ (ଡି.ଏନ.ଏ.)

ପାଟଣାଗଡ କଲେଜ ଛକରେ ସୋମବାରଠାରୁ ମା' ଦୁର୍ଗାଙ୍କ ନବରାତ୍ର ପୂଜା ଆରମ୍ଭ ହେବ। ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଏହି ନବଦିନାତ୍ମକ ସାର୍ବଜନୀନ ନବରାତ୍ର ଦୁର୍ଗାପୂଜାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ସହର ଚଳ ଚଞ୍ଚଳ ହୋଇଯାଇଛି। ୧୯ତାରିଖ ବିଜୟା ଦଶମୀ ଦିନ ପୂର୍ବାହ୍ଣ ୯ଟା ସମୟରେ ପୂର୍ଣ୍ଣାହୁତି ଥିବା ବେଳେ ୨୦ତାରିଖ ସକାଳୁ ମା'ଙ୍କ ଭସାଣୀ ଯାତ୍ରା ସମ୍ପନ ହେବ ବୋଲି ଆୟୋଜକ କମିଟି ସଭାପତି ସତ୍ୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ପୂଜକ ଭାବେ ଭୁବନେଶ୍ୱରରୁ ତପନ ଦାସ ଏବଂ ସହଯୋଗୀ ରହିଥିବା ବେଳେ ଚଳିତ ବର୍ଷର ପୂଜା କମିଟିରେ ପ୍ରକାଶ ଭୋଇ ସମ୍ପାଦକ, ରମେଶ ଯୋଷୀ ଉପସଭାପତି, ବିଶ୍ୱରଞ୍ଜନ ରାଓ ଓ ଶାନ୍ତନୁ ଠାକୁର ସହ ସମ୍ପାଦକ ଏବଂ ନିରଞ୍ଜନ ପୁରୋହିତ କୋଷାଧକ୍ଷ ଭାବେ କାର୍ଯ୍ୟ ନିର୍ବାହ କରୁଛନ୍ତି। ସୁଉଚ୍ଚ ସୁସଜ୍ଜିତ ତୋରଣ ସହିତ ସୁନ୍ଦର ଆଲୋକମାଳାରେ ମା'ଦୁର୍ଗାଙ୍କ ମଣ୍ଡପକୁ ଆଲୋକିତ କରାଯାଇଛି। ୮ରୁ ୧୯ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେହ ରାତିରେ ମନୋରଞ୍ଜନ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଥିବା ବେଳେ ୨୯ତାରିଖ ମଧ୍ୟାହ୍ନରେ ଅନ୍ନଯଜ୍ଞର ଆୟୋଜନ କରାଯାଇଛି। ମା'ଦୁର୍ଗାଙ୍କ ନବରାତ୍ର ପୂଜନ ଉତ୍ସବରେ ବହୁ ସଂଖ୍ୟାରେ ଉପାସକମାନେ ଯୋଗ ଦେବାକୁ ଆୟୋଜକ କମିଟି ତରଫରୁ ନିବେଦନ କରାଯାଇଛି।




ମହିଳା ସମାବେଶରେ ଯୋଗଦେଇଥିବା ଅତିଥିମାନେ।

# ବିଜେଡିର ମହିଳା ସମାବେଶ

ସଇଁତଲା, ୭।୧୦ (ଡି.ଏନ.ଏ.)

ସଇଁତଲା ବ୍ଲକ କୁଇକେଡ଼ା ପଞ୍ଚାୟତର ରେଙ୍ଗାଲି ଗ୍ରାମସ୍ଥିତ ହାଇସ୍କୁଲ ଖେଳପଡ଼ିଆଠାରେ ସୋମବାର ଟିଟିଲାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ବୟନ ଓ ହସ୍ତତନ୍ତ ବିଭାଗ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ସେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ଉନ୍ନତି ହେବା ସଙ୍ଗେ ସଙ୍ଗେ ଆଗାମୀ ବିଧାନସଭା ନିର୍ବାଚନରେ ପୁଣି ଥରେ ବିଜେଡ଼ିକୁ ବିପୁଳ ଭୋଟରେ ଜିତାଇବା ପାଇଁ। ପ୍ରତ୍ୟେକ ମହିଳା କର୍ମୀ ଅତି କମ୍‌ରେ ପାଞ୍ଚଟି ପରିବାରକୁ ବିଜେଡି ସପକ୍ଷରେ ଭୋଟ କରାଇବାକୁ ଶପଥ ନେବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଟିଟିଲାଗଡ଼ ବିଧାୟିକା ଟୁକୁନୀ ସାହୁ ଯୋଗଦେଇ ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ମହିଳାମାନଙ୍କୁ ୭ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା, ପାନୀୟ ଜଳର ଅଭାବକୁ ଦୂର କରିବାକୁ ଯାଇ ସଇଁତଲା ବ୍ଲକର ବେଲଗାଁଠାରେ ବୃହତ ପାନୀୟ ଜଳ ଯୋଗାଣ ପ୍ରକଳ୍ପର କାର୍ଯ୍ୟ ଚାଲିଥିବା, ବିଜୁ ସେତୁ ଯୋଜନାରେ ଛନଛଡ଼ା ଗ୍ରାମରୁ ଧରପଗଡ଼ ଗ୍ରାମକୁ ଯୋଡ଼ିବା ପାଇଁ ଲାନ୍ତ ନଦୀରେ ଏକ ସେତୁ ଖୁବଶୀଘ୍ର ନିର୍ମାଣ ହେବ ବୋଲି କହିଥିଲେ। ବିଜେଡିର ଗୀତା ବିଶିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପୁଷ୍ପାଞ୍ଜଳି ବାଗ, ପ୍ରତିମା ସାହୁ, ଯାଜ୍ଞସେନୀ ରାଜପାଲିଆ, ସଇଁତଲା ବ୍ଲକ ବିଜେଡି ମହିଳା ସଭାପତି ମୈତ୍ରୀ ସାହୁ, ଟିଟିଲାଗଡ଼ ବ୍ଲକ ଅଧକ୍ଷା ରାମାକାନ୍ତୀ ପୁଟେଲ, ସଇଁତଲା ବ୍ଲକ ମହିଳା ବିଜେଡ଼ି ସଭାପତି ଦ୍ରୋପଦୀ ପାତ୍ର ପ୍ରମୁଖ ବିଜେଡି ସରକାରଙ୍କ ସ୍ୱୟଂ ସହାୟକ ଗୋଷ୍ଠୀ, ମମତା ଯୋଜନା ଭଳି ବହୁ ଯୋଜନା ମହିଳାମାନଙ୍କ ବିକାଶ ସମ୍ପର୍କରେ ଉପସ୍ଥିତ ମହିଳାମାନଙ୍କୁ ଅବଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରମୋଦ ପ୍ରଧାନ, ଟିଟିଲାଗଡ଼ ବିଧାୟିକାଙ୍କ ପ୍ରତିନିଧି ଅରୁଣ ମିଶ୍ର, ସଇଁତଲା ବ୍ଲକ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ରାଜକିଶୋର ଡ଼ାଙ୍ଗ, ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାଏକ, ସୁରେନ୍ଦ୍ର ସାହୁ, ସର୍ବେଶ୍ୱର ମହାପାତ୍ର, ସନ୍ତୋଷ ଜାନୀ, ସତ୍ୟନାରାୟଣ ସାହୁଙ୍କ ସହ ଶତାଧିକ ବିଜେଡ଼ି କର୍ମୀ ସମାବେଶରେ ଉପସ୍ଥିତ ରହି ସହଯୋଗ କରିଥିଲେ।

ପ୍ରଶାସନିକସ୍ତରରେ ନିର୍ବାଚନ ପ୍ରସ୍ତୁତି ଆରମ୍ଭ

# ମୁଖ୍ୟ ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ବୁଥ୍ ପରିଦର୍ଶନ

ଦେଓଗାଁ,୭।୧୦ (ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ସାଧାରଣ ନିର୍ବାଚନ ପାଇଁ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରତି ବୁଥ୍‌ରେ ଭୋଟର ତାଲିକାର ସଂଶୋଧନ ଓ ସଂଯୋଗୀକରଣ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଦେଓଗାଁବ୍ଲକର୨୬ଟି ପଞ୍ଚାୟତର ୧୦୩ଟି ବୁଥରେ ଏହି କାର୍ଯ୍ୟ ଆରମ୍ଭ ହୋଇଛି। ଏହି କାର୍ଯ୍ୟକୁ ରବିବାର ଅପରାହ୍ନରେ ଓଡିଶା ରାଜ୍ୟ ମୁଖ୍ୟ ନିର୍ବାଚନ ପର୍ଯ୍ୟବେକ୍ଷକ(ସିଇଓ) ସନ୍ତୋଷ କୁମାର ପରିଦର୍ଶନରେ ଆସି ଦେଓଗାଁ କଛାରପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚାଲିଥିବା ଭୋଟର ତାଲିକା ସଂଶୋଧନ କାର୍ଯ୍ୟର ତଦାରଖ କରିଛନ୍ତି। ଏହି ଅବସରରେ ୧୫୫ବୁଥ ଦାୟିତ୍ୱରେ ଥିବା ଅଙ୍ଗନୱାଡିକର୍ମୀ ପୁଷ୍ପାଞ୍ଜଳୀ ରଣା ଓ ୧୫୬ ନଂ ବୁଥ୍ ଦାୟିତ୍ୱରେ ଥିବା ବାସନ୍ତୀ ନନ୍ଦଙ୍କ ଠାରୁ ବିଏଲଓ ରେଜିଷ୍ଟର ଓ ୬,୭,୮ ଓ ୮(କ) ଫର୍ମ ଯାଞ୍ଚ କରିଥିଲେ। ଏଥି ସହ ନୂତନ ଭୋଟର ତାଲିକା ପାଇଁ କେମିତି ସମସ୍ତେ ନିର୍ଭୂଲ ଭାବେ ତଥ୍ୟ ପ୍ରଦାନ କରିବେ ସେଦିଗରେ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକର ସମସ୍ତ ବୁଥରେ ଯେପରି କୌଣସି ତୃଟି ନ ହେବ ସେ ଦିଗରେ ତତ୍ପରତାର ସହ କାର୍ଯ୍ୟ କରିବା ପାଇଁ ସିଡିପିଓ ପ୍ରତିମାରାଣୀ ଚୋପଦାରଙ୍କୁ କହିଥିଲେ। ଏହି ଅବସରରେ ସ୍ଥାନୀୟ ଶିଶୁ କଲ୍ୟାଣ ବିଭାଗର ମୁଖ୍ୟ ପରିଦର୍ଶିକା ମିନତୀ ମିଶ୍ର ତଥା କର୍ମଚାରୀ ଉପସ୍ଥିତ ଥିଲେ।



କଛାରପାଲି ୟୁ.ପି. ସ୍କୁଲରେ ରାଜ୍ୟ ମୁଖ୍ୟ ନିର୍ବାଚନ ପର୍ଯ୍ୟବେକ୍ଷକ ବୁଥ ପରିଦର୍ଶନ କରୁଛନ୍ତି।

# କଣ୍ଟାବାଞ୍ଜିରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା

କଣ୍ଟାବାଞ୍ଜି,୭।୧୦ (ଡି.ଏନ.ଏ.)

କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀର ୨୧ ନଂ ଯୋନର ଜିଲା ପରିଷଦ ସଭ୍ୟ ଉଦ୍ଧବ ବେହେରାଙ୍କ ଅଧ୍ୟକ୍ଷତାରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ କରାଯାଇଛି। ରବିବାର ଜନସମ୍ପର୍କ ପଦଯାତ୍ରାରେ ଚାନ୍ଦୋତରା, ଗର୍ନ୍ଦଲା, ଜାମଖୁଣ୍ଟା, ଭୁର୍ଷାଗୁଡା ପଞ୍ଚାୟତର ଗାଁ ଗାଁ ବୁଲିଛନ୍ତି। ଏହି ପଦଯାତ୍ରାରେ ବିଜେଡି ଯୁବ ଜିଲା ଉପସଭାପତି ଅଜିତ ଯୋଷୀ, ଉମାକାନ୍ତ ସାହୁ, ପୂର୍ବତନ ସରପଞ୍ଚ ଯୁବରାଜ ବେହେରା, କୃପା ବେହେରା, କୁଳମଣି ବେହେରା, ଖଗେଶ୍ୱର ସାହୁ, ମୁନିରାମ ଜୈନ, କୁଳତ ସାହୁଙ୍କ ସହିତ ବିଜେଡିର କର୍ମୀମାନେ ସାମିଲଥିଲେ।

# ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର

ଦେଓଗାଁ,୭।୧୦ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ଆଞ୍ଚଳିକ କନିଷ୍ଠ ମହିଳା ମହାବିଦ୍ୟାଳୟରେ ରବିବାର ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ସେବା ଶିବିରରେ ଉପରଝର, ମକୁନ୍ଦପୁର, ମହଲାଇ, ଉଡାର ଓ ଆଟଗାଁ ଆଦି ପଞ୍ଚାୟତ ଅଞ୍ଚଳର ୯୦ଜଣ ନିଜର ସ୍ୱାସ୍ଥ୍ୟପରୀକ୍ଷା କରାଇଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ପରେ ଆବଶ୍ୟକ ଔଷଧ ମାଗଣାରେ ପ୍ରଦାନ କରାଯାଇଥିଲା। ଏଥିରେ ଚିକିତ୍ସକ ଭାବେ ଡା. ଗୋଦାବରିଶ ରଥ, ଡା. ସନ୍ଧ୍ୟାରାଣୀ ରଥ, ଡ. କୃଷ୍ଣ ମୋହନ ମାହାଣା ଓ ନିଶିକାନ୍ତ ହାତୀ ପ୍ରମୁଖ ଯୋଗଦେଇଥିଲେ। ଶିବିରକୁ ରାଧାକାନ୍ତ ପ୍ରଧାନ, ଝସକେତନ ସାହୁ, ପଞ୍ଚାନନ ବାରିକ, ସୂର୍ଯ୍ୟମଣୀ ବୁଧିଆ, ନରେଶ ସାହୁ, ଘନଶ୍ୟାମ ସାହୁ, କଳାକାହ୍ନୁ ସାହୁ, ରଞ୍ଜୁକ ପ୍ରଧାନ ତଥା ଗ୍ରାମବାସୀ ସହଯୋଗ କରିଥିଲେ।




ଉପରଝର ବାଳିକା ମହାବିଦ୍ୟାଳୟରେ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅବସରରେ ଉପସ୍ଥିତ ଅତିଥିବୃନ୍ଦ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମହା ଦୁର୍ନୀତି

# ଗୋଟିଏ ଘର କରି ଦୁଇଟିର ବିଲ୍ ଉଠାଣ

ପାଟଣାଗଡ,୭।୧୦ (ଡି.ଏନ.ଏ.)

କେନ୍ଦ୍ର ସରକାର ତଥା ରାଜ୍ୟ ସରକାର ଗରିବ ଜନସାଧାରଣଙ୍କ ପାଇଁ ବିଭିନ୍ନ ଯୋଜନା ମାନ ପ୍ରସ୍ତୁତ କରୁଥିବାବେଳେ ଦୁର୍ନିତିଖୋର ଅଫିସରଙ୍କ ଲାଭଖୋର ମନୋଭାବ ଯୋଗୁ ତାହା ଗରିବ ହିତାଧିକାରୀମାନଙ୍କ ନିକଟରେ ପହଞ୍ଚି ପାରୁନାହିଁ। ଏଭଳି ଏକ ଘଟଣା ଘଟିଛି ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ଅନ୍ତର୍ଗତ ତମିଆଁ ପଞ୍ଚାୟତରେ। ସୂଚନାଯୋଗ୍ୟ, ତମିଆ ପଞ୍ଚାୟତର ତମିଆଁ ଗ୍ରାମର ନୀର ରଣା ଗତ ୨୦୧୬-୧୭ରେ ପଞ୍ଚାୟତ ତରଫରୁ ୧ଲକ୍ଷ ୩୦ହଜାର ଟଙ୍କା ବ୍ୟୟ ଅଟକଳରେ ଏକ ବିଜୁ ପକ୍କାଘର ଯୋଜନା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ ଏବଂ ସେହି ବର୍ଷ ହିଁ ଏକ ଘର ତିଆରି କରିଥିଲେ। ପରେ ଚଳିତ ବର୍ଷ ୨୦୧୮-୧୯ରେ ତାଙ୍କ ଭାଇ ଜଟିଆ ରଣା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ବିବେଚିତ ହୋଇ ୧ଲକ୍ଷ ୩୦ହଜାର ଟଙ୍କା ବ୍ୟୟ ଅଟକଳରେ ତାଙ୍କ ନାମରେ ଏକ ପ୍ରଧାନମନ୍ତ୍ରୀ ଆବାସ ଘର କାର୍ଯ୍ୟାଦେଶ ଦିଆଯାଇଥିଲା। ସେ ଜଣେ ଗରୀବ ଶ୍ରେଣୀର ଲୋକ ହୋଇଥିବାରୁ ଘର କାମ କାରିବା ତାଙ୍କ ପକ୍ଷେ ଅସମ୍ଭବ ହୋଇଥିଲା। ତେଣୁ ଏହାର ସୁଯୋଗ ନେଇ ସ୍ଥାନୀୟ ଜଣେ ଠିକାଦାର ସେହି କାମ କରିବାକୁ ପ୍ରବର୍ତ୍ତାଇଥିଲେ ଏବଂ ଜଟିଆ ରଣାଙ୍କଠାରୁ କାର୍ଯ୍ୟାଦେଶ ଏବଂ ତାଙ୍କ ପାସବହି ଓ ଏଟିଏମ କାର୍ଡ ନେଇଥିଲେ। ଏହି କାର୍ଯ୍ୟାଦେଶକୁ ୬ମାସରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ସୁଦ୍ଧା କୌଣସି ଘର କାର୍ଯ୍ୟ ହୋଇ ନ ଥିବାରୁ, ଏ ନେଇ ତମିଆଁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ଜିଆରଏସଙ୍କୁ ଯୋଗାଯୋଗ କରିବାରୁ ସେ ଜାଣିବାକୁ ପାଇଲେ ଯେ ତାଙ୍କ ଘର କାମ ପାଇଁ ୧ଲକ୍ଷ ଟଙ୍କା ୩ଟି ପର୍ଯ୍ୟାୟରେ ଉଠିସାରିଥିବା ବେଳେ ଆଉ ଗୋଟିଏ କିସ୍ତି ବାକି ଅଛି। ପରେ ଖବର ନେବାରୁ ଜଣାଗଲା ଯେ ତମିଆଁ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜାରୁ ପ୍ରଧାନ, ଜିଆରଏସ ସନ୍ତୋଷ ମେହେର ଏବଂ ଜନୈକ ଠିକାଦାର ମିଳିତ ଭାବେ ପୂର୍ବରୁ ତିଆରି ହୋଇଥିବା ନୀର ରଣାଙ୍କ ଘରକୁ ଦେଖାଇ ୧ଲକ୍ଷ ଟଙ୍କା ହଡପ କରିଛନ୍ତି। ଏ ନେଇ ଆମେ ପାଟଣାଗଡ ବିଡିଓ ସଞ୍ଜୀବ ମେହେରଙ୍କୁ ପଚାରିବାରୁ ସେ ଏ ନେଇ ଜାଣି ନ ଥିଲେ, ଆଜି ଜାଣିଲା ପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି। ଏହିପରି ତମିଆଁ ପଞ୍ଚାୟତରେ ଅନେକ ଦୁର୍ନୀତି ହୋଇଥିବା ଲୋକେ ଅଭିଯୋଗ କରୁଥିଲେ ସୁଦ୍ଧା ଅଧିକାରୀମାନେ ଆଖି ଦୃଶିଆ ପଦକ୍ଷେପ ନେଉ ନ ଥିବାରୁ ଅଞ୍ଚଳରେ ଅସନ୍ତୋଷ ବଢୁଛି। ଏଣୁ ଗରିବ ଜନସାଧାରଣଙ୍କ ପାଇଁ ପ୍ରଯୁଜ୍ୟ ଯୋଜନାମାନଙ୍କରେ ଦୁର୍ନୀତିଖୋର ଅଫିସର ଏବଂ ଟାଉଟରମାନେ ମାଲେମାଲ ହେଉଥିବାବେଳେ ଏ ଦିଗରେ ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୁଏ।



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ

## ସଂକ୍ଷେପରେ

### ଫେଲ୍ ମାରିଲା ମେଗା ଜଳ ପ୍ରକଳ୍ପ

ଗୁଡ଼ଭେଲା,୭।୧୦ (ଡ଼ି.ଏନ.ଏ.)- ଗୁଡ଼ଭେଲା ବ୍ଲକରେ ମେଗା ଜଳପ୍ରକଳ୍ପର ପରିଚାଳନାଗତ ଭୁଲ ନିଷ୍ପତ୍ତି ଯୋଗୁ ଏହି ବ୍ଲକର ଆମ୍ବଦହନ ଓ ଶାସନପାଳି ପଏଣ୍ଟରେ ପାଣି ବାହାରୁ ନାହିଁ। ଫଳରେ ପ୍ରାୟ ୨ହଜାର ଏକର ଚାଷ ଜମି ପାଣି ଅଭାବରୁ ଶୁଖିଲା ପଡ଼ିଥିବା ତୁଷୁରା ବୃହତ ଜଳ ପ୍ରକଳ୍ପ ଅଧିକାରୀଙ୍କଠାରେ ଚାଷୀମାନେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଆମ୍ବଦହନ ଓ ଶାସନପାଳି ମେଗାଜଳ ପ୍ରକଳ୍ପ ପଏଣ୍ଟରୁ ଚାଷ କାର୍ଯ୍ୟ ପାଇଁ ପାଣି ଯୋଗାଇବାକୁ ସରକାର ଯୋଜନା କରିଥିବାବେଳେ ପରିଚାଳନାଗତ ଭୁଲ ନିଷ୍ପତ୍ତି ଯୋଗୁ କନ୍ଧେନବାହାଲି, ଚାଣ୍ଡିପଦର, ରୁଷୁଡ଼ା ଓ ଦଶାଇମୁଣ୍ଡା ଗ୍ରାମର ଚାଷୀମାନଙ୍କର ଜମିକୁ ପାଣି ମାଡୁ ନାହିଁ। ଉକ୍ତ ପଏଣ୍ଟରୁ ମାତ୍ର ୧୦ପ୍ରତିଶତ ଚାଷ ଜମିକୁ ପାଣି ଯୋଗାଇ ଦିଆଯାଇ ପାରୁ ଥିବାବେଳେ ଏବେ ପର୍ଯ୍ୟନ୍ତ ଆଉ ୯୦ପ୍ରତିଶତ ଚାଷୀଙ୍କ ଜମିକୁ ପାଣି ଦିଆଯାଇ ପାରୁ ନାହିଁ। ଏବେ ବର୍ଷା ଛାଡ଼ି ଯାଇଥିବାବେଳେ ଧାନ ଚାଷ ପାଇଁ ସପ୍ତାହ ମଧରେ ପାଣି ନିହାତି ଦରକାର। ଆବଶ୍ୟକ ଅନୁଯାୟୀ ପଏଣ୍ଟ ଗୁଡ଼ିକ ଲାଗି ନ ଥିବାରୁ ତଳମୁଣ୍ଡରେ ପାଣି ତକ ରହିଯାଇ ଉପରମୁଣ୍ଡରେ ଥିବା ଚାଷ ଜମିକୁ ପହଞ୍ଚି ପାରୁ ନ ଥିବା ଅଭିଯୋଗ ହୋଇଛି। ଯଦି ପାଣି ନ ମିଳେ ମରୁଡ଼ିର ଶିକାର ହେବାକୁ ପଡ଼ିବ ବୋଲି ରମାକାନ୍ତ ଦାଶ, ହେମସାଗର ସାହୁ, ତୋଫାନ ଷାଣ୍ଡ ଆଦି ଲିଖିତ ଅଭିଯୋଗ କରିଛନ୍ତି।



ଦରଖଁଡିଆ ଅବସ୍ତାରେ ଥିବାର କୁଠିଥି ପାଠ୍‌ପଢ଼ା ଚାଲିଛେ।



ଗୁଟେ କୁଠିଥି ୧ମ ରୁ ୭ମ ଶ୍ରେଣୀର ଛାତ୍ରୀଛାତ୍ର ବସିଛନ୍।

ବିଶାଳପାଲି ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ୍

# ଗୁଟେ କୁଠିରେ ୧ମରୁ ୭ମ ଶ୍ରେଣୀ ଛାତ୍ରୀଛାତ୍ର

ଲୋଇସିଂହା,୭।୧୦ (ଡି.ଏନ.ଏ.)

**ସ୍କୁଲରେ ପଢ଼ାକୁଠି ସମସିଆ**
- ସ୍କୁଲ୍‌ରେ ୬୦ ଝନ୍ ଛାତ୍ରୀଛାତ୍ର ପାଠ୍ ପଢ଼ୁଛନ୍
- ବଛରେ ହେଲା ଦରଖଁଡିଆ ହେଇ ପଡିଛେ ଘର
- ଦରଖଁଡିଆ କୁଠିଥି ପଢ଼ୁଛନ୍ ୮ ଶ୍ରେଣୀର ଛାତ୍ରୀଛାତ୍ର

ଶିକ୍ଷାର ବିକାଶ ଲାଗି କେନ୍ଦ୍ର ଆର୍ ରାଏଜ୍ ସରକାର ଭିନେ ଭିନେ ଯୋଜ୍‌ନା ହାତ୍‌କେ ନେଉଛନ୍। 'ସଭିଁଏ ପଢ଼ିବେ ସଭିଁଏ ବଢ଼ିବେ' ନାରା ଦେଉଛନ୍‌ସରକାର। ହେଲେ ଏନ୍‌ତା ବି ସ୍କୁଲ ଅଛେ ଯେନ୍‌ଠାନେ ପଢ଼ା କୁଠି ଅଭାବ୍‌ରୁ ପିଲାମାନକର ପାଠ୍‌ପଢ଼ା ଠିକ୍‌ରେ ନାଇଁ ହେଇପାରବାର। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ୍ ବିଶାଳପାଲି ସରକାରୀ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟରେ। ବିଶାଳପାଲି ସରକାରୀ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟରେ ପଢ଼ାକୁଠି ସମସିଆ ରହିଛେ। ବିଦ୍ୟାଳୟରେ ଗୁଟେ କୁଠି ଥିଲାବେଲେ ଆରଗୁଟେ କୁଠି ତିଆରି ଚାଲିଛେ। ଅନୁଦାନ ଅଭାବ୍‌ରୁ ତିଆରି ହେଉଥିବାର ନୂତନ୍ ଘର ଦରଖଁଡିଆ ହେଇ ପଡ଼ିଛେ। ଯେନ୍‌ଥିରଲାଗି ସ୍କୁଲର ୧ମ ରୁ ୭ମ ଶ୍ରେଣୀ ଛାତ୍ରୀଛାତ୍ର ଗୁଟେ କୁଠିଥି ବସି ପାଠ୍ ପଢ଼ୁଥିଲା ବେଲେ ଦରଖଁଡିଆ ହେଇଥିବାର କୁଠିଥି ୮ମ ଶ୍ରେଣୀର ଛାତ୍ରୀଛାତ୍ର ବସି ପାଠ୍‌ପଢ଼ୁଛନ୍। ସ୍କୁଲ୍‌ରେ ୪ ଝନ୍ ଶିକ୍ଷୟିତ୍ରୀ ଶିକ୍ଷକ ଥିଲାବେଲେ ପଢ଼ା କୁଠି ଅଭାବ୍‌ରୁ ପାଠ୍‌ପଢ଼ାରେ ଖେଲ୍‌ଢ଼େପ ହେଉଛେ। ଯେନ୍‌ଥିରଲାଗି ଗାଁବାସୀ ଆର ଅଭିଭାବକ୍ ମହଲରେ ଗୁଟେ ଅସନ୍‌ତୋଷ ଭାବ୍ ଦେଖିବାକେ ମିଲିଛେ। ସ୍କୁଲରେ ୧ମରୁ ୮ମ ଶ୍ରେଣୀ ତକ୍ ଥିଲାବେଲେ ୬୦ ଝନ୍ ଛାତ୍ରୀଛାତ୍ର ପାଠ୍ ପଢ଼ୁଛନ୍। ପାଠ୍‌ପଢ଼ା ଲାଗି ଆଗ୍‌ରୁ ସ୍କୁଲ୍‌ରେ ୨ ଝନ୍ ଶିକ୍ଷକ ଥିଲେ, ହେଲେ ଏଭେ ନୂତନ୍ ହିସାବେ ୨ ଝନ୍ ଶିକ୍ଷୟିତ୍ରୀ ଯୋଗ୍ ଦେଇଛନ୍। ସ୍କୁଲ୍‌ରେ ଦରକାର ହିସାବେ ପଢ଼ାକୁଠି ନାଇଁଥିବାର ଲାଗି ପାଠ୍‌ପଢ଼ା ଠିକ୍‌ରେ ନାଇଁ ହେଇପାରବାର। ସ୍କୁଲରେ ଥିବାର ପୁରନା ଡିପିଇପି ଘରେ ଅଫିସ୍ ଆର୍ ୧ମରୁ ୭ମ ଶ୍ରେଣୀ ତକ୍ ପିଲାକର ପାଠ୍‌ପଢ଼ା ଚାଲିଛେ। ୨୦୧୨-୧୩ ସାଲେ ସ୍କୁଲକେ ଯୁଗେଇ ଦିଆଯାଇଥିବାର ଅନୁଦାନରେ ଗୁଟେ ନୂତନ୍ କୁଠି ଛାତ୍ ଲେବୁଲତକ୍ କାମ୍ ହେଇଛେ। ଅନୁଦାନ ଅଭାବ୍‌ରୁ ସେ ଘର୍‌ଟା ଦରଖଁଡିଆ ଅବସ୍ତାରେ ପଡ଼ିରହିଛେ। ପଢ଼ାକୁଠି ଅଭାବ୍ ଲାଗି ୮ ଶ୍ରେଣୀର ଛାତ୍ରୀଛାତ୍ର ସେ ଦରଖଁଡିଆ ଘରେ ବସି ପାଠ୍ ପଢ଼ୁଛନ୍। ସ୍କୁଲ୍‌ରେ ପଢ଼ାକୁଠି ସମସିଆ ବାବ୍‌ଦେ ଗାଁବାସୀ ବିଭାଗୀୟ ଅଧିକାରୀଙ୍କୁ ଜନାବାର ସଂଗେ ଜିଲାପାଳଙ୍କୁ ବି ଦୁଇ ଦୁଇଥର ଭେଟି ସାଏଲେନ। ଜିଲାପାଳଙ୍କର ନିର୍‌ଦେଶ ଅନ୍‌ସାରେ ଗାଁବାସୀ ଆର ପରିଚାଳନା କମିଟି ଥାନୀୟ ପଁଚତେ କତୃରପକ୍ଷଙ୍କୁ ସମସିଆ ବାବ୍‌ଦେ ଲେଖିକରି ଦେଇଛନ୍। ଇତାର ଭିତ୍‌ରେ ୩ ମାସ୍ ଗଡିଗଲାନ। ହେଲେ କେହେନ୍‌ସି ପରକାର ପଦକ୍ଷେପ ନାଇଁ ନିଆଯାଇଥିବାର ଲାଗି ଗାଁବାସୀକର ଭିତ୍‌ରେ ଗୁଟେ ବଡ଼ଭାରି ଅସନ୍‌ତୋଷ ଭାବ୍ ଦେଖିବାକେ ମିଲିଛେ। ଆଏବାର ଦିନେ ଗାଁବାସୀ ଛାତ୍ରୀଛାତ୍ରକୁ ଧରି ଉଲ୍‌ଗୁଲାନ କର୍‌ବେ ବଲି ଗାଁର ମନୋଜ ବିଶ୍ୱାଳ, ସୁଧାଂଶୁ ବିଶ୍ୱାଳଙ୍କର ସମେତ ପରିଚାଳନା ସମିତି ସଭ୍ୟାସଭ୍ୟ ଚେତାବନୀ ଦେଇଛନ୍। ସେନ୍‌ତା ପ୍ରଧାନ ଶିକ୍ଷକ ବଟକୃଷ୍ଣ ତ୍ରିପାଠୀଙ୍କୁ ପଚ୍‌ରାବାରେ ସ୍କୁଲ୍‌ରେ ପଢ଼ାକୁଠି ସମସିଆ ଥିବାର ବାବ୍‌ଦେ ବିଭାଗୀୟ ଅଧିକାରୀଙ୍କୁ ଜନେଇ ଦିଆଯାଇଛେ। ଗାଁବାସୀ ବି ଜିଲାପାଳଙ୍କୁ ଜନେଇଥିବାର ସେ କହିଥିଲେ।

# ଲୋଇସିଂହା ପଞ୍ଚାୟତ ସମିତି ବୈଠକ

ଲୋଇସିଂହା, ୭।୧୦ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଭାଗୃହଠାରେ ପଞ୍ଚାୟତ ସମିତର ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ରାମଚନ୍ଦ୍ର ଖାଡିଆ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ବିଧାୟକ ଯୋଗେନ୍ଦ୍ର ବେହେରା, ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ ଜତିନ୍ଦ୍ର କୁମାର ପଟେଲ, ଜିଲା ପରିଷଦ ସଭ୍ୟ ସାଇଶଙ୍କର ସାହୁ, ବିଧାୟକ ପ୍ରତିନିଧି ପ୍ରଦୀପ କୁମାର ସାହୁ, ସରପଞ୍ଚ, ସମିତିସଭ୍ୟା ଓ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଜିପିଓ ସୁଦେଷ୍ଣା ମେହେର ପୂର୍ବ ବୈଠକ ପ୍ରସ୍ତବ ପାଠ ପରେ ୬ଟି ବିଭାଗ ଉପରେ ଆଲୋଚନା ହୋଇଥିଲା। ପ୍ରଥମେ କୃଷି ଉପରେ ବିଭାଗୀୟ ଅଧିକାରୀ ସୌମିତ୍ରା ମହାନ୍ତି ଓ ସୁଶୀଲ କୁମାର ସେଠୀ ଉପସ୍ଥାପନା କରିଥିଲେ। ବିଧାୟକ ଓ ଜନପ୍ରତିନିଧିଙ୍କ ବିଭିନ୍ନ ଅଭିଯୋଗ ଉପରେ ଉତ୍ତର ରଖିଥିଲେ। ଆରଡବ୍ଲୁଏସଏସ ଯନ୍ତ୍ରୀ ପ୍ରଦାସ ସାମନ୍ତରାୟ, ସିଡିପିଓ ପ୍ରଜ୍ଞା ବାରିକ, ଯୋଗଣ ନିରୀକ୍ଷକ ପ୍ରମୁଖ ନିଜ ବିଭାଗର ଉତ୍ତର ରଖିଥିଲେ। ସ୍ୱାସ୍ଥ୍ୟ ଅଧିକାରୀ ସନ୍ତୋଷ କୁମାର ସେଠୀ ଲୋକଙ୍କୁ ମିଳିଥିବା ବିଜୁ କୃଷକ ସ୍ୱାସ୍ଥ୍ୟ କାର୍ଡର ଯେପରି ରୋଗୀମାନେ ବ୍ୟବହାର କରିବେ ସେ ଦିଗରେ ସଚେତନତା ସୃଷ୍ଟି କରିବାକୁ ଜନପ୍ରତିନିଧିମାନଙ୍କୁ ଅନୁରୋଧ କରିଥିଲେ। ସରକାର କୁଷ୍ଠରୋଗ ମୁକ୍ତପାଇ ଅଭିଯାନ ଚଲାଇଛନ୍ତି। ଏହାକୁ ସଫଳ କରିବା ଉପରେ ଆଲୋଚନା ହୋଇଥିଲା। ବୁଢୀପଦର ପଞ୍ଚାୟତର ନୂଆକଟାଁରେ ଗତବର୍ଷ ମାଟି କାମ କରାଯାଇଥିଲା। ସେଠି ପୁଣି ମାଟିକାମ କରିବା ମସୁଧାକୁ ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀ ପଧାନ ବିରୋଧ କରିଥିଲେ। ବୈଠକରେ ଏବିଡିଓ ବିଜୟ କୁମାର ହୋତା, ସହକାରୀ ଯନ୍ତ୍ରୀ ବିଦ୍ୟାଧର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

ଏକଦିବସୀୟ ଫୁଟବଲ

# ବିଶାଳପାଲି, ବକଟି ଯୁଗ୍ମ ଚାମ୍ପିୟନ

ଲୋଇସିଂହା, ୭।୧୦ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ବିଜୁ ଯୁବବାହିନୀ ପକ୍ଷରୁ କଲେଜ ଖେଳପଡିଆଠାରେ ଏକଦିବସୀୟ ଫୁଟବଲ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଶାଳପାଲି ଏବଂ ବକଟି ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ ଅମୀମାଂସିତଭାବେ ଶେଷ ହୋଇଥିଲା। ଫଳରେ ଉଭୟ ଦଳକୁ ଯୁଗ୍ମ ବିଜୟୀ ଘୋଷଣା କରାଯାଇଥିଲା। ଯୁବ ବାହିନୀ ସମ୍ପାଦକ ଜିତୁ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବିଜେଡି ରାଜ୍ୟ ଯୁବ ସମ୍ପାଦକ ନିହାର ରଞ୍ଜନ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବେ ବିଜେଡି ବ୍ଲକ ସଭାପତି ସୁଶାନ୍ତ ମିଶ୍ର, କ୍ରୀଡା ଶିକ୍ଷକ ଦୁର୍ବାଦଳ ବାଗ, ସମ୍ପତି ପଧାନ, ଜିଲା କ୍ରୀଡା ଓ ସଂସ୍କୃତି ପ୍ରୋଗ୍ରାମ ଅଫିସର ଥବୀର କାଲସାଏ, ବ୍ଲକ ସଂଯୋଜକ ଅକ୍ଷୟ ସୁନା ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଚାମ୍ପିୟନ ଦଳକୁ ପୁରସ୍କୃତ କରିଥିଲେ। ଯୁବବାହିନୀ ସଭାପତି ବୀରେନ ବାରିକ, ମହେଶ ତ୍ରିପାଠୀ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ଆଜିଠୁ ନବରାତ୍ର ପୂଜା, ସହର ଚଳଚଞ୍ଚଳ

ପାଟଣାଗଡ,୭।୧୦ (ଡି.ଏନ.ଏ.)

ପାଟଣାଗଡ କଲେଜ ଛକରେ ସୋମବାରଠାରୁ ମା' ଦୁର୍ଗାଙ୍କ ନବରାତ୍ର ପୂଜା ଆରମ୍ଭ ହେବ। ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଏହି ନବଦିନାତ୍ମକ ସାର୍ବଜନୀନ ନବରାତ୍ର ଦୁର୍ଗାପୂଜାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ସହର ଚଳ ଚଞ୍ଚଳ ହୋଇଯାଇଛି। ୧୯ତାରିଖ ବିଜୟା ଦଶମୀ ଦିନ ପୂର୍ବାହ୍ନ ୯ଟା ସମୟରେ ପୂର୍ଣ୍ଣାହୁତି ଥିବା ବେଳେ ୨୦ତାରିଖ ସକାଳୁ ମା'ଙ୍କ ଭସାଣୀ ଯାତ୍ରା ସମ୍ପନ ହେବ ବୋଲି ଆୟୋଜକ କମିଟି ସଭାପତି ସତ୍ୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ପୂଜକ ଭାବେ ଭୁବନେଶ୍ୱରରୁ ତପନ ଦାସ ଏବଂ ସହଯୋଗୀ ରହିଥିବା ବେଳେ ଚଳିତ ବର୍ଷର ପୂଜା କମିଟିରେ ପ୍ରକାଶ ଭୋଇ ସମ୍ପାଦକ, ରମେଶ ଯୋଷୀ ଉପସଭାପତି, ବିଶ୍ୱରଞ୍ଜନ ରାଓ ଓ ଶାନ୍ତନୁ ଠାକୁର ସହ ସମ୍ପାଦକ ଏବଂ ନିରଞ୍ଜନ ପୁରୋହିତ କୋଷାଧକ୍ଷ ଭାବେ କାର୍ଯ୍ୟ ନିର୍ବାହ କରୁଛନ୍ତି। ସୁଉଚ୍ଚ ସୁସଜ୍ଜିତ ତୋରଣ ସହିତ ସୁନ୍ଦର ଆଲୋକମାଳାରେ ମା'ଦୁର୍ଗାଙ୍କ ମଣ୍ଡପକୁ ଆଲୋକିତ କରାଯାଇଛି। ୮ରୁ ୧୯ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେହ ରାତିରେ ମନୋରଞ୍ଜନ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଥିବା ବେଳେ ୨୯ତାରିଖ ମଧ୍ୟାହ୍ନରେ ଅନ୍ନଯଜ୍ଞର ଆୟୋଜନ କରାଯାଇଛି। ମା'ଦୁର୍ଗାଙ୍କ ନବରାତ୍ର ପୂଜନ ଉତ୍ସବରେ ବହୁ ସଂଖ୍ୟାରେ ଉପାସକମାନେ ଯୋଗ ଦେବାକୁ ଆୟୋଜକ କମିଟି ତରଫରୁ ନିବେଦନ କରାଯାଇଛି।

ପ୍ରଶାସନିକସ୍ତରରେ ନିର୍ବାଚନ ପ୍ରସ୍ତୁତି ଆରମ୍ଭ

# ମୁଖ୍ୟ ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ବୁଥ୍ ପରିଦର୍ଶନ

ଦେଓଗାଁ,୭।୧୦ (ଡି.ଏନ.ଏ)



କଛାରପାଲି ୟୁ.ପି. ସ୍କୁଲରେ ରାଜ୍ୟ ମୁଖ୍ୟ ନିର୍ବାଚନ ପର୍ଯ୍ୟବେକ୍ଷକ ବୁଥ ପରିଦର୍ଶନ କରୁଛନ୍ତି।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ସାଧାରଣ ନିର୍ବାଚନ ପାଇଁ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରତି ବୁଥ୍‌ରେ ଭୋଟର ତାଲିକାର ସଂଶୋଧନ ଓ ସଂଯୋଗୀକରଣ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଦେଓଗାଁବ୍ଲକର୨୬ଟି ପଞ୍ଚାୟତର ୧୦୩ଟି ବୁଥରେ ଏହି କାର୍ଯ୍ୟ ଆରମ୍ଭ ହୋଇଛି। ଏହି କାର୍ଯ୍ୟକୁ ରବିବାର ଅପରାହ୍ନରେ ଓଡିଶା ରାଜ୍ୟ ମୁଖ୍ୟ ନିର୍ବାଚନ ପର୍ଯ୍ୟବେକ୍ଷକ(ସିଇଓ) ସନ୍ତୋଷ କୁମାର ପରିଦର୍ଶନରେ ଆସି ଦେଓଗାଁ କଛାରପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚାଲିଥିବା ଭୋଟର ତାଲିକା ସଂଶୋଧନ କାର୍ଯ୍ୟର ତଦାରଖ କରିଛନ୍ତି। ଏହି ଅବସରରେ ୧୫୫ବୁଥ ଦାୟିତ୍ୱରେ ଥିବା ଅଙ୍ଗନୱାଡିକର୍ମୀ ପୁଷ୍ପାଞ୍ଜଳୀ ରଣା ଓ ୧୫୬ ନଂ ବୁଥ୍ ଦାୟିତ୍ୱରେ ଥିବା ବାସନ୍ତୀ ନନ୍ଦଙ୍କ ଠାରୁ ବିଏଲଓ ରେଜିଷ୍ଟର ଓ ୬,୭,୮ ଓ ୮(କ) ଫର୍ମ ଯାଞ୍ଚ କରିଥିଲେ। ଏଥି ସହ ନୂତନ ଭୋଟର ତାଲିକା ପାଇଁ କେମିତି ସମସ୍ତେ ନିର୍ଭୁଲ ଭାବେ ତଥ୍ୟ ପ୍ରଦାନ କରିବେ ସେଦିଗରେ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକର ସମସ୍ତ ବୁଥରେ ଯେପରି କୌଣସି ତୃଟି ନ ହେବ ସେ ଦିଗରେ ତତ୍ପରତାର ସହ କାର୍ଯ୍ୟ କରିବା ପାଇଁ ସିଡିପିଓ ପ୍ରତିମାରାଣୀ ଚୋପଦାରଙ୍କୁ କହିଥିଲେ। ଏହି ଅବସରରେ ସ୍ଥାନୀୟ ଶିଶୁ କଲ୍ୟାଣ ବିଭାଗର ମୁଖ୍ୟ ପରିଦର୍ଶିକା ମିନତୀ ମିଶ୍ର ତଥା କର୍ମଚାରୀ ଉପସ୍ଥିତ ଥିଲେ।

# କଣ୍ଟାବାଞ୍ଜିରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା

କଣ୍ଟାବାଞ୍ଜି,୭।୧୦ (ଡି.ଏନ.ଏ.)

କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀର ୨୧ ନଂ ଯୋନର ଜିଲା ପରିଷଦ ସଭ୍ୟ ଉଦ୍ଧବ ବେହେରାଙ୍କ ଅଧକ୍ଷତାରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ କରାଯାଇଛି। ରବିବାର ଜନସମ୍ପର୍କ ପଦଯାତ୍ରାରେ ଚାନ୍ଦୋତରା, ଗର୍ନ୍ଧଲା, ଜାମଖୁଣ୍ଟା, ଭୁର୍ଷାଗୁଡା ପଞ୍ଚାୟତର ଗାଁ ଗାଁ ବୁଲିଛନ୍ତି। ଏହି ପଦଯାତ୍ରାରେ ବିଜେଡି ଯୁବ ଜିଲା ଉପସଭାପତି ଅଜିତ ଯୋଷୀ, ଉମାକାନ୍ତ ସାହୁ, ପୂର୍ବତନ ସରପଞ୍ଚ ଯୁବରାଜ ବେହେରା, କୃପା ବେହେରା, କୁଳମଣି ବେହେରା, ଖଗେଶ୍ୱର ସାହୁ, ମୁନିରାମ ଜୈନ, କୁଳତ ସାହୁଙ୍କ ସହିତ ବିଜେଡିର କର୍ମୀମାନେ ସାମିଲଥିଲେ।





ମହିଳା ସମାବେଶରେ ଯୋଗଦେଇଥିବା ଅତିଥିମାନେ।

# ବିଜେଡିର ମହିଳା ସମାବେଶ

ସଇଁତଲା, ୭।୧୦ (ଡି.ଏନ.ଏ.)

ସଇଁତଲା ବ୍ଲକ କୁଇକେଡ଼ା ପଞ୍ଚାୟତର ରେଙ୍ଗାଲି ଗ୍ରାମସ୍ଥିତ ହାଇସ୍କୁଲ ଖେଳପଡ଼ିଆଠାରେ ସୋମବାର ଟିଟିଲାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ବୟନ ଓ ହସ୍ତତନ୍ତ ବିଭାଗ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ସେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ଉନ୍ନତି ହେବା ସଙ୍ଗେ ସଙ୍ଗେ ଆଗାମୀ ବିଧାନସଭା ନିର୍ବାଚନରେ ପୁଣି ଥରେ ବିଜେଡ଼ିକୁ ବିପୁଳ ଭୋଟରେ ଜିତାଇବା ପାଇଁ। ପ୍ରତ୍ୟେକ ମହିଳା କର୍ମୀ ଅତି କମ୍‌ରେ ପାଞ୍ଚଟି ପରିବାରକୁ ବିଜେଡି ସପକ୍ଷରେ ଭୋଟ କରାଇବାକୁ ଶପଥ ନେବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଟିଟିଲାଗଡ଼ ବିଧାୟିକା ଟୁକୁନୀ ସାହୁ ଯୋଗଦେଇ ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ମହିଳାମାନଙ୍କୁ ୭ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା, ପାନୀୟ ଜଳର ଅଭାବକୁ ଦୂର କରିବାକୁ ଯାଇ ସଇଁତଲା ବ୍ଲକର ବେଲଗାଁଠାରେ ବୃହତ ପାନୀୟ ଜଳ ଯୋଗାଣ ପ୍ରକଳ୍ପର କାର୍ଯ୍ୟ ଚାଲିଥିବା, ବିଜୁ ସେତୁ ଯୋଜନାରେ ଛନଛଡ଼ା ଗ୍ରାମରୁ ଧରପଗଡ଼ ଗ୍ରାମକୁ ଯୋଡ଼ିବା ପାଇଁ ଲାନ୍ଥ ନଦୀରେ ଏକ ସେତୁ ଖୁବଶୀଘ୍ର ନିର୍ମାଣ ହେବ ବୋଲି କହିଥିଲେ। ବିଜେଡିର ଗୀତା ବିଶିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପୁଷ୍ପାଞ୍ଜଳି ବାଗ, ପ୍ରତିମା ସାହୁ, ଯାଜ୍ଞସେନୀ ରାଜପାଲିଆ, ସଇଁତଲା ବ୍ଲକ ବିଜେଡି ମହିଳା ସଭାପତି ମୈତ୍ରୀ ସାହୁ, ଟିଟିଲାଗଡ଼ ବ୍ଲକ ଅଧକ୍ଷା ରାମାକାନ୍ତୀ ପୁଟେଲ, ସଇଁତଲା ବ୍ଲକ ମହିଳା ବିଜେଡ଼ି ସଭାପତି ଦ୍ରୋପଦୀ ପାତ୍ର ପ୍ରମୁଖ ବିଜେଡି ସରକାରଙ୍କ ସ୍ୱୟଂ ସହାୟକ ଗୋଷ୍ଠୀ, ମମତା ଯୋଜନା ଭଳି ବହୁ ଯୋଜନା ମହିଳାମାନଙ୍କ ବିକାଶ ସମ୍ପର୍କରେ ଉପସ୍ଥିତ ମହିଳାମାନଙ୍କୁ ଅବଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରମୋଦ ପ୍ରଧାନ, ଟିଟିଲାଗଡ଼ ବିଧାୟିକାଙ୍କ ପ୍ରତିନିଧି ଅରୁଣ ମିଶ୍ର, ସଇଁତଲା ବ୍ଲକ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ରାଜକିଶୋର ଡ଼ାଙ୍ଗ, ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାଏକ, ସୁରେନ୍ଦ୍ର ସାହୁ, ସର୍ବେଶ୍ୱର ମହାପାତ୍ର, ସନ୍ତୋଷ ଜାନୀ, ସତ୍ୟନାରାୟଣ ସାହୁଙ୍କ ସହ ଶତାଧିକ ବିଜେଡ଼ି କର୍ମୀ ସମାବେଶରେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର

ଦେଓଗାଁ,୭।୧୦ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ଆଞ୍ଚଳିକ କନିଷ୍ଠ ମହିଳା ମହାବିଦ୍ୟାଳୟରେ ରବିବାର ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ସେବା ଶିବିରରେ ଉପରଝର, ମକୁନ୍ଦପୁର, ମହଲାଇ, ଉଡାର ଓ ଆଟଗାଁ ଆଦି ପଞ୍ଚାୟତ ଅଞ୍ଚଳର ୯୦ଜଣ ନିଜର ସ୍ୱାସ୍ଥ୍ୟପରୀକ୍ଷା କରାଇଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ପରେ ଆବଶ୍ୟକ ଔଷଧ ମାଗଣାରେ ପ୍ରଦାନ କରାଯାଇଥିଲା। ଏଥିରେ ଚିକିତ୍ସକ ଭାବେ ଡା. ଗୋଦାବରିଶ ରଥ, ଡା. ସନ୍ଧ୍ୟାରାଣୀ ରଥ, ଡ. କୃଷ୍ଣ ମୋହନ ମାହାଣା ଓ ନିଶିକାନ୍ତ ହାତୀ ପ୍ରମୁଖ ଯୋଗଦେଇଥିଲେ। ଶିବିରକୁ ରାଧାକାନ୍ତ ପ୍ରଧାନ, ଝସକେତନ ସାହୁ, ପଞ୍ଚାନନ ବାରିକ, ସୂର୍ଯ୍ୟମଣୀ ବୁଧିଆ, ନରେଶ ସାହୁ, ଘନଶ୍ୟାମ ସାହୁ, କଳାକାହ୍ନୁ ସାହୁ, ରଞ୍ଜୁକ ପ୍ରଧାନ ତଥା ଗ୍ରାମବାସୀ ସହଯୋଗ କରିଥିଲେ।





ଉପରଝର ବାଳିକା ମହାବିଦ୍ୟାଳୟରେ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅବସରରେ ଉପସ୍ଥିତ ଅତିଥିବୃନ୍ଦ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମହା ଦୁର୍ନୀତି

# ଗୋଟିଏ ଘର କରି ଦୁଇଟିର ବିଲ୍ ଉଠାଣ

ପାଟଣାଗଡ,୭।୧୦ (ଡି.ଏନ.ଏ.)

କେନ୍ଦ୍ର ସରକାର ତଥା ରାଜ୍ୟ ସରକାର ଗରିବ ଜନସାଧାରଣଙ୍କ ପାଇଁ ବିଭିନ୍ନ ଯୋଜନା ମାନ ପ୍ରସ୍ତୁତ କରୁଥିବାବେଳେ ଦୁର୍ନିତିଖୋର ଅଫିସରଙ୍କ ଲାଭଖୋର ମନୋଭାବ ଯୋଗୁ ତାହା ଗରିବ ହିତାଧିକାରୀମାନଙ୍କ ନିକଟରେ ପହଞ୍ଚି ପାରୁନାହିଁ। ଏଭଳି ଏକ ଘଟଣା ଘଟିଛି ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ଅନ୍ତର୍ଗତ ତମିଆଁ ପଞ୍ଚାୟତରେ। ସୂଚନାଯୋଗ୍ୟ, ତମିଆ ପଞ୍ଚାୟତର ତମିଆଁ ଗ୍ରାମର ନୀର ରଣା ଗତ ୨୦୧୬-୧୭ରେ ପଞ୍ଚାୟତ ତରଫରୁ ୧ଲକ୍ଷ ୩୦ହଜାର ଟଙ୍କା ବ୍ୟୟ ଅଟକଳରେ ଏକ ବିଜୁ ପକ୍କାଘର ଯୋଜନା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ ଏବଂ ସେହି ବର୍ଷ ହିଁ ଏକ ଘର ତିଆରି କରିଥିଲେ। ପରେ ଚଳିତ ବର୍ଷ ୨୦୧୮-୧୯ରେ ତାଙ୍କ ଭାଇ ଜଟିଆ ରଣା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ବିବେଚିତ ହୋଇ ୧ଲକ୍ଷ ୩୦ହଜାର ଟଙ୍କା ବ୍ୟୟ ଅଟକଳରେ ତାଙ୍କ ନାମରେ ଏକ ପ୍ରଧାନମନ୍ତ୍ରୀ ଆବାସ ଘର କାର୍ଯ୍ୟାଦେଶ ଦିଆଯାଇଥିଲା। ସେ ଜଣେ ଗରିବ ଶ୍ରେଣୀର ଲୋକ ହୋଇଥିବାରୁ ଘର କାମ କରିବା ତାଙ୍କ ପକ୍ଷେ ଅସମ୍ଭବ ହୋଇଥିଲା। ତେଣୁ ଏହାର ସୁଯୋଗ ନେଇ ସ୍ଥାନୀୟ ଜଣେ ଠିକାଦାର ସେହି କାମ କରିବାକୁ ପ୍ରବର୍ତ୍ତାଇଥିଲେ ଏବଂ ଜଟିଆ ରଣାଙ୍କଠାରୁ କାର୍ଯ୍ୟାଦେଶ ଏବଂ ତାଙ୍କ ପାସବହି ଓ ଏଟିଏମ କାର୍ଡ ନେଇଥିଲେ। ଏହି କାର୍ଯ୍ୟାଦେଶକୁ ୬ମାସରୁ ଉର୍ଦ୍ଧ୍ୱ ବିତିଯାଇଥିଲେ ସୁଦ୍ଧା କୌଣସି ଘର କାର୍ଯ୍ୟ ହୋଇ ନ ଥିବାରୁ, ଏ ନେଇ ତମିଆଁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ଜିଆରଏସଙ୍କୁ ଯୋଗାଯୋଗ କରିବାରୁ ସେ ଜାଣିବାକୁ ପାଇଲେ ଯେ ତାଙ୍କ ଘର କାମ ପାଇଁ ୧ଲକ୍ଷ ଟଙ୍କା ୩ଟି ପର୍ଯ୍ୟାୟରେ ଉଠିସାରିଥିବା ବେଳେ ଆଉ ଗୋଟିଏ କିସ୍ତି ବାକି ଅଛି। ପରେ ଖବର ନେବାରୁ ଜଣାଗଲା ଯେ ତମିଆଁ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜାରୁ ପ୍ରଧାନ, ଜିଆରଏସ ସନ୍ତୋଷ ମେହେର ଏବଂ ଜନୈକ ଠିକାଦାର ମିଳିତ ଭାବେ ପୂର୍ବରୁ ତିଆରି ହୋଇଥିବା ନୀର ରଣାଙ୍କ ଘରକୁ ଦେଖାଇ ୧ଲକ୍ଷ ଟଙ୍କା ହଡପ କରିଛନ୍ତି। ଏ ନେଇ ଆମେ ପାଟଣାଗଡ ବିଡିଓ ସଞ୍ଜୀବ ମେହେରଙ୍କୁ ପଚାରିବାରୁ ସେ ଏ ନେଇ ଜାଣି ନ ଥିଲେ, ଆଜି ଜାଣିଲା ପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି। ଏହିପରି ତମିଆଁ ପଞ୍ଚାୟତରେ ଅନେକ ଦୁର୍ନୀତି ହୋଇଥିବା ଲୋକେ ଅଭିଯୋଗ କରୁଥିଲେ ସୁଦ୍ଧା ଅଧିକାରୀମାନେ ଆଖି ବୁଜିଦେଇ ପଦକ୍ଷେପ ନେଉ ନ ଥିବାରୁ ଅଞ୍ଚଳରେ ଅସନ୍ତୋଷ ବଢୁଛି। ଏଣୁ ଗରିବ ଜନସାଧାରଣଙ୍କ ପାଇଁ ପ୍ରଯୁଜ୍ୟ ଯୋଜନାମାନଙ୍କରେ ଦୁର୍ନୀତିଖୋର ଅଫିସର ଏବଂ ଟାଉଟରମାନେ ମାଲେମାଲ ହେଉଥିବାବେଳେ ଏ ଦିଗରେ ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୁଏ।

## ସଂକ୍ଷେପରେ



### ତୈଳ ଦର ବୃଦ୍ଧି ପ୍ରତିବାଦରେ ଲୋକଙ୍କୁ ସଚେତନ ପାଇଁ ପୋଷ୍ଟର

ଖଡିଆଳ,୭।୧୦(ଡି.ଏନ.ଏ.)
ଗୋଟିଏ ପଟେ ସାଧାରଣ ଲୋକ ଯେ, କୌଣସି କାମ ପଡିଲେ ବାଇକ୍ ସାହାଯ୍ୟରେ ଯିବାକୁ ପଡୁଥିବା ବେଳେ ଅନ୍ୟପଟେ ଦିନକୁ ଦିନ ପେଟ୍ରୋଲ ଡିଜେଲ ଦର ହୁଁ ହୁଁ ହୋଇ ବଢ଼ିଚାଛି । ଏବେ ୧୦୦ ଟଙ୍କା ଛୁଇଁବାକୁ ବସିଲାଣି । ତଥାପି ସାଧାରଣରୁ ଅତି ସାଧାରଣ କାମ ଥିଲେ ମଧ ନିଜ ବାଇକରେ ପେଟ୍ରୋଲ ପକାଇ ଅତି ସାଧାରଣ କାମ ଥିଲେ ମଧ ଯାଇଥାନ୍ତି । ଏହାକୁ ଦୃଷ୍ଟିରେ ରଖି ଲୋକେ ପିକରି ସଚେତନ ହୋଇପାରିବେ ସେହି ଉଦ୍ଦେଶ୍ୟ ନେଇ ଖଡିଆଳ ସହରର ଥାନା ଛକ ସମେତ ବିଭିନ୍ନ ସ୍ଥାନରେ ପୋଷ୍ଟରମାନ ମରାଯାଇଥିବା ଦେଖିବାକୁ ମିଳିଛି । ପୋଷ୍ଟର କିଏ ଲେଖିଛି ସେ ସମ୍ପର୍କରେ କୌଣସି ସୂଚନା ମିଳି ନ ଥିବା ବେଳେ ହାତ ଲେଖା ହୋଇଥିବା ଉକ୍ତ ପୋଷ୍ଟରରେ ପେଟ୍ରୋଲ ଡିଜେଲ ଦର ୧୦୦ ଟଙ୍କା ପାଖାପାଖି ହେଲାଣି । ଅଯଥା ଟଙ୍କା ଖର୍ଚ୍ଚ କରନ୍ତୁ ନାହିଁ । ଜରୁରୀ କାମ ଥିଲେ ବାଇକ କିମ୍ବା ଗାଡି ନିଅନ୍ତୁ । ଛୋଟିଆ କାମ ଥିଲେ ସାଇକଲ ବ୍ୟବହାର କରି ନିଜର ଟଙ୍କା ସଞ୍ଚାର କରନ୍ତୁ ବୋଲି ପୋଷ୍ଟର ଉଲ୍ଲେଖ କରାଯାଇଛି । ଫଳରେ ପୋଷ୍ଟରକୁ ନେଇ ବିଭିନ୍ନ ମହଲରେ ପ୍ରଶଂସା କରୁଥିବା ଦେଖିବାକୁ ମିଳିଛି ।

# ୧୧ ହଜାର ପରିବାରଙ୍କୁ ମିଳିବ କାର୍ଡ

ନୂଆପଡା ଅଫିସ/ଖଡିଆଳ, ୭।୧୦ (ଡି.ଏନ.ଏ.)

ରାଜ୍ୟରେ କୌଣସି ଗରିବ ପରିବାରକୁ ଭୋକ ଉପାସରେ ରହିବାକୁ ଦିଆଯିବନାହିଁ । ଏଥି ପାଇଁ ରାଜ୍ୟ ସରକାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ କରିଛନ୍ତି । ରବିବାର ଜଳ ସମ୍ପଦ ଓ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ନୂଆପଡାରେ ଏହାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଛନ୍ତି । ମଧ୍ୟାହ୍ନ ୧୨ଟାରେ କୋମନା ବ୍ଲକରେ ପ୍ରଥମେ ଉଦ୍‌ଘାଟନ କରିଥିବାବେଳେ ଅପରାହ୍ନରେ ସ୍ଥାନୀୟ ନୂଆପଡା ବ୍ଲକ ପରିସରରେ ଗରିବ ହିତାଧିକାରୀଙ୍କୁ କାର୍ଡ ପ୍ରଦାନ କରିଛନ୍ତି ।

ସ୍ଥାନୀୟ ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ସଭାପତିତ୍ୱ କରିଥିବାବେଳେ ମନ୍ତ୍ରୀ ପୂଜାରୀ ମୁଖ୍ୟ ଅତିଥି, ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ, ଡିଆରଡିଏ ପିଡି ବୃଷଭ ଚନ୍ଦ୍ର ନାଏକ, ଜିଲା ଯୋଗାଣ ଅଧିକାରୀ ଅଶୋକ ଦାସ, ବିଡିଓ ସୁନୀଲ କୁମାର କେର୍କେଟା, ଜିଲା ପରିଷଦ ଉପାଧ୍ୟକ୍ଷ ଭାନୁପ୍ରତାପ ସିଂ ମାଝି, ଜିଲା ପରିଷଦ ସଭ୍ୟ ମୁନ୍ନା ହରିଜନ, ଧନୀରାମ ସାହୁ, ରମାକାନ୍ତ ଠାକୁର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଜିଲା ବିଜେଡି ସଭାପତି ଢୋଲକିଆ କେନ୍ଦ୍ର ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ରାଜ୍ୟବାସୀଙ୍କ ପ୍ରତି ମୋଦି ସରକାର ଉପେକ୍ଷା କରିଥିବା ଅଭିଯୋଗ ଆଣିଥିଲେ । ମନ୍ତ୍ରୀ ପୂଜାରୀ କେନ୍ଦ୍ରୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ସବୁ ଗରିବ




ଖଡ଼ିଆଳରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଜଣେ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ କରୁଛନ୍ତି ।

**ଜିଲାରେ ଖାଦ୍ୟ ସୁରକ୍ଷା ଯୋଜନାର ଶୁଭାରମ୍ଭ**

- ଉଦ୍‌ଘାଟନୀ ନାଁରେ ରାଜନୀତି
- ହଇରାଣ ହୋଇ ଲୋକେ ଫେରିଗଲେ

ପରିବାରକୁ ଖାଦ୍ୟ ମିଳିପାରୁ ନ ଥିଲା। ଲୋକେ ବାଧ୍ୟ ହୋଇ ଭୋକ ଉପାସରେ ଦିନ କାଟୁଥିଲେ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ନବୀନ ସରକାର ନୂତନ ଯୋଜନା ଓଡିଶା ଖାଦ୍ୟ ସୁରକ୍ଷା ଯୋଜନାର ଆରମ୍ଭ କରିଛନ୍ତି। ଏଥିରେ ପ୍ରତ୍ୟେକ ଗରିବ ପରିବାରକୁ ଜଣ ପିଛା ୫ କି.ଗ୍ରା. କରି ଚାଉଳ ପ୍ରଦାନ କରାଯିବ। ଜିଲାରେ ବର୍ତ୍ତମାନ ୧୧ ହଜାର ୬୧ ପରିବାରକୁ ରାଶନ କାର୍ଡ ପ୍ରଦାନ କରାଯିବ। ଏଥିରେ ୩୮ହଜାର ୧୪୫ଗରିବ ଲୋକଙ୍କୁ ସାମିଲ କରାଯାଇଛି। ସୂଚନାଯୋଗ୍ୟ ଯେ ଜିଲାରେ ମୋଟ ୨୮ହଜାର ୬୧୯ ପରିବାର ଏଥିପାଇଁ ଆବେଦନ କରିଥିବାବେଳେ ସେଥିରୁ ୧୧ହଜାର ୬୧ ପରିବାରକୁ କାର୍ଡ ମଞ୍ଜୁରୀ ହୋଇଛି। ଏଥିରେ ବୋଡେନ ବ୍ଲକକୁ ୧୩୪୨, ଖଡିଆଳ ବ୍ଲକକୁ ୨୧୪୯, ଖଡିଆଳ ବ୍ଲକକୁ ୧୦୭, ଖରିଆରରୋଡ ଏନଏସି୨୭୪, କୋମନା ବ୍ଲକକୁ ୨୪୦୦, ନୂଆପଡା ବ୍ଲକକୁ ୨୫୯୫, ନୂଆପଡା ଏନଏସିରେ ୧୭୫ଜଣଙ୍କୁ, ସିନାପାଲି ବ୍ଲକରେ ୨୦୨୩ ପରିବାରକୁ କାର୍ଡ ପ୍ରଦାନ କରାଯିବ। ରବିବାର ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ୩୧ଟି ଗ୍ରାମପଞ୍ଚାୟତର ୬୨ଜଣଙ୍କୁ ମନ୍ତ୍ରୀ ପୂଜାରୀ ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, କାର୍ଯ୍ୟକ୍ରମରେ କେବଳ ପ୍ରତ୍ୟେକ ଗ୍ରାମପଞ୍ଚାୟତରୁ ୧୦ଜଣ ଲେଖାଏଁ କରି ଲୋକଙ୍କୁ କାର୍ଯ୍ୟକ୍ରମରେ ଯୋଗଦେବାକୁ ପଞ୍ଚାୟତଗୁଡିକୁ ପତ୍ର କରାଯାଇଥିଲା। ହେଲେ କେତେଜଣ ଜିଲାସ୍ତରୀୟ ଅଧିକାରୀ ନେତାଙ୍କ ସହ ସଲାସୁତୁରା କରି ସବୁ ହିତାଧିକାରୀ କାର୍ଯ୍ୟକ୍ରମକୁ ଆସନ୍ତୁ ବୋଲି ଡାକିଥିଲେ। ହିତାଧିକାରୀମାନେ ସକାଳ ୧୦ଟାରୁ ବ୍ଲକକୁ ଦୌଡିଥିଲେ। ମନ୍ତ୍ରୀ ଅପରାହ୍ନ ୨ଟାରେ ଆସିବାକୁ ଥିବାବେଳେ ୩ଘଣ୍ଟା ବିଳମ୍ବରେ ଅର୍ଥାତ ଅପରାହ୍ନ ୫ଟାରେ ଆସିଥିଲେ। ସେତେବେଳଯାଏଁ ହିତାଧିକାରୀମାନେ ଭୋକ ଉପାସରେ ଜଗିଥିଲେ। ଶେଷରେ କେବଳ ଜିଲାବି, ପକୋଡି ଦିଆଗଲା। ବହୁ ଲୋକ କାର୍ଡ ନ ପାଇ ନିରାଶରେ ଫେରିଗଲେ । ତେବେ ବାକି ହିତାଧିକାରୀମାନଙ୍କୁ ସମ୍ପୃକ୍ତ ଗ୍ରାମପଞ୍ଚାୟତରେ ଦିଆଯିବ ବୋଲି ବ୍ଲକ ତରଫରୁ କୁହାଯାଇଛି । କାର୍ଯ୍ୟକ୍ରମକୁ ବ୍ଲକ ଯୋଗାଣ ଅଧିକାରୀ ନବୀନ ବାଗ ପରିଚାଳନା କରିଥିବାବେଳେ ସମସ୍ତ ଅଧିକାରୀ ସହଯୋଗ କରିଥିଲେ।

ସେହିପରି ଖଡିଆଳ ସ୍ଥିତ କଲ୍ୟାଣ ମଣ୍ଡପ ୨ରେ ଖାଦ୍ୟ ସୁରକ୍ଷା ଆଇନ-୨୦୧୮ରେ ନୂତନ ଭାବେ ସାମିଲ ହୋଇଥିବା ଖଡିଆଳ ବ୍ଲକ ଓ ଏନଏସିର ହିତାଧିକାରୀଙ୍କୁ ରବିବାର ଖାଉଟି କାର୍ଡ ବଣ୍ଟନ କରାଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଳ ସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦେଇ କାର୍ଡ ବଣ୍ଟନ କରିଥିଲେ । ଖାଦ୍ୟ ସୁରକ୍ଷା ଆଇନରେ ଖଡିଆଳ ବ୍ଲକର ୨୬ଟି ପଞ୍ଚାୟତରୁ ପ୍ରାୟ ୭୦୦ ନୂତନ ହିତାଧିକାରୀଙ୍କୁ ଖାଉଟି କାର୍ଡ ବଣ୍ଟନ କରାଯାଇଥିବା ବେଳେ ଖଡିଆଳ ଏନଏସି ୧୩ଟି ୱାର୍ଡରୁ ୧୦୭ ଜଣ ହିତାଧିକାରୀଙ୍କୁ ଖାଉଟି କାର୍ଡ ବଣ୍ଟନ ହୋଇଥିବା ଜଣାପଡିଛି । ଉକ୍ତ ସମାରୋହରେ ଜିଲାପାଳ ପୋମା ଟୁଡୁ, ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ, ଡିଆରଡିଏ ପିଡି ବୃଷଭ ନାଏକ, ବ୍ଲକ ଅଧ୍ୟକ୍ଷ ବାଳକୃଷ୍ଣ ଶବର, ଏନଏସି ଅଧ୍ୟକ୍ଷା ଖୁଲଣା ବେହେରା, ବିଡିଓ ଉତ୍ତମ ବାଗ, ଏନଏସି କାଯର୍ୟ୍ୟ ନିର୍ବାହୀ ଅଧିକାରୀ କିଶୋର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ସିନାପାଲି ଜିଲା ପରିଷଦ ୧୪ ନଂ. ଜୋନର ସମୀକ୍ଷା ବୈଠକ

ସିନାପାଲି,୭।୧୦(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ବ୍ଲକ୍ ୧୪ ନଂ. ଜିଲା ପରିଷଦ ଜୋନ୍‌ର ସମୀକ୍ଷା ବୈଠକ କୋଟାମାଲସ୍ଥିତ ଯୋଗୀମଠରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସିନାପାଲି ୧୪ ନଂ ଜୋନ୍ ଜିଲା ପରିଷଦ ସଦସ୍ୟ ପ୍ରିୟରଞ୍ଜନ ମେହେରଙ୍କ ଆହ୍ୱାନକ୍ରମେ ଜୋନ୍‌ର ଶତାଧିକ ଭଦ୍ରବ୍ୟକ୍ତି, ବୁଦ୍ଧିଜୀବୀ, ଶିକ୍ଷାବିତ୍ ତଥା ଯୁବକ ବୈଠକରେ ଯୋଗଦେଇଥିଲେ। ଜିଲା ପରିଷଦ ନିର୍ବାଚିତ ହେବା ପ୍ରାୟ ଦୁଇ ବର୍ଷ ମଧ୍ୟରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଜନସାଧାରଣଙ୍କଠାରୁ ଅବଗତ ହେବା ସହ ତାର ସାମଧାନ ପାଇଁ ପରାମର୍ଶ ଲୋଡା ଯାଇଥିଲା । ଜିଲା ପରିଷଦ ସଦସ୍ୟଙ୍କ ପ୍ରାୟ ଦୁଇବର୍ଷ କାର୍ଯ୍ୟକାଳ ମଧ୍ୟରେ ଜନସାଧାରଣ କେତେଦୂର ଉପକୃତ ହୋଇଛନ୍ତି ସେ ଉପରେ ସମସ୍ତେ ନିଜ ବ୍ୟକ୍ତିଗତ ମତାମତ ଉପସ୍ଥାପନା କରି ଆଗାମୀ ଦିନରେ ଆହୁରି କେମିତି କାର୍ଯ୍ୟ ଠିକ୍ ହୋଇ ପାରିବ ସେ ବାବଦରେ ପରାମର୍ଶ ଦେଇଥିଲେ ।

ଆୟୋଜିତ ସଭାରେ ସାମାଜିକ କର୍ମୀ ତ୍ରିନାଥ ମେହେର ସଭା ପରିଚାଳନା କରିଥିବା ବେଳେ ସିନାପାଲି ବ୍ଲକ୍ ବିଜୁ ଜନତା ଦଳ ପର୍ଯ୍ୟବେକ୍ଷକ ସରୋଜ ପ୍ରଧାନ, ଖଡିଆଳ ପର୍ଯ୍ୟବେକ୍ଷକ ଦୀପ୍ତିରଞ୍ଜନ ବାରିକଙ୍କ ସମେତ ରିଖିରାମ ବାଗ, ବିଦ୍ୟାଧର ବୋଡକିଆ, ବିରଞ୍ଚି ଜଗତ, ଉଦିତ ପ୍ରତାପ ସିଂ ଜ୍ୟୋତି, ବଳଦେବ ମାଝି, କମଲେଶ ଅଗ୍ରୱାଲ, ରୋହିତ ମେହେର, ସୁନ୍ଦର ପଟେଲ, ହଳଧର ନିଆଲ, ଶିଶୁପାଳ ଧାକଡ, ଜିତେନ୍ଦ୍ର ମେହେର ପ୍ରମୁଖ ଉପସ୍ଥିତ ଥିଲେ ।



ସିନାପାଲି ବ୍ଲକ୍ ୧୪ ନଂ. ଜିଲା ପରିଷଦ ଜୋନ୍‌ର ସମୀକ୍ଷା ବୈଠକରେ ଆଲୋଚନା ଚାଲିଛି ।

# ତେଜିଲା ମଦ ବିରୋଧୀ ଆନ୍ଦୋଳନ

ଖଡିଆଳ,୭।୧୦(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ବ୍ଲକ ବରଗାଁରେ ଛତୁ ଫୁଟିଲା ପରି ଦିନକୁ ଦିନ ବେଆଇନ ଭାବେ ମଦକୋଠି ଖୋଲିବାରେ ଲାଗିଛି । ବର୍ତ୍ତମାନ ଗାଁରେ ମଦକୋଠି ସଂଖ୍ୟା ୧୦। ଯାହା ଦ୍ୱାରା ଗାଁ ଲୋକେ ମଦ ପିଇବା ଯୋଗୁ ଗାଁରେ ଅନେକ ସମୟରେ ଗଣ୍ଡଗୋଳ ହେବା ସହ ଅସାମାଜିକ କାର୍ଯ୍ୟକଳାପ ମଧ ବୃଦ୍ଧି ପାଇବାରେ ଲାଗିଛି । ବିଶେଷ କରି ଏହାର ପ୍ରଭାବ ଯୁବ ପିଢ଼ି ଉପରେ ପଡୁଛି । ଯାହା ଦ୍ୱାରା ମଦ ପିଇବା ଅଭ୍ୟସ୍ତ ହେବା ପରେ ଘରେ ଥିବା ସୁନାଗହଣା, ବାସନକୁସନ ଆଦି ଗହଣା ବିକ୍ରି କରି ମଦ ପିଉଥିବା ଅଭିଯୋଗ ହୋଇଛି । ଏପରିକି ଅନେକ ପରିବାର ତଳି ତଳାନ୍ତ ହୋଇ ପଡିଛନ୍ତି । ଏପରିସ୍ଥିତିରେ ଅବକାରୀ ଓ ପୋଲିସ ବିଭାଗ କିଛି ନ ଜାଣିଲା ପରି ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି। ତେବେ ଏପରିସ୍ଥିତିରେ ଗାଁରେ ଥିବା ମଦକୋଠୀ ଗୁଡିକ ବନ୍ଦ କରିବା ସହ ଲୋକଙ୍କୁ ସଚେତନ କରିବାର ଉଦ୍ଦେଶ୍ୟ ନେଇ ଗାଁରେ ଥିବା ୨୬ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀରୁ ୫୦୦ରୁ ଊର୍ଦ୍ଧ୍ୱ ମହିଳା ଏକାଠି ହୋଇଛନ୍ତି । ମଦ ବିରୋଧି ଆନ୍ଦୋଳନ ଆରମ୍ଭ କରିଛନ୍ତି । ମଦ କୋଠୀ ବନ୍ଦ କରିବା ନେଇ ହାତରେ ପ୍ଲା କାର୍ଡ ଧରି ବିଭିନ୍ନ ମଦ ବିରୋଧି ସ୍ଲୋଗାନ ଦେଇ ଗାଁ ପରିକ୍ରମା କରାଯାଇଥିଲା । ଏଥି ସହ ଗାଁରେ ଥିବା ବେଆଇନ ମଦକୋଠି ଗୁଡିକୁ ବନ୍ଦ କରିବା ଦିଗରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବା ସହ ଏଥିରେ କୌଣସି ଅପ୍ରିତିକର ଘଟଣା ଉପୁଜିଲେ ଏଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ଆନ୍ଦୋଳନକାରୀ ମହିଳାମାନଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି ।



ମଦକୋଠୀ ବନ୍ଦ କରିବା ନେଇ ହାତରେ ପ୍ଲା କାର୍ଡ ଧରି ମହିଳାମାନେ ବିକ୍ଷୋଭ କରୁଛନ୍ତି ।

### ଛାତ୍ରୀଙ୍କୁ ଅସଦାଚରଣ ଘଟଣା

# ଡମ୍ବ ସମାଜ ପକ୍ଷରୁ ବିଇଓଙ୍କଠାରେ ଅଭିଯୋଗ

ଜୁନାଗଡ,୭।୧୦(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଗତ ଏକ ବିଦ୍ୟାଳୟର ଜନୈକ ଛାତ୍ରୀଙ୍କୁ ଶୁକ୍ରବାର ଉକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସଞ୍ଜୀବ ପଣ୍ଡା ଅସଦାଚରଣ କରିଥିବା ଜୁନାଗଡ ଥାନାରେ ଅଭିଯୋଗ ହୋଇଥିଲା। ତେବେ ଏହି ଘଟଣାକୁ ନିନ୍ଦା କରି ସମ୍ପୃକ୍ତ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ବହିଷ୍କାର କରିବା ଦାବି ନେଇ ଶନିବାର ଡମ୍ବ ସମାଜର ସଦସ୍ୟମାନେ ଜୁନାଗଡ ବ୍ଲକ ଶିକ୍ଷାଧିକାରୀ(ବିଇଓ)ଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି। ତେବେ ବ୍ଲକ ଶିକ୍ଷାଧିକାରୀ ଉପସ୍ଥିତ ନ ଥିବାରୁ ତାଙ୍କ ମତାମତ ଅନୁଯାୟୀ ଏହି ଅଭିଯୋଗକୁ ସେମାନେ ମୁଖ୍ୟ କିରାଣୀ ବିହାରୀଲାଲ ମହାନନ୍ଦଙ୍କୁ ଦେଇଥିଲେ। ଏହା ସହ ଏହି ଅଭିଯୋଗର ଏକ ନକଲ ଜୁନାଗଡ ବିଡିଓ, ଧର୍ମଗଡ ଉପଜିଲାପାଳ, ଜିଲା ଶିକ୍ଷାଧିକାରୀଙ୍କୁ ପଠା ଯାଇଛି। ଦାବିପତ୍ର ଦେବା ସମୟରେ ଯୁବ ଆଇନଜୀବୀ ଚିତ୍ତ ରଞ୍ଜନ ନିଆଲ, ଦିବ୍ୟ ଦୀପ, ଗୋକୁଳ ଚନ୍ଦ୍ର ନାଗ, ମହାଦେବ ପ୍ରସାଦ ନାଏକ, ରାଜେନ୍ଦ୍ର ବାଗ ପ୍ରମୁଖ ଉପସ୍ଥିତ ଥିଲେ।



ଡମ୍ବ ସମାଜର ସଦସ୍ୟମାନେ ବିଇଓଙ୍କୁ ଲିଖିତ ଅଭିଯୋଗ ଦେଉଛନ୍ତି।

# ଉଚିତ ଜ୍ଞାନ ଆହରଣ ପାଇଁ ଗଭୀର ଶ୍ରଦ୍ଧା ଆବଶ୍ୟକ

ନୂଆପଡା ଅଫିସ,୭।୧୦

ଭାରତ ବର୍ଷରେ ଆଶ୍ରମ ଶିକ୍ଷା ବ୍ୟବସ୍ଥାରେ ଗୁରୁଶିଷ୍ୟଙ୍କ ସମ୍ପର୍କ ବହୁ ନିବିଡ ଥିଲା । ସେସମୟରେ ପାଠ୍ୟ ସାମଗ୍ରୀ ସହ ଗୁରୁଙ୍କୁ ଶିଷ୍ୟମାନେ ଅତି ନିକଟରୁ ଭଲ ପାଉଥିଲେ । ଭାରତୀୟ ଦର୍ଶନ ଶାସ୍ତ୍ର ସହ ପ୍ରାଚୀନ ଶିକ୍ଷା ବ୍ୟବସ୍ଥାକୁ ଦେଶ ବିଦେଶରେ ଏହା ପରୀକ୍ଷା ନିରୀକ୍ଷା ମଧ୍ୟ କରାଯାଉଛି । ଉଚିତ ଶିକ୍ଷା ଗ୍ରହଣ କରିବାକୁ ବିଦ୍ୟାର୍ଥୀଙ୍କ ଗଭୀର ଶ୍ରଦ୍ଧାର ଆବଶ୍ୟକତା ରହିଛି ବୋଲି ସ୍ଥାନୀୟ ନୂଆପଡା ନ୍ୟାଶନାଲ କଲେଜରେ ଓଏସଓୟୁ (ଓଡିଶା ଷ୍ଟେଟ ଓପନ ୟୁନିଭର୍ସିଟି)ର ଷ୍ଟଡି ସେଣ୍ଟର ପ୍ରତିଷ୍ଠା ଦିବସରେ ଯୋଗଦେଇ ଅତିଥିମାନେ ଏହି ମତ ରଖିଛନ୍ତି । ରବିବାର ପୂର୍ବାହ୍ନ ୧୧ଟାରେ ଆୟୋଜିତ କାର୍ଯ୍ୟକ୍ରମରେ ନ୍ୟାଶନାଲ କଲେଜ ଅଧ୍ୟକ୍ଷ ଡ.ଅଶୋକ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ନ୍ୟାଶନାଲ କଲେଜ ପ୍ରତିଷ୍ଠାତା ଅଧ୍ୟକ୍ଷ ଶିକ୍ଷାବିତ ତଥା ଗବେଷକ ଡ.ମାନଭଞ୍ଜନ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରାଚୀନ ପୁରାଣ କାଳର ଶିକ୍ଷା ଏବଂ ବର୍ତ୍ତମାନ ଶିକ୍ଷା ପଦ୍ଧତି ଉପରେ ଆଲୋକପାତ କରିବା ସହ ବିଭିନ୍ନ ଶିକ୍ଷା ବ୍ୟବସ୍ଥା ଉପରେ ବର୍ଣ୍ଣନା



ଓଏସଓୟୁ ପ୍ରତିଷ୍ଠା ଦିବସରେ ଯୋଗଦେଇଥିବା ଅତିଥିବୃନ୍ଦ ।

**ଓଏସଓୟୁର ଷ୍ଟଡି ସେଣ୍ଟର ଉଦ୍‌ଘାଟିତ**

କରି ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ । ସେହିଭଳି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପଟ୍ଟନାୟକ ନୂଆପଡା ଭଳି ଏକ ଉପାନ୍ତ ଅଞ୍ଚଳରେ ଯେଉଁଠି ଉଚ୍ଚ ଶିକ୍ଷା ଲୋକଙ୍କ ପାଇଁ ସ୍ୱପ୍ନ ହୋଇଥାଏ । ଏଠାରେ ଏହା ପ୍ରତିଷ୍ଠା କରାଯିବା ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ଉପରେ ମାର୍ଗଦର୍ଶନ କରିଥିଲେ । ଏହି ଅଞ୍ଚଳର ବିକାଶରେ ଏହା କିପରି ସହାୟକ ହୋଇପାରିବ ସେ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଓଏସଓୟୁର ସଂଯୋଜକ ଦାୟୀତ୍ୱରେ ଥିବା ଅଧ୍ୟାପକ ଗଜେନ୍ଦ୍ର ପ୍ରସାଦ ନାୟକ ଏହି ଶିକ୍ଷା ଆହରଣ ବେଳେ ବିଦ୍ୟାର୍ଥୀମାନଙ୍କ ଜିଜ୍ଞାସା ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ । କାର୍ଯ୍ୟକ୍ରମରେ ଏହି ଶିକ୍ଷାବ୍ୟବସ୍ଥାରେ ପ୍ରଥମ ଥର ପାଇଁ ନାମ ଲେଖାଇଥିବା ଜିଲ୍ଲା ତଥା ଆଖପାଖ ଜିଲାର ମୋଟ ୬୩ଜଣ ଛାତ୍ରୀଛାତ୍ର ଯୋଗଦେଇଥିଲେ । ଏଥିରେ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ଭାବରେ କାମ କରୁଥିବା ତଥା ଗୃହିଣୀମାନେ ମଧ୍ୟ ସାମିଲ ରହିଛନ୍ତି । ଏଭଳି ଏକ ବହୁ ମୂଲ୍ୟ ସୁଯୋଗ ଯୋଗାଇ ଦେଇଥିବାରୁ ଶିକ୍ଷାର୍ଥୀମାନେ କଲେଜ କର୍ତ୍ତୃପକ୍ଷଙ୍କୁ ସାଧୁବାଦ ଜଣାଇଥିଲେ । ଏହି ଅବସରରେ ସମସ୍ତ ଶିକ୍ଷାର୍ଥୀମାନଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ରୋଶନ କୁମାର ସାହୁ, ପ୍ରକାଶ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ । ଇଂରାଜୀ ବିଭାଗର ପ୍ରାଧ୍ୟାପକ ସମରେନ୍ଦ୍ର ନାରାୟଣ ଦାସ ଧନ୍ୟବାଦ ଦେଇଥିଲେ ।

# ଖରିଫ ଧାନ କ୍ରୟ, ବିକ୍ରୟ ନେଇ ପ୍ରସ୍ତୁତି ବୈଠକ

ଜୁନାଗଡ,୭।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ନିୟନ୍ତ୍ରିତ ବଜାର କମିଟି ପରିସରରେ ରବିବାର ଧର୍ମଗଡ ଉପଖଣ୍ଡସ୍ତରୀୟ ଖରିଫ ଚାଷ ପାଇଁ ଧାନ କ୍ରୟ ଓ ବିକ୍ରୟ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧର୍ମଗଡ ଉପଖଣ୍ଡର ଚାଷୀ, ଜିଲା ପରିଷଦ ସଭ୍ୟାସଭ୍ୟ, କୃଷି କର୍ମଚାରୀ, ରାଜସ୍ୱ କର୍ମଚାରୀ, ବିଡିଓ, ତହସିଲଦାର, ପ୍ୟାକ୍ସ କର୍ମଚାରୀ, ଆରଏମସି କର୍ମଚାରୀ, ଯୋଗାଣ ବିଭାଗ କର୍ମଚାରୀ, ମିଲର୍ସ ପ୍ରମୁଖ ଉପସ୍ଥିତ ଥିଲେ। ନିୟନ୍ତ୍ରିତ ବଜା କମିଟି ଜୁନାଗଡ ଓ ମୁଖିଗୁଡା ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଧର୍ମଗଡ ଉପଜିଲାପାଳ ପଦ୍ମନାଭ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ଧର୍ମଗଡ ବିଧାୟକ ପୁଷ୍ପେନ୍ଦ୍ର ସିଂଦେଓ, ଡିଆରସିଏସ୍ ସନ୍ତୋଷ କୁମାର ପାଣ୍ଡେ, ଚାଷୀ ନେତା ଦିପ୍ତି ପ୍ରହରାଜ, ପ୍ରଶାନ୍ତ ପଟ୍ଟଯୋଷୀ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ଆଗାମୀ ଖରିଫ ଚାଷ ଧାନ କ୍ରୟ ଓ ବିକ୍ରୟ କିପରି ସୁରୁଖୁରୁରେ ହେବ ତାହା ଉପରେ ସମସ୍ତଙ୍କ ମତାମତ ନେଇ ଆଲୋଚନା କରାଯାଇଥିଲା। ପ୍ରଶାସନିକ ଅଧିକାରୀମାନେ ଚାଷୀଙ୍କୁ ସଫା ଧାନ, ସୁଖା ଧାନ ମଣ୍ଡିକୁ ଆଣି ସରକାରୀ ମୂଲ୍ୟରେ ଧାନର ପ୍ରାପ୍ୟ ନେବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି କେତେକ ଚାଷୀ ଓ ଉପସ୍ଥିତ ଜିଲା ପରିଷଦ ସଭ୍ୟାସଭ୍ୟମାନେ ଧାନ କଟନି ବନ୍ଦ କରିବା ଓ ମଣ୍ଡିରେ ଦଲାଲ ରାଜ ବନ୍ଦ କରିବାକୁ କହିଥିଲେ। ଏହାସହ ଜୁନାଗଡ ବ୍ଲକରେ ଏକ କପାମଣ୍ଡି ଖୋଲିବାକୁ ଚାଷୀମାନେ ଦାବି କରିଥିଲେ। କାର୍ଯ୍ୟକ୍ରମରେ ଜୁନାଗଡ ଆରଏମସି ସମ୍ପାଦକ ବସନ୍ତ ସେଠି ଓ ମୁଖିଗୁଡା ଆରଏମସି ସମ୍ପାଦକ ସନାତନ ମାଝି ପରିଚାଳନା କରିଥିଲେ। ଧର୍ମଗଡ ଉପଖଣ୍ଡ ଯୋଗାଣ ଅଧିକାରୀ ପ୍ରଫୁଲ୍ଲ ଦାଶ ଧନ୍ୟବାଦ ଦେଇଥିଲେ।




ଧାନ କ୍ରୟ ବିକ୍ରୟ ବୈଠକରେ ମଞ୍ଚାସୀନ ଅତିଥି

# ୬୪ ବର୍ଷରେ ଖଡିଆଳ ରାଜାପଡା, ପଟ୍ଟନାୟକପଡା ଦୁର୍ଗାପୂଜା

ଖଡିଆଳ,୭।୧୦(ଡି.ଏନ.ଏ.)

ଦଶହରା ପର୍ବକୁ ନେଇ ଏବେଠାରୁ ଗାଁଠାରୁ ସହର ଚଳଚଞ୍ଚଳ । ଆଉ ଦିନକ ପରେ ଧରାପୃଷ୍ଠକୁ ଅବତରଣ କରିବେ ଜଗତଜନନୀ ମା' ଦୁର୍ଗା । ଦୁର୍ଗାଙ୍କ ଆଗମନକୁ ନେଇ ଚାରିଆଡେ ପ୍ରସ୍ତୁତି ଜୋରସୋରରେ ଚାଲିଥିବା ବେଳେ ନୂଆପଡା ଜିଲା ଖଡିଆଳ ସହର ପଟ୍ଟନାୟକ ପଡା ଓ ରାଜାପଡା ଦୁର୍ଗାପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ୧୯୫୪ରୁ ପଟ୍ଟନାୟକ ପଡାରେ ଦୁର୍ଗାପୂଜା ଆରମ୍ଭ ହୋଇ ରୀତିନୀତି ଅନୁସାରେ ପାଳନ ହୋଇ ଆସୁଥିବା ବେଳେ ଚଳିତ ବର୍ଷ ଏହା ୬୪ ବର୍ଷରେ ପଦାର୍ପଣ କରିଛି । ପୂଜା ଆରମ୍ଭ ହେବା ଦିନଠାରୁ ୫ ଦିନ ବ୍ୟାପି ପୂଜା ଅନୁଷ୍ଠିତ ହୋଇ ଆସୁଥିବା ବେଳେ ୧୯୯୯ରୁ ଦୀର୍ଘ ୧୮ ବର୍ଷ ହେଲା ନବରାତ୍ର ପୂଜା ସ୍ୱରୂପ ୯ଦିନ ଧରି ପୂଜା ଅନୁଷ୍ଠିତ ହୋଇଆସୁଛି । ପ୍ରତିବର୍ଷ ଦେଶ ବିଦେଶ ବିଭିନ୍ନ କଳାକୃତିକୁ ନେଇ ଆକର୍ଷଣୀୟ ମେଢ଼ ନିର୍ମାଣ କରି ଶ୍ରଦ୍ଧାଳୁ ମନକୁ ଲାଗି ରହିଥିବା ବେଳେ ଚଳିତ ବର୍ଷ ମଧ କଲିକତାରୁ କାରିଗରମାନେ ଆସି ପ୍ରାନ୍ତର ଏକ ମନ୍ଦିର ନିର୍ମାଣ କରି ଆକର୍ଷଣୀୟ ତୋରଣ କରିବାରେ ଲାଗି ପଡିଛନ୍ତି । ବର୍ତ୍ତମାନ ତୋରଣ ନିର୍ମାଣ ମଧ ଚୁଡାନ୍ତ ପର୍ଯ୍ୟାୟରେ । ପୂଜାକୁ ଆକର୍ଷଣୀୟ କରିବା ପାଇଁ ୯ ଦିନ ଧରି ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରଠାରୁ ଆରମ୍ଭ କରି ଅନୁଷ୍ଠାନ କଳାକାରମାନଙ୍କ ଦ୍ୱାରା ରେକର୍ଡ ଡ୍ୟାନ୍ସର ଆୟୋଜନ ସମେତ ମେଲୋଡି, ଦଣ୍ଡନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଲଟେରୀର ବ୍ୟବସ୍ଥା ମଧ କରାଯାଇଛି । ଦର୍ଶନ କରିବାକୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କ ପାଇଁ ଭଣ୍ଡାର ବ୍ୟବସ୍ଥା କରାଯାଇଥିବା ପୂଜା କମିଟି ସଭାପତି ସବ୍ୟସାଚୀ ପାଢ଼ୀ ଓ ସମ୍ପାଦକ ସନ୍ତୁ ପଟ୍ଟନାୟକ ପ୍ରକାଶ କରିଛନ୍ତି । ଅନ୍ୟପଟେ ରାଜା ରାଜୁଡା ଅମଳରୁ ପୂଜା ଆରମ୍ଭ ହୋଇଥିବା ରାଜାପଡାର ଦୁର୍ଗାପୂଜା ମଧ ଚଳିତ ବର୍ଷ ୬୪ ବର୍ଷରେ ପଦାର୍ପଣ କରିଛି । ଦୀର୍ଘ ବର୍ଷ ଧରି ୫ଦିନ ଧରି ପୂଜା ଅନୁଷ୍ଠିତ ହୋଇ ଆସୁଥିବା ବେଳେ ୨୦୧୪ରୁ ନବରାତ୍ର ପୂଜା ହୋଇ ୯ଦିନ ଧରି ପୂଜା ଅନୁଷ୍ଠିତ ହେଉଛି । ଗତ ୨ ବର୍ଷ ହେଲା ଜଗତ ଜନନୀ ମା' ଦୁର୍ଗାଙ୍କ ରୂପା ଅଳଙ୍କାର ସଜ୍ଜିତ କରି ଆସୁଥିବା ଚଳିତ ବର୍ଷ ପ୍ରାୟ ୧୦ ଲକ୍ଷ ଟଙ୍କା ମୂଲ୍ୟରେ ସୁନା ଅଳଙ୍କାରେ ସୁସଜ୍ଜିତ କରି ଚାନ୍ଦିମେଢ଼ କରାଯାଉଥିବା କମିଟି ଦେବ ଦେବ ସିଂଦେଓ ରାମସିଂ ନୀନା ପ୍ରକାଶ କରିଛନ୍ତି । ଏଥିସହ ପୂଜାକୁ ଆକର୍ଷଣୀୟ କରିବା ପାଇଁ ରେକର୍ଡ ଡ୍ୟାନ୍ସ ପ୍ରତିଯୋଗୀତା, ଦଣ୍ଡନୃତ୍ୟ ସହ ସ୍ଥାନୀୟ ଅଞ୍ଚଳର ଝିଅମାନଙ୍କ ଦ୍ୱାରା ଦାଣ୍ଡିଆ ଲୋକନୃତ୍ୟ ଅନୁଷ୍ଠିତ ହେବ । ପୂଜା ପରିସରରେ ମୀନାବଜାରର ଆୟୋଜନ ହୋଇଥିବା ଜଣାପଡିଛି । ମଙ୍ଗଳବାର ସନ୍ଧ୍ୟାରେ କଳସ ଯାତ୍ରା ପରେ ଅଧିବାସ ହୋଇ ବୁଧବାରଠାରୁ ୯ ଦିନ ବ୍ୟାପୀ ଜଗତଜନନୀ ମା' ଦୁର୍ଗାଙ୍କ ପୂଜା ଅନୁଷ୍ଠିତ ହେବ ।



ପଟ୍ଟନାୟକ ପଡା ଦୁର୍ଗାପୂଜା କମିଟି ପକ୍ଷରୁ ତୋରଣ ତିଆରିରେ କାରିଗରମାନେ ଲାଗି ପଡିଛନ୍ତି ।

## ସଂକ୍ଷେପରେ



### ସମସ୍ୟାରେ ରାସ୍ତାମାଲ ପ୍ରାଥମିକ ବିଦ୍ୟାଳୟ

ପଲମ,୭।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ପଲମ ପଞ୍ଚାୟତସ୍ଥିତ ରାସ୍ତାମାଲ ପ୍ରାଥମିକ ବିଦ୍ୟାଳୟ ଅନେକ ସମସ୍ୟା ଦେଇ ଗତି କରୁଛି। କିନ୍ତୁ ଆଜକୁ ୨୦ ବର୍ଷ ହେଲା ସମସ୍ୟା ସମାଧାନ ହୋଇ ପାରୁନାହିଁ। ବର୍ଷା ଦିନେ ବିଦ୍ୟାଳୟ ଅଫିସ ଗୃହ ଓ ଶିକ୍ଷାଦାନ କୋଠରୀରେ ପାଣି ଜମି ରହୁଥିବା ଯୋଗୁ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ରାସ୍ତା କଡରେ ସ୍କୁଲ ଗୃହ ଥିବା ବେଳେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ପାଇଁ ବାଡ ନିର୍ମାଣ ହୋଇପାରି ନାହିଁ। ଫଳରେ ଛାତ୍ରୀଛାତ୍ର ରାସ୍ତା ଉପରକୁ ଚାଲି ଆସିଥାନ୍ତି। ବିଦ୍ୟୁତ୍ ଯୋଗାଣ କାର୍ଯ୍ୟ ହୋଇଥିଲେ ହେଁ ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ହୋଇ ପାରିନାହିଁ। ତମେନ ଭୋଇ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପଚାରିବାରୁ ଏ ନେଇ ଶିକ୍ଷାଅଧିକାରୀଙ୍କୁ କହି ମଧ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳୁ ନାହିଁ। ତତସଙ୍ଗେ ପଲମ କ୍ଲଷ୍ଟର ବିପ୍ର ବଗର୍ତ୍ତୀ ସିଆରସିସିଙ୍କ ପଚାରିବାରୁ ମୁଁ ଉକ୍ତ ବିଷୟ ନେଇ ଉଚ୍ଚ ଅଧିକାରୀଙ୍କୁ ଜଣାଇଛି ବୋଲି ପ୍ରକାଶ କରିଥିଲେ। ଏହାର ଉଚିତ ତଦନ୍ତ କରିବା ପାଇଁ ଶିକ୍ଷା ବିଭାଗୀୟ କମଚାରୀଙ୍କୁ ଗ୍ରାମବାସୀ ଦାବି କରିଛନ୍ତି।



### ପିକ୍ଅପ୍ ଭ୍ୟାନ୍ ସହ କାଠ ଜବତ, ୨ ଗିରଫ

ସେରଗଡ଼,୭।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ଥାନା ଅଧୀନ ଜାମପଦର ଓ କନକପୁର ମଧ୍ୟ ଭାଗରେ ଗତ ଶନିବାର ବିଳମ୍ବିତ ରାତିରେ ବନ ବିଭାଗ ଚଢାଉ କରି ସାଇଜ କାଠ ବୋଝେଇ ଏକ ପିକ୍ଅପ୍ ଭ୍ୟାନ୍ ଜବତ କରିଛି। ଏହି ଅଭିଯୋଗରେ ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଗିରଫ ୨ଜଣ ହେଲେ ସାପସିଲେଟ ଗ୍ରାମର ପ୍ରେମ ଜୁଆଡ ଓ ଚଗାଁର କେତନ ବାଗ। ନର୍ଲା ବନାଞ୍ଚଳ ଅଧିକାରୀ ନୃପରାଜ ମାଝିଙ୍କ ନେତୃତ୍ୱରେ ସଦଳବଳେ ଶନିବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ ପିକ୍ଅପ୍ ଭ୍ୟାନ୍ (ନଂଓ.ଆର୍୦୮-୭୩୭୨)କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲେ। ସେଥିରୁ ପିଆଶାଳ ସାଇଜ କାଠ ଯାହାର ମୂଲ୍ୟ ହାରାହାରି ୩୦ ହଜାରରୁ ଉର୍ଦ୍ଧ୍ୱ ହେବ ଚୋରାଚାଲାଣ ହେଉଥିବା ଜାଣିପାରିଥିଲେ। ତୁରନ୍ତ ବନ ଅଧିକାରୀ ମାଝି ଗାଡ଼ି ଜବତ କରିବା ସହ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ।

# ୟୁରିଆ ସାର ଅଭାବ, ଚାଷୀଙ୍କ ଅସନ୍ତୋଷ

ଭବାନୀପାଟଣା,୭।୧୦(ଡି.ଏନ.ଏ.)

**ଧର୍ମଗଡ କୃଷି ଜିଲା**

- ଧର୍ମଗଡ ବ୍ଲକରେ ୨୬୪୦ ମେଟ୍ରିକ୍ ଟନ୍
- ଗୋଲାମୁଣ୍ଡା ବ୍ଲକରେ ୩୪୬୮ ମେଟ୍ରିକ୍ ଟନ୍
- କୋକସରା ବ୍ଲକରେ ୨୬୭୪ ମେଟ୍ରିକ୍ ଟନ୍ ଆବଶ୍ୟକ

କଳାହାଣ୍ଡି ଜିଲା ଧର୍ମଗଡ କୃଷି ଜିଲାରେ କୃଷି ଓ କୃଷକଙ୍କ ଚାହିଦା ମୁତାବକ ଆବଶ୍ୟକ ପରିମାଣରେ ୟୁରିଆ ସାର ମିଳୁନାହିଁ। ଅନ୍ୟପକ୍ଷେରେ ଅନେକ ସାର ବ୍ୟବସାୟୀ ସରକାରୀ ଧାର୍ଯ୍ୟଠାରୁ ଅଧିକ ମୂଲ୍ୟରେ ସାର ବିକ୍ରୟ କରୁଥିବାରୁ କୃଷକ ମହଲରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ ଧାନ ଗଛ, କପା ଗଛ, ଚିନାବାଦାମ ଗଛ ପ୍ରଭୃତି ଗର୍ଭ ଧାରଣ ପାଇଁ ସମୟ ଉପନ୍ନିତ ହୋଇଥିବା ବେଳେ ୟୁରିଆ ସାରର କୃତ୍ରିମ ଅଭାବ ଚାଷ ଅମଳ ପ୍ରକ୍ରିୟାକୁ ପ୍ରଭାବିତ କରିବା ଯଥେଷ୍ଟ ସମ୍ଭାବନା ରହିଛି। ଧର୍ମଗଡ କୃଷି ଜିଲାର ଧର୍ମଗଡ, ଗୋଲାମୁଣ୍ଡା ଓ କୋକସରା ବ୍ଲକରେ ୧ ଲକ୍ଷ ୧୨ ହଜାର ୨ ଶହ ୭୦ ହେକ୍ଟର ଚାଷ ଜମି ରହିଛି। ୩୦ ହଜାର ୭ ଶହ ୨୭ ହେକ୍ଟର ହେଉଛି ଜଳ ସେଚିତ ଜମି ଓ ୮୧ ହଜାର ୫ ଶହ ୪୩ ହେକ୍ଟର ଅଣଜଳସେଚିତ ଚାଷ ଜମି ରହିଛି। ଚଳିତ ଖରିଫ ଋତୁରେ ଧର୍ମଗଡ ବ୍ଲକରେ ଧାନ ଚାଷ ପାଇଁ ୨୦ ହଜାର ୭ ଶହ ୫୦ ହେକ୍ଟର ଜମି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଚଳିତ ଋତୁରେ ପ୍ରତିକୁଳ ବର୍ଷା ଯୋଗୁ ୨୨ ହଜାର ୭ ଶହ ୫୦ ହେକ୍ଟର ଜମିରେ ଧାନ ଚାଷ କରାଯାଇପାରିଛି। ସେହିପରି ୧୦ ହେକ୍ଟର ଜମିରେ କପା ଚାଷ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଗୋଲାମୁଣ୍ଡା ବ୍ଲକର ୨୪ ହଜାର ୫ ଶହ ୯୫ ହେକ୍ଟର ଜମିରେ ଧାନ ଚାଷ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ବେଳେ ୨୪ ହଜାର ୩ ଶହ ୩୭ ହେକ୍ଟର ଜମିରେ ତାହା ହାସଲ ହୋଇଛି। ୯ ହଜାର ୬ ଶହ ହେକ୍ଟର ଜମିରେ କପା ଚାଷର ପ୍ରତିକୁଳ ପାଗ ପାଇଁ ୧୨ ହଜାର ୩ ଶହ ହେକ୍ଟର ଚାଷ ଜମିରେ କପା ଚାଷ କରାଯାଇଛି। କୋକସରା ବ୍ଲକର ୧୯୩୦୦ ୨୭ ହେକ୍ଟର ଚାଷ ଜମିରେ ଧାନଚାଷ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ବେଳେ ଲକ୍ଷ୍ୟଧାର୍ଯ୍ୟଠାରୁ ଅଧିକ ଜମିରେ ଧାନ ଚାଷ କରାଯାଇଛି। ସମଗ୍ର ଧର୍ମଗଡ କୃଷି ଜିଲାରେ ୨୩୭୭ ହେକ୍ଟର ଜମିରେ ଚିନାବାଦାମ ଚାଷ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ବେଳେ ୨୬୪୨ ହେକ୍ଟର ଜମିରେ ଚିନାବାଦାମ ଚାଷ କରାଯାଇଛି। ଏହି ସବୁ ଚାଷ ଦୃଷ୍ଟିରୁ ଧର୍ମଗଡ ବ୍ଲକରେ ୨୬୪୦ ମେଟ୍ରିକ୍ ଟନ୍ ଓ ଗୋଲାମୁଣ୍ଡା ବ୍ଲକରେ ୩୪୬୮ ମେଟ୍ରିକ୍ ଟନ୍ ଓ କୋକସରା ବ୍ଲକରେ ୨୬୭୪ ମେଟ୍ରିକ୍ ଟନ୍ ୟୁରିଆ ସାରର ଆବଶ୍ୟକତା ରହିଛି। ଚଳିତବର୍ଷ ଏପ୍ରେଲ ୧ ତାରିଖରୁ ଅକ୍ଟୋବର ୫ ତାରିଖ ଯାଏଁ ଧର୍ମଗଡ ବ୍ଲକର ବିଭିନ୍ନ ସାର ବ୍ୟବସାୟୀମାନେ ୧୩୭୨.୫ ମେଟ୍ରିକ୍ ଟନ ୟୁରିଆ ସାର ବିକ୍ରି କରିଥିବା ବେଳେ ୨୧୪ ମେଟ୍ରିକ୍ ଟନ୍ ସାର ମହଜୁତ କରି ରଖିଛନ୍ତି। ସେହିପରି ଗୋଲାମୁଣ୍ଡା ବ୍ଲକର ବ୍ୟବସାୟୀମାନେ ୨୬୮୫.୭୩୫ ମେଟ୍ରିକ୍ ଟନ୍ ୟୁରିଆ ସାର ବିକ୍ରୟ କରିଥିବା ବେଳେ ୭୪.୦୬୦ ମେଟ୍ରିକ୍ ଟନ୍ ଓ କୋକସରା ବ୍ଲକର ବ୍ୟବସାୟୀମାନେ ୨୨୫୩.୦୮୫ ମେଟ୍ରିକ୍ ଟନ୍ ୟୁରିଆ ସାର ବିକ୍ରୟ କରିଥିବା ବେଳେ ୩୭.୧୭ ମେଟ୍ରିକ୍ ଟନ୍ ୟୁରିଆ ସାର ମହଜୁତ ରହିଥିବା ଧର୍ମଗଡ ଜିଲା କୃଷି ଅଧିକାରୀ ଜଗନ୍ନାଥ ନନ୍ଦ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ କୃଷି ବିଭାଗର ୟୁରିଆ ସାର ଯୋଗାଣ ସମ୍ପର୍କିତ ସୂଚନା ଧର୍ମକୁ ଆଖିଠାର ବୋଲି ଅନେକ କୃଷକ ନେତା ଅଭିଯୋଗ କରିଛନ୍ତି। ଏପରିକି କୃଷି ବିଭାଗ ୟୁରିଆ ସାର ଯୋଗାଣ ସମ୍ବନ୍ଧୀୟ ତଥ୍ୟ ଯଦି ଠିକ ହୁଏ ତେବେ ମଧ ବର୍ତ୍ତମାନ ଧର୍ମଗଡ କୃଷି ଜିଲାରେ ୧୪୫.୬୫ ମେଟ୍ରିକ୍ ଟନ୍ ୟୁରିଆ ସାରର ଆବଶ୍ୟକତା ରହିଛି ବୋଲି ଅନେକ କୃଷକ ମତ ପ୍ରକାଶ କରିବା ସହ ଧର୍ମଗଡ କୃଷି ଜିଲାରେ ଥିବା ଦୁର୍ନୀତିଖୋର ସାର ବ୍ୟବସାୟୀଙ୍କ ଯୋଗୁ ଏଭଳି ସାରର କୃତ୍ରିମ ଅଭାବ ପରିଲକ୍ଷିତ ହେଉଛି ବୋଲି ଅଭିଯୋଗ ହେଉଛି। ଏହି ଅଭିଯୋଗ ସମ୍ପର୍କରେ ଧର୍ମଗଡ କୃଷି ଜିଲା ଅଧିକାରୀ ଜଗନ୍ନାଥ ନନ୍ଦଙ୍କୁ ପଚାରିବାରୁ କୃଷି ବିଭାଗ ତରଫରୁ ଦୁର୍ନୀତିଖୋର ସାର ବ୍ୟବସାୟୀଙ୍କ ଉପରେ କଡା ନଜର ରଖାଯାଉଛି। ଦୃଷ୍ଟାନ୍ତମୁଳକ ଭାବେ ଗୋଲାମୁଣ୍ଡା ବ୍ଲକ ଅଧୀନ ଲିମସେର ଗ୍ରାମର ସାର ବ୍ୟବସାୟୀ ଜଜନ ମେହେରଙ୍କ ବ୍ୟବସାୟ ଲାଇସେନ୍ସ ରଦ୍ଦ କରାଯିବ ସହ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି କହିଛନ୍ତି। ଜଳସେଚନ ବିଭାଗ ଚାଷୀମାରଣ ନୀତି ଯୋଗୁ ଜଳସେଚିତ ବହୁ ଅଞ୍ଚଳରେ ଜମିକୁ ପାଣି ମାଡି ପାରୁ ନ ଥିବା ବେଳେ ଅଣଜଳସେଚିତ ଅଞ୍ଚଳରେ ଉଭୟ ଧାନ ଚାଷ ଓ ଚିନାବାଦାମ ଚାଷରେ ପାଣିର ଆବଶ୍ୟକତା ରହିଥିବାରୁ ବର୍ଷା ପାଣିକୁ ଚାଷୀ ଚାହିଁ ବସିଛନ୍ତି। ଅନ୍ୟପଟେ ଉଭୟ ରାଜ୍ୟ ସରକାର, ପ୍ରଶାସନିକ ଅଧିକାରୀ ଓ ଅସାଧୁ ବ୍ୟବସାୟୀ ଏକ ଅସାସଧୁ ମେଣ୍ଟ କରି କୃଷକମାନଙ୍କୁ ଶୋଷଣ କରି ଚାଲିଥିବାରୁ ଧର୍ମଗଡ କୃଷି ଜିଲା ଅଧିକାରୀ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଶିଷ୍ଟ କୃଷକ ନେତା ତୁଷାର ରଞ୍ଜନ ପଟ୍ଟଯୋଷୀ, ଦିଗାମ୍ବର ଦୁରିଆ, ସୁଧିର ରଞ୍ଜନ ପଟ୍ଟଯୋଷୀ ପ୍ରମୁଖ ଦୃଢ ଦାବି କରିଛନ୍ତି।



କୋକସରା ବ୍ଲକ ବଡପୋଡାଗୁଡା ଗ୍ରାମପଞ୍ଚାୟତ ଚଷୀ ସଂଘ ପକ୍ଷରୁ ତଳାଗାଁଠାରେ ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ବୈଠକରେ ଆଲୋଚନା ହେଉଛି।

## ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଚାଷୀ ସଂଘର ବୈଠକ

ଲଡୁଗାଁ,୭।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ବଡପୋଡାଗୁଡା ଗ୍ରାମପଞ୍ଚାୟତ ଚଷୀ ସଂଘ ପକ୍ଷରୁ ମରୁଡି ଆଶଙ୍କା ଓ ଚାଷୀମାନଙ୍କ ବିଭିନ୍ନ ସମସ୍ୟା ନେଇ ରବିବାର ତଳାଗାଁଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚାଷୀ ତଥା ସାମାଜିକ କର୍ମୀ ଋତୁରାଜ ମାଝି ଯୋଗଦେଇ ଚାଷୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ପଚାରି ବୁଝିବା ସହ ଚଳିତବର୍ଷ ସମ୍ପୂର୍ଣ୍ଣ ମରୁଡି ହେବା ଆଶଙ୍କା ଦେଖାଦେଇଥିବା ବେଳେ ଚାଷୀମାନଙ୍କ ସମସ୍ୟା ଓ କ୍ଷତିପୂରଣ ପାଇଁ ସରକାର ପାଖରେ କିପରି ଦାବି କରିବା ସେ ନେଇ ଚାଷୀମାନଙ୍କୁ ବୁଝାଇଥିଲେ। ଏ ଅଞ୍ଚଳରେ ପ୍ରତି ପାଞ୍ଚ ବର୍ଷରେ ଥରେ ଦ୍ୱିଥର ମରୁଡି ଲାଗି ରହୁଛି ଓ କୋକସରା ବ୍ଲକ କେତେକ ସ୍ଥାନରେ ଉଠା ଜଳସେଚନ ବ୍ୟବସ୍ଥା ସରକାର ପକ୍ଷରୁ ହୋଇଥିବା ବେଳେ ବଡପୋଡାଗୁଡା ଅଞ୍ଚଳରେ ଚାଷୀମାନଙ୍କ ପାଇଁ ତାହା ସ୍ୱପ୍ନ ହୋଇଯାଇଛି। ଅଞ୍ଚଳର ଚାଷୀମାନଙ୍କ ଏକମାତ୍ର ଭରସା ଥିବା ରଜାମୁଣ୍ଡା ବନ୍ଧ ପ୍ରତିବର୍ଷ କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ୍ୟ ନିମ୍ନମାନର କାମ ଯୋଗୁ ବନ୍ଧ ଭୁଶୁଡୁଛି ବୋଲି ଉପସ୍ଥିତ ଚାଷୀମାନେ ମତପ୍ରକାଶ କରିଥିଲେ। ବୈଠକରେ ଚାଷୀଙ୍କ ସମସ୍ୟା ଉପରେ ସରକାରଙ୍କୁ ଏକ ଦାବିପତ୍ର ଦେବା ପାଇଁ ସମସ୍ତ ନିଷ୍ପତ୍ତି ନେଇଥିଲେ। ବୈଠକରେ ଚାଷୀ ଶିବରାମ ନାଏକ, ଧର୍ମାନନ୍ଦ ନାଏକ, ମନୋଜ କୁମାର ଦାସ, ଧନୁ ଦୁର୍ଗା, କୃଷ୍ଣ ଚନ୍ଦ୍ର ନାଏକ, ଚୈଧରୀ ନାଏକ, ବିମଲ ଦାସ, ଅଭିମନ୍ୟୁ ପୂଝାରୀ ସମିତି ସଭ୍ୟ ଯୁବରାଜ ପରାଭୋଏଙ୍କ ସମେତ ବହୁ ସଂଖ୍ୟାରେ ଚାଷୀ ଯୋଗଦେଇଥିଲେ।

## ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ ବଣ୍ଟନ

ଧର୍ମଗଡ,୭।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡଠାରେ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧର୍ମଗଡ ବିଧାୟକ ପୁଷ୍ପେନ୍ଦ୍ର ସିଂଦେଓ ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହି ଯୋଜନାର ଶୁଭାରମ୍ଭ କରିଥିଲେ। ଧର୍ମଗଡ ବିଡିଓ ଅଶୋକ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଏନଏସି ଅଧ୍ୟକ୍ଷା ହିରା ବାଗ ଏବଂ ଉପାଧ୍ୟକ୍ଷ ଅଶୋକ ମହାନ୍ତି, ବ୍ଲକ ଅଧ୍ୟକ୍ଷ ବଳରାମ ପୂଝାରୀ, ଜୁନାଗଡ ଆରଏମସି ଉପାଧ୍ୟକ୍ଷ ବିବେକ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଯୋଜନା ମାଧ୍ୟମରେ ରାଜ୍ୟର ୨୫ ଲକ୍ଷ ପରିବାର ଉପକୃତ ହେବେ ଏବଂ ପରିବାରକୁ କି.ଗ୍ରା. ପ୍ରତି ୧ ଟଙ୍କା ମୂଲ୍ୟରେ ମାସିକ ମୁଣ୍ଡ ପିଛା ୫ କି.ଗ୍ରା.ଚାଉଳ ଯୋଗାଇ ଦିଆଯିବ ବୋଲି ବିଧାୟକ ପ୍ରକାଶ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଏହି ଯୋଜନାରେ ଧର୍ମଗଡ ବ୍ଲକର ୧୫୩୪ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଏହି କାର୍ଡ ବଣ୍ଟନ କରାଯାଇଥିବା ବେଳେ ଅନ୍ୟମାନଙ୍କୁ ଆସନ୍ତା ୩୧ ତାରିଖ ମଧ୍ୟରେ ଏହା ପ୍ରଦାନ କରାଯିବ।



ରାଶନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ବିଧାୟକ ପୁଷ୍ପେନ୍ଦ୍ର ସିଂଦେଓ ଉଦ୍‌ବୋଧନ ଦେଉଛନ୍ତି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

କଳମପୁର, ୭।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୟପାଟଣା ଥାନା ଅନ୍ତର୍ଗତ ଚୁରାଗାଁରେ ଶନିବାର ରାତିରେ ବିଦ୍ୟୁତ୍ ତାର ଲାଗି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ହେଲେ ଚୁରାଗାଁର ଚନ୍ଦ୍ରଭାନୁ ବିଶି (୨୭)। ସୂଚନା ଅନୁଯାୟୀ ଚନ୍ଦ୍ରଭାନୁ ନିଜ ସାଙ୍ଗମାନଙ୍କ ସହ ଭଲିବଲ ଖେଳିବା ପାଇଁ ଚୁରାଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରକୁ ଯାଇଥିଲେ। ସେଠାରେ ଭଲିବଲ ଖେଳିବା ପାଇଁ ବିଦ୍ୟୁତ୍ ତାର ସଂଯୋଗ କରୁଥିବା ସମୟରେ ତାର ସଂସ୍ପର୍ଶରେ ଆସି ତଳେ ପଡିଯାଇଥିଲେ। ସମ୍ପର୍କୀୟମାନେ ତାଙ୍କୁ କଳମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କଳମପୁର ଫାଣ୍ଡି ଅଧିକାରୀ ମନୋରଞ୍ଜନ ଆଚାର୍ଯ୍ୟ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି। ପରେ ଶବ ବ୍ୟବଚ୍ଛେଦ କରି ପରିବାରବର୍ଗ ହସ୍ତାନ୍ତର କରାଯାଇଛି।

## ବିଜେଡିର ନୂଆଁଖାଇ ଭେଟ୍‌ଘାଟ୍



ଲାଞ୍ଜିଗଡ଼ଠାରେ ଅନୁଷ୍ଠିତ ବିଜେଡିର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଲାଞ୍ଜିଗଡ଼,୭।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀର ଲାଞ୍ଜିଗଡ଼ଠାରେ ରବିବାର ବ୍ଲକର ୨୬ଟି ପଞ୍ଚାୟତର ଜନସାଧାରଣଙ୍କୁ ନେଇ ବିଜେଡି ପକ୍ଷରୁ ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ ହାଇସ୍କୁଲ ପଡିଆଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲା ଯୋଜନା ବୋର୍ଡ ଅଧକ୍ଷ ତଥା ଲାଞ୍ଜିଗଡ ବିଧାୟକ ବଳଭଦ୍ର ମାଝି ଯୋଗଦେଇ ସମାଜର ବିଭିନ୍ନ ବର୍ଗର ଲୋକେ ସମ୍ମିଳିତ ହୋଇ ଅଞ୍ଚଳର ବିକାଶରେ ସହଭାଗୀ ହେବାକୁ ସେ ଆହ୍ୱାନ ଦେଇଥିଲେ। ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରଧାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ଭବାନୀପାଟଣା ସଦର ବିଧାୟକ ଅନାମ ନାଏକ, ଦଳର ଜିଲା ଉପସଭାପତି ପ୍ରଦୀପ କୁମାର ମୁଣ୍ଡ, ଜିଲା ସାଧାରଣ ସମ୍ପାଦକ ଭବାନୀଶଙ୍କର ନିଆଲ, ଲାଞ୍ଜିଗଡ ବ୍ଲକ ଅଧକ୍ଷ ଇଂ ଫକୀର ମୋହନ ମାଝି, ବ୍ଲକ ଉପାଧକ୍ଷା ତୁଳସୀ ନାଏକ, ପୂର୍ବତନ ଜିଲା ପରିଷଦ ଅଧକ୍ଷା ଶ୍ରୀମତୀ ମାଝି, ଆଞ୍ଚଳିକ ବିକାଶ ପରିଷଦର ସଭାପତି ଶ୍ରୀଧର ପେସନିଆ, ଶ୍ରମିକ ନେତା ଚନ୍ଦ୍ରଧ୍ୱଜ ପେସନିଆ, ପୂର୍ବତନ ବ୍ଲକ ଅଧକ୍ଷ କ୍ଷୀରାବ୍ଧୀ ସାହୁ, ମନୋହର ହରପାଲ, ଥୁଆମୂଳ ରାମପୁର ବ୍ଲକ ବିଜେଡି ସଭାପତି କପିଳାସ ନାଏକ, ଯୁବ ବିଜେଡି ନେତା ଗୋବିନ୍ଦ ପ୍ରଧାନୀ, ଗୋବର୍ଦ୍ଧନପୁର ସରପଞ୍ଚ ସୁରେନ୍ଦ୍ର ମାଝି, ଲାଞ୍ଜିଗଡ ରୋଡ ସରପଞ୍ଚ ଟଙ୍କଧର ମାଝି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବ୍ଲକର ୨୬ଟି ପଞ୍ଚାୟତ ତଥା ପଡୋଶୀ ନର୍ଲା, ଥୁଆମୂଳ ରାମପୁର ଏବଂ ଭବାନୀପାଟଣା ବ୍ଲକର ହଜାର ହଜାର ସଂଖ୍ୟାରେ ମହିଳା, ପୁରୁଷ ଯୋଗ ଦେଇଥିଲେ। ଗୋପାଳଦାସ ମହାନନ୍ଦ ସଭା ପରିଚାଳନା କରିଥିବା ବେଳେ ହିମାଦ୍ରୀ ପେସନିଆ, ତରୁଣ କୁମାର ଦାସ, ଏମ୍ ଚନ୍ଦ୍ରଶେଖର, ବିନୋଦ ଗଉଡ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସ୍ୱଚ୍ଛତା ପକ୍ଷ, ବନ୍ୟ ପ୍ରାଣୀ ସପ୍ତାହ ପାଳିତ

ଭବାନୀପାଟଣା,୭।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ୍ ଅନ୍ତର୍ଗତ କନ୍ଧବାନ୍ଧୋପଲାଠାରେ କଳାହାଣ୍ଡି ଏଜେନ୍ସି ଫର୍ ଏନଭାର୍‌ମେଣ୍ଟ ଆଣ୍ଡ ୱାଇଲ୍ଡ ଲାଇଫ୍ (କେଫ୍ୟୁ) ପକ୍ଷରୁ ଗଜଲକ୍ଷ୍ମୀ ପୂଜା କମିଟି ସହଯାଗରେ ସପ୍ତାହ ବ୍ୟାପି ଚାଲିଥିବା ସ୍ୱଚ୍ଛତା ପକ୍ଷ ଓ ବନ୍ୟପ୍ରାଣୀ ସପ୍ତାହ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କେଫ୍ୟୁ ସଦସ୍ୟମାନେ ସଂରକ୍ଷିତ ଜଙ୍ଗଲ ପାଦ ଦେଶରେ ଥିବା ଗ୍ରାମକୁ ଯାଇ ବନ୍ୟପ୍ରାଣୀ ସୁରକ୍ଷା ଉପରେ ସଚେତନତା ସୃଷ୍ଟି କରିଥିଲେ। ସ୍ୱଚ୍ଛତା ପକ୍ଷ ଓ ବନ୍ୟପ୍ରାଣୀ ପାଳନ ଅବସରରେ କେଫ୍ୟୁ, ଗଜଲକ୍ଷ୍ମୀ ପୂଜା କମିଟି ସଦସ୍ୟ, ସଚେତନ ନାଗରିକ ଓ ଅତିଥିବୃନ୍ଦ କନ୍ଧବାନ୍ଧୋପଲା ବିଦ୍ୟାଳୟ ପରିସର ତଥା ଗ୍ରାମ ସଫେଇରେ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଚେତନ ସଭାରେ କଳାହାଣ୍ଡି ସ୍ୱୟଂ ଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡା. ଅଜୟ କୁମାର ମିଶ୍ର, କଳାହାଣ୍ଡି ଉତ୍ତର ବନଖଣ୍ଡ ଆଞ୍ଚଳିକ ଅଧିକାରୀ ପଦ୍ମନାଭ କୁମାର, ଜିଲା ପରିଷଦ ସଦସ୍ୟ ରୋମାଞ୍ଚଳ ପୂଝାର, ମାଲଗାଁ ସରପଞ୍ଚ ରବିନ୍ଦ୍ର କୁମାର ସାହୁ, ମାଣିକେଶ୍ୱରୀ ଉଚ୍ଚ ବିଦ୍ୟାଳୟ ଏନ୍.ସି.ସି ଅଫିସର ରବି ପ୍ରସାଦ କାନୁନଗୋ, ସରସ୍ୱତୀ ଶିଶୁ ମନ୍ଦିର ଯୋରପଡା ପ୍ରଧାନ ଆଚାର୍ଯ୍ୟ ପ୍ରବୀଣ କୁମାର ବେହେରା, ପୂର୍ବତନ ମାଲଗାଁ ପଞ୍ଚୟତ ସରପଞ୍ଚ ଘାସିରାମ ରଣା ଓ ସଚେତନ ନାଗରିକ ବଟକୃଷ୍ଣ ଠାକୁର, ଶ୍ୟାମସୁନ୍ଦର ମହାରଣା, ଆଶାକର୍ମୀ ଓ ଅଙ୍ଗନୱାଡି ପ୍ରମୁଖ ଉପସ୍ଥିତ ରହି ଗ୍ରାମବାସୀଙ୍କୁ ସଚେତନ ବାର୍ତ୍ତା ପ୍ରଦାନ କରିଥିଲେ। ଶ୍ରୀ ଚୈତନ୍ୟ ସାଂସ୍କୃତି ଅନୁଷ୍ଠାନ ମାଲଗାଁ ସମ୍ପାଦକ ଅଜିତ କୁମାର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ କେଫ୍ୟୁ ସମ୍ପାଦକ ହୃଷିକେଶ ସାହୁ ଓ ସଭାପତି ନାଦରାଜ ନାଏକ ଅତିଥି ପରିଚୟ ଓ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପସ୍ଥାପନା କରିଥିଲେ। କେଫ୍ୟୁର ପ୍ରତିଷ୍ଠାତା ସଦସ୍ୟ ଡୋଲାମଣି ସାହୁ ସଭାପତିତ୍ୱ କରି ୨୦୦୮ରୁ କେଫ୍ୟୁ ଆରମ୍ଭ ହୋଇ ପ୍ରତିବର୍ଷ ପରିବେଶ ଓ ବନ୍ୟପାଣୀ ସୁରକ୍ଷା ଉପରେ କରିଥିବା କାର୍ଯ୍ୟକ୍ରମ ବିବରଣି ପ୍ରଦାନ କରିଥିଲେ। ଗଜଲକ୍ଷ୍ମୀ ପୂଜା କମିଟି କନ୍ଧବାନ୍ଧୋପଲାର ସଭାପତି, ସମ୍ପାଦକଙ୍କ ସମେତ ଧନେଶ୍ୱର ସାହୁ, କଲ୍ୟାଣ ବେହେରା, ଉଜ୍ଜଳ ରଣା, ଭଜରଣା, ଦୁଲ୍ଲମଣି ପୁଟେଲ, ଝସକେତନ ରଣା, ଭୁଜବଳ ରଣା, କୁଳମଣି ରଣା, ଟହଲ ମାହାରଣା, ଅବତାର ରଣା, ଶଙ୍କର ରଣା, ଧର୍ମଦେବ ସାହୁ ପ୍ରମୁଖ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ଗ୍ରାମ ସଫେଇ କରିଥିଲେ। ଡୋଲାମଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




କେଫ୍ୟୁ ପକ୍ଷରୁ ସ୍ୱଚ୍ଛତା ପକ୍ଷ ଓ ବନ୍ୟପ୍ରାଣୀ ସପ୍ତାହ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ରାଜ୍ୟସ୍ତରୀୟ ଆଦିବାସୀ ସମାବେଶ ପ୍ରସ୍ତୁତି ବୈଠକ

ଜୁନାଗଡ,୭।୧୦(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ଼ ସହରସ୍ଥିତ ସଂସ୍କୃତି ଭବନଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସି.ପି.ଆଇ)ର ପରିବର୍ଦ୍ଧିତ ଜିଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ଜାତୀୟ ପରିଷଦ ସଦସ୍ୟ ତଥା ରାଜ୍ୟ ସମ୍ପାଦନା ମଣ୍ଡଳି ସଭ୍ୟ ଅଭୟ ସାହୁ ଉପସ୍ଥିତ ରହି ସାମ୍ପ୍ରତିକ ପରିସ୍ଥିତିରେ ଆନ୍ତର୍ଜାତୀୟ, ଜାତୀୟ ଓ ରାଜ୍ୟ ରାଜନିତୀ ଉପରେ ଆଲୋକପାତ କରିଥିଲେ। ନଭେମ୍ବର ୨୫ ତାରିଖରେ ଭବାନୀପାଟଣାଠାରେ ରାଜ୍ୟସ୍ତରୀୟ ଆଦିବାସୀ ସମାବେଶ ପାଇଁ ସବିସ୍ତୃତ ଆଲୋଚନା ହୋଇଥିଲା। ପରେ ପରିଷଦ ବୈଠକରେ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟଗୁଡିକ ତୃଣମୂଳସ୍ତରରେ ପହଞ୍ଚି ନ ପାରିବାକୁ ନେଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ ପାଇଁ ଆଲୋଚନା ହୋଇଥିଲା। ଆସନ୍ତା ନଭେମ୍ବର ପହିଲାରେ ଜବକାର୍ଡଧାରୀଙ୍କୁ କାମ ଦେବା, ଇନ୍ଦିରା ଆବାସ, ବିଜୁ ପକ୍କା ଘର ଠିକ ହିତାଧିକାରୀଙ୍କୁ ପ୍ରଦାନ କରିବା, ଚାଷୀଙ୍କ ଋଣ ଛାଡ କରିବା ଆଦି ଦାବିକୁ ନେଇ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ଜିଲା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସହସମ୍ପାଦକ ଜଗଦିଶ ଦୂର୍ଗା, ମସ୍ତକ ସୁନାନୀ, ପୂର୍ବତନ ଜିଲା ସମ୍ପାଦକ ଶୁଶାନ୍ତ ଜାଲ, ରାଜ୍ୟ ପରିଷଦ ସଦସ୍ୟ ଦାମୋଦର ବେହେରା, ମାଧବ ସାହୁ, ବିନତା ମାଝି, ଶୁଶାନ୍ତ ନାଏକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଧାନ ଫସଲ ନଷ୍ଟ କଲେ ହାତୀପଲ

ଭବାନୀପାଟଣ,୭।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଞ୍ଚଳରେ ଗତବର୍ଷ ହାତୀପଲ ନର୍ଲା ଭିତରକୁ ପଶି ଆସି ଫସଲ ନଷ୍ଟ କରି ଅନେକ କ୍ଷୟକ୍ଷତି କରିଛନ୍ତି। ନର୍ଲା ଅଞ୍ଚଳର ଚାଷୀ ମରୁଡି, ବନ୍ୟା, ରୋଗ ପୋକ ଭଳି ସମସ୍ୟା ଗୁଡିକୁ ଆଗରୁ ସମ୍ମୁଖୀନ କରି ଆସିଛନ୍ତି। ବର୍ତ୍ତମାନ ହାତୀପଲ ନର୍ଲା ଉପକଣ୍ଠସ୍ଥ କମର୍ଦ୍ଧା, ଉଳିଗୁଞ୍ଜି, ରେଗଡିମାଲ, ଭଟାଙ୍ଗ୍, ବାଙ୍କେଲ, ଉଲିସିର୍କୀ ଓ ପାଣିମୁଣ୍ଡା ପ୍ରଭୃତି ଅଞ୍ଚଳର ଚାଷ ନଷ୍ଟ କରିବା ଆରମ୍ଭ କରିଛନ୍ତି। ହାତୀ ଦାଉରୁ ଚାଷକୁ ରକ୍ଷା କରିବା ପାଇଁ ଚାଷୀ ଫରେଷ୍ଟର, ରେଞ୍ଜର ଏପରିକି ଜିଲାପାଳଙ୍କୁ ଜଣାଇବା ପରେ ମଧ କୌଣସି ଲାଭ ମିଳିପାରୁନାହିଁ। ଶହ ଶହ ଏକରର ଧାନ ଫସଲ ହାତୀପଲ ଖାଇଯିବା ପରେ ଏବେ ପରିବା ବାଡଗୁଡିକ ପଟେ ମୁହାଁଉଥିବାରୁ ଲୋକେ ଆତଙ୍କିତ ହୋଇପଡିଛନ୍ତି। ଚଳିତ ବର୍ଷ ମଧ ନର୍ଲା ଓ ନର୍ଲା ଉପକଣ୍ଠସ୍ଥ ନର୍ଲା ଲାଞ୍ଜିଗଡ ସୀମାକୁ ଲାଗି ରହିଥିବା ଲାଞ୍ଜିଗଡ ବ୍ଲକ କମର୍ଦ୍ଧା, ମୁଣ୍ଡ ଗାଁ, ପାଣିମୁଣ୍ଡା କାଳଜାଣି ପ୍ରଭୃତି ଅଞ୍ଚଳକୁ ୨୫ ରୁ ୩୦ଟି ହାତୀ ରହିଥିବା ଏକ ହାତୀ ପଲ ପଶି ଆସିଛନ୍ତି। ଦିନସାରା ପାହାଡ ତଥା ନିକଟସ୍ଥ ଜଙ୍ଗଲରେ ଲୁଚି ରହୁଥିବା ବେଳେ ସନ୍ଧ୍ୟା ୮ଟାରୁ ପଶି ଆସି ଦଳିଚକଟି ନଷ୍ଟ କରୁଛନ୍ତି। ଗତ ଦୁଇ ଦିନ ପାଣିମୁଣ୍ଡା ରେଳ ଲାଇନ ଉପରେ ରହିଥିବା ପାଣିମୁଣ୍ଡା ଗାଁର ପଧାନ ଓ ଭୋଇ ପରିବାରର ୯୨ ଏକର ଚାଷ କରିଥିବା ଜମିରୁ ଆର୍ଦ୍ଧାଧିକ ଧାନ ଫସଲ ହାତୀପାଲ ଖାଇଯାଇଛନ୍ତି। ପାଣିମୁଣ୍ଡା ଗ୍ରାମର ସାଧୁ ନାଏକ ନାମକ ଜଣେ ଚାଷୀଙ୍କ ୩ ଏକର ଜମିରୁ ଅଢେଇ ଏକର ଚାଷ ଜମି ହାତୀ ନଷ୍ଟ କରିବା ଦେଖି ସେ ଜମି ହୁଡା ମୁଣ୍ଡରେ ଅଚେତ୍ ହୋଇ ପଡିଗଲେ। ଏହି ଘଟଣା ପରେ ସ୍ଥାନୀୟ ମହାଜନୀ ଓ ବ୍ୟାଙ୍କରୁ କରଜ ଆଣି ଚାଷ କରିଥିବା ସାଧୁ ନାଏକ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଗତବର୍ଷ ଡିସେମ୍ବରରେ ଧାନ ଫସଲ ଖାଇବା ପାଇଁ ପାଣିମୁଣ୍ଡା ଗାଁ ମୁଣ୍ଡକୁ ଆସିଥିବା ହାତୀପଲ ମଧ୍ୟରୁ ଗୋଟିଏ ଦୁଇବର୍ଷର ହାତୀଛୁଆର ଶରୀର ଆଲେପ-ଧାନବାଦ୍ ଟ୍ରେନ୍ ମାଡିବାରୁ ଖିନଭିନ୍ନ ହୋଇଯାଇଥିଲା। ଏଥିପାଇଁ ବନବିଭାଗ ଉଚ୍ଚପଦସ୍ଥ ଅଫିସରମାନେ ଘଟଣା ସ୍ଥାଳକୁ ଆସି ମୃତ ହାତୀଟିକୁ ଦେଖିଯିବା ସହ ଚାଷୀଙ୍କ ଫସଲହାନୀ ମଧ ଦେଖି ଅନୁକମ୍ପା ମୂଳକ ଭାବରେ ବନ ବିଭାଗ ତରଫରୁ ପାଣିମୁଣ୍ଡାର ୨୩ ଜଣ ଚାଷୀଙ୍କୁ ୧୮ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ପ୍ରଦାନ କରିଥିଲେ। ଚଳିତବର୍ଷ ମଧ ଧାନ ଫଳିବା ଆରମ୍ଭ କରିବାକୁ ଯାଉଥିବା ବେଳେ ହାତୀପଲ ଚାଷ ଜମି ପଶି ଧ୍ୱଂସଆରମ୍ଭ କରିଛନ୍ତି ଓ ଆଗକୁ ଏହିସବୁ ଅଞ୍ଚଳ ଗୁଡିକର ଚାଷୀଙ୍କ ଅବସ୍ଥା କ'ଣ ହେବ ତାହା ସହଜେ ଅନୁମେୟ। ବନ ବିଭାଗ ଚଳିତବର୍ଷ ଏଥିପ୍ରତି ଗୁରୁତ୍ୱ ଦେଇ ଅଞ୍ଚଳର ଚାଷୀମାନଙ୍କ ହିତ ଦୃଷ୍ଟିରୁ ହତୀପଲକୁ ଘଉଡେଇବା ବ୍ୟବସ୍ଥା କରିବା ଓ ହାତୀପଲ ଯୋଗୁ ପାଣିମୁଣ୍ଡା ଚାଷୀଙ୍କ ନଷ୍ଟ ହୋଇଥିବା ଫସଲ୍‌ର କ୍ଷତିପୂରଣ ପ୍ରଦାନ କରାଯାଉ ବୋଲି ନର୍ଲା ଲାଞ୍ଜିଗଡ କୃଷକ ସଙ୍ଗଠନ ଦାବି କରିଛି।



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଡ଼ ଦୁର୍ଭାଗ୍ୟ।
- କାର୍ଲାଇଲ

## ସଂକ୍ଷେପରେ

ଚର୍ଚ୍ଚାରେ ମନ୍ତ୍ରୀଙ୍କ ଭାଷଣ

### 'ବ୍ରାହ୍ମଣ ଅଭିଶାପରୁ ଦାମ ଖତ ହୋଇଗଲେ'

**ବଲାଙ୍ଗୀର ଅଫିସ, ୭।୧୦-** ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଆଇନ୍ କାର୍ଯ୍ୟକାରୀ ହେବା ପରେ ରବିବାର ଖାଦ୍ୟ ଯୋଗାଣ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ବଲାଙ୍ଗୀର ଆସି ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରିଛନ୍ତି । ଏହି ଉପଲକ୍ଷେ ଆୟୋଜିତ ସଭାରେ ବିରୋଧୀଦଳ ନେତା ନରସିଂହ ମିଶ୍ର ଯୋଗଦେଇଥିଲେ । ଏହି ଅବସରରେ ସେ ନିଜ ବକ୍ତବ୍ୟରେ କହିଥିଲେ ଯେ, ଗରିବ ହିତାଧିକାରୀଙ୍କ ଚାଉଳ ଓ ଅର୍ଥ ଆତ୍ମସାତ୍ କଲେ କୁଷ୍ଠରୋଗ ହେବ । ଏହାପରେ ଭାଷଣ ଦେବାକୁ ଆସି ମନ୍ତ୍ରୀ ପାତ୍ର ନରସିଂହ ମିଶ୍ରଙ୍କ କଥାକୁ ଉଲ୍ଲେଖ କରି ବ୍ରାହ୍ମଣ ଲୋକେ ଅଭିଶାପ ଦେଲେ ମଣିଷ ତିଷ୍ଠି ନାହିଁ କି ତିଷ୍ଠିପାରିବ ନାହିଁ ବୋଲି କହିଥିଲେ । ଏହାପରେ କଥାଛଳରେ ବ୍ରାହ୍ମଣ ଲୋକ ଅଭିଶାପ ଦେବାରୁ ଦାମ ରାଉତ ଖତ ହୋଇଗଲେ ବୋଲି କହିଥିଲେ । ମନ୍ତ୍ରୀଙ୍କ ଠାରୁ ଏଭଳି କଥା ଶୁଣିବା ପରେ ଉପସ୍ଥିତ ସମସ୍ତ ଜନସାଧାରଣଙ୍କୁ ହସର ଏକ ଖୋରାକ ଯୋଗାଇ ଥିଲା । ମନ୍ତ୍ରୀଙ୍କ ଇସାରାକୁ ଲୋକେ ବେଶ୍ ବୁଝି ଯାଇଥିଲେ ।

ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା କାର୍ଡ ବଣ୍ଟନ

# ୧ ଲକ୍ଷ ଲୋକ ଉପକୃତ ହେବେ

**ବଲାଙ୍ଗୀର ଅଫିସ, ୭।୧୦**

ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡିଆଠାରେ ରବିବାର ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ ନୂତନ କାର୍ଡ ବଣ୍ଟନ କରାଯାଇଛି । ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ସମବାୟ ବିଭାଗ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ର ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଅରିନ୍ଦମ ଡାକୁଆ, ବଲାଙ୍ଗୀର ମ୍ୟୁନିସିପାଲିଟି ଅଧ୍ୟକ୍ଷା ସନ୍ତୋଷିନୀ ବେହେରା, ସଦର ବ୍ଲକ୍ ଅଧ୍ୟକ୍ଷ ଗୋଲାପ ବାଗ, ଦେଓଗାଁ ବ୍ଲକ୍ ଅଧ୍ୟକ୍ଷା ରୀନା ମେହେର, ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ ମେହେର ମଞ୍ଚାସୀନଥିଲେ । ଜିଲା ଯୋଗାଣ ଅଧିକାରୀ ଅଭିରାମ ପ୍ରଧାନ ସଭା ପରିଚାଳନା କରିଥିଲେ । ଏହି ଅବସରରେ ମନ୍ତ୍ରୀ ପାତ୍ର ଓ ବିରୋଧୀଦଳ ନେତା ମିଶ୍ର ବଲାଙ୍ଗୀର ମ୍ୟୁନିସିପାଲିଟି, ବଲାଙ୍ଗୀର ସଦର ଓ ଦେଓଗାଁ ବ୍ଲକ୍‌ର ହିତାଧିକାରୀମାନଙ୍କୁ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଆଇନ୍ ଅନୁଯାୟୀ ରାସନ୍ କାର୍ଡ ବଣ୍ଟନ କରିଥିଲେ । ମୁଖ୍ୟଅତିଥି ଭାବେ ମନ୍ତ୍ରୀ ପାତ୍ର ଅଭିଭାଷଣରେ ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ । ରାଜ୍ୟର ପ୍ରାୟ ୨୫ଲକ୍ଷ ଗରିବ ଲୋକଙ୍କୁ ଏହି ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇଛି । ଏହି ନୂଆ ଯୋଜନା ପାଇଁ ରାଜ୍ୟ ସରକାର ୪୩୨କୋଟି ଟଙ୍କାର ଅନୁଦାନ ଦେଇଛନ୍ତି । ରାଜ୍ୟର କୌଣସି ଲୋକ ଯେପରି ଭୋକରେ ରହିବେ ନାହିଁ ତେଣୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ କରିଥିବା ମନ୍ତ୍ରୀ ପାତ୍ର ସୂଚନା ଦେଇଥିଲେ ।

ଏହି ଯୋଜନା ଦ୍ୱାରା ବଲାଙ୍ଗୀର ଜିଲାର ପ୍ରାୟ ୧ଲକ୍ଷ ଲୋକ ଉପକୃତ ହେବେ ବୋଲି ସେ କହିଥିଲେ । ଅନ୍ୟ ଯେଉଁ ଗରିବ ଲୋକମାନେ ଏଥିରୁ ବାଦ୍ ପଡିଯିବେ ତାଙ୍କୁ ମଧ୍ୟ ପର୍ଯ୍ୟାୟକ୍ରମେ ଏହି ଯୋଜନାରେ ସାମିଲ କରାଯିବ ବୋଲି ସେ କହିଥିଲେ । ବିଧାୟକ ତଥା ବିରୋଧୀଦଳ ନେତା ମିଶ୍ର ତାଙ୍କ ବକ୍ତବ୍ୟରେ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାକୁ ବିରୋଧ କରିବାର କିଛି ନାହିଁ ଏହାକୁ ସ୍ୱାଗତ କରୁଛନ୍ତି ବୋଲି କହିଥିଲେ । ମାତ୍ର ତାଙ୍କ ବକ୍ତବ୍ୟରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ପ୍ରହସନ କହି କଠୋର ଭାଷାରେ ସମାଲୋଚନା କରିଥିଲେ । ସମ୍ବିଧାନରେ ଲୋକେ ସମ୍ମାନର ସହ ବଞ୍ଚି ରହିବାର ଅଧିକାର ଦିଆଯାଇଛି । ତେବେ ୫ କେଜି ଚାଉଳରେ ଲୋକଟିଏ କିଭଳି ଭାବେ ସମ୍ମାନର ସହ ବଞ୍ଚିବ ବୋଲି ସେ ପ୍ରଶ୍ନ କରିଥିଲେ । କେହି ଯେଭଳି ଭୋକରେ ମରିବେ ନାହିଁ ସେଥିପାଇଁ ଏହି ଯୋଜନା ବୋଲି ସେ କହିଥିଲେ । ଗରିବ ଲୋକଙ୍କ ଚାଉଳ ବାଟମାରଣ, ବିଭିନ୍ନ ଯୋଜନା ଅର୍ଥ ହଡପ ପ୍ରସଙ୍ଗ ଉତ୍ଥାପନ କରି ଟାଉଟର, ଚୋରକୁ ଧରି କଠୋର ଦଣ୍ଡବିଧାନ କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ୨୦୧୧ଜନସଂଖ୍ୟା ଅନୁଯାୟୀ ଜିଲାରେ ୧୨ଲକ୍ଷ ଲୋକ ରହୁଥିଲେ । ଏବେ ଆଉ ୮ ବର୍ଷରେ ୨ଲକ୍ଷ ଲୋକ ବୃଦ୍ଧି ଘଟି ଏହା ୧୪ ଲକ୍ଷକୁ ପହଞ୍ଚିଥିବ । ତେବେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ଜିଲାର ୧୨ଲକ୍ଷ ୩୮ହଜାର ଲୋକଙ୍କୁ ଖାଦ୍ୟ ଯୋଗାଇ ଦିଆଯାଉଥିବା କୁହାଯାଇଛି । ଏବେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଜିଲାର ୧ଲକ୍ଷ ଲୋକ ଉପକୃତ ହେବେ ବୋଲି କୁହାଯାଇଛି । ଅର୍ଥାତ ଜିଲାର ଶତ ପ୍ରତିଶତ ଲୋକେ ଖାଦ୍ୟ ସୁରକ୍ଷା ଯୋଜନାରେ ରହିଛନ୍ତି । ତଥାପି ହଜାର ହଜାର ଲୋକ ରାଶନ୍ କାର୍ଡ ଖଣ୍ଡେ ପାଇଁ ଗୁହାରୀ କରୁଛନ୍ତି । ଏଥିରୁ ଜିଲାର ରାଶନ କାର୍ଡକୁ ନେଇ କିଭଳି ଦୁର୍ନୀତି ଚାଲିଛି ତାହା ବୁଝାପଡୁଛି ବୋଲି ସେ କହିଥିଲେ । ଏ ଦିଗରେ ରାଜ୍ୟ ସରକାର କ'ଣ କରୁଛନ୍ତି ଦେଖିବା କଥା ବୋଲି ସେ କହିଥିଲେ । ଗୋଟିଏ ପରିବାରକୁ ମାସିକ ୧୦ହଜାର ଟଙ୍କା ପ୍ରଦାନ କଲେ ହୁଏତ କିଛି ମାତ୍ରାରେ ଲୋକେ ସମ୍ମାନର ସହ ବଞ୍ଚି ପାରିବେ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ମେହେର ପ୍ରତି ମାସ ଜଣେ ବ୍ୟକ୍ତିଙ୍କୁ ଅନ୍ତତଃ ପକ୍ଷେ ୧୦କେଜି ଚାଉଳ ଯୋଗାଇ ଦେବାକୁ ଦାବି କରିଥିଲେ । ଜିଲାପାଳ ଡାକୁଆ ଜିଲାରେ ଖାଦ୍ୟ ସୁରକ୍ଷା ଯୋଜନାକୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବା ଦିଗରେ ସବୁ ପ୍ରକାର ପଦକ୍ଷେପ ନିଆଯିବ ବେଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମ୍ୟୁନିସିପାଲିଟି ଅଧ୍ୟକ୍ଷା ବେହେରା, ସଦର ବ୍ଲକ୍ ଅଧ୍ୟକ୍ଷ ବାଗ, ଦେଓଗାଁ ବ୍ଲକ୍ ଅଧ୍ୟକ୍ଷା ମେହେର, ଡିଆରଡିଏ ପିଡି ସ୍ୱାଇଁ, ଉପଜିଲାପାଳ ପଟେଲ ବକ୍ତବ୍ୟ ଦେଇଥିଲେ । ଏହି ସଭାରେ ସଦର ବିଡିଓ ପ୍ରଭାତ ସାହୁ, ପୁଇଁନ୍ତଲା ବିଡିଓ ଓ ବଲାଙ୍ଗୀର ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିପିନ ଦୀପ ଓ ଅନ୍ୟ ସରକାରୀ ଅଧିକାରୀ ଉପସ୍ଥିତ ଥିଲେ ।



ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ବଲାଙ୍ଗୀରରେ ମନ୍ତ୍ରୀ ଓ ବିରୋଧୀଦଳ ନେତା ରାଶନ୍ କାର୍ଡ ବଣ୍ଟନ କରୁଛନ୍ତି ।

**ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା**

- ରାଜ୍ୟରେ ୨୫ଲକ୍ଷ ଗରିବ ଲୋକ ସାମିଲ ହୋଇଛନ୍ତି
- ୪୩୨କୋଟି ଟଙ୍କାର ଅନୁଦାନ ଦିଆଯାଇଛି
- ୫କେଜି ଚାଉଳକୁ ନେଇ ପ୍ରଶ୍ନ ଉଠାଇଲେ ନରସିଂହ



ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଜୁନାଗଡ ବିଧାୟକ ଉଦବୋଧନ ଦେଉଛନ୍ତି ।

## ବଣିଜରାରେ ବିଜେଡିର ନୂଆଁଖାଇ ଭେଟଘାଟ୍

**ଜୁନାଗଡ, ୭।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ବଣିଜରା ଆରଏମସି ବଜାର ପ୍ରାଙ୍ଗଣରେ ରବିବାର ବିଜେଡିର ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜୁନାଗଡ ବ୍ଲକ ଅଞ୍ଚଳର ଶତାଧିକ ଜନସାଧାରଣ ସହ ଦଳୀୟ କର୍ମକର୍ତ୍ତା ଯୋଗଦେଇଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜୁନାଗଡ ବିଧାୟକ ଦିବ୍ୟ ଶଙ୍କର ମିଶ୍ର, ଧର୍ମଗଡ ବିଧାୟକ ପୁଷ୍ପେନ୍ଦ୍ର ସିଂଦେଓ, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ମହେଶ ସାହୁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରମୋଦ ବେହେରା, ଭଇଁରୀଗୁଡା ସରପଞ୍ଚ ଲକ୍ଷ୍ମୀ ପାତ୍ର, ଯୁବନେତା ହିମାଂଶୁ ଶେଖର ବରାଡ, ଦିନେଶ ବଗର୍ତ୍ତୀ, ବିଶ୍ୱରଞ୍ଜନ ନାଏକ, ବିଶମ୍ବର ଦଲେଇ, କାମାକ୍ଷ ପ୍ରସାଦ ପ୍ରଧାନୀ, ରାଜେନ୍ଦ୍ର ମେହେର ପ୍ରମୁଖ ଉପସ୍ଥିତ ଥିଲେ । ପରେ ଭବାନୀପାଟଣା ପ୍ରତିଭା ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

ବଲାଙ୍ଗୀର ନାଗରିକ କମିଟି ପକ୍ଷରୁ ନୂଆଁଖାଇ ଭେଟଘାଟ

## ବିଦ୍ୱେଷ ଭୁଲି ଆପଣାର କରେ ନୂଆଁଖାଇ

**ବଲାଙ୍ଗୀର ଅଫିସ, ୭।୧୦**

ବଲାଙ୍ଗୀର ନାଗରିକ କମିଟି ତରଫରୁ ସ୍ଥାନୀୟ ଆଇନ ମହାବିଦ୍ୟାଳୟ ପରିସରରେ ରବିବାର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନାଗରିକ କମିଟି ସଭାପତି ଭବାନୀ ଶଙ୍କର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ର, ମୁଖ୍ୟବକ୍ତା ଭାବେ ଚିନ୍ତାନାୟକ ପ୍ରଫେସର ମଧୁସୂଦନ ପତି, ସମ୍ମାନିତ ଅତିଥି ଭାବେ ସନ୍ଥ ଭୀମଭୋଇ ମେଡିକାଲ କଲେଜର ଅଧ୍ୟକ୍ଷକ ଡା ନାରାୟଣ ଆଚାର୍ଯ୍ୟ, କମିଟି ସମ୍ପାଦକ ବିଷ୍ଣୁପ୍ରସାଦ କେଡିଆ ମଞ୍ଚାସୀନଥିଲେ । ମୁଖ୍ୟଅତିଥି ବିଧାୟକ ମିଶ୍ର ତାଙ୍କ ବକ୍ତବ୍ୟରେ କମିଟି ସଦସ୍ୟ, ବୁଦ୍ଧିଜୀବୀଙ୍କୁ ନୂଆଁଖାଇ ଶୁଭେଚ୍ଛା ଜଣାଇ ପ୍ରାଥମିକ ଶିକ୍ଷା ସୁଦୃଢ଼ ନ ହେବା ପର୍ଯ୍ୟନ୍ତ ଆମର ବିକାଶ ସମ୍ଭବ ନୁହେଁ ବୋଲି କହିଥିଲେ । ବଲାଙ୍ଗୀର ମେଡିକାଲ କଲେଜକୁ ଏକ ମର୍ଯ୍ୟାଦାଜନକ ଶିକ୍ଷାନୁଷ୍ଠାନ ଭାବେ ଗଢ଼ି ତୋଳିବା ପାଇଁ ସବୁ ପ୍ରକାର ଉଦ୍ୟମ କରାଯିବ ବୋଲି କହିଥିଲେ । ଏଥିରେ ସମସ୍ତଙ୍କ ସହଯୋଗ ଲୋଡା ବୋଲି କହିଥିଲେ । ନୂଆଁଖାଇ ଅନ୍ୟ ପ୍ରତି ବିଦ୍ୱେଷ ସୃଷ୍ଟି କରେ ନାହିଁ ବରଂ ଅନ୍ୟକୁ ଆପଣାର କରିନିଏ ବୋଲି କହିଥିଲେ । ମୁଖ୍ୟ ଅତିଥି ପ୍ରଫେସର ପତି ତାଙ୍କ ବକ୍ତବ୍ୟରେ ରାଜନୀତିରେ ଏକତା ସୃଷ୍ଟି ହେଲେ ମଧ୍ୟ ଆତ୍ମିକ ସ୍ତରରେ ଏକତା ପ୍ରତିଷ୍ଠା ନ ହେବା ଯାଏଁ ସମାଜରେ ସ୍ଥିରତା ଓ ବିକାଶ ସମ୍ଭବ ନୁହେଁ ବୋଲି କହିଥିଲେ । ଭାରତୀୟ ସମାଜ ଭୟଙ୍କର ଭାବେ ପରସ୍ପର ଠାରୁ ଦୂରେଇ ଯାଉଛି ଓ ଆଗାମୀ ଦିନରେ ଏହା ଆମ ସାମାଜିକ ଜୀବନକୁ ଭୀଷଣ ଭାବେ ପ୍ରଭାବିତ କରିବ ବୋଲି କହିଥିଲେ । ଏଣୁ ସମସ୍ତେ ଏ ଦିଗରେ ସଚେତନ ହେବା ଉଚିତ୍ ବୋଲି ସେ କହିଥିଲେ । ବଲାଙ୍ଗୀର ମେଡିକାଲ କଲେଜକୁ ଏକ ମହତ୍ତର ଅନୁଷ୍ଠାନ ଭାବେ ଗଢ଼ି ତୋଳିବା ବଲାଙ୍ଗୀରବାସୀଙ୍କ ଦାୟିତ୍ୱ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ମେଡିକାଲ କଲେଜ ଅଧିକ୍ଷକ ଆଚାର୍ଯ୍ୟ ତାଙ୍କ ବକ୍ତବ୍ୟରେ ବଲାଙ୍ଗୀର ମେଡିକାଲ କଲେଜର ବର୍ତ୍ତମାନ ସ୍ଥିତି ଓ ଭବିଷ୍ୟତ ସମ୍ପର୍କରେ ତଥ୍ୟାତ୍ମକ ଆଲୋଚନା କରିଥିଲେ । ଏହି ଅନୁଷ୍ଠାନକୁ ଏକ ସ୍ୱନାମଧନ୍ୟ ଅନୁଷ୍ଠାନ ଭାବେ ଗଢ଼ିବା ପାଇଁ ବଲାଙ୍ଗୀରବାସୀଙ୍କ ଅକୁଣ୍ଠ ସହଯୋଗ କାମନା କରିଥିଲେ । ସଭା ଶେଷରେ ନାଗରିକ କମିଟି ସମ୍ପାଦକ କେଡିଆ ଧନ୍ୟବାଦ ଦେଇଥିଲେ । ଏହି ସଭାରେ ସହରର ବହୁ ବୁଦ୍ଧିଜୀବୀ ଯୋଗଦେଇଥିଲେ ।

## ୧୭୪୦ ନୂତନ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ

**ଲୋଇସିଂହା, ୭।୧୦(ଡି.ଏନ.ଏ.)**

ଲୋଇସିଂହା ବ୍ଲକ ସଭାଗୃହଠାରେ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇଥିବା ନୂତନ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଛି । ବିଧାୟକ ଯୋଗେନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ୧୭୪୦ ଯୋଗ୍ୟ ନୂତନ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ କରିଥିଲେ । ବିଡିଓ ରାମଚନ୍ଦ୍ର ଖାଡିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା, ବ୍ଲକ ଉପାଧ୍ୟକ୍ଷ ଜତିନ୍ଦ୍ର କୁମାର ପଟେଲ, ବିଧାୟକ ପ୍ରତିନିଧି ପ୍ରଦୀପ କୁମାର ସାହୁ, ଜିଲା ପରିଷଦ ସଭ୍ୟ ସାଇଶଙ୍କର ସାହୁ ଓ ସମସ୍ତ ସରପଞ୍ଚ, ସମିତି ଉପସ୍ଥିତ ଥିଲେ । ବ୍ଲକ ଯୋଗାଣ ନିରୀକ୍ଷକ ସୌମ୍ୟ ମହାନ୍ଦଙ୍କ ସୂଚନାକ୍ରମେ ବ୍ଲକର ୨୦ ଗୋଟି ପଞ୍ଚାୟତର ୩ ହଜାର ୯୪ ପରିବାର ରାଶନକାର୍ଡ ପାଇଁ ପଞ୍ଚାୟତସ୍ତରରେ ଆବେଦନ କରିଥିଲେ । ବ୍ଲକର ୧୭୪୦ ଯୋଗ୍ୟ ପରିବାରର ୫ ହଜାର୭୨୬ ସଦସ୍ୟ ଉପକୃତ ହେବେ ।



ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

## ତୁଷୁରା ଚିକିତ୍ସାଳୟର ପାହ୍ୟା ବୃଦ୍ଧି ପାଇଁ ଦାବିପତ୍ର

**ଗୁଡ଼ଭେଲା, ୭।୧୦ (ଡ଼ି.ଏନ.ଏ.)**

ତୁଷୁରା ଚିକିତ୍ସାଳୟ ଏବେ ଶହେ ବର୍ଷ ପୂରିବାକୁ ବସିଲାଣି । କିନ୍ତୁ ବିଶେଷ ଉନ୍ନତି ହୋଇ ନ ଥିବାବେଳେ ଗୋଟିଏ ଡାକ୍ତରରେ ଚାଲିଛି ଡାକ୍ତରଖାନା । ଏ ନେଇ ତୁଷୁରା ବିଜ୍ଞାପିତ ଅଞ୍ଚଳ ପରିଷଦ ନାଗରିକ କମିଟି ପକ୍ଷରୁ ଟିଟିଲାଗଡ଼ ବିଧାୟିକା ଟୁକୁନୀ ସାହୁ, ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡ଼ାକୁଆ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ସୁଜ୍ଞାନେନ୍ଦ୍ର ମିଶ୍ରଙ୍କୁ ଭେଟି ଉକ୍ତ ଚିକିତ୍ସାଳୟର ପାହ୍ୟା ବୃଦ୍ଧି କରିବା ସହ ତୁରନ୍ତ ଅବଶ୍ୟକ ସଂଖ୍ୟକ ଡ଼ାକ୍ତର ଯୋଗାଇ ଦେବା ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ତୁଷୁରା ଚିକିତ୍ସାଳୟ ଉପରେ ଗୁଡ଼ଭେଲା, ଦେଓଗାଁ, ସଇଁନ୍ତଲା, କଳାହାଣ୍ଡି ଜିଲାର କର୍ଲାମୁଣ୍ଡା, ବୌଦ୍ଧ ଜିଲା ଓ କନ୍ଧମାଳ ଜିଲାର ଲୋକମାନେ ନିର୍ଭର କରିଥାନ୍ତି । ଉକ୍ତ ଚିକିତ୍ସାଳୟରେ ଜଣେ ମାତ୍ର ଡ଼ାକ୍ତର ରହି ଥିବାରୁ ୨୪ଘଣ୍ଟା ରୋଗୀ ସେବା କରିବା ସମ୍ଭବ ପର ହେଉ ନାହିଁ । ଅନ୍ୟପକ୍ଷରେ ତୁଷୁରା ଏନଏସି ହେବାର ଚାରି ବର୍ଷ ପରେ ଜନସଂଖ୍ୟା ବୃଦ୍ଧି ହେବା ସହ ଆଖପାଖ ଅଞ୍ଚଳର ଲୋକମାନଙ୍କ ସଂଖ୍ୟା ମଧ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ସେହି ଦୃଷ୍ଟିରେ ଦେଖିବାକୁ ଗଲେ ତୁଷୁରା ଚିକିତ୍ସାଳୟର ନବକଳେବର ହୋଇ ପାରି ନାହିଁ ଯାହାକି ତୁଷୁରା ଅଞ୍ଚଳବାସୀଙ୍କ ନ୍ୟାର୍ଯ୍ୟ ଦାବି । ଏଣୁ ତୁରନ୍ତ ଏନଏସିସ୍ତରୀୟ ଚିକିତ୍ସାଳୟ କରିବା ସହ ୫ଜଣ ଡ଼ାକ୍ତର ଯୋଗାଇବା ସହ ୩୦ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟରେ ପରିଣତ କରିବା ପାଇଁ ନାଗରିକ କମିଟିର ସଭାପତି ରୁଣୁଗୋପାଳ ସାହୁ, ବିଜୟ ବାଗ, ସୁନୀଲ ଜୈନ, ଦୁର୍ଯ୍ୟୋଧନ ବେହେରା, ତେଜରାଜ ସାହୁ, ଅନୀଲ ଶର୍ମା, ହରେକୃଷ୍ଣ ସରଭଙ୍ଗିଆ, ବିପିନ ରଣା, ପବିତ୍ର ସାହୁ, ରମାକାନ୍ତ ମହାପାତ୍ର, ସନ୍ତୋଷ ଦର୍ଜୀ ଆଦି ଦାବି କରିଛନ୍ତି ।

## ଆୟୁଷ୍ମାନ ଯୋଜନା ସଚେତନତା କାର୍ଯ୍ୟକ୍ରମ

**କଣ୍ଟାବାଞ୍ଜି, ୭।୧୦(ଡି.ଏନ.ଏ.)**

କଣ୍ଟାବାଞ୍ଜି ଭାଜପା ମଣ୍ଡଳଦ୍ୱାରା ପୌରାଞ୍ଚଳର ଘର ଘର ବୁଲି ଆୟୁଷ୍ମାନ ଯୋଜନାର ସଚେତନତା କରାଯାଉଛି । ନିର୍ବାଚନ ମଣ୍ଡଳୀର ତୁରେକେଲା, ବଙ୍ଗୋମୁଣ୍ଡା, ମୁରିବାହାଲ ଓ କଣ୍ଟାବାଞ୍ଜି ପୌରାଞ୍ଚଳରେ ଏହି କାର୍ଯ୍ୟକ୍ରମ ଉପରେ ଜନସାଧାରଣଙ୍କୁ ଘର ଘର ବୁଲି କୁହାଯାଉଛି । ରବିବାର କଣ୍ଟାବାଞ୍ଜି ୱାର୍ଡ ନଂ.୧୫ର ବସ୍ତିବାସିନ୍ଦାଙ୍କୁ ଏହି ସଚେତନତା ବେଳେ ଜିଲା ଭାଜପା ଉପସଭାପତି ଲକ୍ଷ୍ମଣ ବାଗ, ବରିଷ୍ଠ ଆଇନଜୀବୀ ତଥା ଭାଜପା ନେତା ମୋହନଲାଲ ଶର୍ମା, ବରିଷ୍ଠ ଭାଜପା ନେତା ପରମାନନ୍ଦ ହାତୀ, ଭାଜପା ଆଇନସେଲର ଓକିଲ ଅଶୋକ ଦାଶଙ୍କ ସହିତ ଅନ୍ୟମାନେ ସଭା ସମିତି ଜରିଆରେ ସଚେତନତା କରୁଛନ୍ତି ।

## ସୁରଭି କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀ ପୁରସ୍କୃତ

**ଲୋଇସିଂହା, ୭।୧୦ (ଡି.ଏନ.ଏ.)**

ଲୋଇସିଂହା ବ୍ଲକ ଯୋଗୀସର୍ଡା କ୍ଲଷ୍ଟର ଅଧୀନ ଗୋପାଳପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ସୁରଭି -୨୦୧୮ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ଆଞ୍ଚଳିକ ସାଧାନା କେନ୍ଦ୍ରର ସମସ୍ତ ସ୍କୁଲ ଛାତ୍ରୀଛାତ୍ର ଯୋଗଦେଇଥିଲେ । ଏଥିରେ ଶ୍ରୁତଲିଖନ, ବକ୍ତୃତା, ପ୍ରବନ୍ଧଲିଖନ, ଗୀତ ଓ ନାଚ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ପ୍ରଧାନଶିକ୍ଷକ ବେଲାରସେନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍କୁଲ ପରିଚାଳନା କମିଟି ସମିତି ସଭାପତି ପ୍ରେମାନନ୍ଦ ମଲ୍ଲିକ ଯୋଗଦେଇଥିଲେ । ସମ୍ମାନୀତ ଅତିଥି ଭାବେ ପ୍ରଧାନଶିକ୍ଷକ ବ୍ରଜମୋହନ ପଧାନ, ନୋଡାଲ ହାଇସ୍କୁଲ ଯୋଗୀସର୍ଡା ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ନାଥ ମୁଖ୍ୟବକ୍ତାଭାବେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ସିଆରସସି ଗୋବିନ୍ଦ ବେହେରା ପରିଚାଳନା କରିଥିବାବେଳେ ଶିକ୍ଷକ ସତ୍ୟନାରାୟଣ ବିଶି, ସୁରେଶଚନ୍ଦ୍ର ଭୋଇ, ବଳଭଦ୍ର ରଣା, ବିଜୟାନନ୍ଦ ଷଡଙ୍ଗୀ, ରଞ୍ଜନ କୁମାର ସେଠ, ଶଙ୍କର ରଣା, ବଟକୃଷ୍ଣ ତ୍ରିପାଠୀ ଓ ଏସଏମସି ସଭ୍ୟାସଭ୍ୟ ସହଯୋଗ କରିଥିଲେ । ଶେଷରେ ଅଗଲାପାଲି ସ୍କୁଲର ପ୍ରଧାନଶିକ୍ଷକ ଯଦୁ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

ରେଙ୍ଗାଲିରେ ଗଣ୍ଡ ସାଂସ୍କୃତିକ ସମାଜର ସମାବେଶ

## ଗଣ୍ଡ ସମାଜର ବିକାଶ ପାଇଁ ସଙ୍ଗଠିତ ହେବାକୁ ଆହ୍ୱାନ

**ଖପ୍ରାଖୋଲ, ୭।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ରେଙ୍ଗାଲି ହାଟପଦାଠାରେ ଗଣ୍ଡ ସାଂସ୍କୃତିକ ସମାଜର ମହାସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପ୍ରଥମେ ନିଜ ଜାତିର ଇଷ୍ଟ ଦେବତା ବୁଢାଦେଓ, ଲିଙ୍ଗାଦେଓ, ଜଙ୍ଘାଦେଓ ପ୍ରମୁଖଙ୍କ ପୂଜାଅର୍ଚ୍ଚନା ପାରମ୍ପରିକ ରିତିରେ ଅନୁଷ୍ଠିତ ହୋଇଥିବାବେଳେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହ ଏକ ବିଶାଳ ଶୋଭାଯାତ୍ରା ଗାଁ ପରିକ୍ରମା କରିଥିଲା । ପାରମ୍ପରିକ ପଞ୍ଚବାଦ୍ୟ ଓ ଘୁଙ୍ଗୁରା ନୃତ୍ୟର ତାଳେ ତାଳେ ଏହି ଶୋଭାଯାତ୍ରା ସଭାସ୍ଥଳରେ ପହଞ୍ଚିଥିଲା । ସଭାସ୍ଥଳରେ ସମସ୍ତେ ଏକତ୍ରିତ ହୋଇ ନୂଆଧାନର ଚୂଡା ଓ ଆରିଷା ପିଠା, ନଡିଆ, ଗୁଡ କୋରେଇ ପତ୍ରରେ ଏକା ସାଙ୍ଗରେ ହରିବୋଲ, ହୁଳହୁଳି ସହ ନବାର୍ଣ୍ଣ ଭକ୍ଷଣ କରିଥିଲେ । ପରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ବୟୋଜ୍ୟେଷ୍ଠମାନଙ୍କୁ କନିଷ୍ଠମାନେ ଜୁହାର ଭେଟ ହୋଇଥିଲେ । ନୂଆଁଖାଇ ଭେଟଘାଟ ପରେ ରେଙ୍ଗାଲି ସର୍କଲ ସଭାପତି ଚମବନ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ସମାବେଶରେ ମୁଖ୍ୟ ଅତିଥି ଭାବେ ଗଣ୍ଡ ସାଂସ୍କୃତିକ ସମାଜର ବଲାଙ୍ଗୀର ଜିଲା ସଭାପତି ଚୈତନ୍ୟ ମାଝି ଯୋଗଦେଇଥିବାବେଳେ ମୁଖ୍ୟବକ୍ତା ଭାବେ କୁମନା ବ୍ଲକ ସଭାପତି ଦିବ୍ୟସିଂ ମାଝି ଯୋଗଦେଇଥିଲେ । ସମ୍ମାନିତ ଅତିଥି ରୂପେ ନୂଆପଡା ଜିଲା ସମ୍ପାଦକ ମୂରଲୀଧର ମାଝି, କୋଷାଧ୍ୟକ୍ଷ ଧନସିଂ ମାଝୀ, ଡଗରଜିତ ମାଝୀ, ସନ୍ତରାମ ମାଝୀ, ଥବିର ଧରୁଆ, ହିନମାନ ଭୋଇ, ରଞ୍ଜନ ମାଝୀ, ବସନ୍ତ ମାଝୀ, ଚମବନକିଶୋର ମାଝୀ ପ୍ରମୁଖ ଯୋଗଦେଇ ଗଣ୍ଡ ସମାଜର ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ବିକାଶ ପାଇଁ ସଂଗଠିତ ହେବାକୁ ଆହ୍ୱାନ ଦେଇଥିଲେ । ସଭା ଶେଷରେ ପାରମ୍ପରିକ ନାଚଗୀତ ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ସଭ୍ୟ ବିପ୍ର ବିଶି, କୁମର ମାନୀ ମାଝୀ, କ୍ଷିତିରାଜ ଗଏଁତା, ହରିହର ମାଝୀ, ଜଗନ୍ନାଥ ପୁଟା, ପୁସ୍କର ମାଝୀ, ସାନନ୍ଦ ମାଝୀ, ଗୋପାଲ ଧରୁଆ, ନୀଳାମ୍ବର ମାଝୀ, ରାମେଶ୍ୱର ଧରୁଆ, ସାଗର ମାଝୀ, କମଳ ମାଝୀ, ହେମକାନ୍ତ ନାଏକ, କୌଶଲ୍ୟା ମାଝୀ, ଦକ୍ଷରାଜ ମାଝୀ, ଶାନ୍ତିଲତା ମାଝୀ, ଶଶିକାନ୍ତ ବିଶିଙ୍କ ସମେତ ହଜାର ହଜାର ସଂଖ୍ୟାରେ ଗଣ୍ଡ ସାଂସ୍କୃତିକ ସମାଜର ମହିଳା ପୁରୁଷ ଉପସ୍ଥିତ ଥିଲେ ।



ଗଣ୍ଡ ସାଂସ୍କୃତିକ ସମାଜର ସମାବେଶ ଅବସରରେ ଯୋଗଦେଇଥିବା କଳାକାରମାନେ ।



ଯେଉଁମାନେ ଯୁକ୍ତି କରି ଜାଣନ୍ତି ନାହିଁ, ସେହିମାନେ ହିଁ କଥାବାର୍ତ୍ତା ବେଳେ କଳି କରନ୍ତି।

- ଜି.କେ. ଚେଷ୍ଟାରଟନ୍



## ସଂକ୍ଷେପରେ

### ବସ୍ତି ଅଞ୍ଚଳକୁ ପାନୀୟଜଳ ଯୋଗାଣ ପାଇଁ ଭୂମି ପୂଜନ

**ରାଉରକେଲା ଅଫିସ, ୭। ୧୦-** ରାଜ୍ୟର ସହରାଞ୍ଚଳ ବସ୍ତିରେ ବସବାସ କରୁଥିବା ଲୋକଙ୍କ ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ସରକାର ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରିଛନ୍ତି। ବସ୍ତି ବାସିନ୍ଦାଙ୍କ ଜୀବନଧାରଣମାନକୁ ଉନ୍ନତ କରିବାକୁ ସରକାର ଚେଷ୍ଟା ଅବ୍ୟାହତ ରଖିଛନ୍ତି। ସହଯୋଗ ରହିଲେ ଆଗାମୀ ଦିନରେ ଏକାଧିକ କଲ୍ୟାଣକାରୀ ଯୋଜନା କାର୍ଯ୍ୟାକାରୀ କରାଯିବ ବୋଲି ସେକ୍ଟର-୬ ଦୁର୍ଗା ପୂଜା ପଡିଆରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ନେଇ ଭୂମି ପୂଜନ ଅବସରରେ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ରବିବାର ଏଭଳି ମତ ପ୍ରକାଶ କରିଛନ୍ତି। ଏହି ଅବସରରେ ସେ କହିଥିଲେ, ଇସ୍ପାତ ସହରାଞ୍ଚଳର ବିଭିନ୍ନ ବସ୍ତିରେ ବସବାସ କରୁଥିବା ବାସିନ୍ଦାଙ୍କୁ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ଯୋଜନା ପ୍ରସ୍ତୁତ କରାଯାଇଛି। ଅମୃତ ଯୋଜନାରେ ସେକ୍ଟର-୫ରୁ ନେଇ ୯ପର୍ଯ୍ୟନ୍ତ ରହିଥିବା ବସ୍ତିମାନଙ୍କରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦିଆଯିବ। ଏହାଦ୍ୱାରା ପାନୀୟ ଜଳ ସମସ୍ୟା ଆଉ ରହିବ ନାହିଁ ବୋଲି ତରାଇ ଆଶା ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଗଣେଶ୍ୱର ରାୟ, ବଦ୍ରିନାଥ ଦାସ, ସତ୍ୟାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଅନ୍ତର୍ଜାତୀୟ ମହିଳା ଆଥ୍ଲେଟଙ୍କୁ ସମ୍ବର୍ଦ୍ଧନା

**ରାଉରକେଲା ଅଫିସ,୭। ୧୦-** ଅନ୍ତର୍ଜାତୀୟ ମହିଳା ଆଥଲେଟ ପୂର୍ଣ୍ଣିମା ହେମ୍ବ୍ରମଙ୍କୁ ରବିବାର ରାଉରକେଲା ରେଳ ଷ୍ଟେଶନରେ ପାନପୋଷ କ୍ରୀଡା ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଟାଟାରୁ ଇସ୍ପାତ୍ ଏକ୍ସପ୍ରେସରେ ରାଉରକେଲା ଫେରିବା ଅବସରରେ ଦିନ ୨ଟାରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପାନପୋଷ କ୍ରୀଡା ସଙ୍ଗଠନର କାର୍ଯ୍ୟକାରୀ ସଭାପତି ବିକ୍ରମ ସ୍ୱାଇଁ, ନିଖିଲ କଳାକାର ପ୍ରଧାନ, ଅଶୋକ ବିଶ୍ୱାଳ, ସୁମନ ବର୍ମ, ଅଶୋକ ସିଂ, ସ୍ୱାଗତିକା ଦାସ, କନ୍ୟାକୁମାରୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଭୁବନେଶ୍ୱରରେ ଅନୁଷ୍ଠିତ ଏସିଆନ୍ ଚାମ୍ପିୟନଶିପ୍‌ରେ ପୂର୍ଣ୍ଣିମା ବ୍ରୋଞ୍ଜ ପଦକ ଜିତିଥିଲେ।

■ ସେକ୍ଟର-୩ ଦୁର୍ଗା ପୂଜା ସୁବର୍ଣ୍ଣ ଜୟନ୍ତୀ

# ଏଥରର ଆକର୍ଷଣ କୈଳାସ ପର୍ବତ ତୋରଣ



ମା' ଆସୁଛନ୍ତି



ନିର୍ମାଣଧୀନ କୈଳାସ ପର୍ବତ ଆକୃତିର ତୋରଣ।

**ରାଉରକେଲା ଅଫିସ,୭। ୧୦**

ସେକ୍ଟର-୩ ଦୁର୍ଗା ପୂଜା କମିଟି ଏଥର ପାଳନ କରୁଛି ସୁବର୍ଣ୍ଣ ଜୟନ୍ତୀ ଉତ୍ସବ। ପାଖାପାଖି ୧୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ପୂଜା ପାଳନ କରାଯିବ। ମା' ଦୁର୍ଗାଙ୍କ ପ୍ରତିମା ସହ ତୋରଣ କିପରି ଆକର୍ଷଣୀୟ ହେବ ସେଥି ପ୍ରତି ଅଧିକ ଧ୍ୟାନ ଦିଆଯାଇଛି। କୋଲକାତାରୁ ଆସିଥିବା ୩୦ ଜଣ କାରିଗର ଦିନରାତି କାମରେ ଲାଗିଛନ୍ତି। ପ୍ରାୟ ୮୦ପ୍ରତିଶତ କାମ ରବିବାର ସୁଦ୍ଧା ଶେଷ ହୋଇଛି। ଲକ୍ଷାଧିକ ଟଙ୍କା ବ୍ୟୟରେ ମା'ଙ୍କ ପ୍ରତିମା ନିର୍ମାଣ କରାଯାଉଛି। ରଙ୍ଗବେରଙ୍ଗ ଆଲୋକମାଳାରେ ପୂଜା ମଣ୍ଡପକୁ ଚମକାଇବାକୁ ମନ ବଳାଇଛନ୍ତି ପୂଜାକମିଟିର କର୍ମକର୍ତ୍ତା। ଏଥର ୭୦ଫୁଟ ଉଚ୍ଚ ଓ ଦେଢଶହ ଫୁଟ ଚଉଡା କୈଳାସ ପର୍ବତ ସଦୃଶ ତୋରଣ ନିର୍ମାଣ କାମ ଆଗେଇ ଚାଲିଛି। ସେହି ପର୍ବତ ଉପରେ ଶିବ, ପାର୍ବତୀ, ଗଣେଶ ଓ କାର୍ତ୍ତିକେୟଙ୍କ ମୂର୍ତ୍ତି ଶୋଭା ପାଇବ। ପର୍ବତ ଉପରେ କେତେକ ବାନର ବସିଥିବାର ଦୃଶ୍ୟ ବେଶ୍ ଆକର୍ଷଣୀୟ ହେବ। ଭିତର ପାର୍ଶ୍ୱ ଗୁମ୍ଫା ସଦୃଶ ରହିବ। ମଣ୍ଡପ ପ୍ରବେଶ ପଥରେ ପ୍ରଥମେ ଭକ୍ତ ପଞ୍ଚମୁଖୀ ହନୁମାନଙ୍କୁ ଦର୍ଶନ କରିବାର ସୁଯୋଗ ଲାଭ କରିବେ। ଏଥିସହ ପେଣ୍ଡାଲ ଭିତରେ ନଟରାଜ, ଶିବ ବିବାହ, ଅର୍ଦ୍ଧ ନାରୀଶ୍ୱର ଓ ବିଷ୍ଣୁ ଅବତାର ଶ୍ରଦ୍ଧାଳୁଙ୍କୁ ବିମୋହିତ କରିବ ବୋଲି ଆଶା ରଖିଛି ପୂଜା କମିଟି। କୈଳାସ ପର୍ବତରୁ ଝରୁଥିବା ଝରଣା ଏକ ନିଆରା ଅନୁଭୂତି ପ୍ରଦାନ କରିବ। ଏଥିସହ ମେଳା ଦାଣ୍ଡରେ ୨ଶହରୁ ଊର୍ଦ୍ଧ୍ୱ ବ୍ୟବସାୟୀଙ୍କୁ ନେଇ ମୀନା ବଜାର ବସିବ। ଚଳିତ ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ପଲିଥିନ ମୁକ୍ତ ରଖାଯିବା ନେଇ ବିଶେଷ ଧ୍ୟାନ ଦିଆଯାଇଥିବା ପୂଜା କମିଟି କର୍ମକର୍ତ୍ତା କହିଛନ୍ତି।

### ପୂଜା କମିଟି କର୍ମକର୍ତ୍ତାଙ୍କ ମୁହଁରୁ..



"ଏଥର ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯାଉଥିବାରୁ ଆମେ ସବୁଦିଗ ପ୍ରତି ଗୁରୁତ୍ୱାରୋପ କରିଛୁ । ତୋରଣ,ଦେବୀଙ୍କ ପ୍ରତିମା, ପୂଜା ମଣ୍ଡପ ଓ ରଙ୍ଗବେରଙ୍ଗ ଆଲୋକମାଳା କିପରି ଅଧିକ ଆକର୍ଷଣୀୟ ହେବ ସେଥିପ୍ରତି ଧ୍ୟାନ ଦେଇଛୁ। ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଲାଗି ପଦକ୍ଷେପ ନିଆଯାଇଛି। ଆଶା ରଖିଛୁ ଏଥର ପୂଜା ଖୁବ ସୁନ୍ଦର ହେବ।

- **ମୋତିଲାଲ କୁମ୍ଭାର, ସଭାପତି**



"ସୁବର୍ଣ୍ଣ ଜୟନ୍ତୀ ଦୁର୍ଗା ଉତ୍ସବ କରିବା ନେଇ ସବୁ ଦିଗରୁ ଚେଷ୍ଟା କରିଛୁ। ମା'ଦୁର୍ଗାଙ୍କ ପ୍ରତିମା, ପୂଜାର୍ଚ୍ଚନା ପ୍ରତି ଅଧିକ ଧ୍ୟାନ ଦିଆଯାଇଛି। ବିଧି ବିଧାନରେ ପୂଜାପାଠ ହେବ । ସମୁଦାୟ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପାଇଁ କମିଟି କର୍ମକର୍ତ୍ତା ଯତ୍ନବାନ ଅଛନ୍ତି। ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯାଉଥିବାରୁ ଏଥର ଶ୍ରଦ୍ଧାଳୁ ଓ ଦେଖଣାହାରୀଙ୍କ ସଂଖ୍ୟା ଆଶାତୀତ ବୃଦ୍ଧି ପାଇବ । ଏଣୁ ସୁରକ୍ଷା, ଶୃଙ୍ଖଳା ପ୍ରତି ମଧ ଦୃଷ୍ଟି ଦିଆଯିବ।

- **ପ୍ରଦୀପ ମହାପାତ୍ର, ସମ୍ପାଦକ**

# ବିଶ୍ୱ ମସ୍ତିଷ୍କ ପକ୍ଷାଘାତ ଦିବସ

**ରାଉରକେଲା ଅଫିସ,୭।୧୦**

ଆଞ୍ଚଳିକ ପୁନର୍ବାସ ଓ ଗବେଷଣା କେନ୍ଦ୍ର(ଆରଆରଆରସି)ପରିଚାଳିତ ଛେଣ୍ଡ କଳିଙ୍ଗ ବିହାରସ୍ଥିତ ମସ୍ତିଷ୍କ ପକ୍ଷାଘାତ ଓ ମାନସିକ ଅନଗ୍ରସର ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ବିଦ୍ୟାଳୟ 'ଆଶାଦୀପ'ଆନୁକୂଲ୍ୟରେ ବିଶ୍ୱ ପକ୍ଷାଘାତ ଦିବସ ପାଳିତ ହୋଇଯାଇଛି। ଗତ ଶନିବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପୂର୍ବତନ ଅଧ୍ୟକ୍ଷ ତଥା ସୁନ୍ଦରଗଡ଼ ଜିଲା ଶିଶୁ ମଙ୍ଗଳ ସମିତି ସଦସ୍ୟ ରାମଚନ୍ଦ୍ର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏସ୍‌ଓଏସ୍ ଶିଶୁ ଗ୍ରାମ ନିର୍ଦ୍ଦେଶକ ତପନ ସୁନା ଓ ଛେଣ୍ଡ ସାଂସ୍କୃତିକ ପରିଷଦ ସମ୍ପାଦକ ଅକ୍ଷୟ ନାୟକ ଅତିଥି ରୂପେ ଯୋଗ ଦେଇଥିଲେ। ଆଶାଦୀପ ଅନୁଷ୍ଠାନର ଅଶୋକ ପଣ୍ଡା ଓ ପ୍ରକାଶ ପଣ୍ଡା ଏଥିରେ ଅନ୍ୟତମ ଅତିଥି ରୂପେ ଉପସ୍ଥିତ ଥିଲେ। ମଞ୍ଚାସୀନ ଅତିଥି ବକ୍ତବ୍ୟ ପ୍ରଦାନ କରି ମସ୍ତିଷ୍କ ପକ୍ଷାଘାତର କାରଣ ଓ ଏହାର ନିରାକରଣ ସହ ଏନେଇ ମିଳୁଥିବା ସରକାରୀ, ବେସରକାରୀ ସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ରୋଗରେ ଶିକାର ଶିଶୁଙ୍କ ପ୍ରତି ସମସ୍ତଙ୍କ କର୍ତ୍ତବ୍ୟ ରହିଥିବା ବେଳେ ମିଳିତ ପ୍ରଚେଷ୍ଟା ମାଧ୍ୟମରେ ସେହି ରୋଗୀମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯାଇ ପାରିବ ବୋଲି ଉପସ୍ଥିତ ବକ୍ତାମାନେ ମତ ପ୍ରକାଶ କରିଥିଲେ। ଶେଷରେ ମସ୍ତିଷ୍କ ପକ୍ଷାଘାତ ଶିଶୁଙ୍କୁ ନେଇ କୌତୁକ ପୋଷାକ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ସରିତା ନାୟକ, ଇଶା ଦାସ ଓ ଗୌତମ ଦାସ ଯଥାକ୍ରମେ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମକୁ ସବିତା ମହାନ୍ତି ,ଅମିନା ଟିଗା, ସସ୍ମିତା ଧଳସାମନ୍ତ, ରୀତାଞ୍ଜଳି ପତି, ମୁକେଶ ବାରିକ, ଶଙ୍କର ନାୟକ ପ୍ରମୁଖ ସହଯୋଗ କରିଥିଲେ। ସବିତା ସାମଲ ଧନ୍ୟବାଦ ପ୍ରଦାନ କରିଥିଲେ।




ମସ୍ତିଷ୍କ ପକ୍ଷାଘାତ ଦିବସ ସଭାରେ ମଞ୍ଚାସୀନ ଅତିଥିମାନେ।



ଆୟୁଷ୍ମାନ ଭାରତ ଯୋଜନାର ସଚେତନତା ପାଇଁ ବାହାରିଥିବା ଭାଜପା କର୍ମୀମାନେ।

# ଆୟୁଷ୍ମାନ ଭାରତ ଯୋଜନା ପାଇଁ ସଚେତନତା

**ରାଉରକେଲା ଅଫିସ/ବେଦବ୍ୟାସ (ଡି.ଏନ୍.ଏ.) ୭।୧୦**

ଲାଠିକଟା ବ୍ଲକ ଭାଜପା ପକ୍ଷରୁ ଏକ ଜନଜାଗରଣ ଅଭିଯାନ ଆରମ୍ଭ କରାଯାଇଛି। ଏଥିରେ ଆୟୁଷ୍ମାନ ଭାରତ ଯୋଜନା ମାଧ୍ୟମରେ କେନ୍ଦ୍ର ସରକାର ଲୋକଙ୍କୁ ଯେଉଁ ମେଡିକାଲ ସ୍ମାର୍ଟ କାର୍ଡ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି ତାହା ଓଡିଶାରେ ଲାଗୁ କରାଯାଉ ବୋଲି ଦଳ ଦାବି କରିଛି। ଏନେଇ ଗ୍ରାମାଞ୍ଚଳ ଲୋକଙ୍କୁ ବୁଝାଇ ଦସ୍ତଖତ ଅଭିଯାନ ଆରମ୍ଭ କରିଛି ଦଳ। ଓଡିଶା ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ ଯୋଜନା କେବଳ ରାଜ୍ୟ ମଧ୍ୟରେ ସୀମିତ। ବାହାରେ ଯେଉଁ ଓଡିଆ ପରିବାର ବସବାସ କରୁଛନ୍ତି ସେମାନେ ଏହି ସୁବିଧା ପାଇ ପାରିବେନି। କିନ୍ତୁ ଆୟୁଷ୍ମାନ ଭାରତ ଯୋଜନା ଦ୍ୱାରା ଜଣେ ଦେଶର ଯେ କୌଣସି ସ୍ଥାନରେ ଚିକିତ୍ସିତ ହୋଇ ପାରିବେ। ଏହି ଯୋଜନା ବଳରେ ବର୍ଷକ ମଧ୍ୟରେ ଜଣେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସୁବିଧା ପାଇ ପାରିବ। ଏଣୁ ରାଜ୍ୟବାସୀ ଚାହିଁଲେ ଏଠି ମଧ୍ୟ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରାଯାଇ ପାରିବ ବୋଲି ଉପସ୍ଥିତ ଭାଜପା କର୍ମକର୍ତ୍ତା ଲୋକଙ୍କୁ ବୁଝାଇ ଥିଲେ। ଏଥିସହ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ଅନ୍ୟ ଲୋକାଭିମୁଖୀ ଯୋଜନାରୁ କିପରି ଲୋକେ ଫାଇଦା ନେଇ ପାରିବେ ସେ ସମ୍ପର୍କରେ ମଧ୍ୟ କୁହାଯାଇଥିଲା। ଏନେଇ ଚିକଟମାଟି, ଲୁଙ୍ଗେଇ ବେଲଡିହି, ଝାରତରଙ୍ଗ କାଲୁଙ୍ଗାର ମୁସଲିମ ପଡା, ବେଦବ୍ୟାସ ଦୁର୍ଗା ମଣ୍ଡପ ଗଳି, ଗର୍ଜନ, ବଳଣ୍ଡା, ପଟୁଆ, ବଡ ଦଲକି, ଜଡାକୁଦର ଓ କାଲୁଙ୍ଗା ଆଦି ସ୍ଥାନରେ ଭାଜପା କର୍ମୀମାନେ ଏନେଇ ପ୍ରଚାର ଆରମ୍ଭ କରିଛନ୍ତି। ଏଥିରେ ଦଳର ବରିଷ୍ଠ ନେତା ମହେନ୍ଦ୍ର ମାଝି, ସଞ୍ଜିତ ସାହୁ, ଆସିଫ୍ ଇକବାଲ, ଚାମା ମିଞ୍ଜ, ବିକାଶ ସାହୁ, ଭିକି ସାହୁ, ରାମକୁ ମୌର୍ଯ୍ୟ, ରାକେଶ ପୋଦାର, ଟିଙ୍କୁ ସିଂ, ଅରୁଣ ତନ୍ତି, ରାଙ୍କା ଖାଖା, ଦେଓନାଥ ଓରାମ, ହିମାଂଶୁ ରାୟ, ବୁଦ୍ଧୁଆ ଓରାମ, ବୁଟୁଲାଲ ବାରା ଓ ଦିଲୀପ ବଡାଇକ ପ୍ରମୁଖ ସାମିଲ ଥିଲେ।

### ଡିଓ୍ୱାଇଏଫ୍ଆଇ ଜିଲା କମିଟି ବୈଠକ: ପାର୍ଲାମେଣ୍ଟ ଘେରାଉ ପାଇଁ ଆହ୍ୱାନ

**ରାଉରକେଲା ଅଫିସ,୭।୧୦**

କେନ୍ଦ୍ର ସରକାରଙ୍କ ଯୁବ ତଥା ଦେଶ ବିରୋଧୀ ନୀତି ବିରୋଧରେ ଆସନ୍ତା ୩ ନଭେମ୍ବରରେ ପାର୍ଲାମେଣ୍ଟ ଘେରାଉ ନେଇ ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେଶନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁହାଯାଇଥିଲା, ପ୍ରତିବର୍ଷ ଦୁଇ କୋଟି ବେକାରଙ୍କୁ ନିଯୁକ୍ତି ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିବା ପରେ ଏବେ କ୍ଷମତା ଅନ୍ଧ ହୋଇ ପଡିଛି ଭଜପା। ଗତ ସାଢେ ୪ବର୍ଷ ମଧ୍ୟରେ ଦରଦାମ ହୁ ହୁ ହୋଇ ବଢିବାରେ ଲାଗିଛି। ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ବୃଦ୍ଧି ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି। ବିଦେଶରୁ କଳା ଟଙ୍କା ଫେରାଇ ଆଣିବାକୁ ପ୍ରତିଶ୍ରୁତି ଦେଇଥିବା ମୋଦି ଗରିବଙ୍କ ବ୍ୟାଙ୍କ ଖାତାକୁ ଅଚଳ କରିବାରେ ପ୍ରମୁଖ ଭୂମିକା ନେଇଛନ୍ତି। କେନ୍ଦ୍ର ସରକାରଙ୍କ ଅଧୀନରେ ବିଭିନ୍ନ ଅଫିସ, ଦପ୍ତର, ରାଷ୍ଟ୍ରାୟତ୍ତ ଉଦ୍ୟୋଗ, କେନ୍ଦ୍ରୀୟ ବିଦ୍ୟାଳୟ ଆଦି ସ୍ଥାନରେ ସଂପ୍ରତି ଲକ୍ଷାଧିକ ଖାଲି ପଦ ପୂରଣ ନ ହୋଇ ପଡି ରହିଛି। କେବଳ ଏତିକି ନୁହେଁ ମୋଦି ସରକାରଙ୍କ ଅମଳରେ ଦେଶର ସବୁ ବର୍ଗର ଲୋକେ ଶୋଷଣର ଶିକାର ହୋଇଛନ୍ତି ବୋଲି ଏହି ବୈଠକରେ ଅଭିଯୋଗ କରାଯାଇଥିଲା। ଏଣୁ ଆଗାମୀ ଦିନରେ ହେବାକୁ ଥିବା ପାର୍ଲାମେଣ୍ଟ ଘେରାଉ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୁବ କର୍ମୀ ଯୋଗ ଦେବାକୁ ଆହ୍ୱାନ କରାଯାଇଛି । ଏହି ବୈଠକରେ ସଙ୍ଗଠନର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଉତ୍ତର ଓଡିଶା ରେଳ ବିକାଶ ଓ ସମନ୍ୱୟ ସମିତି ପକ୍ଷରୁ ଦ.ପୂ. ରେଲୱେ ମ୍ୟାନେଜରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ରାଉରକେଲା ଷ୍ଟେଶନର ବିକାଶ କଥା ଉଠିଲା

■ ଦ.ପୂ.ରେଲୱେ ମ୍ୟାନେଜରଙ୍କ ସହ ଆଲୋଚନା

**ରାଉରକେଲା ଅଫିସ,୭। ୧୦**

ଉତ୍ତର ଓଡିଶା ରେଳ ବିକାଶ ଓ ସମନ୍ୱୟ ସମିତି ପକ୍ଷରୁ ଶନିବାର ଦକ୍ଷିଣ ପୂର୍ବ ରେଲୱେ ମ୍ୟାନେଜରଙ୍କ ସହ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯାଇଛି। ମ୍ୟାନେଜର ପି.ଏସ୍. ମିଶ୍ର ଝାରସୁଗୁଡ଼ାରୁ ରାଉରକେଲା ଦେଇ ଫେରିବା ବାଟରେ ତାଙ୍କୁ ରାଉରକେଲା ରେଳ ଷ୍ଟେଶନରେ ସମିତି କର୍ମକର୍ତ୍ତା ଭେଟିଥିଲେ। ଏହି ଅବସରରେ ଷ୍ଟେଶନର ବିକାଶ ଓ ଅନ୍ୟ କେତେକ ସମସ୍ୟା ସମ୍ପର୍କରେ ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଅନୁଷ୍ଠାନର ସଭାପତି ଉପେନ୍ଦ୍ର ନାୟକ, ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ମହାନ୍ତି, ମନୋଜ ରାଉଳଙ୍କ ସମେତ ରେଳ ଓ ସଡ଼କ ଉପଯୋଗକାରୀ ସଂଘ ସମ୍ପାଦକ ତଥା ଉତ୍ତର ଓଡିଶା ରେଳ ସମନ୍ୱୟ ସମିତି ଉପଦେଷ୍ଟା ଅମୂଲ୍ୟ ବରାଳ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ରାଉରକେଲାରୁ ଓଡିଶାର ପୂର୍ବ ଉପକୂଳକୁ ରେଳ ଯୋଗାଯୋଗ ବ୍ୟବସ୍ଥା ନେଇ ପ୍ରକ୍ରିୟା ତ୍ୱରାନ୍ୱିତ ହେବା ଆବଶ୍ୟକ। ଏଥିସହ ଦୀର୍ଘଦିନର ଦାବି ରାଉରକେଲାରୁ ଚକ୍ରଧରପୁର କେନ୍ଦୁଝର ଯାଜପୁର ରୋଡ ଦେଇ ଭଦ୍ରକକୁ ଦୈନିକ ଏକ ଇଣ୍ଟରସିଟି ଟ୍ରେନ ଚଳାଚଳ ପ୍ରତି ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏହାଦ୍ୱାରା ସୁନ୍ଦରଗଡ଼, ସିଂହଭୂମି ଓ କେନ୍ଦୁଝର ଆଦି ୩ଟି ଆଦିବାସୀ ବହୁଳ ଜିଲାର ଯାତ୍ରୀ ଉପକୃତ ହେବା ସହ ଉତ୍ତରପୂର୍ବ ଓଡିଶାର ୪ ଜିଲାର ଲକ୍ଷାଧିକ ଯାତ୍ରୀ ସୁବିଧା ପାଇବେ। ଏହି ଅବସରରେ ଷ୍ଟେଶନର ଉନ୍ନତିକରଣ ସହ ନୂତନ ଭାବେ ୬ନଂ. ପ୍ଲାଟଫର୍ମ ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ଜିଏମ୍ ମିଶ୍ରଙ୍କୁ ସଙ୍ଗଠନ କର୍ମକର୍ତ୍ତା ଅନୁରୋଧ କରିଥିଲେ। ପୁରୀରୁ କେନ୍ଦୁଝର ବଡବିଲ ଦେଇ ଚକ୍ରଧରପୁର ଯାଏ ଆସୁଥିବା ଏକ୍ସପ୍ରେସ ଟ୍ରେନକୁ ରାଉରକେଲା ଯାଏ ସଂପ୍ରସାରଣ କରିବାକୁ ଦାବି କରାଯାଇଥିଲା।

# ଦୁହ୍ଲାପୁରରେ ନିଶାମୁକ୍ତି ଅଭିଯାନ

**କୁଆଁରମୁଣ୍ଡା,୭।୧୦(ଡି.ଏନ.ଏ.)**

ଓଡିଶା-ଝାଡଖଣ୍ଡ ସୀମାର ସୁନ୍ଦରଗଡ଼ ଜିଲା ରାଏବୋଗା ଥାନା ଅନ୍ତର୍ଗତ ଦୁହ୍ଲାପୁର ଗ୍ରାମରେ ରବିବାର ନିଶାମୁକ୍ତି ଅଭିଯାନର ଶୁଭାରମ୍ଭ କରାଯାଇଛି । ଏହି ଶୋଭାଯାତ୍ରା ସକାଳ ସାଢେ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ସାଢେ ୧ଟା ପର୍ଯ୍ୟନ୍ତ ଗ୍ରାମ ପରିକ୍ରମା କରିଥିଲା। ନିଶା ସେବନ ଦ୍ୱାରା ସମାଜରେ ଘଟୁଥିବା ବିଭିନ୍ନ ପ୍ରକାରର ହିଂସା, ଅପରାଧ ଇତ୍ୟାଦି ସମ୍ପର୍କରେ ଶୋଭାଯାତ୍ରାକାରୀ ମହିଳାମାନେ ସ୍ଲୋଗାନମାନ ଦେଇଥିଲେ। ମଦ ଓ ଅନ୍ୟାନ୍ୟ ମାଦକ ଦ୍ରବ୍ୟ ପରିହାର କଲେ ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ କମିବ ବୋଲି ଉପସ୍ଥିତ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି। ଏହି ଶୋଭାଯାତ୍ରା ଗ୍ରାମର ନୂଆଟୋଲି, ବସଷ୍ଟାଣ୍ଡ ଛକ, ନାଏକଟୋଲି ଇତ୍ୟାଦି ଅଞ୍ଚଳ ପରିକ୍ରମା କରିଥିଲା। ଶୋଭାଯାତ୍ରାକୁ ରାଏବୋଗା ଥାନାଧିକାରୀ ବିଜୟ କୁମାର ସିଂ ଉଦ୍‌ଘାଟନ କରିଥିଲେ।




ଦୁହ୍ଲାପୁର ଗ୍ରାମରେ ଅନୁଷ୍ଠିତ ନିଶାମୁକ୍ତି ଅଭିଯାନରେ ସାମିଲ ମହିଳାମାନେ।

## ଫଟୋରେ ଖବର



ନବରାତ୍ର ଉପଲକ୍ଷେ ମାରଓ୍ୱାଡି ମହିଳା ଜାଗୃତି ମଞ୍ଚ ପକ୍ଷରୁ ରାଉରକେଲାର ଏକ ହୋଟେଲରେ ଡାଣ୍ଡିଆ ନୃତ୍ୟ ପ୍ରଦର୍ଶନ କରାଯାଉଛି।



ରାଉରକେଲା ଉଦିତନଗର ହାଇସ୍କୁଲଠାରେ ଆୟୋଜିତ ବିଶ୍ରା ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଜଣେ ଚିତ୍ରଶିଳ୍ପୀ ମହାତ୍ମା ଗାନ୍ଧୀଙ୍କ ଚିତ୍ର ଆଙ୍କୁଛନ୍ତି।



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।
- ବ୍ୟାସଦେବ



**ସଂକ୍ଷେପରେ**

## ରାଜ୍ୟପାଳଙ୍କ ଗସ୍ତକୁ ନେଇ ପ୍ରସ୍ତୁତି ବୈଠକ

**ସୁନ୍ଦରଗଡ, ୭।୧୦ (ଡି.ଏନ୍.ଏ.)-** ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ ମଙ୍ଗଳବାର ସୁନ୍ଦରଗଡ଼ ସରକାରୀ କଲେଜକୁ ଆସୁଛନ୍ତି । ଏ ନେଇ ରବିବାର କଲେଜ ଅଧକ୍ଷ ଡ: କିଶୋର କୁମାର ଦାଶଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥିଲା । ସଦର ବିଧାୟକ ଯୋଗେଶ କୁମାର ସିଂ , ଏସ୍‌ଡିପିଓ ବଳଭଦ୍ର ଦୀପ, ଟାଉନ ଥାନା ଅଧିକାରୀ ଅଶୋକ କୁମାର ଗିରି, ପ୍ରାଧାପକ ଡ: ସରୋଜ କୁମାର ପଟେଲ, ପୁରାତନ ଛାତ୍ର ସଂଘର ବିଶ୍ୱଜିତ ହୋତା, ପ୍ରଫୁଲ୍ଲ ସୁନାନୀ, ଅଜିତ୍ ପ୍ରସାଦ, କାଉନସିଲର ପଞ୍ଚା ବାର୍ଲା ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ।

# ଅଭିଯୋଗ ସତ୍ତ୍ୱେ ଅନୁକମ୍ପା

**କୁଲାବିରା କିଶାନପଡା ବିଦ୍ୟାଳୟ**

- ବ୍ଲକ୍ ଶିକ୍ଷା ପ୍ରଶାସନର ମନମାନି, ସ୍କୁଲ ପରିଚାଳନା କମିଟି ଅସନ୍ତୁଷ୍ଟ
- ଅଭିଭାବକ ମହଲରେ ଉତ୍ତେଜନା, ଜିଲା ଶିକ୍ଷା ଅଧିକାରୀଙ୍କୁ ଫେରାଦ

**ଲେଫ୍ରିପଡା,୭।୧୦(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ କୁଲାବିରା କିଶାନପଡା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଜଣେ ଶିକ୍ଷକ ବିଦ୍ୟାଳୟରେ ନିଶା ସେବନ କରୁଛନ୍ତି। ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀଙ୍କୁ ଗାଳି ଗୁଲଜ କରିବାକୁ ପଛାଉ ନାହାନ୍ତି। ଏହା ସମସ୍ତଙ୍କୁ ଅତିଷ୍ଠ କଲାଣି। ସମ୍ପୃକ୍ତ ଶିକ୍ଷକଙ୍କ ଏଭଳି କାଣ୍ଡକାରନାମା ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କ୍ଷମାଶିଳ ଡନ୍‌ସନା ଲେଫ୍ରିପଡା ବ୍ଲକ୍ ଶିକ୍ଷା ଅଧିକାରୀ ହରେକଷ୍ଣ ପୁରୋହିତଙ୍କୁ ସେପ୍ଟେମ୍ବର ୨୪ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ଏହି ଶିକ୍ଷକଙ୍କୁ ତୁରନ୍ତ ଏଠାରୁ ବଦଳି କରି ଅନ୍ୟ ଜଣେ ଶିକ୍ଷକ ଦେବା ପାଇଁ ଅଭିଯୋଗରେ ଉଲ୍ଲେଖ ରହିଥିଲା। ବ୍ଲକ୍ ଶିକ୍ଷା ଅଧିକାରୀ ବିଦ୍ୟାଳୟକୁ ଆସି ଘଟଣା ସମ୍ପର୍କରେ ତଦନ୍ତ କରିଥିଲେ। ସମ୍ପୃକ୍ତ ଶିକ୍ଷକଙ୍କଠାରୁ ପ୍ରଧାନ ଶିକ୍ଷକ ପଦକୁ ଅପସାରଣ କରିଥିଲେ। ସ୍କୁଲର ଅନ୍ୟ ଜଣେ ଶିକ୍ଷୟିତ୍ରୀଙ୍କୁ ପ୍ରଧାନ ଶିକ୍ଷକ ଦାୟିତ୍ୱ ପ୍ରଦାନ କରାଯାଇଛି। ହେଲେ ବ୍ଲକ୍ ଶିକ୍ଷା ବିଭାଗ ପକ୍ଷରୁ ଏହି ନିଶାସକ୍ତ ଶିକ୍ଷକଙ୍କୁ ଏଠାରୁ ବଦଳି କରାଯାଇନି। ତାଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରାଯାଇଛି। ଏଣୁ ଅଭିଭାବକ, ଛାତ୍ରୀଛାତ୍ର, ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ମହଲରେ ଅସନ୍ତୋଷ ବୃଦ୍ଧି ପାଉଛି। ଶେଷରେ ଏହି ଘଟଣା ନେଇ ନିକଟରେ ସ୍କୁଲ ପରିଚାଳନା କମିଟିର କର୍ମକର୍ତ୍ତା ଓ କିଛି ଅଭିଭାବକ ଜିଲା ଶିକ୍ଷା ବିଭାଗର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଶିକ୍ଷକଙ୍କୁ ବ୍ଲକ ଶିକ୍ଷା ପ୍ରଶାସନ ପକ୍ଷରୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯାଉଛି। ତାଙ୍କୁ ଏହି ସ୍କୁଲରୁ ବଦଳି କରାଯାଉନି। ଏହାଦ୍ୱାରା ସ୍କୁଲର ମାନ ମର୍ଯ୍ୟାଦା ନଷ୍ଟ ହେଉଛି ବୋଲି ଅଭିଯୋଗ କରାଯାଇଛି। ତେବେ ସମ୍ପୃକ୍ତ ଶିକ୍ଷକଙ୍କ ମତାମତ ନେବାକୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ବି ସେ ଫୋନ୍ ଉଠାଇ ନଥିଲେ।



ଜିଲା ମଧ୍ୟାହ୍ନ ଭୋଜନ ପାଚିକା ସାମୁଖ୍ୟର ବଡଗାଁ ବ୍ଲକ କମିଟି ବୈଠକରେ କର୍ମକର୍ତ୍ତା।

## ବିଜୁ ଶ୍ରମିକ ସାମ୍ମୁଖ୍ୟର ଜିଲା ସମ୍ମିଳନୀ ପାଇଁ ପାଚିକା ସାମ୍ମୁଖ୍ୟର ବୈଠକ

**ବଡଗାଁ, ୭।୧୦ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡଗାଁସ୍ଥିତ ପୂର୍ତ୍ତ ଡାକବଙ୍ଗଳାଠାରେ ରବିବାର ଜିଲା ମଧ୍ୟାହ୍ନ ଭୋଜନ ପାଚିକା ସାମ୍ମୁଖ୍ୟର ବଡଗାଁ ବ୍ଲକ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସାମୁଖ୍ୟର ସଭାନେତ୍ରୀ ଗୀତା କୁଜୁର ଅଧ୍ୟକ୍ଷତା କରିଥିଲେ। ବୈଠକରେ ସଂଗଠନର ଆବାହକ ତଥା ଯୁବ ଶ୍ରମିକ ନେତା ପ୍ରଣବ କିଶୋର ଭୈସାଲ ଯୋଗ ଦେଇଥିଲେ। ପାଚିକାମାନଙ୍କ ସମସ୍ୟା ଓ ଦାବି ଉପରେ ସେ ଆଲୋଚନା କରିଥିଲେ। ଅନ୍ୟପକ୍ଷେ ଆସନ୍ତା ସପ୍ତାହରେ ହେବାକୁ ଥିବା ବିଜୁ ଶ୍ରମିକ ସାମ୍ମୁଖ୍ୟର ପ୍ରଥମ ଜିଲା ସମ୍ମିଳନୀକୁ ସଫଳ କରିବାକୁ ଏହି ଅବସରରେ ସେ ଆହ୍ୱାନ ଦେଇଥିଲେ। ଜିଲାରେ ସାମ୍ମୁଖ୍ୟର ସାଂଗଠନିକ ସ୍ଥିତିକୁ ମଜବୁତ କରିବା ସହ ପାଚିକାମାନଙ୍କ ସମସ୍ୟାକୁ ନେଇ ଆନ୍ଦୋଳନକୁ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ନିଆଯାଇଛି। ଶେଷରେ ସୁଶୀଲ ଦିଉରିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଆ ଭାଷାକୁ ବଞ୍ଚାଇବାକୁ ଉଦ୍ୟମ ଆବଶ୍ୟକ

**ରାଜଗାଙ୍ଗପୁର, ୭।୧୦ (ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରର ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ରବିବାର ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ କମିଟି ତରଫରୁ ଚତୁର୍ଥ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜଗାଙ୍ଗପୁର ବିଧାୟକ ମଙ୍ଗଳା କିଶାନ ଏହିକାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସେ ନିଜ ମନ୍ତବ୍ୟରେ କହିଥିଲେ ଯେ, ଓଡିଶାର ଉନ୍ନତି ପାଇଁ ରାଜ୍ୟ ସରକାର ଆନ୍ତିରକତାର ସହ ପଦକ୍ଷେପ ନେଉଛନ୍ତି। ଏଣୁ ଓଡିଆ ଭାଷାକୁ ବଞ୍ଚାଇବାକୁ ହେଲେ ସମାଜ ଓ ସରକାରଙ୍କ ମିଳିତ ଉଦ୍ୟମ ଦରକାର। ଏହି ବୈଠକରେ ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ ସଭାପତି ଅଦ୍ୱୈତ୍ୟ କୁମାର ପାତ୍ର, ସାଧାରଣ ସମ୍ପାଦକ ଅନନ୍ତ ପ୍ରସାଦ ଜେନା, କୋଷାଧ୍ୟକ୍ଷ ବିମଳ ଷଡଙ୍ଗୀ, ରାଜଗାଙ୍ଗପୁର ଶାଖା ସଭାପତି ଲବିନ୍ଦ୍ର କୁମାର ବେହେରା, ଉପସଭାପତି ପଦ୍ମନାଭ ସାମଲ, ସମ୍ପାଦକ ନିତ୍ୟାନନ୍ଦ ବେହେରା ଯୋଗ ଦେଇଥିଲେ। ତେବେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ସଭାପତି ଓ ସମ୍ପାଦକମାନେ ନିଜ ନିଜ ମନ୍ତବ୍ୟ ରଖିଥିଲେ । ଏହି ବୈଠକରେ ଓଡିଆ ଭାଷାକୁ ସର୍ବସାଧାରଣରେ ବ୍ୟବହାର କରି ଶାସନରେ ଏହାକୁ ବହୁଳ ଭାବେ ବ୍ୟବହାର କରିବା, ଓଡିଆ ଭାଷାକୁ ବିଚାରାଳୟରେ ପ୍ରଚଳନ କରିବା, ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଗୁଡିକରେ ସରକାରୀ ନାମଫଳକ ଲେଖାଯିବା, ଇଷ୍ଟକୋଷ୍ଟ ରେଳବାଇରେ ଓଡିଆ ପିଲାଙ୍କୁ ପ୍ରାଧାନ୍ୟ ଦେବା, ସୀମାନ୍ତ ଗ୍ରାମ ଗୁଡିକରେ ବିକାଶ ପାଇଁ ସୀମାନ୍ତ ବିକାଶ ପରିଷଦ ଗଠନ କରିବା, ଆଦିବାସୀମାନଙ୍କୁ ଓଡିଆ ଭାଷା ବ୍ୟବହାର କରିବାକୁ ପ୍ରୋତ୍ସାହିତ କରିବା ଆଦି ପ୍ରସ୍ତାବ ଗୃହୀତ ହୋଇଛି। ଏ ସବୁକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିବେଦନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସଭାରେ ଉତ୍କଳ ସମ୍ମିଳନୀର ସଭ୍ୟ ପ୍ରଫୁଲ୍ଲ କୁମାର ଉପାଧ୍ୟାୟ, ସୁରେଶ ବାରିକ, ରମେଶ ପାତ୍ର, ଅମ୍ବିକା ମହାନ୍ତି ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ । ଅତିଥି ଭାବେ ଅମ୍ରେସ ପଣ୍ଡା, ଜିତ ଦାସ ପ୍ରମୁଖ ଯୋଗ ଦେଇଥିଲେ।



ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ କମିଟି ବୈଠକରେ ଉପସ୍ଥିତ ଅତିଥିମାନେ।



ଶ୍ରମିକନେତା ବିରଞ୍ଚି ସାହୁଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଉଛି।

■ ରାଜଯୋଗ ଦ୍ୱାରା ନିଶାମୁକ୍ତ କର୍ମଶାଳା

# ଇଣ୍ଟରନେଟ, ମୋବାଇଲ ଏବେ ବଡ଼ ନିଶା

**ବଡଗାଁ,୭।୧୦ (ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ବଡଗାଁସ୍ଥିତ ଶିଳ୍ପ ତାଲିମ କେନ୍ଦ୍ର (ଆଇଟିସି) ସଭାଗୃହରେ ରବିବାର ଚଳନା ମୁଣ୍ଡା ଶାଖା ବ୍ରହ୍ମା କୁମାରୀ ଆଶ୍ରମ ପକ୍ଷରୁ ରାଜଯୋଗ ଦ୍ୱାରା ନିଶାମୁକ୍ତ କର୍ମଶାଳା ଅନୁଷ୍ଠିତ ହୋଇଛି। ଏହି କର୍ମଶାଳାରେ ବଡଗାଁ ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ ମୁଖ୍ୟଅତିଥି ଓ ଆଇଟିସି ପ୍ରତିଷ୍ଠାତା ସମ୍ପାଦକ ରାମଚନ୍ଦ୍ର ନାୟକ, ପୂର୍ବତନ ବିଧାୟକ ରଞ୍ଜିତ ଭିତ୍ରିଆ, ସୁପ୍ରଭା ସେଟ, ଧର୍ମରାଜ, ଜ୍ୟୋସ୍ନା, ସୁନ୍ଦରଗଡ ଡାକ୍ତରଖାନାର ଡିଏମ୍‌ଓ ଜଗଦୀଶ ବାରିକ ଯୋଗ ଦେଇଥିଲେ।ମୁଖ୍ୟଅତିଥି ପ୍ରଧାନ କହିଥିଲେ ଯେ, ନିଶା ୨ ପ୍ରକାରର । ସେଥିରୁ ଗୋଟିଏ ହେଉଛି ପଜେଟିଭ ଓ ଅନ୍ୟଟି ନେଗେଟିଭ । ଭଗବାନଙ୍କୁ ପାଇବା ପାଇଁ ମଣିଷ ଯେଉଁ ମାଧମ ବା ରାସ୍ତାରେ ଯାଏ ତାହା ପଜେଟିଭ ନିଶା। ହେଲେ ସମାଜରେ ମଦ, ସିଗାରେଟ, ତମାଖୁ ଆଦି ନିଶାଦ୍ରବ୍ୟ ସେବନ କରି ନିଜର ତଥା ସମାଜର କ୍ଷତି ପହଞ୍ଚାଇବା ନେଗେଟିଭ ନିଶା । ଆଜିର ସମାଜରେ ସବୁଠାରୁ ବଡ ନିଶା ହେଉଛି ଇଣ୍ଟରନେଟ, ମୋବାଇଲ। ଏହା ଦ୍ୱାରା କିପରି କୁପ୍ରଭାବ ପଡୁଛି ତାହା ମଧ୍ୟ ଆଲୋଚନା କରାଯାଇଥିଲା। ଅନ୍ୟପକ୍ଷେ ରାଜଯୋଗ ଦ୍ୱାରା ନିଶା କିପରି ନିଶା ନିବାରଣ କରାଯାଏ ଏବଂ ସମାଜରେ ମାନସିକ ଚାପରୁ ମୁକ୍ତି ଜରୁରୀ ବୋଲି ବ୍ରହ୍ମା କୁମାରୀ ସୁପ୍ରଭା ସେଠ କହିଥିଲେ । ବ୍ରହ୍ମାକୁମାରୀ ଓ ଅତିଥିମାନେ ନିଶାମୁକ୍ତ ହେବା ପାଇଁ ରାଜଯୋଗ କେତେ ଉପଯୋଗୀ ତାହା ବୁଝାଇଥିଲେ । କର୍ମଶାଳା ପରିଚାଳନାରେ ଆଇଟିସି କର୍ମଚାରୀ ପ୍ରଶାନ୍ତ ନାଏକ, ସତ୍ୟେନ୍ଦ୍ର ବେହେରା, ସୌରଭ ପଣ୍ଡା, ଶରତ ଭୋଇ, ଗାନ୍ଧାରୀ ବାର୍ଲା। ପ୍ରମୁଖ ସହଯୋଗ କରିଥିଲେ ।




ରାଜଯୋଗ ଦ୍ୱାରା ନିଶାମୁକ୍ତ କର୍ମଶାଳାରେ ଅତିଥିମାନେ।

# ଶ୍ରମିକନେତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଲଖନପୁର,୭।୧୦(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ ବିଦ୍ୟୁତ ସବ୍‌ଡିଭିଜନ ଅଧୀନ ବନ୍ଧବାହାଲ ସେକ୍‌ଶନ୍ କାର୍ଯ୍ୟାଳୟରେ ଶନିବାର ପଶ୍ଚିମ ଓଡିଶା ହୀରାଖଣ୍ଡ ବିଦ୍ୟୁତ୍ କର୍ମଚାରୀ ସଂଘ ତରଫରୁ ଶ୍ରମିକନେତା ବିରଞ୍ଚି ସାହୁଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ଏଥିରେ ସମ୍ବଲପୁର ଓସ୍କୋ ଏସ୍‌ଇ ସନ୍ତୋଷ କୁମାର ଦର୍ଜୀ, ଝାରସୁଗୁଡ଼ା ଏକଜିକ୍ୟୁଟିଭ୍ ଇଞ୍ଜିନିୟର ଦୁତିଆ ଗର୍ଡିଆ, ବ୍ରଜରାଜନଗର ଏକଜିକ୍ୟୁଟିଭ୍ ଇଞ୍ଜିନିୟର କଳ୍ପତରୁ ନନ୍ଦ, ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର(ଏମ୍‌ଆର୍)ସମ୍ବିତ ନନ୍ଦ, ବ୍ରଜରାଜନଗର ଏସ୍‌ଡିଓ ଜଗନ୍ନାଥ ବାରିକ, ବେଲପାହାଡ ଏସ୍‌ଡିଓ ସନ୍ତୋଷ କୁମାର ପୂଜାହାରୀ, ପଶ୍ଚିମ ଓଡିଶା ବିଦ୍ୟୁତ ଶ୍ରମିକ ମହାସଂଘ ସାଧାରଣ ସମ୍ପାଦକ ଲଳିତ ପଟ୍ଟନାୟକ, ସହ ସାଧାରଣ ସମ୍ପାଦକ ଅସିତ ପଣ୍ଡା, ବ୍ରଜରାଜନଗର ଡିଭିଜନ ସେକ୍ରେଟାରୀ ସୁରେନ୍ଦ୍ର ସାହୁ, ବରଗଡ ମଣ୍ଟୁ ବେହେରା, ଝାରସୁଗୁଡ଼ା ରିତେଶ ପଟେଲ, ଉପଦେଷ୍ଟା ସୁନିଲ ସିଂହ, ତାପସ ନାଥ, ବିଶ୍ୱନାଥ ସାହୁ, ପ୍ରତୁଲ ମାହାନା, ସତ୍ୟଜିତ ପରିଡା, ଜେଇ ପ୍ରିୟରଞ୍ଜନ ଦାସ, ବିରାଜ ପଟେଲ ମୀନକେତନ ପ୍ରଧାନ, ପ୍ରକାଶ ଚନ୍ଦ୍ର ବେହେରା ପ୍ରମୁଖ ଅଧିକାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଅବସରପ୍ରାପ୍ତ ଶ୍ରମିକନେତା ସାହୁ ଶ୍ରମିକ ସଂଘର ଉପସଭାପତି ଦାୟିତ୍ୱରେ ଥିଲେ । ଶ୍ରମିକଙ୍କ ବିଭିନ୍ନ ସମସ୍ୟା ନେଇ ସେ ଲଢେଇ ଜାରି ରଖିଥିଲେ । ଏହି ଅବସରରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଶ୍ରମିକନେତା ସାହୁଙ୍କୁ ଉପଢୌକନଦେଇ ସମ୍ବର୍ଦ୍ଧିତ କରିଥିଲେ ।



ଦିଲ୍ଲୀ ଜବାହରଲାଲ ନେହେରୁ ବିଶ୍ୱ ବିଦ୍ୟାଳୟ (ଜେଏନୟୁ)ରେ ଅନୁଷ୍ଠିତ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ଆୟୋଜକ, କଳାକାର ଓ ଅନ୍ୟମାନେ।



ବ୍ଲକ୍ ଅଧ୍ୟକ୍ଷା ଶାନ୍ତି ପ୍ରଧାନ ହିତାଧିକାରୀଙ୍କୁ ରାଶନ୍ କାର୍ଡ ବଣ୍ଟନ କରୁଛନ୍ତି।

## ଲଖନପୁର ବ୍ଲକ୍‌ରେ ରାଶନ କାର୍ଡ ବଣ୍ଟନ

**ଲଖନପୁର,୭।୧୦(ଡି.ଏନ୍.ଏ.)**

ଗତ ୨ତାରିଖ ଗାନ୍ଧୀଜୟନ୍ତୀରୁ ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଶୁଭାରମ୍ଭ ହୋଇଛି । ଏହି ଯୋଜନାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ତରଫରୁ ଲଖନପୁର ବ୍ଲକ୍‌ରେ ରବିବାର ହିତାଧିକାରୀମାନଙ୍କୁ ସମୁଦାୟ ୭୪ରାଶନ କାର୍ଡ ବଣ୍ଟନ କରାଯାଇଛି । ଏଥିମଧ୍ୟରେ ଲଖନପୁର ବ୍ଲକ୍‌ରେ ୬୪ ଓ ବେଲପାହାଡ ପୌରାଞ୍ଚଳର ୧୦ ହିତାଧିକାରୀ ରହିଛନ୍ତି । ଏହି ରାଶନକାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷା ଶାନ୍ତି ପ୍ରଧାନ, ବେଲପାହାଡ ପୌରାଞ୍ଚଳ ଅଧ୍ୟକ୍ଷ ପର୍ଶୁରାମ ସାହୁ, ବିଡିଓ ଗୋବିନ୍ଦ ଦଣ୍ଡସେନା, ସିଏସ୍‌ଓ ଲଳିତ ନାରାୟଣ ପଟ୍ଟନାୟକ, ଯୋଗାଣ ଅଧିକାରୀ ସୁରେନ୍ଦ୍ର କରତି, ମନୋଜ ସା ଓ ଆର୍.କେ. ଜେନା, ଜିଲାପରିଷଦ ଉପାଧ୍ୟକ୍ଷା ପଙ୍କଜିନୀ ପ୍ରଧାନ, ସରପଞ୍ଚ ନିରୁପମା ମାଝି, ସମିତିସଭ୍ୟା ତନୟା ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

■ ଓଡ଼ିଶା ଇତିହାସ କଂଗ୍ରେସର ଆଞ୍ଚଳିକ ଅଧିବେଶନ

# ଇତିହାସ ପ୍ରଭାବମୁକ୍ତ, ନିରପେକ୍ଷ ହେବା ଆବଶ୍ୟକ

**ରାଉରକେଲା ଅଫିସ, ୭।୧୦ (ଡି.ଏନ୍.ଏ.)**

ରାଉରକେଲା ସ୍ୱୟଂଶାସିତ ସରକାରୀ ମହାବିଦ୍ୟାଳୟଠାରେ ଓଡିଶା ଇତିହାସ କଂଗ୍ରେସର ତୃତୀୟ ଆଞ୍ଚଳିକ ଅଧିବେଶନ ରବିବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଇତିହାସ ବିଭାଗ ଓ ଓଡିଶା ଇତିହାସ କଂଗ୍ରେସର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଅଧିବେଶନରେ 'ପଶ୍ଚିମ ଓଡିଶାରେ କୃଷକ ଓ ଆଦିବାସୀ ଆନ୍ଦୋଳନ' ଶୀର୍ଷକ ଆଲୋଚନା ଚକ୍ର ଆନୁଷ୍ଠିତ ହୋଇଥିଲା। ଓଡିଶା ଉଚ୍ଚ ଶିକ୍ଷା ବିଭାଗର ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ ଡ: ଅମୀୟ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଇତିହାସ ସାମ୍ପ୍ରଦାୟିକ ସଦଭାବର ବାର୍ତ୍ତା ପ୍ରଚାର କରିବା ସହିତ ପ୍ରଭାବମୁକ୍ତ ଓ ନିରପେକ୍ଷ ହେବା ଉଚିତ। ମହାବିଦ୍ୟାଳୟର ଅଧକ୍ଷ ଡ: ଦେବେନ୍ଦ୍ରନାଥ ବେହେରା ଏଥିରେ ଅଧକ୍ଷତା କରି କହିଥିଲେ ଯେ, ରାଉରକେଲାରେ ଆର୍ଯ୍ୟ ତଥା ଆଦିବାସୀ ସଂସ୍କୃତିର ସମନ୍ୱୟ ଘଟିଛି। ଓଡିଶାର ଶିଳ୍ପାୟନର ଇତିହାସ ଏଇଠାରୁ ଆରମ୍ଭ ହୋଇଛି । ପ୍ରାଧ୍ୟାପକ ଡଃ ପ୍ରଭାତ କୁମାର ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରି କହିଥିଲେ ଯେ, ୧୮୨୭ରୁ ୧୮୬୨ ମଧ୍ୟରେ ପଶ୍ଚିମ ଓଡିଶାରେ ଆରମ୍ଭ ହୋଇଥିବା ଆଦିବାସୀ ଆନ୍ଦୋଳନରେ ଭୂୟାଁ ଜମିଦାରମାନେ ବଣାଇର କଦମ୍ବ ରାଜବଂଶ ବିରୋଧରେ ବିଦ୍ରୋହ ଆରମ୍ଭ କରିଥିଲେ। ଗାଙ୍ଗପୁର ଆଦିବାସୀ ଆନ୍ଦୋଳନରେ ନିର୍ମଳ ମୁଣ୍ଡା, ନାରୀ ବିପ୍ଳବୀ ମାଦ୍ରି କାଲୋ ଦେବଗଡ, ସୋନପୁର ଆଦି ଗଡଜାତରେ ସଂଘଠିତ କୃଷକ ଆନ୍ଦୋଳନର ନେତୃତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତା ଭାବେ ପ୍ରଫେସର ଡ: ବିଜୟ ବହିଦାର ଯୋଗଦେଇ ଔପନିବେଶ ଶାସନକାଳର କୃଷକ ଓ ଆଦିବାସୀ ବିଦ୍ରୋହର ବାର୍ତ୍ତା ଏବେ ବି ପଥରଗାଡା ଆନ୍ଦୋଳନ ଓ କୃଷକ ଆନ୍ଦୋଳନ ମାଧ୍ୟମରେ ଆତ୍ମପ୍ରକାଶ କରିଛି ବୋଲି ମତବ୍ୟକ୍ତ କରିଥିଲେ। ସ୍ୱାଧୀନତାର ପରବର୍ତ୍ତୀ ସମୟରେ ହୋଇଥିବା ଶିଳ୍ପାୟନର ବିକାଶ ଆଦିବାସୀବହୁଳ ଅଞ୍ଚଳରେ ଗଢି ଉଠିଥିବା ବେଳେ ବିସ୍ଥାପିତ ଆଦିବାସୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ବିଶ୍ୱ ବିଦ୍ୟାଳୟର ଇତିହାସ ବିଭାଗର ପ୍ରଫେସର ବସନ୍ତ କୁମାର ମଲ୍ଲିକ ଯୋଗ ଦେଇ ସାମାଜିକ ପ୍ରତିବାଦ ଆନ୍ଦୋଳନର ସଂଜ୍ଞା ଓ ସ୍ୱରୂପ ସମ୍ପର୍କରେ ଆଲୋକପାତ କରି ଥିଲେ । ଓଡିଶା ଜାତୀୟ କଂଗ୍ରେସର ସାଧାରଣ ସଂପାଦକ ଡ: ସୁବାସ ନାଏକ ଓଡିଶାର ଇତିହାସ ଓ ସଂସ୍କୃତିକୁ ପ୍ରୋତ୍ସାହନ ଓ ପ୍ରଚାରପ୍ରସାର ଓଡିଶା ଇତିହାସ କଂଗ୍ରେସର ଆଭିମୁଖ୍ୟ ବୋଲି ସୂଚନା ଦେଇ ପୁରୀଠାରେ ଏହାର ପ୍ରଥମ ଅଧିବେଶନ ଆରମ୍ଭ ହୋଇ ଆସନ୍ତା ବର୍ଷ ସୁବର୍ଣ୍ଣ ଜୟନ୍ତୀର ପୂର୍ତ୍ତି ପାଳନ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ଡଃ ପ୍ରଭାତ ମଲ୍ଲିକଙ୍କ ଲିଖିତ ଇତିହାସ ପାଠ୍ୟ ପୁସ୍ତକ 'ଇତିହାସ ରଚନା ଓ ଗବେଷଣା ପଦ୍ଧତି' ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଇତିହାସ ବିଭାଗ ସମ୍ମାନ ଶ୍ରେଣୀର ଶେଷବର୍ଷ ଛାତ୍ରୀ ନିଧି ଝା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଡ: ଅଦ୍ୱୈତ କୁମାର ସାହୁ ଧନ୍ୟବାଦ ଦେଇଥିଲେ । ବିଭାଗୀୟ ମୁଖ୍ୟ ଅଧ୍ୟାପିକା ବାସନ୍ତୀ କୁଜୁର, ଅଧ୍ୟାପକ ସଞ୍ଜୟ ମହାପାତ୍ର, ଅଧ୍ୟାପିକା ସୁନ୍ଦରୀ ତିର୍କୀ ଓ ବିଭାଗର ସମସ୍ତ ଛାତ୍ରୀଛାତ୍ରଙ୍କ ସହଯୋଗରେ ଆୟୋଜିତ ଗବେଷଣାତ୍ମକ ପ୍ରବନ୍ଧ ଉପସ୍ଥାପନା କାର୍ଯ୍ୟକ୍ରମରେ ପୁରୀ ସାମନ୍ତଚନ୍ଦ୍ର ଶେଖର ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ: ପ୍ରଫୁଲ୍ଲ ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ ଭୁବନେଶ୍ୱର ନହରକଣ୍ଟା ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ: ସନ୍ତୋଷ ସେଠୀ ସମୀକ୍ଷକ କାର୍ଯ୍ୟ ତୁଲାଇଥିଲେ । ଏହି ଅଧିବେଶନରେ ଅଧ୍ୟାପକ ଡ: ସୁବାସ କାରୁଆ, ଅଧ୍ୟାପକ ଡଃ ସୁରେଶ ପାଣ୍ଡେ, ଅଧ୍ୟାପକ ପ୍ରହଲ୍ଲାଦ ପଣ୍ଡା, କେନ୍ଦ୍ରୀୟ ବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ନଗେନ୍ଦ୍ର ମିଶ୍ର, ଅଧ୍ୟାପିକା ସୁସ୍ମିତା ଭୋଇ ପ୍ରମୁଖ ନିବନ୍ଧ ଉପସ୍ଥାପନା କରିଥିଲେ।




ଓଡିଶା ଇତିହାସ କଂଗ୍ରେସର ଆଞ୍ଚଳିକ ଅଧିବେଶନରେ ଉପସ୍ଥିତ ଅତିଥିମାନେ।



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବାସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ

## ସଂକ୍ଷେପରେ

### ଖେଳିବାକୁ ଯାଇ ଫେରିଲେନି ସୁକାନ୍ତି

**କୋଲାବିରା,୭।୧୦ (ଡି.ଏନ୍.ଏ.)-** ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ ଅନ୍ତର୍ଗତ କେଲଡାମାଲ ଗ୍ରାମର ସୁକାନ୍ତି ଓରାମ(୧୩) ନାମ୍ନୀ ଜଣେ ନାବାଳିକାଙ୍କ ଗତ ୩ ଦିନ ହେଲା ପତ୍ତା ମିଳୁନି । ଏ ନେଇ କୋଲାବିରା ଥାନାରେ ଅଭିଯୋଗ ହୋଇଛି। କେଲଡାମାଲ ଗ୍ରାମର ଶନିଶ୍ଚର ଓରାମଙ୍କ ଝିଅ ସୁକାନ୍ତି ଶୁକ୍ରବାର ଅପରାହ୍ନ ୪ଟାରୁ ଘରୁ ଖେଳିବାକୁ ପଦାକୁ ଯାଇଥିଲେ । ହେଲେ ଆଉ ଫେରି ନ ଥିଲେ । ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ତାଙ୍କୁ ଖୋଜା ଖୋଜି କରାଯାଇଥିଲା । ତଥାପି ସୁକାନ୍ତିର କୌଣସି ପତ୍ତା ମିଳି ନ ଥିଲା । ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି ।

### ଛାତ୍ରୀକୁ ନେଇ ଶିକ୍ଷକ ଫେରାର

**ଝାରସୁଗୁଡ଼ା ଅଫିସ,୭।୧୦-** ଝାରସୁଗୁଡ଼ା ସହରାଞ୍ଚଳର ଏକ ସରକାରୀ ସ୍କୁଲର ଜଣେ ଶିକ୍ଷକ ସେହି ସ୍କୁଲର ଜଣେ ନାବାଳିକାଙ୍କୁ ନେଇ ଫେରାର ହୋଇଯାଇଥିବା ଟାଉନଥାନାରେ ଅଭିଯୋଗ ହୋଇଛି। ନାବାଳିକାର ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ଶିକ୍ଷକ ଏବଂ ନାବାଳିକାକୁ ଉଦ୍ଧାର କରିଛି। ସଂପୃକ୍ତ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ନାବାଳିକାଙ୍କ ପରିବାର ଲୋକେ ଦାବି କରିଛନ୍ତି। ରବିବାର ସକାଳେ ନାବାଳିକା ଜଣକ ଘରୁ ବାହାରି ଟିଉସନ ଯାଇଥିଲେ। ସେଠାରୁ ନାବାଳିକାଙ୍କୁ ନେଇ ଶିକ୍ଷକ ଜଣକ ରାଉରକେଲା ଫେରାର ହୋଇଯାଇଥିଲେ। ଏ ବାବଦରେ ପରିବାର ଲୋକ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନାବାଳିକାକୁ ଉଦ୍ଧାର କରିଛି ଏବଂ ଶିକ୍ଷକଙ୍କୁ ଅଟକ ରଖି ତଦନ୍ତ କରୁଛି।

### ବନ୍ଧରପଡାରେ ନିଶାମୁକ୍ତ ଅଭିଯାନ

**କିର୍ମିରା, ୭।୧୦ (ଡି.ଏନ.ଏ.)**

ଝାରସୁଗୁଡ଼ା ମ୍ୟୁନିସିପାଲିଟି ୧୨ ନଂ. ୱାର୍ଡ ବନ୍ଧରପଡାସ୍ଥିତ ସରସ୍ୱତୀ ଯୁବକ ସଂଘ ପକ୍ଷରୁ ଗ୍ରାମରେ ନିଶା ମୁକ୍ତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଯୁବ ବିଜେଡି ସଭାପତି ତ୍ରିନାଥ ଗୁଆଲ ଯୋଗଦେଇଥିଲେ । କ୍ଲବ ସଦସ୍ୟ ବ୍ୟାନର ଓ ପ୍ଲାକାର୍ଡ ନେଇ ଗ୍ରାମରେ ସଚେତନ ବାର୍ତ୍ତା ଦେଇଥିଲେ। କ୍ଲବ ସଭାପତି ବିଦେଶୀ କିଶାନ, ସଭ୍ୟ ରାଜାରାମ ବାଗ, ମନୋଜ ଗୁଆ, ବାବଲୁ କିଶାନ, ଶୁଭମ ପଟେଲ, ମୀନକେତନ ପିଙ୍ଗ, ପୂର୍ଣ୍ଣାନନ୍ଦ ନାଏକ ଏବଂ ଗ୍ରାମବାସୀ ଯୋଗଦେଇଥିଲେ ।



ନିଶା ମୁକ୍ତି ଅଭିଯାନରେ ସାମିଲ ହୋଇଥିବା ଯୁବକ ଓ ମହିଳାମାନେ।

ଲଖନପୁର ବ୍ଲକ୍

# ବର୍ଷା ଅଭାବରୁ ମରୁଛି ଧାନ ଫସଲ

- ଉଠାଜଳସେଚନ ପ୍ରକଳ୍ପ ଅଚଳ
- ମରୁଡ଼ି ଆଶଙ୍କାରେ ଚାଷୀ

**ଲଖନପୁର,୭।୧୦(ଡି.ଏନ୍.ଏ.)**

ଗତ ସେପ୍ଟମ୍ବର ମାସ ପହିଲାରୁ ଆଉ ବର୍ଷା ନାହିଁ । ଏଥିପାଇଁ ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ଅଞ୍ଚଳରେ ମରୁଡ଼ି ଆଶଙ୍କା ଦେଖାଦେଇଛି। ଧାନଫସଲ ମରିବାକୁ ବସିଛି । ଚାଷୀମାନେ କଣ୍ଟା, ବନ୍ଧ, ନାଳ ଆଦି ଜଳାଶୟରୁ ପାଣି ଉଠାଇ ଧାନ ଫସଲ ବଞ୍ଚାଇବା ପାଇଁ ଉଦ୍ୟମ ଚଳାଇଛନ୍ତି । କିନ୍ତୁ ତାହା ସମ୍ଭବପର ହେଉନାହିଁ।

ଋଣ ସାଙ୍ଗକୁ ଧାରଉଧାରକରି ଚାଷୀମାନେ ଧାନଚାଷ କରିଥିଲେ। ଆଶା ରଖିଥିଲେ ଫସଲ ହେଲେ ଋଣ ସୁଝିବେ । ଯାହା ଲାଭ ମିଳିବ ପରିବାର ଚଳାଇବେ । କିନ୍ତୁ ମରୁଡ଼ି ପରିସ୍ଥିତି ଯୋଗୁ ଚାଷୀଙ୍କ ଆଶା ଆଶାରେ ରହିଯାଇଛି । ଏବେ ଋଣ କିପରି ସୁଝିବେ ଓ ପରିବାର କି ଭଳି ଚଳାଇବେ ସେହି ଚିନ୍ତାରେ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ସମ୍ଭାବ୍ୟ ମରୁଡ଼ି ପରିସ୍ଥିତିକୁ ଦୃଷ୍ଟିରେ ରଖି ଜଳସେଚନପାଇଁ ପୂର୍ବରୁ ବ୍ଲକ୍ ଅଞ୍ଚଳର କେତେକ ସ୍ଥାନରେ ଗଭୀର ଉଠାଜଳସେଚନ ପ୍ରକଳ୍ପ(ବୋରିଂ) ଓ ବୃହତ୍ ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଛି । ଏହିସବୁ ପ୍ରକଳ୍ପ ମଧ୍ୟରୁ ଏକାଧିକ ଅଚଳ ହୋଇ ରହିଛି । ଫଳରେ ଚାଷ ଜମିକୁ ପାଣି ମାଡି ପାରୁନାହିଁ । ଏନେଇ ଚାଷୀମାନେ ଉଠାଜଳସେଚନ ବିଭାଗ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଏଭଳି ସଙ୍ଗୀନ ସ୍ଥିତି ଦେଖିବାକୁ ମିଳିଛି ଭିକମପାଲି ଓ ଜମାପାଲି ମୌଜାରେ। ପ୍ରାୟ ଶତାଧିକ ଏକର ଚାଷଜମିର ଫସଲ ମରିବାକୁ ଲାଗିଛି। ମାଲ ଓ ବେର୍ଣ୍ଣା କିସମର ଚାଷ ବିଶେଷ ଭାବେ କ୍ଷତିଗ୍ରସ୍ତ ହେଉଛି । ଫକୀର କୁଅଁର,ହେମସାଗର ସା,ଯୋଗେଶ୍ୱର ସିଦାର, ଦୁକାଲୁ ପଟେଲ, ଗିରିଧାରୀ ପଟେଲ, ପ୍ରେମାନନ୍ଦ ପଟେଲ, ରକ୍ଷଣ ପଟେଲ, ସୌକି କିଷାନ, ଶିବଲାଲ୍ ଗଣ୍ଡ, ମନୋଜ ସାହୁ, ମିଳନ ସିଦାର ପ୍ରମୁଖ ଚାଷୀ ଏଥିପାଇଁ ଧାନ ଫସଲ ଉପରୁ ଆଶା ଛାଡ଼ି ଦେଇଛନ୍ତି ।


ଅଚଳ ହୋଇ ପଡିଥିବା ଉଠାଜଳସେଚନ ପ୍ରକଳ୍ପ।

ଭାଲୁଡୁଙ୍ଗୁରି ଅଞ୍ଚଳର ୨ଉଠାଜଳସେଚନ ପ୍ରକଳ୍ପ ଅଚଳ ହୋଇପଡିଛି । ଆଉ କେତେକ ଗଭୀର ନଳକୂପ ନିର୍ମାଣ ହୋଇଥିବାବେଳେ ତାହା ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଅବହେଳା ପାଇଁ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଏସମ୍ପର୍କରେ ବିଭାଗୀୟ କନିଷ୍ଠଯନ୍ତ୍ରୀ ନିରଞ୍ଜନ ନାଏକ କହିଛନ୍ତି, ଠିକାଦାରଙ୍କୁ ତାଗିଦ କରାଯାଇଛି । ଖୁବ୍‌ଶୀଘ୍ର ପ୍ରକଳ୍ପଗୁଡ଼ିକ କାର୍ଯ୍ୟକ୍ଷମ ହେବ । ଏସମ୍ପର୍କରେ ଗତ ଅଗଷ୍ଟ ମାସ ୯ତାରିଖରେ ଚାଷୀମାନେ ଲିଖିତ ଭାବେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଇତିମଧ୍ୟରେ ୨ମାସ ବିତିଗଲାଣି । ଅଚଳ ପ୍ରକଳ୍ପ ସବୁ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଜିଲାପ୍ରଶାସନ ଓ ବିଭାଗୀୟ ଅବହେଳା ପାଇଁ ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । ଏ ସଂକ୍ରାନ୍ତରେ ତୁରନ୍ତ ପଦକ୍ଷେପ ଗ୍ରହଣ କରା ନ ଗଲେ ଚାଷୀମାନେ ଜାତୀୟ ରାଜପଥ ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି ।

### ଝାରସୁଗୁଡ଼ାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି

**ଝାରସୁଗୁଡ଼ା ଅଫିସ,୭।୧୦**

ପଶ୍ଚିମ ଓଡ଼ିଶାରେ ପ୍ରସ୍ତାବିତ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଝାରସୁଗୁଡାରେ ପ୍ରତିଷ୍ଠା କରିବାକୁ ଆଞ୍ଚଳିକ ପରିବେଶ ସୁରକ୍ଷା ସଂଘ ଦାବି କରିଛି। ଏନେଇ ଡାକ ଜରିଆରେ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପଠାଯାଇଛି। ଗମନାଗମନ, ଯୋଗାଯୋଗ ଦୃଷ୍ଟିରୁ ଝାରସୁଗୁଡ଼ା ପ୍ରମୁଖ ସ୍ଥାନ ହୋଇଥିବାରୁ ହାଇକୋର୍ଟ ବେଞ୍ଚ ଏଠାରେ ସ୍ଥାପନ କରିବାକୁ ଦାବି ହୋଇଛି। ଝାରସୁଗୁଡ଼ାରେ ରାଜ୍ୟର ଦ୍ୱିତୀୟ ବିମାନବନ୍ଦର ସ୍ଥାପନ ପରେ ଯୋଗାଯୋଗ ଦୃଷ୍ଟିକୋଣରୁ ଏଠାକାର ଗୁରୁତ୍ୱ ବୃଦ୍ଧି ପାଇଛି। ତେଣୁ ହାଇକୋର୍ଟ ବେଞ୍ଚ ସ୍ଥାପନ ପାଇଁ ଝାରସୁଗୁଡ଼ା ପ୍ରକୃଷ୍ଟ ସ୍ଥାନ ବୋଲି ସଂଘ ଦାବି କରିଛି। ସଂଘର କାର୍ଯ୍ୟକର୍ତ୍ତା ଅଶୋକ କୁମାର ମହାପାତ୍ର, ସତ୍ୟ ନାରାୟଣ ରାଓ, ପ୍ରତ୍ୟୁଷ କୁମାର ରାଉତ, ସଞ୍ଜୟ ପଣ୍ଡା, ବୁଦ୍ଧଦେବ ପୂଜାରୀ, ରବିନ୍ଦ୍ର ନାଥ ବେହେରା ପ୍ରମୁଖ ଏହି ଦାବି କରିଛନ୍ତି।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }


ବର୍ଷା ଅଭାବରୁ ମରି ପଡିଥିବା ଧାନଗଛ।

## କିର୍ମିରାରେ ମରୁଡ଼ିର ପଦଧ୍ୱନି

**କିର୍ମିରା, ୭।୧୦ (ଡି.ଏନ.ଏ.)**

ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକରେ ବର୍ଷାଭାବରୁ ମରୁଡି ପରିସ୍ଥିତି ଗମ୍ଭୀର ହେବାରେ ଲାଗିଛି । ବର୍ଷା ହେଉ ନ ଥିବାରୁ ଜମି ଶୁଖିଲା ପଡିଛି । ରୌଦ୍ରତାପରେ ଧାନ ଗଛ ସବୁ ପୋଡି ଗଲାଣି । ମାଲ ଓ ବେର୍ଣ୍ଣା ଜମିରେ ଧାନ ଫଳ ଧରୁଥିବା ସମୟରେ ବର୍ଷା ନ ହେବାରୁ ଧାନ କେଣ୍ଡା ପୋଲ ହୋଇଯାଇଛି । ଅନେକ ଚାଷୀଙ୍କ ଧାନ ଗଛ ପୁଆଲରେ ପରିଣତ ହୋଇ ସାରିଥିବା ଦେଖିବାକୁ ମିଳୁଛି । ଏଥିପାଇଁ ଚାଷୀ ଅସହାୟ ହୋଇପଡିଛି । ଆଖି ଆଗରେ ମରୁଥିବା ଫସଲକୁ ଦେଖି ଲୁହ ଗଡାଇବା ଛଡା ଚାଷୀ ପାଖରେ ଅନ୍ୟ କୌଣସି ଉପାୟ ନାହିଁ । କେହି କେହି ସୁବିଧା ଥିବା ସ୍ଥାନରେ ପମ୍ପ ଯୋଗେ ପାଣି ମଡାଉଥିବା ବେଳେ ବଜାରରେ କିରୋସିନ ଅଭାବ ବଡ ସମସ୍ୟା ହୋଇ ଠିଆ ହୋଇଛି । ଏପରି ସମୟରେ ସରକାରୀ ସହାୟତାକୁ ଚାହିଁ ରହିଛି ଚାଷୀ ।

### ଗଣ୍ଡୱାନା ସମାଜର ନୂଆଁଖାଇ ଭେଟଘାଟ

**ବ୍ରଜରାଜନଗର, ୭।୧୦ (ଡି.ଏନ.ଏ.)**

ସ୍ଥାନୀୟ ଗାନ୍ଧୀଛକଠାରେ ଅଖିଳ ଭାରତୀୟ ଗଣ୍ଡୱାନା ସମାଜ ତରଫରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମାଜର ଓଡିଶା ସଭାପତି ମହେନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଓଡିଶାର ୨୦ ଜିଲାର ସଭାପତିମାନଙ୍କ ସହିତ ସମାଜର କର୍ମକର୍ତ୍ତାମାନେ ଯୋଗଦେଇ ସମାଜର ଉନ୍ନତି, ଏକତା, ସଂଘବଦ୍ଧତା ଉପରେ ମତ ଦେଇଥିଲେ । ଛତିଶଗଡ ରାଜ୍ୟର ରାୟଗଡ଼ର ରାଜା ଦେବେନ୍ଦ୍ର ପ୍ରତାପ ସିଂ ଓ ତାଙ୍କ ସ୍ତ୍ରୀ ଯିଏକି ପୁରୀ ରାଜା ଦିବ୍ୟସିଂହ ଦେବଙ୍କ ଭଉଣୀ ଭବାନୀ ଦେବୀ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ସମାଜ ତରଫରୁ ରାଜାଙ୍କୁ ଓଡିଶା ମାଟିରେ ସ୍ୱାଗତ କରାଯାଇଥିଲା । ଆଗାମୀ ଦିନରେ ସାଧାରଣ ନିର୍ବାଚନ ଆସୁଥିବାରୁ ଗଣ୍ଡସମାଜ ଏକତ୍ରିତ ହୋଇ ସେମାନଙ୍କ ଜାତିର ନେତାମାନଙ୍କୁ ଭୋଟ ଦେବାକୁ ଆହ୍ୱାନ କରାଯାଇଥିଲା । ଜାତିର ନେତାମାନେ ନିର୍ବାଚିତ ହୋଇ ଆସିଲେ ସମାଜର ଉନ୍ନତି ଦିଗରେ କାର୍ଯ୍ୟ କରିବେ ବୋଲି ମତ ପ୍ରକାଶ ପାଇଥିଲା । ଏହି ଅବସରରେ ସମାଜର ଆରାଧ୍ୟ ଦେବୀଙ୍କୁ ପୂଜା କରାଯାଇଥିଲା ।


ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଛାତ୍ରୀଛାତ୍ର ଚିତ୍ର ଆଙ୍କୁଛନ୍ତି।

## ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତା

**ଝାରସୁଗୁଡ଼ା ଅଫିସ,୭।୧୦**

ଝାରସୁଗୁଡ଼ା ମନମୋହନ ସ୍କୁଲରେ ରବିବାର ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ୟୁନିଟ୍ ସଂଯୋଜନାରେ ଆୟୋଜିତ ଏହି ପ୍ରତିଯୋଗିତାରେ ଜିଲାର ସରକାରୀ, ଘରୋଇ, ସ୍ୱତନ୍ତ୍ର ବିଦ୍ୟାଳୟ ଏବଂ ଶିଶୁଯତ୍ନ ଅନୁଷ୍ଠାନର ୧୨୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣାଙ୍କ ତତ୍ତ୍ୱାବଧାନରେ ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପ, ସର୍ବଶିକ୍ଷା ଅଭିଯାନ ସଂଯୋଜିକା ମୀନାରାଣି ମଙ୍ଗଳ, ଚମ୍ପାବତୀ ଦନ୍ତା ଯୋଗ ଦେଇଥିଲେ। ବିଚାରକ ଭାବେ ଯୁଗଳ କିଶୋର ସାହୁ, ପ୍ରଣତୀ ପଟ୍ଟନାୟକ, ମନୋଜ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଚୂଡାମଣି ପଣ୍ଡା, ହେମସାଗର ଚୌଧୁରୀ, ରାମକୃଷ୍ଣ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

ରେମଣ୍ଡା ପଞ୍ଚାୟତରେ ବିଜେଡିର ମହିଳା ସମାବେଶ

# ଅବାଧ ମଦ କାରବାରକୁ ବିରୋଧ

**ଲଖନପୁର,୭।୧୦(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ରେମଣ୍ଡା ପଞ୍ଚାୟତ ସାଡେରା ଗ୍ରାମରେ ଶନିବାର ଜିଲା ବିଜେଡି ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ଜୟକୁମାରୀ ପଟେଲଙ୍କ ଅଧ୍ୟକ୍ଷତା ଏକ ବିଜେଡି ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରେମଣ୍ଡା,ପଣ୍ଡରୀ,ସୁନାରୀ,କୁଶ୍ରାଲୋଇ,ବନ୍ଧବାହାଲ ଓ ତେଲେନପାଲି ଆଦି ପଞ୍ଚାୟତର ଏସ୍‌ଏଚ୍‌ଜି ଗ୍ରୁପ୍‌ର ଶତାଧିକ ମହିଳା ଯୋଗଦେଇଥିଲେ । ମହିଳାମୋର୍ଚ୍ଚା ରାଜ୍ୟ ଉପସଭାପତି ସାଧନା ସାମନ୍ତରାୟ, ବ୍ଲକ୍ ସଭାନେତ୍ରୀ ସୁରଭି ଛତ୍ରିଆ, ଜିଲା ସମ୍ପାଦିକା ନଳୀନି ସିଂହ, ଲକ୍ଷ୍ମୀ ବେହେରା, ଏସ୍‌ଏଚ୍‌ଜି ମହାସଂଘ ସଭାନେତ୍ରୀ ସେବତୀ ପ୍ରଧାନ,ସରପଞ୍ଚ ଦମୟନ୍ତୀ ଦାନୀ,ନାଏବ ସରପଞ୍ଚ ଡଲି ବେହେରା ପ୍ରମୁଖ ଯୋଗଦେଇଥିଲେ । ରାଜ୍ୟ ଉପସଭାପତି ସାମନ୍ତରାୟ ମଞ୍ଚ ପରିଚାଳନା କରିଥିଲେ । ସରକାରଙ୍କ ନାରୀସଶକ୍ତୀକରଣ ଉପରେ ମହିଳାମୋର୍ଚ୍ଚାର କର୍ଯ୍ୟକର୍ତ୍ତାମାନେ ଉଦ୍‌ବୋଧନ ଦେଇଥିଲେ । କହିଥିଲେ ସରକାର ଏସ୍‌ଏଚ୍‌ଜି ଗ୍ରୁପ୍ ମାଧ୍ୟମରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାପାଇଁ ରିହାତି ସୁଧହାରରେ ଋଣ ଦେଉଛନ୍ତି । ଏହି ଋଣକୁ ନେଇ ମହିଳାମାନେ ବିଭିନ୍ନ ବ୍ୟବସାୟକରି ସ୍ୱାବଲମ୍ବୀ ହେଉଛନ୍ତି । ମହିଳାଙ୍କ ପାଇଁ ପ୍ରତ୍ୟେକ କ୍ଷେତ୍ରରେ ସରକାର ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି । ଯାହାକି ମହିଳାମାନେ ସମାଜରେ ବିଶେଷ ଭାବେ ସୁବିଧା ସୁଯୋଗ ପାଇପାରୁଛନ୍ତି । ମହିଳାଙ୍କ ଉନ୍ନତି ହେଲେ ସମାଜର ବିକାଶ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

ଏହି ଅବସରରେ ବିଜେଡି ତରଫରୁ ଗ୍ରାମରେ ଏକ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲା ପର୍ଯ୍ୟବେକ୍ଷକ ବିଜେଡି ନେତା ରବି ପାଣି,ପୂର୍ବତନ ବିଧାୟକ ଅନୁପ ସାଏ,ରାଜ୍ୟ ପରିଷଦ ସଦସ୍ୟ ଟିକେଶ୍ୱର ସେନାପତି,ରବି ସିଂହ, ବ୍ରଜରାଜନଗର ଟାଉନ୍ ସଭାପତି ଜୟନ୍ତ ଦୀକ୍ଷିତ, ବେଲପାହାଡ ଟାଉନ୍ ସଭାପତି ରାଜେଶ ଭୋଇ, ରଘୁମଣି ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ସର୍ବପ୍ରଥମେ ନେତୃବୃନ୍ଦମାନେ ସଭା ସ୍ଥଳରୁ ଏକ ଶୋଭାଯାତ୍ରାରେ ଯାଇ ଗ୍ରାମଦେବତୀଙ୍କ ନିକଟରେ ପୂଜାର୍ଚ୍ଚନାପରେ ଗ୍ରାମ ପରିକ୍ରମା କରିଥିଲା । ସରକାରଙ୍କ ଜନହିତକର ଯୋଜନାକୁ ନେଇ ନେତା ଓ କର୍ମୀମାନେ ଘରକୁ ଘର ଯାଇ ଲୋକଙ୍କୁ ବୁଝାଇଥିଲେ । ନୂଆଁଖାଇ ଭେଟଘାଟ୍‌ରେ ସୁନ୍ଦରଗଡ ଜିଲା ହେମଗିରିର କମେଡି ବେଣୁ ଆଣ୍ଡ୍ ଗ୍ରୁପ୍ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଗ୍ରୁପ୍‌ର ନିଖୁଣକଳା ଦର୍ଶକଙ୍କ ମନମୋହିଥିଲା । ଏଥିରେ ଲଳିତ ଦାନି, କ୍ଷେତ୍ର ପ୍ରଧାନ, ବିଶ୍ୱନାଥ ସାହୁ, ବିଶିକେସନ ସା, ମୁକେଶ କିଷାନ, ଭିକ ଦୁଆନ, ବସନ୍ତ ବିଶ୍ୱାଳ, ପ୍ରମୋଦ ସା, ସଞ୍ଜୟ ସା ପ୍ରମୁଖ ସହଯୋଗ କରିଥିଲେ ।

**ବିଜୁ ଯୁବବାହିନୀ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ, ଜନସମ୍ପର୍କ ପଦଯାତ୍ରା**



ମଞ୍ଚରେ ଉପସ୍ଥିତ ଥିବା ବିଜେଡି ମହିଳା ମୋର୍ଚ୍ଚାର କର୍ମକର୍ତ୍ତା ମାନେ।


ବିଜେଡି ମହିଳା ସମାବେଶରେ ଉପସ୍ଥିତ ଥିବା ଏସ୍‌ଏଚ୍‌ଜି ଗ୍ରୁପ୍‌ର ସଦସ୍ୟା।

ୱାକର୍ସ କ୍ଲବ୍‌ର ଶପଥପାଠ

## ସୁସ୍ଥ ରହିବା ପାଇଁ ଚାଲିବା ଜରୁରୀ

**ଝାରସୁଗୁଡ଼ା ଅଫିସ,୭।୧୦**

ସୁସ୍ଥ ରହିବା ପାଇଁ ବ୍ୟାୟାମ ନିତାନ୍ତ ଆବଶ୍ୟକ। ଚାଲିବା ମଧ ଏକପ୍ରକାର ବ୍ୟାୟାମ। ଏହା ସୁସ୍ଥ ଓ ନିରୋଗ ଜୀବନଯାପନରେ ଉପଯୋଗୀ ସାବ୍ୟସ୍ତ ହେଉଥିବା ପ୍ରମାଣିତ ବୋଲି ୱାକର୍ସ କ୍ଲବର କର୍ମକର୍ତ୍ତା କହିଛନ୍ତି। ସ୍ଥାନୀୟ କକ୍ସ କଲୋନୀଠାରେ ନୂତନ ୱାକର୍ସ କ୍ଲବ୍ ଗଠିତ ହୋଇଯାଇଛି। ଏହି ଅବସରରେ ୱାକର୍ସ କ୍ଲବ ଇଣ୍ଟର ନ୍ୟାଶନାଲ-୧୦୪ର ଗଭର୍ନର କେ.କେ. ଦାସବର୍ମା ଯୋଗଦେଇ ନୂତନ କର୍ମକର୍ତ୍ତାଙ୍କୁ ଶପଥପାଠ କରାଇଥିଲେ। ଏହି ଅବସରରେ ରାୟଗଡା ଜିଲାର ୱାକର୍ସ କ୍ଲବ୍‌ର ଡି.ଏସ୍. ପିଲେ ଚାଲିବାର ଉପାଦେୟତା ଅସ୍ୱୀକାର କରି ହେବନାହିଁ ବୋଲି କହିଥିଲେ। ଝାରସୁଗୁଡ଼ା ନୂତନ ୱାକର୍ସ କ୍ଲବର ସଭାପତି ଭାବେ ଟହଲୁ ସାହୁ, ସମ୍ପାଦକ ଜୀବନ ମହାନ୍ତି, ଉପସଭାପତି ଅରବିନ୍ଦ ପୃଷେଠ୍, କୋଷାଧକ୍ଷ କାଳିଚରଣ ମଲ୍ଲ, ସହସମ୍ପାଦକ ନିରଞ୍ଜନ ବେହେରା ଶପଥ ଗ୍ରହଣ କରିଥିଲେ। ଧର୍ମେନ୍ଦ୍ର କୁମାର, ମହେଶ କୁମାର ଗୁପ୍ତା, କେ.ସି ଚୌଧୁରୀ, ଶଶୀ କୁମାର, ଡା. ସୁରେଶ କୁମାର ପଟେଲ ପ୍ରମୁଖ ବୋର୍ଡ ସଦସ୍ୟ ମନୋନୀତ ହୋଇଥିଲେ। ଡା. ଡି.କେ.ପୃଷ୍ଟି, ଡା. ଡୋଳମଣି ପଟେଲ, ଟି. ଜୟନାରାୟଣ, ପି.ସି. ବାଉରି, କେ.ରାମାରାଓ, ଏଚ୍. ପାଣିଗ୍ରାହୀ, କେ.ପାଣିଗ୍ରାହୀ, ପି.ଏଲ୍.ପଣ୍ଡା, ବରିଷ୍ଠ ନାଗରିକ ସଂଘର ସଭାପତି ଅର୍ଜୁନ ମୋର, ବାଲଗୋବିନ୍ଦ ମିଶ୍ର, ରମେଶ ଗାନ୍ଧୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।


ୱାକର୍ସ କ୍ଲବର କର୍ମକର୍ତ୍ତା ଏବଂ ଅତିଥି।



ଦୁଷ୍ଟଙ୍କର ସାରା ଶରୀରରେ ବିଷ ରହିଛି। ଦୁଷ୍ଟ ତଥା କଣ୍ଟାର ଦୁଇପ୍ରକାର ଉପଚାର ରହିଛି ; ଜୋତାରେ ମଳି, ମକଚି ଦିଅ ନତୁବା ତାକୁ ଦୂରରେ ଛାଡି ଦେଇଆସ।
- ଚାଣକ୍ୟ



## ସଂକ୍ଷେପରେ

### ରକ୍ତଦାନ ଶିବିର: ୪୦ ୟୁନିଟ୍ ସଂଗ୍ରହ

ପଦ୍ମପୁର, ୭।୧୦ (ଡି.ଏନ.ଏ): ପଦ୍ମପୁର ସହର ନିକଟରେ ଥିବା ଚାରପାଲି ଗ୍ରାମରେ ରବିବାର ବାଜିରାଉତ ଯୁବକ ସଂଘ ଦ୍ୱାରା ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଶିବିରକୁ ସାମାଜିକ କର୍ମୀ ନିରୋଜ ଦୋରା ଉଦ୍‌ଘାଟନ କରିଥିଲେ । ଶିବିରରେ ମୋଟ ୪୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ଉପଖଣ୍ଡ ଚିକିତ୍ସାଳୟ ରକ୍ତଭଣ୍ଡାର କର୍ମଚାରୀ ସଂଗ୍ରାମ କେଶରୀ ମାହନ୍ତ, ଚିନ୍ତାମଣି ପଣ୍ଡା, ହିତେଶ ସାହୁ, ଜିତେନ୍ଦ୍ରୀୟ ଗୁର୍ଲା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ଡୋଲାମଣି, ତ୍ରିଲୋଚନ, ବିପିନ, ଗୋପାଳ, ମୁକ୍ତେଶ୍ୱର, ଫକୀର ଦୋରା, ରାକେଶ, ହେମନ୍ତ, ରିଙ୍କୁ, ବିକ୍ରମ ପ୍ରମୁଖ ସହଯୋଗ କରିଥିଲେ ।

### ବନ୍ଧପାଲିରେ ଏଲପିଜି ପଞ୍ଚାୟତ

**ବରପାଲି, ୭।୧୦ (ଡି.ଏନ.ଏ):** ବରପାଲି ବ୍ଲକ ବନ୍ଧପାଲି ଗ୍ରାମରେ ଶନିବାର ଏଲପିଜି ପଞ୍ଚାୟତ ସଭା ଅନୁଷ୍ଠିତ ହୋଇଛି । ବନ୍ଧପାଲି ଗ୍ରାମର ରାଜୀବ ଭବନଠାରେ ସୋସିଆଲ ଡେଭଲପମେଣ୍ଟ ପ୍ରଫେସନାଲ (ଏସ୍‌ଡିପି) ମମତାଞ୍ଜଳି ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ସଭାରେ ବରଗଡ ଜିଲା ମ୍ୟାନେଜର ସୁକାନ୍ତ କୁମାର ସାହୁ, ଅଙ୍ଗନୱାଡି କର୍ମୀ କୁମୁଦିନୀ ସାହୁ ପ୍ରମୁଖ ଉପସ୍ଥିତ ରହି ରୋଷେଇ ଗ୍ୟାସ୍‌ର ବ୍ୟବହାର ଏବଂ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ ବରପାଲି ଓ ବିଜେପୁର ଅଞ୍ଚଳର ପ୍ରାୟ ୩୦୦ ଗ୍ୟାସ ଉପଭୋକ୍ତା ଉପସ୍ଥିତ ଥିଲେ। ଉପଭୋକ୍ତାଙ୍କୁ ୧୦ଟି ନୂତନ ଗ୍ୟାସ ସଂଯୋଗ ପ୍ରଦାନ କରାଯାଇଥିଲା। ସଦାନନ୍ଦ ସାହୁ ସହଯୋଗ କରିଥିଲେ ।

### ଫୁଟବଲ: ବହଲପାଲି, କଦଳୀପାଲି ବିଜୟୀ

**ବରଗଡ଼ ଅଫିସ୍,୭।୧୦:** ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଜିଲାସ୍ତରୀୟ ନକ୍‌ଆଉଟ ଫୁଟବଲ ପ୍ରତିଯୋଗିତାର ରବିବାର ଅନୁଷ୍ଠିତ ମ୍ୟାଚରେ ବହଲପାଲି ଓ କଦଳୀପାଲି ପ୍ରତିପକ୍ଷ ଦଳକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଧାଙ୍ଗେର ଓ ବହଲପାଲି ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା । ଏଥିରେ ବହଲପାଲି ୨-୦ ଗୋଲରେ ବିଜୟୀ ହୋଇଥିଲା । ସେହିପରି କଦଳୀପାଲି ଓ କନ୍ତରକଁଟା ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ହୋଇଥିଲା । ଏଥିରେ କଦଳୀପାଲି ୪-୦ ଗୋଲରେ ବିଜୟୀ ହୋଇଥିଲା । ସନ୍ତୋଷ ପ୍ରଧାନ, ଶୁଭମ ପାତ୍ର, ଉମେଶ ଭୋଇ, ପ୍ରେମନାଥ ଗିରି ଖେଳ ପରିଚାଳନା କରିଥିଲେ ।



ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାର ନିଃଶୁଳ୍କ ରୋଗ ନିରୂପଣ କେନ୍ଦ୍ର ନିଦାନ ।



ରୋଗ ନିରୂପଣ କେନ୍ଦ୍ରରେ ଲୋକେ ଧାଡ଼ି ବାନ୍ଧି ରହିଛନ୍ତି ।

# ନାମଫଳକରେ ସୀମିତ ନିଦାନ ବିଭାଗ

**ପ୍ରେମାନନ୍ଦ ଖମାରୀ**
**ବରଗଡ଼ ଅଫିସ୍,୭।୧୦**

**ବରଗଡ଼ ମୁଖ୍ୟ ଡାକ୍ତରଖାନା**
- କେମିକାଲ, ଯନ୍ତ୍ରପାତି ନାହିଁ
- ହୋଇପାରୁନି ରୋଗ ନିରୂପଣ
- ଖର୍ଚ୍ଚାନ୍ତରେ ପଡୁଛନ୍ତି ଗରିବ ରୋଗୀ
- ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ନିର୍ବିକାର

ରୋଗୀଙ୍କୁ ନିଃଶୁଳ୍କ ରୋଗ ନିରୂପଣ ସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ନିଦାନ ଯୋଜନା କରିଛନ୍ତି। ଏହି ଯୋଜନାରେ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ପୂର୍ବରୁ ଥିବା ପରୀକ୍ଷାଗାରକୁ ନିଃଶୁଳ୍କ ସମନ୍ୱିତ ରୋଗ ନିରୂପଣ କେନ୍ଦ୍ର ବୋଲି ନାମିତ କରାଯାଇଛି । ତେବେ ପରୀକ୍ଷାଗାରର କେବଳ ନାମ ବଦଳିଛି, ମାତ୍ର ସେଥିରେ ଆଉ କିଛି ପରିବର୍ତ୍ତନ ହୋଇନାହିଁ । ନିଦାନ ଯୋଜନାରେ ରହିଥିବା ରୋଗ ନିରୂପଣ ସେବା ମିଳିବା ତ ଦୂରର କଥା, ଆବଶ୍ୟକ କେମିକାଲ ତଥା ଯନ୍ତ୍ରପାତି ଅଭାବରୁ ରୋଗୀଙ୍କ ସୋଡ଼ିୟମ, ପଟାସିୟମ, କ୍ୟାଲସିୟମ, ୟୁରିନ, ଏସିଡ୍, ଆଲବୁମିନ, ପ୍ରୋଟିନ ଆଦି ପରୀକ୍ଷା ହୋଇ ପାରୁନାହିଁ । ଫଳରେ ଘରୋଇ ପରୀକ୍ଷାଗାରକୁ ଯାଇ ରୋଗୀ ଖର୍ଚ୍ଚାନ୍ତରେ ପଡୁଛନ୍ତି । ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଏଭଳି ଅଭାବନୀୟ ପରିସ୍ଥିତି ଦୀର୍ଘବର୍ଷ ଧରି ଲାଗି ରହିଛି । ମାତ୍ର ଉଭୟ ରାଜନୈତିକ, ପ୍ରଶାସନିକ ଇଚ୍ଛାଶକ୍ତି ଅଭାବରୁ ଏପର୍ଯ୍ୟନ୍ତ ତାହା ଦୂରୀକରଣ ହୋଇ ପାରିନାହିଁ ଏବଂ ଏଠାରେ ନିଦାନ ଯୋଜନା ନାମଫଳକରେ ସୀମିତ ରହିଯାଇଛି ।

ଚଳିତବର୍ଷ ଜାନୁୟାରୀ ପହିଲାରୁ ରାଜ୍ୟବାସୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇବା ଲକ୍ଷ୍ୟ ନେଇ ସରକାର ନିଦାନ ସମେତ ସହାୟ, ଆମ କ୍ଲିନିକ ଓ ଅନମୋଲ ଭଳି ୪ଟି ଯୋଜନା ହାତକୁ ନେଇଛନ୍ତି । ଏହା ସହିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗ ନିରୂପଣ କେନ୍ଦ୍ର ଖୋଲାଯାଇ ବିଭିନ୍ନ ପ୍ରକାର ପରୀକ୍ଷା ସହିତ ଡିଜିଟାଲ ଏକ୍ସ ରେ, ଡାୟାଲାସିସ୍, ସିଟି ସ୍କାନ, ଏମଆରଆଇ ଆଦି ପରୀକ୍ଷା ଏହି ଯୋଜନାରେ ରହିଛି । ତେବେ ସେଭଳି ସ୍ୱାସ୍ଥ୍ୟସେବା ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କ ପାଇଁ ଦିବାସ୍ୱପ୍ନ ହୋଇପଡିଛି। ଏଠାରେ ରୋଗୀଙ୍କ ପାଇଁ ସାଧାରଣ ପରୀକ୍ଷା ହୋଇ ପାରୁନାହିଁ । ଫଳରେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ରୋଗୀ କିମ୍ବା ସେମାନଙ୍କ ଅଭିଭାବକମାନେ ଘରୋଇ ପାଥୋଲୋଜିକୁ ଯାଇ ଖର୍ଚ୍ଚାନ୍ତରେ ପଡୁଛନ୍ତି । ଅନେକ ସ୍ଥଳେ ଗରିବ ଶ୍ରେଣୀର ରୋଗୀମାନେ ଅର୍ଥାଭାବରୁ ସେଭଳି ସ୍ୱାସ୍ଥ୍ୟ ପରୀକ୍ଷାରୁ ବଞ୍ଚିତ ହେଉଛନ୍ତି।

ଜିଲା ମୁଖ୍ୟ ଡାକ୍ତରଖାନାରେ ଏଭଳି ସର୍ବନିମ୍ନ ସ୍ୱାସ୍ଥ୍ୟସେବା ମିଳିପାରୁ ନ ଥିବା ଯୋଗୁ ଅସନ୍ତୋଷ ପ୍ରକାଶ ପାଇଛି । ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳିବା ଆଶା ନେଇ ଜିଲା ତଥା ଜିଲା ବାହାର ବଲାଙ୍ଗୀର, ସୋନପୁର ଏବଂ ପଡ଼ୋଶୀ ଛତିଶଗଡ଼ର ବିଭିନ୍ନ ଅଞ୍ଚଳରୁ ଏଠାକୁ ଚିକିତ୍ସା ପାଇଁ ରୋଗୀମାନେ ଆସୁଛନ୍ତି । ଦୈନିକ ପ୍ରାୟ ୭୦୦ରୁ ଅଧିକ ରୋଗୀ ଏଠାକୁ ଆସି ଆଉଟଡ଼ୋର (ବହିର୍ବିଭାଗ) ରେ ଚିକିତ୍ସିତ ହେଉଥିବାବେଳେ ଇନଡ଼ୋର(ଅନ୍ତର୍ବିଭାଗ)ରେ ୨୦୦ରୁ ଊର୍ଦ୍ଧ୍ୱ ଭର୍ତ୍ତି ହୋଇଛନ୍ତି। ମାତ୍ର ୯୧ ଶଯ୍ୟାବିଶିଷ୍ଟ ଏହି ଡାକ୍ତରଖାନାରେ ଶଯ୍ୟାଭାବରୁ ଚଟାଣରେ ରୋଗୀଙ୍କ ଚିକିତ୍ସା ଚାଲିଛି । ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ଦୋରାଙ୍କୁ ପଚାରିବାରୁ ଡାୟାଲାସିସି, ସିଟି ସ୍କାନ ପରୀକ୍ଷା ବ୍ୟବସ୍ଥା ନ ଥିବା କଥାକୁ ସ୍ୱୀକାର କରିଥିଲେ । ଡାକ୍ତରଖାନାରେ ବିଭିନ୍ନ ପରୀକ୍ଷା ହେଉ ନ ଥିବା ନେଇ ସେ ବର୍ତ୍ତମାନ ସୁଦ୍ଧା ଅବଗତ ନାହାନ୍ତି । ସେଭଳି ସମସ୍ୟା ରହିଥିଲେ, ତାର ତୁରନ୍ତ ପ୍ରତିକାର ବ୍ୟବସ୍ଥା କରାଯିବ ବୋଲି ଦୋରା କହିଥିଲେ । ସେହିପରି ପୂର୍ବରୁ ଏଠାରେ ଡେଙ୍ଗୁ କିମ୍ବା ହେପାଟାଇଟିସ୍ ପରୀକ୍ଷା ହୋଇ ପାରୁ ନ ଥିଲା ଏବଂ ରକ୍ତ ନମୁନାକୁ ବୁର୍ଲା ପଠାଯାଉଥିଲା । ମାତ୍ର ସେ ଆସିବା ପରେ ଏଠାରେ ଉଭୟ ଡେଙ୍ଗୁ, ହେପାଟାଇଟିସ୍ ପରୀକ୍ଷା ସୁବିଧା କରାଯାଇଥିବା ଡା. ଦୋରା ସୂଚନା ଦେଇଥିଲେ ।

### ଗାନ୍ଧୀ ବିଚାରଧାରା ଆଲୋଚନା ସଭା

**ସୋହେଲା,୭।୧୦(ଡି.ଏନ.ଏ)**

ସୋହେଲା ସଂସ୍କୃତି ଭବନଠାରେ ଚେତନା ଆନୁକୂଲ୍ୟରେ ଶନିବାର ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମଜୟନ୍ତୀ ପାଳନ ଅବସରରେ ପ୍ରଣାମ ବାପୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟର ଅବସରପ୍ରାପ୍ତ ପ୍ରେସ ସଚିବ ଡକ୍ଟର ସତ୍ୟନାରାୟଣ ସାହୁ ଯୋଗଦେଇ ଏକବିଂଶ ଶତାବ୍ଦୀରେ ମଧ୍ୟ ଗାନ୍ଧୀ ବିଚାରଧାରାର ପ୍ରାସଙ୍ଗିକତା ରହିଥିବା ପ୍ରକାଶ କରିଥିଲେ । ଜଗତୀକରଣ, ବିଶ୍ୱ ତାପମାନ ବୃଦ୍ଧି, ପରିବେଶ, ଜଳ ସଂରକ୍ଷଣ ସହ ବିଶ୍ୱବାସୀ ବର୍ତ୍ତମାନ ଯେଉଁ ଜିନିଷ ଉପରେ ବିଶ୍ୱସ୍ତରୀୟ ଆଲୋଚନା କରୁଛନ୍ତି ତାହା ଗାନ୍ଧୀ ବହୁବର୍ଷ ପୂର୍ବେ ନିଜର ବିଚାରରେ ପ୍ରକଟ କରି ସାରିଥିଲେ । ଅଧ୍ୟାପକ ଟେକଚାନ୍ଦ ଦୁଆନ ଧନ୍ୟବାଦ ଅର୍ପଣ କରିଥିଲେ । ସୋହେଲା ନାଗରିକ କମିଟି ତରଫରୁ ସଭାପତି ପ୍ରମୋଦ ଚନ୍ଦ୍ର ଦେବତା ଓ ବଲବୀର ସିଂ ଡକ୍ଟର ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ସଭାରେ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।

### ମାତୃ କର୍ମଶାଳା
### ଶିଶୁର ଶିକ୍ଷା ପାଇଁ ମା'ର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଅତାବିରା, ୭।୧୦ (ଡି.ଏନ.ଏ)**

ମା'ମାନେ ହେଉଛନ୍ତି ଶିଶୁମାନଙ୍କର ମାର୍ଗଦର୍ଶକ । ମା'ମାନେ ପାଠୋଇ ହେଲେ ଶିଶୁମାନଙ୍କ ଶିକ୍ଷା ଅଗ୍ରଗତି ହେବା ସହିତ ଦେଶର ପ୍ରଗତି ହେବ। ନିଜ ଗୃହରେ ଶିଶୁମାନଙ୍କୁ କିପରି ଶିକ୍ଷାଦାନ ଦେବେ ସେହି ବିଷୟରେ ମା'ମାନଙ୍କୁ ବରଗଡ ଜିଲା ଭେଡେନ ବ୍ଲକ ଡାଲବ ପଞ୍ଚାୟତ ଖୁଣ୍ଟୁଲିପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ମାତୃ ସମ୍ମିଳନୀରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶିବାନନ୍ଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମାତୃ କର୍ମଶାଳାରେ ମୁଖ୍ୟଅତିଥି ଭାବେ ଡାଲବ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଦେବଦତ୍ତ ବଡ଼େଇ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଶିବାନନ୍ଦ ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିଶୁ ବାଟିକା ବିଭାଗ ପ୍ରମୁଖ ଆଚାର୍ଯ୍ୟା ପଦ୍ମିନୀ ଭୋଇ, ଜ୍ୟୋସ୍ନା ନାୟକ, ସାଗରିକା ମାହାଣା, କ୍ରିଷ୍ଣା ସେଟ, ଆଚାର୍ଯ୍ୟ ମୁନୁ ବଡ଼େଇ, ଯୋଗେଶ ପାଢ଼ୀ ପ୍ରମୁଖ ଯୋଗଦେଇ ମଞ୍ଚାସୀନ ଥିଲେ । ଶେଷରେ ଯୋଗେଶ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅନ୍ତର୍ନିହିତ ପ୍ରତିଭା ବିକାଶର ପ୍ଲାଟଫର୍ମ ସୁରଭି

**ବିଜେପୁର, ୭।୧୦ (ଡି.ଏନ.ଏ)**



ବ୍ଲକସ୍ତରୀୟ ସୁରଭିର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ।

ବିଜେପୁର ବ୍ଲକ ପଡା ହାଇସ୍କୁଲରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଶନିବାର ଅନୁଷ୍ଠିତ ହୋଇଛି । ବିଡିଓ ପଦ୍ମନାଭ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ବିଇଓ ରାଧାକାନ୍ତ ଗଡତିଆଙ୍କ ଅଧ୍ୟକ୍ଷତାରେ ଏବିଇଓ ଚିତ୍ତରଞ୍ଜନ ପଧାନ, ସ୍ଥାନୀୟ ହାଇସ୍କୁଲର ପ୍ରଧାନ ଶିକ୍ଷକ ଡିଳେଶ୍ୱର ସାହୁ, ଏମ୍‌ଇ ସ୍କୁଲର ପ୍ରଧାନଶିକ୍ଷକ ପ୍ରତିମା ଗୁରୁ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଏବିଇଓ ସୁଶାନ୍ତ ପାଣ୍ଡେ ଉଦ୍ଦେଶ୍ୟ ଜ୍ଞାପନ, ସିଆରସିସି ପ୍ରେମରାଜ ପଧାନ ଅତିଥି ପରିଚୟ ଓ ଶଶିଭୂଷଣ ସାହୁ ସଭା ପରିଚାଳନା କରିଥିଲେ । କୁଇଜ, ତର୍କ, ବକ୍ତୃତା, ସୃଜନଶୀଳ ଲିଖନ, ଚିତ୍ରାଙ୍କନ, ବିଦ୍ୟାଳୟ ନିରାପତ୍ତା ଶୀର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ୧୭ଟି ପ୍ରତିଯୋଗିତାରେ ୨୬୪ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ପଞ୍ଚାନନ ମିଶ୍ର, ସରୋଜ କୁମାର ପାଣିଗ୍ରାହୀ, ଚିନ୍ମୟ ସାହୁ, ସନ୍ତୋଷ ଦେହେରୀ, ଦିଲୀପ ଦେବତା, ଜୟସିଂ ମହାନନ୍ଦ, ସନ୍ତୋଷ ପଧାନ, ନବକିଶୋର ସାହୁ, ଅମୂଲ୍ୟ ପଧାନ, କମଳେଶ ସାହୁ ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ । ଉଦ୍‌ଯାପନୀ ଉତ୍ସବରେ ବିଧାୟିକା ରୀତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ବିଇଓ ରାଧାକାନ୍ତ ଗଡତିଆଙ୍କ ଅଧ୍ୟକ୍ଷତାରେ ବ୍ଲକ ଅଧ୍ୟକ୍ଷା ମାନିନୀ ଭୋଇ, ସରପଞ୍ଚ ବିନୋଦ ବିଶ୍ୱାଳ, ଏବିଇଓ ଚିତ୍ତରଞ୍ଜନ ପଧାନ, ଘନଶ୍ୟାମ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ସୁଶାନ୍ତ କୁମାର ଚୌପଦାର ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିବାରେ ଏହା ଏକ ବଡ ପ୍ଲାଟଫର୍ମ । ତେଣୁ ଶିଶୁଙ୍କୁ ମାତାପିତା ଉତ୍ସାହିତ କରିବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ । ବରିଷ୍ଠ ଓ କନିଷ୍ଠ ବିଭାଗରେ ୩୪ଜଣ କୃତି ପ୍ରତିଯୋଗୀ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ ପାଇଁ ଶ୍ରେଷ୍ଠ ବିବେଚିତ ହୋଇଥିବା ସୂଚନା ଦିଆଯାଇଥିଲା । ଶଶୀଭୂଷଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାସ୍କେଟ୍‌ବଲ ଟୁର୍ନାମେଣ୍ଟ: ରାଉରକେଲା ଚାମ୍ପିୟନ

**ସମ୍ବଲପୁର,୭।୧୦(ବ୍ୟୁରୋ)**



ରବିବାର ୧୨ତମ ଫାଦର୍ ଜନ୍ ୱଇଲିୟମ୍ ମିଞ୍ଜ ବାସ୍କେଟ ବଲ ଟୁର୍ନାମେଣ୍ଟରେ ହୋମଗାର୍ଡ ଡିଏସପି ଶ୍ରୀମନ୍ତ ବାରିକ ଚାମ୍ପିୟନ ରାଉରକେଲା ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି ।

୧୨ତମ ଫାଦର୍ ଜନ୍ ୱଇଲିୟମ୍ ମିଞ୍ଜ୍ ବାସ୍କେଟ୍‌ବଲ ଟୁର୍ନାମେଣ୍ଟ ରବିବାର ଜ୍ୟୋତି ଭବନ ଖେଳପଡ଼ିଆରେ ଉଦ୍‌ଯାପିତ ହୋଇଯାଇଛି। ରାଉରକେଲା କ୍ରେଜର୍ ଚାମ୍ପିୟନ ଓ ସମ୍ବଲପୁର ଏଲିଟ୍ ରନର୍ସ ଅପ୍ ଟ୍ରଫି ବିଜେତା ହୋଇଛି। ରାଉରକେଲା ୫୬ ଓ ସମ୍ବଲପୁର ୩୮ ପଏଣ୍ଟ ହାସଲ କରିଥିଲେ। ଫାଦର ଅନିଲ କୁଜୁରଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା। ହୋମଗାର୍ଡ ଡିଏସପି ଶ୍ରୀମନ୍ତ ବାରିକ ମୁଖ୍ୟ ଅତିଥି, ସମ୍ବଲପୁର ଜିଲା କ୍ରୀଡ଼ାଧିକାରୀ ଉପେନ୍ଦ୍ର ଶତପଥି, ଓସିଏସ ଡେପୁଟି ରେଜିଷ୍ଟ୍ରାର ଜୋରେମ୍ କେର୍କେଟା, ଫାଦର ଆଲଫାନ୍ ଟୋପ୍ପୋ ଓ ଉର୍ସେଲା ମିଞ୍ଜ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଅମ୍ପେୟାର ଫିରୋଜ ବାର୍ଲା, ବିକାଶ ବେହେରା ମ୍ୟାଚ ପରିଚାଳନା କରିଥିଲେ। ଟେକ୍‌ନିକାଲ ଟେବୁଲରେ ଫାଦର ଆଲବିନୋସ ମିଞ୍ଜ୍, ଫାଦର ରୋଶନ ଟୋପ୍ପୋ, କୁଳଦୀପ ବାର୍ଲା, ମାରିୟାନୁସ ଡାଙ୍ଗ ନିୟୋଜିତ ରହିଥିଲେ। ଟୁର୍ନାମେଣ୍ଟରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ୧୪ ଦଳ ଭାଗ ନେଇଥିଲେ।

ସୂଚନାଯୋଗ୍ୟ ଯେ, ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚରେ ରାଉରକେଲା କ୍ରେଜର ୮୫-୩୯ ପଏଣ୍ଟରେ ସମ୍ବଲପୁର ଜ୍ୟୋତି ଭବନକୁ, ସମ୍ବଲପୁର ଏଲିଟ୍ କ୍ଲବ ୨୭-୨୪ ପଏଣ୍ଟରେ ପାଓଲିନ୍ କ୍ଲବକୁ, ଗୁଣପୁର ଜିଆଇଇଟି ୫୧-୪୧ ପଏଣ୍ଟରେ ଶାସନ ଦିବ୍ୟଜ୍ୟୋତିକୁ ପରାସ୍ତ କରିଥିଲା। ସେହିପରି ସେମିଫାଇନାଲରେ ୩୭-୩୨ ପଏଣ୍ଟରେ ଗୁଣପୁରକୁ ହରାଇ ପାଇନାଲ୍‌କୁ ପ୍ରବେଶ କରିଥିଲା।

### ଆତ୍ମ ସୁରକ୍ଷା ଶିବିର

**ସୋହେଲା,୭।୧୦(ଡି.ଏନ.ଏ)**

ବରଗଡ଼ ଜିଲା ଚକରକେନ୍ଦସ୍ଥିତ ସନ୍ଥ କବି ଭୀମ ଭୋଇ ମହିମା ଡିଗ୍ରୀ କଲେଜରେ ଚାଲିଥିବା ଆତ୍ମ ସୁରକ୍ଷା ଶିବିର ଶନିବାର ଉଦ୍‌ଯାପିତ ହୋଇଛି । ଏହି ଶିବିରରେ ପ୍ରଶିକ୍ଷିକା ଭାବେ ରିଙ୍କି ବରିହା ଏବଂ ରିଙ୍କି ଭୋଇ ଯୋଗଦେଇ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଅଧ୍ୟାପିକା ପଦ୍ମାଳୟା ପଧାନଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଚାଲିଥିଲା । ଏଥିରେ ୯୦ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ ।

# ପ୍ରାଥମିକ ଶିକ୍ଷକ ସଂଘର ଶୋଭାଯାତ୍ରା

**ଅମ୍ବାଭୋନା, ୭।୧୦ (ଡି.ଏନ.ଏ)**

କୃମିନାଶକ ଔଷଧ ଖାଇ ଛାତ୍ରୀଛାତ୍ର ଅସୁସ୍ଥ ଘଟଣାରେ ଅଭିଭାବକମାନେ ଉତ୍ତ୍ୟକ୍ତ ହୋଇ ଧୁନସର ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅନୁଗ୍ରହ ନନ୍ଦଙ୍କୁ ମରଣାତ୍ମକ ଆକ୍ରମଣ କରିବା ଯୋଗୁ ତାଙ୍କର ମୃତ୍ୟୁ ଘଟିଛି । ଏହାର ପ୍ରତିବାଦରେ ଅମ୍ବାଭୋନା ମିଳିତ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ପ୍ରକାଶପୁର ସ୍ଥିତ ମାଉସୀ ମନ୍ଦିରରୁ ଏକ ଶୋଭାଯାତ୍ରା ବାହାରି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟକୁ ଯାଇଥିଲା । ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ଅଣଶୈକ୍ଷିକ କାର୍ଯ୍ୟକ୍ରମରୁ ଦୂରେଇ ରଖିବା ପାଇଁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅମ୍ବାଭୋନା ବିଇଓ ଟେମଲାଲ ଦୁବେଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହି ଶୋଭାଯାତ୍ରାରେ ସଂଘ ସଭାପତି ରାଜକୁମାର ବଘେଲ, ପୂର୍ବତନ ସଭାପତି ରାଜେନ୍ଦ୍ର ତ୍ରିପାଠୀ, ବୈଷ୍ଣବ ଭୋଇ, ସଚ୍ଚିଦାନନ୍ଦ ମେହେର, ସମ୍ପାଦକ ମିଳନ କୁମାର ପଟେଲ, ଉପସଭାପତି ରୋହିତ କୁମାର ଭୋଏ, ଶିକ୍ଷୟିତ୍ରୀ ସୁଷମା ପଧାନ, ସ୍ୱାଧୀନ ସାହୁ, ସିଦ୍ଧାର୍ଥ ପଧାନ, ବିରେନ୍ଦ୍ର ବେହେରା, ରମେଶ ଚନ୍ଦ୍ର ପଟେଲ ପ୍ରମୁଖ ଶତାଧିକ ଶିକ୍ଷୟିତ୍ରୀ, ଶିକ୍ଷକ ସାମିଲ ହୋଇଥିଲେ ।

# ଫୁଟବଲ ଟୁର୍ନାମେଣ୍ଟ: ଚିଚିଣ୍ଡା ଚାମ୍ପିୟନ

**ଭେଡ଼େନ,୭।୧୦(ଡ଼ି.ଏନ.ଏ)**



ଚିଚିଣ୍ଡା ଫୁଟବଲ ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ।

ଭେଡ଼େନ ବ୍ଲକ ଅନ୍ତର୍ଗତ ଚିଚିଣ୍ଡା ଗ୍ରାମପଞ୍ଚାୟତର ହାଇସ୍କୁଲ ଖେଳ ପଡ଼ିଆରେ ରବିବାର ଅନୁଷ୍ଠିତ ଫୁଟବଲ ଟୁର୍ନାମେଣ୍ଟରେ ଚିଚିଣ୍ଡା ଦଳ ଚାମ୍ପିୟନ ହୋଇଛି। ଚିଚିଣ୍ଡା ଗ୍ରାମପଞ୍ଚାୟତ ବିଜୁ ଯୁବ ବାହିନୀ ଆନୁକୂଲ୍ୟରେ ହୋଇଥିବା ଫୁଟବଲ ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ଚିଚିଣ୍ଡା ଦଳ କେଶ୍ରିପାଲି ଦଳକୁ ଟାଇବ୍ରେକର ଯୋଗେ ୪-୨ ଗୋଲ ବ୍ୟବଧାନରେ ପରାସ୍ତ କରିଛି। ପୂର୍ବରୁ ସେମିଫାଇନାଲ ଖେଳରେ କେଶ୍ରିପାଲି ଦଳ ପତ୍ରାପାଲିକୁ ୧-୦ ଗୋଲ ଏବଂ ଚିଚିଣ୍ଡା ଦଳ ବୁଗବୁଗାକୁ ୨-୦ ଗୋଲ ବ୍ୟବଧାନରେ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଥିଲେ। ରେଫରୀ ହରେରାମ ପଶାୟତ, ଛାୟାକାନ୍ତ ତରିଆ, ବାବାଜୀ ଝାଙ୍କର ପ୍ରମୁଖ ଖେଳ ପରିଚାଳନା କରିଥିଲେ । ବିକ୍ରମ ଭୋଇ ଧାରା ବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଯୁବବାହିନୀ ଉପଦେଷ୍ଟା ଦୁର୍ଗା ପ୍ରସାଦ ଛୁରିଆ ମୁଖ୍ୟଅତିଥି, ଭେଡ଼େନ ବ୍ଲକ ଅଧ୍ୟକ୍ଷ ଡ଼ୋଲାମଣି କ୍ଷେତି, ଚିଚିଣ୍ଡା ସରପଞ୍ଚ ସୁଶାନ୍ତ ପ୍ରଧାନ, ସମିତିସଭ୍ୟ ମୁକେଶ ସାହୁ, ସୁନ୍ଦରମଣି ମାଝୀ, ମନବୋଧ ମେହେର, ନିମାଇଁ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ପଞ୍ଚାୟତ ବିଜୁ ଯୁବବାହିନୀ ସଭାପତି ଅତୀଶ ସାହୁ, ସମ୍ପାଦକ କରୁଣାକର ଦୀପଙ୍କ ସମେତ ସମସ୍ତସଭ୍ୟ ସହଯୋଗ କରିଥିଲେ।

# ବିଜୁ ଯୁବ ବାହିନୀର ସ୍ୱଚ୍ଛତା ଅଭିଯାନ

**ଜାମଟିକ୍ରା, ୭।୧୦ (ଡି.ଏନ.ଏ)**

ବରଗଡ ସଦର ବ୍ଲକ ଅନ୍ତର୍ଗତ କୁରୁଆଁ ଗ୍ରାମପଞ୍ଚାୟତର ବିଜୁ ଯୁବ ବାହିନୀ ପକ୍ଷରୁ ରବିବାର ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଛି । କୁରୁଆଁ ସରପଞ୍ଚ ପୁଷ୍ପାଞ୍ଜଳି କଲତାଙ୍କ ନେତୃତ୍ୱରେ ଏହି ପଞ୍ଚାୟତ ଅନ୍ତର୍ଗତ ଗଣ୍ଡପାଲିରେ ସ୍ୱଚ୍ଛତା ଅଭିଯାନର ଏକ ରାଲି କରି ମଇଳା ଏବଂ ଆବର୍ଜନା ସଫା କରାଯାଇଥିଲା । ଘର ବାହାରେ ଏବଂ ଘର ଭିତରର ମଇଳାକୁ ଆବଶ୍ୟକ ସ୍ଥାନରେ ପକାଇବା ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ବିଜୁ ଯୁବ ବାହିନୀର ସଦସ୍ୟମାନେ ଗଣ୍ଡପାଲି ଗ୍ରାମରେ ସଫେଇ କରିଥିଲେ । ଏହି ଅଭିଯାନରେ ବିଜୁ ଯୁବ ବାହିନୀ ସଭାପତି ଦୀପକ ଦେହୁରୀ, ସମ୍ପାଦକ ଆଶିଷ ମହାକୁର, ଅଶୋକ ସାହୁ, ସୁବାଷ ଭୋଇ ଯୋଗଦାନ କରିଥିଲେ ।